# ଉତ୍କଳ ପ୍ରସଙ୍ଗ

ନଭେମ୍ବର, ୧୯୯୭

୨୧୯୫(ଚ)
୨୦/୧୨/୯୭



VOL. LIV.  No. 3  UTKAL PRASANGA  Regd. No. O—SN 205/90
Licence No. C.R.N.P. 5—Licensed to post without Pre-payment



କଟକ ବାରବାଟୀ ଷ୍ଟାଡ଼ିୟମଠାରେ ନବମ ପୂର୍ବାଞ୍ଚଳ କ୍ରୀଡ଼ା ପ୍ରତିଯୋଗିତାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍‌ଘାଟନ କରି ଉପସ୍ଥିତ ଖେଳାଳୀମାନଙ୍କୁ ଉଦ୍‌ବୋଧନ ଦେଉଛନ୍ତି



କାମାକ୍ଷାନଗରଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ କେନ୍ଦ୍ର ରେଳବାଇ ମନ୍ତ୍ରୀ ଶ୍ରୀ ରାମବିଲାସ ପାସ୍ୱାନ ଅନୁଗୁଳ-ଦୁବୁରୀ ସୁକିନ୍ଦା ରୋଡ୍ ନୂତନ ବ୍ରଡ-ଗଜ୍ ରେଳ ଲାଇନର ଭିତ୍ତି ସ୍ଥାପନ କରୁଛନ୍ତି

... 20-11-1997



ଥାଇଲାଣ୍ଡ ଗସ୍ତରୁ ଫେରିବା ପରେ ସଚିବାଳୟ ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଆହୂତ
ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ



ଡୁମୁଡିବନ୍ଧଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ନେତାଜୀ ସୁଭାଷ ବୋଷ ମହାବିଦ୍ୟାଳୟର
ନୂତନ ଗୃହ ଉଦ୍‌ଘାଟନ କରୁଛନ୍ତି । ସାଂସଦ ଶ୍ରୀ ମୃତ୍ୟୁଞ୍ଜୟ ନାୟକ ଉପସ୍ଥିତ ଅଛନ୍ତି

# ଉତ୍କଳ ପ୍ରସଙ୍ଗ

୫୪ ଭାଗ | ୪ର୍ଥ ସଂଖ୍ୟା | କାର୍ତ୍ତିକ-ମାର୍ଗଶିର | ୧୯୧୯ ଶକାବ୍ଦ | ନଭେମ୍ବର ୧୯୯୭

ଶ୍ରୀ ପ୍ରସନ୍ନ କୁମାର ହୋତା
କମିଶନର ତଥା ଶାସନ ସଚିବ
ସୂଚନା ଓ ଲୋକସମ୍ପର୍କ ବିଭାଗ, ଓଡ଼ିଶା

ଶ୍ରୀ ନରେନ୍ଦ୍ର କୁମାର ମିଶ୍ର
ନିର୍ଦ୍ଦେଶକ

ସମ୍ପାଦନା ମଣ୍ଡଳୀ
ଶ୍ରୀ ମହେଶ୍ୱର ମୁନିଆ
କାର୍ଯ୍ୟନିର୍ବାହୀ ସମ୍ପାଦକ
ଶ୍ରୀ ଶରତ ଚନ୍ଦ୍ର ସାମନ୍ତରାୟ
ସମ୍ପାଦନା ସହଯୋଗୀ

ପ୍ରଚ୍ଛଦପଟ
ଶ୍ରୀ ପ୍ରଦ୍ୟୁମ୍ନ ଦାଶ
କମ୍ପ୍ୟୁଟର ଓ ଟାଇପ୍ ସେଟିଂ :
କ୍ୟାପିଟାଲ ବିଜିନେସ୍ ସର୍ଭିସ୍ ଏଣ୍ଡ କନସଲଟାନସି

"ଉତ୍କଳ ପ୍ରସଙ୍ଗ" ଓଡ଼ିଶା ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ପ୍ରକାଶ ପାଉଥିଲେ ହେଁ ଏହି ପତ୍ରିକାରେ ପ୍ରକାଶିତ ମତାମତ ଓ ଚିନ୍ତାଧାରା ସବୁ ଉପରେ ଓଡ଼ିଶା ସରକାରଙ୍କର କୌଣସି ବୁଝିବାକୁ ହେବ ନାହିଁ ।

ଓଡ଼ିଶା ସରକାରଙ୍କର ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ପ୍ରକାଶିତ ଏବଂ ଓଡ଼ିଶା ସରକାରୀ ମୁଦ୍ରଣାଳୟ, କଟକ - ୧୦ ରେ ମୁଦ୍ରିତ ।

ବାର୍ଷିକ ଦେୟ : ଟ ୨୦.୦୦
ପ୍ରତିଖଣ୍ଡ : ଟ ୨.୦୦


| | | |
|---|---|---|
| ନବଭାରତର ନିର୍ମାତା : ନେହେରୁ | ୧ | ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ |
| ଦରିଆପାରିରେ କଳିଙ୍ଗ ଉପନିବେଶ | ୪ | ଡକ୍ଟର ବିଚିତ୍ରାନନ୍ଦ ମହାନ୍ତି |
| ବାଲିଯାତ୍ରା | ୭ | ଶ୍ରୀ କ୍ଷୀରୋଦ ପ୍ରସାଦ ମହାନ୍ତି |
| ଐତିହ୍ୟମୟୀ ଓଡ଼ିଶା | ୯ | ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର |
| ପ୍ରାଚୀନ ଓଡ଼ିଶାର ସାମୁଦ୍ରିକ ସହର ତାମ୍ରଲିପ୍ତି | ୧୪ | ଶ୍ରୀମତୀ ଗୀତାଦେବୀ |
| ଓଡ଼ିଶାର ଲୋକନୃତ୍ୟ | ୧୭ | ଅଧ୍ୟାପକ ଡକ୍ଟର ରବି ନାୟକ |
| ଓଡ଼ିଶାରେ ଜାତୀୟ ଆନ୍ଦୋଳନର ପୃଷ୍ଠଭୂମି | ୨୩ | ଶ୍ରୀ ଉତ୍କଳେଶ୍ୱର ବିଶୋଇ |
| ଗଞ୍ଜାମ ଜିଲ୍ଲାରେ ସ୍ୱାଧୀନତା ଆନ୍ଦୋଳନର ଅଗ୍ନିଶିଖା | ୨୭ | ଶ୍ରୀ ଦାମୋଦର ପାଢ଼ୀ |
| ସ୍ୱାଧୀନତା ସଂଗ୍ରାମରେ କନ୍ଧମାଳ | ୩୨ | ଶ୍ରୀ ପଞ୍ଚାନନ ଅଗ୍ରୱାଲ |
| ବାଣପୁରରେ ସ୍ୱାଧୀନତା ସଂଗ୍ରାମର ପଦଧ୍ୱନି | ୩୪ | ଶ୍ରୀ ରୁଦ୍ର ପ୍ରତାପ ସିଂହବର୍ମା |
| ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହର ଝଲକ | ୩୭ | ଶ୍ରୀ ବଂଶୀଧର ରାଉତ |
| ସ୍ୱାଧୀନତା ଆନ୍ଦୋଳନର ଅପାସୋରା ସ୍ମୃତି | ୪୦ | ଶ୍ରୀ ଗୌରଚନ୍ଦ୍ର ମହାପାତ୍ର |
| ସୁରେନ୍ଦ୍ରସାଏଙ୍କ ବିପ୍ଳବରେ କମଳସିଂହଙ୍କ ଭୂମିକା | ୪୪ | ଶ୍ରୀ ଅଲେଖ ପ୍ରଧାନ |
| ଅହିଂସା ସ୍ୱାଧୀନତା ସଂଗ୍ରାମ | ୪୯ | ଶ୍ରୀ ଅତୁଳାନନ୍ଦ ବେହେରା |
| ଗୁପ୍ତଧନ ପ୍ରସଙ୍ଗ ଓ ପ୍ରାଚୀନ ଅନୁଶାସନ | ୫୧ | ଡକ୍ଟର ଶିପ୍ରା ତ୍ରିପାଠୀ |
| ଗାନ୍ଧୀବାଦୀ ଜନନେତା- ଗୋପବନ୍ଧୁ ଚୌଧୁରୀ | ୫୬ | ଶ୍ରୀ ବଳରାମ ମହାନ୍ତି |
| ବିପ୍ଳବୀ ଚନ୍ଦନହଜୁରୀ | ୫୯ | ଶ୍ରୀ କାହ୍ନୁନାରାୟଣ ମହାନ୍ତି |
| ସ୍ୱାଧୀନତା ସଂଗ୍ରାମୀ | ୬୨ | ହରେକୃଷ୍ଣ ପଣ୍ଡା |
| ବିପ୍ଳବୀ ସନ୍ତୁମାଝୀ | ୬୪ | ଶ୍ରୀ ମିତ୍ରଭାନୁ ସତପଥୀ |
| ମୋତିଆବିନ୍ଦୁ ଓ ଅନ୍ଧତ୍ୱ ଦୂରୀକରଣ | ୬୬ | ଡାକ୍ତର କଲ୍ୟାଣୀ ଦାଶ |

# ସମ୍ପାଦକୀୟ

## ପରମ୍ପରାର ପୁନରାବୃତ୍ତି

ଏକଦା ଗଙ୍ଗାଠାରୁ ଗୋଦାବରୀ ଯାଏ ବିସ୍ତୃତ ବିଶାଳ ଭୂଖଣ୍ଡ କଳିଙ୍ଗ ଥିଲା, ଭାରତୀୟ ସଭ୍ୟତା ଓ ସଂସ୍କୃତିର ଲୀଳାଭୂମି । ଏକ ଦୁର୍ଜୟ ଓ ଦୁଃସାହସୀ ଜାତି ରୂପେ କଳିଙ୍ଗବାସୀଙ୍କ ଶକ୍ତି ଓ ଖ୍ୟାତି ଥିଲା ଅପ୍ରମିତ । ସବୁ କଳା ଓ କୃତିରେ ସେ ଥିଲା କାର୍ତ୍ତିମାନ । ଗୌରବରେ ଗରୀୟାନ । ଶୌର୍ଯ୍ୟ-ବୀର୍ଯ୍ୟ-ଐଶ୍ୱର୍ଯ୍ୟରେ ମହୀୟାନ । ତାର ପ୍ରାଚୁର୍ଯ୍ୟ ଓ ପରାକ୍ରମର ନିଦର୍ଶନ ହେଉଛି, ପ୍ରାଚୀନ ନୌବାଣିଜ୍ୟ । ସମୁଦ୍ର ଯାତ୍ରାରେ ତାର ଦୁର୍ବାର ଶକ୍ତି ଓ ଦୁର୍ଦ୍ଦମନୀୟ ସଂକଳ୍ପ ପରିଦୃଷ୍ଟ । ସେ ଲଂଘିଚି ଦୁର୍ଗମ ସାଗର । ସୁଦୂର ଦରିଆପାରି ଦେଶରେ ଗଢି ତୋଳିଛି କେତେ ଉପନିବେଶ । ଶାସନ କରିଚି କଳିଙ୍ଗର ରାଜବଂଶ । ଭାରତର ପୂର୍ବ ଦ୍ୱୀପପୁଞ୍ଜରେ ଉଦ୍‌ଭାସିତ ହୋଇ ଉଠିଚି, ଉତ୍କଳୀୟ କଳା-ଭାସ୍କର୍ଯ୍ୟ ଓ ସ୍ଥାପତ୍ୟର ଅପରୂପ ଝଲକ । ବହି ଯାଇଚି କଳିଙ୍ଗ ସଂସ୍କୃତିର ଅବାରିତ ସ୍ରୋତ । ଓଡ଼ିଆ ସାଧବ ପୁଅ ବୋଇତରେ ବୋହି ଆଣିଚି, ସ୍ୱଦେଶକୁ ଅକଳନ ଧନ, ଦଉଲତ । ତାର ଜନମଭୂମି ହୋଇଚି ଲକ୍ଷ୍ମୀଙ୍କ ନିତ୍ୟ ନିବାସ ।


କଳିଙ୍ଗ ଉପକୂଳ । ସେତେବେଳେ ଥିଲା ଦକ୍ଷିଣପୂର୍ବ ଏସିଆକୁ ସାଗର ଯାତ୍ରାର ଏକମାତ୍ର ପ୍ରବେଶ ଦ୍ୱାର । ପାଲୁର, ପିଥୁଣ୍ଡା, ଚେଲିତାଲୋ, ତାମ୍ରଲିପ୍ତି, ପୁରୀ, କୋଣାର୍କ, ଚାନ୍ଦବାଲି, ଧାମରା, କଳିଙ୍ଗନଗର ବନ୍ଦର ନୌଯାତ୍ରୀଙ୍କ କୋଳାହଳରେ ହୋଇ ଉଠୁଥିଲା, ସଦାମୁଖର, କର୍ମଚଞ୍ଚଳ । ଅସୀମ ସାଗର ବକ୍ଷରେ ଶୋଭା ପାଉଥିଲା ସିଂହଳ, ବର୍ମା, ବ୍ରହ୍ମଦେଶ, ଜାଭା, ବାଲି, ସୁମାତ୍ରା, ବୋର୍ଣ୍ଣିଓ, ମାଳୟ, ଚୀନ, ରୋମ, ପାରସ୍ୟ ଅଭିମୁଖେ ଅସୁମାରି ବୋଇତମାଳା । ଜଳଦସ୍ୟୁଙ୍କ ମୁକାବିଲା ପାଇଁ ସଜାଗ ଥିଲେ ଶକ୍ତିଶାଳୀ ନୌସେନା । ପିପିଲି, ବାଲେଶ୍ୱରରେ ବିଦ୍ୟମାନ ଥିଲା ବଡ଼ ବଡ଼ ବୋଇତ ନିର୍ମାଣ କାରଖାନା । ନୌବାଣିଜ୍ୟକୁ କେନ୍ଦ୍ର କରି କଳିଙ୍ଗ ଉପକୂଳରେ ବିକାଶ ଲାଭ କରିଥିଲା, ପାରାଦୀପ, ଅସ୍ତରଙ୍ଗ, ହରିହରପୁର, ମାଣିକପାଟଣା, ଗଂଜାମ, ସାଉଥା, ଛନୁଆ, ଲକ୍ଷ୍ମଣପୁର, ଧାମରାରେ ଛୋଟ ବଡ଼ ବାଣିଜ୍ୟକେନ୍ଦ୍ର । ମହାନଦୀ, ବ୍ରାହ୍ମଣୀ, ବୈତରଣୀ ନଦୀ ତଟରେ ଗଢି ଉଠିଥିଲା କେତେ ସମୃଦ୍ଧ ସହର । କାଳକ୍ରମେ ସାଗର ବକ୍ଷରେ ବୃଦ୍ଧି ପାଇଲା ଆରବ ନାବିକଙ୍କ ପ୍ରତିପତ୍ତି । ଡଚ, ପର୍ତ୍ତୁଗୀଜ, ଫାର୍ସି, ଇଂରେଜ ବଣିକମାନେ କଳିଙ୍ଗ ଉପକୂଳରେ ଜମାଇ ବସିଲେ ନିଜର ଆସ୍ଥାନ । ଲୁପ୍ତ ହୋଇଗଲା କଳିଙ୍ଗର ଯୁଗ ଯୁଗର ଜାଜ୍ଜ୍ୱଲ୍ୟମାନ ନୌବାଣିଜ୍ୟ ।

କିନ୍ତୁ ଅସ୍ତମିତ ଅତୀତର ସେଇ ସମୁଜ୍ଜ୍ୱଳ ସ୍ମୃତି ଏବେ ବି ପ୍ରତି ଓଡ଼ିଆ ହୃଦୟରେ ଉଜ୍ଜୀବିତ ରହିଚି । ଦୀପାବଳୀ ଅମାବାସ୍ୟା ଚାଷି ବୋଇତ ବନ୍ଦାଣ, କାର୍ତ୍ତିକ ପୂର୍ଣ୍ଣିମା ତିଥିର ବୋଇତ ଭସାଣ ଆଉ ଭାଦ୍ରବ ମାସର ଖୁଦୁରୁକୁଣୀ ଓଷା ସ୍ୱାଭିମାନୀ ଓଡ଼ିଆ ଜାତିକୁ ସେଇ ଗୌରବମୟ ପରମ୍ପରାର ପୁନରୁଦ୍ଧାର ପାଇଁ ପ୍ରେରଣା ଦେଇ ଆସୁଚି । ଆଜି ଓଡ଼ିଶାର ବରେଣ୍ୟ ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ଜାନକୀବଲ୍ଲଭ ପଟ୍ଟନାୟକ ପ୍ରାଚୀନ କଳିଙ୍ଗର ସେଇ ଐତିହ୍ୟ ଓ ଆଭିଜାତ୍ୟକୁ ପୁନରାବୃତ୍ତି କରିବାକୁ ଯାଉଛନ୍ତି । ରାଜ୍ୟରେ ଭରି ରହିଥିବା ବିପୁଳ ଖଣିଜ ସମ୍ପଦ, ସୁଦୀର୍ଘ ସମୁଦ୍ର ଉପକୂଳ, ବିସ୍ତୀର୍ଣ୍ଣ ଅରଣ୍ୟ ଓ ଐତିହାସିକ ବିଭବର ଉପଯୋଗ କରି ଓଡ଼ିଶାକୁ ଭାରତୀୟ ଶିଳ୍ପ ମାନଚିତ୍ରରେ ସୁପ୍ରତିଷ୍ଠିତ କରିବା ପାଇଁ ସଂକଳ୍ପବଦ୍ଧ । ତାଙ୍କରି ଅବିଶ୍ରାନ୍ତ ଉଦ୍ୟମ ଓ କ୍ରମାଗତ ବିଦେଶ ଯାତ୍ରା ଫଳରେ ବିଦେଶୀ ଶିଳ୍ପୋଦ୍ୟୋଗୀମାନେ ଓଡ଼ିଶାର ଶିଳ୍ପ ବିକାଶରେ ବିପୁଳ ପୁଞ୍ଜି ନିବେଶ ପାଇଁ ଆକୃଷ୍ଟ ହୋଇପାରିଛନ୍ତି । ଆଜି ଓଡ଼ିଶାରେ ବିଭିନ୍ନ ଶିଳ୍ପ ପ୍ରତିଷ୍ଠାରେ ଏକ ଲକ୍ଷ ୧୦ ହଜାର କୋଟି ଟଙ୍କା ବିଦେଶୀ ପୁଞ୍ଜି ବିନିଯୋଗ ହେବାକୁ ଯାଉଚି । ଗୋପାଳପୁର ବନ୍ଦର ହେବ ଏସିଆର ସର୍ବବୃହତ୍ ବନ୍ଦର । ପାରାଦୀପ ବନ୍ଦରର ସଂପ୍ରସାରଣ ଓ ଧାମରାରେ ବୃହତ୍ ବନ୍ଦର ପ୍ରତିଷ୍ଠା କରାଯିବ । ରାଜ୍ୟର ବାରୋଟି ଜିଲ୍ଲାରେ ତେରଟି ଇସ୍ପାତ ପ୍ରକଳ୍ପ ଗଢି ଉଠିବ । ପାରାଦୀପରେ ଶିଳ୍ପ ପାର୍କ, ରାୟଗଡାରେ ଦୁଇଟି ଆଲୁମିନିୟମ କାରଖାନା, ଭୁବନେଶ୍ୱରରେ ଅଟୋମୋବାଇଲସ୍ କାରଖାନା, ଇଲେକ୍‌ଟ୍ରୋନିକ ଟାଉନସିପ ପାର୍କ, କୋରାପୁଟ, କଟକ, ଗଂଜାମ, ପୁରୀ ଓ ଭଦ୍ରକରେ ତିନି କାରଖାନା, ଖୋର୍ଦ୍ଧାରେ ଆନଲୁମିନିୟମ ପାର୍କ, ପାରାଦୀପ ଓ ହରିଦାସପୁରରେ ଦୁଇଟି ତୈଳ ବିଶୋଧନ କାରଖାନା ସମେତ ଓଡ଼ିଶାରେ ଅତ୍ୟାଧୁନିକ କାଗଜକଳ , ଶିଳ୍ପ ପାର୍କ, କୃଷିଭିତ୍ତିକ ଶିଳ୍ପ, ଇଲେକ୍‌ଟ୍ରୋନିକସ, ପେଟ୍ରୋକେମିକାଲ, କମ୍ପ୍ୟୁଟର ହାର୍ଡ ୱାର ଓ ସଫ୍ଟୱାର, ଲୌହ, ଆଲୁମିନା, ଆଲୁମିନିୟମ କାରଖାନା, ଖାଦ୍ୟ-ପ୍ରକ୍ରିୟାକରଣ ଶିଳ୍ପ, ମୋଟରସାଇକେଲ ନିର୍ମାଣ କାରଖାନା ଆଦି ଶିଳ୍ପ ପୁଞ୍ଜ ପ୍ରତିଷ୍ଠା ଫଳରେ ରାଜ୍ୟର ଅର୍ଥନୈତିକ ଚିତ୍ର ସମ୍ପୂର୍ଣ୍ଣ ବଦଳିଯିବ । ଓଡ଼ିଶାର ଉପକୂଳ ପୁଣି କର୍ମଚଞ୍ଚଳ ହୋଇଉଠିବ । ଶିଳ୍ପ ଇତିହାସରେ ଆଗାମୀ ଶତାବ୍ଦୀ ସମୃଦ୍ଧିର ସ୍ୱର୍ଣ୍ଣ ଯୁଗ ରୂପେ ଲିପିବଦ୍ଧ ହୋଇରହିବ । ଓଡ଼ିଆ ଜାତିର ସେଇ ଗୌରବ, ହୃତ ବୈଭବ ଫେରି ଆସିବ ।

# ଶହୀଦ ସ୍ମରଣେ



ଜୟୀ ରାଜଗୁରୁ



ଲକ୍ଷ୍ମଣ ନାୟକ



ବିର୍ସା ମୁଣ୍ଡା

# ବିଦେଶୀ ପୁଞ୍ଜି ନିବେଶର ଆକର୍ଷଣୀୟ କ୍ଷେତ୍ର ଓଡ଼ିଶା

– ମୁଖ୍ୟମନ୍ତ୍ରୀ

ଏକ ସ୍ଥିର ଓ ଶକ୍ତିଶାଳୀ ଶାସନ ଥିବାରୁ ଓଡ଼ିଶା ବିଦେଶୀ ପୁଞ୍ଜି ନିବେଶ ପାଇଁ ଏକ ଆକର୍ଷଣୀୟ କ୍ଷେତ୍ରରେ ପରିଣତ ହୋଇଛି ।

ଗତ ଅକ୍ଟୋବର ମାସରେ ଥାଇଲାଣ୍ଡ ଓ ଇଣ୍ଡୋନେସିଆ ଗସ୍ତରୁ ଫେରି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଏକ ସାମ୍ବାଦିକ ସମ୍ମିଳନୀରେ ତାଙ୍କ ବିଦେଶ ଯାତ୍ରାର ସଫଳତା ସମ୍ପର୍କରେ ସୂଚନା ଦେଇ କହିଥିଲେ, ଓଡ଼ିଶାକୁ ଭାରତୀୟ ଶିଳ୍ପ ମାନଚିତ୍ରରେ ପ୍ରତିଷ୍ଠିତ କରିବାପାଇଁ ବିଦେଶୀ ଶିଳ୍ପୋଦ୍ୟୋଗୀମାନଙ୍କୁ ଏ ରାଜ୍ୟକୁ ଆକୃଷ୍ଟ କରିବାରେ ଆମେ ବହୁ ପରିମାଣରେ ସଫଳ ହୋଇଛୁ । ଭାରତରେ ପୁଞ୍ଜି ଲଗାଣ ସମ୍ଭାବନା ସମ୍ପର୍କରେ ଅନୁଧ୍ୟାନ କରିବାକୁ ଥାଇଲାଣ୍ଡର ପୂର୍ବତନ ପ୍ରଧାନମନ୍ତ୍ରୀ ଜେନେରାଲ ଛଟଛାଇଙ୍କ ନେତୃତ୍ୱରେ ସେ ଦେଶର ୧୮୦ ଜଣ ପୁଞ୍ଜି ଲଗାଣକାରୀ ନଭେମ୍ବର ମାସରେ ଏ ଦେଶକୁ ଆସିବେ ।

ମୁଖ୍ୟମନ୍ତ୍ରୀ କହିଲେ, ଚଳିତ ନଭେମ୍ବର ମାସରେ ଧାମରା ବନ୍ଦର ବିକାଶ ନିମନ୍ତେ ରାଜିନାମା ସ୍ୱାକ୍ଷରିତ ହେବ । ପାରାଦ୍ୱୀପ ନିକଟରେ ଅମାଟା ସିଟି ଗ୍ରୁପ ପକ୍ଷରୁ ୧୭ ହଜାର୫୦୦ ଏକର ଜମିରେ ଏକ ଶିଳ୍ପ ଉଦ୍ୟାନ ପ୍ରତିଷ୍ଠା ପାଇଁ ଅନ୍ୟ ଏକ ଚୁକ୍ତିନାମା ସ୍ୱାକ୍ଷର କରାଯିବ । ଏଥିପାଇଁ ୧୫୦୦ କୋଟି ଟଙ୍କା ଖର୍ଚ୍ଚ ଅଟକଳ ହୋଇଛି ।

କୋରାପୁଟ ଜିଲ୍ଲାରେ ଏକ ଆଲୁମିନିୟମ କାରଖାନା ଏବଂ ରାଜ୍ୟରେ ଏକ ଖାଦ୍ୟ ପ୍ରକ୍ରିୟାକରଣ କାରଖାନା ପ୍ରତିଷ୍ଠା ପାଇଁ ଖୁବ୍‌ଶୀଘ୍ର ରାଜିନାମା ସ୍ୱାକ୍ଷରିତ ହେବ । ସାତଶହ କୋଟି ଟଙ୍କା ବ୍ୟୟରେ ଓଡ଼ିଶାରେ ଏକ ବିରାଟ ଅତ୍ୟାଧୁନିକ କାଗଜକଳ ଇଣ୍ଡୋନେସିଆର ସିନାରମାସର ଓ ଇପିକଲ ମିଳିତ ସହଯୋଗରେ ସ୍ଥାପନ କରାଯିବ । ବାହାରୁ ଆମଦାନୀ ହେଉଥିବା ମଣ୍ଡ ଓ ରଦ୍ଦି କାଗଜ ଏଥିରେ ବ୍ୟବହୃତ ହେବ । ଏହି କାରଖାନା ନିର୍ମାଣ ପାଇଁ ଇଣ୍ଡୋନେସିଆ ସହିତ ଚୁକ୍ତିନାମା ସ୍ୱାକ୍ଷରିତ ହୋଇଛି ।

ଶିଳ୍ପ ଉଦ୍ୟାନର ଉପଯୋଗିତା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କହିଲେ, ବିଭିନ୍ନ ଶିଳ୍ପ ପ୍ରତିଷ୍ଠା ପାଇଁ ଭିତ୍ତିଭୂମି, ଇସ୍ପାତ, ପେଟ୍ରୋକେମିକାଲ, ଖାଦ୍ୟ ପ୍ରକ୍ରିୟାକରଣ, କମ୍ପ୍ୟୁଟର, ଯାନବାହନ କାରଖାନା ପ୍ରତିଷ୍ଠାରେ ଏହା ସହାୟକ ହୋଇପାରିବ । ଏହି ଶିଳ୍ପ ଉଦ୍ୟାନ ପ୍ରତିଷ୍ଠା ଫଳରେ ପାଞ୍ଚବର୍ଷ ମଧ୍ୟରେ ୭୦ ହଜାର କୋଟି ଟଙ୍କାର ଶିଳ୍ପ ପୁଞ୍ଜି ଓଡ଼ିଶାରେ ସ୍ଥାପିତ ହେବ ।

ଏ ସମସ୍ତ ଶିଳ୍ପ ପ୍ରତିଷ୍ଠା ପାଇଁ ଓଡ଼ିଶାରେ ଏକ ଲକ୍ଷ ଦଶହଜାର କୋଟି ଟଙ୍କା ବିଦେଶୀ ପୁଞ୍ଜି ବିନିଯୋଗ ହେବ । ଏହି ପୁଞ୍ଜି ମଧ୍ୟରେ ଥାଇଲାଣ୍ଡ ଓ ଇଣ୍ଡୋନେସିଆର ୨୨ ହଜାର କୋଟି ଟଙ୍କା ଅନ୍ତର୍ଭୁକ୍ତ ବୋଲି ସେ ପ୍ରକାଶ କରିଥିଲେ ।

ଧାମରା ବନ୍ଦର ପ୍ରକଳ୍ପ ସମ୍ପର୍କରେ ଉଲ୍ଲେଖ କରି ମୁଖ୍ୟମନ୍ତ୍ରୀ କହିଲେ, ଧାମରାରେ କୌଣସି ଭିତ୍ତିଭୂମି ନଥିବାରୁ ଓଡ଼ିଶା ସରକାର ରାଇଟସ୍ ଭଳି ଏକ ସୁଦକ୍ଷ ସଂସ୍ଥାର ପରାମର୍ଶ କ୍ରମେ ଇଣ୍ଟର ନ୍ୟାସନାଲ ସିପୋର୍ଟ କର୍ମକର୍ତ୍ତାଙ୍କ ସହିତ ପ୍ରକଳ୍ପ ନିର୍ମାଣ ସମ୍ପର୍କରେ ଆଲୋଚନା କରିଛନ୍ତି । ନଭେମ୍ବର ମାସରେ ଧାମରା ବନ୍ଦରର ଭୂମିପୂଜା କାର୍ଯ୍ୟ ସମ୍ପାଦିତ ହେବ ଏବଂ ୨୦୦୧ ମସିହା ଏପ୍ରିଲ ମାସ ସୁଦ୍ଧା ଏହି ବନ୍ଦରକୁ କାର୍ଯ୍ୟକ୍ଷମ କରାଯିବାର ଲକ୍ଷ୍ୟ ଧାର୍ଯ୍ୟ ହୋଇଛି । ଧାମରା ଏକ ବୃହତ୍ ବନ୍ଦରରେ ପରିଣତ ହେଲେ ପ୍ରଥମ ପର୍ଯ୍ୟାୟରେ ସେଠାରୁ ୧୫ ଲକ୍ଷ ଟନ ପଣ୍ୟଦ୍ରବ୍ୟ ପରିବହନ କରାଯିବ । ପାଞ୍ଚ ବର୍ଷ ମଧ୍ୟରେ ଏହାର ଶକ୍ତି ଏକକୋଟି ଟନକୁ ବୃଦ୍ଧି ପାଇବ । ଧାମରା ନିକଟରେ ୭ ହଜାର କୋଟି ଟଙ୍କା ବ୍ୟୟରେ ୫ ହଜାର ଏକର ଜମିରେ ଏକ ଶିଳ୍ପ ପାର୍କ ପ୍ରତିଷ୍ଠା କରାଯିବ । ପୂର୍ବ ଉପକୂଳରେ ଧାମରା ବନ୍ଦର ଏକ ଗୁରୁତ୍ୱପୂର୍ଣ୍ଣ ବନ୍ଦର ଭାବେ ଖ୍ୟାତିଲାଭ କରିବ ବୋଲି ଇଣ୍ଟର ନ୍ୟାସନାଲ ସି.ପୋର୍ଟସ୍ ପ୍ରତିଷ୍ଠାନ ମତ ପ୍ରକାଶ କରିଛନ୍ତି ।

ଓଡ଼ିଶାରେ ମୋଟର ସାଇକେଲ, ଟେଲିଫୋନ ଯନ୍ତ୍ରାଂଶ, ହୋଟେଲ, ବିଦ୍ୟୁତ ଉତ୍ପାଦନ କେନ୍ଦ୍ର ଆଦି କ୍ଷେତ୍ରରେ ପୁଞ୍ଜି ବିନିଯୋଗ କରିବାକୁ ଥାଇଲାଣ୍ଡର ଖ୍ୟାତନାମା ଶିଳ୍ପ ପ୍ରତିଷ୍ଠାନ ସି.ପି.ଗ୍ରୁପ ଓଡ଼ିଶା ସରକାରଙ୍କୁ ପ୍ରସ୍ତାବ ଦେଇଛି । ରାଜ୍ୟରେ କୃଷିଶିଳ୍ପ ପ୍ରତିଷ୍ଠା ପାଇଁ ଏହି ପ୍ରତିଷ୍ଠାନ ଆଗ୍ରହ ପ୍ରକାଶ କରିଛି । ସି.ପିଗ୍ରୁପ ଚୀନ ସମେତ ଦଶଟି ରାଷ୍ଟ୍ରରେ କୃଷି ଆଦି କ୍ଷେତ୍ରରେ ପୁଞ୍ଜି ନିବେଶ କରି ଉଲ୍ଲେଖନୀୟ ସଫଳତା ହାସଲ କରିଛି । ଓଡ଼ିଶାରେ ଶିଳ୍ପ ପାର୍କ, ଆଲୁମିନିୟମ ଓ ଆଲୁମିନା ଶିଳ୍ପ ପ୍ରତିଷ୍ଠା ପାଇଁ ଇଣ୍ଡୋରାମା ଓ ଅମଟା ସି.ପି.ଗ୍ରୁପ ଆଗ୍ରହ ପ୍ରକାଶ କରିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ସୂଚନା ଦେଇଥିଲେ ।

ସେ କହିଲେ, ଇଣ୍ଡୋରାମା ଗ୍ରୁପ ୩ ହଜାର କୋଟି ଟଙ୍କା ବ୍ୟୟ ଅଟକଳରେ ଏକ ଆଲୁମିନା ବିଶୋଧନ କାରଖାନା ସ୍ଥାପନ କରିବେ ।

ପୁରୀ-ଚିଲିକା ବେଳାଭୂମିରେ ୩୫୦୦ ଏକର ଜମିକୁ ନେଇ ଏକ ପର୍ଯ୍ୟଟନ କ୍ଷେତ୍ର ପ୍ରସ୍ତୁତ କରିବା ନିମନ୍ତେ ଥାଇଲାଣ୍ଡର ଦୁସିତ ଗ୍ରୁପ ଅଫ ହୋଟେଲ୍‌ସ ସହିତ ମୁଖ୍ୟମନ୍ତ୍ରୀ ଆଲୋଚନା କରିଥିଲେ ।

ଆକ୍ସନ୍ ଫପସ ଗ୍ରୁପ ପ୍ଲାଷ୍ଟିକ ଫମ ଯନ୍ତ୍ରାଂଶ କାରଖାନା କରିବାକୁ ଏବଂ ଟି.ପି.ଆଇ ଗ୍ରୁପ ପାରଦ୍ୱୀପ ତୈଳ ବିଶୋଧନ ପ୍ରକଳ୍ପରେ ପୁଞ୍ଜି ବିନିଯୋଗ ଓ ରାଜ୍ୟ ଖଣି ନିଗମ ସହଯୋଗରେ ଲୌହଧାତୁ ପାଲେଟାଇଜେସନ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ।

ଥାଇଲାଣ୍ଡର ଉପ ବହିର୍ବାଣିଜ୍ୟ ମନ୍ତ୍ରୀ ବ୍ୟାଙ୍କକଠାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ଓ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳଙ୍କ ଉଦ୍ଦେଶ୍ୟରେ ଆୟୋଜିତ ଏକ ସମ୍ବର୍ଦ୍ଧନା ସଭାରେ କହିଥିଲେ ଯେ ଭାରତର ପୂର୍ବାଞ୍ଚଳ ରାଜ୍ୟଗୁଡିକ ସହ ଅର୍ଥନୈତିକ ସହଯୋଗ ଫଳରେ ଥାଇଲାଣ୍ଡ-ଭାରତ ସମ୍ପର୍କ ଅଧିକ ସୁଦୃଢ଼ ହେବାକୁ ଯାଉଛି । ଭାରତରେ ଥାଇଲାଣ୍ଡ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଓଡ଼ିଶା ପ୍ରବେଶ ପଥରେ ପରିଣତ ହୋଇଛି ।

ଗତବର୍ଷ ମୁଖ୍ୟମନ୍ତ୍ରୀ ଓଡ଼ିଶାର ପ୍ରତିନିଧି ଦଳକୁ ନେଇ ଛଅଟି ରାଷ୍ଟ୍ର ଗସ୍ତ କରିଥିଲେ । ସେହିଠାରୁ ଓଡ଼ିଶାରେ ପୁଞ୍ଜି ନିବେଶ ନିମନ୍ତେ ଥାଇଲାଣ୍ଡରୁ ସର୍ବାଧିକ ପ୍ରସ୍ତାବ ମିଳିଛି ।

# ନବଭାରତର ନିର୍ମାତା - ନେହେରୁ

ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

ପଣ୍ଡିତ ଜବାହରଲାଲ୍ ନେହେରୁ ବିଶ୍ୱରେ ଏ ଯୁଗର ଶ୍ରେଷ୍ଠ ପୁରୁଷମାନଙ୍କ ମଧ୍ୟରେ ଅନ୍ୟତମ । ସେ କେବଳ ଭାରତୀୟ ମୁକ୍ତି ସଂଗ୍ରାମର ନେତା ନ ଥିଲେ, ସେ ଥିଲେ ବିଶ୍ୱର ଦଳିତ ଜନଗଣଙ୍କର ମୁକ୍ତିର ନେତା । ଉପନିବେଶବାଦ ଓ ସାମ୍ରାଜ୍ୟବାଦରୁ ମୁକ୍ତି ଲାଭ କରିଥିବା ପୃଥିବୀର ଶହ ଶହ ଦେଶ ଯେଉଁ ଆଦର୍ଶବାଦକୁ ଗ୍ରହଣ କରିଥିଲେ, ପଣ୍ଡିତ ନେହେରୁ ଥିଲେ ତାହାର ଅଗ୍ରଦୂତ । ତେଣୁ, ସେ ବିଶ୍ୱ ଶାନ୍ତି ପାଇଁ ଆହ୍ୱାନ ଦେଇଥିଲେ । ଗୌତମ ବୁଦ୍ଧଙ୍କର ଅହିଂସା ମାର୍ଗକୁ ସମ୍ରାଟ ଅଶୋକ ଯେପରି ଗ୍ରହଣ କରିଥିଲେ, ସେହିପରି ମହାତ୍ମାଗାନ୍ଧୀଙ୍କ ପ୍ରଦର୍ଶିତ ଅହିଂସା ଓ ଶାନ୍ତିର ମାର୍ଗକୁ ସାରା ବିଶ୍ୱରେ ଅନୁସରଣ କରାଇବା ପାଇଁ ପଣ୍ଡିତ ନେହେରୁ ଦୃଢ ସଂକଳ୍ପ ନେଇଥିଲେ ।



ସେ କହିଥିଲେ ଯେ ଭାରତବର୍ଷ ଜାତୀୟତାବାଦ ଓ ଧର୍ମ ନିରପେକ୍ଷତା ଗ୍ରହଣ କରିବ । ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ସମସ୍ତ ଭାରତବାସୀ ସମାନ । ଦେଶର ସମସ୍ତ ନାଗରିକଙ୍କର ସମାନ ଅଧିକାର ରହିଛି । ଏହାକୁ ସ୍ୱୀକାର ନ କଲେ ଭାରତବର୍ଷର ଏକତା ଓ ଅଖଣ୍ଡତା କଦାପି ସମ୍ଭବପର ହେବ ନାହିଁ । ଆମକୁ ଗଣତନ୍ତ୍ର ଶାସନ ବ୍ୟବସ୍ଥା ଗ୍ରହଣ କରିବାକୁ ପଡିବ । ଜନସାଧାରଣଙ୍କ ସାବାଳକ ଭୋଟ ଭିତ୍ତିରେ ନିର୍ବାଚିତ ସରକାର ଦ୍ୱାରା ଦେଶ ତଥା ରାଜ୍ୟରେ ଶାସନ ବ୍ୟବସ୍ଥା ପ୍ରବର୍ତ୍ତିତ କରିବାକୁ ହେବ । ଏପରିକି ପଞ୍ଚାୟତ ସ୍ତରରେ ମଧ୍ୟ ଏହି ପ୍ରଥା ଅନୁଯାୟୀ ଗଣତନ୍ତ୍ର ଶାସନ ପ୍ରତିଷ୍ଠା କରିବାକୁ ହେବ । କେବଳ କେନ୍ଦ୍ରରେ ବା ରାଜ୍ୟମାନଙ୍କରେ କ୍ଷମତା କେନ୍ଦ୍ରୀଭୂତ ହୋଇ ରହିବା ଠିକ୍ ନୁହେଁ । ତେଣୁ ପଞ୍ଚାୟତ ଶାସନ ପଦ୍ଧତି ପ୍ରବର୍ତ୍ତନ ଦ୍ୱାରା ଜନସାଧାରଣଙ୍କ ନିକଟରେ କ୍ଷମତା ପହଞ୍ଚାଇବାକୁ ପଡ଼ିବ ।

ନେହେରୁଜୀ ଭାରତର ଅର୍ଥନୈତିକ ବିକାଶ ପାଇଁ ସମାଜବାଦର ଆହ୍ୱାନ ଦେଇଥିଲେ । ସେ ଘୋଷଣା କରିଥିଲେ ଯେ ଭାରତର ଜନସାଧାରଣଙ୍କ ମଧ୍ୟରେ ଥିବା ଅର୍ଥନୈତିକ ପାର୍ଥକ୍ୟକୁ ଦୂର କରିବାକୁ ହେବ । ଆଞ୍ଚଳିକ ତଥା ବ୍ୟକ୍ତିଗତ ବୈଷମ୍ୟ ଲୋପ କରିବା ଦ୍ୱାରା ସମାଜବାଦ ପ୍ରତିଷ୍ଠା ସମ୍ଭବ ହେବ । ସେଥିପାଇଁ ତାଙ୍କରି ସମୟରେ ଜମିଦାରୀ ଉଚ୍ଛେଦ ଆଇନ୍ ଓ ଭୂସଂସ୍କାର ଆଇନ୍ ସାରା ଭାରତବର୍ଷରେ ବ୍ୟାପକ ଭାବରେ ପ୍ରବର୍ତ୍ତିତ ହୋଇଥିଲା ।

ଶିଳ୍ପ ସମ୍ପର୍କରେ ନେହେରୁଜୀ କହିଥିଲେ ଯେ ବ୍ୟକ୍ତିଗତ ପ୍ରଚେଷ୍ଟାରେ ପ୍ରତିଷ୍ଠିତ ପୁଞ୍ଜିବାଦର ପ୍ରାଧାନ୍ୟ ଲୋପ କରିବା ପାଇଁ ଭାରତବର୍ଷରେ ଶିଳ୍ପୀକରଣକୁ ଶୀଘ୍ର କାର୍ଯ୍ୟକାରୀ କରିବାକୁ ହେବ । ସମସ୍ତ ବଡ଼ ବଡ଼ ଶିଳ୍ପ କାରଖାନା ରାଷ୍ଟ୍ର ପକ୍ଷରୁ ପ୍ରତିଷ୍ଠା କରିବାକୁ ପଡ଼ିବ । ଶିଳ୍ପକ୍ଷେତ୍ରରେ ରାଷ୍ଟ୍ର ଏକ ପ୍ରମୁଖ ଭୂମିକା ଗ୍ରହଣ କରିବ, ଯଦ୍ୱାରାକି ପୁଞ୍ଜିବାଦକୁ ନିୟନ୍ତ୍ରିତ କରାଯାଇ ପାରିବ ଏବଂ ଜନସାଧାରଣଙ୍କ ଅର୍ଥରେ ଦେଶର ବହୁ କ୍ଷୁଦ୍ର ଓ କୁଟୀର ଶିଳ୍ପର ପ୍ରସାର ଘଟିପାରିବ ।

ଆଜି ଯେଉଁ ଗୋଷ୍ଠୀ ନିରପେକ୍ଷତା ପୃଥିବୀରେ ଏକ ପ୍ରଧାନ ଶକ୍ତିରୂପେ ଗଢି ଉଠିଛି, ତା ପଛରେ ରହିଛି

ପଣ୍ଡିତ ନେହେରୁଙ୍କର ବଳିଷ୍ଠ ଅବଦାନ । ସେ କହିଥିଲେ, ପୃଥିବୀରେ ଭାରତବର୍ଷର ଏକ ସ୍ୱତନ୍ତ୍ର ଭୂମିକା ରହିଛି । ଗୋଷ୍ଠୀ ବିବାଦରୁ ବାରମ୍ବାର ଜନ୍ମ ନେଉଥିବା ବିଶ୍ୱ ଯୁଦ୍ଧକୁ ଏଡ଼ାଇବା ପାଇଁ ଭାରତ ସମସ୍ତ ଗୋଷ୍ଠୀର ଊର୍ଦ୍ଧ୍ୱରେ ରହି ଗୋଷ୍ଠୀ ନିରପେକ୍ଷ ଭୂମିକା ଗ୍ରହଣ କରିବ । ଏହା ସାମ୍ରାଜ୍ୟବାଦ ତଥା ଉପନିବେଶବାଦରୁ ମୁକ୍ତ ହୋଇଥିବା ସମସ୍ତ ରାଷ୍ଟ୍ରର ଏକ ପ୍ରଧାନ ନୀତି ହୋଇ ରହିବ । ପୃଥିବୀରେ ବିଶ୍ୱଯୁଦ୍ଧ ହେବ ନାହିଁ ଏବଂ ଶାନ୍ତିର ବାର୍ତ୍ତା ପ୍ରଚାର ହୋଇପାରିବ । ଏହାଦ୍ୱାରା ବିଶ୍ୱଶାନ୍ତି ପ୍ରତିଷ୍ଠା, ସାମ୍ରାଜ୍ୟବାଦ, ବର୍ଣ୍ଣ ବୈଷମ୍ୟ ଓ ଉପନିବେଶବାଦର ଲୋପ ହେବା ସମ୍ଭବ ହେବ । ଏଥିପାଇଁ ନେହେରୁଜୀ ଭାରତର ମୁକ୍ତି ସଂଗ୍ରାମର ନେତା ତଥା ପ୍ରଧାନମନ୍ତ୍ରୀ ଭାବରେ ଆଜୀବନ ସଂଗ୍ରାମ କରି ଆସିଥିଲେ ।

ଅର୍ଥନୈତିକ କ୍ଷେତ୍ରରେ ପଣ୍ଡିତ ଜବାହରଲାଲ ସାମାଜବାଦ ନୀତିକୁ ଯେପରି ବିଭିନ୍ନ କ୍ଷେତ୍ରରେ ପ୍ରୟୋଗ କରିଥିଲେ, ସେହିପରି ଗ୍ରାମାଞ୍ଚଳର ଅର୍ଥନୈତିକ ଅଭିବୃଦ୍ଧି ଲାଗି ଗ୍ରାମଗୋଷ୍ଠୀ ଉନ୍ନୟନ ପ୍ରଥା ଦେଶରେ ପ୍ରଚଳନ କରିଥିଲେ । ପଞ୍ଚାୟତ ହେଉଛି ରାଜନୈତିକ କ୍ଷମତା ଏବଂ ଗ୍ରାମଗୋଷ୍ଠୀ ଉନ୍ନୟନ ହେଉଛି ଅର୍ଥନୈତିକ କ୍ଷମତା । ପଞ୍ଚାୟତ ସ୍ତରରେ ଏ ଉଭୟ କ୍ଷମତା ଜନସାଧାରଣଙ୍କ ହାତକୁ ଆସିବା ପାଇଁ ସେ ସର୍ବବିଧ ଉଦ୍ୟମ କରିଥିଲେ । କୃଷକ ତଥା ଶ୍ରମିକମାନଙ୍କୁ ଶୋଷଣରୁ ମୁକ୍ତ କରିବା ପାଇଁ ସେ ବହୁ କାର୍ଯ୍ୟକ୍ରମ ପ୍ରଚଳନ କରିଥିଲେ । ସେହିପରି ମହିଳାମାନଙ୍କୁ ସମାଜରେ ସମାନ ଅଧିକାର ଦେବା ପାଇଁ ଏବଂ ଯୁବଶକ୍ତିର ଜାଗରଣ ପାଇଁ ସେ ବହୁ ପଦକ୍ଷେପ ଗ୍ରହଣ କରିଥିଲେ ।

ନେହେରୁ ଥିଲେ ଆଧୁନିକ ଭାରତବର୍ଷର ନିର୍ମାତା । ଲିଙ୍କନ, ରୁଜଭେଲ୍ଟଙ୍କ ବିନା ଆଧୁନିକ ଆମେରିକା ଓ ଲେନିନଙ୍କ ବିନା ସୋଭିଏତ ୟୁନିଅନର କଥା ଯେପରି କଳ୍ପନା କରାଯାଇ ପାରିବ ନାହିଁ, ସେହିପରି ଜବାହରଲାଲ ନେହେରୁଙ୍କ ବିନା ଆଧୁନିକ ଭାରତକୁ କଳ୍ପନା କରାଯାଇ ପାରିବ ନାହିଁ । ତାଙ୍କର ସମସ୍ତ ସଦ୍‌ଗୁଣ ସାରା ବିଶ୍ୱରେ ପ୍ରସାରିତ ଓ ପ୍ରଚାରିତ ହୋଇଛି । ଜଣେ ବ୍ୟକ୍ତି ତାଙ୍କର ଜୀବନକାଳ ଭିତରେ ଏକ ଦରିଦ୍ର ଅନୁନ୍ନତ ଦେଶକୁ ସମଗ୍ର ପୃଥିବୀରେ କିପରି ଉଚ୍ଚ ସମ୍ମାନର ଅଧିକାରୀ କରାଇ ପାରନ୍ତି, ତାହା ଜବାହରଲାଲ ନେହେରୁ ତାଙ୍କ ଜୀବନ କାଳରେ ପ୍ରମାଣିତ କରି ଦେଇଯାଇଛନ୍ତି ।

ଜଣେ ଉପଯୁକ୍ତ ଦାୟାଦ ରୂପେ ନେହେରୁ ଗାନ୍ଧିଜୀଙ୍କର ନୀତି ଓ ଆଦର୍ଶକୁ କାର୍ଯ୍ୟକାରୀ କରିଛନ୍ତି । ସ୍ୱାଧୀନତା ସଂଗ୍ରାମ ବେଳେ ଗାନ୍ଧିଜୀ ଦେଶବାସୀଙ୍କୁ ସ୍ୱଦେଶୀ, ସ୍ୱାଭିମାନ ଓ ସ୍ୱାବଲମ୍ବନର କଥା କହିଥିଲେ । ଆବଶ୍ୟକତା ଦୃଷ୍ଟିରୁ ଦେଶରେ ଯେଉଁସବୁ ଜିନିଷ ଉତ୍ପାଦନ କରାଯିବ, ତାହା ସ୍ୱଦେଶୀ । ସ୍ୱାଭିମାନ ହେଉଛି, ଭାରତବର୍ଷ ଏକ ବିଶାଳ ଦେଶ । ହଜାର ହଜାର ବର୍ଷର ସଭ୍ୟତା ଓ ସଂସ୍କୃତିକୁ ବହନ କରି ଏ ଦେଶ ଅମ୍ଳାନ ରହିଛି । ତେଣୁ ସେ କେଉଁ ଦେଶର ତୋଷାମଦିଆ ନହୋଇ ତା'ର ନିଜର ଆତ୍ମସମ୍ମାନ ବଜାୟ ରଖିବା ଦରକାର । ଆତ୍ମରକ୍ଷା ତଥା ଅର୍ଥନୈତିକ କ୍ଷେତ୍ରରେ ଭାରତବର୍ଷ ସମ୍ପୂର୍ଣ୍ଣ ସ୍ୱାବଲମ୍ବୀ ହେବା ଆବଶ୍ୟକ । ଜବାହରଲାଲ ନେହେରୁ ଯେଉଁ ନୀତି ଅନୁସରଣ କରି ଭାରତବର୍ଷରେ କାର୍ଯ୍ୟ କରିଛନ୍ତି, ତାହା ଏହି ତିନୋଟି ଲକ୍ଷ୍ୟ ହାସଲ କରିବା ଦିଗରେ ଉଦ୍ଦିଷ୍ଟ ।

ରାଜନୀତି କ୍ଷେତ୍ରରେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଦାନ ଅତୁଳନୀୟ । ସ୍ୱାଧୀନତା ପରେ ଆମ ଦେଶ ପାଇଁ ଏକ ସ୍ୱତନ୍ତ୍ର ସମ୍ବିଧାନର ଆବଶ୍ୟକତା ପଡ଼ିଲା । ଡକ୍ଟର ଆମ୍ବେଦକର ଏ ସମ୍ବିଧାନକୁ ଭାଷା ରୂପ ଦେଲେ ସତ କିନ୍ତୁ ଏହାର ପ୍ରଧାନ ନିର୍ମାତା ହେଉଛନ୍ତି ପଣ୍ଡିତ ଜବାହରଲାଲ ନେହେରୁ । ଗାନ୍ଧିଜୀ ଯେଉଁ ନୀତି ଓ ଆଦର୍ଶ ପାଇଁ ସଂଗ୍ରାମ କରୁଥିଲେ, ସେହି ନୀତି ଓ ଆଦର୍ଶକୁ ପଣ୍ଡିତ ନେହେରୁ ଏହି ସମ୍ବିଧାନରେ ରୂପାୟିତ କରିଛନ୍ତି । ଭାରତବର୍ଷ ଏକ ବିରାଟ ଦେଶ । ଏ ଦେଶର ଜାତୀୟତା ଅକ୍ଷୁଣ୍ଣ ରହିବା ଦରକାର ବୋଲି ଗାନ୍ଧିଜୀ ଚାହୁଁଥିଲେ । ପଣ୍ଡିତ ନେହେରୁ ଏ ଜାତୀୟତାକୁ ସମ୍ବିଧାନ ଜରିଆରେ ଅକ୍ଷୁଣ୍ଣ ରଖିବା ପାଇଁ ଏକ ଦୃଢ଼ କେନ୍ଦ୍ର ଶାସନ କଥା ପରିକଳ୍ପନା କଲେ । ତାଙ୍କର ଦୃଢ଼ ବିଶ୍ୱାସ ଥିଲା ଯେ, ଭାରତ କେବେହେଲେ ଗୋଟିଏ ଦୁର୍ବଳ କେନ୍ଦ୍ର ଏବଂ ଶକ୍ତିଶାଳୀ ରାଜ୍ୟମାନଙ୍କ ଦ୍ୱାରା ଶାସିତ ହୋଇ ପାରିବ ନାହିଁ । ଭାରତର ଏକତା ରକ୍ଷା କରିବାକୁ ହେଲେ ଏକ ଶକ୍ତିଶାଳୀ କେନ୍ଦ୍ର ଶାସନ ଆବଶ୍ୟକ ।

ପଣ୍ଡିତ ଜବାହରଲାଲ ନେହେରୁଙ୍କ ଦ୍ୱିତୀୟ ଦାନ ହେଉଛି ଧର୍ମ ନିରପେକ୍ଷତା । ଏହି ଧର୍ମ ନିରପେକ୍ଷତା ପାଇଁ ଗାନ୍ଧିଜୀ 'ଆତ୍ମବଳି ଦେଇଥିଲେ । ଏଥିପାଇଁ ଭାରତର ସଂଖ୍ୟାଲଘୁ ସମ୍ପ୍ରଦାୟ ଲୋକମାନଙ୍କର ଗାନ୍ଧିଜୀଙ୍କ ଉପରେ ଖୁବ୍ ବିଶ୍ୱାସ ଥିଲା । ଗାନ୍ଧିଜୀଙ୍କ ପରେ ପଣ୍ଡିତ ନେହେରୁଙ୍କ ଉପରେ ଏହି ଆସ୍ଥା ଅତୁଟ ରହିଲା । ଭାରତକୁ ଧର୍ମ ନିରପେକ୍ଷ ଭାବରେ ରଖିବାକୁ କେବଳ ଯେ ସେ ତାକୁ ସମ୍ବିଧାନରେ ଉଲ୍ଲେଖ କରିଥିଲେ, ତା' ନୁହେଁ ସେଥିପାଇଁ ସେ ଅହରହ କାର୍ଯ୍ୟ କରିଥିଲେ । ଫଳରେ ଭାରତର ବିଭିନ୍ନ ଜାତି, ଧର୍ମ ଓ ସମ୍ପ୍ରଦାୟ ମଧ୍ୟରେ ସୌହାର୍ଦ୍ଦ୍ୟ ପ୍ରତିଷ୍ଠିତ ହୋଇ ପାରିଥିଲା ।

ଭାରତବାସୀଙ୍କ ପ୍ରତି ପଣ୍ଡିତ ନେହେରୁଙ୍କ ତୃତୀୟ ଅବଦାନ, ଗଣତନ୍ତ୍ର । ପଣ୍ଡିତ ଜବାହରଲାଲ ନେହେରୁ ଏ ଦେଶରେ ଗଣତନ୍ତ୍ର ଶାସନର ପ୍ରବର୍ତ୍ତକ ଏବଂ ଏହାକୁ ପ୍ରଚଳନ କରିବା ଦିଗରେ ତାଙ୍କର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଏହି ଗଣତନ୍ତ୍ର ଏବଂ ପାର୍ଲାମେଣ୍ଟାରୀ ଶାସନ ପଦ୍ଧତିରେ ତାଙ୍କର ଅଗାଧ ବିଶ୍ୱାସ ଥିଲା । ପ୍ରଧାନମନ୍ତ୍ରୀ ଭାବରେ ଅଧିକାଂଶ ସମୟ ସେ ପାର୍ଲାମେଣ୍ଟରେ ଆସି ବସୁଥିଲେ । ଆଜି ଦେଶରେ ପାର୍ଲାମେଣ୍ଟାରୀ ଗଣତନ୍ତ୍ର ଯଦି ସଫଳ ହୋଇଥାଏ । ତେବେ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଦାନ ସେଥିରେ ଯଥେଷ୍ଟ ବେଶୀ ।

ଅର୍ଥନୀତି କ୍ଷେତ୍ରରେ ଭାରତବର୍ଷର ଯାହା କିଛି ଅଗ୍ରଗତି ହୋଇପାରିଛି, ତାହା କେବଳ ପଣ୍ଡିତ ନେହେରୁଙ୍କ ପାଇଁ । ସ୍ୱାଧୀନତା

ପାଇବା ସମୟକୁ ଭାରତବର୍ଷ ଅର୍ଥନୀତି କ୍ଷେତ୍ରରେ ବହୁତ ପଛୁଆ ଥିଲା । କଳ କାରଖାନା ଅତ୍ୟନ୍ତ ସୀମାବଦ୍ଧ ଥିଲା । ମାତ୍ର ପଣ୍ଡିତ ଜବାହରଲାଲ ନେହେରୁ ସେତେବେଳେ ଦୃଢ଼ ଭାବରେ କହିଲେ ଯେ ଭାରତ ନିଜ ଶକ୍ତିରେ, ନିଜ ଗୋଡ଼ରେ ଛିଡ଼ା ହେବାପାଇଁ ଚାହେଁ । ସେଥିପାଇଁ ସେ ଭାରି ଶିଳ୍ପ ବା ବଡ଼ ବଡ଼ କଳକାରଖାନା ବସାଇବା ଉପରେ ବିଶେଷ ଗୁରୁତ୍ୱ ଦେଇଥିଲେ । ଜବାହରଲାଲ ଭାରି ଶିଳ୍ପ ଉପରେ ଗୁରୁତ୍ୱ ଦେଇ ନଥିଲେ ଆଜି ଭାରତରେ ଶିଳ୍ପ ବିସ୍ତାର ସମ୍ଭବ ହୋଇ ପାରି ନଥାନ୍ତା । ବଡ଼ ବଡ଼ କଳକାରଖାନା ବିନା କୃଷିର ଉନ୍ନତି ଚିନ୍ତା କରାଯାଇ ପାରିବ ନାହିଁ । ପଣ୍ଡିତ ନେହେରୁ ଶିଳ୍ପର ବିକାଶ ଉପରେ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ କୃଷିର ବିକାଶ ଉପରେ ମଧ୍ୟ ଯଥେଷ୍ଟ ଗୁରୁତ୍ୱ ସ୍ଥାପନ କରିଥିଲେ ।

ପ୍ରଥମ ପଞ୍ଚବାର୍ଷିକ ଯୋଜନାରେ କୃଷି ଉପରେ ସବୁଠାରୁ ଅଧିକ ଗୁରୁତ୍ୱ ଦିଆଯାଇଥିଲା । ବଡ଼ ବଡ଼ ନଦୀ ଯୋଜନା ସାହାଯ୍ୟରେ ଜଳସେଚନ ଓ ବିଦ୍ୟୁତଶକ୍ତି ଉତ୍ପାଦନ ପଣ୍ଡିତ ଜବାହରଲାଲ ନେହେରୁଙ୍କର ଲକ୍ଷ୍ୟ ଥିଲା । କାରଣ ସେ ଜାଣିଥିଲେ, ବିଦ୍ୟୁତଶକ୍ତିର ବିକାଶ ନ ହେଲେ ଦେଶର ଅଭ୍ୟୁତ୍ଥାନ ବା ସମାଜବାଦ ହୋଇପାରିବ ନାହିଁ । ତେଣୁ ସେ ସେତେବେଳେ ଦେଶରେ ଅନେକ ବହୁମୁଖୀ ଯୋଜନା ଆରମ୍ଭ କରିଥିଲେ । ସେଥି ଭିତରୁ ହୀରାକୁଦ ବନ୍ଧ ଅନ୍ୟତମ ।

ଭାରତବର୍ଷକୁ ପଣ୍ଡିତ ନେହେରୁଙ୍କର ଅନ୍ୟତମ ଦାନ, ବିଜ୍ଞାନ । ଯେତେ ଜାତୀୟ ଲାବରେଟରୀ, ଗବେଷଣାଗାର ଭାରତବର୍ଷରେ ସ୍ଥାପିତ ହୋଇଛି, ପଣ୍ଡିତ ନେହେରୁଙ୍କର ସମୟରେ ସେ ସବୁର ମୂଳଦୁଆ ପଡ଼ିଥିଲା । ଆଜି ଆଣବିକ ଶକ୍ତିର ବିକାଶରେ ଭାରତ ଯେଉଁ ଅଗ୍ରଗତି କରିଛି, କେବଳ ଜବାହରଲାଲ ନେହେରୁଙ୍କ ପାଇଁ ତାହା ସମ୍ଭବ ହୋଇଛି ।

ଭାରତବର୍ଷର ବଳିଷ୍ଠ ବୈଦେଶିକ ନୀତି ଆଜି ସମସ୍ତ ପୃଥିବୀକୁ ଆଶାର ଆଲୋକ ଦେଖାଇ ପାରିଛି । ପଣ୍ଡିତ ନେହେରୁ ଭାରତବର୍ଷକୁ ଏତେ ଉଚ୍ଚକୁ ନେଇ ଯାଇଥିଲେ, ଯାହା ଫଳରେ ଭାରତବର୍ଷର ସମ୍ମାନ ପୃଥିବୀରେ ଯଥେଷ୍ଟ ପରିମାଣରେ ବଢ଼ି ଯାଇଥିଲା । ଆଜି ଭାରତର ଶାସନ ଓ ସମାଜକୁ ଯଦି କେହି ଧ୍ରୁବତାରା ପରି ପରିଚାଳନା କରୁଥାଏ, ତାହା ହେଉଛି ପଣ୍ଡିତ ଜବାହରଲାଲ ନେହେରୁଙ୍କ ନୀତି । ସମସ୍ତ କ୍ଷେତ୍ରରେ ତାଙ୍କର ଦିଗ୍‌ଦର୍ଶନ, ମୌଳିକ ଦୃଷ୍ଟିକୋଣ ଓ ରାଷ୍ଟ୍ରନୀତି ଆମର ଅନୁସରଣୀୟ । ସେ ହେଉଛନ୍ତି ନବ ଭାରତର ନିର୍ମାତା ।

## ରାଜ୍ୟରେ କମ୍ପୁଟର ଶିକ୍ଷାର ପ୍ରସାର କରାଯିବ

- ମୁଖ୍ୟମନ୍ତ୍ରୀ

ଓଡ଼ିଶାରେ ଏକ କମ୍ପୁଟର ବିପ୍ଳବ ଘଟିବାକୁ ଯାଉଛି ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପ୍ରକାଶ କରିଛନ୍ତି ।

ଗତ ସେପ୍ଟେମ୍ବର ୫ ତାରିଖ ଦିନ ଭୁବନେଶ୍ୱରସ୍ଥିତ ଗ୍ରାଜୁଏଟ ଏକାଡେମୀ ଅଫ୍ କମ୍ପୁଟର ଟେକ୍ନୋଲୋଜିର (ଗ୍ୟାକ୍) ତୃତୀୟ ପ୍ରତିଷ୍ଠା ଦିବସ ଉପଲକ୍ଷେ ଆୟୋଜିତ 'ଘରୋଇ ଉଦ୍ୟମରେ କମ୍ପୁଟର ଶିକ୍ଷା - ରାଜ୍ୟ ସରକାରଙ୍କ ଭୂମିକା' ଶୀର୍ଷକ ସେମିନାରରେ ଭାଷଣ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ରାଜ୍ୟରେ କମ୍ପୁଟର ଶିକ୍ଷାର ପ୍ରସାର ପାଇଁ ସବୁ ଇଞ୍ଜିନିୟରିଂ କଲେଜ ଓ ପ୍ରଥମ ଶ୍ରେଣୀର କଲେଜରେ କମ୍ପୁଟର ଶିକ୍ଷା ପ୍ରବର୍ତ୍ତନ କରାଯିବ ଏବଂ କ୍ରମଶଃ ତାହା ଅନ୍ୟାନ୍ୟ କଲେଜ ଓ ହାଇସ୍କୁଲକୁ ସଂପ୍ରସାରିତ କରାଯିବ । ଭୁବନେଶ୍ୱର ଏକ ସଫ୍ଟୱେୟାର୍ ସିଟିରେ ପରିଣତ ହେବାକୁ ଯାଉଥିବାରୁ ଏଠାରେ କମ୍ପୁଟର କେନ୍ଦ୍ର ସ୍ଥାପନ କରିବା ପାଇଁ ଯଥେଷ୍ଟ ପ୍ରୋତ୍ସାହନ ଦିଆଯାଉଛି । ଏପରିକି ଆମେରିକାର ବହୁ କମ୍ପୁଟର କମ୍ପାନୀ ଭୁବନେଶ୍ୱରରେ ସେମାନଙ୍କର କେନ୍ଦ୍ର ସ୍ଥାପନ କରିବା ପାଇଁ ପ୍ରବଳ ଆଗ୍ରହ ପ୍ରଦର୍ଶନ କରିଛନ୍ତି । କମ୍ପୁଟର ଏକ ପ୍ରଦୂଷଣବିହୀନ ଉଦ୍ୟୋଗ ହୋଇଥିବାରୁ ଏବଂ ରାଜଧାନୀ ଭୁବନେଶ୍ୱରରେ ପ୍ରଦୂଷଣଯୁକ୍ତ କାରଖାନା ନ ବସାଇବା ପାଇଁ ନିଷ୍ପତ୍ତି ନିଆଯାଇ ଥିବାରୁ ଭୁବନେଶ୍ୱର ସାରା ଦେଶରେ ଏକ ପ୍ରମୁଖ କମ୍ପୁଟର ନଗରୀରେ ପରିଣତ ହେବ ବୋଲି ସେ ଆଶା ପ୍ରକାଶ କରିଥିଲେ ।

ସେମିନାରରେ ଭାଷଣ ଦେଇ ଓଡ଼ିଶା ରାଜ୍ୟ ଇଲେକ୍ଟ୍ରୋନିକ୍ସ ବିକାଶର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଗୌରୀଶଙ୍କର ମିଶ୍ର କହିଲେ ଯେ ଆମେରିକାରେ ରହୁଥିବା ପ୍ରବାସୀ ଭାରତୀୟମାନଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ବିଗତ ଆମେରିକା ଗସ୍ତ କାଳରେ ୧୭ଟି ବୁଝାମଣା ସ୍ୱାକ୍ଷରିତ ହୋଇଛି ଏବଂ ସେମାନେ ଖୁବ୍ ଶୀଘ୍ର ସେମାନଙ୍କର କାର୍ଯ୍ୟ ଆରମ୍ଭ କରିବେ । ଡାଟା କ୍ୱେଷ୍ଟ ଭଳି ପୃଥିବୀର ଖ୍ୟାତନାମା କମ୍ପୁଟର ପତ୍ରିକା ଭୁବନେଶ୍ୱର ଅଚିରେ ଏକ ପ୍ରଧାନ କମ୍ପୁଟର କେନ୍ଦ୍ରରେ ପରିଣତ ହେବାକୁ ଯାଉଛି ବୋଲି ପ୍ରକାଶ କରିଛନ୍ତି । ଆଇ.ଆଇ.ଟି ଢାଞ୍ଚାରେ ଖୁବ୍ ଶୀଘ୍ର ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ ଇନଫରମେସନ ଟେକ୍ନୋଲୋଜି ପ୍ରତିଷ୍ଠା କରାଯିବ ବୋଲି ଶ୍ରୀ ମିଶ୍ର କହିଥିଲେ ।

# ଦରିଆପାରେ କଳିଙ୍ଗ ଉପନିବେଶ

ଡକ୍ଟର ବିଚିତ୍ରା ନନ୍ଦ ମହାନ୍ତି

୧୯୪୭ ଅଗଷ୍ଟ ପନ୍ଦର ତାରିଖଠାରୁ ଇଂରେଜମାନେ ଭାରତ ଛାଡି ଯିବା ଯୋଗୁଁ ଔପନିବେଶିକ ଶାସନର ଅବସାନ ଘଟିଲା । କେବଳ ଇଂରେଜ ନୁହନ୍ତି, ଫରାସୀ, ଓଲନ୍ଦାଜ ଓ ପର୍ତ୍ତୁଗୀଜ ଆଦି ଅନ୍ୟାନ୍ୟ ୟୁରୋପୀୟ ଜାତିମାନେ ମଧ୍ୟ ଏ ଦେଶରେ ଉପନିବେଶ ସ୍ଥାପନ କରିଥିଲେ ଓ ବିଭିନ୍ନ ଅଞ୍ଚଳକୁ ଆୟତ୍ତାଧୀନ କରି ସେଠାରେ ଶାସନ ଓ ଶୋଷଣ ଚଳାଇଥିଲେ । ଫରାସୀମାନଙ୍କ ଅଧିକୃତ ଅଞ୍ଚଳ ଥିଲା ଚନ୍ଦନ ନଗର, ପଣ୍ଡିଚେରୀ, କାରିକେଲ୍ ଓ ମାହେ । ପର୍ତ୍ତୁଗୀଜମାନଙ୍କ ଅଧୀନରେ ଥିଲା ଗୋଆ, ଡାମନ ଓ ଡିଉ । ସେହିସବୁ ସ୍ଥାନରେ ଶାସନ ସହିତ ଆପଣା ଆପଣାର ଧାର୍ମିକ ମତବାଦର ମଧ୍ୟ ପ୍ରଚାର କରାଇ ଏ ଦେଶର ଅଧିବାସୀମାନଙ୍କ ମଧ୍ୟରେ ସାଂସ୍କୃତିକ ପରିବର୍ତ୍ତନ ଘଟାଇଛନ୍ତି । ଇଂରେଜମାନଙ୍କ ଦମନଲୀଳା ଇତିହାସରେ ବର୍ଣ୍ଣିତ ହୋଇଛି । ଏ ଦେଶର ସହସ୍ର ସହସ୍ର ମାଇଲ ଧରି ସାମୁଦ୍ରିକ ଉପକୂଳ ଥିଲେ ହେଁ ଏଠାକାର ଲୋକେ ଲୁଣ ମାରିବା ଅଧିକାରରୁ ବଞ୍ଚିତ ଥିଲେ ଏବଂ ଜଳ ଜାହାଜରେ ଆସୁଥିବା ଲିଭର୍ ପୁଲର ଲୁଣ କିଣି ଖାଇବାକୁ ବାଧ ହେଉଥିଲେ । ସେହିପରି ଏ ଦେଶରେ କପା, ଟସର, ମୁଗା ଆଦି ଉତ୍ପନ୍ନ ହୋଇ ବସ୍ତ୍ରବୟନର ସମସ୍ତ ସୁଯୋଗ ସୁବିଧା ଥିଲେ ହେଁ ଏବଂ ଭାରତୀୟମାନଙ୍କୁ ଉତ୍ତମ ସୂକ୍ଷ୍ମ ବସ୍ତ୍ର ବୟନ କଳା ଜଣାଥିଲେ ହେଁ ସେମାନଙ୍କୁ ତହିଁରୁ ବଞ୍ଚିତ କରାଯାଇ ମାଞ୍ଚେଷ୍ଟରରୁ ଅଣାଯାଇ ଲୁଗା ଏ ଦେଶରେ ବିକ୍ରି କରାଗଲା ଓ ସେସବୁ କିଣିବାକୁ ଭାରତୀୟଙ୍କୁ ବାଧ କରାଗଲା। ଏପରିକି ସୂକ୍ଷ୍ମ ବସ୍ତ୍ର ମସ୍‌ଲିନ୍‌ର ବୟନ ପାଇଁ ପ୍ରସିଦ୍ଧି ଲାଭ କରିଥିବା ଢାକାର ବୁଣାକାରମାନଙ୍କ ଅଙ୍ଗୁଳି ଛେଦନ କରାଗଲା । ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଏହାର ପ୍ରତିବାଦ କରାଯାଇ ଲୁଣମରା ଆନ୍ଦୋଳନ, ସ୍ୱଦେଶୀ ବସ୍ତ୍ର ଖଦଡର ପ୍ରସାର କରାଯାଇ ଇଂରେଜ ରାଜତ୍ୱ ବିରୋଧରେ 'ମୁଠାଏ ଲୁଣ ଓ ଗୋଟାଏ ସାମ୍ରାଜ୍ୟ' ଏବଂ ଚରଖାକୁ ସୁଦର୍ଶନ ଚକ୍ରର ପ୍ରତୀକ ବୋଲି ବର୍ଣ୍ଣନା କରି ଯେଉଁ ଅହିଂସ ବିପ୍ଳବ ଆରମ୍ଭ ହେଲା, ତାହାରି ପରିଣତି ଘଟିଲା ଭାରତର ବୈଦେଶିକ ଶାସକ କବଳରୁ ମୁକ୍ତି ଲାଭ, ଭାରତର ସ୍ୱାଧୀନତା ପ୍ରାପ୍ତି ।

ସପ୍ତମ - ଅଷ୍ଟମ ଶତାବ୍ଦୀରେ ଭାରତରେ ଥିବା ତ୍ରିକଳିଙ୍ଗ ସାମ୍ରାଜ୍ୟର କଙ୍ଗୋଦ ରାଜ୍ୟରୁ ଯାଇ ସାଗର ସେପାରେ ଯବଦ୍ୱୀପର ସୁବର୍ଣ୍ଣ ଦ୍ୱୀପ (ସୁମାତ୍ରା ଦ୍ୱୀପ) ବକୁଳପୁର (ବୋର୍ଣ୍ଣିଓ), ବାଲି, ମଥୁରା, (ମଦୁରା ଦ୍ୱୀପ), ସୁଣ୍ଡା, ସେଲବିଶ୍, ମଲୁକ (ମୋଲୁକ୍କା) ପ୍ରଭୃତି ପୂର୍ବଭାରତୀୟ ଦ୍ୱୀପପୁଞ୍ଜ ସହିତ ମଳୟ ଉପଦ୍ୱୀପ, ଶ୍ୟାମ (ଥାଇଲାଣ୍ଡ), ଅଯୋଧ୍ୟା ବା ଅୟୁଠିଆ (ଥାଇଲାଣ୍ଡର ଏକ ପ୍ରଦେଶ), କମ୍ବୋଜ (କାମ୍ବୁଚିଆ), ଚମ୍ପା (ଭିଏତ୍‌ନାମ୍) ଆଦି ଥିବା ଶ୍ରୀବିଜୟ ସାମ୍ରାଜ୍ୟରେ କଳିଙ୍ଗ ବୀର ଯାଇ ଉପନିବେଶ ସ୍ଥାପନ କରିଥିଲେ ଏବଂ ଭାରତୀୟ ଉଦାର ନୀତିରେ ସେଠାକାର ଅଧିବାସୀମାନଙ୍କୁ ଆପଣାର ରାଜ୍ୟ ଶାସନ ଓ ପ୍ରଜାପାଳନ ଯୋଗୁଁ ନିଜର କରିପାରିଥିଲେ । ସେସବୁ ବିଷୟ ଆଲୋଚନାରୁ ବ୍ରିଟିଶ ଔପନିବେଶିକବାଦ ଓ ଭାରତୀୟ ଔପନିବେଶିକ ବାଦର ତୁଳନାତ୍ମକ ବିଚାର କରି ଉଭୟଙ୍କ ମଧ୍ୟରେ ଥିବା ଉତ୍କର୍ଷ ଓ ଅପକର୍ଷ ବିଚାର୍ଯ୍ୟ ।

ତ୍ରିକଳିଙ୍ଗ ବା କଳିଙ୍ଗ ସାମ୍ରାଜ୍ୟରେ କଙ୍ଗୋଦ (ପୁରୀ ଓ ଗଞ୍ଜାମ ଜିଲ୍ଲାର ଚିଲିକାହ୍ରଦ ଓ ସମୁଦ୍ର ଉପକୂଳବର୍ତ୍ତୀ ଅଞ୍ଚଳ) ଥିଲା ଗୋଟିଏ କରଦ ରାଜ୍ୟ । ସେ ରାଜ୍ୟରେ ବୌଦ୍ଧଧର୍ମର ମହାଯାନ ପନ୍ଥୀ ଶାଖା ବଜ୍ରଯାନୀ ପ୍ରଶାଖାର ପ୍ରଚଳନ ଥିଲା । ଏଥିପାଇଁ ତାନ୍ତ୍ରିକ ହିନ୍ଦୁଧର୍ମର ଉଦ୍ଭବ ଓ ପ୍ରସାର ହୋଇଥିଲା । ତେଣୁ ବଜ୍ରଯାନୀ ବୌଦ୍ଧଧର୍ମ ଓ ତାନ୍ତ୍ରିକ ହିନ୍ଦୁଧର୍ମ ପ୍ରାୟ ଏକାପରି ରୂପ ଧରିଥିଲେ ଓ ସେମାନଙ୍କ ମଧ୍ୟରେ ବିଶେଷ ପାର୍ଥକ୍ୟ ନଥିଲା । ଏତଦ୍ଦୃଷ୍ଟେ କଙ୍ଗୋଦରେ ଶାସକ ଶୈଳୋଦ୍ଭବ ବଂଶୀୟ ରାଜାମାନେ ବଜ୍ରଯାନୀ ବୌଦ୍ଧ ଥିଲେ । ଏହି ବଂଶର ରାଜା ମାଧବ-ରାଜ ଅଷ୍ଟମ ଶତାବ୍ଦୀର ଆଦ୍ୟ ପାଦରେ ରାଜତ୍ୱ କରୁଥିଲେ । ତାଙ୍କର ଏକମାତ୍ର ସନ୍ତାନ ଥିଲେ ଯୁବରାଜ ଶୈଳେନ୍ଦ୍ର । ରାଜ୍ୟର ରାଜସ୍ୱ ବୃଦ୍ଧି ପାଇଁ ରାଜା ମାଧବ ପ୍ରସ୍ତାବ କରନ୍ତେ ରାଜପୁତ୍ର ଶୈଳେନ୍ଦ୍ର ଏହା ପ୍ରଜାମାନଙ୍କ ପାଇଁ କଷ୍ଟଦାୟକ ହେବ ବୋଲି ପ୍ରତିବାଦ କଲେ । ଏଥିରେ କ୍ରୋଧାନ୍ୱିତ ହୋଇ ରାଜା ରାଜପୁତ୍ରଙ୍କୁ ତେଜ୍ୟପୁତ୍ର କରି ରାଜ୍ୟରୁ ବିତାଡିତ କଲେ । ଯୁବରାଜ ଶୈଳେନ୍ଦ୍ର ରାଜ୍ୟ ତ୍ୟାଗ କରି ଯବଦ୍ୱୀପରେ ଅବସ୍ଥିତ ଦରିଆପାରି କଳିଙ୍ଗ ରାଜ୍ୟକୁ ପଳାଇଗଲେ ।

ସେତେବେଳେ ଯବଦ୍ୱୀପରେ 'ପଞ୍ଚପଣ' ନାମରେ ଜଣେ ରାଜା

ଶ୍ରୀବିଜୟ ସାମ୍ରାଜ୍ୟର ରାଜଧାନୀ ସୁବର୍ଣ୍ଣ ଦ୍ୱୀପର ଶ୍ରୀ ବିଜୟ ନଗରୀରେ ରାଜୁତି କରୁଥିଲେ । ଯବଦ୍ୱୀପରେ ତରୁମା ଓ କଳିଙ୍ଗ ରାଜ୍ୟ ଦ୍ୱୟରେ ଭୈରବ ପନ୍ଥୀ (ଶୈବ) ହିନ୍ଦୁମାନେ ବାସ କରୁଥିବାରୁ ଉଭୟ ରାଜ୍ୟର ରାଜବଂଶ ମଧ୍ୟ ଭୈରବପନ୍ଥୀ ଥିଲେ ।

ଯୁବରାଜ ଶୈଳେନ୍ଦ୍ର ଦରିଆପାରି କଳିଙ୍ଗ ରାଜ୍ୟରେ ଜଣେ ସୈନିକ ଭାବରେ ନିଯୁକ୍ତି ପାଇ ଆପଣାର ଦକ୍ଷତା ବଳରେ ସେନାପତିପଦ ଲାଭ କରିଥିଲେ । ତାଙ୍କର କାର୍ଯ୍ୟ ଦକ୍ଷତାରେ ମୁଗ୍ଧ ହୋଇ ରାଜା ପଞ୍ଚପଣ ତାଙ୍କର ଏକମାତ୍ର କନ୍ୟା ରାଜକେମା ତାରାସୁନ୍ଦରୀଙ୍କୁ ଶୈଳେନ୍ଦ୍ରଙ୍କୁ ବିଭା ଦେଲେ ଓ ବଜ୍ରଯାନୀ ବୌଦ୍ଧଧର୍ମରେ ଦୀକ୍ଷିତ ହେଲେ ।

ରାଜା ପଞ୍ଚପଣ ଅପୁତ୍ରିକ ଥିବାରୁ ଜାମାତା ଶୈଳେନ୍ଦ୍ରଙ୍କୁ ଉତ୍ତରାଧିକାରୀ ମନୋନୀତ କରି ରାଜପଦରେ ଅଭିଷିକ୍ତ କରାଇଲେ । ରାଜାଙ୍କ ମୃତ୍ୟୁ ପରେ ଶୈଳେନ୍ଦ୍ର ଆପଣାର ବୀରତ୍ୱ ଓ ଶାସନ ପରିଚାଳନା ଦକ୍ଷତା ପାଇଁ ରାଜ୍ୟବାସୀଙ୍କର ପ୍ରିୟ ହୋଇଉଠିଲେ । ରାଣୀ ତାରାସୁନ୍ଦରୀ ମଧ୍ୟ ରାଜା ଶୈଳେନ୍ଦ୍ରଙ୍କୁ ଶାସନ କାର୍ଯ୍ୟରେ ସହାୟତା କରୁଥିଲେ ।

କେତେ ବର୍ଷପରେ ଶ୍ରୀବିଜୟ ସାମ୍ରାଜ୍ୟର ସମ୍ରାଟଙ୍କର ପରଲୋକ ହେଲା । ସାମ୍ରାଜ୍ୟର ଏକମାତ୍ର ଉତ୍ତରାଧିକାରିଣୀ ଥିଲେ ସମ୍ରାଟଙ୍କ କନ୍ୟା 'ପ୍ରମୋଦ ବର୍ଦ୍ଧିନୀ' । ସାମ୍ରାଜ୍ୟରେ ଅରାଜକତା ସାଙ୍ଗକୁ ସାମନ୍ତମାନଙ୍କ ମଧ୍ୟରେ କ୍ଷମତା ପାଇଁ ପ୍ରତିଦ୍ୱନ୍ଦିତା ଚାଲିଲା । ଏହି ସମୟରେ ରାଣୀ ତାରାସୁନ୍ଦରୀ ରାଜା ଶୈଳେନ୍ଦ୍ରଙ୍କୁ ଶ୍ରୀବିଜୟ ନଗରୀ ଅଧିକାର କରି 'ପ୍ରମୋଦ ବର୍ଦ୍ଧିନୀ'ଙ୍କୁ ବିବାହ କରିବାକୁ ପରାମର୍ଶ ଦେଲେ । ରାଣୀ ତାରାସୁନ୍ଦରୀଙ୍କ ପରି ପତ୍ନୀ ଥାଇଁ ଥାଇଁ ଭୈରବୀ ମତରେ (ବଳପୂର୍ବକ କନ୍ୟାକୁ ଅପହରଣ କରି ବିବାହ କରିବା) 'ପ୍ରମୋଦ ବର୍ଦ୍ଧିନୀ'ଙ୍କୁ ବିବାହ କରିବାକୁ ରାଜା ଶୈଳେନ୍ଦ୍ର ଅସମ୍ମତ ଥିଲେ । ମାତ୍ର ତାରାସୁନ୍ଦରୀଙ୍କ ପ୍ରରୋଚନା ତଥା ବାରମ୍ବାର ପ୍ରବର୍ତ୍ତନା ଯୋଗୁଁ ରାଜା ଶ୍ରୀବିଜୟ ନଗରୀ ଅଧିକାର କରି ପ୍ରମୋଦ ବର୍ଦ୍ଧିନୀଙ୍କୁ ଭୈରବୀ ବିବାହ କଲେ ଏବଂ ତାହାଙ୍କ ସ୍ୱୀକୃତି ଅନୁସାରେ ତାରାସୁନ୍ଦରୀଙ୍କୁ ଶ୍ରୀବିଜୟ ସାମ୍ରାଜ୍ୟର ସାମ୍ରାଜ୍ଞୀ କଲେ । ଏହାପରେ ତାଙ୍କର ସାମ୍ରାଜ୍ୟ 'ଶୈଳେନ୍ଦ୍ର ସାମ୍ରାଜ୍ୟ' ନାମରେ ନାମିତ ହେଲା ଓ ଶୈଳେନ୍ଦ୍ର ଶୈଳୋଦ୍ଭବ ବଂଶୀୟ ସମ୍ରାଟ ଭାବରେ ରାଜପଣ କଲେ । ଏଠାରେ ହିନ୍ଦୁ-ବୌଦ୍ଧ ସଭ୍ୟତାର ମିଳନ ଘଟି ଆଚାର ବିଚାର, ପର୍ବପର୍ବାଣି, ମେଳା ମହୋତ୍ସବ, ଯାନିଯାତ୍ରା, ଢଣ୍ଢେଇନାଚ, ରାମଲୀଳା, ଭାରତ ଯୁଦ୍ଧ ଲୀଳା, ଅର୍ଜୁନ ବିବାହ ଓ ବିଭିନ୍ନ ପ୍ରକାର ନାଟତାମସା ଅଦ୍ୟାବଧି ପ୍ରଚଳିତ ରହି ଇଣ୍ଡୋନେସିଆରେ ଜନପ୍ରିୟତା ଲାଭ କରିଛି । ବାଲି ଦ୍ୱୀପର ନୃତ୍ୟ ଗୀତରେ ଓଡ଼ିଶାର ଗୋଟିପୁଅ ନାଚ ଓ ଓଡ଼ିଶୀ ନୃତ୍ୟ ଶୈଳୀର ସାମଞ୍ଜସ୍ୟ ଦେଖାଯାଏ । ଗୋଟିପୁଅ ନାଚରେ ଦୁଇଟି ପୁଅ ପିଲା ଝିଅ ବେଶ ପିନ୍ଧି ନାଚୁଥିଲେ ହେଁ ବାଲି ଦ୍ୱୀପର ନୃତ୍ୟରେ ଦୁଇଟି ପ୍ରାକ୍-କିଶୋରୀ (୧୦-୧୩ ବର୍ଷ ମଧ୍ୟରେ) କନ୍ୟା ନୃତ୍ୟ ଓ ଗାନକରନ୍ତି ଏବଂ ୫/୬ ଜଣ ପୁରୁଷ ବାଦକ ବାଦ୍ୟ ବଜାନ୍ତି । ସେହି କନ୍ୟା ଦ୍ୱୟ ହସ୍ତରେ ପ୍ରଜ୍ଜ୍ୱଳିତ ପ୍ରଦୀପ ଧରି ନୃତ୍ୟ କରନ୍ତି । ଗାନ, ମାନ, ତାଳ, ସ୍ୱର, ଛନ୍ଦ, ରାଗରାଗିଣୀ ଓ ନୃତ୍ୟଭଙ୍ଗୀ ଠିକ୍ ଓଡ଼ିଶୀ ନୃତ୍ୟପରି । ସେମାନଙ୍କ ଗୀତ ଓ ଛାନ୍ଦର ଭାଷା (ଇଣ୍ଡୋନେସୀୟ ଭାଷାରେ ବାହାଷା) ଓଡ଼ିଆ ଓ ସଂସ୍କୃତ ଦ୍ୱାରା ପ୍ରଭାବିତ । ମାତ୍ର ଉଚ୍ଚାରଣରେ କେତେକ ପାର୍ଥକ୍ୟ ପରିଦୃଷ୍ଟ ହୁଏ । ଉଦାହରଣ ସ୍ୱରୂପ-ସୀତା, ସାଦୟା, ତାପସୀ, ଶ୍ରୀହରି, ସୁବର୍ଣ୍ଣ ଆଦି ଏକାପରି ଉଚ୍ଚାରଣ କଲେ ହେଁ ମହାରାଜାଙ୍କୁ ମା'ରାଜା, ମହାରାଣୀଙ୍କୁ ମା'ରାଣୀ, ଶ୍ରୀ ହରିଙ୍କୁ ଶରିଆର ପରି ଉଚ୍ଚାରଣ କରନ୍ତି ।

ହଲାଣ୍ଡବାସୀ ଓଲନ୍ଦାଜମାନେ ଇଣ୍ଡୋନେସିଆ ଅଧିକାର କରି ଖ୍ରୀଷ୍ଟିଆନ୍ ଧର୍ମଗ୍ରହଣ ପାଇଁ ଚାପ ପକାଇବାବେଳେ ସେମାନେ ହିନ୍ଦୁ-ବୌଦ୍ଧଧର୍ମ ଛାଡ଼ି ଇସ୍‌ଲାମ୍ ଧର୍ମଗ୍ରହଣ କଲେ ହେଁ ଘୁଷୁରୀ ମାଂସ ଖାଉଥିବାରୁ ସର୍ବଭକ୍ଷ ହୋଇଛନ୍ତି । ଇଣ୍ଡୋନେସିଆରେ ପ୍ରଚଳିତ 'ଭୈରବୀ ବିବାହ ପ୍ରଥା' ଆମ ରାଜ୍ୟର ହରିଜନ ବା ଆଦିବାସୀମାନଙ୍କ ମଧ୍ୟରେ ପ୍ରଚଳିତ 'ଝିଙ୍କିନେବା' ବା 'ଉଦୁଳିଆ' ବିବାହର ନୂତନ ସଂସ୍କରଣ ମାତ୍ର ।

ଅପୂର୍ବ କଳା ଭାସ୍କର୍ଯ୍ୟ ବିମଣ୍ଡିତ ବୌଦ୍ଧସ୍ତୂପ 'ବୋର୍ ବୁଦର' (ବଡ଼ ଭୂଧର ସଂସ୍କୃତରେ ଭୂମିସମ୍ଭାର ଭୂଧର) ଜାକର୍ତ୍ତା ନଗରୀର ପଶ୍ଚିମ ଦିଗରେ ଗୋଟିଏ ଉଚ୍ଚ ଗିରି ଶିଖରରେ ୧୫୦ ଫୁଟ ଉଚ୍ଚତା ପର୍ବତ ପାଦ ଦେଶରୁ ସ୍ତୂପ ପାଖକୁ ଯିବା ପାଇଁ ତିନିମାଇଲ ଦୀର୍ଘ ଏକ ସର୍ପିଳ ଗତିପଥ । ପଥର ଉଭୟ ପାର୍ଶ୍ୱରେ ବୌଦ୍ଧଗ୍ରନ୍ଥ ତ୍ରିପିଟକର ବର୍ଣ୍ଣନା ଅନୁସାରେ ମୂର୍ତ୍ତିମାନେ ଖୋଦିତ ହୋଇଛନ୍ତି । ସେଗୁଡ଼ିକ ମଧ୍ୟରେ ନିଦ୍ରିତା ଗୋପା ଓ ପୁତ୍ର ରାହୁଳ ପାଖରୁ ସନ୍ନ୍ୟାସୀ ହେବାପାଇଁ ଚାଲିଯାଉଥିବା ଗୌତମ ରାଜପୋଷାକ କାଢ଼ି କଟିବସ୍ତ୍ର ପରିହିତ ଅଶ୍ୱପାଳକ ଛନ୍ଦକଠାରୁ ବିଦାୟ ନେଉଥିବା ଗୌତମ । କେଉଁଠାରେ ବୋଧିଦ୍ରୁମ ତଳେ ଧ୍ୟାନମଗ୍ନ ଗୌତମ ତ କେଉଁଠି ସାରିପୁତ୍ର ଓ ମୋଗଲାୟନଙ୍କୁ ଦୀକ୍ଷା ଦେଉଥିବା ଗୌତମ, ଆଉ କେଉଁଠି ଧର୍ମ ବ୍ୟାଖ୍ୟାନ କରୁଥିବା ଗୌତମ । ଏହି ବିରାଟ ସ୍ଥାପତ୍ୟଟି ସମ୍ରାଟ ଶୈଳେନ୍ଦ୍ରଙ୍କ ଦ୍ୱାରା ନିର୍ମିତ ହୋଇ ଦରିଆପାରିରେ କଳିଙ୍ଗ ଶିଳ୍ପ କଳାର ନୈପୁଣ୍ୟ ପ୍ରଦର୍ଶନ କରୁଅଛି ।

କଳୋଦରେ ଜରାଗ୍ରସ୍ତ ମାଧବରାଜ କ୍ଷଣିକ ଉତ୍ତେଜନା ବଶତଃ ଶୈଳେନ୍ଦ୍ରଙ୍କ ପରି ପୁତ୍ରକୁ ରାଜ୍ୟରୁ ବିତାଡ଼ିତ ଓ ନିର୍ବାସିତ କରିଥିବାରୁ ଅନୁତାପାନଳରେ ଦଗ୍ଧୀଭୂତ ହୋଇ ଶାରୀରିକ ଓ ମାନସିକ ଯନ୍ତ୍ରଣା ପାଇବାକୁ ଲାଗିଲେ । ଏହା ଦେଖି ମହାମନ୍ତ୍ରୀ ବୋଇତରେ ଯବଦ୍ୱୀପ ଯାଇ ସମ୍ରାଟ୍ ଶୈଳେନ୍ଦ୍ରଙ୍କୁ ପିତାଙ୍କ ଦୁଃଖ ଯନ୍ତ୍ରଣା ଓ ଅନୁଶୋଚନା କଥା ଜଣାଇବାରୁ ସମ୍ରାଟ୍ ଅସଂଖ୍ୟ ପୋତ, ଉଣତରୀ, ସେନାବାହିନୀ, ପତ୍ନୀ ଓ ପରିବାରବର୍ଗଙ୍କୁ ସଙ୍ଗରେ ଧରି କୁମାର ପୂର୍ଣ୍ଣିମା ଦିନ ପିତୃ ଦର୍ଶନ ପାଇଁ କଳୋଦ ଅଭିମୁଖେ ଯାତ୍ରା କଲେ । ଏହି ଐତିହାସିକ ଘଟଣାର ସ୍ମାରକୀ ସ୍ୱରୂପ ଏବେ ବି ଯବଦ୍ୱୀପରେ ହିନ୍ଦୁ ଓ ବୌଦ୍ଧ ଅଧିବାସୀମାନେ କୁମାର ପୂର୍ଣ୍ଣମୀରେ ପତ୍ର ନିର୍ମିତ ବୋଇତ ନଦୀ, ପୁଷ୍କରିଣୀରେ ଭସାଇ 'ପିତାଦରଶ' (ପିତୃଦର୍ଶନ) ପର୍ବ ପାଳନ କରୁଛନ୍ତି । ଏହା ଆମଦ୍ୱାରା

ପାଳିତ କାର୍ତ୍ତିକ ପୂର୍ଣ୍ଣିମାର 'ବୋଇତଭସାଣ' ବା ବାଲିଯାତ୍ରା ଉତ୍ସବର କାଗଜ ଓ ସୋଲ ତିଆରି ଡଙ୍ଗା ଭସାଣ ପରି ।

ଶୈଳେନ୍ଦ୍ରଙ୍କର ଜନ୍ମଭୂମି ଅଭିମୁଖେ ନୌଯାତ୍ରା ବେଳେ ବଙ୍ଗୋପସାଗରରେ ବାତ୍ୟାର ପ୍ରକୋପଯୋଗୁଁ ବୋଇତଗୁଡ଼ିକ ଛିନ୍ନଛତ୍ର ହୋଇ ବାତ୍ୟା ପ୍ରକୋପ ଅଳ୍ପ ଥିବା ରୂପନାରାୟଣ ନଦୀତୀରସ୍ଥ ତାମ୍ରଲିପ୍ତି ବନ୍ଦରରେ ଲାଗିଲେ । ସମ୍ରାଟ୍ ଶୈଳେନ୍ଦ୍ର ଓ ସାମ୍ରାଜ୍ଞୀ ତାରାସୁନ୍ଦରୀଙ୍କ ବୋଇତ ଚାରିତ୍ର ବନ୍ଦର (କୋଣାର୍କ)ରେ ମାର୍ଗଶିର କୃଷ୍ଣପକ୍ଷ ଅଷ୍ଟମୀ (ପୋଢୁଆଁ ଅଷ୍ଟମୀ) ଦିନ ଲାଗିଲା । ତତ୍ପରଦିନ ସମ୍ରାଟ ଓ ସାମ୍ରାଜ୍ଞୀ ପିତୃଦର୍ଶନାର୍ଥେ କଙ୍ଗୋଦ ରାଜପ୍ରାସାଦରେ ପହଞ୍ଚିଲେ ।

ସାମାଜିକ ରୀତି ଅନୁସାରେ ନବବଧୂ ଆଗେ ରନ୍ଧନଶାଳାର ଈଶାନ କୋଣରେ ଅବସ୍ଥିତ ପିତୃଗଣଙ୍କ ପ୍ରତୀକ 'ଦେଉ-ପିଣ୍ଡି'କୁ ଓଳଗି ହୋଇ ଓ ପିତୃଗଣଙ୍କ ଉଦ୍ଦେଶ୍ୟରେ ଧୂପଦୀପାଦି ଦେବା କଥା, ମାତ୍ର ତାରାସୁନ୍ଦରୀ ଅଜାତିଆ ଦ୍ୱୀପାନ୍ତରୀ ହୋଇଥିବାରୁ ଦେଉ-ପିଣ୍ଡପାଖକୁ ଯିବାପାଇଁ ବାରଣ କଲେ କଙ୍ଗୋଦ - ରାଣୀ । ସମ୍ରାଟ ଓ ସାମ୍ରାଜ୍ଞୀ ଏହା ଜାଣିଲେ କ୍ଷୁବ୍ଧ ହେବେ ବିଚାରି ମହାମନ୍ତ୍ରୀ ଏହା ସେମାନଙ୍କୁ ନ ଜଣାଇବାପାଇଁ କହିଲେ । ରାଜପୁତ୍ର ଓ ରାଜବଧୂ ପିତୃମାତୃ ଦର୍ଶନ ପରେ ନୂତନ ପ୍ରାସାଦରେ ରହିଲେ ।

ସମ୍ରାଟ ଶୈଳେନ୍ଦ୍ର ଓ ସାମ୍ରାଜ୍ଞୀ ତାରାସୁନ୍ଦରୀଙ୍କର ବୋଇତରୁ ଅବତରଣ ଦିବସ 'ପ୍ରଥମାଷ୍ଟମୀ' ରୂପେ ଓ ତତ୍ପରଦିନଟିକୁ ଜାଜିଅଥିଁଳା ନବମୀ-ଓଷା ଭାବରେ ପାଳିତ ହୁଏ । ଜ୍ୟେଷ୍ଠ ପୁତ୍ରକୁ ନବ ବସ୍ତ୍ର ପିନ୍ଧାଇ ଆଶୀର୍ବାଦ କରିବା ପ୍ରଥମାଷ୍ଟମୀର ବିଧି ।

ପରଦିନ ଜାଜିଅଥିଁଳା ଓଷା ପାଳନ ପାଇଁ ପ୍ରାସାଦର ବାରିପାଖେ ପରୀକ୍ଷା ରହିବା ଭଳି ଗୋଟାଏ ଚାରିକୋଣିଆ ଗର୍ତ୍ତ ଖୋଳି ତାକୁ ଜଳରେ ପୂର୍ଣ୍ଣ କରି ମଝିରେ ଦୀପ ଦାଣ୍ଡି ରଖାଯାଏ । ଅଜାତିଆ ସାମ୍ରାଜ୍ଞୀ ରାଜବଧୂ ତାରାସୁନ୍ଦରୀ ଦୁଃଖରେ ଶୁଖି ଯାଇଥିବାର ପ୍ରତୀକ ସ୍ୱରୂପ ଏକ ଶୁଖୁଆ ଦେହରେ କନାଗୁଡ଼ାଇ ଓ ମୁଣ୍ଡରେ ସିନ୍ଦୁର ଲଗାଇ ଦୀପଦାଣ୍ଡିରେ ରଖାଯାଏ । ଜ୍ୟେଷ୍ଠପୁତ୍ର ସ୍ନାନ ସାରି ନବବସ୍ତ୍ର ପିନ୍ଧି ଦୀପଦାଣ୍ଡି ଓ ପରିଖାର ଦକ୍ଷିଣପଟେ ବସନ୍ତି । ଏହାପରେ ଶଙ୍ଖ, ମହୁରୀ ବଜାଇ, ହୁଳହୁଳି ଦେଇ ପୁଅ ଓ ବୋହୂଙ୍କୁ ବନ୍ଦାପନା କରି ପିତୃଦର୍ଶନ ପାଇଁ ପ୍ରାସାଦକୁ ନିଆଯାଏ । ଶୁଖୁଆ ବୋହୂକୁ ଚୌପାଢୀରେ ରଖାଯାଏ, ଦ୍ୱୀପାନ୍ତରୀ ତାରାସୁନ୍ଦରୀଙ୍କୁ ଅଜାତିଆ ବୋଲି ପୃଥକ୍ ରଖାଯାଇ ଥିବାରୁ ଏପରି ବିଧାନ ସେକାଳରୁ ପ୍ରଚଳିତ ହୋଇ ଅଦ୍ୟାବଧି ଆମ ସମାଜରେ ରହିଛି ।

ସମ୍ରାଟ୍ ଶୈଳେନ୍ଦ୍ର ଜଣେ କଳିଙ୍ଗବାସୀ ଭାରତୀୟ । ତାଙ୍କ ଇଣ୍ଡୋନେସିଆ ଦ୍ୱୀପରେ ଯାଇ ସେଠାରେ ଶୈଳେନ୍ଦ୍ର ସାମ୍ରାଜ୍ୟ ପ୍ରତିଷ୍ଠା କରିଥିଲେ ହେଁ ସେଠାକାର ଅଧିବାସୀମାନଙ୍କ ପ୍ରତି ଅତ୍ୟନ୍ତ କୋମଳ ବ୍ୟବହାର କରି ସେଠାରେ ଜନପ୍ରିୟତା ଲାଭ କରି ପୁନର୍ବାର ଜନ୍ମଭୂମିକୁ ଫେରି ଆସିଛନ୍ତି । ଏହି ଐତିହାସିକ ଘଟଣାରୁ ଭାରତୀୟମାନଙ୍କ ଉଦାରତା ତଥା ଚାରିତ୍ରିକ ମହନୀୟତା ସୁସ୍ପଷ୍ଟ ।

ବ୍ରିଟିଶମାନଙ୍କର ଏ ଦେଶରେ ଔପନିବେଶିକବାଦ ଯେପରି ରକ୍ଷ, କଠୋର ଓ ନିର୍ମମ ଭାବରେ ପ୍ରୟୋଗ କରିଥିଲେ ତାହା ଦେଖିଲେ ଆକାଶ - ପାତାଳ ପ୍ରଭେଦ ଜଣାପଡେ ।

ନିର୍ମଳ କୁଟୀର, ତେଲେଙ୍ଗିସାହି, କଟକ - ୯



# ବାଲିଯାତ୍ରା

ଶ୍ରୀ କ୍ଷୀରୋଦ ପ୍ରସାଦ ମହାନ୍ତି

କଳିଙ୍ଗର ପ୍ରାଚୀନ ଭୌଗୋଳିକ ଅବସ୍ଥିତି ନିରୂପଣ କଲେ ଜଣାଯାଏ ଯେ ପ୍ରାଚୀନ କଳିଙ୍ଗ ରାଜ୍ୟ ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣରେ ଗୋଦାବରୀ ମୁହାଁଣ ଯାଏ ସମୁଦ୍ର ଉପକୂଳ ଅଞ୍ଚଳରେ ବିସ୍ତୃତ ଥିଲା ଓ ତାହାର ପୃଷ୍ଠଦେଶରେ ଥିଲା ପର୍ବତ ଘେରା ମାଳଭୂମି । ସୁଦୀର୍ଘ ସମୁଦ୍ର ଉପକୂଳରେ ଏ ରାଜ୍ୟର ଅବସ୍ଥିତି ଥିବାରୁ କଳିଙ୍ଗର ଅଧିବାସୀମାନେ ନୌବାଣିଜ୍ୟରେ ପ୍ରସିଦ୍ଧିଲାଭ କରିଥିଲେ । ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀରେ ଗ୍ରୀକ୍ ପର୍ଯ୍ୟଟକ ଟୋଲେମି (Ptolemy) ଙ୍କ ବର୍ଣ୍ଣିତ ପଲୁରା - ଗଞ୍ଜାମ ନିକଟସ୍ଥ ଏକ ନଗର, ନନିଗେନ ପୁରୀ, କଟର୍ଦ୍ଦମ-କଟକ, କୋଣଗର-କୋଣାର୍କ, କୋଶମ୍ଭ - ବାଲେଶ୍ୱର, ପାଲୁର-ଜଳେଶ୍ୱର, ଦୋସରମ୍-ବୈତରଣୀ, ଅଦମସ୍ -ସୁବର୍ଣ୍ଣରେଖା ପ୍ରଭୃତି ବିଭିନ୍ନ ପ୍ରଧାନନଦୀ ଓ ନଗରମାନ ପ୍ରଥମ ଶତାବ୍ଦୀର ବହୁ ପୂର୍ବରୁ ସେମାନଙ୍କର ବାଣିଜ୍ୟକେନ୍ଦ୍ର ଥିଲା । ଉପକୂଳରେ ଥିବା ଚିଲିକା, ପୁରୀ, କୋଣାର୍କ, ତାମ୍ରଲିପ୍ତ, ସୁବର୍ଣ୍ଣରେଖା, ନରେଖା, ସାରଙ୍ଗୋ, ଛତ୍ରୁୟ, ବାଲେଶ୍ୱର, କୋଇଡନପୁର, ବୃନ୍ଦାମନ ଓ ଧାମରା ପ୍ରଭୃତି ବନ୍ଦରମାନ ନୌବାଣିଜ୍ୟ ପାଇଁ ପ୍ରସିଦ୍ଧି ଲାଭ କରିଥିଲା । ଓଡ଼ିଆ ପୁଅର ଅର୍ଣ୍ଣବପୋତ ବା ବୋଇତ ଗଢ଼ିବାର ପ୍ରଣାଳୀ, ବୋଇତ ନିର୍ମାଣ ପାଇଁ ଦରକାରୀ ସାମଗ୍ରୀ ବିଷୟରେ ମଧ୍ୟ ସ୍ପଷ୍ଟ ଧାରଣା ଥିଲା । ଖ୍ରୀଷ୍ଟପୂର୍ବ ତୃତୀୟ ଓ ଚତୁର୍ଥ ଶତାବ୍ଦୀମାନଙ୍କର କେତେକ ଅନୁଶାସନରୁ ଜଣାଯାଏ ଯେ ସମୁଦ୍ରଯାତ୍ରା ଓ ସମୁଦ୍ର ବାଣିଜ୍ୟ ସେତେବେଳେ କଳିଙ୍ଗ ରାଜକୁମାରମାନଙ୍କର ଶିକ୍ଷାବିଧାନର ଅନ୍ତର୍ଗତ ହୋଇଥିଲା ।(୧) ନିଜ ଦେଶରେ ଗଢ଼ା ହାତୀଦାନ୍ତର ସୂକ୍ଷ୍ମକାମ, ସୂକ୍ଷ୍ମବସ୍ତ୍ର, ପାଟଲୁଗା ପ୍ରଭୃତି ନେଇ ଚୀନ, ଶ୍ୟାମ, ବ୍ରହ୍ମଦେଶ, ଗଙ୍ଗାସାଗର, ସୁବର୍ଣ୍ଣଦ୍ୱୀପ (ବୋର୍ଣ୍ଣିଓ, ଜାଭା, ସୁମାତ୍ରା, ବାଲି) ଓ ସିଂହଳ ଦେଶମାନଙ୍କରେ ବାଣିଜ୍ୟ କରୁଥିଲା ଓ ନିଜ ଦେଶକୁ ଅଜସ୍ର ଧନ ସମ୍ପଦ ବୋହି ଆଣୁଥିଲା । ନିଜର ପରାକ୍ରମ ଓ କଳେବର ବିସ୍ତାର କରି ସମୁଦ୍ର ସେ ପାରିରେ ସାମ୍ରାଜ୍ୟ ସ୍ଥାପନ କରିଥିଲା । ସେଥିପାଇଁ ବୋଧହୁଏ କାଳିଦାସ ତାଙ୍କ ରଘୁବଂଶରେ କଳିଙ୍ଗର ରାଜାଙ୍କୁ ସମୁଦ୍ରରାଜା ବା "The lord of the sea" ବୋଲି ଆଖ୍ୟା ଦେଇଥିଲେ । (୨)

ଓଡ଼ିଆ ପୁଅର ସେହି ପୂର୍ବ ବୀରତ୍ୱ ଓ ତେଜ ଆଜି ହଜିଯାଇଥିଲେ ମଧ୍ୟ ସେ ଅତୀତ ଗୌରବକୁ ଭୁଲିପାରିନି । ପ୍ରତିବର୍ଷ କାର୍ତ୍ତିକ ମାସରେ ଓ ପବିତ୍ର କାର୍ତ୍ତିକ ପୂର୍ଣ୍ଣିମା ତିଥିରେ କଟକର ମହାନଦୀ ତଟସ୍ଥ ଗଡଗଡିଆ ଘାଟଠାରେ 'ବାଲିଯାତ୍ରା' ଉତ୍ସବ ମହାସମାରୋହରେ ପାଳନ କରିଆସୁଛି । ଏହା ଓଡ଼ିଶାର ବିଭିନ୍ନ ସ୍ଥାନରେ ପାଳିତ ହେଉଥିଲେ ବି କଟକଠାରେ ଅନୁଷ୍ଠିତ 'ବାଲିଯାତ୍ରା' ଉତ୍ସବ ବିଶେଷ ଉପଭୋଗ୍ୟ । ପୁଣ୍ୟତୋୟା ମହାନଦୀରେ ସ୍ନାନ କରିବା, କାର୍ତ୍ତିକ ପୂର୍ଣ୍ଣିମାଦିନ ଜଳଯାତ୍ରାରେ ଯାଉଥିବା ନିଜର ଆତ୍ମୀୟସ୍ୱଜନଙ୍କୁ ବିଦାୟ ଦେବା ଓ ବିଶେଷ କରି ରାଧାଦାମୋଦରଙ୍କ ପୂଜା କରିବା ଏହି ପର୍ବର ଲକ୍ଷ୍ୟ । ପବିତ୍ର ନଦୀମାନଙ୍କରେ ସ୍ନାନ କରିବାର ବିଧି ବହୁ ପୂର୍ବରୁ ଓଡ଼ିଶାରେ ପ୍ରଚଳିତ ହୋଇଆସୁଛି । ସାରଳାଦାସ ତାଙ୍କ ରଚିତ ମହାଭାରତର ଆଦି ପର୍ବରେ ଲେଖନ୍ତି -

*ବଇଶାଖ ମାସ ଶେଷ ପୂର୍ଣ୍ଣମୀ ଯେ ତିଥି*
*ଅନୁରାଧା ନକ୍ଷତ୍ର ଯେ ବାର ବୃହସ୍ପତି*
*ଅକାମୀବର ସ୍ନାହାନ କରିବା ନିମନ୍ତେ*
*ପୁଣ୍ୟତୋୟା ନଦୀକୂଳେ ଯାନ୍ତି ପଞ୍ଚଭ୍ରାତେ ।*

ପୁଣ୍ୟତିଥିରେ ପବିତ୍ର ନଦୀମାନଙ୍କରେ ସ୍ନାନ କରିବା ପାଇଁ କାର୍ତ୍ତିକ ପୂର୍ଣ୍ଣିମାଦିନ କଟକର ଗଡଗଡିଆ ଘାଟଠାରେ ଓଡ଼ିଆ ଘରର ଲୋକେ ବହୁ ସଂଖ୍ୟାରେ ରୁଣ୍ଡ ହୁଅନ୍ତି । ପ୍ରତ୍ୟୁଷରେ ମହାନଦୀରେ ସ୍ନାନସାରି କଦଳୀ ବାସୁଙ୍ଗା କିମ୍ବା ସୋଲରେ ନିର୍ମିତ ଛୋଟ ଛୋଟ ବୋଇତରେ

୧. କୃପାସିନ୍ଧୁ ମିଶ୍ର - ଉତ୍କଳ ଇତିହାସ ପୃ - ୪୯
Mockherjee, R; History of Indian shipping - Page - 144
Mockherjee, R; History of Indian shipping - Page - 144

୨. Dr. K.S. Behera; Orissa's sealords, published in Orissa Industry April - 15 to May 14-1981) P-1

ଲୁଣ, ସୋରିଷ, ଯଅ, ପାନ ଓ ବିଦେଶରୁ ଆମଦାନୀ କରିଥିବା ଗୁଆ ରଖି ମହାନଦୀର ଜଳରାଶିରେ ଉସାଉଦିଅନ୍ତି । ଛୋଟ ଛୋଟ ବୋଇତରେ ସୁସଜ୍ଜିତ ହୋଇଥିବା ଦୀପାବଳୀଗୁଡ଼ିକ ଜଳରାଶିର ଶୋଭାମଣ୍ଡନ କରନ୍ତି । ଆକାମାବୈଃ ଏହି ନିର୍ଘୋଷସୂଚକ ବାଣୀରେ ଚାରିଆଡ଼ ପ୍ରକମ୍ପିତ ହୋଇଯାଏ । ରାଇଦାମୋଦରଙ୍କ ପୂଜା ଉଦ୍‌ଯାପିତ କରି କୁଳବଧୂମାନେ ପତି ଓ ପୁତ୍ରଙ୍କ ପାଇଁ ମଙ୍ଗଳ କାମନା କରନ୍ତି । ସମଗ୍ର ବାଲିଯାତ୍ରା ପଡ଼ିଆଟି ଆନନ୍ଦ ଉଲ୍ଲାସରେ ମୁଖରିତ ହୋଇଉଠେ ।

ପାର୍ବତୀଚରଣ ଦାସ 'ବାଲିଯାତ୍ରା' ପ୍ରବନ୍ଧରେ ମତ ପ୍ରକାଶ କରିଛନ୍ତି, କଟକରୁ ବୃନ୍ଦାବନ ଯାତ୍ରା ଉପଲକ୍ଷେ ଶ୍ରୀଚୈତନ୍ୟଙ୍କ ବିଦାୟକାଳରେ ଗଜପତି ପ୍ରତାପରୁଦ୍ର ଦେବ ମହାନଦୀ କୂଳରେ ଗୋଟିଏ ଜୟସ୍ତମ୍ଭ ନିର୍ମାଣ କରିଥିଲେ ଏବଂ 'ବାଲିଯାତ୍ରା' ପ୍ରବର୍ତ୍ତନ କରିଥିଲେ । (୩) ଶ୍ରୀ ଚୈତନ୍ୟ (୧୪୮୬-୧୫୩୪)ଙ୍କର ମହାପ୍ରୟାଣ ପରେ ଷୋଡଶ ଶତାବ୍ଦୀର ଶେଷ ଭାଗରେ ରଚିତ କୃଷ୍ଣଦାସ କବିରାଜଙ୍କ 'ଚୈତନ୍ୟଚରିତାମୃତ' ଗ୍ରନ୍ଥର ମଧ୍ୟଲୀଳା ଷୋଡଶ ପରିଚ୍ଛେଦରେ ବର୍ଣ୍ଣିତ ଘଟଣାରୁ ଏହି କଥାର ସୂଚନା ମିଳିଥାଏ । ବୃନ୍ଦାବନ ଯାତ୍ରା ପଥରେ ଶ୍ରୀଚୈତନ୍ୟ ଦେବ ଏକ ଜ୍ୟୋତ୍ସ୍ନା ବିଧୌତ ରଜନୀରେ କଟକରୁ ନୌକା ଯୋଗେ ନଦୀ ପାର ହୋଇ ଚଉଦ୍ୱାରରେ ପହଞ୍ଚିଥିଲେ । ଏହା ପୂର୍ବରୁ ଗଜପତି ପ୍ରତାପରୁଦ୍ରଦେବ ଯେଉଁ ବ୍ୟବସ୍ଥା କରିଥିଲେ ତାହା ନିମ୍ନୋକ୍ତ ପଂକ୍ତିମାନଙ୍କରୁ ଜଣାପଡେ :

*ଦୁଇ ମହାପାତ୍ର ହରିଚନ୍ଦନ ମର୍ଦରାଜ*
*ତାରେ ଆଜ୍ଞା ଦିଲ ରାଜା କର ସବ କାଜ ॥*
*ଏକ ନବ ନୌକା ଆନି ରାଖ ନଦୀତୀରେ*
*ଯାହାଁ ସ୍ନାନ କରି ପ୍ରଭୁ ଯାନ ନଦୀପାରେ ॥*
*ତାହାଁ ସ୍ତମ୍ଭ ରୋପଣ କର ମହାତୀର୍ଥ କରି*
*ନିତ୍ୟ ସ୍ନାନ କରିବ ତାହାଁ, ତାହା ଯେନ ମରି ।*

ଏହାର ଆଉ ଏକ ସୂଚନା ରାୟସାହେବ ଦୀନେଶ ଚନ୍ଦ୍ର ସେନଙ୍କ "Chaitanya and His campanion" ବହିରେ ଦେଖିବାକୁ ମିଳେ । ସେ ଲେଖିଛନ୍ତି " Not this only, Raja Pratap Rudra ordered that a pillar should be raised, where chaitanya halted everyday to commemorate the journey. Each ghat where he would bathe, should be made a shrine. Thousand of people accompanied him". (4)

କାର୍ତ୍ତିକ ପୂର୍ଣ୍ଣିମା ତିଥିରେ ଶ୍ରୀଚୈତନ୍ୟ ମହାନଦୀ ବାଲିରେ ଯାତ୍ରା କରିବା କଥା ଗ୍ରହଣ କରାଯାଇପାରେ କାରଣ ସେ ହୁଏତ ଉକ୍ତ ତିଥିରେ ମହାନଦୀ ପାରିହୋଇ ବୃନ୍ଦାବନ ଯାତ୍ରା କରିଥିବେ କିନ୍ତୁ ଏହାବୋଲି ଯେ ବାଲିଯାତ୍ରା ସହିତ ଉତ୍କଳ ନୌବାଣିଜ୍ୟର କିଛି ସମ୍ପର୍କ ନାହିଁ - ଏହା ସର୍ବଜନରେ ଗ୍ରହଣ ହୋଇନପାରେ । ବାରବାଟୀର ଏହି କିଲ୍ଲା ପଡ଼ିଆ ଓଡ଼ିଶାର ଅତୀତ ଇତିହାସର ମୂକସାକ୍ଷୀ । ଏହି ମହାନଦୀପଠାରୁ ଯେ ଓଡ଼ିଆ ସାଧବ ପୁଅମାନେ ସମୁଦ୍ର ପାରି ବାଣିଜ୍ୟ ପାଇଁ ଯାତ୍ରା କରିଥିବେ ଏହା ସର୍ବାଦୌ ଗ୍ରହଣୀୟ ।

ହରେକୃଷ୍ଣ ମହତାବ ରାଜ୍ୟ ସଂଗ୍ରହାଳୟ
ଭୁବନେଶ୍ୱର

୩. ପାର୍ବତୀ ଚରଣ ଦାସ; ବାଲିଯାତ୍ରା, ମୁକୁର - ୧୯୧୧ ମସିହା ୫ମ ଭାଗ ୭/୮ ସଂଖ୍ୟା
୪. Rai Sahib Dinesh Chandra sen, Chaitanya and his companion. P-156.

# ଐତିହ୍ୟମୟୀ ଓଡ଼ିଶା

ପଣ୍ଡିତ ଅନ୍ତର୍ଯ୍ୟାମୀ ମିଶ୍ର

ଐତିହ୍ୟମୟୀ ଓଡ଼ିଶାର ପ୍ରାଚୀନ ସଭ୍ୟତା ଓ ସଂସ୍କୃତି ବିଶ୍ୱଦରବାରରେ ସ୍ୱତନ୍ତ୍ର ଆସନ ଅଳଙ୍କୃତ କରିଥିଲା । ପ୍ରାଚୀନ ସାହିତ୍ୟ, ଶିଳାଲେଖ, ତାମ୍ରପତ୍ର ତଥା ବିଦେଶୀ ପରିବ୍ରାଜକଙ୍କ ବିବରଣୀରେ ଓଡ଼ିଶା ଏକ ସାମରିକ ଶକ୍ତିସମ୍ପନ୍ନ, ଐଶ୍ୱର୍ଯ୍ୟ ପରିପୂର୍ଣ୍ଣ, ଉତ୍କୃଷ୍ଟ କଳାକୌଶଳ ଜ୍ଞାତ, ସାମୁଦ୍ରିକ ବାଣିଜ୍ୟ ସମୃଦ୍ଧ ବିଭବଶାଳୀ ରାଜ୍ୟରୂପେ ଚିତ୍ରିତ । ଆବହମାନ କାଳରୁ ଓଡ଼ିଆ ଜାତି ଆପଣାର ମହନୀୟ ସମନ୍ୱୟ ଭାବଧାରାରେ ଭାରତୀୟ ଜାତୀୟ ଜୀବନକୁ ସମୃଦ୍ଧ କରିଆସିଛି । ଓଡ଼ିଶାର ଐତିହ୍ୟରେ ହଜାର ହଜାର ବର୍ଷର ସାଂସ୍କୃତିକ ଗୌରବ ଲୁକ୍କାୟିତ । ଜାତୀୟ ଉନ୍ନତିର ମୂଳମନ୍ତ୍ର ଓଡ଼ିଶାର ପ୍ରାଚୀନ କୀର୍ତ୍ତି ଗୌରବ ମଧ୍ୟରେ ପ୍ରଚ୍ଛନ୍ନ ଭାବରେ ନିହିତ । ଓଡ଼ିଆ ଭାଷା, ସାହିତ୍ୟ, ନୃତ୍ୟ, ସଙ୍ଗୀତ, ଶିଳ୍ପ, ଭାସ୍କର୍ଯ୍ୟ, କଳା ଓ ସ୍ଥାପତ୍ୟର ସ୍ୱାତନ୍ତ୍ର୍ୟ ରହିଛି । ବିଶ୍ୱ ଦରବାରରେ ଓଡ଼ିଆମାନେ ହିଁ ଭାରତୀୟ ସଂସ୍କୃତିର ମର୍ଯ୍ୟାଦାବନ୍ତ ଆତ୍ମପରିଚୟ ପ୍ରଦାନ କରିପାରିଥିଲେ ।

ଉତ୍ତରରେ ପୁଣ୍ୟତୋୟା ଗଙ୍ଗା, ଦକ୍ଷିଣରେ ପାପ ନାଶିନୀ ଗୋଦାବରୀ, ପୂର୍ବରେ ମହାତୀର୍ଥ ମହୋଦଧି ଏବଂ ପଶ୍ଚିମରେ ଗିରିତୀର୍ଥ ଅମରକଣ୍ଟକ ପ୍ରାଚୀନ ଓଡ଼ିଶାର ଚତୁଃସୀମାରୂପେ ଚିହ୍ନିତ ଥିଲା । ପୌରାଣିକ ଏବଂ ଐତିହାସିକ ଯୁଗରେ ପବିତ୍ର ଓଡ଼ିଶା ଭୂଖଣ୍ଡ ଉଡ୍ର, କଳିଙ୍ଗ, ତ୍ରିକଳିଙ୍ଗ, ଉତ୍କଳିଙ୍ଗ, ଉତ୍କଳ, ତୋଷଳ, କୋଶଳ, କଙ୍ଗୋଦ ପ୍ରଭୃତି ବହୁ ନାମରେ ପରିଚିତ । ଭାରତୀୟ ସଂସ୍କୃତିର ଗୌରବ ରାମାୟଣ ଓ ମହାଭାରତରେ ଏହି ଭୂଖଣ୍ଡର ଭୂୟସୀ ପ୍ରଶଂସା କରାଯାଇଛି । ଏତଦ୍‌ଭିନ୍ନ ତ୍ରିକାଣ୍ଡ କୋଷ, ଅନର୍ଘରାଘବ, ଜ୍ଞାନସିଦ୍ଧି, ଶକ୍ତି ସଙ୍ଗମତନ୍ତ୍ର, ତନ୍ତ୍ରଯାମଳ, ବ୍ରହ୍ମ ପୁରାଣ, ସ୍କନ୍ଦ ପୁରାଣ, ହରିବଂଶ, ବୌଧାୟନସୂତ୍ର, ଦିଗ୍‌ବିଜୟ ପ୍ରକାଶ, ମତ୍ସ୍ୟପୁରାଣ, ଦଶକୁମାର ଚରିତ, ବୃହତ୍‌ସଂହିତା, କପିଳ ସଂହିତା ଓ ସାରଳା ମହାଭାରତ ପ୍ରଭୃତି ଅଗଣିତ ଶାସ୍ତ୍ରରେ ଓଡ଼ିଶାର ଗୌରବୋଜ୍ଜ୍ୱଳ ଐତିହ୍ୟ ସମ୍ବନ୍ଧରେ ବହୁ ପ୍ରାମାଣିକ ସୂଚନା ରହିଅଛି । ପ୍ରାଚୀନ ଓ ମଧ୍ୟଯୁଗୀୟ ତାମ୍ରଶାସନ ଓ ଶିଳାଲେଖରୁ ଏହି ଐତିହ୍ୟମୟୀ ଭୂଖଣ୍ଡ ସମ୍ବନ୍ଧରେ ଅନେକ ଜ୍ଞାତବ୍ୟ ତଥ୍ୟ ଉପଲବ୍ଧ ହୋଇଅଛି ।

ଏହି ବିସ୍ତୀର୍ଣ୍ଣ ଭୂଖଣ୍ଡ କେଉଁ ସମୟରେ ଜଣେ ରାଜାଙ୍କ ଦ୍ୱାରା ଏବଂ କେତେବେଳେ ଏକାଧିକ ଖଣ୍ଡରେ ବିଭକ୍ତ ହୋଇ ଭିନ୍ନ ଭିନ୍ନ ରାଜାଙ୍କ ଦ୍ୱାରା ଶାସିତ ହେଉଥିଲେ ହେଁ ଭାବ ଓ ଭାଷା ଦୃଷ୍ଟିରୁ ଏହାର ଐକ୍ୟ ଅକ୍ଷୁଣ୍ଣ ରହିଥିଲା । ଏହି ରାଜ୍ୟରେ ସମୟେ ସମୟେ ପ୍ରଜାତନ୍ତ୍ର ଶାସନ ପ୍ରଚଳନର ପ୍ରଚ୍ଛନ୍ନ ପ୍ରମାଣ ମଧ୍ୟ ବିଦ୍ୟମାନ । ଶ୍ରୀ ଜଗନ୍ନାଥଙ୍କ କରୁଣାରୁ ଚୈତ୍ର, ଭୌମ, ସୋମ, ଗଙ୍ଗ, ସୂର୍ଯ୍ୟ ଓ ଭୋଇବଂଶର ନୃପତିବୃନ୍ଦ ଓଡ଼ିଶାର ରାଜଚକ୍ରବର୍ତ୍ତୀ ରୂପେ ସାର୍ବଭୌମ ଉପାଧିରେ ଭୂଷିତ ହୋଇ ଅକ୍ଷୟଯଶ ରଖିଯାଇଛନ୍ତି । ପରିଶେଷରେ ବୀରଶ୍ରୀ ଗଜପତି ଗୌଡେଶ୍ୱର ନବକୋଟି କର୍ଣ୍ଣାଟ ଉତ୍କଳ ବର୍ଗେଶ୍ୱର ବୀରାଧି ବୀରବର ପଦବୀରେ ଭୂଷିତ ହୋଇ ଏହି ନୃପତିଙ୍କ ବଂଶଧର ଓଡ଼ିଆ ଜାତିର ପ୍ରତିନିଧି ରୂପେ ଗଜପତି ନାମଧରି ଏ ଅବଧି ରାଜାଧିରାଜ ଶ୍ରୀ ଜଗନ୍ନାଥଙ୍କ ପ୍ରଥମ ସେବକ ଭାବରେ ସ୍ୱକୀୟ ମର୍ଯ୍ୟାଦାରେ ଅଧିଷ୍ଠିତ ।

ସମନ୍ୱୟ ଚେତନାର ପ୍ରତିଭୂ ଚକାୟାର ଭୂଜ ଦେବାଧିଦେବ ଶ୍ରୀ ଜଗନ୍ନାଥ ସ୍ୱୟଂ ଏହି ପବିତ୍ର ଭୂମିରେ ଲୀଳା ରଚନା କରି ଏହାର ମହତ୍ତ୍ୱ ବୃଦ୍ଧି କରିଅଛନ୍ତି । ନୀଳାଚଳ, ମହେନ୍ଦ୍ରାଚଳ, ସ୍ୱର୍ଣ୍ଣାଚଳ, କପିଳାସ, ଗନ୍ଧମାର୍ଦ୍ଦନ, ମାଲ୍ୟଗିରି, ଖଣ୍ଡଗିରି, ଉଦୟଗିରି, ଧବଳଗିରି, ରତ୍ନଗିରି, ମଣିନାଗ, ସପ୍ତ ଶଯ୍ୟା, ମେଘାସନ ପ୍ରଭୃତି ପ୍ରସିଦ୍ଧ ପର୍ବତ ସମୂହ ଏହି ପ୍ରଦେଶର ପ୍ରାକୃତିକ ଶୋଭାବର୍ଦ୍ଧନ କରୁଅଛନ୍ତି । ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ଚିତ୍ରୋତ୍ପଳା, ବିରୂପା, ପ୍ରାଚୀ, ଦେବୀ, ଦୟା, ଭାର୍ଗବୀ, ଖରସ୍ରୋତା, ଇନ୍ଦ୍ରାବତୀ, ଋଷିକୁଲ୍ୟା, ବଂଶଧାରା, ସୁବର୍ଣ୍ଣରେଖା, ବୁଢାବଳଙ୍ଗ ପ୍ରଭୃତି ପୂଣ୍ୟସଲିଳା ନଦୀ ସମୂହ ଏହି ପ୍ରଦେଶରେ ପ୍ରବାହିତ ହୋଇ ଏହାକୁ ମହତ୍ୱପୂର୍ଣ୍ଣ ଆଧ୍ୟାତ୍ମିକ ମର୍ଯ୍ୟାଦା ପ୍ରଦାନ କରୁଅଛନ୍ତି । ଏହି ମାଟିରେ ବୈଦିକ, ଅବୈଦିକ, ବୌଦ୍ଧ, ଜୈନ, ଶୈବ, ଶାକ୍ତ, ବୈଷ୍ଣବ ଓ ଶାବର ପ୍ରତ୍ୟେକଟି ମତ ଓ ପଥର ଭାବଧାରା ପ୍ରବାହିତ ହୋଇ ଏହାକୁ ସମନ୍ୱୟ ରସାସିକ୍ତ କରିପାରିଅଛି । ମହାବୀର ଜୈନ, ଭଗବାନ ବୁଦ୍ଧ, ଆଦି ଶଙ୍କରାଚାର୍ଯ୍ୟ, ମହାତ୍ମା ରାମାନୁଜ, ଭକ୍ତ ତୁଳସୀ ପ୍ରେମାବତାର ଗୌରାଙ୍ଗ ମହାପ୍ରଭୁ, ପ୍ରାତଃ ସ୍ମରଣୀୟ ପଞ୍ଚସଖାବୃନ୍ଦ, ପୂଜ୍ୟ ଶ୍ରୀଧର ସ୍ୱାମୀ, ଗୁରୁ ନାନକ, ସନ୍ଥ କବୀର, ମହିମାମୟ

ମହିମାସ୍ୱାମୀ ପ୍ରଭୃତି ଯୋଗଜନ୍ମା ମହାତ୍ମାଗଣ ଏହି ମାଟିରେ ପଦାର୍ପଣ କରି ଏହାକୁ ମହିମା ସମନ୍ୱିତ କରିଯାଇଛନ୍ତି । ଶ୍ରୀକ୍ଷେତ୍ର ନୀଳାଚଳ, ଏକାମ୍ରକ୍ଷେତ୍ର ସ୍ୱର୍ଣ୍ଣାଦ୍ରି, ବିରଜାକ୍ଷେତ୍ର ଯାଜପୁର, ଅର୍କକ୍ଷେତ୍ର କୋଣାର୍କ, ଶୈବ ଶୈବକ୍ଷେତ୍ର କପିଳାସ, ନୃସିଂହ କ୍ଷେତ୍ର ହରିଶଙ୍କର, ତୁଳସୀ କ୍ଷେତ୍ର କେନ୍ଦ୍ରାପଡା, ଗଣପତି କ୍ଷେତ୍ର ମହାବିନାୟକ ପ୍ରଭୃତି ଏହାର ଗର୍ବ ଓ ଗୌରବ ।

ଓଡିଶାର ଇତିହାସ ଗୌରବମୟ । ଏହାର ଅପୂର୍ବ ସାମରିକ ପରାକାଷ୍ଠା ଦୀର୍ଘକାଳ ଏହାର ସ୍ୱାଧୀନତା ବଜାୟ ରଖିଥିଲା । ଜୈନ ଓ ବୌଦ୍ଧ ଯୁଗରେ ଏହା ଏକ ଶକ୍ତିଶାଳୀ ରାଜ୍ୟ ଥିଲା । ମୌର୍ଯ୍ୟବଂଶର ପ୍ରତିଷ୍ଠାତା ଚନ୍ଦ୍ରଗୁପ୍ତ ସମଗ୍ର ଭାରତବର୍ଷ ଅଧିକାର କରିଥିଲେ ମଧ୍ୟ ଓଡିଶା ଅଧିକାର କରିବାକୁ ସାହସ କରିନଥିଲେ । ଏହି ଯୁଗୀୟ ଜୈନ ଧର୍ମଗ୍ରନ୍ଥ, ବୌଦ୍ଧ ଧର୍ମଗ୍ରନ୍ଥ, ଶିଳାଲେଖ ଓ ବିଦେଶୀ ପରିବ୍ରାଜକଙ୍କ ବିବରଣୀରୁ ଓଡିଶାର ଗୌରବୋଜ୍ଜ୍ୱଳ ଐତିହ୍ୟର ପରିଚୟ ମିଳିଥାଏ । ଅନୁଧ୍ୟାନରୁ ଜଣାଯାଏ ଓଡ଼ିଶା ରାଜ୍ୟ ହିଁ ଜୈନ ଓ ବୌଦ୍ଧ ଧର୍ମର ମୁଖ୍ୟ ପ୍ରଚାରସ୍ଥଳୀ ଥିଲା । ବୌଦ୍ଧଧର୍ମ ମଗଧରେ ଜନ୍ମଲାଭ କରିଥିଲେ ମଧ୍ୟ ଓଡିଶାରେ ବିକଶିତ ହୋଇ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ହୋଇଥିଲା । ମହାତ୍ମା ବୁଦ୍ଧଙ୍କର ପ୍ରଥମ ଦୁଇ ଶିଷ୍ୟ ତପସୁ ଓ ଭଲ୍ଲିକ ଉତ୍କଳବାସୀ ଥିଲେ । ସ୍ୱର୍ଣ୍ଣକାର ସରୋତସଙ୍କ କନ୍ୟା ବିଶାଖା ଓ ନାପିତ ଉପାଳୀ ଆନନ୍ଦ ଏହି ଓଡିଶା ମାଟିରେ ହିଁ ଭଗବାନ ବୁଦ୍ଧଙ୍କଠାରୁ ଦୀକ୍ଷା ଗ୍ରହଣ କରିଥିଲେ । ବୌଦ୍ଧଧର୍ମ ଓଡିଶାରେ ରାଜକୀୟ ପୃଷ୍ଠପୋଷକତା ଲାଭ କରି ବିକାଶର ଚରମ ସୀମାରେ ଉପନୀତ ହୋଇଥିଲା । ଓଡିଶାରେ ପୁଷ୍ପଗିରି, ରତ୍ନଗିରି, ସୋଲଣପୁର, ଜୟାଶ୍ରମ ପ୍ରଭୃତି ବୌଦ୍ଧବିହାର ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିପାରିଥିଲା । ଇନ୍ଦ୍ରଭୂତି, ପଦ୍ମସମ୍ଭବ, ଶାନ୍ତରକ୍ଷିତ, ନାଗାର୍ଜ୍ଜୁନ, ଦିଙ୍‌ନାଗ, ବସୁବନ୍ଧୁ, ପୀଡୋପାଦ ଓ ବୋଧିଶ୍ରୀ ବା କର୍ପୂରଶ୍ରୀ ପ୍ରଭୃତି ବୌଦ୍ଧ ସାଧକ ବୃନ୍ଦ ଦୁର୍ଲଭ ଅନୁଭୂତି ମୂର୍ଚ୍ଛନା ସମ୍ବଳିତ ବୌଦ୍ଧ ଶାସ୍ତ୍ରମାନ ଓଡିଶାରେ ହିଁ ରଚନା କରିଥିଲେ । କେବଳ ଧର୍ମ ନୁହେଁ, ଶିଳ୍ପ ଓ ବାଣିଜ୍ୟ ଦୃଷ୍ଟିରୁ ମଧ୍ୟ ଓଡିଶାର ସୁଖ୍ୟାତି ରହିଥିଲା । ଓଡିଶାର ସମୃଦ୍ଧି, ଐଶ୍ୱର୍ଯ୍ୟ ଓ ସାମରିକ ଶକ୍ତିରେ ଅସୂୟା ଭାବ ପ୍ରଦର୍ଶନ ପୂର୍ବକ ମଗଧ ସମ୍ରାଟ୍ ଅଶୋକ ଅଜେୟ କଳିଙ୍ଗବାସୀଙ୍କ ବିରୁଦ୍ଧରେ ଖ୍ରୀଷ୍ଟପୂର୍ବ ତୃତୀୟ ଶତକରେ ଯୁଦ୍ଧ ଘୋଷଣା କରିଥିଲେ । ଧଉଳି ପର୍ବତ ପାଦଦେଶରେ ସଂଘଟିତ ଏହି ଐତିହାସିକ ମହାସମର କେବଳ ଓଡିଶା ଇତିହାସ କାହିଁକି, ବିଶ୍ୱଇତିହାସର ଏକ ଯୁଗାନ୍ତକାରୀ ଘଟଣା । ଏହି ଯୁଦ୍ଧରେ ଲକ୍ଷାଧିକ ଓଡିଆବୀରଙ୍କ ପ୍ରାଣବଳି ଅଶୋକଙ୍କୁ ଶୋକାଭିଭୂତ କରିଦେଇଥିଲା । ଅଗଣିତ ଓଡିଆଙ୍କ ସ୍ୱଦେଶ ପ୍ରୀତି ତାଙ୍କ ହୃଦୟରେ ଭାବାନ୍ତର ସୃଷ୍ଟି କରିଥିଲା । ସ୍ୱକୀୟ କୁକର୍ମର ଅନୁତାପରେ ସମଗ୍ର ଓଡିଶା ବାସୀଙ୍କୁ କ୍ଷମା ଯାଚଞ୍ଚାର ପ୍ରତୀକ ସ୍ୱରୂପ ଅନୁଶାସନ ମାଧ୍ୟମରେ ନିଜର ଉଦାରନୀତି ଘୋଷଣା କରି ସେ ଚଣ୍ଡାଶୋକରୁ ଧର୍ମାଶୋକରେ ପରିଣତ ହୋଇଥିଲେ । ତରବାରି ମାଧ୍ୟମରେ ଭାଗ୍ୟଜୟର ବିଜୟୋଲ୍ଲାସ ତାଙ୍କ ହୃଦୟରେ ଆନନ୍ଦ ସୃଷ୍ଟି କରି ପାରିନଥିଲା । ଜାତୀୟପ୍ରୀତି ହିଁ ଅଶୋକଙ୍କୁ ଧର୍ମାଶୋକରେ ରୂପାନ୍ତରିତ କରିଥିଲା । ଓଡିଆଙ୍କ ମହନୀୟ ଚେତନାରେ ଉଦ୍‌ବୁଦ୍ଧ ହୋଇ ସେ ସେହି ଯୁଦ୍ଧ ଭୂମିରେ ହିଁ ସୁପ୍ରସିଦ୍ଧ ଓଡିଆ ବୌଦ୍ଧାଚାର୍ଯ୍ୟ ଉପଗୁପ୍ତଙ୍କ କର୍ତ୍ତୃକ ବୌଦ୍ଧଧର୍ମରେ ଦୀକ୍ଷିତ ହୋଇଥିଲେ ।

ଖ୍ରୀଷ୍ଟାବ୍ଦ ପ୍ରଥମ ଶତକରେ ଚୈତ୍ରବଂଶୋଦ୍ଭବ ଖାରବେଳ କଳିଙ୍ଗ ଅଧିପତି ରୂପେ ସିଂହାସନ ଆରୋହଣ କରିଥିଲେ । ସେ ଜଣେ ନୈଷ୍ଠିକ ଜୈନ ଥିଲେ ମଧ୍ୟ ଓଡିଆ ପରମ୍ପରାରେ ତାଙ୍କର ଅଭିଷେକ ବୈଦିକ ରୀତିରେ ସଂପନ୍ନ ହୋଇଥିଲା । ଜଣେ ସମନ୍ୱୟବାଦୀ ଓଡିଆ ସମ୍ରାଟ୍ ରୂପେ ସେ ଅନେକ ଜନହିତକର କାର୍ଯ୍ୟ କରି ଜୈନ ସନ୍ନ୍ୟାସୀଙ୍କ ନିମିତ୍ତ ଖଣ୍ଡଗିରି, ଉଦୟଗିରିରେ ସୁରମ୍ୟ ଗୁମ୍ଫା ନିର୍ମାଣ କରିଥିଲେ । ଏହି ଗୁମ୍ଫାରେ ଜାତିବର୍ଣ୍ଣ ନିର୍ବିଶେଷରେ ଆରାଧ୍ୟା ବିଶ୍ୱଜନନୀ ଗଜଲକ୍ଷ୍ମୀଙ୍କର ଚିତ୍ର ଖୋଦନ କରାଇ ସେ ମହାନତାର ପରିଚୟ ପ୍ରଦାନ କରିଯାଇଛନ୍ତି । ସମନ୍ୱୟବାଦୀ ମହାମେଘବାହନ ସମ୍ରାଟ୍ ଖାରବେଳ ଭାରତର ପଶ୍ଚିମସୀମା ପର୍ଯ୍ୟନ୍ତ ଓଡିଶାର ବିଜୟ ବୈଜୟନ୍ତୀ ଉଡ଼ାଇଥିଲେ ମଧ୍ୟ ସ୍ୱକୀୟ ଉଦାରତା ଗୁଣରୁ କୌଣସି ରାଜ୍ୟର ସ୍ୱାଧୀନତାରେ ହସ୍ତକ୍ଷେପ କରିନଥିଲେ । ମଗଧ ସମ୍ରାଟ୍ ବୃହସ୍ପତି ମିତ୍ରଙ୍କୁ ପରାସ୍ତ କରି ଅପହୃତ ଜୀନାସନକୁ ମହାସମାରୋହରେ ଓଡିଶାକୁ ଫେରାଇ ଆଣି ସେ ଓଡିଶାର ସ୍ୱାଭିମାନ ବଜାୟ ରଖିଥିଲେ । ଏହି ଜୀନାସନହିଁ ଶ୍ରୀ ଜଗନ୍ନାଥଙ୍କ ରତ୍ନସିଂହାସନ ବୋଲି ଗବେଷକବୃନ୍ଦଙ୍କର ବିଶ୍ୱାସ । ଗବେଷଣାତ୍ମକ ଦୃଷ୍ଟିରେ ଜଗନ୍ନାଥ ଧର୍ମରେ ଜୈନଧର୍ମର ସତ୍ତା ସୁସ୍ପଷ୍ଟ । ଖାରବେଳ ଏଥିରେ ପ୍ରଭାବିତ ହୋଇ ଏକ ମହନୀୟ ମାନବ ସଂସ୍କୃତିର ଆଦର୍ଶ ପ୍ରତିଷ୍ଠା କରିଥିଲେ । ସେହି ସମୟରୁ ଓଡିଶାର ଖଣ୍ଡଗିରି, ଉଦୟଗିରି, କୁପାରୀ, ଅଯୋଧ୍ୟା, ଚରମ୍ପା, ପ୍ରଭୃତି ସ୍ଥାନ ପ୍ରସିଦ୍ଧ ଜୈନକ୍ଷେତ୍ର ରୂପେ ପ୍ରସିଦ୍ଧି ଲାଭ କରିଥିଲା ଏବଂ ଓଡିଆଙ୍କ ପ୍ରଚେଷ୍ଟାରେ ଜୈନଧର୍ମ ଏକ ଭବ୍ୟରୂପ ନେଲା ।

ମହାମହିମ ସମ୍ରାଟ୍ ଖାରବେଳଙ୍କ ପରେ ଜୈନଧର୍ମ ସହିତ ବୌଦ୍ଧଧର୍ମର ଅପୂର୍ବ ସମନ୍ୱୟ ଓଡିଶାରେ ହିଁ ସଂଘଟିତ ହୋଇଥିଲା । ବିଶ୍ୱବିଖ୍ୟାତ ବୌଦ୍ଧ ଦାର୍ଶନିକ ନାଗାର୍ଜ୍ଜୁନ, ଆର୍ଯ୍ୟଦେବ, ସର୍ବଜ୍ଞାମୀ, ଦିଙ୍‌ନାଗ ଓ ଧର୍ମକୀର୍ତ୍ତି ପ୍ରଭୃତି ମହାତ୍ମାବୃନ୍ଦଙ୍କର ପୀଠସ୍ଥଳୀ ଥିଲା ଓଡିଶା । ଏହି ମହାମନୀଷୀବୃନ୍ଦ ଜୈନଦର୍ଶନରେ ଅନୁପ୍ରାଣିତ ହୋଇ ସ୍ୱକୀୟ ପୁରୋଦୃଷ୍ଟିରେ ବୌଦ୍ଧଧର୍ମରେ ନବଦିଗନ୍ତ ସୃଷ୍ଟି କରିଥିଲେ । ଦ୍ୱିତୀୟ ଖ୍ରୀଷ୍ଟାବ୍ଦରେ ନାଗାର୍ଜ୍ଜୁନ ମାଧ୍ୟମିକ ଦର୍ଶନଭିତ୍ତିକ ପ୍ରଜ୍ଞା ପାରମିତା ବୌଦ୍ଧଶାସ୍ତ୍ର ଓଡିଶାରେ ହିଁ ରଚନା କରିଥିଲେ । ଖ୍ରୀଷ୍ଟୀୟ ତୃତୀୟ ଶତକରେ ଓଡିଶା ବୌଦ୍ଧଯୋଗାଚାର ଦର୍ଶନର ମୁଖ୍ୟ ପ୍ରଚାର କେନ୍ଦ୍ର ରୂପେ ପ୍ରସିଦ୍ଧି ଲାଭ କରିଥିଲା । ଏହି ସମୟରେ ପ୍ରସିଦ୍ଧ ବୌଦ୍ଧଦାର୍ଶନିକ ଦିଙ୍‌ନାଗ ବୌଦ୍ଧନ୍ୟାୟର ଭିତ୍ତିସ୍ଥାପନ କରିଥିଲେ । ପରବର୍ତ୍ତୀ କାଳରେ ଓଡିଆ ବୌଦ୍ଧସନ୍ନ୍ୟାସୀ ଧର୍ମକୀର୍ତ୍ତିଙ୍କ ଦ୍ୱାରା ଏହାର ସିଦ୍ଧାନ୍ତ ପ୍ରଚାରିତ ହୋଇଥିଲା । ମୋଟ ଉପରେ କହିବାକୁ ଗଲେ ପବିତ୍ର ଓଡିଶା ଭୂମିରେ ଜଗନ୍ନାଥ ଚେତନା ସ୍ପର୍ଶରେ ତଥା ଜୈନ ସିଦ୍ଧାନ୍ତର ପୁରୋଦୃଷ୍ଟିରେ

ବୌଦ୍ଧଧର୍ମ ବିକାଶର ଚରମ ସୀମାରେ ଉପନୀତ ହୋଇଥିଲା । ପରିଣାମ ସ୍ୱରୂପ ଏକ ସମନ୍ୱୟାତ୍ମକ ଦାର୍ଶନିକ ଭାବଧାରା ଓଡିଶା ମାଟିରୁ ଜନ୍ମନେଇ ସମଗ୍ର ବିଶ୍ୱରେ ପରିବ୍ୟାପ୍ତ ହୋଇଥିଲା ।

ଖ୍ରୀଷ୍ଟାବ୍ଦ ପ୍ରଥମ ଶତାବ୍ଦୀଠାରୁ ଚତୁର୍ଥ ଶତାବ୍ଦୀ ପର୍ଯ୍ୟନ୍ତ ଓଡିଶାର ଇତିହାସ ଅନ୍ଧକାରାଚ୍ଛନ୍ନ ଥିଲେ ହେଁ ଚତୁର୍ଥ ଶତାବ୍ଦୀରେ ମହାରାଜ ଶତ୍ରୁଭଞ୍ଜଙ୍କ ରାଜତ୍ୱର ପର୍ଯ୍ୟାପ୍ତ ପ୍ରମାଣ ମିଳିଛି । ସେ ଉତ୍ତର ତୋଷାଳୀ ଓ ଦକ୍ଷିଣ ତୋଷାଳୀରେ ରାଜୁତି ପୂର୍ବକ ଶୈବଧର୍ମର ପୃଷ୍ଠପୋଷକତାରେ ସମଗ୍ର ଓଡିଶାକୁ ଏକ ସୂତ୍ରରେ ବାନ୍ଧି ରଖିବାର ପ୍ରଚେଷ୍ଟା କରିଥିଲେ । ଉଲ୍ଲେଖଯୋଗ୍ୟ ଯେ ସେହି ସମୟରେ ଓଡିଶାରେ ଶୈବ, .ଶାକ୍ତ, ବୌଦ୍ଧ ଓ ଜୈନ ସଂସ୍କୃତିର ସମନ୍ୱୟରେ ଏକ ନୂତନ ମୂର୍ଚ୍ଛନାର ସୂତ୍ରପାତ ହୋଇଥିଲା । ଷଷ୍ଠ ଶତାବ୍ଦୀରେ ପରମମାହେଶ୍ୱର ଶମ୍ଭୁଯଶଙ୍କ ରାଜତ୍ୱ ପର୍ଯ୍ୟନ୍ତ ଓଡିଶାରେ ଏହ ମୂର୍ଚ୍ଛନାର ପରମ୍ପରା ଅକ୍ଷୁଣ୍ଣ ରହିଥିଲା । ଅଧିକନ୍ତୁ ପରବର୍ତ୍ତୀ ଭୌମ ଯୁଗରେ ଏହି ପରମ୍ପରାର ଧାରା ଆବିଶ୍ଵ ପ୍ରବାହିତ ହୋଇଥିଲା । ଭୌମକର ବଂଶୀୟ ରାଜା ଓ ରାଣୀ-ଗଣ ଦୁଇଶତାବ୍ଦୀରୁ ଉର୍ଦ୍ଧ୍ୱକାଳ ସାର୍ବଭୌମ ରାଜଚକ୍ରବର୍ତ୍ତୀ ରୂପେ ପରମ ସୌଗତ, ପରମ ତଥାଗତ, ପରମ ମାହେଶ୍ୱର ଓ ପରମ ବୈଷ୍ଣବୀ ଉପାଧି ଧାରଣ କରି ଓଡିଶାରେ ସୁଶାସନ ପ୍ରତିଷ୍ଠା କରିଥିଲେ । ଭୌମ ଯୁଗରେ ବୌଦ୍ଧ ଓ ଶୈବ ସଂସ୍କୃତିର ମିଳନରେ ପବିତ୍ର ଓଡିଶାରେ ଏକ ସମନ୍ୱୟାତ୍ମକ ସଂସ୍କୃତି ବିକାଶ ଲାଭ କରିଥିଲା । ଏହି ସମୟରେ ଓଡିଶା ତନ୍ତ୍ରଯାନର ଏକ ମୁଖ୍ୟ ପୀଠରେ ମାନ୍ୟତା ଲାଭ କରିଥିଲା । ଅଷ୍ଟମ ଶତାବ୍ଦୀରେ ରାଜା ତଥା ସାଧକ ଇନ୍ଦ୍ରଭୂତିଙ୍କ ମହନୀୟ ସାଧନାରୁ ବଜ୍ରଯାନ ଆତ୍ମପ୍ରକାଶ କରିଥିଲା । ତାତ୍ତ୍ୱିକ ବଜ୍ରଯାନର ଶୂନ୍ୟଦର୍ଶନ ଶୈବଦର୍ଶନ ସହିତ ସମ୍ମିଳିତ ହୋଇ ଶ୍ରୀ ଜଗନ୍ନାଥ ଉପାସନାରେ ଏକ ନବଦିଗନ୍ତ ସୃଷ୍ଟି କରିଥିଲା । ସେହି ଦୃଷ୍ଟିକୋଣରୁ ସମଗ୍ର ବିଶ୍ୱରେ ଓଡିଶା ଉଡ୍ଡୀୟାନ ତନ୍ତ୍ର ପୀଠ ରୂପେ ଖ୍ୟାତି ଲାଭ କଲା । ପ୍ରାକ୍-ଭୌମଯୁଗରେ କିୟତ୍କାଳ ଓଡିଶା ପ୍ରତିବେଶୀ ରାଜାଙ୍କ ଦ୍ୱାରା ଶାସିତ ହେଉଥିଲେ ହେଁ ଭୌମଯୁଗରେ ସାର୍ବଭୌମ ରାଷ୍ଟ୍ରର ମର୍ଯ୍ୟାଦା ଲାଭ କରିଥିଲା । ରାଜନୈତିକ ଦୃଷ୍ଟିକୋଣରୁ ବିଶ୍ୱ ଇତିହାସରେ ଭୌମବଂଶୀୟ ବୀରାଙ୍ଗନାଙ୍କର ରାଜତ୍ୱ ଉଲ୍ଲେଖନୀୟ । ତତ୍କାଳୀନ ଆରବ ବଣିକମାନେ ଏହାର ପ୍ରଶଂସା କରିଅଛନ୍ତି । ଗୌରବର ବିଷୟ, ୭୯୫ ଖ୍ରୀଷ୍ଟାବ୍ଦରେ ଭୌମରାଜା ଶୁଭାକର ଦେବ ପ୍ରାତଃ ସ୍ମରଣୀୟ ବୌଦ୍ଧ ସନ୍ନ୍ୟାସୀ ପ୍ରଜ୍ଞାଙ୍କ ମାଧ୍ୟମରେ ବୌଦ୍ଧଗ୍ରନ୍ଥ ଗଣ୍ଡବ୍ୟୂହ, ଚୀନ୍ ଦେଶର ସମ୍ରାଟ୍ ତେସିଙ୍ଗ୍‌ଙ୍କ ନିକଟକୁ ପ୍ରେରଣ କରି ଚୀନ ସହିତ ଓଡିଶାର ସାଂସ୍କୃତିକ ସଂପର୍କ ପ୍ରତିଷ୍ଠା କରିଥିଲେ । ତତ୍‌ପୂର୍ବରୁ ପ୍ରସିଦ୍ଧ ଚୀନ ପରିବ୍ରାଜକ ହୁଏନ୍‌ସାଂ ଓଡିଶା ଭ୍ରମଣ କରି ସ୍ୱରଚିତ ଭ୍ରମଣ କାହାଣୀରେ ଓଡିଶାର ଭୂୟସୀ ପ୍ରଶଂସା କରିଥିଲେ । ପ୍ରକାଶ ଯୋଗ୍ୟ ଯେ ଭୌମଯୁଗରେ ସ୍ୱାଭିମାନର ପ୍ରତୀକ ଏକ ସ୍ୱତନ୍ତ୍ର ଅବ୍ଦ ପ୍ରଚଳନ ହୋଇଥିଲା । ଏହି ସମୟରେ ଅନେକ ଶିବମନ୍ଦିର, ବୌଦ୍ଧପୀଠ ଓ ବିହାର ନିର୍ମିତ ହୋଇଥିଲା । ରତ୍ନଗିରି, ଲଳିତଗିରିର ବିହାର ତଥା ସ୍ତୂପର ଭଗ୍ନାବଶେଷ, ଭୁବନେଶ୍ୱରର ବୈତାଳ ମନ୍ଦିର, ହୀରାପୁରର ଚୌଷଠୀ ଯୋଗିନୀ ମନ୍ଦିର, ଢେଙ୍କାନାଳ ଜିଲ୍ଲା କୁଆଁକେଳର ଶିବମନ୍ଦିର, ପଶ୍ଚିମେଶ୍ୱର ମନ୍ଦିର ପ୍ରଭୃତି ଭୌମଯୁଗୀୟ ଶିଳ୍ପ, ସ୍ଥାପତ୍ୟ ଓ କଳାର ପରିଚୟ ପ୍ରଦାନ କରିଥାଏ । ତତ୍କାଳୀନ ତାମ୍ରପତ୍ର ମାନଙ୍କର ସେହି ସମୟରେ ଓଡିଶାରେ ଏକ ଉନ୍ନତ ସଭ୍ୟତା ଓ ସଂସ୍କୃତି ବିକାଶର ସୂଚନା ମିଳିଥାଏ ଭୌମ ଯୁଗହିଁ ଓଡିଶାର ସୁବର୍ଣ୍ଣ ଯୁଗ ଥିଲା । ଏହି ସମୟରେ ସିଦ୍ଧାଚାର୍ଯ୍ୟବୃନ୍ଦଙ୍କ ଦ୍ୱାରା ଓଡିଆ ସାହିତ୍ୟ । ଅଭ୍ୟୁଦୟ ହୋଇ ପୂର୍ବାଞ୍ଚଳ ଭାଷା ଗୋଷ୍ଠୀରେ ପ୍ରଥମ ସାହିତ୍ୟର ମାନ୍ୟତା ଲାଭ କରିଥିଲା ।

ଭୌମକରବଂଶ ପରେ ଓଡିଶାର ପଶ୍ଚିମାଞ୍ଚଳରେ ରାଜତ୍ୱ କରୁଥିବା ସୋମବଂଶୀ ନୃପତିଗଣ ପରମ ଭଟ୍ଟାରକ, ପରମ ମାହେଶ୍ୱର ତ୍ରିକଳିଙ୍ଗାଧିପତି ଉପାଧି ଧାରଣ ପୂର୍ବକ ସମଗ୍ର ଓଡିଶାକୁ ଏକ ଶାସନାଧୀନ କରିଥିଲେ । ସୋମବଂଶୀ ଯଯାତି ବିରଜାକ୍ଷେତ୍ର ଯାଜପୁରରେ ଶାସନସ୍ଥାପନ କରି ଦଶାଶ୍ୱମେଧ ଯଜ୍ଞାନୁଷ୍ଠାନ ପୂର୍ବକ ବ୍ରାହ୍ମଣ୍ୟ ଧର୍ମର ପୁନରୁତ୍‌ଥାନ ଘଟାଇଥିଲେ । ମାଦଳା ପାଞ୍ଜି ବର୍ଣ୍ଣନାନୁଯାୟୀ ଯଯାତିଙ୍କ ଦ୍ୱାରା ଶ୍ରୀକ୍ଷେତ୍ର ପୁରୀରେ ଅଠତିରିଶ ହାତ ଦେଉଳ ନିର୍ମାଣ ହୋଇ ଚତୁର୍ଦ୍ଧାମୂର୍ତ୍ତି ସ୍ଥାପିତ ହୋଇଥିଲେ । ଚୌଦ୍ୱାରଠାରେ ଶିବାଳୟ ପରିପୂର୍ଣ୍ଣ ସୁଦୃଢ ପ୍ରାଚୀର ପରିବେଷ୍ଟିତ ଦୁର୍ଗ ନିର୍ମାଣ ପୂର୍ବକ ଯଯାତି ନଗର ନାମରେ ଏକ ନୂତନ ରାଜଧାନୀ ମଧ୍ୟ ସେ ପ୍ରତିଷ୍ଠା କରିଥିଲେ । ଲିଙ୍ଗରାଜ ମନ୍ଦିର, ରାଜାରାଣୀ ମନ୍ଦିର, ବ୍ରହ୍ମେଶ୍ୱର ମନ୍ଦିର, ମୁକ୍ତେଶ୍ୱର ମନ୍ଦିର, କୁଶଭଦ୍ରା ନଦୀତଟସ୍ଥ କୋଣାର୍କେଶ୍ୱର ମନ୍ଦିର, ବୌଦ୍ଧର ରାମେଶ୍ୱର ମନ୍ଦିର, କଟକର ପଥରବନ୍ଧ ପ୍ରଭୃତି ଏହି ବଂଶର କୀର୍ତ୍ତି । ସୋମବଂଶ ରାଜତ୍ୱ କାଳରେ ଆଦି ଶଙ୍କରାଚାର୍ଯ୍ୟ ଶ୍ରୀକ୍ଷେତ୍ରରେ ପଦାର୍ପଣ କରି ଭୋଗବର୍ଦ୍ଧନ ପୀଠ ସ୍ଥାପନ କରିଥିଲେ । ଏହି ସମୟରେ ଉତ୍କଳୀୟ ପଣ୍ଡିତ ମୁରାରୀ, ପୁରୁଷୋତ୍ତମ, ନାରାୟଣ ଆଦିଙ୍କ ଦ୍ୱାରା ଅନର୍ଘରାଘବ, ତ୍ରିକାଣ୍ଡକୋଷ, ହାରାବଳୀ, ଜ୍ଞାନାର୍ଣ୍ଣବ, ରାମାଭ୍ୟୁଦୟ ପ୍ରଭୃତି କାବ୍ୟ ଓଡିଶା ମାଟିରେ ହିଁ ରଚିତ ହୋଇଥିଲା । ଦୀର୍ଘ ଦେଢ ଶହ ବର୍ଷବ୍ୟାପୀ ସୋମବଂଶ ରାଜତ୍ୱକାଳରେ ସମଗ୍ର ଓଡିଶା ଏକ ଶାସନାଧୀନ ହୋଇ ଶୈବ, ଶାକ୍ତ ଓ ବୈଷ୍ଣବ ସଂସ୍କୃତିର ମହାମିଳନ ସଂଘଟିତ ହୋଇଥିଲା । ସର୍ବଭାରତୀୟ ସ୍ତରରେ ଓଡିଆ ଜାତିର ଆଚାର ବିଚାର ଓ ସଂସ୍କୃତିର ଆତ୍ମ ପରିଚୟ ପ୍ରଦାନ କରିବାରେ ସୋମବଂଶୀ ନୃପତିଗଣ ପ୍ରଯତ୍ନଶୀଳ ଥିଲେ ।

ସୋମବଂଶର ଶେଷରାଜା କର୍ଣ୍ଣଦେବ ବା ସୁବର୍ଣ୍ଣ କେଶରୀଙ୍କ ପରେ ଦକ୍ଷିଣ ଓଡିଶାର ମୁଖଲିଙ୍ଗଠାରେ ରାଜତ୍ୱ କରୁଥିବା ଗଙ୍ଗବଂଶୀ ନରପତିଗଣ ଦ୍ୱାଦଶ ଶତାବ୍ଦୀର ପ୍ରାରମ୍ଭରୁ ଦୀର୍ଘ ତିନିଶହ ବର୍ଷରୁ ଉର୍ଦ୍ଧ୍ୱ ସମୟ ଧରି ଆଗଙ୍ଗା ଗୋଦାବରୀ ବିଶାଳ ଓଡିଶାକୁ ଶାସନ କରିଥିଲେ । ଗଙ୍ଗବଂଶର ପ୍ରତିଷ୍ଠାତା ଚୋଡଗଙ୍ଗଦେବଙ୍କ ଦ୍ୱାରା ବର୍ତ୍ତମାନର ଶ୍ରୀ ଜଗନ୍ନାଥ ମନ୍ଦିର ନିର୍ମିତ । ଏତଦ୍‌ଭିନ୍ନ ବୃହତ୍ କୌଶଲ୍ୟାଗଙ୍ଗ ଜଳାଶୟ, ଅନେକ ଦୁର୍ଗ ଓ ମନ୍ଦିର ମଧ୍ୟ ତାଙ୍କର କୀର୍ତ୍ତି । ଗଙ୍ଗବଂଶୀ ଅନଙ୍ଗ ଭୀମଦେବ ବିଶାଳ ଓଡିଶା ସାମ୍ରାଜ୍ୟକୁ ଶ୍ରୀ ଜଗନ୍ନାଥଙ୍କ ପାଦପଦ୍ମରେ ସମର୍ପଣ

କରି ନିଜକୁ ଦୀନହୀନ ଅକିଞ୍ଚନ ଭାରତ ରୂପେ ଘୋଷଣା ପୂର୍ବକ ମହାନ୍ ବିନୟତାର ପରିଚୟ ଦେଇ ଯାଇଛନ୍ତି । ତଦୀୟ ପୁତ୍ର ଲାଙ୍ଗୁଳା ନରସିଂହ ଦେବ କୋଣାର୍କର ବିଶ୍ୱ ପ୍ରସିଦ୍ଧ ସୂର୍ଯ୍ୟମନ୍ଦିର, ରେମୁଣାର ଗୋପୀନାଥ ମନ୍ଦିର, କପିଳାସର ଚନ୍ଦ୍ରଶେଖର ମନ୍ଦିର ପ୍ରଭୃତି ଅନେକ ମନ୍ଦିର ନିର୍ମାଣ କରିଥିଲେ । ଭଗ୍ନୀ ଚନ୍ଦ୍ରିକାଦେବୀ ବିନ୍ଦୁ ସରୋବର କୂଳରେ ରମଣୀୟ ଅନନ୍ତ ବାସୁଦେବ ମନ୍ଦିର ନିର୍ମାଣ କରି ପାଷାଣ ନିର୍ମିତ ବଳରାମ, କୃଷ୍ଣ ଓ ସୁଭଦ୍ରା ମୂର୍ତ୍ତି ପ୍ରତିଷ୍ଠା କରିଯାଇଛନ୍ତି । ସାମରିକ ଦୃଷ୍ଟିକୋଣରୁ ଗଙ୍ଗରାଜାଗଣ ଥିଲେ ଅନନ୍ୟ । ବିଶାଳ ଉତ୍କଳ ସେନାବାହିନୀ ଦ୍ୱାରା ସେମାନେ ଓଡ଼ିଶାର ସ୍ୱାଧୀନତା ଓ ଗୌରବ ରକ୍ଷାକରି ପାରିଥିଲେ । ଏହି ସମୟରେ ରାଜା, ରାଜକର୍ମଚାରୀ, ସୈନିକ ତଥା ପ୍ରଜାବର୍ଗଙ୍କର ଜାତୀୟତାବୋଧ ପୂର୍ଣ୍ଣମାତ୍ରାରେ ସକ୍ରିୟ ଥିଲା । ଗଙ୍ଗଯୁଗରେ ଓଡ଼ିଶାର ଐଶ୍ୱର୍ଯ୍ୟ, ବିଭବ ଓ ସମୃଦ୍ଧି ଉନ୍ନତିର ଶୀର୍ଷ ସୀମା ସ୍ପର୍ଶ କରିଥିଲା । ଉଲ୍ଲେଖ ଯୋଗ୍ୟ ଯେ ପ୍ରାତଃସ୍ମରଣୀୟ କବି ଜୟଦେବ ଗଙ୍ଗଯୁଗରେ ହିଁ ପବିତ୍ର ନୀଳାଚଳ ଧାମରେ ଶ୍ରୀ ଗୀତଗୋବିନ୍ଦ ରଚନା ପୂର୍ବକ ମହାତ୍ମା ଗୌତମ ବୁଦ୍ଧଙ୍କୁ ନବମ ଅବତାର ରୂପେ ଚିତ୍ରଣ କରିଥିଲେ । ପରବର୍ତ୍ତୀ କାଳରେ ଓଡ଼ିଆ ଜାତିର ଏହି ମହାନ୍ ପ୍ରରୋଦୃଷ୍ଟି ସର୍ବ ଭାରତୀୟ ସ୍ତରରେ ପ୍ରଚାର ଓ ପ୍ରସାର ହୋଇ ସାର୍ବଜନୀନ ମାନ୍ୟତା ଲାଭ କରିଥିଲା । ଏହାଦ୍ୱାରା ଓଡ଼ିଶା ମାଟିରୁ ହିଁ ସନାତନ ସଂସ୍କୃତି ସହିତ ବୌଦ୍ଧ ସଂସ୍କୃତିର ସମନ୍ୱୟ ସଂଘଟିତ ହୋଇ ବିଶେଷ ଜନାଦୃତି ଲାଭ କରିଥିଲା । ଗଙ୍ଗ ଯୁଗରେ ହିଁ ବିଶ୍ୱପ୍ରସିଦ୍ଧ ଟୀକାକାର ଶ୍ରୀଧର ସ୍ୱାମୀ କପିଳାସ ପୀଠରେ ଶ୍ରୀମଦ୍ ଭାଗବତ, ଶ୍ରୀମଦ୍ ଭଗବଦ୍‌ଗୀତା, ବିଷ୍ଣୁପୁରାଣ ପ୍ରଭୃତି ଦୁର୍ଲଭ ଶାସ୍ତ୍ରର ଭାଷ୍ୟ ସରଳ ବୋଧଗମ୍ୟ ସଂସ୍କୃତ ଭାଷାରେ ରଚନା କରିଥିଲେ । ବିଶିଷ୍ଟାଦ୍ୱୈତର ମହାନ୍ ପ୍ରବକ୍ତା ଆଚାର୍ଯ୍ୟ ରାମାନୁଜ ଗଙ୍ଗରାଜତ୍ୱରେ ଓଡ଼ିଶା ମାଟିରେ ବୈଷ୍ଣବଧର୍ମ ପ୍ରଚାର କରିଥିଲେ । ସେହି ସମୟରେ ଓଡ଼ିଶାରେ ଶୈବ ସଂସ୍କୃତି ସହିତ ବୈଷ୍ଣବ ସଂସ୍କୃତିର ମହାନ୍ ସମନ୍ୱୟ ସୃଷ୍ଟି ହୋଇଥିଲା । ଗଙ୍ଗ ରାଜତ୍ୱରେ କବି ବିଶ୍ୱନାଥ ସାହିତ୍ୟ ଦର୍ପଣ ସମେତ ଅନେକ ସଂସ୍କୃତ ଶାସ୍ତ୍ର ରଚନା କରିଥିଲେ । ତଦୀୟ ପିତା ଚନ୍ଦ୍ରଶେଖର ପୁଷ୍ପମାଳା ଓ ଭାଷାର୍ଣ୍ଣବ ରଚନା କରିଥିଲେ । ଗଙ୍ଗଯୁଗୀୟ ପ୍ରଶାସନ ଅତ୍ୟନ୍ତ ଉଚ୍ଚକୋଟୀର ଥିଲା ।

ପଞ୍ଚଦଶ ଶତାବ୍ଦୀରେ ସୂର୍ଯ୍ୟବଂଶୀ ରାଜାବୃନ୍ଦ ଗଜପତି ପଦବୀ ଧାରଣ କରି ଶ୍ରୀ ଜଗନ୍ନାଥଙ୍କ କରୁଣାରୁ ଓଡ଼ିଶା ଶାସନ କରିଥିଲେ । ଏହି ବଂଶର ପ୍ରତିଷ୍ଠାତା କପିଳେନ୍ଦ୍ରଦେବ ଜାତ୍ୟାଭିମାନରେ ବିଶେଷ ଗୌରବ ଅର୍ଜ୍ଜନ କରୁଥିଲେ । ତାଙ୍କ ସମୟରେ ଓଡ଼ିଆଭାଷା ରାଜକୀୟ ତଥା ଶାସନ କାର୍ଯ୍ୟରେ ବ୍ୟବହୃତ ହୋଇଥିଲା । ଏହାଙ୍କ ରାଜତ୍ୱରେ ମାଟିର ମହାକବି ସାରଳାଦାସ ଓଡ଼ିଆ ସାହିତ୍ୟକୁ ବିଶାଳ ମହାଭାରତରୂପୀ ଜ୍ଞାନମୟ ପୁଷ୍ପମାଲ୍ୟରେ ବିମଣ୍ଡିତ କରିଥିଲେ । ସାରଳା ମହାଭାରତ ଓଡ଼ିଶାର ସଂସ୍କୃତି, ସାହିତ୍ୟ, ଧର୍ମ, ଦର୍ଶନ, ଐତିହ୍ୟ, ସାମାଜିକ ରୀତିନୀତି ଏବଂ ରାଜନୈତିକ ବିଚାର ବିମର୍ଶର ଏକ ଅମୂଲ୍ୟନିଧି । ସ୍ମରଣଯୋଗ୍ୟ ଯେ ଆର୍ଯ୍ୟ ଭାଷା ଗୋଷ୍ଠୀ ଅନ୍ତର୍ଗତ ଆଞ୍ଚଳିକ ଭାଷାରେ ପ୍ରଥମ ଓଡ଼ିଆରେ ସାରଳାଦାସ କର୍ତ୍ତୃକ ମହାଭାରତ ରଚନା ହୋଇଥିଲା । ଗଜପତି କପିଳେନ୍ଦ୍ର ଦେବ ମଧ୍ୟ ଜଣେ ଅସାଧାରଣ ବିଦ୍ୱାନ ଥିବାର ତତ୍‌କୃତ 'ପରଶୁରାମ ବିଜୟ' ନାଟକରୁ ଜଣାଯାଏ । ଏହି ଦିଗ୍‌ବିଜୟୀ ବୀରଙ୍କର ଅବସାନ ପରେ ତଦୀୟ ପୁତ୍ର ପୁରୁଷୋତ୍ତମଦେବ ଗଜପତି ପଦବୀରେ ଅଭିଷିକ୍ତ ହୋଇଥିଲେ । କିମ୍ବଦନ୍ତୀ ଅନୁଯାୟୀ ତାଙ୍କୁ କାଞ୍ଚିକାବେରୀ ଯୁଦ୍ଧରେ ଜୟଯୁକ୍ତ କରାଇବା ନିମିତ୍ତ ସ୍ୱୟଂ ପ୍ରଭୁ ବଳରାମ ଓ ଜଗନ୍ନାଥ ଧଳାକଳା ଘୋଡ଼ା ଚଢ଼ି ଓଡ଼ିଆ ସୈନିକ ବେଶରେ ରଣାଙ୍ଗନରେ ଉପଗତ ହୋଇଥିଲେ । ସୂର୍ଯ୍ୟ ବଂଶ ରାଜତ୍ୱରେ ପବିତ୍ର ଓଡ଼ିଶାମାଟିରେ ପ୍ରାତଃସ୍ମରଣୀୟ ପଞ୍ଚସଖା ଜନ୍ମଲାଭ କରି ଦାର୍ଶନିକ ମୂଲ୍ୟବୋଧଭିତ୍ତିକ ଉଚ୍ଚାଙ୍ଗ ଦର୍ଶନରେ ଓଡ଼ିଆ ସାହିତ୍ୟକୁ ପରିପୁଷ୍ଟ କରିଥିଲେ । ବିଶେଷତଃ ଅତିବଡ଼ୀ ଜଗନ୍ନାଥ ଦାସ ନବାକ୍ଷରୀ ବୃତ୍ତରେ ଓଡ଼ିଆ ଭାଗବତ ରଚନା କରି ଏ ଜାତିର ଏକାନ୍ତ ଆତ୍ମୀୟ ହୋଇପାରିଥିଲେ । ପ୍ରତାପରୁଦ୍ରଦେବଙ୍କ ରାଜତ୍ୱରେ ଶ୍ରୀ ଚୈତନ୍ୟ ନୀଳାଚଳ ଧାମରେ ଶୁଦ୍ଧାଭକ୍ତିମୂଳକ ବୈଷ୍ଣବଧର୍ମ ପ୍ରଚାର କରିଥିଲେ । ଏହି ସମୟରେ ଶ୍ରୀଜଗନ୍ନାଥଙ୍କୁ କେନ୍ଦ୍ରକରି ଭକ୍ତି ଭାବଧାରାର ମଧୁର ମୂର୍ଚ୍ଛନା ସୃଷ୍ଟି ହୋଇଥିଲା ।

ସୂର୍ଯ୍ୟବଂଶ ପରେ ମୁକୁନ୍ଦଦେବ ସ୍ୱଳ୍ପକାଳ ନିମିତ୍ତ ଓଡ଼ିଶା ଶାସନ କରିଥିଲେ । ଗଙ୍ଗାର ତ୍ରିବେଣୀଘାଟ ଓ ବାରବାଟୀର ନବତଳ ରାଜ ପ୍ରାସାଦ ଏହାଙ୍କ କୀର୍ତ୍ତି । ସ୍ୱଳ୍ପକାଳ ରାଜତ୍ୱ କଲେ ମଧ୍ୟ ସେ ଏଯାବତ୍ ଲୋକ ସ୍ମୃତିରେ ଉଜ୍ଜୀବିତ । ତତ୍‌ପରେ ଓଡ଼ିଶାର ଗୌରବ ରବି ଅସ୍ତମିତ ହୋଇଗଲେ ଏବଂ ରାମଚନ୍ଦ୍ରଦେବ ନାମକୁ ମାତ୍ର ଖୋର୍ଦ୍ଧାର ରାଜା ରହି ଓଡ଼ିଆଜାତିର ପ୍ରତିନିଧି ରୂପେ ଶ୍ରୀ ଜଗନ୍ନାଥଙ୍କର ପ୍ରଥମ ସେବକର ମାନ୍ୟତା ଲାଭ କଲେ । ଓଡ଼ିଆ ଜାତିର ଘୋର ଦୁର୍ଦ୍ଦିନରେ ଶ୍ରୀ ମନ୍ଦିରରେ ଜଗନ୍ନାଥଙ୍କର ପୁନଃ ପ୍ରତିଷ୍ଠା କରିଥିବାରୁ ରାମଚନ୍ଦ୍ରଦେବ ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ନାମରେ ପ୍ରସିଦ୍ଧି ଲାଭ କରିଥିଲେ । ଦୀର୍ଘକାଳ ଓଡ଼ିଶା ମୁସଲମାନ ଓ ଇଂରେଜ ଶାସନାଧୀନ ରହିଥିଲେ ହେଁ ତାଙ୍କର ବଂଶଧର ବୃନ୍ଦ ଏ ଅବଧି ଗଜପତି ପଦବୀରେ ଅଧିଷ୍ଠିତ ହୋଇ ଆସୁଅଛନ୍ତି । ଏହି ପଦବୀ ଓଡ଼ିଆ ଜାତିର ସ୍ୱାଭିମାନର ପଦବୀ । ପରିଶେଷରେ ଓଡ଼ିଶା ୧୯୪୮ ମସିହାଠାରୁ ସ୍ୱାଧୀନ ଭାରତର ଅନ୍ୟତମ ପ୍ରଦେଶର ମାନ୍ୟତା ଲାଭ କରିଛି ।

ପ୍ରାଚୀନ କାଳରୁ ଓଡ଼ିଆମାନେ ନୌବହର ଜାତିରୂପେ ବି ଦରବାରରେ ସୁପରିଚିତ । ଓଡ଼ିଆ ସାଧବପୁଅମାନେ ବହିର୍ଦ୍ଦେଶୀୟ ନୌବାଣିଜ୍ୟ ଦୃଷ୍ଟିରୁ ଥିଲେ ଭାରତର ଗର୍ବ ଓ ଗୌରବ । ସେମାନେ ବାଣିଜ୍ୟ ମାଧ୍ୟମରେ ଭାରତୀୟ ସଂସ୍କୃତିର ବହୁଳ ପ୍ରସାର ଘଟାଇଥିଲେ । ବାଣିଜ୍ୟ ଦ୍ୱାରା ସେମାନେ ବିଦେଶରୁ ଅସରନ୍ତି ଧନଦୌଲତ ବୋହି ଆଣି ଓଡ଼ିଶାକୁ ଐଶ୍ୱର୍ଯ୍ୟଶାଳୀ ଓ ସମୃଦ୍ଧ କରିଥିଲେ । ବହୁ ପ୍ରାଚୀନ କାଳରୁ ଓଡ଼ିଆମାନେ ଶିଳ୍ପ, କଳା, ଭାସ୍କର୍ଯ୍ୟ ଓ ସ୍ଥାପତ୍ୟରେ ସମଗ୍ର ଭାରତବର୍ଷର ଅଗ୍ରଣୀ ଥିଲେ । ଆବହମାନ କାଳରୁ ଓଡ଼ିଶାରେ ସମନ୍ୱୟ ଧର୍ମଧାରା ପ୍ରବାହିତ । ଓଡ଼ିଶୀ ସଙ୍ଗୀତ ଏକ ପ୍ରାଚୀନ ଶାସ୍ତ୍ରୀୟ ସଙ୍ଗୀତ ।

ଗବେଷକମାନଙ୍କ ମତରେ ଭାରତର ଶାସ୍ତ୍ରୀୟ ନୃତ୍ୟ ମଧ୍ୟରେ ଓଡ଼ିଶୀ ନୃତ୍ୟ ପ୍ରାଚୀନତମ । ଓଡ଼ିଶୀ ଲୋକ ନୃତ୍ୟର ସ୍ୱାତନ୍ତ୍ର୍ୟ ରହିଛି । ଓଡ଼ିଶାରେ ରଚିତ ଅନେକ ସଂସ୍କୃତ କାବ୍ୟ, ଧର୍ମଶାସ୍ତ୍ର, ପୁରାଣ, ନାଟକ ଓଡ଼ିଶା ବାହାରେ ସୁରକ୍ଷିତ । ସଂସ୍କୃତ, ହିନ୍ଦୀ, ବଙ୍ଗଳା, ବ୍ରଜବୋଲି ଓ ଅହମିୟା ସାହିତ୍ୟକୁ ଓଡ଼ିଶାର ଦାନ ଅବର୍ଣ୍ଣନୀୟ । ଭାରତୀୟ ଅନ୍ୟାନ୍ୟ ସାହିତ୍ୟ ସହିତ ଓଡ଼ିଆ ସାହିତ୍ୟର ତୁଳନାତ୍ମକ ଅଧ୍ୟୟନ କଲେହିଁ ଏହାର ମହନୀୟତା ହୃଦୟଙ୍ଗମ କରିହୁଏ । ଓଡ଼ିଆ ଭାଷା ଏକ ରସାନନ୍ଦ ପରିପୂର୍ଣ୍ଣ ମଧୁର ଭାଷା ।

ଭାରତୀୟ ସ୍ୱାଧୀନତା ସଂଗ୍ରାମକୁ ଓଡ଼ିଶାର ଦାନ ଅତୁଳନୀୟ । ୧୭୫୯ ଖ୍ରୀଷ୍ଟାବ୍ଦରେ ଫରାସୀମାନେ ଓଡ଼ିଆ ପାଇକଙ୍କର ଅଭୂତପୂର୍ବ ରଣକୌଶଳରେ ଭୀତହୋଇ ଗଞ୍ଜାମ ଅଧିକାର କରିବା ଆଶା ପରିତ୍ୟାଗ କରିଥିଲେ । ୧୭୬୭ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ଗଞ୍ଜାମ ଅଞ୍ଚଳ ସ୍ଥିତ ପାଇକମାନଙ୍କର ରାଜଭକ୍ତି, ସ୍ୱଦେଶପ୍ରେମ ଓ ସମର ନୈପୁଣ୍ୟ ଦେଖି ବିସ୍ମୟାଭିଭୂତ ହୋଇଯାଇଥିଲେ । ଓଡ଼ିଆ ପାଇକମାନଙ୍କୁ ପରାସ୍ତ କରି ଇଂରେଜମାନେ ଓଡ଼ିଶା ଅଧିକାର କରିବାକୁ ସାହସ କରିନପାରି ଭାରତର ଅନ୍ୟାନ୍ୟ ଅଞ୍ଚଳ ଦଖଲ କରିବା ପରେ ସର୍ବଶେଷରେ ଓଡ଼ିଶା ଅଧିକାର କରିଥିଲେ । ୧୮୦୩ ଖ୍ରୀଷ୍ଟାବ୍ଦରେ ଇଂରେଜମାନେ ପ୍ରତାରଣାପୂର୍ବକ ଓଡ଼ିଶା ଅଧିକାର କରିଥିଲେ ମଧ୍ୟ ଓଡ଼ିଆ ଜାତି ସହଜରେ ପରାଧୀନତାକୁ ସ୍ୱୀକାର କରିନଥିଲା । ଏହାର ଚଉଦ ବର୍ଷପରେ ୧୮୧୭ ମସିହାରେ ଇଂରେଜମାନଙ୍କ ବିରୁଦ୍ଧରେ ଏକ ଭୟଙ୍କର ପାଇକ ବିଦ୍ରୋହ ସଂଘଟିତ ହୋଇଥିଲା । ବକ୍ସି ଜଗବନ୍ଧୁଙ୍କ ନେତୃତ୍ୱରେ ଏହି ପାଇକ ବିଦ୍ରୋହ ଥିଲା ଭାରତର ପ୍ରଥମ ସ୍ୱାଧୀନତା ସଂଗ୍ରାମ । ବୀର ସୁରେନ୍ଦ୍ରସାଏଙ୍କ ସ୍ୱାଧୀନତା ସଂଗ୍ରାମ ଇଂରେଜ ସରକାରଙ୍କୁ ଆତଙ୍କିତ କରିଥିଲା । ସମ୍ବଲପୁର, ଅନୁଗୁଳ ଓ ବାଙ୍କୀର ତତ୍କାଳୀନ ପାଇକ ଓ ଶାସକଙ୍କୁ ଭୟ କରି ଇଂରେଜମାନେ ଛଳେବଳେ କୌଶଳେ ସେହିସବୁ ଅଞ୍ଚଳରେ ପ୍ରତ୍ୟକ୍ଷ ଶାସନ ଜାରୀ କରିଥିଲେ । ଢେଙ୍କାନାଳରେ ବାରବର୍ଷର ବାଳକ ବାଜିରାଉତ ଇଂରେଜସୈନ୍ୟଙ୍କ ବନ୍ଧୁକ ସମ୍ମୁଖରେ ଛାତି ଦେଖାଇଦେଲା ।

ଗୌରବୋଜ୍ଜ୍ୱଳ ଐତିହ୍ୟର ସ୍ମୃତିଚାରଣ ହିଁ ସଭ୍ୟତାର ପରିମାପକ ତଥା ଜାତୀୟ ଜୀବନର ଉତ୍ସ । ଯେଉଁ ଜାତି ଆପଣାର ପୂର୍ବ ଐତିହ୍ୟରେ ଉଲ୍ଲସିତ ହୋଇ ଅଗ୍ରସର ହୋଇଥାଏ, ସେହି ଜାତିର ଜାତୀୟ ଜୀବନ ଉନ୍ନତ, ଇତିହାସ ହିଁ ଜାତିର ସମଷ୍ଟିଗତ ସ୍ମୃତି ତଥା ସ୍ୱଜାତ୍ୟାଭିମାନ ଜନକ । ଜାତୀୟ ଜାଗରଣ ବିକଶିତ ନହେଲେ ଜାତିର ସମୃଦ୍ଧି ଅସମ୍ଭବ । ଓଡ଼ିଶାର ଗୌରବୋଜ୍ଜ୍ୱଳ ଅତୀତକୁ ସ୍ମରଣକରି ସମ୍ଭାବନାମୟ ଭବିଷ୍ୟତ ଦିଗରେ ଅଗ୍ରସର ହେବା ଆମର ଜାତୀୟ ଲକ୍ଷ୍ୟ ହେବା ଉଚିତ୍ ।

ଚଡ଼ପଡ଼ା ସାହି
ଢେଙ୍କାନାଳ - ୭୫୯୦୦୧

## ରାଜ୍ୟସ୍ତରୀୟ ଗାନ୍ଧୀ ଜୟନ୍ତୀ

ଗତ ଅକ୍ଟୋବର ୨ ତାରିଖରେ ଓଡ଼ିଶା ବିଧାନସଭା ପ୍ରାଙ୍ଗଣରେ ରାଜ୍ୟ ସରକାରଙ୍କ ତରଫରୁ ସୂଚନା ଓ ଲୋକସମ୍ପର୍କ ବିଭାଗ ଦ୍ୱାରା ଜାତିର ଜନକ ମହାମାନବ ମହାତ୍ମା ଗାନ୍ଧୀଙ୍କ ୧୨୮ ତମ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି ।

ଏହି ଉପଲକ୍ଷେ ଆୟୋଜିତ ଉତ୍ସବରେ ଯୋଗଦେଇ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ତାଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ ପୂର୍ବକ କହିଲେ ଯେ, ସତ୍ୟ, ଶାନ୍ତି ଓ ଅହିଂସାର ଉପାସକ ମହାତ୍ମାଗାନ୍ଧୀ ସାରା ବିଶ୍ୱକୁ ଏକ ନୂତନ ଦିଗ୍‌ଦର୍ଶନ ଦେଖାଇ ଯେଉଁ ମହାନ୍ ଆଦର୍ଶ ସ୍ଥାପନ କରି ଯାଇଛନ୍ତି, ସେଥିପାଇଁ ବିଶ୍ୱବାସୀ ତାଙ୍କୁ ସବୁଦିନ ପାଇଁ ମନେ ରଖିଥିବେ । ଅହିଂସା ମହାମନ୍ତ୍ରରେ ଭାରତବାସୀଙ୍କୁ ଦୀକ୍ଷିତ କରାଇ ସ୍ୱାଧୀନତା ଆନ୍ଦୋଳନକୁ ଗଣ ଆନ୍ଦୋଳନରେ ପରିଣତ କରି ପ୍ରବଳ ପରାକ୍ରମୀ ଇଂରେଜ ସାମ୍ରାଜ୍ୟବାଦ କବଳରୁ ଆମକୁ ସ୍ୱାଧୀନ କରାଇ ସେ ଆଜି ଜାତିର ଜନକ ଭାବେ ଆମମାନଙ୍କ ହୃଦୟରେ ସ୍ଥାନ ପାଇଛନ୍ତି । ଗାନ୍ଧୀଜୀଙ୍କ ଗ୍ରାମଭିତ୍ତିକ ଗଣତନ୍ତ୍ର ପ୍ରତିଷ୍ଠା ତଥା ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ସ୍ୱାଧୀନତାର ସ୍ୱପ୍ନକୁ ସାକାର କରିବା ପାଇଁ ଏକାବଦ୍ଧ ହେବାକୁ ପଡ଼ିବ । ଦେଶରୁ ଦାରିଦ୍ର୍ୟ, ବେକାରୀ, ଅସ୍ପୃଶ୍ୟତା ଏବଂ ନାରୀ ଜାତିର ଉନ୍ନତି ପାଇଁ ଗାନ୍ଧୀଜୀଙ୍କ ବାଣୀ ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ତାଙ୍କ ପରିକଳ୍ପିତ ରାମରାଜ୍ୟ ପ୍ରତିଷ୍ଠା କରିବା ଲାଗି ବ୍ରତୀ ହେବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଜନସାଧାରଣଙ୍କୁ ଆହ୍ୱାନ ଦେଇଥିଲେ ।

ଓଡ଼ିଶା ବିଧାନସଭାର ବାଚସ୍ପତି ଶ୍ରୀ ଚିନ୍ତାମଣି ଦ୍ୟାନ୍ ସାମନ୍ତରାୟ ଭାରତକୁ ଏକ ସାର୍ବଭୌମ, ଧର୍ମନିରପେକ୍ଷ, ଗଣତାନ୍ତ୍ରିକ ରାଷ୍ଟ୍ରରେ ପରିଣତ କରି ଦେଶରୁ ଦାରିଦ୍ର୍ୟ ଦୂର କରିବା ପାଇଁ ଗାନ୍ଧୀଜୀ ଯେଉଁ ପରିକଳ୍ପନା କରିଥିଲେ, ତାହାକୁ ବାସ୍ତବରୂପ ଦେବା ପାଇଁ ତାଙ୍କ ନୀତି ଓ ଆଦର୍ଶରେ ଏକନିଷ୍ଠ ଭାବେ କାର୍ଯ୍ୟ କରିବାକୁ ଆହ୍ୱାନ ଦେଇଥିଲେ । ସୂଚନା ଓ ଲୋକସମ୍ପର୍କ ରାଷ୍ଟ୍ରମନ୍ତ୍ରୀ ଶ୍ରୀ ନିତ୍ୟାନନ୍ଦ ମଲ୍ଲିକ ମହାତ୍ମା ଗାନ୍ଧୀଙ୍କ ପ୍ରତି ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଆଜିର ଏହି ପବିତ୍ର ଦିବସରେ ତାଙ୍କର ସ୍ୱପ୍ନର ରାମରାଜ୍ୟ ପ୍ରତିଷ୍ଠା ପାଇଁ ପ୍ରତ୍ୟେକ ସଚେତନ ନାଗରିକ ଉଦ୍‌ବୋଧିତ ହୋଇ ଆଗେଇ ଆସିବାକୁ ଆହ୍ୱାନ ଦେଇଥିଲେ । ଯେଉଁ ଦିନ ଦେଶର ଅବହେଳିତ ଶୋଷିତ ଜନସାଧାରଣ ପେଟକୁ ଦାନା, ପିଠିକୁ କନା ଓ ରହିବାପାଇଁ ବାସଗୃହ ପାଇ ପାରିବେ, ସେହିଦିନ ସ୍ୱାଧୀନତାର ଅର୍ଥ ସାର୍ଥକ ହେବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ ପ୍ରକାଶ କରିଥିଲେ ।

# ପ୍ରାଚୀନ ଓଡ଼ିଶାର ସାମୁଦ୍ରିକ ସହର : ତାମ୍ରଲିପ୍ତି

*ଶ୍ରୀମତୀ ଗୀତା ଦେବୀ*

ଓଡ଼ିଶା କହିଲେ ଆଜି ଯେଉଁ ଭୂଖଣ୍ଡକୁ ବୁଝାଇଥାଏ, ତାହା ଇତିହାସରେ ଦିନେ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ବିସ୍ତୃତ ହୋଇ ଓଡ୍ର, ଉତ୍କଳ ଓ କଳିଙ୍ଗ ନାମରେ ପରିଚିତ ହେଉଥିଲା । ସିଂହଳ, ବର୍ମା ଏବଂ ପୂର୍ବ ଭାରତୀୟ ଦ୍ୱୀପପୁଞ୍ଜ ସହିତ ସାମୁଦ୍ରିକ ବାଣିଜ୍ୟରେ ସଂଶ୍ଳିଷ୍ଟ ଥିବା ଏହି ବିସ୍ତୃତ ଭୂଭାଗ ପରବର୍ତ୍ତୀ କାଳରେ ସେହି ଦରିଆପାରି ଦେଶଗୁଡ଼ିକରେ ହିନ୍ଦୁ ଏବଂ ବୌଦ୍ଧଧର୍ମ ପ୍ରସାରର ଏକ ମୁଖ୍ୟ କେନ୍ଦ୍ର ହୋଇ ପଡ଼ିଥିଲା । ବାଣିଜ୍ୟଠାରୁ ଧର୍ମପ୍ରଚାର ପର୍ଯ୍ୟନ୍ତ ସମସ୍ତ ଦରିଆପାରି କାର୍ଯ୍ୟକଳାପ ଏହାର ଏକାଧିକ ସମୃଦ୍ଧ ବନ୍ଦର ଯଥା କଳିଙ୍ଗ ନଗର, ପାଲୁର, ଚେଳିତାଲୋ ଏବଂ ତାମ୍ରଲିପ୍ତି ମାଧ୍ୟମରେ ପରିଚାଳିତ ହେଉଥିଲା । ସମସ୍ତ ବନ୍ଦର ମଧ୍ୟରେ ତାମ୍ରଲିପ୍ତି କେବଳ ଏହି ବିଶାଳ ଭୂଭାଗର ଶୀର୍ଷଦେଶରେ ଅବସ୍ଥିତ ନଥିଲା, ଏହାହିଁ ସମଗ୍ର ଦରିଆପାରି କାର୍ଯ୍ୟକଳାପର ମୁଖ୍ୟବନ୍ଦର ରୂପେ କାର୍ଯ୍ୟ ନିର୍ବାହ କରୁଥିଲା ।

ତାମ୍ରଲିପ୍ତିକୁ ମେଦିନୀପୁର ଜିଲ୍ଲାର ତମଲୁକ ସହିତ ଚିହ୍ନଟ କରାଯାଏ । ମେଦିନୀପୁର ଜିଲ୍ଲାର ସ୍ଥାନୀୟ ଅଧିବାସୀମାନେ ମୁଖ୍ୟତଃ କୈବର୍ତ୍ତ । ଏହାର ରାଜବଂଶ ମଧ୍ୟ କୈବର୍ତ୍ତ ସଂପ୍ରଦାୟଭୁକ୍ତ । ମେଦିନୀପୁର ଲୋକମାନଙ୍କର ପାରମ୍ପରିକ ସାମୁଦ୍ରିକ ସମ୍ପର୍କରୁ ଏହି 'କୈବର୍ତ୍ତ' 'ଶବ୍ଦ ଉଦ୍ଭୁତ ।

ପ୍ରାଚୀନ ଓଡ଼ିଶାର ସୈନ୍ୟ ଶ୍ରେଣୀକୁ ମୁଖ୍ୟତଃ ଦୁଇଭାଗରେ ବିଭକ୍ତ କରାଯାଏ - ସ୍ଥଳସେନା (ପାଇକ) ଏବଂ ଜଳସେନା (କୈବର୍ତ୍ତ) । ଉଭୟ ଶ୍ରେଣୀର ସୈନ୍ୟମାନେ 'ଖଣ୍ଡାୟତ' ଏହି ଗୋଟିଏ ଗୋଷ୍ଠୀର ଲୋକ 'ପଦାତିକରୁ ପାଇକ ଶବ୍ଦର ସୃଷ୍ଟି । ଜଳରୁ 'କୈବର୍ତ୍ତ'ର ସୃଷ୍ଟି । (କେ-ଜଳେ, ବର୍ତ୍ତତେ ଇତି କୈବର୍ତ୍ତ) ।

ତମଲୁକର ରାଜବଂଶ ଏହି ଜଳସେନାଙ୍କର ବଂଶଧର, କୈବର୍ତ୍ତ । ପାଇକମାନେ ଯେପରି ସେମାନଙ୍କର ସାମରିକ ପ୍ରତିଭା ହରାଇ ଆଜି ଏକ ସାମାନ୍ୟ କୃଷିଜୀବି ହିସାବରେ କାଳାତିପାତ କରୁଅଛନ୍ତି - କୈବର୍ତ୍ତମାନେ ଠିକ୍ ସେହିପରି ସେମାନଙ୍କର ସମରାଭ୍ୟାସ ହରାଇ ଆଜି ସାମାନ୍ୟ ମତ୍ସ୍ୟଜୀବି ବା ନାବିକ ଭାବେ କାଳାତିପାତ କରୁଅଛନ୍ତି ।

ପୁରାଣରେ ମେଦିନୀପୁର ଭୂଖଣ୍ଡର ଲୋକମାନେ ମାହିଷ୍ୟ ନାମରେ ପରିଚିତ । ଜୈନ ସ୍ଥବିରାବଳି (୨) (ପୃ୨୪-୨୫) ରେ ଲେଖାଯାଇଛି ଯେ ତାମ୍ରଲିପ୍ତିର ଲୋକମାନେ ମହିଷ ମାଂସ ଭକ୍ଷଣ କରୁଥିଲେ । ସେହି ଦୃଷ୍ଟିରୁ ସେମାନଙ୍କୁ ମାହିଷ୍ୟ କୁହାଯାଏ ବୋଲି ପଣ୍ଡିତ ବିନାୟକ ମିଶ୍ର ମନେ କରନ୍ତି । ମାହିଷ୍ୟମାନେ ନୈତିକ ଶୃଙ୍ଖଳାକୁ ବିଶେଷ ଗୁରୁତ୍ୱ ଦିଅନ୍ତି ନାହିଁ । ତେଣୁ ଆର୍ଯ୍ୟମାନେ ସେମାନଙ୍କୁ ପତିତ ଜାତି ବୋଲି ମନେ କରୁଥିଲେ, ଯଦିଓ ଜୈମିନୀ ତାଙ୍କର ପୂର୍ବ ମୀମାଂସାରେ (ଷଷ୍ଠ, ୧୩, ୪୪) ମାହିଷ୍ୟମାନଙ୍କୁ କ୍ଷତ୍ରିୟ ପିତା ଏବଂ ବୈଶ୍ୟ ମାତାର ସନ୍ତାନ ହିସାବରେ ବର୍ଣ୍ଣନା କରିଅଛନ୍ତି । ବାସ୍ତବରେ ମଧ୍ୟ ଉଭୟ ପିତାମାତାଙ୍କର ବଂଶଗୁଣ ଏହି ମାହିଷ୍ୟମାନଙ୍କଠାରେ ଦେଖାଯାଏ । ସେମାନେ କ୍ଷତ୍ରିୟୋଚିତ ସୈନିକ ବୃତ୍ତିଠାରୁ ବୈଶ୍ୟୋଚିତ ବାଣିଜ୍ୟବୃତ୍ତିରେ ଖୁବ୍ ଦକ୍ଷ ହୋଇପାରିଥିଲେ । ମାହିଷ୍ୟମାନଙ୍କର ଏହି ଦକ୍ଷତା ପାଇଁ ବନ୍ଦର ତାମ୍ରଲିପ୍ତିର ଅବଦାନ ବୋଧହୁଏ ସର୍ବାଧିକ ।

ଟଲେମି ଖ୍ରୀଷ୍ଟାବ୍ଦ ଦ୍ୱିତୀୟ ଶତକରେ ଏହାକୁ ତାମଲିଟିସ ବୋଲି ଲେଖିଯାଇଛନ୍ତି । ଉଭୟ ରୂପନାରାୟଣ ଏବଂ ଦାମୋଦର ନଦୀର ମୁହାଣରେ ଅବସ୍ଥିତ ଏହା ଏକ ଉନ୍ନତ ମାନର ସାମୁଦ୍ରିକ ବନ୍ଦର । ବର୍ତ୍ତମାନ ଅବଶ୍ୟ ଉଭୟ ନଦୀର ଗତିପଥ ବଦଳି ଯାଇଛି ।

ଯେଉଁ ସମୟରେ ସମଗ୍ର ଭାରତବର୍ଷରେ ମଗଧ ଏକ ବୃହତ ସ୍ଥଳ ଶକ୍ତି ରୂପେ ପ୍ରତୀୟମାନ ହେଉଥିଲା, ଠିକ୍ ସେହି ସମୟରେ କଳିଙ୍ଗ ଏକ ଦରିଆପାରି ଔପନିବେଶିକ ହିସାବରେ ନିଜକୁ ପ୍ରତିଷ୍ଠିତ କରୁଥିଲା । ତାମ୍ରଲିପ୍ତି ସହିତ ମଗଧ ଜଳପଥରେ ସଂଯୁକ୍ତ ଥିଲା । ଏହି ତାମ୍ରଲିପ୍ତି ବନ୍ଦର ମାଧ୍ୟମରେ ମଗଧ ତାର ସାମୁଦ୍ରିକ ବାଣିଜ୍ୟ ପରିଚାଳନା କରୁଥିଲା । କିନ୍ତୁ ତାମ୍ରଲିପ୍ତି କଳିଙ୍ଗ ସୀମାନ୍ତର୍ଭୁକ୍ତ ବନ୍ଦର ହୋଇଥିବାରୁ

ବହିର୍ବାଣିଜ୍ୟ ପାଇଁ ପ୍ରକାରାନ୍ତରେ ମଗଧକୁ କଳିଙ୍ଗର ଦୟା ଉପରେ ନିର୍ଭର କରିବାକୁ ପଡୁଥିଲା । ସମଗ୍ର ପୂର୍ବାମ୍ବୁଧି କଳିଙ୍ଗ ସାଗର ନାମରେ ନାମିତ ହୋଇଥିଲା (ମଞ୍ଜୁଶ୍ରୀ ମୂଳକଳ୍ପ) ଏବଂ ସମଗ୍ର କଳିଙ୍ଗ ସାଗର କୈବର୍ତ୍ତ ସେନା ଏବଂ କଳିଙ୍ଗ ଜଳଦସ୍ୟୁମାନଙ୍କର ଖାସ୍ ଦଖଲରେ ରହିଥିଲା ।' ମାଗଧୀ ଜାହାଜଗୁଡିକ ସାମୟିକ ଭାବେ 'କଳିଙ୍ଗ ଜଳଦସ୍ୟୁମାନଙ୍କ ଦ୍ୱାରା ଲୁଣ୍ଠିତ ହେଉଥିଲା । ଲାମା ତାରାନାଥଙ୍କ ଲେଖାରେ ମଧ୍ୟ ଏହାର ସୂଚନା ମିଳିଥାଏ ।(୩) ତେଣୁ ମଗଧ ଓ କଳିଙ୍ଗ ମଧ୍ୟରେ ଏକ ପ୍ରକାର ଶୀତଳ ଯୁଦ୍ଧୀୟ ପରିବେଶ ସର୍ବଦା ଲାଗିରହିଥିଲା ।

ତାମ୍ରଲିପ୍ତି ବନ୍ଦର ଦେଇ ମଗଧର ବାଣିଜ୍ୟ କାରବାର ଚାଲୁଥିବାରୁ ରାଜକୁମାର ଅଶୋକ ମଧ୍ୟ ତାମ୍ରଲିପ୍ତି ଆସିଥିବେ । ସମ୍ରାଟ ଭାବରେ ସେ ତାମ୍ରଲିପ୍ତି ପରିଦର୍ଶନ କରିଥିବା କଥା ବୌଦ୍ଧଗ୍ରନ୍ଥ ମହାବଂଶ (୪)ରୁ ଜଣାଯାଏ ।

ଅଶୋକଙ୍କ ସମ୍ବନ୍ଧରେ କଳିଙ୍ଗରେ ପ୍ରଚଳିତ ଏକ କିମ୍ବଦନ୍ତୀରୁ ଜଣାଯାଏ ଯେ କାରୁବାକି ଏକ ଧୀବର ରାଜକନ୍ୟା, ଯାହାର ଭୁବନମୋହିନୀ ସୌନ୍ଦର୍ଯ୍ୟରେ ଅଶୋକ ଆକୃଷ୍ଟ ହୋଇ ପଡିଥିଲେ । କିନ୍ତୁ କାରୁବାକି କଳିଙ୍ଗ ରାଜକୁମାରଙ୍କର ପ୍ରେମିକା ଥିଲେ । କଳିଙ୍ଗ ଯୁଦ୍ଧର ଏହାହିଁ ତାତ୍କାଳିକ କାରଣ ଥିଲା ବୋଲି କିମ୍ବଦନ୍ତୀରୁ ଜଣାଯାଏ ।

ଏ କିମ୍ବଦନ୍ତୀକୁ ଇତିହାସ ଭାବରେ ଗ୍ରହଣ କରିବାପାଇଁ କୌଣସି ଐତିହାସିକ ପ୍ରମାଣ ନାହିଁ । ତେବେ ସମ୍ରାଟ ଅଶୋକଙ୍କର ଏକ ଶିଳାଲେଖରୁ ରାଜକୁମାର ତିବାରଙ୍କର ମାତା କାରୁବାକି ଅଶୋକଙ୍କର ଦ୍ୱିତୀୟ ପତ୍ନୀ ଥିବାର ଜଣାଯାଏ ।

ମହାଭାରତର ବର୍ଣ୍ଣନା ଅନୁସାରେ ବ୍ୟାସ ପରାଶର ମୁନି ଏବଂ ଧୀବର ରାଜକନ୍ୟାଙ୍କର ପୁତ୍ର ଥିଲେ । ରାଜକନ୍ୟା ଗଙ୍ଗାରେ ନୌବିହାର କରୁଥିବା ସମୟରେ ପରାଶର ତାଙ୍କର ସୌନ୍ଦର୍ଯ୍ୟରେ ବିମୋହିତ ହୋଇପଡିଥିଲେ । ପରବର୍ତ୍ତୀ ସମୟରେ ହସ୍ତିନାର ରାଜା ଶାନ୍ତନୁ ଏହି ଧୀବର ରାଜକନ୍ୟାଙ୍କୁ ବିବାହ କରିଥିଲେ ।

ଏହି ଉଭୟ ଗଳ୍ପକୁ ଯଦି ବିଶ୍ୱାସ କରାଯାଏ ତେବେ ପ୍ରଶ୍ନଉଠେ ଶାନ୍ତନୁ ବା ଅଶୋକଙ୍କ ପରି କ୍ଷତ୍ରୀୟ କିପରି ଧୀବର କନ୍ୟାଙ୍କୁ ବିବାହ କଲେ ? ସେମାନେ ଶୁଦ୍ର ହୋଇଥିଲେ ଶାନ୍ତନୁ ବା ଅଶୋକଙ୍କ ପକ୍ଷରେ ସେମାନଙ୍କର ପାଣିଗ୍ରହଣ ଆର୍ଯ୍ୟମାନଙ୍କ ଦୃଷ୍ଟିରେ ସ୍ପୃହଣୀୟ ହୋଇନଥାନ୍ତା ।

ତେବେ ଯେତେଦୂର ମନେହୁଏ ଏହି ଦୁଇ ରାଜକନ୍ୟା ବୋଧହୁଏ ତାମ୍ରଲିପ୍ତିର ଧୀବର ବଂଶୀୟ ରାଜକନ୍ୟା । ପୁରାଣରେ ମାହିଷ୍ୟମାନଙ୍କୁ କ୍ଷତ୍ରୀୟ ପିତାର ବଂଶଧର ହେତୁ ଶୁଦ୍ର ବୋଲି ଗଣାଯାଏ ନାହିଁ । ପ୍ରନଷ୍ଟ ତାମ୍ରଲିପ୍ତି ଗଙ୍ଗାକୂଳରେ ଅବସ୍ଥିତ । ଐତିହାସିକ ରାଧାମୁକୁନ୍ଦ ମୁଖାର୍ଜୀ ତାଙ୍କର ଗ୍ରନ୍ଥ "Indian Shipping"ରେ ଲେଖିଛନ୍ତି ଯେ ପ୍ରାଚୀନ ଓଡିଶାର ରାଜପୁତ୍ରମାନଙ୍କର ଶିକ୍ଷା ବିଧାନରେ ସମୁଦ୍ର ବିହାର ଏକ ଅଂଶବିଶେଷ ଥିଲା । ଏଥିରୁ ମନେହୁଏ ବନ୍ଦର ରାଜଧାନୀ ତାମ୍ରଲିପ୍ତି ରାଜବଂଶର ରାଜକନ୍ୟାମାନେ ନିଶ୍ଚିତ ଭାବରେ ଜଳବିହାର କରୁଥିବେ । କାରଣ ରାଜକନ୍ୟାମାନଙ୍କୁ ମଧ୍ୟ ସ୍ଥଳ ବିଶେଷରେ କୁମାରମାନଙ୍କ ପରି ଶିକ୍ଷାଗ୍ରହଣ କରିବାକୁ ପଡୁଥିଲା । ତେଣୁ କିମ୍ବଦନ୍ତୀ ବା ମହାଭାରତକୁ ଯଦି ବିଶ୍ୱାସ କରାଯାଏ, ଏ ଦୁଇ ରାଜକନ୍ୟା ତାମ୍ରଲିପ୍ତିର ଧୀବର ରାଜବଂଶଜ ହୋଇଥିବା ସମ୍ଭବ ମନେହୁଏ ।

ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଅନେକ ପୂର୍ବରୁ ତାମ୍ରଲିପ୍ତି ଏକ ବନ୍ଦର ହିସାବରେ ପ୍ରତିଷ୍ଠିତ ହୋଇସାରିଥିଲା । ଖ୍ରୀଷ୍ଟପୂର୍ବ ତୃତୀୟ ଶତକରେ ସିଂହଳର ରାଜା ଦେବାନାଂ ପ୍ରିୟ ତିଶା ପାଟଳିପୁତ୍ରକୁ ଚାରିଜଣ ଦୂତ ପ୍ରେରଣ କରିଥିଲେ । ଏମାନେ ସିଂହଳରୁ ସିଧା ତାମ୍ରଲିପ୍ତି ଆସି ସେଠାରୁ ପାଟଳିପୁତ୍ର ଯାତ୍ରା କରିଥିଲେ । ଖ୍ରୀଷ୍ଟପୂର୍ବ ସେହି ତୃତୀୟ ଶତକରେ ମଧ୍ୟ ଅଶୋକ ବୋଧିଦ୍ରୁମର ଏକ ଶାଖା ସିଂହଳକୁ ପ୍ରେରଣ କରିଥିଲେ । ପାଟଳିପୁତ୍ରରୁ ଜଳପଥରେ ଏହା ତାମ୍ରଲିପ୍ତି ଅଣାଯାଇଥିଲା ଏବଂ ତାମ୍ରଲିପ୍ତିରୁ ଜାହାଜ ଯୋଗେ ସିଂହଳ ପଠାଯାଇଥିଲା । ସମ୍ରାଟ ଅଶୋକ ନିଜେ ତାମ୍ରଲିପ୍ତି ବନ୍ଦରରେ ଉପସ୍ଥିତ ରହି ଏହି ଉତ୍ସବ ପରିଦର୍ଶନ କରିଥିଲେ । (୫)

ଚୀନ୍ ପରିବ୍ରାଜକ ଫାହିୟାନ (ଖ୍ରୀ୩୯୯-୪୧୪) ଏହାକୁ ଏକ ପ୍ରଧାନ ବୌଦ୍ଧକେନ୍ଦ୍ର ରୂପେ ଚିତ୍ରଣ କରିଯାଇଅଛନ୍ତି । ପରିବ୍ରାଜକ ଏଠାରେ କେତେକ ସମୃଦ୍ଧ ପାଠାଗାର ଏବଂ ୨୪ଟି ବୌଦ୍ଧବିହାର ଥିବାର ବର୍ଣ୍ଣନା କରିଯାଇଛନ୍ତି । ଫାହିୟାନ ନିଜେ ଏଠାରେ ଦୁଇବର୍ଷ ରହି ଶାସ୍ତ୍ରାଲୋଚନା କରିଥିଲେ ଏବଂ ଏହିଠାରୁ ଜାହାଜ ଚଢି ସେ ସିଂହଳ ଯାତ୍ରା କରିଥିଲେ ।

ସପ୍ତମ ଶତାବ୍ଦୀରେ ହୁଏନ୍‌ସାଂ ଏହି ସ୍ଥାନ ପରିଦର୍ଶନ କରିଥିଲେ । କିନ୍ତୁ ସେ ସମୟକୁ ଏହି ସ୍ଥାନରେ ବୌଦ୍ଧଧର୍ମର ଅଧୋପତନ ହେଉଥିଲା ଏବଂ ବ୍ରାହ୍ମଣ୍ୟଧର୍ମ କ୍ରମେ ବିସ୍ତାର ଲାଭ କରୁଥିଲା । ଫାହିୟାନ ଦେଖିଯାଇଥିବାର ମାତ୍ର ଅର୍ଦ୍ଧେକ ସଂଖ୍ୟକ ବୌଦ୍ଧବିହାର ହୁଏନ୍‌ସାଂଙ୍କ ପର୍ଯ୍ୟନ୍ତ ତିଷ୍ଠି ରହିଥିଲା । କିନ୍ତୁ ପ୍ରାୟ ୫୦ଟି ପର୍ଯ୍ୟନ୍ତ ଦେବମନ୍ଦିର ସେ ସମୟକୁ ସେଠାରେ ପ୍ରତିଷ୍ଠିତ ହୋଇସାରିଥିଲା ।

ପରିବ୍ରାଜକଙ୍କ ବିବରଣୀରୁ ଏହାର ଆଭ୍ୟନ୍ତରୀଣ ଶ୍ରୀସମ୍ପଦର ଏକ ସ୍ପଷ୍ଟ ପରିଚୟ ମଧ୍ୟ ମିଳିଥାଏ । ବେଳାଭୂମିରେ ଅବସ୍ଥିତ ଏହି ସାମୁଦ୍ରିକ ସହରରେ ହିରକ ଏବଂ ମୂଲ୍ୟବାନ ବାଣିଜ୍ୟିକ ଦ୍ରବ୍ୟମାନ ମିଳୁଥିଲା। ଏହାର ବାସିନ୍ଦାମାନେ ଖୁବ୍ ଧନୀ ଥିଲେ । ସହରଟିର ଅନ୍ୟ ଏକ ନାମ ଥିଲା ରତ୍ନାକର (୬) । ହୁଏନସାଂ ଏଠାରେ ସିଂହଳର ନାମ ଏବଂ ଦକ୍ଷିଣର ବିପଦ ସଂକୁଳ ଜଳଯାତ୍ରା କଥା ପ୍ରଥମକରି ଶୁଣିବାକୁ ପାଇଥିଲେ ।

ବୌଦ୍ଧଧର୍ମର ପୀଠ ହିସାବରେ ଏହାର ମର୍ଯ୍ୟାଦା କ୍ରମହ୍ରାସମାନ ଅବସ୍ଥାରେ ପହଞ୍ଚିଯାଇଥିଲେ ମଧ୍ୟ ଚୀନ ପରିବ୍ରାଜକ ଇତ୍ସିଙ୍ଗଙ୍କ ପରିଭ୍ରମଣ ସମୟରେ ତଥାପି ଏହାର ପ୍ରତିଷ୍ଠା ସମ୍ପୂର୍ଣ୍ଣ ଲୋପପାଇ ନଥିଲା । ଇତ୍ସିଙ୍ଗ ଏହାର ବରାହ ବୌଦ୍ଧବିହାରରେ ସଂସ୍କୃତ ଏବଂ ଭାଷାତତ୍ତ୍ୱଶିକ୍ଷା

କରିଥିଲେ । ଏହି ବୌଦ୍ଧ ବିହାରରେ ଉଭୟ ସନ୍ନ୍ୟାସୀ ଏବଂ ସନ୍ନ୍ୟାସିନୀମାନେ ସମ୍ପୂର୍ଣ୍ଣ ଶୃଙ୍ଖଳା ଏବଂ ସଦାଚାର ସହିତ ଏକତ୍ର ବସବାସ କରୁଥିଲେ ।(୬)

ହୁଏନ୍‌ସାଂ ୬୩୫ ଖ୍ରୀଷ୍ଟାବ୍ଦରେ ଏହି ସହରକୁ ସମୁଦ୍ରର ବେଳାସଂଲଗ୍ନ ଥିବାର ଦେଖିଯାଇଥିଲେ । ପରବର୍ତ୍ତୀ ସମୟରେ ରଚିତ ହିନ୍ଦୁମାନଙ୍କର ସାହିତ୍ୟରେ ଏହା ସମୁଦ୍ରଠାରୁ ଆଠ ମାଇଲ ଦୂରରେ ଅବସ୍ଥିତ ଥିବାର ଜଣାଯାଏ । ଊନବିଂଶ ଶତାବ୍ଦୀରେ ହଣ୍ଟର ସାହେବ ଏହାର ବିବରଣୀ ସଂଗ୍ରହ କଲାବେଳକୁ ଏହା ସମୁଦ୍ରଠାରୁ ସମ୍ପୂର୍ଣ୍ଣ ଷାଠିଏ ମାଇଲ ଦୂରରେ ଅବସ୍ଥିତ ଥିଲା । ନଦୀବାହିତ ପଟୁମାଟି ଏବଂ ସମୁଦ୍ର ଦ୍ୱାରା ସୃଷ୍ଟ ବାଲିବନ୍ଧ ଦ୍ୱାରା ଏହା କ୍ରମାଗତ ଭାବେ ପୋତି ହୋଇପଡ଼ିଲା । ଏବେ ବି ଏହାର ଅଧିବାସୀମାନେ କୂପ ଅବା ପୁଷ୍କରିଣୀ ଖନନ କଲାବେଳେ ୧୦ରୁ ୨୦ଫୁଟ ତଳେ ସାମୁଦ୍ରିକ ଜୀବମାନଙ୍କର ଦେହାବଶେଷ ଦେଖିବାକୁ ପାଆନ୍ତି । ସହରର ମୁଖ୍ୟ ମନ୍ଦିର ମଧ୍ୟ ଅଧାଅଧି ମାଟିତଳେ ପୋତି ହୋଇରହିଛି । (୮).

ସହରର କିମ୍ବଦନ୍ତୀଗୁଡ଼ିକ ମୁଖ୍ୟତଃ ସମୁଦ୍ରଯାତ୍ରୀ ବଣିକମାନଙ୍କୁ ନେଇ ପ୍ରଚଳିତ । ନୀଳ, ମଲବରୀ ଏବଂ ସିଲ୍କ ଏହାର ରପ୍ତାନୀ ଦ୍ରବ୍ୟ ମଧ୍ୟରେ ପ୍ରାୟତଃ ମୁଖ୍ୟସ୍ଥାନ ଅଧିକାର କରିଥିଲା । ଏହି ଦ୍ରବ୍ୟଗୁଡ଼ିକ ବ୍ୟତୀତ ହାତୀ ଏବଂ ତମ୍ବାଧାତୁ ମଧ୍ୟ ଏହି ବନ୍ଦର ଦେଇ ରପ୍ତାନୀ କରାଯାଉଥିବାର ବିଶ୍ୱାସ କରାଯାଏ ।

ପ୍ରାଚୀନ ଓଡ଼ିଶାର ଏହି ବନ୍ଦର ନଗରୀଟିର ଏପରି ନାମକରଣ ସମ୍ବନ୍ଧରେ ଅନେକଗୁଡ଼ିଏ ମତବାଦ ମିଳିଥାଏ । ତାମ୍ରଲିପ୍ତିର ବିବରଣୀ ସଂଗ୍ରହ କରିବା ପାଇଁ ହଣ୍ଟର ସାହେବ ଯେଉଁ ସଂସ୍କୃତଜ୍ଞ ପଣ୍ଡିତଙ୍କୁ ନିଯୁକ୍ତ କରିଥିଲେ, ସେ ମହାଶୟ ବ୍ରହ୍ମାଣ୍ଡପୁରାଣ ତଥା ଅନ୍ୟ କେତେକ ଶାସ୍ତ୍ରର ଉଦ୍ଧୃତି ଦେଇ ଏହାକୁ ତାମୋଲିପ୍ତ (ତାମସ୍+ଲିପ୍ତ) ବୋଲି ଉଲ୍ଲେଖ କରିଛନ୍ତି । ଅନ୍ୟଗୋଟିଏ ମତବାଦ ଅନୁସାରେ ଏହାର ଜଣେ ରାଜାଙ୍କ ନାମ ତାମ୍ରଧ୍ୱଜ ରାଜାଙ୍କ ନାମ ଅନୁସାରେ ରାଜଧାନୀର ନାମ ତାମ୍ରଲିପ୍ତି (୯) । ସିଂହଭୂମି ଜିଲ୍ଲା ବିବରଣୀର ଲେଖକ ଡାଲଟନ୍ ସାହେବଙ୍କ ମତରେ ସିଂହଭୂମିରେ ଥିବା ତମ୍ବାଖଣିମାନଙ୍କରୁ ପ୍ରଚୁର ତମ୍ବା ଉତ୍ତୋଳିତ ହୋଇ ଏହି ବନ୍ଦର ବାଟେ ବାହାରକୁ ରପ୍ତାନୀ ହେଉଥିବାରୁ ଏହାର ସେପରି ନାମକରଣ କରାଯାଇଥିବା ସମ୍ଭବ । ପ୍ରତ୍ନତତ୍ତ୍ୱବିତ୍ ପରମାନନ୍ଦ ଆଚାର୍ଯ୍ୟ ମଧ୍ୟ ସିଂହଭୂମିରେ ପର୍ଯ୍ୟାପ୍ତ ପରିମାଣରେ ତମ୍ବାଖଣି ଥିବାର ଉଲ୍ଲେଖ କରିଯାଇଛନ୍ତି । ସିଂହଭୂମି ମେଦିନୀପୁରର ନିକଟତମ ।

ଯେତେଦୂର ସମ୍ଭବ ମାହିଷ୍ୟମାନେ ମହିଷମାଂସ ଭକ୍ଷଣ କରୁଥିବାରୁ ଏବଂ ନୈତିକ ଶୃଙ୍ଖଳାକୁ କଡ଼ାକଡ଼ି ଭାବେ ପାଳନ ନ କରୁଥିବାରୁ ଆର୍ଯ୍ୟମାନେ ତାଙ୍କୁ ପତିତ ବୋଲି ମନେ କରୁଥିଲେ । ତେଣୁ ତାମୋଲିପ୍ତ (ତାମସ୍+ଲିପ୍ତ) ନାମକରଣ ସେହି ଦୃଷ୍ଟିରୁ ଯୁକ୍ତିଯୁକ୍ତ ମନେହୁଏ । ପରବର୍ତ୍ତୀ କାଳରେ ଏହି ସାମୁଦ୍ରିକ ବନ୍ଦର ବାଟେ ପର୍ଯ୍ୟାପ୍ତ ପରିମାଣର ତାମ୍ର ରପ୍ତାନୀ କରାଯାଉଥିବାରୁ ଏହାର ଏପରି ଅସମ୍ମାନଜନକ ନାମକରଣକୁ ଚତୁରତାର ସହ ବଦଳାଇ ତାମ୍ରଲିପ୍ତି କରାଯାଇଥିବା ଅସମ୍ଭବ ମନେ ହୁଏନାହିଁ ।

ପ୍ରାଧ୍ୟାପିକା
ନୟାଗଡ଼ କଲେଜ, ନୟାଗଡ଼


**ପୁସ୍ତକ ସୂଚନା :**

୧- ପଣ୍ଡିତ ନୀଳକଣ୍ଠ ଦାଶ - ପ୍ରବନ୍ଧ ବିଥିକା (୧୯୮୩) ପୃ - ୩୫
୨- Pt. Binayak Mishra - Indian culture and cult of Jagannath P-27
୩- History of Orissa - Dr. N.K. Sahoo & others P-39
୪- Buddhism in Orissa Dr. N.K. Sahoo PPII - 12
୫- Mahavamsa - XI - 20 - 23, X- 38 - 39, XIX - 5-6 Buddhism in Orissa, Dr. N. K. Sahoo p 142 ରେ ଉଦ୍ଧୃତ ।
୬. A History of Orissa - Hunter Ed. by N. K. Sahoo P-142
୭. Takakasu Itsing ch - X Buddhism in Orissa by N.K. Sahoo P 84 ରେ ଉଦ୍ଧୃତ
୮- History of Orissa Hunter P142, Ed. by N.K. Sahoo
୯- History of Orissa Hunter P 141
୧୦- ପଣ୍ଡିତ ନୀଳକଣ୍ଠ ଦାଶ - ଓଡ଼ିଆ ସାହିତ୍ୟର କ୍ରମପରିଣାମ । P-67

# ଓଡିଶାରେ ନେହେରୁ



ଚାଚା ନେହେରୁ





ଓଡ଼ିଶାର ଶିଶୁ କଳାକାରମାନଙ୍କ ଗହଣରେ ପଣ୍ଡିତ ନେହେରୁ



ଭୁବନେଶ୍ୱରଠାରେ ଆୟୋଜିତ ସର୍ବଭାରତୀୟ ଜାତୀୟ କଂଗ୍ରେସ ଅଧିବେଶନରେ ପଣ୍ଡିତ ନେହେରୁ (୧୯୬୪)



ଓଡ଼ିଶାର ବୁଦ୍ଧିଜୀବୀମାନଙ୍କ ସମାବେଶରେ ପଣ୍ଡିତ ନେହେରୁ ଉଦ୍‌ବୋଧନ ଦେଉଛନ୍ତି । ଡଃ ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍ ଓ ଡଃ ହରେକୃଷ୍ଣ ମହତାବ ମଞ୍ଚାସୀନ

# ଇନ୍ଦିରା ଗାନ୍ଧୀଙ୍କ ଜୀବନର ଶେଷ କେଇପଦ ......



ଭୁବନେଶ୍ୱରଠାରେ ୧୯୮୪, ଅକ୍ଟୋବର ୩୦ ତାରିଖରେ
ଏକ ବିରାଟ ଜନସମାବେଶରେ ଅନ୍ତିମ ଭାଷଣ


ମୁଁ ବଞ୍ଚେ କି ମରେ, ସେଥିପାଇଁ ମୋର ଭ୍ରୂକ୍ଷେପ ନାହିଁ । ମୁଁ ଦୀର୍ଘ ଜୀବନ ବଞ୍ଚି ସାରିଛି । ଯଦି କୌଣସି ପାଇଁ ନିଜକୁ ମୁଁ ଗୌରବାନ୍ୱିତ ମନେ କରେ, ତାହା ହେଉଛି, ଦେଶ ସେବାରେ ହିଁ ମୁଁ ମୋର ସାରା ଜୀବନ ବିତାଇ ଦେଇଛି । ଏଥିପାଇଁ ମୁଁ ଗର୍ବ ଅନୁଭବ କରେ, ଅନ୍ୟ କୌଣସିଟି ପାଇଁ ନୁହେଁ । ପୁନଶ୍ଚ ଯେ ପର୍ଯ୍ୟନ୍ତ ଏ ଶରୀରରେ ମୋର ଶେଷ ନିଃଶ୍ୱାସ ଥିବ, ସେ ପର୍ଯ୍ୟନ୍ତ ସେବାରେ ହିଁ ମୋର ଜୀବନ ବିତିଯିବ । ଯେତେବେଳେ ମୋ ଜୀବନର ଯବନିକାପାତ ହେବ, ସେତେବେଳେ ମୁଁ କହିପାରେ ଯେ ମୋର ପ୍ରତ୍ୟେକ ରକ୍ତ ବିନ୍ଦୁ ମଧ୍ୟ ଭାରତକୁ ସଜୀବ ତଥା ଶକ୍ତିଶାଳୀ କରି ରଖିବ । ମୁଁ ଆଶାକରେ ଯେ ଜନସାଧାରଣ, ବିଶେଷତଃ ଯୁବଗୋଷ୍ଠୀ ଓ ମହିଳାମାନେ ଏ ସମ୍ପର୍କରେ ଚିନ୍ତା କରିବେ ଓ ନିଜ ନିଜ କାନ୍ଧକୁ ଦାୟିତ୍ୱ ନେବେ । ଭାରତର ଜନସାଧାରଣ କେବେ ଭୁଲ ବାଟରେ ଯିବେ ନାହିଁ, ସେ ନେଇ ସେମାନଙ୍କଠାରେ ମୋର ଦୃଢ଼ ଆସ୍ଥା ଓ ବିଶ୍ୱାସ ରହିଛି ।

(୧୯୮୪, ଅକ୍ଟୋବର ୩୦ ତାରିଖରେ ଭୁବନେଶ୍ୱରଠାରେ ଦେଇଥିବା ଶେଷ ଭାଷଣର ଉଦ୍ଧୃତାଂଶ ।)



ରାଜ୍ୟ ସଂଗ୍ରହାଳୟଠାରେ ସ୍ୱର୍ଗୀୟା
ପ୍ରଧାନମନ୍ତ୍ରୀ ଶ୍ରୀମତୀ ଇନ୍ଦିରାଗାନ୍ଧୀ ପ୍ରଦୀପ ପ୍ରଜ୍ୱଳନ କରୁଛନ୍ତି


▶▶



ସ୍ୱର୍ଗୀୟା ପ୍ରଧାନମନ୍ତ୍ରୀ ଇନ୍ଦିରାଗାନ୍ଧୀଙ୍କ ଶ୍ରାଦ୍ଧବାର୍ଷିକୀ ( ରାଷ୍ଟ୍ରୀୟ ସଂକଳ୍ପ ଦିବସ ) ପାଳନ ଅବସରରେ
ଇନ୍ଦିରାଗାନ୍ଧୀପାର୍କଠାରେ ଆୟୋଜିତ ସର୍ବଧର୍ମ ପ୍ରାର୍ଥନା ସଭାରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ



ସୂଚନାଭବନଠାରେ ଆୟୋଜିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ
ମୁଖ୍ୟ ଅତିଥି ଶ୍ରୀମତୀ ମନୋରମା ମହାପାତ୍ର ଗୋପବନ୍ଧୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରୁଛନ୍ତି ।
ସୂଚନା ଓ ଲୋକ ସମ୍ପର୍କ ନିର୍ଦ୍ଦେଶକ ଶ୍ରୀ ନରେନ୍ଦ୍ର କୁମାର ମିଶ୍ରଙ୍କ ସମେତ ବହୁ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଅଛନ୍ତି



ପୁରୀ ସିଂହଦ୍ୱାରଠାରୁ ଜଗନ୍ନାଥ ଜ୍ୟୋତିର ପବିତ୍ର ଯାତ୍ରାରମ୍ଭ



ଜାଭିଅର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟର ଦଶମ ବାର୍ଷିକୀ ପୂର୍ତ୍ତି ଉତ୍ସବ ଅବସରରେ ଇନ୍‌ଷ୍ଟିଚ୍ୟୁଟ୍ ପରିସରରେ
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଇନ୍‌ଷ୍ଟିଚ୍ୟୁଟ୍ ଅଡିଟୋରିୟମର ଶିଳାନ୍ୟାସ କରୁଛନ୍ତି

# ଓଡ଼ିଶାର ଲୋକନୃତ୍ୟ

*ଅଧ୍ୟାପକ ଡଃ ରବି ନାୟକ*

ଲୋକ ଶବ୍ଦ ଏକ ବ୍ୟାପକ ଶବ୍ଦ । ଏହା କେବଳ ଗ୍ରାମୀଣ ଜନତାକୁ ନବୁଝାଇ, ଗ୍ରାମ ତଥା ସହରର ଜନସାଧାରଣଙ୍କୁ ବୁଝାଇଥାଏ । ଓଡ଼ିଶା ଏକ ପଲ୍ଲୀବହୁଳ ରାଜ୍ୟ । ଶତକଡ଼ା ସତୁରିଭାଗ ଲୋକ ପଲ୍ଲୀଅଞ୍ଚଳରେ ବାସ କରନ୍ତି । ଯେଉଁମାନଙ୍କର କୃଷି ହେଉଛି ମୁଖ୍ୟ ଜୀବିକା । ସେମାନଙ୍କର ଜୀବନଧାରା ଯେପରି ସରଳ, ଆଡମ୍ବରଶୂନ୍ୟ, ଲୋକଗାଥାର ପ୍ରକାଶଭଙ୍ଗୀ ସେହିପରି ସାବଲୀଳ । ଆଦିମ ଯୁଗରେ ମଣିଷର ମୁହଁରେ ଯେତେବେଳେ ଭାଷା ନଥିଲା, ତାହାର ପରିପାର୍ଶ୍ୱରେ ରହିଥିବା ପ୍ରକୃତି ଥିଲା ମୁଖର । ଆକାଶରେ ବର୍ଷାଥିଲା । ବଜ୍ର ବିଦ୍ୟୁତର ସ୍ୱରଥିଲା, ନଦୀର ଛଳାୟିତ ଧ୍ୱନି ଥିଲା ।କୀଟଦ୍ରଷ୍ଟ ବାଉଁଶର ରନ୍ଧ୍ରରେ ପବନ ଚାଳିତ ଆରୋହ-ଅବରୋହ ଥିଲା । ଶୁଖିଲା ପତ୍ର ଉପରୁ ପଡିଲେ କିମ୍ବା ଫଳଟିଏ ପଡିଲେ, କୌଣସି ଜୀବଜନ୍ତୁ ଚାଲିଗଲେ ଶବ୍ଦ ସୃଷ୍ଟି ହେଉଥିଲା । ଯେତେବେଳେ ଏହି ମୁଖରିତା ପ୍ରକୃତି ସହ ତାର ଭାବ ନିବିଡ଼ ହେଲା, ସେ ଅନୁକରଣ କଲା ପ୍ରକୃତିର ଏହି ମନୋରମ ସଙ୍ଗୀତକୁ । ତାପରେ ହେଲା ଭାଷାର ସୃଜନ । ଭାଷା ନଥିବା ସମୟରେ ତାର ହସ୍ତ ସଞ୍ଚାଳନ ଗତି ବିନ୍ୟାସ ନେତ୍ରଚାଳନ ଓ ମୁଖଭଙ୍ଗୀ, କୌଣସି ଗାତ୍ର ଓ୍ ଫଳକ ଉପରେ ରେଖାଙ୍କିତ ଭାବଧାରା ବିନିମୟରେ ସେ ମନର ଭାବକୁ ବ୍ୟକ୍ତ କଲା ଅନ୍ୟ ନିକଟରେ । ଭାଷାର ସୃଷ୍ଟି ପରେ ଯାହାବା ସେ ବ୍ୟକ୍ତ କଲା ତାର ମଧ୍ୟ ଲିଖିତ ରୂପ ରହିଲା ନାହିଁ ।

ସେହି ହସ୍ତମୁଦ୍ରା, ଆଭାସ, ମୁଖଭଙ୍ଗୀ ପରବର୍ତ୍ତୀ ଉତ୍ତରିତ କାଳରେ ଅଭିନୟର ରୂପ ନେଲା । ତାର ସୂକ୍ଷ୍ମ ଅନୁଶୀଳନ, ବିଧିବିଧାନର ଲିପିବଦ୍ଧ କାର୍ଯ୍ୟଟି ହେଲା ନାଟ୍ୟବେଦ ବା ନାଟ୍ୟ ଶାସ୍ତ୍ରମ୍ । ଯେଉଁ ଆନନ୍ଦ ଉଲ୍ଲାସରେ ବା ଦୁଃଖରେ, ଶୋକରେ ଅଭିଭୂତ ହୋଇ ସେ ଛନ୍ଦଯୁକ୍ତ ଧ୍ୱନିମୟ ଉଚ୍ଚାରଣ କଲା ତାହା ଆଜିର ସଭ୍ୟ ସମାଜରେ ସଂଗୀତର ସାତସ୍ୱର ସାରେଗାମାପାଧାନି ବା ମୟୂର, ବୃଷଭ, ଛାଗ; କ୍ରୌଞ୍ଚ, ପିକ, ଅଶ୍ୱ, ହସ୍ତୀର ରାବ ମଧ୍ୟରେ ସୀମାବଦ୍ଧ । ତେବେ ଏହି ନୃତ୍ୟ ମନୋରଞ୍ଜନର ଏକ ଶକ୍ତିଶାଳୀ ଲୋକପ୍ରିୟ ଧାରା ରୂପରେ ପ୍ରଚଳିତ । ନଟରାଜ ଶିବ ତାଣ୍ଡବ ନୃତ୍ୟର ସ୍ରଷ୍ଟା ଓ ଦେବୀ ପାର୍ବତୀ ଲାସ୍ୟ, ହାସ୍ୟ, କଟାକ୍ଷର ଜନନୀ । ଭରତ ମୁନିଙ୍କ ପ୍ରଣୀତ ନାଟ୍ୟ ଶାସ୍ତ୍ରରେ ବର୍ଣ୍ଣିତ ଅଛି, ଉଭୟ ଶିବ ଓ ପାର୍ବତୀ ଭରତଙ୍କ ପୁତ୍ର ଓ ଅପ୍ସରାମାନଙ୍କୁ ନୃତ୍ୟକଳା ସମ୍ପର୍କରେ ଶିକ୍ଷା ଦେଉଥିଲେ । ଏକଥା ସତ୍ୟ ଯେ, ନୃତ୍ୟହିଁ ମଣିଷର ଏକ ସହଜାତ ପ୍ରବୃତ୍ତି ।

ନୃତ୍ୟତତ୍ତ୍ୱବିତ୍‌ମାନଙ୍କ ମତରେ ଭାରତୀୟ ନୃତ୍ୟକୁ ମୁଖ୍ୟତଃ ତିନିଭାଗରେ ବିଭକ୍ତ କରାଯାଇପାରେ । (କ) ଆଦିବାସୀ ନୃତ୍ୟ (ଖ) ଲୋକନୃତ୍ୟ (ଗ) ଶାସ୍ତ୍ରୀୟ ନୃତ୍ୟ । ବଣଜଙ୍ଗଲ ତଥା ପାର୍ବତ୍ୟ ଅଞ୍ଚଳରେ ବାସ କରୁଥିବା ଆଦିବାସୀ ସମାଜ ନୃତ୍ୟକୁ ସେମାନଙ୍କ ଜୀବନଯାତ୍ରାରେ ଏକ ଅବିଚ୍ଛିନ୍ନ ଅଙ୍ଗରୂପେ ଗ୍ରହଣ କରି ନେଇଛନ୍ତି । ଏହାକୁ ମଧ୍ୟ ଲୋକନୃତ୍ୟ ପର୍ଯ୍ୟାୟଭୁକ୍ତ କରାଯାଇପାରେ । ଲୋକନୃତ୍ୟର ସ୍ୱଚ୍ଛନ୍ଦତା ଏଥିରେ ପ୍ରତିଫଳିତ । ଏଥିରେ ଆଦିବାସୀଜୀବନର ସୁଖଦୁଃଖ, ଆଶା, ନିରାଶା ବାଙ୍ମୟ ତଥା ଛନ୍ଦୋବଦ୍ଧ ରୂପରେ ପ୍ରକାଶିତ ହୋଇଥାଏ । ତେଣୁ ସେମାନଙ୍କର ଜୀବନ ଓ ନୃତ୍ୟ ସତେ ଯେପରି ଗୋଟିଏ ମୁଦ୍ରାର ଦୁଇଟି ପାର୍ଶ୍ୱ ସଦୃଶ । ତେଣୁ ଲୋକଙ୍କ ନିମିତ୍ତ, ଲୋକଙ୍କ ଗହଣରେ ଓ ଲୋକଙ୍କ ସହଯୋଗରେ ଅଭିନୀତ ନୃତ୍ୟହିଁ ଲୋକନୃତ୍ୟ ରୂପେ କଥିତ । ଆଲୋଚକ ସର୍ବେଶ୍ୱର ଦାସ ମତ ଦିଅନ୍ତି ଲୋକନୃତ୍ୟ ଓ ଲୋକଗୀତର ମଧୁର ସମନ୍ୱୟରେ ଲୋକ ନାଟକର ସୃଷ୍ଟି । ସୁଆଙ୍ଗ, ରାମଲୀଳା, ରାସଲୀଳା ଅନ୍ୟାନ୍ୟ ଗୀତିନାଟ୍ୟଗୁଡିକ ମୁଖ୍ୟତଃ ସଙ୍ଗୀତଧର୍ମୀ ଲୋକନାଟକ । ସଙ୍ଗୀତଶାସ୍ତ୍ର ଅନୁଯାୟୀ ପ୍ରାଚୀନକାଳରେ ସଙ୍ଗୀତର ସଂଜ୍ଞା ଥିଲା ଗୀତଂ ବାଦ୍ୟଂ ଚ ନୃତ୍ୟ ଚ ତ୍ରୟ ସଙ୍ଗୀତ ମୁଚ୍ୟତେ । ଗୀତ, ନୃତ୍ୟ, ପଦ୍ୟର ଏକତ୍ର ସମାବେଶ ଯଦି ସଂଗୀତ ହୁଏ, ତେବେ ସଂଗୀତ ବହୁଳ ସୁଆଙ୍ଗ, ଲୀଳାଦି ଗୀତିନାଟ୍ୟ ନାଟ୍ୟରସରେ ରସାଣିତ ହେବା ସ୍ୱାଭାବିକ୍ । ସେହି ଦୃଷ୍ଟିରୁ କବି ବା ନାଟ୍ୟକାର, ଗାୟକ ବା ଗଦ୍ୟକାର, ଅଭିନେତା, ନିର୍ଦ୍ଦେଶକ, ପରିଚାଳକ ସର୍ବୋପରି ଦର୍ଶକ ମଣ୍ଡଳୀର ମିଳିତ ସହଯୋଗରେ ଲୋକନାଟକ ହେଉଛି ସୁନ୍ଦର ମିଶ୍ରକଳା । ଲୋକ ସଂସ୍କୃତିର ଏକ ସୁନ୍ଦର ସଂଜ୍ଞା ପ୍ରଦାନ କରିବାକୁ ଯାଇ ଚାର୍ଲସ ଫ୍ରାନସିସ୍ ପୋଟେର କହିଛନ୍ତି, "Folklore is a lively fossil which refuses to die" ଲୋକନାଟକ ହେଉଛି ଲୋକ ସଂସ୍କୃତିର ଏକ ବଳିଷ୍ଠ ବିଭାଗ ଏବଂ ଲୋକସଂସ୍କୃତିରେ ଏହା ଅମରତ୍ୱ ଲାଭ କରେ । ଭାରତୀୟ

ପରମ୍ପରାରେ ବହୁ ଦେବତା ଏଥିରେ ସଂପୃକ୍ତ ଥିବାରୁ ଏହାକୁ ଅତ୍ୟନ୍ତ ପବିତ୍ର ମନେକରି କୁହାଯାଇଛି- ନର୍ତ୍ତନଂ ପାପ କର୍ତ୍ତନଂ ତେଣୁ ନୃତ୍ୟ ହେଉଛି ଏକମାତ୍ର ମାର୍ଗ ଯାହା କଳାକାରକୁ ଯୋଗୀର ଆସନରେ ବସାଇ ତାକୁ ଭଗବତ୍ ସତ୍ତାର ଅଧିକ ନିକଟବର୍ତ୍ତୀ କରିଥାଏ । ସାମାଜିକ କ୍ଷେତ୍ରରେ ମଧ୍ୟ ବିଭିନ୍ନ ବିଭିନ୍ନତା ମଧ୍ୟରେ ଐକ୍ୟ ସ୍ଥାପନର ଦୁରୂହ ଦାୟିତ୍ୱ ଲୋକନୃତ୍ୟ ଉପରେ ନ୍ୟସ୍ତ ରହିଛି ।

*ଭରତମୁନି ତାଙ୍କ ନାଟ୍ୟଶାସ୍ତ୍ରରେ କହିଛନ୍ତି,*
*ଯାବିଦ୍ୟା ଯାନି ଶିଳ୍ପାନି ମା ଗତି ଚର୍ଯଚ ଚେଷ୍ଟିତମ୍*
*ଲୋକାଲୋକସ୍ୟ ଜଗତସ୍ତଦସ୍ମିନ୍ ନାଟକାଶ୍ରଯେ*

ଅର୍ଥାତ୍ ଜଗତରେ ଯେତେପ୍ରକାର ବିଦ୍ୟା, ଯେତେପ୍ରକାର ଶିଳ୍ପ, ଯେତେପ୍ରକାର କର୍ମ-ଶାସ୍ତ୍ର-ଗତି ତଥା ଯେତେ ପ୍ରକାର ପ୍ରଚେଷ୍ଟା ଅଛି, ସେସବୁ ନାଟକରେ ଅଙ୍ଗୀଭୂତ । ଆଉ ଟିକିଏ ସରଳଭାବରେ କହିବାକୁ ଗଲେ ନାଟକ ଏକ ବୃହତ୍ ବଟବୃକ୍ଷ ସଦୃଶ । ତାରିତଳେ ଆଶ୍ରୟ ନେଇଥାନ୍ତି ସୃଷ୍ଟିର ସକଳ ପ୍ରାଣୀ ଓ ବସ୍ତୁ । ସମଗ୍ର ସାହିତ୍ୟ ଜଗତରେ ଏହା ସର୍ବୋଚ୍ଚ ରସାଭିବ୍ୟକ୍ତି, ଧର୍ମ ଅର୍ଥ ଓ ମୋକ୍ଷଦାନ ପାଇଁ ଉଦ୍ଦିଷ୍ଟ । ଯୁଗଯୁଗଧରି ଏହା ହୋଇଛି ଗଣଶିକ୍ଷାର ଏକ ବଳିଷ୍ଠ ମାଧ୍ୟମ ଏବଂ ଚିତ୍ତ ବିନୋଦନ ପାଇଁ ଏକ ପ୍ରଧାନ ଅବଲମ୍ବନ । ପ୍ରକୃତରେ ଗଦ୍ୟ ଓ ପଦ୍ୟ ସାହିତ୍ୟ ଅପେକ୍ଷା ନାଟକରେ ରସ ସଂଚାରିଣୀ ଶକ୍ତି ଅତ୍ୟଧିକ । ସେଥିପାଇଁ କୁହାଯାଇଛି, କାବ୍ୟେଷୁ ନାଟକଂ ରମ୍ୟମ୍ । ତେବେ ଗୀତ ଓ ନୃତ୍ୟର ମଧୁର ସମନ୍ୱୟରେ ଲୋକନାଟକର ସୃଷ୍ଟି ହୋଇଥିଲେ ମଧ୍ୟ କାଳକ୍ରମେ ଏ ଦୁଇଟି ବିଭାଗ ସ୍ୱତନ୍ତ୍ରତା ଆହରଣ କରି ଲୋକନାଟକକୁ ନିର୍ଦ୍ଦିଷ୍ଟ ରୂପ ଓ ଆଭିମୁଖ୍ୟ ଦେଇଥିଲା । ନୃତ୍ୟ ଓ ଗୀତ ଦୁଇଟି ସ୍ୱତନ୍ତ୍ର ଭିତ୍ତିଭୂମି ଉପରେ ପ୍ରତିଷ୍ଠିତ ହୋଇ ଦୁଇପ୍ରକାର ଲୋକନାଟକ ଆତ୍ମପ୍ରକାଶ ଲାଭ କରିଛି । ଛଉନାଚ ପରି କେତେକ ଲୋକନାଟକ ନୃତ୍ୟରେ ପରିପୂର୍ଣ୍ଣ ଓ ପାଟୁଆନାଚ, କଣ୍ଢେଇନାଚ ପରି କେତେକ ଲୋକନାଟକ ମୁଖ୍ୟତଃ ଗୀତ ପ୍ରଧାନ । ଆଲୋଚକ ସର୍ବେଶ୍ୱର ଦାସ ଲୋକନାଟକକୁ ଦୁଇଭାଗରେ ବିଭକ୍ତ କରିଛନ୍ତି । ସଂଳାପ ବିହୀନ ଗୀତନୃତ୍ୟ ସର୍ବସ୍ୱ ଲୋକନାଟ୍ୟ ଏବଂ ସଂଳାପଯୁକ୍ତ, ସଂଗୀତ ବହୁଳ ଏବଂ ନାଟକୀୟ ଆଙ୍ଗିକ ସଂପୂର୍ଣ୍ଣ ଲୋକନାଟକ । ସେ ଲୀଳା, ସୁଆଙ୍ଗ, ଗୀତିନାଟ୍ୟ, ଗୀତାଭିନୟ ଓ ମୋଗଲ ତାମସାକୁ ଦ୍ୱିତୀୟ ପର୍ଯ୍ୟାୟରେ ଏବଂ ଅନ୍ୟାନ୍ୟ ସମସ୍ତ ନାଚ ବା ନାଚକୁ ପ୍ରଥମ ପର୍ଯ୍ୟାୟର ଅନ୍ତର୍ଭୁକ୍ତ କରିଛନ୍ତି । କିନ୍ତୁ ପ୍ରଥମ ପର୍ଯ୍ୟାୟରେ ଅନ୍ତର୍ଭୁକ୍ତହୋଇଥିବା କେତେକ ଲୋକନାଟ୍ୟ ସଂପୂର୍ଣ୍ଣ ଭାବେ ନୃତ୍ୟାଶ୍ରୟୀ ହୋଇଥିବାରୁ ତାକୁ ଲୋକନୃତ୍ୟ ପର୍ଯ୍ୟାୟରେ ଗ୍ରହଣ କରିବା ସମୀଚୀନ ହେବ । ଭରତମୁନି ଅଭିନୟ କ୍ରିୟାକୁ ଚାରିଭାଗରେ ବିଭକ୍ତ କରିଛନ୍ତି । ଲୋକନାଟକରେ ଏହି ଚାରୋଟିଯାକ ଅର୍ଥାତ୍ କାୟିକ, ବାଚିକ, ସାତ୍ତ୍ୱିକ ଏବଂ ଆହାର୍ଯ୍ୟ ରୂପ ସ୍ଥାନ ପାଇଥାଏ । ଲୋକ ତଥା ନାଟ୍ୟ ଏ ଉଭୟ ଜଗତକୁ ଆଶ୍ରୟକରି ଲୋକନାଟକର ବିକାଶ । ଗ୍ରାମବହୁଳ ଭାରତବର୍ଷରେ ଗୀତ, ନୃତ୍ୟ-ନାଟକ ଇତ୍ୟାଦି କୃଷି ସହିତ ସଂପୃକ୍ତ ଏବଂ କୃଷକର ଏହା ଏକ ଅବଶ୍ୟ କର୍ତ୍ତବ୍ୟ ରୂପେ ଗୃହୀତ । କୃଷି କର୍ମର ଗୋଟିଏ ଗୋଟିଏ ପର୍ଯ୍ୟାୟ ସହିତ ନୃତ୍ୟ, ସଙ୍ଗୀତର ବିଭିନ୍ନ ପର୍ଯ୍ୟାୟ ସଂପୃକ୍ତ । ଗ୍ରାମାଞ୍ଚଳରେ ଗ୍ରାମ୍ୟଜନତା ମଧ୍ୟରେ ଦଳେ କୃଷିଜୀବୀ କଳାକାର ଥାଆନ୍ତି, ଯେଉଁମାନେ ଭାଣ୍ଡ,ନଟ, ଗନ୍ଧର୍ବ, ବୈରାଗୀ, ବାଉଲ ଫକୀର, ବୀଣାକାର, ଯୋଗୀ ପ୍ରଭୃତି ବିଭିନ୍ନ ଅଭିଧାରେ ବିଭିନ୍ନ ପ୍ରାନ୍ତରେ ପରିଚିତ । ନାଟ୍ୟକଳାର ପ୍ରସାର ଦିଗରେ ଏମାନଙ୍କର ଭୂମିକା ବିଶେଷ ଗୁରୁତ୍ୱପୂର୍ଣ୍ଣ । କାଶ୍ମୀରର ଭାଣ୍ଡ, ପଞ୍ଜାବର ଯୋଗୀ ପ୍ରଭୃତି ସେମାନଙ୍କର ନାଟ୍ୟକଳାର ପ୍ରସାର ନିମନ୍ତେ ଦାୟୀ ।

ସୁଶ୍ରାବ୍ୟ ସଂଗୀତ ଏବଂ ଆକର୍ଷଣୀୟ ନୃତ୍ୟ ଲୋକନାଟକ-ଗୁଡିକର ବୈଶିଷ୍ଟ୍ୟ ଏବଂ ଏହି କାରଣରୁ ହିଁ ଭାଷାର ବ୍ୟବଧାନ ଥିବା କ୍ଷେତ୍ରରେ ମଧ୍ୟ ଏଗୁଡିକ ଲୋକମାନଙ୍କ ଦ୍ୱାରା ଆଦୃତ ହୋଇଥାଏ । ତେଣୁ ଭଗର, ତାମ୍ସା, ଖ୍ୟାଲ, ନୌଟଙ୍କୀ, ତେରୁକୋଥୁ, ବୀଥିନାଟକମ୍, ଭାଁଡସଜନ, ଆନ୍ଧ୍ରର ବଡାକଥା, ତାମିଲନାଡୁର ହରିକଥା, ଓଡିଶାର ରାମଲୀଳା, ରାସଲୀଳା, ଦାସକାଠିଆ ପ୍ରଭୃତି ଏତେ ଆଦର ଲାଭ କରିଛି । କିନ୍ତୁ ବନାରସରେ ରାମଲୀଳାରେ, ବୃନ୍ଦାବନର ରାସଲୀଳାରେ କେବଳ ବ୍ରାହ୍ମଣ ପିଲାମାନେ ଭାଗନେଉଥିବା ବେଳେ ଓଡିଶାରେ ଏହା ସବୁ ଜାତି ପାଇଁ ଉନ୍ମୁକ୍ତ । ଧନୀ, ନିର୍ଦ୍ଧନ ନିର୍ବିଶେଷରେ ବ୍ରାହ୍ମଣ, କ୍ଷତ୍ରୀୟ, ବୈଶ୍ୟ, ଶୁଦ୍ର ପ୍ରଭୃତି ଏଥିରେ ଅଂଶଗ୍ରହଣ କରିଥାନ୍ତି । ଦକ୍ଷିଣ ଭାରତର ଆନ୍ଧ୍ର,ତାମିଲନାଡୁ କେରଳ, କର୍ଣ୍ଣାଟକ, ମହୀଶୂର ପ୍ରଭୃତି ଅଞ୍ଚଳରେ ଲୋକନାଟ୍ୟର ଯେଉଁ ଚିନ୍ତାଧାରା ପ୍ରଚଳିତ, ପ୍ରଦର୍ଶନରେ ଏଗୁଡିକ ପରମ୍ପରା ଦ୍ୱାରା ମୁଖ୍ୟତଃ ଭରତ ନିର୍ଦ୍ଦେଶିତ ନୀତିନିୟମ ଦ୍ୱାରା ଅଧିକ ନିୟନ୍ତ୍ରିତ । ଦକ୍ଷିଣ ଭାରତରେ ଅଭିନେତା ଅଭିନେତ୍ରୀ ଯେଉଁ ବର୍ଣ୍ଣାଢ୍ୟ ପୋଷାକ ପରିଧାନ କରନ୍ତି, ବେଶ ନିମନ୍ତେ ଯେଉଁ ଉଜ୍ଜ୍ୱଳ ଅଙ୍ଗରାଗ ବ୍ୟବହାର କରନ୍ତି, ଉତ୍ତର ଭାରତୀୟ ଲୋକନାଟକ କ୍ଷେତ୍ରରେ ତାହା ପ୍ରାୟ ପରିଲକ୍ଷିତ ହୁଏନାହିଁ ।

ଏହି ଦୃଷ୍ଟିରୁ କଳାଭୂମି ଉତ୍କଳର ଲୋକନୃତ୍ୟକୁ ବିଚାରକ୍ଷେତ୍ରକୁ ନେଲେ ଖାରବେଳଙ୍କ ଶାସନ କାଳରୁ କଳା ହିସାବରେ ଅଭିନୟ ପ୍ରତିଷ୍ଠିତ ହୋଇ ସାରିଥିଲା । ଓଡିଶାର ଅଜସ୍ର ମଠ-ମନ୍ଦିରର ଦେବ-ଦେଉଳ ଇତ୍ୟାଦିରେ ନିୟମିତ ନୃତ୍ୟ ଗୀତାଦିର ବ୍ୟବସ୍ଥା ଥିଲା । ଗଙ୍ଗମାନଙ୍କ ସହ ଦେବଦାସୀ ନୃତ୍ୟ ବା ମାହାରୀ ନୃତ୍ୟ ଓଡ଼ିଶାକୁ ଆସିଲା । ବୈଷ୍ଣବଧର୍ମର ପ୍ରସାର କାଳରେ ଏ ଦେଶରେ ବିଦଗ୍ଧ ବୃତ୍ତ ନାଟକର ଯେଉଁଭଳି ପ୍ରସାର ଘଟିଲା, ଲୋକବୃତ୍ତ ନାଟକର ମଧ୍ୟ ସେହିଭଳି ସମୃଦ୍ଧି ହେଲା । ତେଣୁ ଓଡିଶାରେ ଯାତ୍ରା, ଲୀଳା, ଦଣ୍ଡନାଚ ପ୍ରଭୃତିର ଆତ୍ମପ୍ରକାଶ ଘଟିଲା । ସେଗୁଡିକୁ ଆଲୋଚନାର ସୁବିଧା ନିମନ୍ତେ ନିମ୍ନରେ ପ୍ରଦାନ କରାଗଲା ।

**ଲୀଳା :** ଲୀଳାର ଆଭିଧାନିକ ଅର୍ଥ ହେଉଛି କ୍ରୀଡା ବା ଅନୁକରଣ । ଅନୁକରଣ ଦ୍ୱାରା ଅପର ଚରିତ୍ରର ଅଭିନୟ ନାଟକର ବିକାଶ କ୍ଷେତ୍ରରେ ଏକ ବିଶେଷ ସ୍ଥାନ ପାଇଆସିଛି । ସମ୍ଭବତଃ ଏହି ଲୀଳା ହିଁ ହେଉଛି

ଏହାର ପ୍ରାୟୋଗିକ ଦୃଷ୍ଟାନ୍ତ । ଲୀଳାକୁ ନାଟକ ଆଖ୍ୟା ଦେବାରେ ପଣ୍ଡିତ ମଣ୍ଡଳୀ ଭିନ୍ନମତ ପୋଷଣ କରନ୍ତି । ଡଃ ସୋମନାଥ ଗୁପ୍ତ ଏହାକୁ ନାଟକୀୟ କାବ୍ୟ କହୁଥିବାବେଳେ, ଡଃ ବେଦପାଳ ଶର୍ମା ଏହାକୁ କାବ୍ୟ ଆଖ୍ୟା ଦେଇଛନ୍ତି । ଓଡ଼ିଶାରେ ଏହାର ପ୍ରୟୋଗ କ୍ଷେତ୍ରରେ ''ଲୀଳା'', ''ଯାତ୍ରା'', ''ଗୀତିନାଟ୍ୟ'' ପ୍ରଭୃତି ମଧ୍ୟରେ ବିଶେଷ ପାର୍ଥକ୍ୟ ପରିଲକ୍ଷିତ ହୁଏ ନାହିଁ । କିନ୍ତୁ ଲୀଳାକୁ ଗୀତିନାଟ୍ୟର ପରବର୍ତ୍ତୀ ସୃଷ୍ଟି ବୋଲି ବିବିଚିତ କଲେ ବିଶେଷ ତ୍ରୁଟି ହେବନାହିଁ । ତେବେ ଜୟଦେବଙ୍କର ଗୀତଗୋବିନ୍ଦରେ ଲୀଳାତ୍ମକ ଅଭିନୟର ସ୍ପଷ୍ଟ ସୂଚନା ରହିଥିଲେ ମଧ୍ୟ ଓଡ଼ିଆ ଭାଷାରେ ଲୀଳା ପରମ୍ପରାର ସର୍ବପ୍ରଥମ ପ୍ରବର୍ତ୍ତକ ହେଲେ ଭାଗବତକାର ଜଗନ୍ନାଥ ଦାସ । କାରଣ ଭାଗବତରେ ପ୍ରଦତ୍ତ ରାସଲୀଳାହିଁ ପରବର୍ତ୍ତୀକାଳର କବିମାନଙ୍କୁ ଲୀଳାନାଟକ ରଚନା କରିବା ଲାଗି ପ୍ରେରଣା ଯୋଗାଇଥିଲା । ପଣ୍ଡିତ ନୀଳମଣି ମିଶ୍ର ଓଡ଼ିଆ ଲୀଳାର ପ୍ରଥମ ଲିଖିତ ରୂପ ଭାବରେ ବିଶ୍ୱନାଥ ଖୁଣ୍ଟିଆଙ୍କର ବିଚିତ୍ର ରାମାୟଣକୁ ଗ୍ରହଣ କରିଛନ୍ତି । ଲୀଳା ମୁଖ୍ୟତଃ ପଦ୍ୟାତ୍ମକ । ଏହାର ପ୍ରଥମାବସ୍ଥାରେ ପାତ୍ରପାତ୍ରୀମାନଙ୍କୁ ମଞ୍ଚରେ ପ୍ରବେଶ କରାମାତ୍ରେ ନିଜର ପରିଚୟ ଦେବାକୁ ପଡୁଥିଲା । ସଂପ୍ରତି ଯେଉଁମାନେ ଲୀଳା ରଚନା କରିଛନ୍ତି, ପଦ୍ୟ ସହ ଗଦ୍ୟର ସମନ୍ୱୟତ ରହିଛି, ତାହାଛଡ଼ା ପାତ୍ରପାତ୍ରୀମାନଙ୍କୁ ସେମାନଙ୍କର ପରିଚୟ ଦେବାକୁ ପଡୁନାହିଁ ।

## (କ) ରାମଲୀଳା :

ଓଡ଼ିଆ ରାସଲୀଳାର ସୃଷ୍ଟି ମୂଳରେ 'ବିଶି ରାମଲୀଳା' ପ୍ରଭାବ ଯଥେଷ୍ଟ ରହିଛି । କାରଣ ଏଥିରେ ଥିବା ସୁଲଳିତ ସାଂଗୀତିକତା ଏବଂ ଉଚ୍ଛ୍ୱାସଧର୍ମୀ ସାଂଳାପିକତା ଏହାକୁ ଅଧିକ ଜନପ୍ରିୟ କରିପାରିଛି । ସମାଲୋଚକ ମୃତ୍ୟୁଞ୍ଜୟ ରଥ ଅନୁମାନ କରନ୍ତି ଯେ ରାମନବମୀ ଯାତ୍ରା ଉପଲକ୍ଷେ ଏହା ରଚିତ ହୋଇଥିଲା । ବାଲ୍ମୀକି ରାମାୟଣ, ଜଗମୋହନ ରାମାୟଣ, ଅଧ୍ୟାତ୍ମ ରାମାୟଣରୁ ପ୍ରେରଣା ପାଇଁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କର ସେବକ ଶ୍ରୀ ବିଶ୍ୱନାଥ ଖୁଣ୍ଟିଆ ଏହାକୁ ରଚନା କରିଥିଲେ । ରାମଲୀଳାର ପ୍ରାଥମିକ ଅବସ୍ଥାରେ ମଣ୍ଡପରେ ପୋତାଯାଇଥିବା ଏକ ଡିଙ୍ଗି ଉପରେ ହନୁମାନ ଆରୋହଣ କରି ଗାନ କରୁଥିଲେ - ଶିଂଶପା ବୃକ୍ଷର ଡାଳେ, ହନୁ ମନେ ମନେ ଭାଳେ ଏ ପ୍ରକାର ଦୃଶ୍ୟକୁ ଦର୍ଶକ ନିର୍ବିବାଦରେ ଗ୍ରହଣ କରୁଥିଲେ । ତେବେ ରାମ-ସୀତାଙ୍କ କାରୁଣ୍ୟ ମର୍ମରିତ ଜୀବନଗାଥା ମୁଖ୍ୟତଃ କରୁଣରସ ଉପରେ ଆଧାରିତ କରି କବି ଖୁଣ୍ଟିଆ ଏହାକୁ ଅଧିକ ଜନପ୍ରିୟ କରାଇଅଛନ୍ତି । କବି ଏଥିରେ କେତେଗୁଡ଼ିଏ ପ୍ରାଚୀନ ଶବ୍ଦର ପ୍ରୟୋଗ କରିଅଛନ୍ତି । ସେଗୁଡ଼ିକ ହେଲା :'ତରାଉ, ତଡଗ, ରହୁବର, ମଣୋହି, ପରିତାକ ପ୍ରଭୃତି । ସେହିପରି ପରବର୍ତ୍ତୀ ପର୍ଯ୍ୟାୟରେ ଅଷ୍ଟାଦଶ ଶତକରେ ରଘୁନାଥ ଦାସ ଜଗମୋହନ ରାମାୟଣ ଅବଲମ୍ବନରେ ରାମଲୀଳା ରଚନା କରିଥିଲେ । ତିନିଶହ ଉଣେଇଶ ଗୋଟି ସଂଗୀତ ସାହାଯ୍ୟରେ ଅନଙ୍ଗ ନରେନ୍ଦ୍ର ମଧ ଅଷ୍ଟାଦଶ ଶତକରେ ରାମଲୀଳା ରଚନା କରିଛନ୍ତି । ଦକ୍ଷିଣ ଓଡ଼ିଶାର କବି ବୈଷ୍ଣବ ସଦାଶିବ ମଧ୍ୟ ସେହି ଅଷ୍ଟାଦଶ ଶତକରେ, ଟିକିଟି ଅଞ୍ଚଳର ବିପ୍ର ଜନାର୍ଦ୍ଦନ, ବିକ୍ରମ ନରେନ୍ଦ୍ର ଶ୍ରୀରାମ ଚରିତାମୃତ ଓ ରାଘବଚରିତାମୃତ, ଟିକିଟିର ରାଜା କୃଷ୍ଣଚନ୍ଦ୍ର ରାଜେନ୍ଦ୍ର ଟିକିଟି ରାମଲୀଳା ରଚନା କରିଥିଲେ । ନାଟ୍ୟକାର ରାଧାମୋହନ ରାଜେନ୍ଦ୍ରଙ୍କ ପିତୃବ୍ୟ ପୀତାମ୍ବର ରାଜେନ୍ଦ୍ର ୧୯୧୧ ମସିହାରେ ଜାନକୀ ବିଳାପ ନାମରେ ଖଣ୍ଡିଏ ଲୀଳା ରଚନା କରିଥିଲେ । କେଶବ ହରିଚନ୍ଦନ ନାମକ ଜଣେ ଲୀଳାକାର ଏହି ସମୟରେ ସରଳଭାଷାରେ ମଧ ରାମଲୀଳା ରଚନା କରିଛନ୍ତି ରାମନବମୀ ଉପଲକ୍ଷେ ବିଭିନ୍ନ ସ୍ଥାନରେ ରାମଲୀଳା ପରିବେଷଣ କରାଯାଏ । ସଂପ୍ରତି କଟକର ବିଭିନ୍ନ ସ୍ଥାନରେ ମଧ ଦୀର୍ଘଦିନଧରି ରାମଲୀଳା ପରିବେଷିତ ହୋଇ ଜନତାଙ୍କର ଅକୁଣ୍ଠ ସମର୍ଥନ ଲାଭ କରିଛି । କଟକରେ ବିଶ୍ୱନାଥ ଦାସ, ନଟବର ବେହେରା, ହରେକୃଷ୍ଣ ସାହୁ ପ୍ରମୁଖ ରାମଲୀଳା ରଚନା କରି ପ୍ରସିଦ୍ଧି ଅର୍ଜନ କରିଛନ୍ତି । ସଂପ୍ରତି ରାମଲୀଳାରେ ପଦ୍ୟ ଅପେକ୍ଷା ଗଦ୍ୟର ବଚନିକା ଅଧିକ । ଓଡ଼ିଆ ନାଟ୍ୟକଳାର ବିକାଶରେ ଲୀଳାର ଭୂମିକା ଗୁରୁତ୍ୱପୂର୍ଣ୍ଣ । ଏହା ପୂର୍ଣ୍ଣାଙ୍ଗ ନାଟକ ନୁହେଁ । ଆଲୋଚକ ଗିରିଜାଶଙ୍କର ରାୟ ଓଡ଼ିଆ ନାଟ୍ୟକଳା ପୁସ୍ତକରେ ଉଲ୍ଲେଖ କରିଛନ୍ତି, ଓଡ଼ିଆ ସାହିତ୍ୟର ପ୍ରଥମାବସ୍ଥାରେ ନାଟକୀୟ ଛଟାର ଯେଉଁ ପରିଚୟ ମିଳେ, ତାହା କାବ୍ୟାକାରରେ କଥୋପକଥନ । ତେଣୁ ଏହା ନାଟକର ପୂର୍ବରୂପ । ଏହା ଏକାନ୍ତ ଭାବରେ ଲୋକବୃତ୍ତର ବ୍ୟାପାର ହୋଇଥିଲେ ମଧ୍ୟ ଏଥିରେ ବିଦଗ୍ଧ ବୃତ୍ତପୂର୍ଣ୍ଣ ଅବହେଳିତ ନୁହନ୍ତି । ଓଡ଼ିଶାରେ ରାମଲୀଳା ପରିବେଷଣରେ ଆନ୍ତରିକ ଭକ୍ତିର ସ୍ଫୁରଣ ଲକ୍ଷ୍ୟଣୀୟ । ଉକ୍ତ ଲୀଳାରେ ଅଭିନୟ କ୍ଷେତ୍ରରେ ପୁରୁଷମାନେହିଁ ନାରୀଭୂମିକା ଗ୍ରହଣ କରିଥାନ୍ତି । ଏହାର ଭାଷା ସରଳ, ପରିବେଷଣ ଶୈଳୀ ଜଟିଳତାହୀନ । ଅଭିନୟର ଚାରୋଟି ବିଭାଗ ଆଙ୍ଗିକ, ଆହାର୍ଯ୍ୟ, ବାଚିକ, ସାତ୍ତ୍ୱିକ ଏଥିରେ ପରିଦୃଷ୍ଟ ।

## (ଖ) କୃଷ୍ଣଲୀଳା :

ଏହାର ସମୟ ପଞ୍ଚଦଶ ଶତକରୁ ଅଷ୍ଟାଦଶ ଶତକ ମଧ୍ୟରେ । ଦକ୍ଷିଣ ଭାରତରେ କୁଚିପୁଡ଼ିଆଟମ୍, ଭାଗବତ ମେଳ, ଯକ୍ଷଗଣ ଭଳି ଉତ୍ତରଭାରତରେ 'ରାସଲୀଳା'ର ପ୍ରବର୍ତ୍ତନ ହୋଇଥିଲା । ଆସାମ, ବଙ୍ଗଳା, ବିହାର, ଓଡ଼ିଶା ପ୍ରଭୃତି ପୂର୍ବଭାରତୀୟ ରାଜ୍ୟଗୁଡ଼ିକରେ ତଥା ଗୁଜୁରାଟ, ରାଜସ୍ଥାନ ପ୍ରଭୃତି ରାଜ୍ୟରେ କୃଷ୍ଣ ଆଧାରିତ ଯେଉଁ ବିପୁଳ ସାହିତ୍ୟ ସୃଷ୍ଟି ହୋଇଥିଲା, ତାରୁକଳା ବିଶେଷକରି ଲୋକକଳାରେ ତାହାର ପ୍ରଭାବ ଦେଖିବାକୁ ମିଳିଲା । ସମଗ୍ର ଦେଶରେ ଦେଖାଦେଇଥିବା ବୈଷ୍ଣବଧର୍ମର ଭକ୍ତି ଆନ୍ଦୋଳନର ପ୍ରଭାବ ଅଭିନୟ ଉପରେ ପଡ଼ିଲା । ତେଣୁ ରାମଙ୍କ ପ୍ରାୟ କୃଷ୍ଣ ମଧ ସେହି ସମୟରେ ଅଭିନୟ କ୍ଷେତ୍ରକୁ ପ୍ରବେଶ କଲେ । ମଥୁରାଯାତ୍ରା ପୂର୍ବରୁ କୃଷ୍ଣଙ୍କ କାର୍ଯ୍ୟାବଳୀର ବିବରଣୀ ଲୀଳାମାନଙ୍କରେ ସ୍ଥାନପାଇଲା । ହରିବଂଶରେ ଗୋପାଙ୍ଗନା ପରିବେଷ୍ଟିତ ଗୋପାଳକୃଷ୍ଣଙ୍କର ନୃତ୍ୟଗୀତାଦିର ବର୍ଣ୍ଣାଢ୍ୟ ବର୍ଣ୍ଣନା ରହିଅଛି । ଏତଦ୍‌ବ୍ୟତୀତ ବିଷ୍ଣୁପୁରାଣ, ବ୍ରହ୍ମପୁରାଣ, ଅଗ୍ନିପୁରାଣ, ବାୟୁପୁରାଣ, ଲିଙ୍ଗ ପୁରାଣ, କୂର୍ମପୁରାଣ ପ୍ରଭୃତିରେ କୃଷ୍ଣଗାଥା ଚମତ୍କାର ଶୈଳୀରେ ବର୍ଣ୍ଣିତ ହୋଇଅଛି । ତେଣୁ ପୁରାଣର ବିସ୍ତୃତ ବର୍ଣ୍ଣନା

ରାସଲୀଳା ରଚନା ନିମନ୍ତେ ନିଶ୍ଚୟ ପ୍ରେରଣା ଯୋଗାଇଥିବ । ଯଦିଓ ଭାଗବତରେ ରାଧାଙ୍କର ନାମୋଲ୍ଲେଖନାହିଁ, ତଥାପି ବ୍ରହ୍ମବୈବର୍ତ୍ତ ପୁରାଣ ରଚିତ ହେବାବେଳକୁ ରାଧା କୃଷ୍ଣଲୀଳାର ନାୟିକା ରୂପରେ ଆତ୍ମପ୍ରକାଶ କରିଛନ୍ତି । କୃଷ୍ଣଙ୍କର ଲବଣୀଚୋରୀ, ଦାନଲୀଳା, କାଳୀୟଦଳନ, ଗୋବର୍ଦ୍ଧନ ଧାରଣ, ବସ୍ତ୍ରହରଣ ପ୍ରଭୃତି ବହୁ କାର୍ଯ୍ୟକଳାପ କାବ୍ୟ ମାଧ୍ୟମରେ ପ୍ରକାଶ ଲାଭ କରିଛି । ଦ୍ୱାଦଶ ଶତକରେ ଉତ୍କଳୀୟ କବି ଜୟଦେବଙ୍କ ରଚିତ ଗୀତଗୋବିନ୍ଦ ହେଉଛି କୃଷ୍ଣଲୀଳାର ସ୍ୱଷ୍ଟରୂପ ବାଳଲୀଳା । ଯାହା ବଙ୍ଗ, ବିହାର, ଆସାମ ପ୍ରଭୃତି ରାଜ୍ୟଗୁଡିକରେ ବହୁ ପ୍ରଭାବ ବିସ୍ତାର କରିଥିଲା । ତେଣୁ ଚଣ୍ଡୀଦାସ, ବିଦ୍ୟାପତି, ଉମାପତି, ଶଙ୍କର ଦେବ ପ୍ରଭୃତି ବିଭିନ୍ନ ରାଜ୍ୟର କବିବୃନ୍ଦ, ଓଡିଶାର ଚୈତନ୍ୟଙ୍କ ଆବିର୍ଭାବ ଫଳରେ ଓଡିଶାରେ ଦୀନକୃଷ୍ଣ, ଅଭିମନ୍ୟୁ, କବିସୂର୍ଯ୍ୟ, ଗୋପାଳକୃଷ୍ଣ, ବନମାଳୀ ପ୍ରଭୃତି ବହୁ କବି କୃଷ୍ଣକାବ୍ୟ ରଚନା କରିଥିଲେ । ଓଡିଆଲୀଳା ସାହିତ୍ୟ (ପୃ ୨୨) ପୁସ୍ତକରେ ଡଃ ବଂଶୀଧର ମହାନ୍ତି ରାସଲୀଳା ସମ୍ପର୍କରେ ମତ ଦିଅନ୍ତି, ବହୁ ପ୍ରାଚୀନକାଳରୁ ଓଡିଶାର ଉନ୍ମୁକ୍ତ ରଙ୍ଗମଞ୍ଚ ଓ ଦେଉଳର ନାଟମନ୍ଦିର ମାନଙ୍କରେ ରାସଲୀଳା ୧୩ଶ ଶତକରୁ ଚଳିଆସୁଛି । ଶ୍ରୀ ଗୀତଗୋବିନ୍ଦ ହେଲା ଏହି ରାସର ମୂଳ । ତାହା ସହିତ ମିଶି ରହିଥିଲା ଓଡିଶୀ ନୃତ୍ୟ । ସଂପ୍ରତି ବହୁ ମଠ ମନ୍ଦିରରେ ଶରତ ଓ ବସନ୍ତ ଋତୁରେ କୃଷ୍ଣଲୀଳାର ଆୟୋଜନ କରାଯାଉଛି । ବେଣୁଧର ନରେନ୍ଦ୍ର, ଯଦୁଦାସ, ପିଣ୍ଡିକ ଶ୍ରୀଚନ୍ଦନ ପ୍ରଭୃତି ବହୁ ଲୀଳା ରଚୟିତା ପ୍ରେମାନୁରାଗ, ବଂଶୀଚୋରି ବାଳିଝୁଲା, କାଳୀୟଦଳନ, ଗୋଧନ ବାହୁଡା ପ୍ରଭୃତି ବହୁ ଲୀଳା ରଚନା କରିଥିଲେ । ଡଃ କୃଷ୍ଣଚରଣ ସାହୁ ଷୋଡଶ ଶତକର କବି ନରସିଂହ ଶେଣ ଯେଉଁ ଗୋପକେଳି ନାମକ କାବ୍ୟରଚନା କରିଥିଲେ ତାହାକୁ ଲୀଳା ଆଖ୍ୟା ପ୍ରଦାନ କରିଛନ୍ତି । ସେ ଏହାକୁ ପ୍ରଥମ ରାସଲୀଳା ବୋଲି ମନ୍ତବ୍ୟ ଦେଇ ଲେଖିଛନ୍ତି, ନରସିଂହ ଶେଣ ହିଁ ରାସଲୀଳାନୁକରଣର ଆଦ୍ୟ ପ୍ରବର୍ତ୍ତକ ଏବଂ ପ୍ରଥମ ରାସନୃତ୍ୟ ନିର୍ଦ୍ଦେଶକ ଗୌରବର ଅଧିକାରୀ (ଗୋପକାବ୍ୟରେ ନାଟକୀୟ ତତ୍ତ୍ୱ ପୃ-୩୨) । ବିପ୍ରଦାସ ଗୋପଲୀଳାର ରଚୟିତା । ଅଷ୍ଟାଦଶ ଶତକର ଶେଷପାଦରେ ରଚିତ ହୋଇଛି ଦ୍ୱିଜ ଚୈତନ୍ୟଙ୍କର କୃଷ୍ଣଲୀଳା ଜଗତସିଂହପୁର ସ୍ଥିତ ପଳାଶୋଳ ଗ୍ରାମର ସେ ଜଣେ ପ୍ରସିଦ୍ଧ ନାଟ୍ୟକାର, ଅଭିନେତା ତଥା ନିର୍ଦ୍ଦେଶକ ଥିଲେ । ତାଙ୍କ ନିଜର ମଧ ଏକ ଯାତ୍ରାଦଳ ଥିଲା । ଅଷ୍ଟାଦଶ ଶତକରେ ସମଗ୍ର ଓଡିଶାରେ ଯାତ୍ରା ତଥା ଲୀଳାର ବହୁଳ ପ୍ରସାର ତାଙ୍କ ସମୟରେ ହୋଇଥିଲା । ତାଙ୍କ ମତରେ -

ଶ୍ରୀ ବଳଦେବଜୀଉଙ୍କ ମନ୍ଦିରେ
ଦ୍ୱାଦଶଯାତ୍ରା ଅଟଇ ବେଭାରେ
ତା ମଧ୍ୟେ ପ୍ରଧାନ
ରାହାସ ବୋଲି ଅଟଇ ଚନ୍ଦନ
ପୁଣି ସେ ଗ୍ରାମେ ପାରବଣ ଯାତ
ନାଟୁଆମାନେ ଆସନ୍ତି ବହୁତ

ସେହିପରି କୃଷ୍ଣଲୀଳାର ସମୃଦ୍ଧ ପରମ୍ପରାରେ ଅଷ୍ଟାଦଶ ଶତକରେ ଦୁଃଖୀଶ୍ୟାମ ଦାସଙ୍କ ରଚିତ ବୃନ୍ଦାବତୀ ହରଣଲୀଳା କାଳୀୟ ଦଳନ ଲୀଳା ତଥା ଶ୍ୟାମ ସାହୁଙ୍କର ଗୋପଲୀଳାର ମଧ ଯଥେଷ୍ଟ ଅବଦାନ ରହିଛି । ରାସଲୀଳାର ଲେଖକମାନଙ୍କ ମଧ୍ୟରେ ବନମାଳୀ ଦାସ (ବନମାଳୀ ରାହାସ), ପିଣ୍ଡିକ ଶ୍ରୀଚନ୍ଦନ (ଶରତରାସ, ବସନ୍ତ ରାସ) କୃଷ୍ଣ ଦାସ (ଦୋଳରାସ) ପ୍ରଭୃତି ଉଲ୍ଲେଖଯୋଗ୍ୟ । ଏହା ବ୍ୟତୀତ ବିଶ୍ୱମ୍ଭର ରାଜେନ୍ଦ୍ର, ବନମାଳୀ ସାମନ୍ତରାୟ, ନାରାୟଣ ମର୍ଦ୍ଦରାଜ, ଜଗନ୍ନାଥ ନାରାୟଣ ଦେବ, ଦୀନବନ୍ଧୁ ସାମନ୍ତରାୟ, ରଘୁନାଥ ସିଂହ, ବୃନ୍ଦାବନ ଦାସ, ନରହରିଦାସ, ଗୋବିନ୍ଦ ସୁରଦେଓ, ମୋହନ ଗୋସାଇଁ, ଲକ୍ଷ୍ମୀକାନ୍ତ ମହାପାତ୍ର ତଥା କାଳୀଚରଣ ପଟ୍ଟନାୟକ ପ୍ରମୁଖ କବିମାନେ ମଧ ରାସଲୀଳା ରଚନା କରିଛନ୍ତି ।

## (ଗ) ରାଧାପ୍ରେମଲୀଳା :

ଏହା ଚିକିଟି ଅଧୀଶ୍ୱର ପିତାମ୍ବର ରାଜେନ୍ଦ୍ରଙ୍କଦ୍ୱାରା ରଚିତ । କେତେକ ଆଲୋଚକ ମତ ଦିଅନ୍ତି ଏହା ଅଷ୍ଟାଦଶ ଶତକର ଶେଷଭାଗର ରଚନା । ଆଠଗଡ ଜଗନ୍ନାଥପୁର ଶାସନର ସ୍ୱର୍ଗତ ରଘୁନାଥ ରାଜଗୁରୁ ଏହାର ଆଦ୍ୟ ପ୍ରବର୍ତ୍ତକ । ଉକ୍ତ ଲୀଳାରେ ରାଧାକୃଷ୍ଣଙ୍କର ଅପ୍ରାକୃତ ପ୍ରେମ ତଥା ମାନଭଞ୍ଜନ ପ୍ରଭୃତି ଘଟଣା ସୁଲଳିତ ସଂଗୀତ ମାଧ୍ୟମରେ ପରିବେଷିତ ହୋଇଥାଏ । କିଶୋରମାନେ ହିଁ ଏହାର ପରିବେଷକ । ନାରୀମାନେ ସାଧାରଣତଃ ଏଥିରେ ଅଂଶ ଗ୍ରହଣ କରନ୍ତି ନାହିଁ । ଏହା ମଧ ରାସଲୀଳାର ଭିନ୍ନ ଏକ ରୂପ । ପ୍ରଥମେ ଏହା ରାଜପରିବାରର ପୃଷ୍ଠପୋଷକତା ଲାଭ କରିଥିବାରୁ ବହୁ ବର୍ଣ୍ଣାଢ୍ୟ ରୂପରେ ଏହା ପରିବେଷିତ ହେଉଥିଲା । ସଂଗୀତ ହେଉଛି ଏହାର ପ୍ରାଣ । ଏଥିରେ ଅଭିନୟର ଆଙ୍ଗିକ, ବାଚିକ, ସାତ୍ତ୍ୱିକ ଏବଂ ଆହାର୍ଯ୍ୟ ବିଭାଗ ସ୍ଥାନ ପାଇଥାଏ । ପ୍ରଥମେ ଏହା ବିଦଗ୍ଧ ବର୍ଗର ଲୀଳା ରୂପରେ ଗୃହୀତ ହୋଇଥିଲା, କିନ୍ତୁ ପରବର୍ତ୍ତୀ କାଳରେ ଏହା ସାଧାରଣ ଜନତାଙ୍କ ଦ୍ୱାରା ଗୃହୀତ ହୋଇ ଲୋକନାଟ୍ୟର ମର୍ଯ୍ୟାଦା ଲାଭ କରିଛି ।

## (ଘ) ଭାରତଲୀଳା :

ମୁଖ୍ୟତଃ ସାରଳାଦାସଙ୍କର ମହାଭାରତରେ ସୁଭଦ୍ରା ହରଣ ଉପାଖ୍ୟାନ ଏଥିରେ ଲୀଳା ଆକାରରେ ପରିବେଷଣ କରାଯାଇଥାଏ । ଉକ୍ତ ଲୀଳାରେ ଦୁଆରୀ ବା ଦ୍ୱାରୀର ଭୂମିକା ମୁଖ୍ୟ । ତେଣୁ ଏହାର ଅନ୍ୟ ନାମ ଦୁଆରୀ ନାଟ । ଅନ୍ୟାନ୍ୟ ଲୀଳାପ୍ରାୟ ଏହା ମଧ ସଂଗୀତ ତଥା ନୃତ୍ୟପ୍ରଧାନ । ତଥାପି ଏଥିରେ କେତେକ ଗଦ୍ୟସଂଳାପର ବ୍ୟବହାର ରହିଛି । ଗଞ୍ଜାମରେ ଏହା ବେଶ୍ ଲୋକପ୍ରିୟତା ହାସଲ କରିଛି । କୃଷ୍ଣ ମଧ ଉକ୍ତ ଲୀଳାର ଏକ ଚରିତ୍ର । ତେଣୁ କଥାବସ୍ତୁ ଦୃଷ୍ଟିରୁ କୃଷ୍ଣଙ୍କର ଚରିତ ଏଥିରେ ବର୍ଣ୍ଣିତ ହୋଇଥିବାରୁ ଏହା ଭାରତଲୀଳା ରୂପରେ ନାମିତ । ତେବେ ଲୀଳା ରଚନା କ୍ଷେତ୍ରରେ ଗୋବିନ୍ଦ ସୁରଦେଓ ଓ ମୋହନ ଗୋସାଇଁଙ୍କ ପରେ କବିଚନ୍ଦ୍ର କାଳୀଚରଣ ଲୀଳା ରଚନାରୁ

ତାଙ୍କର ନାଟ୍ୟକାର ଜୀବନର ଆରମ୍ଭ କରିଥିଲେ । ତାଙ୍କ ରଚିତ ଲୀଳା ମଧ୍ୟରୁ ବାଂଶରୀ ବିଳାପ, କଳଙ୍କ ଭଞ୍ଜନ, ଦାରିଦ୍ର୍ୟଭଞ୍ଜନ, ମିଳନମାଧୁରୀ, ଶ୍ରୀରାଧା, କୌତୁକ ଚିନ୍ତାମଣି, ଆଖିର ଦେଖା, ଗୀତଗୋବିନ୍ଦ, ପ୍ରୀତି ସୁଧାକର ପ୍ରଭୃତି ପ୍ରଧାନ । ତାଙ୍କର ଶେଷ ଲୀଳା ମାନିନୀ ୧୯୩୮ ମସିହାରେ ରଚିତ ହୁଏ । ତେବେ ଲୀଳା ରଚନାର ସୁବର୍ଣ୍ଣଯୁଗ ହିଁ ଅଷ୍ଟାଦଶ ଶତକ । ମନୋରଞ୍ଜନ ଓ ଲୋକଶିକ୍ଷା ପ୍ରଦାନ ଉଭୟ ଲକ୍ଷ୍ୟ ନେଇ ଉକ୍ତ ଲୀଳାଗୁଡ଼ିକ ରଚିତ । ଏହାକୁ ଆଧୁନିକ ନାଟକର ଅଗ୍ରଜ ରୂପେ ଗ୍ରହଣ କରାଯାଇପାରେ ।

ସେହିପରି ଲୋକନୃତ୍ୟ ପରମ୍ପରାରେ ଛଉନୃତ୍ୟକୁ ମଧ୍ୟ ଗ୍ରହଣ କରାଯାଇପାରେ, ଯାହା ଓଡ଼ିଶାର ଏକ ଅବିସ୍ମରଣୀୟ ଅବଦାନ । ଷଢ଼େଇକଳା, ପୁରୁଲିଆ ଏବଂ ମୟୂରଭଞ୍ଜ ଏହି ତିନୋଟି ଅଞ୍ଚଳରେ ଛଉନୃତ୍ୟର ପ୍ରଚଳନ ଅଛି । ମୟୂରଭଞ୍ଜର ଛଉ ମୁଖ୍ୟତଃ ରାଜପରିବାର ନିର୍ଭରଶୀଳ । ଷଢ଼େଇକଳାର ଛଉର ଶିକ୍ଷକ, କଳାକାର ପ୍ରଭୃତି ରାଜ ପରିବାର ବର୍ଗ । ଏକମାତ୍ର ପୁରୁଲିଆର ଛଉ ରାଜ ପରିବାରର ସଂପର୍କ ଛିନ୍ନ କରି ସାଧାରଣ ଜନତା ମଧ୍ୟକୁ ଓହ୍ଲାଇ ଆସିଛି । ଛଉ ଶବ୍ଦଟି କିପରି ଉତ୍ପତ୍ତି ହେଲା, ଏ ସମ୍ପର୍କରେ ଆଲୋଚକବର୍ଗ କୌଣସି ସ୍ଥିର ସିଦ୍ଧାନ୍ତରେ ଉପନୀତ ହୋଇ ପାରିନାହାନ୍ତି । କେତେକ ଆଲୋଚକ ଏହାକୁ ଛାୟା ଶବ୍ଦରୁ ଆଉ କେତେକ ଛଦ୍ମଶବ୍ଦରୁ ଉତ୍ପତ୍ତି ବୋଲି ମତ ଦିଅନ୍ତି । ମାତ୍ର ପୁରୁଲିଆରେ ଅଭିନେତାବର୍ଗ ଯେଉଁ ମୁଖା ପିନ୍ଧି ନୃତ୍ୟ କରନ୍ତି ସେ ମୁଖାକୁ ଛଉ ବୋଲି କୁହାଯାଏ । ହୁଏତ ସେଥିପାଇଁ ଏହାର ନାମକରଣ ଛଉନୃତ୍ୟ ହୋଇପାରେ । ଆଉ କେତେକ ଆଲୋଚକ ଛାଉଣୀ ଶବ୍ଦରୁ ଏହାର ଉତ୍ପତ୍ତି ବୋଲି ମତପୋଷଣ କରିଥାନ୍ତି । ତେବେ ଛାଉଣି ଶବ୍ଦରୁ ଏହାର ଉତ୍ପତ୍ତି ବୋଲି ଅଧିକ ଯୁକ୍ତି ସଂଗତ ମନେହୁଏ । ଚୈତ୍ରମାସରେ 'ଚଇତପର୍ବ' ଅବକାଶରେ ଛବିଶ ଦିନ ବ୍ୟାପୀ ଏହି ନୃତ୍ୟର ଆୟୋଜନ କରାଯାଇଥାଏ । ବୈଶାଖ ମାସର ପ୍ରଥମ ଦିବସରେ ଏହାର ପରିସମାପ୍ତି ଘଟେ । ଏହି ଛଉନୃତ୍ୟରେ ଗୋଟିଏ ସ୍ତମ୍ଭ ଉଣ୍ଡୁ ଏହାକୁ ଶିବଲିଙ୍ଗର ପ୍ରତୀକ ରୂପେ ପୂଜା କରାଯାଇଥାଏ । ମୟୂରଭଞ୍ଜ ତଥା ଷଢ଼େଇକଳାରେ ମାଙ୍କଣାଘାଟରୁ ହିଁ ନୃତ୍ୟର ଆରମ୍ଭ ହୋଇଥାଏ । ଶୋଭାଯାତ୍ରାର ନେତୃତ୍ୱ ଗ୍ରହଣ କରନ୍ତି ଭର୍ଙ୍ଗର ନାମକ ସ୍ତମ୍ଭଧାରୀ ବ୍ୟକ୍ତି । ସେଠାରେ କଳାକାରମାନେ 'ଭକ୍ତ', ଭଗତ, ବ୍ରାହ୍ମଣ ନାମରେ ନାମିତ ହୁଅନ୍ତି ଓ ପର୍ବପର୍ଯ୍ୟନ୍ତ ସେମାନଙ୍କର ସ୍ୱତନ୍ତ୍ର ଜାତିବୋଲି ସେମାନେ ପରିଗଣିତ ହୋଇଥାନ୍ତି । ପ୍ରଥମ ରାତ୍ରିରେ ଘଟପୂଜା କରାଯାଏ । ସେହି ଘଟକୁ ଏକ ଶୋଭାଯାତ୍ରାରେ ନିଆଯାଇ ଶିବଙ୍କ ନିକଟରେ ସ୍ଥାପନ କରାଯାଇଥାଏ । ମୟୂରଭଞ୍ଜରେ ଶୋଭାଯାତ୍ରାରେ ଯାଉଥିବା କଳାକାର 'ଦଣ୍ଡ' ସହାୟତାରେ ବହୁବିଧ ଶାରୀରିକ କୌଶଳ ପ୍ରଦର୍ଶନ କରି ନିଆଁ ଉପରେ ଚାଲନ୍ତି । କିନ୍ତୁ ଷଢ଼େଇକଳାରେ ଉକ୍ତ ପଦ୍ଧତି ଅତ୍ୟନ୍ତ ସରଳ ଓ ସ୍ୱାଭାବିକ୍ ।

ଦ୍ୱିତୀୟ ପର୍ଯ୍ୟାୟ ବୃନ୍ଦାବନୀ ନାମରେ ନାମିତ । ଏଥିରେ ହନୁମାନର ଲଙ୍କାପୋଡ଼ିର ଦୃଶ୍ୟ ପ୍ରାସାଦ ମଧ୍ୟରେ ପ୍ରଦର୍ଶିତ ହୁଏ । ତୃତୀୟ ପର୍ଯ୍ୟାୟ 'କାଳିକା ଘଟ' ନାମରେ ନାମିତ ଓ ଏହାପରେ ଛଉନାଚର ଶୁଭାରମ୍ଭ ହୁଏ । ଗତି ଅନୁସାରେ ତାଳଯୋଜନା ଛଉନୃତ୍ୟର ଏକ ପ୍ରଧାନ ଆକର୍ଷଣ । ଏଥିରେ ଢୋଲ, ଧୁମ୍ସା, ଟ୍ରିକ୍ ଏବଂ ନାଗରା ଚାରିପ୍ରକାର ମର୍ଦ୍ଦଳ ବାଦ୍ୟ ବ୍ୟବହୃତ ହୋଇଥାଏ । ମୟୂରଭଞ୍ଜ ଛଉନୃତ୍ୟରେ ମହୁରି ବାଦ୍ୟର ପ୍ରଚଳନ ଅଛି । ଏତଦ୍‌ବ୍ୟତୀତ ଘଣ୍ଟ, କରତାଳ, ଶିଙ୍ଗା ପ୍ରଭୃତି ଆଉ କେତେକ ବାଦ୍ୟଯନ୍ତ୍ର ମଧ୍ୟ ଏଥିରେ ବ୍ୟବହୃତ ହୋଇଥାଏ । ତେବେ କଣ୍ଠ ସଂଗୀତ ଏଥିରେ ସୀମିତ । ଷଢ଼େଇକଳା ଓ ପୁରୁଲିଆରେ ଛଉନୃତ୍ୟ ପାଇଁ ମୁଖାର ବ୍ୟବହାର କରାଯାଇଥାଏ । ମୁଖାଗୁଡ଼ିକ କାଠ କିମ୍ବା ମାଟିରେ ପ୍ରସ୍ତୁତ କରାଯାଇ ତାହାକୁ ଆହୁରି ଆକର୍ଷଣୀୟ କରିବା ପାଇଁ ରଙ୍ଗ ଦିଆଯାଇଥାଏ । ଏହା ଏକ ମୁଦ୍ରାକାଶୀ ଶାରୀରିକ କୌଶଳ ପ୍ରଦର୍ଶିତ ନୃତ୍ୟ । ବର୍ତ୍ତମାନ ଛଉନୃତ୍ୟ ସାମନ୍ତ ଗୋଷ୍ଠୀଙ୍କ ନିକଟରୁ ସାଧାରଣ ସ୍ତରକୁ ଚାଲି ଆସିଛି । ଛଉନୃତ୍ୟ ମୁଖ୍ୟତଃ କଳାପ୍ରେମୀ ଜନତାର ଅନୁକମ୍ପା ନିର୍ଭରଶୀଳ ହୋଇପଡ଼ିଛି ।

ସେହିପରି ପ୍ରହ୍ଲାଦ ନାଟକ ଦକ୍ଷିଣ ଓଡ଼ିଶାର ଅତ୍ୟନ୍ତ ଲୋକପ୍ରିୟ ନାଟକ । ନୃସିଂହାବତାର ଏବଂ ହିରଣ୍ୟବଧ ଉକ୍ତ ନାଟକର କଥାବସ୍ତୁ । ଉକ୍ତ ନାଟକରେ ବହୁ ଶାସ୍ତ୍ରୀୟ ରାଗରାଗିଣୀର ବ୍ୟବହାର କରାଯାଇଥାଏ । ମର୍ଦ୍ଦଳ, ଝାଞ୍ଜ, ମହୁରି ପ୍ରଭୃତି ବାଦ୍ୟଯନ୍ତ୍ର ସହାୟତାରେ ଅଭିନୟ ୧୫/୧୬ ଘଣ୍ଟା ଧରି ଚାଲେ । ଅଭିନେତା ଗାଇବା ଆରମ୍ଭ କରି ପଦ ଶେଷ କରିବାପରେ ପାଳିଆ ମାନେ ଶେଷ ପାଦକୁ ବାରମ୍ବାର ଆବୃତ୍ତି କରନ୍ତି । ଯେଉଁଥିରେ ଗାୟକ ବିଶ୍ରାମ ପାଏ । ଜଳନ୍ତର ନରେଶ ରାମକୃଷ୍ଣ ଛୋଟରାୟଙ୍କ ନାମରେ ଭଣିତ ଖଣ୍ଡିଏ ମୁଦ୍ରିତ ନାଟକ ଦେଖିବାକୁ ମିଳେ ।

ଓଡ଼ିଶାରେ ଲୋକନାଟକର ବହୁ ଧାରା ରହିଅଛି । ରାବଣଛାୟା, କଣ୍ଢେଇନାଚ, ରଣପାନାଚ, ଦାସ୍କାଠିଆ, ଡୁମ୍ପା, ଦଣ୍ଡ, କୋଇଲା, କେଳାକେଳୁଣୀ, ଶବର ଶବରୁଣୀ, ଚଇତି ଘୋଡ଼ା, ବହୁରୂପୀ, ପାଟୁଆ ନାଚ ପ୍ରଭୃତି ଅଜସ୍ର ଲୋକନାଟ୍ୟ ଓଡ଼ିଶାର ବିଭିନ୍ନ ପ୍ରାନ୍ତରେ ପ୍ରଚଳିତ । ଖୋର୍ଦ୍ଧାର ପାଇକ ନାଚ, ସାକ୍ଷୀଗୋପାଳର ନାଗାନୃତ୍ୟ ମଧ୍ୟ ସମପରିମାଣରେ ପ୍ରସିଦ୍ଧି ଲାଭ କରିଛି । ଓଡ଼ିଶାର କୈବର୍ତ୍ତ ସଂପ୍ରଦାୟର ଏକ ଉଲ୍ଲେଖନୀୟ ପର୍ବ ଚୈତ୍ର ପୂର୍ଣ୍ଣିମାରେ ଏହି ଘୋଡ଼ାନାଚର ଆୟୋଜନ କରାଯାଇଥାଏ । ପଞ୍ଚସଖା ଯୁଗର ବରେଣ୍ୟ ସନ୍ଥକବି ଅଚ୍ୟୁତାନନ୍ଦ ତାଙ୍କର କୈବର୍ତ୍ତ ଗୀତାରେ ଉକ୍ତ ନୃତ୍ୟ ସଂପର୍କରେ ବର୍ଣ୍ଣନା କରିଅଛନ୍ତି । ବାଉଁଶ କାଠିଁ ଚିରି ତହିଁରେ ଅଶ୍ୱର ପଞ୍ଜରା ପ୍ରସ୍ତୁତ କରାଯାଇ ତହିଁରେ ମାଟି ନିର୍ମିତ ଏକ ଅଶ୍ୱର ଶିର ଖଞ୍ଜାଯାଏ । ପ୍ରଥମରୁ ଧୂପ, ଦୀପ, ନୈବେଦ୍ୟ ଦେଇ ବାଉଁଶକୁ ପୂଜା କରାଯାଏ । ଈଶ୍ୱରଙ୍କ ନାମ ସ୍ମରଣ କରି ତାହାକୁ କଟାଯାଏ । ପାର୍ବତୀଙ୍କ ନାମ ସ୍ମରଣକରି ଚକା ପ୍ରସ୍ତୁତ କରାଯାଏ । ବ୍ରହ୍ମାଙ୍କ ନାମ ସ୍ମରଣ କରି ଘୋଡ଼ାକୁ ସୁସଜ୍ଜିତ କରାଯାଏ । ତାପରେ ତାକୁ ପୂଜା କରାଯାଇଥାଏ । ରାତ୍ରରେ ସୁସଜ୍ଜିତ ଘୋଡ଼ାକୁ ନେଇ ଶୋଭାଯାତ୍ରା ବାହାରେ । ପଲ୍ଲୀ ଅଞ୍ଚଳରେ କୈବର୍ତ୍ତ

ମାନେ ଯେଉଁଠାରେ ଘୋଡ଼ାନାଚ କରିବେ, ତାଙ୍କ ଘରେ ମାଛ ଦେଇଥାନ୍ତି । ତେବେ ଏହି ଶୋଭାଯାତ୍ରା ସହିତ ଚଢ଼େୟା ଚଢ଼େୟାଣୀ ବା ରାଉତ ରାଉତାଣୀ ବାହାରନ୍ତି । ସେମାନେ ବାଦ୍ୟର ତାଳେ ତାଳେ ନୃତ୍ୟ ପରିବେଷଣ କରନ୍ତି ଓ ଗୀତ ଗାନ କରନ୍ତି । ସେମାନେ ସାହି ସାହି ବୁଲି ନୃତ୍ୟ ପ୍ରଦର୍ଶନ କରି ଅର୍ଥ ଉପାର୍ଜନ କରନ୍ତି । ଏଥିପାଇଁ କୌଣସି ସ୍ୱତନ୍ତ୍ର ମଞ୍ଚର ଆବଶ୍ୟକତା ପଡ଼େ ନାହିଁ । ଗାଁ ଦାଣ୍ଡ ହିଁ ଏହାର ଅଭିନୟ ସ୍ଥଳ । ସଂପ୍ରତି ଘୋଡ଼ାନାଚ ଭିନ୍ନ ରୂପ ନେଇଛି । ଯେପରି ନର୍ତ୍ତକ ନିଜର ପରିଚୟ ଦେଇ କହୁଥିଲା -

'ବାଟରେ ମାଇଲି ବୋଡା
ରାତିରେ ନଚାଏ ଚଇତି ଘୋଡା ମୁଁ
ଦିନରେ କୁଟଇ ଚୁଡା ..'

ବର୍ତ୍ତମାନ ସେପରି ଭାବରେ ପ୍ରଦର୍ଶିତ ନହୋଇ ଗାୟକ ଓ ସହଯୋଗୀମାନଙ୍କ ସହାୟତାରେ ସେମାନେ କୌଣସି ଏକ ପୌରାଣିକ କଥାବସ୍ତୁକୁ ମଞ୍ଚରେ ପରିବେଷଣ କରୁଛନ୍ତି । ସେହିପରି ଚଢ଼େୟା ଓ ଚଢ଼େୟାଣୀ ନାଚ ମଧ୍ୟ ଓଡ଼ିଶାର ଅରଣ୍ୟ ପ୍ରଦେଶରେ ଗୋଟିଏ ସଂପ୍ରଦାୟ ଅଛନ୍ତି, ଯେଉଁମାନଙ୍କର ଚଢ଼େଇ ଧରି ଜୀବିକା ନିର୍ବାହ ପେଶା, ସେମାନଙ୍କର କର୍ମକୌଶଳ ଉକ୍ତ ନୃତ୍ୟମାଧ୍ୟମରେ ପରିବେଷିତ ହୋଇଥାଏ । ଉକ୍ତ ନୃତ୍ୟ ସହିତ ପ୍ରଶ୍ନୋତ୍ତର ଛଳରେ ଚଢ଼େୟା, ଚଢ଼େୟାଣୀ ଗୀତ ଗାନ କରିଥାନ୍ତି । ବାଲେଶ୍ୱର ଅଞ୍ଚଳରେ ଏକପ୍ରକାର ଚଢ଼େୟା, ଚଢ଼େୟାଣୀ ନୃତ୍ୟର ପ୍ରଚଳନ ଅଛି, ଯେଉଁମାନେ ନାଟକରଭଳି ଗଳ୍ପାଂଶ ସହାୟତାରେ ନୃତ୍ୟ ପ୍ରଦର୍ଶନ କରିଥାନ୍ତି ।

ସେହିପରି ପଶ୍ଚିମ ଓଡ଼ିଶାରେ ଡାଲଖାଇ ନୃତ୍ୟ ମଧ୍ୟ ବେଶ୍ ପ୍ରସିଦ୍ଧି ଅର୍ଜନ କରିଛି । ଆଶ୍ୱିନ ମାସର ମହାଷ୍ଟମୀଠାରୁ ଦଶହରା ଏହି ତିନିଦିନ ସେଠାକାର ଅଧିବାସୀ ଡାଲ୍‌ଖାଇ (ଦୁର୍ଗା)ଙ୍କ ଉଦ୍ଦେଶ୍ୟରେ ପୂଜାର୍ଚ୍ଚନା ସହିତ ଉକ୍ତ ନୃତ୍ୟଗୀତର ଆୟୋଜନ କରିଥାନ୍ତି । ମୁଖ୍ୟତଃ ଆଦିବାସୀ ପଲ୍ଲୀର ତରୁଣୀମାନେ ଏଥିରେ ହାତଛଡି, ଦୋହଲି, ଦୋହଲି ଆଗପଛ ହୋଇ ଡାଲ୍‌ଖାଇ ଗୀତ ବୋଲି ଉକ୍ତ ନୃତ୍ୟକୁ ପରିବେଷଣ କରିଥାନ୍ତି । ଗୀତ ଗାଇବା ପରେ ଏମାନେ ମୁଣ୍ଡ ନୁଆଁଇ ନାଚିବାକୁ ଆରମ୍ଭ କରନ୍ତି । ଗୀତର ଘୋଷାରେ ଡାଲଖାଇରେ ପଦଟି ବାରମ୍ବାର ବ୍ୟବହୃତ ହୋଇଥାଏ ।

ଡାଲ୍‌ଖାଇ ବୋ...
କୃଷ୍ଣ ମାରିଥିଲେ ଯମୁନା କୂଳ
ରାଧା ଯାଇଥିଲେ ଆଣିବେ ଜଳ
ଧରି ନେଲେ ହାତ କଲା କହ୍ନାଇ
ଛାଡ ବୋଇଲେ ସେ ଛାଡଇ ନାହିଁ
ଯୁବାବୟସ ସେ ନଂଦର ପିଲା
ଦେହ ତାର କଳା କଳା ... ଡାଲ୍ ଖାଇ ବୋ..

ସେହିପରି ସମ୍ବଲପୁର ଜିଲ୍ଲାର କର୍ମାନାଚ ମଧ୍ୟ ଏକ ପ୍ରଧାନ ଲୋକନୃତ୍ୟ । କରମ୍ ସାନି ଏବଂ 'କରମ୍‌ରାନି' ଦେବଦେବୀଙ୍କର ଉଦ୍ଦେଶ୍ୟରେ ପୂଜା ଆରାଧନା କରି ଉକ୍ତ ନୃତ୍ୟ ଆୟୋଜିତ ହୋଇଥାଏ । ଭାଦ୍ରବ ମାସର ଶୁକ୍ଳପକ୍ଷ ଏକାଦଶୀ ତିଥିରେ ଯୁବକ ଯୁବତୀମାନେ ବାଜାବଜାଇ ଜଙ୍ଗଲକୁ ଯାଇ ଶାଳଗଛର ଡାଳ କାଟି ଆଣନ୍ତି ଏବଂ ଖୋଲାସ୍ଥାନରେ ଉକ୍ତ ଡାଳ ପୋତାଯାଏ । ପୂଜା ପରେ କରମ୍‌ସାନିଙ୍କ କାହାଣୀ ବର୍ଣ୍ଣନା କରାଯାଏ । ମାଦଳ ବାଦ୍ୟର ସହାୟତାରେ ଯୁବକ ଯୁବତୀମାନେ ନୃତ୍ୟ ପରିବେଷଣ କରନ୍ତି । ନୃତ୍ୟବେଳେ ଗୀତ ବୋଲାଯାଏ ନାହିଁ । ବାଦ୍ୟର ତାଳେ ତାଳେ 'ହାଏ' 'ହାଏ' ଶବ୍ଦ ଭାସିଆସେ । ଏହାକୁ ଅନେକ 'କେଲି କଦମ୍' ନାଚ ନାମରେ ନାମିତ କରିଥାନ୍ତି ।

ଡାଲ୍‌ଖାଇ ନୃତ୍ୟର ଏକ ପ୍ରସାରିତ ରୂପ ରସର କେଳୀ । ଡାଲ୍‌ଖାଇ ନୃତ୍ୟର ଘୋଷାପଦରେ ଯେପରି 'ଡାଲ୍‌ଖାଇ' ବୋଲି ବାରମ୍ବାର ବ୍ୟବହୃତ ହୁଏ, ଏଥିରେ ସେହିପରି ରସର କେଳୀ ବ୍ୟବହୃତ ହୋଇଥାଏ । ସେହିପରି ସମ୍ବଲପୁର, କଳାହାଣ୍ଡି, ବଲାଙ୍ଗୀର, ସୁନ୍ଦରଗଡ, କୋରାପୁଟ ଜିଲ୍ଲାର ଘୁମୁରା ନାଚ, ପଶ୍ଚିମ ଓଡ଼ିଶାର 'କୈସାବାଡ଼ି' ନୃତ୍ୟ, କୋରାପୁଟ ଜିଲ୍ଲାର 'ଦେଶୀୟା ନାଚ' ପ୍ରଭୃତି ଲୋକନୃତ୍ୟ ହିସାବରେ ବେଶ୍ ପ୍ରସିଦ୍ଧି ଅର୍ଜନ କରିପାରିଛି ।

ଲୋକ ନାଟକଗୁଡ଼ିକ ଅଶିକ୍ଷିତ, ଅର୍ଦ୍ଧଶିକ୍ଷିତ, ନିରକ୍ଷର ଗ୍ରାମୀଣ ଜନତାର ଅକୁଣ୍ଠ ସମର୍ଥନ ଲାଭକରି ସେମାନଙ୍କର ମନୋରଞ୍ଜନ ଉଦ୍ଦେଶ୍ୟରେ ପ୍ରଦର୍ଶିତ ହେଉଥିଲା। ଏହାର ପ୍ରକାଶରୀତି ସ୍ୱଚ୍ଛନ୍ଦ, ସରଳ, ସାବଲୀଳ, ଅଳଙ୍କାର ହୀନ । ସମାଜ ଜୀବନର ଉତ୍‌ଥାନ, ପତନ ସହିତ ଲୋକନାଟକଗୁଡ଼ିକ ସମତାଳ ଦେଇ ପଲ୍ଲୀଜନତାର ଜୀବନମନରେ ଆନନ୍ଦ ଦାନ ପାଇଁ ସମର୍ଥ ହୋଇ ପାରିଛି । ସାଧାରଣ ଲୋକ ଜୀବନର ପ୍ରତିଫଳନ ଏଥିରେ ହିଁ ସୁସ୍ପଷ୍ଟ । ସମାଜଜୀବନର ଦୋଷତ୍ରୁଟିର ନିରାକରଣ ସହିତ ମୈତ୍ରୀମୟ ଏକ ସୁନ୍ଦର ସମାଜ ଗଠନର ସ୍ୱପ୍ନ ଯେ ଗ୍ରାମୀଣ କବିବୃନ୍ଦ ଏକଦା ଦେଖିଥିଲେ, ଭାବିଲେ ବିସ୍ମିତ ହେବାକୁ ପଡେ । ଧର୍ମର ଜୟ ଓ ପାପର ପରାଜୟ ଦର୍ଶନଟି ଲୋକନାଟକର ଏକାନ୍ତ ମର୍ମବାଣୀ । ତେଣୁ ଏହା ବଞ୍ଚି ରହିଛି, ବଞ୍ଚି ରହିବ ମଧ୍ୟ ।

ପ୍ରଧାପକ, ଓଡ଼ିଆ ବିଭାଗ
ସାଲେପୁର କଲେଜ
ସାଲେପୁର, କଟକ

# ଓଡ଼ିଶାରେ ଜାତୀୟ ଆନ୍ଦୋଳନର ପୃଷ୍ଠଭୂମି

ଶ୍ରୀ କରୁଣାକର ବିଶୋଇ

ଓଡ୍ର ବା ଓଡ୍ରଦେଶ, କଳିଙ୍ଗ, ଉତ୍କଳ ଓ କୋଶଳ ଏହି ଚାରୋଟି ସ୍ୱାଧୀନ ରାଜ୍ୟର ଅଭ୍ୟୁଦୟ ବହୁ ପ୍ରାଚୀନ କାଳରୁ । ଗଙ୍ଗ ରାଜତ୍ୱ ସମୟରେ ଦ୍ୱାଦଶ ଶତାବ୍ଦୀରେ ଏହି ରାଜ୍ୟଗୁଡ଼ିକର ମିଶ୍ରଣରେ ଏକ ବିଶାଳ ସାମ୍ରାଜ୍ୟ ସ୍ଥାପିତ ହୋଇଥିଲା । ଏହି ଓଡ଼ିଶା ରାଜ୍ୟ ଉତ୍ତରରେ ଗଙ୍ଗାଠାରୁ ଦକ୍ଷିଣରେ ଗୋଦାବରୀ ନଦୀ, ପଶ୍ଚିମରେ ମଧ୍ୟପ୍ରଦେଶ ଅନ୍ତର୍ଗତ ଅମରକଣ୍ଟକଠାରୁ ପୂର୍ବରେ ବଙ୍ଗୋପସାଗର ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଗଙ୍ଗବଂଶ ପରେ ସୂର୍ଯ୍ୟ ଗଜପତି ରାଜତ୍ୱରେ ଓଡ଼ିଶାର ସୀମାରେଖା ଦକ୍ଷିଣରେ ଗୋଦାବରୀଠାରୁ କାବେରୀ ନଦୀ ପର୍ଯ୍ୟନ୍ତ ପରିବ୍ୟାପ୍ତ ହୋଇଥିଲା । ଖ୍ରୀ: ୧୪୩୫ ରୁ ୧୫୬୮ ପର୍ଯ୍ୟନ୍ତ ଗଜପତି ବଂଶ ରାଜତ୍ୱ କରିଥିଲେ ହେଁ, ଅନ୍ତର୍ବିବାଦ କାରଣରୁ ଓଡ଼ିଶାରେ ଘୋର ଦୁର୍ଦ୍ଦିନ ଘୋଟି ଆସିଥିଲା । ୧୫୬୮ରେ ଶେଷ ସ୍ୱାଧୀନ ରାଜା ମୁକୁନ୍ଦଦେବ ଗୋହିରାଟିକିରିଠାରେ ନିହତ ହୋଇଥିଲେ ।

ଖ୍ରୀ.ଅ. ୧୫୬୮ ପରେ ଦେଖାଦେଇଥିଲା ଓଡ଼ିଶା ଆକାଶରେ କଳାବାଦଲର କରାଳ ବିଭୀଷିକା । ପ୍ରାୟ ଚାରିଶହ ବର୍ଷ କାଳ ଓଡ଼ିଶା ବାହାରର ଶକ୍ତିମାନଙ୍କ ଦ୍ୱାରା ଶାସିତ ହୋଇଥିଲା । ପ୍ରଥମେ ଆଫଗାନ ସେନାଧକ୍ଷ ସୁଲେମାନ୍ କରରାନୀ ଖ୍ରୀ.ଅ. ୧୫୬୮ ରେ ଓଡ଼ିଶା ଅଧିକାର କରିଥିଲେ । ୧୫୭୬ ପର୍ଯ୍ୟନ୍ତ ଓଡ଼ିଶା ଆଫଗାନ୍‌ଙ୍କ ଅଧୀନରେ ରହିଥିଲା । ମୋଗଲ୍ ସମ୍ରାଟ ଆକବରଙ୍କ ଦ୍ୱାରା ପ୍ରେରିତ ରାଜା ତୋଡରମଲ ଓ ମୁନିମ୍ ଖାଁ ସୁଲେମାନ କରରାନୀଙ୍କ ପୁତ୍ର ଦାଉଦଖାଁଙ୍କୁ ଯୁଦ୍ଧରେ ପରାସ୍ତ ଓ ହତ୍ୟାକରି ଓଡ଼ିଶାରେ ମୋଗଲ ଶାସନ ପ୍ରତିଷ୍ଠା କରିଥିଲେ । ମୋଗଲ ଶାସନ ଖ୍ରୀ.ଅ ୧୭୦୭ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ଚାଲିଲା । କିନ୍ତୁ ଆଉରଙ୍ଗଜେବଙ୍କ ମୃତ୍ୟୁପରେ ବଙ୍ଗଳାର ନବାବ ସ୍ୱାଧୀନତା ଘୋଷଣା କରିଥିଲେ । ନବାବ ନାଏବ ନାଜିମ ପଦବୀ ଗ୍ରହଣ କରି ଓଡ଼ିଶା ଶାସନ ପାଇଁ ଏକ ଉପ-ରାଜ୍ୟପାଳ ନିଯୁକ୍ତ କରିଥିଲେ । କିଛି ବର୍ଷପରେ ଓଡ଼ିଶା ମରହଟ୍ଟାମାନଙ୍କ ଦୃଷ୍ଟିରେ ପଡ଼ିଥିଲା । ସେହି ସମୟରେ ମରହଟ୍ଟାମାନେ ଗୌରବର ଶୀର୍ଷ ସୋପାନରେ ପହଞ୍ଚିଥିଲେ । ଓଡ଼ିଶାର ନାଜିମ୍ ଆଲିବର୍ଦ୍ଦି ଖାଁଙ୍କ ସହ ପ୍ରାୟ ଦଶବର୍ଷକାଳ ଯୁଦ୍ଧପରେ ମରହଟ୍ଟାମାନେ ବିଜୟୀ ହୋଇଥିଲେ ଓ ଖ୍ରୀ.ଅ. ୧୭୫୧ରେ ଓଡ଼ିଶାର ଶାସନଭାର ହସ୍ତଗତ କରିଥିଲେ । ନାଗପୁରରେ ଶାସନ କରୁଥିବା ମରହଟ୍ଟା ନରପତି ରଘୁଜୀ ଭୋସଲାଙ୍କ ସୁବେଦାର ଓଡ଼ିଶା ଦାୟିତ୍ୱରେ ରହିଲେ । ଏହି ଶାସନ ୧୮୦୩ ପର୍ଯ୍ୟନ୍ତ ଚାଲିଥିଲା । ୱେଲସଲିଙ୍କ କୁଟନୀତି, ଚକ୍ରାନ୍ତ ଓ ରଣକୌଶଳ ଫଳରେ ମରହଟ୍ଟାଙ୍କୁ ଗାଦିରୁ ହଟାଇ ଇଂରେଜମାନେ ଓଡ଼ିଶା ଦଖଲ କଲେ ।

ବଡଖେମୁଣ୍ଡି, ପାରଳାଖେମୁଣ୍ଡି, ଘୁମୁସର, ଖଲ୍ଲିକୋଟ ରାଜ୍ୟମାନେ ଇଂରେଜମାନଙ୍କର ଦୃଢ ପ୍ରତିରୋଧ କରିଥିଲେ । ସ୍ୱାଧୀନତାର ସୁରକ୍ଷା ପାଇଁ ହଜାର ହଜାର ସଂଖ୍ୟାରେ ସୈନ୍ୟ ପ୍ରାଣବଳୀ ଦେଇଥିଲେ । ଇଂରେଜମାନେ ରାଜ୍ୟ ଦଖଲ ଯେତେ ସହଜ ଭାବିଥିଲେ, ତାହା ହୋଇନଥିଲା । ବର୍ଷ ବର୍ଷ ଧରି ସେମାନଙ୍କୁ ଦେଶୀୟ ରାଜାମାନଙ୍କ ସହ ଯୁଦ୍ଧ କରିବାକୁ ପଡିଥିଲା । ଅବଶେଷରେ କୁଟନୀତି ପ୍ରୟୋଗ, ଅର୍ଥ ବିନିମୟ ଓ ଦେଶଦ୍ରୋହୀଙ୍କ ସାହାଯ୍ୟରେ ସେହି ରାଜ୍ୟମାନଙ୍କର ଶାସନଭାର କବଳିତ କରିଥିଲେ । ଭାରତ ଇତିହାସରେ ବହୁ ଦେଶଦ୍ରୋହୀଙ୍କ ବିଶ୍ୱାସଘାତକତାର ଉଦାହରଣ ମିଳିଥାଏ । ଏହି ଦେଶଦ୍ରୋହୀଙ୍କ ଯୋଗୁଁ ସିରାଜୌଦ୍ଦୋଲା, ଟିପୁସୁଲତାନ, ନାନା ସାହେବ, ଲକ୍ଷ୍ମୀବାଈ ପ୍ରଭୃତି ଦେଶଭକ୍ତିଙ୍କ ଦଶା ଦକ୍ଷିଣର ଏହି ଦେଶୀୟ ରାଜାମାନଙ୍କୁ ଭୋଗିବାକୁ ପଡିଲା ।

ଇଂରେଜଙ୍କ ଆଗମନ ପୂର୍ବରୁ ଓଡ଼ିଶାରେ ଫରାସୀ, ଡଚ୍, ପର୍ତ୍ତୁଗୀଜ ଆସ୍ଥାନ ଜମାଇଥିଲେ । ଷୋଡଶ-ସପ୍ତଦଶ ଖ୍ରୀଷ୍ଟାବ୍ଦରେ ସେମାନେ ଓଡ଼ିଶାକୁ ଆସି ସୁବର୍ଣ୍ଣରେଖା ତୀରବର୍ତ୍ତୀ ପୋପଲୀ ନାମକ ସ୍ଥାନରେ ସେମାନଙ୍କର ଅଧିକାର ସାବ୍ୟସ୍ତ କରିଥିଲେ । ସେମାନଙ୍କ ସହିତ ଇଂରେଜମାନଙ୍କର ଦ୍ୱନ୍ଦ୍ୱ ଧୀରେ ଧୀରେ ଆରମ୍ଭ ହୋଇଗଲା । ଖ୍ରୀ.ଅ. ୧୬୩୩ ବେଳକୁ ଇଂରେଜମାନେ ସେମାନଙ୍କୁ ହଟେଇ ବାଲେଶ୍ୱର ଓ ହରିପୁରରେ ବାଣିଜ୍ୟ କୋଠିମାନ ସ୍ଥାପନ କରିଥିଲେ । ଏହାପରେ ପରେ ମୋଗଲ ଓ ମରହଟ୍ଟାମାନଙ୍କ ସହିତ ସେମାନଙ୍କର ସଂଘର୍ଷ ଆରମ୍ଭ ହୋଇଯାଇଥିଲା । ଇଂରେଜମାନେ ଏହା ପୂର୍ବରୁ ଦକ୍ଷିଣ ଓଡ଼ିଶାରେ ସେମାନଙ୍କ ଜାଲ୍ ବିଛାଇ ସାରିଥିଲେ । ଗଞ୍ଜାମ ଆଗେ ଫରାସୀମାନଙ୍କ ଅଧୀନରେ ଥିଲା । ଦେଶୀୟ ରାଜାମାନଙ୍କର ସେମାନଙ୍କ ସହିତ ଲଢେଇ ବିଷୟରେ ଇଂରେଜମାନେ ଅବହିତ ଥିଲେ ଖ୍ରୀ.ଅ. ୧୭୪୫ରେ ପାରଳାଖେମୁଣ୍ଡିର ଶକ୍ତିଶାଳୀ ନରପତି ନାରାୟଣ ଦେବ ଇଂରେଜମାନଙ୍କୁ ବିରୋଧ କରିଥିଲେ । ତାଙ୍କୁ ଯୁଦ୍ଧରେ ପରାସ୍ତ

କରି ଏକ ଦେଶଦ୍ରୋହୀ ରାମଯୋଗୀ ପାତ୍ରକୁ ଇଂରେଜମାନେ ରାଜ୍ୟଭାର ଅର୍ପଣ କଲେ । ଜଙ୍ଗଲରେ ଲୁକ୍କାୟିତ ଭାବରେ ଥିବା ରାଜା ରାମଯୋଗୀ ପାତ୍ରକୁ ହଟାଇ ସିଂହାସନ ଅଧିକାର କଲେ । ଏହାର କିଛିଦିନ୍ପରେ ସରକାରଙ୍କ ବିରୁଦ୍ଧରେ ଆଠଗଡ ଓ ଖଲ୍ଲିକୋଟ ରାଜ୍ୟ ଯୁଦ୍ଧ ଘୋଷଣା କଲେ । ଇଂରେଜମାନେ ବହୁକଷ୍ଟ ସ୍ୱୀକାର କରି ସେମାନଙ୍କୁ ଦମନ କଲେ । ଏଥିରେ ସେମାନଙ୍କୁ ବହୁ ସୈନ୍ୟ ହରାଇବାକୁ ପଡିଲା । ରାଜା ନାରାୟଣ ଦେବଙ୍କ ଉପରେ ପ୍ରତିଶୋଧ ନେବାପାଇଁ ଇଂରେଜ ସୈନ୍ୟମାନେ ପାରଳାଖେମୁଣ୍ଡିରେ ବହୁ ଜନହତ୍ୟା, ଲୁଟ୍‌ତରାଜ କଲେ । ରାଜା ପଳାଇଯାଇ ବଡଖେମୁଣ୍ଡିରେ ଆଶ୍ରୟ ନେଲେ । ବଡଖେମୁଣ୍ଡି ରାଜାଙ୍କ ବିରୁଦ୍ଧରେ ଇଂରେଜମାନେ ଲଢି ବହୁତ କ୍ଷତିଗ୍ରସ୍ତ ହେଲେ । କିନ୍ତୁ ଶେଷରେ ଜୟଯୁକ୍ତ ହୋଇଥିଲେ । ମହୁରୀରାଜା ମଧ ଇଂରେଜମାନଙ୍କ ବିରୁଦ୍ଧରେ ଯୁଦ୍ଧ ଘୋଷଣା କରିଥିଲେ । ଶେଷରେ ହାର ମାନିବାକୁ ବାଧ ହୋଇଥିଲେ । ଏହିଭଳି ଦକ୍ଷିଣ ଓଡିଶାର ସୁରଙ୍ଗୀ, ତରଳା, ବୁଢାରସିଂ ଓ ଜଳନ୍ତର ରାଜ୍ୟମାନେ ଇଂରେଜମାନଙ୍କ କର୍ତ୍ତୃତ୍ୱାଧୀନ ହେଲେ ।

ସେହି ସମୟରେ ଉତ୍ତର ଓଡିଶାର ମୟୂରଭଞ୍ଜ ନରପତି ଦାମୋଦର ଭଞ୍ଜ ଇଂରେଜମାନଙ୍କ ସମସ୍ତ ଚାଲକୁ ପଣ୍ଡ କରି ଦେଇଥିଲେ । ଖ୍ରୀ.ଅ. ୧୭୮୧ରୁ ୧୭୯୩ ପର୍ଯ୍ୟନ୍ତ ଇଂରେଜମାନେ ମୟୂରଭଞ୍ଜ ଦଖଲ କରିବାରେ ବିଫଳ ହୋଇଥିଲେ । ମୟୂରଭଞ୍ଜର ନିକଟବର୍ତ୍ତୀ ଅଞ୍ଚଳ, ଦକ୍ଷିଣ ଓଡିଶା ଇଂରେଜମାନଙ୍କ କରଗତ ହୋଇଗଲା ପରେ ମଧ ଓଡିଶା ଓ ତତ୍‌ସନ୍ନିକଟ ରାଜ୍ୟ ଗୁଡିକ ଦଖଲ କରିବାରେ ଇଂରେଜମାନଙ୍କୁ ସୁବିଧା ହେବା ସ୍ୱାଭାବିକ୍ । ସାମନ୍ତ ରାଜ୍ୟର ରାଜନ୍ୟବୃନ୍ଦ ଇଂରେଜମାନଙ୍କ ବିରୋଧ କରୁଥିଲେ ହେଁ ପରସ୍ପର ପ୍ରତି ଈର୍ଷା, ଶତ୍ରୁତା ଓ ଏକତାର ଅଭାବ ଫଳରେ ଇଂରେଜମାନଙ୍କୁ ସାମ୍ରାଜ୍ୟ ବିସ୍ତାରର ସୁବିଧା କରିଦେଇଥିଲେ ।

ଖୋରଧାର ଗଜପତି ରାଜା ମୁକୁନ୍ଦଦେବ ଖୁବ୍ ଦୁର୍ବଳ ଥିଲେ । ଓଡିଶାର ଠାକୁରରାଜାଙ୍କୁ ଜଗନ୍ନାଥ ମନ୍ଦିରର ପଣ୍ଡାମାନେ ମଧ ଖାତିର କରୁନଥିଲେ । ଇଂରେଜଙ୍କୁ ଏହା ଜଣାଥିଲା । ବିଭିନ୍ନ ଦିଗରୁ ଖୋରଧା ଆକ୍ରମଣ କରିବା ଲକ୍ଷ୍ୟରେ ସେମାନେ ସୁବିଧା ଖୋଜୁଥିଲେ । ଗଞ୍ଜାମ, ବାଲେଶ୍ୱର ଓ ଜଳେଶ୍ୱରରୁ ଏକ ସମୟରେ ସେମାନେ ଆକ୍ରମଣ କରି ୧୮୦୩ ମସିହାରେ ପୁରୀ, କଟକ ଦଖଲ କଲେ । ମରହଟ୍ଟାମାନଙ୍କ କ୍ଷୀଣ ପ୍ରତିରୋଧ ବିଶାଳ ଇଂରେଜ ବାହିନୀର ଗତିରୋଧ କରି ପାରିଲାନାହିଁ । ଏହାପରେ ପରେ ସେମାନେ କନିକା, କୁଜଙ୍ଗ, ହରୀଶପୁର ଦଖଲ କରିଗଲେ । ରାଜାମାନଙ୍କର ବିରୋଧ କୌଣସି କାମ କଲାନାହିଁ । ପୂର୍ବ, ଉତ୍ତର, ଦକ୍ଷିଣ ଓଡିଶା ଅଧିକାର କରି ଇଂରେଜମାନେ ସମ୍ବଲପୁର ଅଞ୍ଚଳ ପ୍ରତି ଦୃଷ୍ଟି ପକାଇଲେ । ମରହଟ୍ଟାମାନଙ୍କ ଅଧିକାରରେ ସମ୍ବଲପୁର ଥିଲା । କୂଟନୀତି ଓ ରଣକୌଶଳ ପ୍ରୟୋଗ କରି ଇଂରେଜମାନେ ସମ୍ବଲପୁର ଜୟ କଲେ ଓ ଖ୍ରୀ.ଅ. ୧୮୦୪ ବେଳକୁ ସାରା ଓଡିଶା ସେମାନଙ୍କ ଶାସନାଧୀନ ହୋଇଥିଲା ।

ଇଂରେଜମାନେ ଓଡିଶା ଅଧିକାର କରି ସେମାନଙ୍କ ଆଇନକାନୁନ୍ ପ୍ରଚଳନ କଲେ । ପ୍ରଥମେ ଲୋକଙ୍କ ଧାରଣା ଥିଲା ମରହଟ୍ଟାମାନଙ୍କ ଲୁଟ୍‌ତରାଜରୁ ରକ୍ଷାମିଳିବ ଓ ସୁଶାସନ ମିଳିବ । କିନ୍ତୁ ଉପନିବେଶବାଦୀ ଇଂରେଜମାନଙ୍କ ଅସଲ ରୂପ ଅଳ୍ପଦିନରେ ଜଣାପଡିଗଲା । ଏହାଫଳରେ ଜନ ଅସନ୍ତୋଷ ଦିନକୁ ଦିନ ବଢିବାକୁ ଲାଗିଲା। ଇଂରେଜମାନେ ସାମରିକ ଶକ୍ତି ବଳରେ ଶାସନ କରିବାକୁ ଲାଗିଲେ । ସେମାନଙ୍କ ନୀତି ଅନୁସାରେ ଦୁଇଜଣଙ୍କ ଭିତରେ ଝଗଡା ସୃଷ୍ଟି କରି ଶାସନ ଚଳାଇବା ଆରମ୍ଭ କରିଦେଲେ ।

ପୂର୍ବରୁ ଖୋରଧାରାଜା ଓ ପାରଳାଖେମୁଣ୍ଡି ରାଜାଙ୍କ ମଧ୍ୟରେ ଯୁଦ୍ଧରେ ମରହଟ୍ଟାମାନେ ଖୋରଧାରାଜାଙ୍କୁ ସହାୟତା ଦେଇଥିଲେ ଖୋରଧା ରାଜା ପାରିଶ୍ରମିକ ବାବଦ ମରହଟ୍ଟାମାନଙ୍କୁ ଲୋମ୍ବାଇ ଓ ରାହାଙ୍ଗ ପ୍ରଗଣା ହସ୍ତାନ୍ତର କରିଥିଲେ । ମରହଟ୍ଟାଙ୍କ ପରେ ଇଂରେଜମାନେ ସେହି ଦୁଇପ୍ରଗଣା ଅଧିକାର କଲେ । ଇଂରେଜ ଶାସନ ଆରମ୍ଭରେ ସେହି ଦୁଇ ପ୍ରଗଣା ଫେରିପାଇବା ଆଶାରେ ଖୋରଧା ରାଜା ଇଂରେଜମାନଙ୍କ ସହିତ ସମ୍ପର୍କ ସ୍ଥାପନ କରିବା ପାଇଁ ମନ୍ତ୍ରୀ ଜୟୀ ରାଜଗୁରୁଙ୍କୁ ପଠାଇଥିଲେ । କିନ୍ତୁ ଇଂରେଜମାନେ ପ୍ରଗଣା ହସ୍ତାନ୍ତର କରିବାକୁ ରୋକଠୋକ ମନା କରି ଦେବା ସଙ୍ଗେ ସଙ୍ଗେ ରାଜଗୁରୁଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ । ଏଥିରେ ଗଜପତି ଓ ପ୍ରଜାଙ୍କ ମନରେ ଅସନ୍ତୋଷ ଦେଖାଦେଇଥିଲା ଓ ଇଂରେଜଙ୍କ ପ୍ରତି ଘୃଣାଭାବ ଜନ୍ମ ନେଇଥିଲା । ଖୋରଧା ରାଜା ଇଂରେଜମାନଙ୍କ ବିରୁଦ୍ଧରେ ବିଦ୍ରୋହ ଆରମ୍ଭ କରିଥିଲେ । ପାଇକଙ୍କ ସହାୟତାରେ ରାଜ୍ୟରେ ଲୁଟ୍‌ପାଟ କରାଇ ଇଂରେଜମାନଙ୍କୁ ବଦନାମ କରାଇବା ଏବଂ ଇଂରେଜ ଅଧିକାରୀ ଓ କର୍ମଚାରୀ ମାନଙ୍କୁ ହଇରାଣ କରିବାର ଯୋଜନା ଚାଲୁ ରହିଲା ।

ଏହି ଅରାଜକତା ସୃଷ୍ଟିର ନାୟକ ଥିଲେ ଖୋରଧା ରାଜା । ଇଂରେଜମାନଙ୍କୁ ଏହା ଜଣାଗଲାପରେ ଗଞ୍ଜାମ ଓ କଟକରୁ ଖୋରଧା ଉପରେ ଏକ ସମୟରେ ଅଚାନକ ଆକ୍ରମଣ କରାଗଲା । ରାଜା ଏଥି ଲାଗି ପ୍ରସ୍ତୁତ ନଥିଲେ । ଏତେ ଅଳ୍ପସମୟରେ ସୈନ୍ୟ ସଂଗଠନ କରିବା ସମ୍ଭବପର ନଥିଲା । ଅର୍ଥାଭାବରୁ ରାଜା ବହୁସଂଖ୍ୟାରେ ସ୍ଥାୟୀ ସୈନ୍ୟ ମୁତୟନ କରିନଥିଲେ ଓ ତାଙ୍କପାଖରେ ଆଧୁନିକ ଅସ୍ତ୍ରଶସ୍ତ୍ରର ଅଭାବ ଥିଲା । ଗ୍ରାମମାନଙ୍କରେ ଜାଗିର ଭୋଗ କରୁଥିବା ପାଇକମାନଙ୍କୁ ଡକାଇ ଯୁଦ୍ଧ ପାଇଁ ସଜ ହେଲେ । ହଜାର ହଜାର ସଂଖ୍ୟାରେ ପାଇକ ଆତ୍ମବଳୀ ଦେବାପାଇଁ ତିଆର ହେଲେ । କିନ୍ତୁ ସେତେବେଳକୁ ବରୁଣେଇ ଦୁର୍ଗକୁ ଇଂରେଜ ସୈନ୍ୟବାହିନୀ ଘେରିନେଇ ସାରିଥିଲେ । ପ୍ରାୟ ଏକୋଇଶ ଦିନକାଳ ଇଂରେଜସେନାଙ୍କୁ ପ୍ରତିହତ କଲାପରେ, ମୁକୁନ୍ଦଦେବ ପରିବାର ସହ ମାଡ୍ରାସ ଶାସନାଧୀନ ଘୁମୁସରକୁ ଚାଲିଯାଇଥିଲେ । ରାଜାଙ୍କୁ ବନ୍ଦୀକରିବାରେ ଅସଫଳ ଇଂରେଜ ସୈନ୍ୟ ବାଣପୁର, ପୁରୀ, ନୟାଗଡ ପ୍ରଭୃତି ସ୍ଥାନରେ ସତର୍କ ହୋଇରହିଲେ। ରାଜାଙ୍କ ବନ୍ଧୁବାନ୍ଧବଙ୍କ ଉପରେ କଡା ନଜର ରଖାଗଲା । ରାଜାଙ୍କ ସମ୍ପତ୍ତି ନିଲାମ କରାଗଲା ।

ସମସ୍ତ କାର୍ଯ୍ୟରେ ଇଂରେଜଙ୍କୁ ସହାୟତା କରିଥିବା ଦେଶଦ୍ରୋହୀ ବାଙ୍ଗମହାନ୍ତଙ୍କୁ ନିଲାମ ଅର୍ଥର ଏକ ଚତୁର୍ଥାଂଶ ମିଳିଲା । ଆତ୍ମସମର୍ପଣ କଲେ ରାଜାଙ୍କୁ କ୍ଷମା ଦିଆଯିବା ପାଇଁ ଇଂରେଜ ସରକାର ଘୋଷଣା କଲେ । ରାଜା ମୁକୁନ୍ଦଦେବ ଘୁମୁସର ନରପତି ଧନଞ୍ଜୟ ଭଞ୍ଜଙ୍କ ସହାୟତାରେ ୧୮୦୪ ମସିହା ଡିସେମ୍ବର ଶେଷ ସପ୍ତାହରେ ଇଂରେଜଙ୍କ ନିକଟରେ ଆତ୍ମ ସମର୍ପଣ କଲେ ।

ମୁକୁନ୍ଦଦେବଙ୍କ ଘୁମୁସରରୁ ବିଦାୟ କାଳରେ ପ୍ରଜାମାନଙ୍କ ରାଜଭକ୍ତି ସରକାରଙ୍କୁ ଭୟଭୀତ କରିଦେଲା । କ୍ଷମା ଘୋଷଣା କରିଥିଲେ ମଧ୍ୟ ରାଜାଙ୍କୁ କିଛିଦିନ ବାରବାଟୀ ଦୁର୍ଗରେ ବନ୍ଦୀକରି ରଖାଗଲା ଓ ପରେ ମେଦିନୀପୁର ଜେଲକୁ ସ୍ଥାନାନ୍ତରିତ କରାଗଲା । କିଛିଦିନପରେ ରାଜାଙ୍କୁ ପୁରୀରେ ଅବସ୍ଥାନ ପାଇଁ ସରକାର ଅନୁମତି ଦେଇଥିଲେ ।

ଏହାପରଠାରୁ ଓଡ଼ିଶାରେ ଇଂରେଜମାନେ କଠୋରନୀତି ପ୍ରୟୋଗ କରି ଦମନଲୀଳା ଆରମ୍ଭ କରିଦେଲେ । ଫଳରେ ସରକାର ବିରୁଦ୍ଧରେ ସ୍ୱରଉତ୍ତୋଳନ କରିବା ସାହସ କାହାରି ରହିଲାନାହିଁ ।

ଓଡ଼ିଶା ଅଧିକାର କଲାପରେ ଇଂରେଜମାନେ ଶାସନବ୍ୟବସ୍ଥା ପ୍ରବର୍ତ୍ତନ କରିବାପାଇଁ ହୁଇଜଣ ଅଧିକାରୀଙ୍କୁ ମନୋନୟନ କରିଥିଲେ । ସାହେବମାନେ ଓଡ଼ିଆ ଭାଷା ବୁଝୁନଥିଲେ । ତେଣୁ ବରପାଠୁଆ ଇଂରାଜୀ ବୁଝୁଥିବା ବଙ୍ଗାଳୀମାନଙ୍କୁ କର୍ମଚାରୀଭାବେ ନିଯୁକ୍ତ କଲେ । ଏହି ବଙ୍ଗାଳୀମାନେ ଅର୍ଥଲୋଭୀ ଥିଲେ । ପଇସା ପାଇଁ ଲୋକଙ୍କ ଉପରେ ଅକଥନୀୟ ଅତ୍ୟାଚାର କଲେ ।

ଇଂରେଜ ଶାସନରେ ଖ୍ରୀ.ଅ ୧୮୧୬ରେ ଜିଲ୍ଲାଜଜ ଓ କଲେକ୍ଟର ଅଫିସ ପୁରୀରୁ କଟକ ସ୍ଥାନାନ୍ତରିତ ହେଲା । ଏ ଭିତରେ ଥରକୁ ଥର ବନ୍ଦୋବସ୍ତ ଓ ଜମାବନ୍ଦୀ ହେଉଥାଏ । ବଙ୍ଗାଳୀ କର୍ମଚାରୀମାନଙ୍କୁ ଲାଞ୍ଚ ଦେଇଦେଇ ପ୍ରଜାମାନେ ନିଃସ୍ୱ ହୋଇଯାଉଥାନ୍ତି । ସାଧାରଣ ଲୋକେ ଆଇନକାନୁନ୍ ଜାଣିପାରୁନଥାନ୍ତି । ନିର୍ଦ୍ଧାରିତ ସମୟରେ ଖଜଣା ଦେଇ ନ ପାରିଲେ ଜମି ନିଲାମ କଲିକତାରେ ହୋଇଯାଉଥିଲା । ପ୍ରଜାମାନେ ଏହା ଜାଣିପାରୁନଥିଲେ । କମ୍ପାନୀରେ କାମ କରୁଥିବା ବଙ୍ଗାଳୀମାନେ ତାଙ୍କ ନିଜ ଲୋକଙ୍କ ନାମରେ ଅଳ୍ପମୂଲ୍ୟରେ ନିଲାମ ଧରୁଥିଲେ । ଖ୍ରୀ.ଅ. ୧୮୧୪ରେ ବକ୍ସି ଜଗବନ୍ଧୁ ବିଦ୍ୟାଧର ଖୋରଧାରାଜାଙ୍କଠାରୁ ଜାଗିର ପାଇଥିବା ରୋଡଙ୍ଗ କିଲ୍ଲା ନିଲାମ ହୋଇଗଲା । କୃଷ୍ଣଚନ୍ଦ୍ର ସିଂହ ନାମକ ଜଣେ ବଙ୍ଗାଳୀ କର୍ମଚାରୀ ନିଜର ଆତ୍ମୀୟ ଲକ୍ଷ୍ମୀନାରାୟଣଙ୍କ ନାମରେ ନିଲାମ ଧରିଲେ । ଏହି ଜାଗିର ଦଖଲ କରିବାପାଇଁ କୃଷ୍ଣଚନ୍ଦ୍ର ବହୁପ୍ରକାର ବଞ୍ଚକତାର ଆଶ୍ରୟ ନେଇଥିଲେ । ସରକାରଙ୍କୁ ଗୁହାରିକରି କୌଣସି ଫଳ ମିଳିଲା ନାହିଁ । ଏଥିରେ ବକ୍ସି କ୍ଷୁବ୍ଧ ହେଲେ । ଖୋରଧା ପାଇକମାନେ ରାଜାଙ୍କ ସୈନ୍ୟ ଥିଲେ, ତେଣୁ ସେମାନଙ୍କୁ ଖଜଣା ଦେବାକୁ ପଡୁନଥିଲା । ଏବେ ଜାଗିର ଜମି ଉପରେ ସେମାନଙ୍କୁ କରଦେବାକୁ ପଡ଼ିଲା । ଏହି ପାଇକମାନଙ୍କୁ ନେଇ ବକ୍ସି ବିଦ୍ରୋହ ଆରମ୍ଭ କରିଦେଲେ । ସେମାନଙ୍କ ସହିତ ବାଣପୁରର କନ୍ଧମାନେ ଯୋଗ ଦେଇଥିଲେ । କ୍ରମେ କ୍ରମେ ପାଇକଙ୍କ ସଂଖ୍ୟା ବଢ଼ିବାକୁ ଲାଗିଲା । ଖୋରଧା ରାଜା ମଧ୍ୟ ଯୋଗ ଦେଲେ । ଇଂରେଜ ସୈନ୍ୟ ବିଦ୍ରୋହ ଦମନ କରିପାରିଲେ ନାହିଁ ଓ ଥରକୁ ଥର ଯୁଦ୍ଧରେ ହାରିଯାଉଥିଲେ । ଶେଷରେ ବକ୍ସି ଇଂରେଜମାନଙ୍କୁ ହରାଇ ପୁରୀ ଅଧିକାର କଲେ । କିନ୍ତୁ ତାହା କ୍ଷଣସ୍ଥାୟୀ ଥିଲା । ବକ୍ସି ଘୁମୁସର ଓ ନୟାଗଡ ଆଦି ବିଭିନ୍ନ ସ୍ଥାନରେ ଲୁଚିରହି ନିଜର ସହଯୋଗୀ ଓ ପାଇକମାନଙ୍କ ସାହାଯ୍ୟରେ ଇଂରେଜ ସୈନ୍ୟମାନଙ୍କ ଉପରେ ଅତର୍କିତ ଆକ୍ରମଣ ଚଳାଇଲେ ଏବଂ ବିଭିନ୍ନ ଅଞ୍ଚଳ ଦଖଲ କଲେ । ବକ୍ସି ମରହଟ୍ଟା ଶାସନ ସହ ମଧ୍ୟ ଯୋଗସୂତ୍ର ରଖିଥିଲେ ।

ଓଡ଼ିଶାର ବିଭିନ୍ନ ଅଞ୍ଚଳରେ ପାଇକ ବିଦ୍ରୋହର ଝଲକ ପଡ଼ିଲା । ଜନସାଧାରଣଙ୍କ ମନରେ ଇଂରେଜ ବିଦ୍ୱେଷ ଭାବ ବୃଦ୍ଧିପାଇବାକୁ ଲାଗିଲା । ସରକାର ବକ୍ସି ଜଗବନ୍ଧୁ ଓ ତାଙ୍କ ସହଯୋଗୀମାନଙ୍କୁ କ୍ଷମା ପ୍ରଦାନ କରି ବିଦ୍ରୋହ ଶାନ୍ତ କରିବାକୁ ଉଦ୍ୟମ କଲେ । କିନ୍ତୁ ସଫଳ ହୋଇପାରିଲେ ନାହିଁ । ଖ୍ରୀ.ଅ. ୧୮୧୭ରୁ ୧୮୨୫ ପର୍ଯ୍ୟନ୍ତ ଏହି ଅବସ୍ଥା ଲାଗି ରହିଲା । ଗଞ୍ଜାମର ବିଭିନ୍ନ ଜମିଦାର, ଦଶପଲ୍ଲା, ନୂଆଗଡ଼, ବୌଦ୍ଧର ରାଜାମାନେ ଓ ଅନ୍ୟାନ୍ୟ ମୁଖିଆ ଲୋକମାନେ ବକ୍ସିଙ୍କୁ ସାହାଯ୍ୟ କରୁଥିବାରୁ ଇଂରେଜ ସରକାର ତାଙ୍କୁ ଧରିପାରିନଥିଲେ । ପରିଶେଷରେ ବକ୍ସି ଜଗବନ୍ଧୁ ୧୮୨୫ ମସିହାରେ ସରକାରଙ୍କ ନିକଟରେ ଆତ୍ମସମର୍ପଣ କରିଥିଲେ ଓ କଟକରେ ତାଙ୍କୁ ସସମ୍ମାନେ ରଖାଯାଇଥିଲା ।

ପାଇକ ବିଦ୍ରୋହ ଶାନ୍ତ ହେଲାପରେ ମଧ୍ୟ ଲୋକମାନେ ଇଂରେଜ ଶାସନ ବିରୁଦ୍ଧରେ ସ୍ୱର ଉତ୍ତୋଳନ କଲେ । ଇଷ୍ଟଇଣ୍ଡିଆ କମ୍ପାନୀ ଏକ ବ୍ୟବସାୟିକ ସଂସ୍ଥା । ଲୋକଙ୍କ ସୁବିଧା ଅସୁବିଧା ବୁଝିବା ଓ ରାଜ୍ୟର ଉନ୍ନତି କରିବା ପ୍ରତି କମ୍ପାନୀ ବିମୁଖଥିଲା । ବିଭିନ୍ନ ଉପାୟରେ ଲୋକଙ୍କଠାରୁ ଅର୍ଥ ଆଦାୟ କରିବା ସେମାନଙ୍କର ଏକମାତ୍ର ନୀତି ଥିଲା । କର୍ମଚାରୀମାନଙ୍କ ଉତ୍କୋଚ ଦାବୀ, କମ୍ପାନୀର ଏକଚାଟିଆ ଲୁଣ କାରବାର, ଅତ୍ୟଧିକ ଖଜଣା ବୃଦ୍ଧି ଓ ଜମିଦାରୀ ନିଲାମ, ନିଷ୍କର ଜାଗିରୀ ଖାସ କରିବା ଫଳରେ ଜନସାଧାରଣ ଶାସନପ୍ରତି ଅତିଷ୍ଠ ହୋଇ ଉଠିଲେ ।

ବକ୍ସି ଜଗବନ୍ଧୁ ଓଡ଼ିଶାରେ ଯେଉଁ ଜନ ଜାଗରଣର ଅଗ୍ନି ଜାଳିଥିଲେ, ତାହା ତାଙ୍କର ମୃତ୍ୟୁପରେ ମଧ୍ୟ ନିର୍ବାପିତ ହୋଇନଥିଲା । ଖ୍ରୀ:ଅ ୧୮୩୬ରେ ପୁନର୍ବାର ବାଣପୁର ଓ ଘୁମୁସରରେ ତାହା ପୁଣି ଜଳି ଉଠିଥିଲା ।

ବାଣପୁର 'କନ୍ଧମେଳି' ବିଷୟରେ ଏତିକି କୁହାଯାଇପାରେ ଯେ ଅରାଙ୍ଗର ମୁଖିଆ ଶ୍ୟାମସୁନ୍ଦର ଦଳବେହେରାଙ୍କ ଜାଗିର ଇଂରେଜମାନେ ଜବତ କରିଥିଲେ । ତାଙ୍କ ପୁତ୍ର କୃତ୍ତିବାସ ସହଯୋଗୀ ଲୋଚନ ବିଶୋଇ, ଶିବ ବିଶୋଇ, ପଞ୍ଚାନନ ନାୟକ ପ୍ରଭୃତିଙ୍କ ସାହାଯ୍ୟରେ ବିଦ୍ରୋହ କରିଥିଲେ । ବାଣପୁରର କନ୍ଧମାନଙ୍କୁ ସଂଗଠିତ କରି ସେମାନେ ଇଂରେଜଙ୍କ ଉପରେ ଆକ୍ରମଣ କଲେ । ଇଂରେଜମାନେ ଚତୁର୍ଦ୍ଦିଗରୁ ବାଣପୁର ଉପରେ ଚଢ଼ାଉ କଲେ । ଏଥିରେ ଆଖପାଖ

ଇଲାକାର ରାଜା ଓ ଜମିଦାରମାନେ ଇଂରେଜଙ୍କୁ ସାହାଯ୍ୟ କଲେ । ଖ୍ରୀ:ଅ: ୧୮୩୬ ଜୁନମାସରେ ବିଦ୍ରୋହ ଦମନ କରାଗଲା । କେତେକ ନେତାଙ୍କୁ ପ୍ରାଣଦଣ୍ଡ ମିଳିଲା ।

ଦକ୍ଷିଣ ଓଡିଶାରେ ଘୁମୁସର ଏକ ଦେଶୀୟ ରାଜ୍ୟ । ଏହାର ରାଜା ଧନଞ୍ଜୟ ଭଞ୍ଜ ଜଣେ ସ୍ୱାଧୀନଚେତା ନରପତି ଥିଲେ । ସେ ଇଂରେଜମାନଙ୍କୁ ବିରୋଧ କରୁଥିଲେ । ସେନାପତି ଦୋହରା ବିଶୋଇଙ୍କ ପ୍ରରୋଚନାରେ ସେ ଇଂରେଜଙ୍କୁ ରାଜସ୍ୱ ଦେବା ବନ୍ଦ କରିଦେଲେ । ଫଳରେ ଧନଞ୍ଜୟଙ୍କୁ ଇଂରେଜମାନେ ବନ୍ଦୀକରି ରଖିଲେ । ରାଜ୍ୟରେ ଅରାଜକତା ଲାଗି ରହିଲା । ସେନାପତି ଦୋହରା ବିଶୋଇ ତାଙ୍କର ସହଯୋଗୀମାନଙ୍କ ସହ ଧନଞ୍ଜୟଙ୍କ ପୁତ୍ର ବଳଭଦ୍ର ଭଞ୍ଜଙ୍କୁ ଗାଦିନସୀନ କରିବାକୁ ଚେଷ୍ଟା କଲେ । ଦୁର୍ଭାଗ୍ୟକୁ ବଳଭଦ୍ରଙ୍କ ମୃତ୍ୟୁ ଘଟିଲା । ଖବର ଗୁପ୍ତରଖି ରାଜବଂଶର ଏକ କନ୍ୟାକୁ ବଳଭଦ୍ର ଭଞ୍ଜ ନାମରେ ରାଜା କରାଗଲା । ତିନିବର୍ଷ ପରେ ଶ୍ରୀକର ଭଞ୍ଜ ଏ ଘଟଣା ଜଣାଇବାରୁ ଇଂରେଜ ସରକାର ଶ୍ରୀକରଙ୍କୁ ରାଜଗାଦିରେ ବସାଇଲେ । ଦୋହରା ବିଶୋଇ ରାଜ୍ୟଛାଡି ଜଙ୍ଗଲ ଭିତରେ ଆଦିବାସୀ ସୈନ୍ୟଙ୍କୁ ସଂଗଠିତ କରି ଇଂରେଜ ଓ ଶ୍ରୀକରଙ୍କ ସୈନ୍ୟମାନଙ୍କୁ ବାରମ୍ବାର ଯୁଦ୍ଧରେ ହରାଇଲେ । ରାଜ୍ୟରେ ଅରାଜକତା ଓ ଅଶାନ୍ତି ଦେଖାଗଲା । ଶ୍ରୀକର ଖଜଣା ମଧ୍ୟ ଦେଇପାରିଲେନାହିଁ । ଇଂରେଜମାନେ ବାଧହୋଇ ରାଜା ଧନଞ୍ଜୟଙ୍କୁ ଖ୍ରୀ:ଅ: ୧୮୦୦ରେ ପୁନର୍ବାର ଗାଦିନସୀନ କଲେ ।

ଦୋହରାଙ୍କ ସହିତ ଧନଞ୍ଜୟ ଯୋଗସୂତ୍ର ରକ୍ଷା କରିଥିଲେ । ଏଥିରେ ସରକାର ଅତ୍ୟନ୍ତ କ୍ଷୁବ୍ଧ ହୋଇ ଅମାନୁଷିକ ଅତ୍ୟାଚାର ଚଳାଇଲେ । କିନ୍ତୁ ଦୋହରା ବିଶୋଇଙ୍କ ପୁତ୍ର ଚକ୍ରଧର ବିଶୋଇ ବିଭିନ୍ନ ଗୁପ୍ତ ସଂଗଠନ ମାଧ୍ୟମରେ ଇଂରେଜଙ୍କ ବିରୁଦ୍ଧରେ ଲଢିଥିଲେ । ୧୮୪୨ରୁ ୧୮୫୬ ମଧ୍ୟରେ ଓଡିଶାର ବୌଦ୍ଧ, ଅନୁଗୁଳ, କଳାହାଣ୍ଡି, ପାଟଣା, ଘୁମୁସର ପ୍ରଭୃତି ସ୍ଥାନରେ ଗୁପ୍ତ ସଂଗଠନ କରିଆରେ ସେ ଇଂରେଜ ବିରୋଧୀ ଆନ୍ଦୋଳନ ଚାଲୁ ରଖିଥିଲେ । ୧୮୫୭ରେ ଚକ୍ରଧର ପତ୍ନୀ ତାରକା ଓ ପିତା ଦୋହରାଙ୍କ ସହିତ ଜାତୀୟ ଆନ୍ଦୋଳନରେ ସାମିଲ ହେବା ପାଇଁ ଉତ୍ତରପ୍ରଦେଶ ଚାଲିଯାଇଥିଲେ ।

ଖ୍ରୀ:ଅ: ୧୮୫୬-୫୭ରେ ସିପାହୀ ବିଦ୍ରୋହ ବା ଭାରତର ପ୍ରଥମ ଜାତୀୟ ଆନ୍ଦୋଳନ ଦେଶସାରା ବ୍ୟାପିଗଲା । ଓଡିଶାରେ ଇଂରେଜ ଶାସନ ସୁଦୃଢ ଥିଲେ ମଧ୍ୟ କେତେକ ସ୍ଥାନରେ ଆନ୍ଦୋଳନ ଆରମ୍ଭ ହୋଇଯାଇଥିଲା ।

ପାରଳାଖେମୁଣ୍ଡିର ରାଧାକୃଷ୍ଣ ଦଣ୍ଡସେନା, ଘୁମୁସରର ଚକ୍ରଧର ବିଶୋଇ ଓ ସେମାନଙ୍କ ସାଥୀ ଦୀନବନ୍ଧୁ ଦଣ୍ଡସେନା ଇଂରେଜଙ୍କ ବିରୁଦ୍ଧରେ ବିଦ୍ରୋହ କଲେ । ବହୁକଷ୍ଟରେ ଇଂରେଜମାନେ ବିଦ୍ରୋହ ଦମନ କଲେ । ଦୀନବନ୍ଧୁଙ୍କୁ ଫାଶୀଦଣ୍ଡ ଦିଆଯାଇଥିଲା ।

ଓଡିଶାର ଚନ୍ଦନହଜୁରୀ ବା ଚାଖୀଖୁଣ୍ଟିଆ ଜଗନ୍ନାଥଧାମ ଛାଡି ନାନାସାହେବ ଓ ଲକ୍ଷ୍ମୀବାଈଙ୍କ ଶିବିରରେ ସିପାହୀ ବିଦ୍ରୋହରେ ଝାସଦେଲେ । ତାଙ୍କୁ ବର୍ଷ ବର୍ଷ ଧରି ଲୁଚିରହିବାକୁ ପଡିଥିଲା । ବୀରସୁରେନ୍ଦ୍ରସାଏ ସମ୍ବଲପୁର ଅଞ୍ଚଳରେ ଆନ୍ଦୋଳନକୁ ଆଗେଇ ନେଇଥିଲେ । ତାଙ୍କର ଅପୂର୍ବ ବୀରତ୍ୱ ଓ ସଂଗଠନ କୌଶଳ ଇଂରେଜମାନଙ୍କୁ ଅଭିଭୂତ କରିଦେଇଥିଲା । ତତ୍କାଳୀନ ସମ୍ବଲପୁରର ରାଜା ଇଂରେଜମାନଙ୍କୁ ଖୁସି କରିବାପାଇଁ ଓ ନିଜଗାଦି ବଞ୍ଚେଇ ରଖିବାପାଇଁ ଜାତୀୟ ଆନ୍ଦୋଳନର ବିରୁଦ୍ଧାଚରଣ କଲେ ଓ ହତ୍ୟା ଅପରାଧରେ ସୁରେନ୍ଦ୍ରଙ୍କୁ ଧରି ଇଂରେଜମାନଙ୍କ ନିକଟରେ ସମର୍ପଣ କଲେ । ସୁରେନ୍ଦ୍ରଙ୍କୁ ହଜାରିବାଗ ଜେଲରେ ବନ୍ଦୀ କରି ରଖାଗଲା । କିନ୍ତୁ ବିଦ୍ରୋହୀମାନେ ହଜାରୀବାଗ ଜେଲ ଚଡାଉ କରିଥିଲେ । କାରାଗାରର ସମସ୍ତ ବନ୍ଦୀଙ୍କୁ ମୁକ୍ତ କରାଯାଇଥିଲା । ବୀର ସୁରେନ୍ଦ୍ରସାଏ ପୁଣି ଫେରି ଆସିଥିଲେ ନିଜ ଜନ୍ମମାଟିକୁ । ଖବର ପାଇ ତତ୍କାଳୀନ ସମ୍ବଲପୁରର କମିଶନର ସୁରେନ୍ଦ୍ର ଓ ତାଙ୍କ ଭାଇ ଉଦନ୍ତଙ୍କୁ ଧରାଇବାପାଇଁ ମୋଟା ଅଙ୍କର ପୁରସ୍କାର ଘୋଷଣା କଲେ । ସୁରେନ୍ଦ୍ରଙ୍କୁ ଛୋଟ ଛୋଟ ଜମିଦାରମାନେ ମଧ୍ୟ ସାହାଯ୍ୟ କଲେ । ସୁରେନ୍ଦ୍ରସାଏ ଗୁପ୍ତରେ ରହି ଆନ୍ଦୋଳନ ପରିଚାଳନା କଲେ । କେତେ ବର୍ଷପରେ ଇଂରେଜ ସରକାର ସୁରେନ୍ଦ୍ରସାଏ ଓ ଉଦନ୍ତ ସାଏଙ୍କୁ କ୍ଷମା ପ୍ରଦାନ ପାଇଁ ଘୋଷଣା ପତ୍ର ପ୍ରକାଶ କରିଥିଲେ । ନିଜର ଅନୁଗାମୀମାନଙ୍କ ସହ ସେ ଖ୍ରୀ:ଅ ୧୮୬୩ରେ ଆତ୍ମସମର୍ପଣ କରିଥିଲେ ।

ଖ୍ରୀ:ଅ ୧୮୦୩-୧୮୭୦ ପର୍ଯ୍ୟନ୍ତ ଦେଶଭକ୍ତ ଓଡିଆମାନେ ଇଂରେଜ ଶକ୍ତି ବିରୁଦ୍ଧରେ ଯେଉଁଳି ବୀରତ୍ୱର ସହିତ ସଂଗ୍ରାମ ଚଳାଇଥିଲେ, ଭାରତ ଇତିହାସରେ ତାହା ବିରଳ । ଏହି ବୀର ଜାତିକୁ ଦୁର୍ବଳ କରିଦେବା ଉଦ୍ଦେଶ୍ୟରେ କୁଟକ୍ରୀ ଇଂରେଜ ସରକାର ଓଡିଶାକୁ ଭାଗ ଭାଗ କରିଦେଲେ । ଦକ୍ଷିଣ ଓଡିଶାର ଗଞ୍ଜାମ, କୋରାପୁଟ ଓ ତତ୍ ସନ୍ନିକଟ ଅଞ୍ଚଳକୁ ମାନ୍ଦ୍ରାସ ପ୍ରଶାସନ ଅଧୀନରେ, ପଶ୍ଚିମ ଓଡିଶାର ସମ୍ବଲପୁର ପ୍ରଭୃତି ଅଞ୍ଚଳକୁ ମଧ୍ୟପ୍ରଦେଶ ସହିତ, ଉତ୍ତର ଓଡିଶାର ମେଦିନୀପୁର ଜିଲ୍ଲାକୁ ବଙ୍ଗଳା ସହ ଓ ଉତ୍ତର-ପଶ୍ଚିମାଞ୍ଚଳର ସିଂହଭୂମି ଅଞ୍ଚଳକୁ ବିହାର ସହିତ ସାମିଲ କରିଦିଆଗଲା । ଫଳରେ ଓଡିଆମାନେ ସେମାନଙ୍କର ଭାଷା, ସଂସ୍କୃତି ହରେଇ ବସିଲେ । ରାଜ୍ୟରେ କୌଣସି ଉନ୍ନତିମୂଳକ କାର୍ଯ୍ୟକ୍ରମ ଗ୍ରହଣ କରାଗଲା ନାହିଁ । ଓଡିଶା ଭାରତର ଅନ୍ୟାନ୍ୟ ରାଜ୍ୟ ତୁଳନାରେ ଏକ ଅନଗ୍ରସର ରାଜ୍ୟ ଭାବରେ ପରିଗଣିତ ହୋଇରହିଥିଲା ।

କ୍ୟୁରେଟର, ପୋଥିବିଭାଗ,
ରାଜ୍ୟ ସଂଗ୍ରହାଳୟ, ଭୁବନେଶ୍ୱର

# ଗଞ୍ଜାମ ଜିଲ୍ଲାରେ ସ୍ୱାଧୀନତା ଆନ୍ଦୋଳନର ଅଗ୍ନିଶିଖା

*ଶ୍ରୀ ଦାମୋଦର ପାତ୍ର*

ଓଡ଼ିଆ, ଭାଷା, ସାହିତ୍ୟ, ସଂସ୍କୃତିକୁ ସମୃଦ୍ଧ କରିବାରେ ଦକ୍ଷିଣ ପ୍ରାନ୍ତରେ ବଙ୍ଗୋପସାଗରରେ ଅବସ୍ଥିତ ଗଞ୍ଜାମ ଜିଲ୍ଲାର ଅବଦାନ ଅବର୍ଣ୍ଣନୀୟ । କବି ସମ୍ରାଟ ଉପେନ୍ଦ୍ରଭଞ୍ଜ, କବିସୂର୍ଯ୍ୟ ବଳଦେବ ରଥ, ଭକ୍ତ କବି ଗୋପାଳକୃଷ୍ଣ ଓ କୃଷ୍ଣସିଂହଙ୍କ କାଳଜୟୀ କାବ୍ୟ କବିତା, ଭକ୍ତିସଂଗୀତରେ ଓଡ଼ିଆ ସାରସ୍ୱତ ଭଣ୍ଡାର ଭରାଣିତ ହୋଇଛି । ଉତ୍କଳ ରତ୍ନ ସଦ୍ଗମଣି ଆଠଗଡ ପାଟଣା ମାଟିରୁ ଲାଳିତ୍ୟ ରସର ପରାକାଷ୍ଠା ଲାଭ କରିଛନ୍ତି । ସେହିପରି ଇଂରେଜସରକାର ବିରୁଦ୍ଧରେ ଓଡ଼ିଶାର ପାଇକ ବିଦ୍ରୋହ ଭାରତର ସ୍ୱାଧୀନତା ଆନ୍ଦୋଳନର ପ୍ରଥମ ବିପ୍ଳବ କହିଲେ ଅତ୍ୟୁକ୍ତି ହେବ ନାହିଁ । ଏହା ପୂର୍ବରୁ ଘୁମୁସର କଣ୍ଡମେଳି ପାଇକ ବିଦ୍ରୋହର ଦେଶପ୍ରେମ ବହ୍ନିକୁ ସର୍ବତ୍ର ପ୍ରଜ୍ୱଳିତ କରିଥିଲା । ୧୮୮୫ ମସିହାରେ ବମ୍ବେରେ ଜାତୀୟ କଂଗ୍ରେସ ଅନୁଷ୍ଠାନ ଜନ୍ମ ନେବା ସମୟରେ ଗଞ୍ଜାମର ପାରଳା ରାଜପରିବାର ତଥା ମହାରାଜା କୃଷ୍ଣଚନ୍ଦ୍ର ଗଜପତିଙ୍କ ପିତୃବ୍ୟ ଶ୍ରୀ ପଦ୍ମନାଭ ନାରାୟଣ ଦେବ ସାଥୀମାନଙ୍କ ସହ ଏଥିରେ ଯୋଗଦେଇଥିଲେ । ପଞ୍ଜାବ, ବଙ୍ଗଳା, ମହାରାଷ୍ଟ୍ରର ମହାନ ବିପ୍ଳବୀ ବାଳ ଗଙ୍ଗାଧର ତିଳକ, ଅରବିନ୍ଦ ଘୋଷ, ଖୁଦିରାମ, ବୀର ସାବରକରଙ୍କ ପରି ଗଞ୍ଜାମର ଘୁମୁସର ଅଞ୍ଚଳର ଚକରା ବିଶୋୟୀ, ଦୋରାଙ୍କ ଭଳି ବୀର ପୁରୁଷମାନେ ବିଦ୍ରୋହ କରି ଇଂରେଜ ସରକାରଙ୍କୁ ଅସ୍ତବ୍ୟସ୍ତ କରିଦେଇଥିଲେ ।

ଓଡ଼ିଶା ୧୮୦୩ରେ ବ୍ରିଟିଶ ଶାସନାଧୀନ ହେଲା । ଏହାର ୧୦୦ ବର୍ଷ ପରେ ସର୍ବପ୍ରଥମେ ଖଲ୍ଲିକୋଟ ରାଜପରିବାରର ପୃଷ୍ଠପୋଷକତା ତଥା ସମସ୍ତ ରାଜପରିବାରର ସହାୟତାରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଆନ୍ଦୋଳନର ଭିତ୍ତି ପୀଠ ଗଞ୍ଜାମ ସଭା ରମ୍ଭା ରାଜପ୍ରାସାଦ ଓ ପରେ ପରେ ଗଞ୍ଜାମ ଜନ୍ତା ପରିଷଦର ଉତ୍କଳ ଆଶ୍ରମରେ ଅନୁଷ୍ଠିତ ହୋଇ ୧୯୦୩ରେ ମଧୁବାବୁଙ୍କ ଦ୍ୱାରା 'ଉତ୍କଳ ସମ୍ମିଳନୀ' ରୂପେ ଆତ୍ମପ୍ରକାଶ କରିଥିଲା । ସ୍ୱାଧୀନତା ଆନ୍ଦୋଳନ ସହ ଭାଷାଭିତ୍ତିକ ଓଡ଼ିଶା ପ୍ରଦେଶ ଗଠନର ବାର୍ତ୍ତାବହ ଉତ୍କଳସମ୍ମିଳନୀର ଭିତ୍ତି ଗଞ୍ଜାମ ମାଟିରୁ ହିଁ ପଡିଥିଲା । ଏହି ଆନ୍ଦୋଳନର ବହ୍ନିକୁ ଜନସାଧାରଣରେ ପ୍ରସାରିତ କରିବାକୁ ଗଞ୍ଜାମରୁ ହିଁ ସର୍ବପ୍ରଥମେ ଓଡ଼ିଆ ଦୈନିକ 'ଆଶା' ୧୯୨୮ରେ ଓ ଓଡ଼ିଶାର ସର୍ବପ୍ରଥମ ଇଂରାଜୀ ଦୈନିକ 'ନ୍ୟୁ ଓଡ଼ିଶା' ଗଞ୍ଜାମରୁ ହିଁ ଆତ୍ମପ୍ରକାଶ କରିଥିଲା । ଜାତୀୟତାର ବହ୍ନି ପ୍ରଜ୍ୱଳିତ କରିବାକୁ ଜାତିର ପିତା ମହାତ୍ମା ଗାନ୍ଧୀ, ଜବାହର ଲାଲ ନେହେରୁ, ନେତାଜୀ ସୁବାଷ ଚନ୍ଦ୍ର ବୋଷ ଗଞ୍ଜାମ ଜିଲ୍ଲାକୁ ଆସିଥିଲେ ।

ଗଞ୍ଜାମ ଜିଲ୍ଲାରେ ସେ ସମୟରେ ବ୍ରହ୍ମପୁର ଓ ପାରଳାରେ ଦୁଇଟି ଦ୍ୱିତୀୟ ଶ୍ରେଣୀୟ କଲେଜ ଥିଲା । ବି.ଏ. ପଢିବାକୁ ମାଡ୍ରାସ ଯିବାକୁ ପଡୁଥିଲା । ମହାତ୍ମାଗାନ୍ଧୀ ପ୍ରକାଶ କରୁଥିବା ପତ୍ରିକା ୟଙ୍ଗ ଇଣ୍ଡିଆ ରେ ସ୍ୱାଧୀନତା ସଂଗ୍ରାମରେ ଝାସ ଦେବା ଓ ଇଂରାଜୀ ଶିକ୍ଷା ତ୍ୟାଗ କରିବା ଆହ୍ୱାନରେ ଗଞ୍ଜାମର ସ୍ୱାଧୀନଚେତା ଯୁବକ ଦ୍ୱୟ ମାଡ୍ରାସରୁ ପଢା ଛାଡି ଚାଲି ଆସିଥିଲେ । ସେମାନେ ହେଲେ ଅର୍ଜୁନ ବେହେରା ଓ ଟାଙ୍ଗୁଡି ଶାସନର ନନ୍ଦକିଶୋର ମିଶ୍ର । ଏତଦ୍‌ବ୍ୟତୀତ ଦିବାକର ପଟ୍ଟନାୟକ, ଶରତଚନ୍ଦ୍ର ମହାପାତ୍ର, ଶ୍ୟାମସୁନ୍ଦର ପଟ୍ଟନାୟକ, ବୈକୁଣ୍ଠନାଥ ନାୟକ ଓ ଭରତ ବେହେରା ଆନ୍ଦୋଳନକୁ ଗଞ୍ଜାମରେ ତୀବ୍ର କରିବାରେ ନେତୃତ୍ୱ ନେଇଥିଲେ । ଘୁମୁସରର ଶ୍ରୀବସ ପଣ୍ଡା ସରକାରୀ ଚାକିରି ଛାଡି ଆସିଥିଲେ । ସେ ଗଞ୍ଜାମ ଜିଲ୍ଲାର ପ୍ରଥମ କଂଗ୍ରେସ କମିଟି ସଭାପତି ହୋଇଥିଲେ । ଜିଲ୍ଲା କଂଗ୍ରେସ ପ୍ରଥମ କାର୍ଯ୍ୟକାରୀ କମିଟିର ସଭ୍ୟ ଥିଲେ ବିଶ୍ୱନାଥ ଦାଶ, ଶରତଚନ୍ଦ୍ର ମହାପାତ୍ର, ଦିବାକର ପଟ୍ଟନାୟକ, ମହେନ୍ଦ୍ରକୁମାର ପଟ୍ଟନାୟକ, ନିରଞ୍ଜନ ପଟ୍ଟନାୟକ, ଭରତ ବେହେରା, ଜୟମଙ୍ଗଳ ରଥ, ବୈକୁଣ୍ଠନାଥ ନାୟକ । ପ୍ରଥମ ସମ୍ପାଦକ ହେଲେ ସ୍ୱର୍ଗତ ଜୟମଙ୍ଗଳ ରଥ । ଗଞ୍ଜାମ ଜିଲ୍ଲାର ଗ୍ରାମେ ଗ୍ରାମେ, ଘରେ ଘରେ ସୂତାକାଟି ଲୁଗା ପ୍ରସ୍ତୁତ କରିବା, ଖଦଡ ପିନ୍ଧିବା ଓ ଚରଖାକୁ ମୁଖ୍ୟ ଧନ୍ଦା ଭାବେ ଧରି ବିଦେଶୀ ବସ୍ତ୍ର ପରିତ୍ୟାଗ ପାଇଁ ଲୋକଙ୍କୁ ପ୍ରବର୍ତ୍ତାଇବା ଦାୟିତ୍ୱରେ ଥିଲେ ନିରଞ୍ଜନ ପଟ୍ଟନାୟକ । ତାଙ୍କର ସହକର୍ମୀ ଭାବେ କୃପାସିନ୍ଧୁ ପଣ୍ଡା, ବଂଶୀଧର ରଥ, ମଦନମୋହନ ପଟ୍ଟନାୟକ ଓ

ବଳରାମ ପଣ୍ଡା ପ୍ରମୁଖ ରହିଥିଲେ ।

ଓଡ଼ିଶାର ପ୍ରଥମ ଖଦୀକେନ୍ଦ୍ର ଥିଲା ଗଞ୍ଜାମରେ । ସ୍ୱର୍ଗତ ନିରଞ୍ଜନ ପଟ୍ଟନାୟକ ଏହି ଖଦୀ ଆନ୍ଦୋଳନକୁ ପ୍ରଥମେ କୋଦଳା, ବେଗୁନିଆ ପଡ଼ା, ମୁନ୍‌ସୀପେଣ୍ଟ, ପିତଳ ଗ୍ରାମକୁ ପ୍ରସାରିତ କରିଥିଲେ । କ୍ରମଶଃ ଅନ୍ୟ ଅଞ୍ଚଳରେ ପ୍ରସାର ଲାଭ କରିଥିଲା ।

ମହାତ୍ମାଜୀଙ୍କ ଆହ୍ୱାନରେ କଂଗ୍ରେସ କମିଟି ଅନ୍ୟଏକ ମୁଖ୍ୟକାର୍ଯ୍ୟ ହାତକୁ ନେଇଥିଲା । ସରକାରୀ ମଦଦୋକାନ, ବିଦେଶୀ ମଦଦୋକାନ, ଲୁଗାଦୋକାନ ସମ୍ମୁଖରେ ପିକେଟିଙ୍ଗ୍ କରାଯାଉଥିଲା । କଂଗ୍ରେସ ନିମନ୍ତେ ଅଧିକରୁ ଅଧିକ ସକ୍ରିୟ ସଭ୍ୟ ସଂଗ୍ରହ ଚାଲିଥିଲା ।

୧୯୨୧ ମାର୍ଚ୍ଚରେ ମହାତ୍ମାଗାନ୍ଧୀଙ୍କ ଓଡ଼ିଶା ଗସ୍ତ ସମୟରେ ଅସହଯୋଗ ଆନ୍ଦୋଳନର ବାର୍ତ୍ତା ପ୍ରସାରିତ ହେବାକୁ ଲାଗିଲା । ଭଦ୍ରଖ, ସାକ୍ଷୀଗୋପାଳ, ପୁରୀ ହୋଇ କଟକର କାଠଯୋଡ଼ି ବାଲୁକା ଶଯ୍ୟାରେ ବାପୁଜୀ ବିଶାଳ ଜନ ସମୁଦ୍ର ମଧ୍ୟରେ ଉଦ୍‌ବୋଧନ ଦେଇଥିଲେ ।

ଏହି ଗସ୍ତର ଶେଷ ପର୍ଯ୍ୟାୟରେ ସେ ବ୍ରହ୍ମପୁରକୁ ଆସି ବାରାକ୍ସ ପଡ଼ିଆରେ ଏକ ବିରାଟ ସମାବେଶରେ ଉଦ୍‌ବୋଧନ ଦେଇଥିଲେ । ଆଡଭୋକେଟ ମଧୁସୂଦନ ପାଣିଗ୍ରାହୀଙ୍କ ବାସଭବନରେ ଗାନ୍ଧିଜୀ ରହିଥିଲେ । ପରେ ପରେ ଜିଲ୍ଲାର ମଦ ଦୋକାନ, ସରକାରୀ ଲୁଗାଦୋକାନ ଆଗରେ ମହିଳାମାନେ ଧାରଣା, ବିକ୍ଷୋଭ ଦେବା ଆରମ୍ଭ କରିଦେଇଥିଲେ । ଏଥିରେ ନିରଞ୍ଜନ ପଟ୍ଟନାୟକଙ୍କ ସହଧର୍ମିଣୀ ଶ୍ରୀମତୀ କିଶୋରୀମଣି ପଟ୍ଟନାୟକ, ଭି.ଭି. ଗିରିଙ୍କ ଭଉଣୀ ଶ୍ରୀମତୀ ଲକ୍ଷ୍ମୀବାଈ ଓ ଅନ୍ୟମହିଳାମାନେ ନେତୃତ୍ୱ ନେଇଥିଲେ । ରାଜଶକ୍ତି ସହାୟତାରେ ମଦଦୋକାନୀମାନେ ମହିଳା ସତ୍ୟାଗ୍ରହୀମାନଙ୍କୁ ଅଶ୍ଳୀଳ ବ୍ୟବହାର, ଅପମାନିତ ଶବ୍ଦମାନ ପ୍ରୟୋଗ କଲେ ମଧ୍ୟ ଆନ୍ଦୋଳନରୁ ଏମାନେ ଆଦୌ କ୍ଷାନ୍ତ ହେଉନଥିଲେ ।

୧୯୨୨ ରେ ଓଡ଼ିଶାରେ ଅବକାରୀ ନିଲାମ ନିମନ୍ତେ ଇଂରେଜ ସରକାର ସ୍ଥିର କଲେ । ଗଞ୍ଜାମର ବାଲିପଦର, ଇଚ୍ଛାପୁର ଓ ବ୍ରହ୍ମପୁରଠାରେ ନିଲାମ ହେବା ଠିକ ହେଲା । ଏହି ସମୟରେ ବିକ୍ଷୋଭ, ପିକେଟିଙ୍ଗ, ଧାରଣା ଦେବାକୁ ସ୍ଥିର କରାଗଲା । ଭି.ଭି.ଗିରି, ଦିବାକର ପଟ୍ଟନାୟକ, ମାଷ୍ଟର ରାମଲିଙ୍ଗମ୍, ସୋମୟା ରାଓ, କରତୀ ବୀରରାଜୁ, ଦୀନବନ୍ଧୁ ବେହେରା, ବାଞ୍ଛାନିଧି ପଟ୍ଟନାୟକ, ଶ୍ରୀମତୀ ଲକ୍ଷ୍ମୀବାଈ, ରାଧାକାନ୍ତ ପାଢ଼ୀ, ବୃନ୍ଦାବନ ପଣ୍ଡା, ଭରତ ବେହେରା, ଅର୍ଜୁନ ଦାସ, ପୋକଲା ଶ୍ୟାମସୁନ୍ଦର ପ୍ରମୁଖ ବିକ୍ଷୋଭ କରି ଜେଲରେ ଅଟକ ରହିଲେ । ଦିବାକର ପଟ୍ଟନାୟକଙ୍କୁ ଗୋଡ଼ବେଡ଼ି ଓ ହାତକଡ଼ି ଦଣ୍ଡରେ ଦଣ୍ଡିତ କରାଯାଇଥିଲା । ୧୯୨୭ରେ ଦ୍ୱିତୀୟ ଥର ବାପୁଜୀ ଗଞ୍ଜାମର ବ୍ରହ୍ମପୁର, ଆସିକା, ଗୋବରା, ଭଞ୍ଜନଗର, କୋଦଳା, ବୋଉରାଣୀ, ପୋଲସରା, ଖଲିକୋଟ, ରମ୍ଭାଠାରେ ବୁଲି ବୁଲି ସଭା କରିଥିଲେ ।

ଓଡ଼ିଶାର ପ୍ରଥମ ଓଡ଼ିଆ ସାପ୍ତାହିକ 'ଆଶା' ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଶଶୀଭୂଷଣ ରଥ ବ୍ରହ୍ମପୁରରୁ ପ୍ରକାଶ କରି ସ୍ୱାଧୀନତା ଆନ୍ଦୋଳନର ବିଭିନ୍ନ ଦିଗ ଦର୍ଶାଉଥିଲେ । ଏଥିରେ ସରକାରୀ କାର୍ଯ୍ୟକ୍ରମର ବିରୋଧ କରି ଆସିକା ଓ ପରେ ବ୍ରହ୍ମପୁରକୁ ଓଢ଼ିଲାଟି କରିବାକୁ ଆସି ପରୋକ୍ଷ ସହାୟତା ଦେଉଥିବା ସ୍ୱର୍ଗତ ଲିଙ୍ଗରାଜ ପାଣିଗ୍ରାହୀ ଶଶିଭୂଷଣ ରଥଙ୍କୁ ଆର୍ଥିକ ସହାୟତା ପ୍ରଦାନ କରୁଥିଲେ । ଗାନ୍ଧିଜୀଙ୍କ କାର୍ଯ୍ୟକ୍ରମର ସୂଚନା ଦେବାକୁ ନିରଞ୍ଜନ ପଟ୍ଟନାୟକ ଗାନ୍ଧୀ ସମାଚାର ନାମରେ ପତ୍ରିକା ପ୍ରକାଶ କରୁଥିଲେ । ନିରଞ୍ଜନ ପଟ୍ଟନାୟକଙ୍କ ପ୍ରେରଣା ଓ ଲିଙ୍ଗରାଜ ପାଣିଗ୍ରାହୀଙ୍କ ସହାୟତାରେ ୧୯୨୮ରେ ଓଡ଼ିଶାର ପ୍ରଥମ ଦୈନିକ 'ଆଶା' ବ୍ରହ୍ମପୁର ଆଶା ପ୍ରେସରୁ ପ୍ରକାଶ ପାଇଲା । ୧୯୩୪ରେ ନଗଦ ୬ ହଜାର ଟଙ୍କା ଲିଙ୍ଗରାଜ ପାଣିଗ୍ରାହୀ ଶଶିଭୂଷଣ ରଥଙ୍କୁ ପ୍ରଦାନ କରି ଏକ ଇଂରାଜୀ ଦୈନିକ 'ନ୍ୟୁଓଡ଼ିଶା' ପ୍ରକାଶନର ବ୍ୟବସ୍ଥା କଲେ । ଏହା ଓଡ଼ିଶାର ପ୍ରଥମ ଇଂରାଜୀ ଦୈନିକ । ଓଡ଼ିଆ ଦୈନିକ 'ଆଶା' ସ୍ୱାଧୀନତା ଆନ୍ଦୋଳନ ସହ ଓଡ଼ିଶା ସ୍ୱତନ୍ତ୍ର ପ୍ରଦେଶ ଗଠନର ଦାବୀକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବାରେ ସମର୍ଥ ହୋଇଥିଲା ।

୧୯୩୦ ଲବଣ ସତ୍ୟାଗ୍ରହ ସମୟରେ ଗଞ୍ଜାମର ହୁମ୍ମା ଓ ଗଞ୍ଜାମଠାରେ ଯଥାକ୍ରମେ ନିରଞ୍ଜନ ପଟ୍ଟନାୟକ, ଶ୍ରୀମତୀ ସରଳାଦେବୀ ଗ୍ରାମେ ଗ୍ରାମେ ବୁଲି ପ୍ରଚାରକରି ଲବଣ ସତ୍ୟାଗ୍ରହ ଓ ଆଇନ ଭଙ୍ଗ ପାଇଁ ବାହାରିଲେ । ଜୁନ ମାସରେ ନିରଞ୍ଜନ ପଟ୍ଟନାୟକ ଗିରଫ ହୋଇ ଏକବର୍ଷ ପାଇଁ ରାଜମହେନ୍ଦ୍ରୀ ଜେଲରେ କଟାଇଲେ । କୋରାପୁଟରୁ ରାଧାକୃଷ୍ଣ ବିଶ୍ୱାସରାୟ, ଦିବାକର ପଟ୍ଟନାୟକ ଆସି ହୁମ୍ମାଠାରେ ଲୁଣ ମାରିଥିଲେ ।

ଆଇନ ଅମାନ୍ୟ ଆନ୍ଦୋଳନ ସତ୍ୟାଗ୍ରହୀଙ୍କୁ 'ବାନରସେନା' କୁହାଯାଉଥିଲା । ସାଥୀ କାଶୀପାତ୍ର, ପୂର୍ଣ୍ଣବେହେରା ଗଞ୍ଜାମରେ ଏହାର ନେତୃତ୍ୱ ନେଇଥିଲେ । ବିଶିଷ୍ଟ ବାଗ୍ମୀ ଆଇନଜ୍ଞ, ଲିଙ୍ଗରାଜ ପାଣିଗ୍ରାହୀ, କବିରାଜ, ଭାଷାବିତ୍, ସର୍ବଶାସ୍ତ୍ରବିଶାରଦ ବାଗ୍ମୀ କବି ସୁଲେଖକ ଅନନ୍ତ ତ୍ରିପାଠି ଶର୍ମା ଏଥିରେ ପରୋକ୍ଷରେ ସହାୟତା କରିଥିଲେ । କବିରାଜ ଅନନ୍ତ ତ୍ରିପାଠୀ ଶର୍ମା ୧୯୨୩ରେ ବିଜୟ ନଗର କଲେଜରେ ଅଧ୍ୟୟନ କରୁଥିବା ସମୟରେ କାକିନଡ଼ାରେ ଗାନ୍ଧିଜୀଙ୍କ ଭାଷଣ ଶୁଣି ବିଦେଶୀ ବସ୍ତ୍ରକୁ ପୋଡ଼ି ଦେଇ ଖଦଡଲୁଗା ଓ ଚାଦର କିଣି ପିନ୍ଧିଥିଲେ । ପାରଳାଖେମୁଣ୍ଡି ଓ ବ୍ରହ୍ମପୁରଠାରେ ଆୟୁର୍ବେଦିକ ଚିକିତ୍ସା ଶାଖା ଖୋଲି ସ୍ୱଦେଶୀ କାର୍ଯ୍ୟକ୍ରମରେ ଲାଗିପଡ଼ିଲେ । ସେତେବେଳେ ବ୍ରହ୍ମପୁର ଜେଲରେ ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ନିତ୍ୟାନନ୍ଦ କାନୁନ୍‌ଗୋ, ସଦାଶିବ ତ୍ରିପାଠୀ ପ୍ରମୁଖ ନେତୃବୃନ୍ଦ କାରା ଜୀବନ ବିତାଉଥିଲେ । ସଦାଶିବ ତ୍ରିପାଠୀ ହଠାତ୍ ଚର୍ମରୋଗରେ ଆକ୍ରାନ୍ତ ହେଲେ । ଏହାକୁ କୁଷ୍ଠରୋଗ ବୋଲି ସନ୍ଦେହ କରି ଜେଲର ଅଧକ୍ଷ ନାୟାରବାବୁ କଲିକତାରୁ ସରକାରୀ ଡାକ୍ତର ଅଣାଇଲେ । ଡାକ୍ତର

ଏହାକୁ 'ସୋରିଆସିସ' ରୋଗ କହି ଏଲୋପାଥିକ ବଦଳରେ ଆୟୁର୍ବେଦିକ ଚିକିତ୍ସାରେ ହିଁ ରୋଗମୁକ୍ତ ହେବେ ବୋଲି ପରାମର୍ଶ ଦେଲେ । ଅନନ୍ତ ତ୍ରିପାଠୀ ଶର୍ମା ତାଙ୍କ ସେବାରେ ଲାଗିପଡ଼ି ଏକ ମାସରେ ଆରୋଗ୍ୟ କରିଦେଲେ । ସ୍ୱାଧୀନତା ସଂଗ୍ରାମୀମାନେ ତାଙ୍କୁ 'ଚଳନ୍ତି ଚରକ' ରୂପେ ସମ୍ମାନ ପ୍ରଦର୍ଶନ କରୁଥିଲେ ।

ଗଞ୍ଜାମ ଜିଲ୍ଲାରେ ଲବଣ ସତ୍ୟାଗ୍ରହର ସୁପରିଚାଳନା ନିମନ୍ତେ ୧୯୩୦ ଜୁନମାସରେ ବ୍ରହ୍ମପୁରଠାରେ 'ଉଦ୍ୟୋଗ ମନ୍ଦିର' ବାଞ୍ଛାନିଧି ପଟ୍ଟନାୟକଙ୍କ ତତ୍ତ୍ୱାବଧାନରେ ଖୋଲାଗଲା । ହୁମ୍ମାରେ ଥିବା ଲବଣ ଆଇନ ଅମାନ୍ୟ ସତ୍ୟାଗ୍ରହୀଙ୍କ ଶିବିର ନିମନ୍ତେ ଚାଉଳ, ପରିବା ପଠାଯାଉଥିଲା ।ହୁମ୍ମା ଲବଣ ସତ୍ୟାଗ୍ରହ ସମରେ ବିଶ୍ୱନାଥ ଦାସ, ହରିହର ପଟ୍ଟନାୟକ, ବାଞ୍ଛାନିଧି ପଟ୍ଟନାୟକ, ଈଶ୍ୱର ସାହୁ, ଶ୍ରୀମତୀ କୁନ୍ଦଲତା ଦେବୀ (ବାଞ୍ଛାନିଧିଙ୍କ ପତ୍ନୀ) ଶ୍ରୀମତୀ କିଶୋରୀମଣିଦେବୀ (ନିରଞ୍ଜନଙ୍କ ସ୍ତ୍ରୀ) ଘନଶ୍ୟାମ ପଟ୍ଟନାୟକ, ଜଗନ୍ନାଥ ମିଶ୍ର (ଜଗବନ୍ଧ) ଉଦ୍‌ବୋଧନ ଦେଉଥିଲେ ।ପରେ ପରେ ଏମାନଙ୍କୁ ଗିରଫ କରାଯାଇ ଜେଲକୁ ପଠାଇ ଦିଆଗଲା । ସେମାନଙ୍କ ମଧ୍ୟରେ ମାଷ୍ଟର ରାମଲିଙ୍ଗମ, ସରଳାଦେବୀ, ଶଶିଭୂଷଣ ରଥ ମଧ୍ୟ ରହିଥିଲେ ।

ଏହାପରେ ସତ୍ୟାଗ୍ରହର ଦାୟିତ୍ୱ ବନମାଳୀ ମହାରଣା ନେଇ ଗଞ୍ଜାମର ନଉପଡ଼ାଠାରେ ଲୁଣମରା ଅଭିଯାନରେ ବାହାରି ପଡ଼ିଲେ । ତାଙ୍କ ସହ ନ୍ୟାୟପତି ନାରାୟଣ ମୂର୍ତ୍ତି ମଧ୍ୟ ଗଲେ । ପାରଳାର ନାରାୟଣ ପାତ୍ର ବାଲେଶ୍ୱରକୁ ଲୁଣମରା ଅଭିଯାନରେ ଯାଉଥିଲେ । ଗଞ୍ଜାମ ଜିଲ୍ଲାପାଳ ମିଷ୍ଟର ଏହଷ୍ଟିନ ତାଙ୍କୁ ଗିରଫ କଲେ ନାହିଁ । ହୁମ୍ମା ଲୁଣ ଗୋଦାମରୁ ଲୁଣ ଲୁଟି ନେବାକୁ ସ୍ଥିର କରାଯାଇ ନୋଟିସ କରାଗଲା । ଏଥିରେ ୨୧ ଜଣଙ୍କୁ ଗିରଫ କରାଗଲା । ବନମାଳୀ ମହାରଣା, ପର୍ଶୁରାମ ମହାନ୍ତିଙ୍କୁ ୬ ମାସ ସଶ୍ରମ ଜେଲ ରସୁଲକୋଣ୍ଡାରେ ଦିଆଗଲା ଓ ଅନ୍ୟମାନଙ୍କୁ ୨ମାସ ଜେଲଦଣ୍ଡ ଦିଆଗଲା ବ୍ରହ୍ମପୁରରେ । ନାବାଳକ ଶ୍ରୀହର୍ଷ ମିଶ୍ର, ସହଦେବ ପଟ୍ଟନାୟକ, ପୂର୍ଣ୍ଣ ବେହେରାଙ୍କୁ ବେଙ୍ଗଲ ପଟ୍ଟମ୍ ନାବାଳକ ଜେଲରେ ରଖାଗଲା ।

୧୯୩୧ ରେ 'ଉଦ୍ୟୋଗ ମନ୍ଦିର' ତରଫରୁ ବିଦେଶୀ ବସ୍ତ୍ର ଦୋକାନ, ମଦ, ଅଫିମ ଦୋକାନ ଆଗରେ ପିକେଟିଙ୍ଗ କରିବାକୁ ସ୍ଥିର କରାଗଲା । ବ୍ରହ୍ମପୁର, ଖଲ୍ଲିକୋଟ, ଆସିକା, ରସୁଲକୋଣ୍ଡା ରେ ପିକେଟିଙ୍ଗ ଚାଲିଲା ।

ନୂତନ କଂଗ୍ରେସ କମିଟି ଗଠନ କରାଯାଇ ସଭାପତି ରୂପେ ଶଶିଭୂଷଣ ରଥ, ଉପ-ସଭାପତି-ଲିଙ୍ଗରାଜ ପାଣିଗ୍ରାହୀ ଓ ସମ୍ପାଦକ ରୂପେ ଦିବାକର ପଟ୍ଟନାୟକ । ବାଞ୍ଛାନିଧି ପଟ୍ଟନାୟକ ଓ ଜଗନ୍ନାଥମିଶ୍ର ରହିଲେ । ବୋଇରାଣୀଠାରେ ସ୍ୱାଧୀନତା ଆନ୍ଦୋଳନର ପରବର୍ତ୍ତୀ କାର୍ଯ୍ୟ ପନ୍ଥା ନିର୍ଦ୍ଧାରଣ ନିମନ୍ତେ ଗଞ୍ଜାମ ଜିଲ୍ଲା କର୍ମୀ ସମ୍ମିଳନୀ ଅନୁଷ୍ଠିତ ହେଲା । ଏଥିରେ ବାଲେଶ୍ୱରର ନନ୍ଦକିଶୋର ଦାସ ସଭାପତି ଦାୟିତ୍ୱ ତୁଲାଇଲେ ।

ଏ ମଧ୍ୟରେ ଉତ୍କଳ ସମ୍ମିଳନୀ ଦ୍ୱାରା ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନ ଆନ୍ଦୋଳନ ତୀବ୍ର ହୋଇଉଠିଥିଲା । ମହାରାଜା କୃଷ୍ଣଚନ୍ଦ୍ର ଗଜପତି, ଲିଙ୍ଗରାଜ ପାଣିଗ୍ରାହୀ, ରାଜା ହରିହର ମର୍ଦ୍ଦରାଜ, ଶଶିଭୂଷଣ ରଥ, ବିଶ୍ୱନାଥ ଦାଶ, ନିରଞ୍ଜନ ପଟ୍ଟନାୟକ ଏଥିରେ ବ୍ୟସ୍ତ ରହିଲେ । ନିରଞ୍ଜନ ପଟ୍ଟନାୟକଙ୍କ ଦ୍ୱାରା ସଂକଳିତ ଏକ ପ୍ରାମାଣିତ ଗ୍ରନ୍ଥ "The Oriya movement" ଏଥିରେ ଅତ୍ୟନ୍ତ ପ୍ରଭାବଶାଳୀ ଭୂମିକା ନେଇଥିଲା ।

୧୯୩୨ ରେ ଅଖିଳ ଭାରତ କଂଗ୍ରେସ ଅଧିବେଶନ ପୁରୀ ଠାରେ କରାଯିବାକୁ ହରେକୃଷ୍ଣ ମହତାବଙ୍କ ତତ୍ତ୍ୱାବଧାନରେ ପ୍ରସ୍ତୁତି ଚାଲିଲା । ତାଙ୍କ ନେତୃତ୍ୱରେ ହିନ୍ଦୁସ୍ଥାନୀ ସେବାଦଳ ଶିକ୍ଷା ଶିବିର ଖୋଲାଗଲା । ଗଞ୍ଜାମ ଜିଲ୍ଲାରୁ ବନମାଳୀ ମହାରଣା, ମଧୁସୂଦନ ଦାସ, ଗୌରଚନ୍ଦ୍ର ରାଉତ, ମଦନ ମୋହନ ପଟ୍ଟନାୟକ, ଶ୍ରୀମତୀ ହେମଲତା ଦେବୀ ଓ ଗୋଦାବରୀଶ ସାହୁ ଏହି ଶିବିରରେ ତାଲିମ ନେଲେ । ସେମାନେ ଫେରି ଗଞ୍ଜାମର ବ୍ରହ୍ମପୁର, ଶେରଗଡ଼, ବାଲିପଦରଠାରେ ସେବାଦଳ ଶିବିର ଆରମ୍ଭ କରିଦେଲେ । ୧୯୩୧ ଲଣ୍ଡନରେ ଗୋଲଟେବୁଲ ବୈଠକ ବିଫଳ ଓ ବମ୍ବେରେ ଗାନ୍ଧିଜୀଙ୍କୁ ଗିରଫ ପରେ ଦେଶରେ ବ୍ୟାପକ ଦମନ ଲୀଳା ଚାଲିଲା । ପୁରୀ କଂଗ୍ରେସ ଅଧିବେଶନ ବାତିଲ ହେଲା ।

ଗଞ୍ଜାମର ବ୍ରହ୍ମପୁର, ବାଲିପଦର ଓ ଶେରଗଡ଼ ସେବା ଶିବିର ସତ୍ୟାଗ୍ରହୀ ଶିବିରରେ ପରିଣତ ହେଲା । ୧୯୩୨ ରେ ପିକେଟିଙ୍ଗ, ପଟ୍ଟୁଆର ଓ ବିକ୍ଷୋଭରେ ଲାଠିଚାର୍ଜ ହେଲା। ବ୍ରହ୍ମପୁରର ସେବାଶିବିର କର୍ମୀଙ୍କୁ ବ୍ରହ୍ମପୁରରେ, ଶେରଗଡ଼ର ସତ୍ୟାଗ୍ରହୀଙ୍କୁ ଆସିକାରେ, ବାଲିପଦର ସତ୍ୟାଗ୍ରହୀଙ୍କୁ ଭଞ୍ଜନଗର ଜେଲରେ ଅଟକ ରଖାଗଲା । ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ବନମାଳୀ ମହାରଣାଙ୍କୁ ୬ ମାସ ସଶ୍ରମ ଜେଲ ଓ ୨୦୦ ଟଙ୍କା ଜରିମାନା, ପ୍ରଭାକର ପଟ୍ଟନାୟକ, ଅର୍ଜୁନ ସାହୁଙ୍କୁ ୧ ବର୍ଷ ସଶ୍ରମ କାରାଦଣ୍ଡ ଦିଆଗଲା ।

ବୋଇରାଣୀଠାରେ ଗୌରୀଶଙ୍କର ସାମନ୍ତ, ଯାଦବାନନ୍ଦ ବେହେରା, ଟି.ଟି. ମହାରାଜୁ ଆଇନ ଅମାନ୍ୟ କରିବା ବେଳେ ଲାଠିଚାର୍ଜ ହୋଇଥିଲା । ଶ୍ରୀମତୀ ହେମଲତା ଦେବୀ ଗିରଫ ହେଲେ । ଶ୍ରୀମତୀ ସରଳାଦେବୀଙ୍କୁ ଭେଲୋର ଜେଲକୁ ପଠାଇ ଦିଆଗଲା । ବାଳକୃଷ୍ଣ ପାତ୍ର, ଆଦେଇ ପାତ୍ର, ଦୀନବନ୍ଧୁ ପଣ୍ଡା, ହରିବନ୍ଧୁ ଖାଡ଼ଙ୍ଗା, ମଦନମୋହନ ପଟ୍ଟନାୟକ, ବାସୁଦେବ ତ୍ରିପାଠୀ, ସୁନ୍ଦରବାବୁ ପୁଷ୍ଟି, ନାରସୁ ପାତ୍ର ପ୍ରଭୃତିଙ୍କୁ ଗିରଫ କରାଗଲା । ଘୁମୁସର ଜେଲରେ କର୍ମୀଙ୍କୁ ମାଣ୍ଡିଆ ଜାଉ ଦିଆଯାଉଥିଲା ।

୧୯୩୨ରେ ଆଇନ ଅମାନ୍ୟ ଆନ୍ଦୋଳନରେ କାରାବରଣ କରିଥିବା ନେତାମାନଙ୍କ ମଧ୍ୟରେ ନଇଟଙ୍ଗର ଜଗନ୍ନାଥ ମିଶ୍ର, ବୀରରାଜୁ, ଦିବାକର ପଟ୍ଟନାୟକ, ଆର୍.ରାମମୂର୍ତ୍ତି ପାତ୍ରୁଲୁ, କାହ୍ନୁବାବୁ, ମଦନମୋହନ ପଟ୍ଟନାୟକ, ଗୋଦାବରୀଶ ସାହୁ, ଲକ୍ଷ୍ମୀନାଥ ପାତ୍ର, ହରପ୍ରସାଦ ମିଶ୍ର, ଗୋବିନ୍ଦ ପ୍ରଧାନ, ହରିହର ଦାଶ ପ୍ରମୁଖ ଅନ୍ତର୍ଭୁକ୍ତ ।

ବ୍ରହ୍ମପୁର ବଡବଜାରଠାରେ ଲାଠିଚାର୍ଜ କରାଗଲା । ଗୁଳି ମାଡ଼ରେ ଶ୍ୟାମବାବୁ ନାମକ ଜଣେ ଦର୍ଶକ ଟଳି ପଡ଼ିଥିଲେ । ନାବାଳକଙ୍କୁ ପୋଲିସ ଲାଠି ପ୍ରହାର ସହ ତପ୍ତପାଣି ଜଙ୍ଗଲରେ ଛାଡ଼ି ଦେଉଥିଲେ ।

ସ୍ୱାଧୀନତା ଆନ୍ଦୋଳନ ସହ ଗଞ୍ଜାମ ଜିଲ୍ଲାରେ ଏହି ସମୟରେ ରଇତ ଆନ୍ଦୋଳନ ମୁଣ୍ଡ ଟେକିଥିଲା । ୧୯୩୪ ମସିହାରେ ଖଲିକୋଟ ଆଠଗଡ ଜମିଦାରୀ 'ରାଜା ରାମଚନ୍ଦ୍ର ମର୍ଦ୍ଦରାଜ ଦେବଙ୍କ ସମୟରେ ପ୍ରଜାମେଳି - ରଇତ ଆନ୍ଦୋଳନର ସୂତ୍ରପାତ ହେଲା । ସ୍ୱର୍ଗତ ବିଶ୍ୱନାଥ ଦାଶ ଏହାର ସୂତ୍ରଧର ଥିଲେ । ବନମାଳୀ ମହାରଣା, ଦିବାକର ପଟ୍ଟନାୟକ ଗାଁକୁ ଗାଁ ଏହା ପ୍ରସାରିତ କରିବାକୁ ଲାଗିଲେ । ବନମାଳୀ ମହାରଣା କବିତା ଲେଖି ସମସ୍ତଙ୍କୁ ଏକଜୁଟ କରାଉଥିଲେ । କୋଦଳା ହାଟପଦାରେ ଭି.ଭି.ଗିରି, ନବକୃଷ୍ଣ ଚୌଧୁରୀ, ମାଳତୀ ଦେବୀ, ଗୌରାଙ୍ଗ ଚରଣ ଦାସ ଜନସମାବେଶରେ ଅଗ୍ନିବର୍ଷୀ ଭାଷଣ ଦେଇଥିଲେ । କିନ୍ତୁ ଏହି ସଭା ଭଣ୍ଡୁର କରିଦିଆଯିବାରୁ ସଭା ଛଟିନା ଜଗନ୍ନାଥପୁରରେ ହେଲା ।

୧୯୩୫ରେ ପଣ୍ଡିତ ଜବାହରଲାଲ ନେହେରୁ ସ୍ୱାଧୀନତା ଆନ୍ଦୋଳନକୁ ତେଜିୟାନ କରିବାକୁ ଗଞ୍ଜାମର ଆସିକା, ବୋଇରାଣୀ, କୋଦଳା, ଖଲିକୋଟ ଓ ବ୍ରହ୍ମପୁରକୁ ଯାଇଥିଲେ । ଆସିକା ଓ ବ୍ରହ୍ମପୁରଠାରେ ବିରାଟ ଜନସମାବେଶରେ ସେ ଭାଷଣ ଦେଇଥିଲେ ।

୧୯୩୬ରେ ଓଡିଶା ସ୍ୱତନ୍ତ୍ର ପ୍ରଦେଶ ରୂପେ ଗଠିତ ହେଲା । ଜିଲ୍ଲା ବୋର୍ଡ ନିର୍ବାଚନ ହେଲା । କଂଗ୍ରେସ ଅନୁଷ୍ଠାନର କର୍ମୀମାନେ ଏହି ନିର୍ବାଚନରେ ଜିଲ୍ଲା ବୋର୍ଡ ଅଧିକାର କଲେ । ୧୯୩୭ ବିଧାନସଭା ନିର୍ବାଚନରେ ସ୍ୱାଧୀନତା ସଂଗ୍ରାମୀ ବିଶ୍ୱନାଥ ଦାଶ, ଦିବାକର ପଟ୍ଟନାୟକ, ଗୋବିନ୍ଦ ପ୍ରଧାନ, ପୁନିଆନାୟକ, ଲକ୍ଷ୍ମୀବାଈ ନିର୍ବାଚିତ ହୋଇଥିଲେ । ରାଜ୍ୟର ୬୦ଟି ଆସନରୁ ୩୬ଟି ଆସନ କଂଗ୍ରେସ ପାଇ ବିଶ୍ୱନାଥ ଦାଶ ପ୍ରଧାନମନ୍ତ୍ରୀ ହେବା ପାଇଁ ସ୍ଥିର ହୋଇଥିଲେ ମଧ୍ୟ କେନ୍ଦ୍ରରେ କଂଗ୍ରେସ ଓ ଇଂରେଜ ସରକାର ମଧ୍ୟରେ ବାଦାନୁବାଦ ପାଇଁ କଂଗ୍ରେସ ଓହରିଯିବାରୁ କୃଷ୍ଣଚନ୍ଦ୍ର ଗଜପତି ପ୍ରଥମ ପ୍ରଧାନମନ୍ତ୍ରୀ ହେଲେ । ସରକାର କଂଗ୍ରେସ କଥା ମାନିଯିବାରୁ ବିଶ୍ୱନାଥ ଦାଶ ପ୍ରଥମ କଂଗ୍ରେସ ପ୍ରଧାନମନ୍ତ୍ରୀ ହେଲେ ଓ ମହାରାଜା କୃଷ୍ଣଚନ୍ଦ୍ର ଗଜପତି କ୍ଷମତାରୁ ଓହରିଗଲେ । ଲବଣ ସତ୍ୟାଗ୍ରହ ପରେ ପରେ କଂଗ୍ରେସରୁ ଅଲଗା ହୋଇ ସୋସାଲିଷ୍ଟ, ଫରୱାର୍ଡ, କିସାନ ସଭା ଗଠିତ ହେଲା ।

୧୯୩୭ରେ ସୁବାଷଚନ୍ଦ୍ର ବୋଷ ଗଞ୍ଜାମ ଗସ୍ତରେ ଆସିଥିଲେ । ସେ ବଡ଼ବଜାରରୁ ଶୋଭାଯାତ୍ରାରେ ଆସି କଲେଜ ପଡ଼ିଆରେ ଏକ ଜନସଭାରେ ଭାଷଣ ଦେଇଥିଲେ । ଆନ୍ଦୋଳନ ପୁନଃ ତେଜିୟାନ ହୋଇଉଠିଲା ।

୧୯୪୦ରେ ବ୍ୟକ୍ତିଗତ ଭାବେ ସତ୍ୟାଗ୍ରହ କରିବାକୁ ଗାନ୍ଧିଜୀ ଆହ୍ୱାନ ଦେଲେ । ଗଞ୍ଜାମର ବିଶ୍ୱନାଥ ଦାଶ ପ୍ରଧାନମନ୍ତ୍ରୀରୁ ଇସ୍ତଫା ଦେଇ ସତ୍ୟାଗ୍ରହ କରି ଗିରଫ ହେଲେ । ଏ ସମୟରେ ପାରଳା ଗଜପତି କୃଷ୍ଣଚନ୍ଦ୍ର ନାରାୟଣ ଦେବ ପୁନର୍ବାର ପ୍ରଧାନମନ୍ତ୍ରୀ ଆସନରେ ଆସୀନ ହେଲେ ।

୧୯୪୨ରେ 'ଭାରତଛାଡ' ଆନ୍ଦୋଳନ ଅବସରରେ ବ୍ରହ୍ମପୁର ଜେଲରେ ଓଡ଼ିଶାର ପ୍ରାୟ ୫୦୦ ଜଣ ନେତା ବନ୍ଦୀ ହୋଇ ରହିଥିଲେ ।

୧୯୪୪ ଜାନୁୟାରୀ ୨୬ରେ ବ୍ରହ୍ମପୁର ଜେଲରେ ସମସ୍ତ ବନ୍ଦୀ ତ୍ରିରଙ୍ଗା ଜାତୀୟ ପତାକା ଉତ୍ତୋଳନ କରିବାକୁ ଠିକ୍ କଲେ । କିନ୍ତୁ କଲେକ୍ଟର ମହମ୍ମଦ ହସାନ୍ ପହଞ୍ଚି ଲାଠି ଚାଳନା କଲେ । ସମସ୍ତଙ୍କୁ ରକ୍ତାକ୍ତ ଅବସ୍ଥାରେ ଭୂଶାୟୀ କରିଦେଲେ ।

୧୯୩୮ ରେ ଗଞ୍ଜାମ ଜିଲ୍ଲାର ବ୍ରାହ୍ମଣଛାଇର ସାମ୍ବାଦିକ ରାମଚନ୍ଦ୍ର ଦାସ 'ରେଙ୍ଗୁନ୍ ଓଡିଆ ଯୁବକ ସଂଘ' ପତ୍ରିକା ସଂପାଦନା କଲେ । ପିତଳର କୃଷ୍ଣଚନ୍ଦ୍ର ତ୍ରିପାଠୀ 'ରାସ ସମିତି' ପ୍ରତିଷ୍ଠା କଲେ । ମଧୁସୂଦନ ମହାପାତ୍ର 'ବର୍ମା ଓଡ଼ିଆ ପତ୍ରିକା' ନାମରେ ସାପ୍ତାହିକ ପତ୍ରିକା ସଂପାଦନା କଲେ । ହରିହର ପଟ୍ଟନାୟକଙ୍କ ପ୍ରେସରୁ 'ପ୍ରଭାତ' ପତ୍ରିକା ପ୍ରକାଶିତ ହେଲା । ଏ ସମସ୍ତ ପତ୍ରିକା ସ୍ୱାଧୀନତା ଆନ୍ଦୋଳନକୁ ତୀବ୍ର କରିବାରେ ସାହାଯ୍ୟ କରିଥିଲା ।

ଗଞ୍ଜାମର ସ୍ୱାଧୀନତା ସଂଗ୍ରାମୀମାନେ ରାସ-ସମିତିର ସଭ୍ୟଙ୍କ ସହ ଅଧିକାଂଶ ନେତାଜୀଙ୍କ ଆହ୍ୱାନରେ ଆଜାଦ୍ ହିନ୍ଦ୍ ଫୌଜରେ ଯୋଗଦେଲେ । ୧୯୪୩ରେ ପ୍ରଥମେ ଆଜାଦ୍ ହିନ୍ଦ୍ ଫୌଜରେ ଗଞ୍ଜାମର ସ୍ୱାଧୀନତା ସଂଗ୍ରାମୀମାନଙ୍କ ମଧ୍ୟରୁ କୃଷ୍ଣଚନ୍ଦ୍ର ତ୍ରିପାଠୀ, ବୃନ୍ଦାବନ ବେହେରା, ମାଧବ ମହାରଣା, ଦଣ୍ଡପାଣି ମହାରଣା, ବିନାୟକ ମିଶ୍ର, ସୋମନାଥ ପାଣିଗ୍ରାହୀ, ଉତ୍ସବାନନ୍ଦ ପ୍ରଧାନ, ବସ ପାତ୍ର, ବୁଧି ବେହେରା, ନାରାୟଣ ପୃଷ୍ଟି, ଭୋବନୀ ମହାପାତ୍ର, ହାଡିବନ୍ଧୁ ମହାପାତ୍ର, ସହଦେବ ଗୌଡ ସଭ୍ୟ ହେଲେ । ଫୌଜର ତାଲିମ ଶିବିରରେ କେତେକ ସାମିଲ ହୋଇଗଲେ ।

ରେଙ୍ଗୁନରେ ୧୯୪୩ରେ ନେତାଜୀଙ୍କୁ ଏହି ଓଡିଆମାନେ ୨୧,୧୧୧ଟଙ୍କାର ଏକ ଥଳି ଭେଟି ଦେଇଥିଲେ । ସମ୍ମୁଖ ଯୁଦ୍ଧକ୍ଷେତ୍ରରେ ମଦନମୋହନ ତ୍ରିପାଠୀ, ବୃନ୍ଦାବନ ପଣ୍ଡା, ବାଣା ନାଇକ, ଟିଣା ସେଠୀ, ହରିବନ୍ଧୁ କରଣ ପ୍ରମୁଖ ଧରାହୋଇ ନୀଳଗଞ୍ଜ ଜେଲରେ ବନ୍ଦୀ ହୋଇଥିଲେ ।

ଏଣେ ଗଞ୍ଜାମ ରେ ପ୍ରମୁଖ କଂଗ୍ରେସ କର୍ମୀ ଦିବାକର ପଟ୍ଟନାୟକ କଂଗ୍ରେସରୁ ଅଲଗା ହୋଇ ସୁଭାଷଙ୍କ ଦଳରେ ଯୋଗଦେଲେ । ଭାରତୀୟ କମ୍ୟୁନିଷ୍ଟ ପାର୍ଟିରେ କଂଗ୍ରେସ କର୍ମୀ ଗୋବିନ୍ଦ ପ୍ରଧାନ, ହରିହର ଦାଶ ପ୍ରଭୃତି ଯୋଗଦେଲେ । ଗଞ୍ଜାମର ଖଦୀକେନ୍ଦ୍ର ବ୍ରହ୍ମପୁରରୁ କଟକ ଜିଲ୍ଲାକୁ ସ୍ଥାନାନ୍ତରିତ ହେଲେ ମଧ୍ୟ ଗଞ୍ଜାମର କୋଦଳାର ଜଗନ୍ନାଥମିଶ୍ର ଓ କୃପାସିନ୍ଧୁ ପଣ୍ଡା ଅଖିଳ ଭାରତ ଚରଖା ସଂଘର ମୁଖ୍ୟକର୍ମକର୍ତ୍ତା ହୋଇରହିଥିଲେ ଓ ସମଗ୍ର ଓଡିଶାର ଦାୟିତ୍ୱରେ ଥିଲେ ।



... 20-11-1997

ନେତାଜୀଙ୍କ ଦଳର ପ୍ରଚାର ଅଧିକାରୀଭାବେ କୃଷ୍ଣଚନ୍ଦ୍ର ତ୍ରିପାଠୀ 'ସ୍ୱାଧୀନ ଭାରତ' ନାମକ ତ୍ରିସାପ୍ତାହିକ ପ୍ରଚାର ପତ୍ରିକା ଓଡ଼ିଆରେ ପ୍ରକାଶ କଲେ । କର୍ଣ୍ଣେଲ ବ୍ରଜମୋହନ ପଟ୍ଟନାୟକ ସର୍ବୋଚ୍ଚ ଅଫିସର, ମେଡ଼ିକାଲ ଅଧିକାରୀ ଭାବେ ଡାକ୍ତର ବୀରକିଶୋର ଭୂୟାଁ ଓ କମାଣ୍ଡର ଭାବେ ଲେଫଟ୍‌ନାଣ୍ଟ ଏନ.ସି.ଦାସ ନିଯୁକ୍ତି ପାଇଲେ ।

୧୯୪୬, ଫେବୃୟାରୀରେ ରେଙ୍ଗୁନରେ ତାଲିମ ଶିବିରରେ ଜାପାନର ବୋମା ବର୍ଷଣରେ ଅନେକ ଓଡ଼ିଆ ଆଜାଦ ହିନ୍ଦ୍ ଫୌଜ କର୍ମୀ ମରିଥିଲେ । ଭୋବନୀ ରଣା, ଶିବରାମ ମହାପାତ୍ର, ରାମଚନ୍ଦ୍ର କର, ମଧୁସୂଦନ ବେହେରା ଏଥିରେ ପ୍ରାଣତ୍ୟାଗ କରିଥିଲେ । ନେତାଜୀଙ୍କ ଫୌଜରେ ଗଞ୍ଜାମର ଶତକଡ଼ା ୭୫ ପ୍ରତିଶତ ଓଡ଼ିଆ ଯୋଗଦେଇଥିଲେ ।

ବର୍ମାର ରେଙ୍ଗୁନଠାରୁ ଆଠମାଇଲ ଦୂରରେ ମୟାଗନ ଗ୍ରାମରେ ଆଜାଦ୍ ହିନ୍ଦ ଫୌଜର ତାଲିମ ଶିବିର ଗଠନ କରାଗଲା ଓ ବ୍ରିଟିଶ୍ ସେନାରୁ ଆସି ଆଜାଦ୍ ହିନ୍ଦ ଫୌଜରେ ଯୋଗଦେଇଥିବା ଓଡ଼ିଆ ସୈନିକ ଦାମୋଦର ପଣ୍ଡା, ଅଗାଧୁ ସାମନ୍ତରା, ଗଦାଧର ମହାପାତ୍ର, ରଘୁନାଥ ବେହେରା ଇନ୍‌ଷ୍ଟ୍ରକ୍ଟର ନିଯୁକ୍ତ ହେଲେ । ଡାକ୍ତର ବୀରକିଶୋର ଭୂୟାଁ ପରୀକ୍ଷା କରି ସୁପାରିଶ କରୁଥିଲେ । କୃଷ୍ଣଚନ୍ଦ୍ର ତ୍ରିପାଠୀ ୱେଲଫେୟାର ଅଧିକାରୀ ରୂପେ କାର୍ଯ୍ୟ କଲେ । ୧୯୪୫, ଫେବୃୟାରୀ, ୧୨ ତାରିଖ ଦିନ ୯ ଘଣ୍ଟା ସମୟରେ ୫୦ଟି ବ୍ରିଟିଶ ଲଢୁଆ ବିମାନରୁ ଅଜସ୍ର ବୋମା ବର୍ଷଣ ଏହି ଶିବିର ଉପରେ ହେଲା । କେନ୍ଦ୍ରର ନାୟକ ଅଗାଧୁ ସାମନ୍ତରା, ସନ୍ତୀ ଭୋବନୀରଣା, ପଣ୍ଡିତ ଦ୍ୱୟ, ମଧୁସୂଦନ ବେହେରା ପ୍ରଭୃତି ଗଞ୍ଜାମର ବହୁ ଲୋକ ପ୍ରାଣ ହରାଇଲେ । ସେ ଦିନଟି ଆଜାଦ୍ ହିନ୍ଦ୍ ଫୌଜର ସ୍ୱାଧୀନତା ସଂଗ୍ରାମର ଓଡ଼ିଆଙ୍କ ସମୂହ ବଳିଦାନ ଦିବସ ରୂପେ ପାଳିତ ହେଲା ।

'ଓଡ଼ିଆ ରାସସମିତି' ବ୍ରହ୍ମଦେଶରେ ଭାରତୀୟ ସଂସ୍କୃତି ଓ ସ୍ୱାଧୀନତା ଆନ୍ଦୋଳନର ବାର୍ତ୍ତାବହ ତଥା ପ୍ରେରଣାର ଉତ୍ସ ଥିଲା । ଏହି ସମିତିର ଅଧକ୍ଷ କୃଷ୍ଣଚନ୍ଦ୍ର ତ୍ରିପାଠୀ ୧୯୪୨, ଅକ୍ଟୋବର ୧୫ ତାରିଖଦିନ ସମିତିର ସଦସ୍ୟମାନଙ୍କ ସହ ଭାରତୀୟ ସ୍ୱାଧୀନତା ସଂଗ୍ରାମର ବିପ୍ଳବୀ ରାସବିହାରୀ ବୋଷଙ୍କ ଭାରତୀୟ ସ୍ୱାଧୀନତା ସଂଘରେ ଯୋଗ ଦେଇ ସିଙ୍ଗାପୁର, ବର୍ମାରେ ସ୍ୱେଚ୍ଛା ସେବକ ଭାବେକାର୍ଯ୍ୟ କଲେ । ୪୫ ଜଣ ସଭ୍ୟ ଏହି ଜାତୀୟ ସଂଘରେ ଯୋଗଦେଇଥିଲେ । ସେମାନଙ୍କ ମଧ୍ୟରେ ବୃନ୍ଦାବନ ପଣ୍ଡା, ଉଦୟାନନ୍ଦ ପ୍ରଧାନ, ମଦନ ମୋହନ ତ୍ରିପାଠୀ, ସୋମନାଥ ପାଣିଗ୍ରାହୀ, ଭାଗିରଥି ପଣ୍ଡା, କିଶୋର ଚନ୍ଦ୍ର ମିଶ୍ର, ନାରାୟଣ ପୃଷ୍ଟି, ମୋହନ ପ୍ରଧାନ, ବୀରଭଦ୍ର କରଣ, ଆନନ୍ଦ ବିଶ୍ୱାଳ, ଗୋବିନ୍ଦ ରାମ ପୃଷ୍ଟି, ପୀତବାସ ପାଣିଗ୍ରାହୀ, ବୃନ୍ଦି ନାୟକ, ହରିପାତ୍ର, ଅର୍ଜୁନ ଗୌଡ ପ୍ରମୁଖ ଅନ୍ତର୍ଭୁକ୍ତ ।

୧୯୪୩, ଜୁଲାଇ ମଧ୍ୟଭାଗରେ ନେତାଜୀ ରେଙ୍ଗୁନରେ ପହଞ୍ଚିଲେ । କୃଷ୍ଣଚନ୍ଦ୍ର ତ୍ରିପାଠୀ ଆଜାଦ୍ ହିନ୍ଦ୍‌ଫୌଜକୁ ଲୋକ ସେନା ସଂଗ୍ରହ ନିମନ୍ତେ ପ୍ରଚାର ଅଫିସର ଭାବେ କାର୍ଯ୍ୟକ୍ରମ କଲେ । ମୟାଗନ ଗ୍ରାମରେ ସ୍ୱତନ୍ତ୍ର ଓଡ଼ିଆ ରେଜିମେଣ୍ଟ ତାଲିମ ଶିବିର ପ୍ରତିଷ୍ଠା ହେଲା । ଆଜାଦ୍‌ହିନ୍ଦ ଫୌଜରେ ୩୫୦ ଓଡ଼ିଆଙ୍କ ମଧ୍ୟରୁ ଅର୍ଦ୍ଧାଧିକ ଗଞ୍ଜାମର ଲୋକ ଥିଲେ । ସେମାନେ ଯୁଦ୍ଧ କ୍ଷେତ୍ରରେ ବୀରତ୍ୱ ପୂର୍ଣ୍ଣ ଭୂମିକା ନେଇଥିଲେ । ଆଜାଦହିନ୍ଦ ଫୌଜରେ ସର୍ବୋଚ୍ଚ ଓଡ଼ିଆ ଅଫିସର ଭାବେ କର୍ଣ୍ଣେଲ ବ୍ରଜମୋହନ ପଟ୍ଟନାୟକ, ଡଃ ବୀରକିଶୋର ଭୂୟାଁ, ଲେଫ୍‌ଟାନଣ୍ଟ ନୃସିଂହ ଚରଣ ଦାଶ, କୃଷ୍ଣଚନ୍ଦ୍ର ତ୍ରିପାଠୀ, ଦାମୋଦର ପଣ୍ଡା, ଗଦାଧର ମହାପାତ୍ର, ଅଗାଧୁ ସାମନ୍ତରା ଓ ରଘୁନାଥ ବେହେରା ପ୍ରମୁଖ ଗଞ୍ଜାମ ମାଟିର ସନ୍ତାନ ଥିଲେ । ବ୍ରହ୍ମଦେଶରେ ଗଞ୍ଜାମର ଲୋକମାନେ ବିଶେଷ ଭାବେ ଆସ୍ଥାନ ଜମାଇବାର ମୁଖ୍ୟ କାରଣ ହେଲା ସେତେବେଳେ ଗଞ୍ଜାମର ଗୋପାଳପୁର ବନ୍ଦରଠାରୁ ପ୍ରତିସପ୍ତାହରେ ଦୁଇଥର ପାଣିଜାହାଜ ରେଙ୍ଗୁନ୍‌କୁ ଯିବା ଆସିବା କରୁଥିଲା ।

ଦେଶ ସ୍ୱାଧୀନତା ପ୍ରାପ୍ତି ହେବାର ୪ ବର୍ଷ ପୂର୍ବରୁ ଭାରତ ବାହାରେ ପ୍ରବାସୀ ଭାରତୀୟଙ୍କୁ ନେଇ ନେତାଜୀ ସୁଭାଷଚନ୍ଦ୍ର ୧୯୪୩ ଅକ୍ଟୋବର ୨୧ ତାରିଖଦିନ ପୃଥିବୀର ୧୪ଟି ରାଷ୍ଟ୍ରର ଅନୁମୋଦନ କ୍ରମେ ସିଙ୍ଗାପୁରଠାରେ ସ୍ୱାଧୀନ ଭାରତ ସରକାର ପ୍ରତିଷ୍ଠାକରି ଇଂରେଜ ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମ ଘୋଷଣା କରିଥିଲେ । ଏହା ଥିଲା ଭାରତର ଶେଷ ସ୍ୱାଧୀନତା ସଂଗ୍ରାମ । ଏଥିରେ ଗଞ୍ଜାମର ଓଡ଼ିଆ ଫୌଜଙ୍କର ତ୍ୟାଗ, ବଳିଦାନ ଉଲ୍ଲେଖନୀୟ ।

୧୯୪୫ ରେ ଭାରତର ଜାତୀୟ ନେତାମାନେ ଜେଲରୁ ଖଲାସ ହେବା ବେଳେ ଓଡ଼ିଶାର ସଂଗ୍ରାମୀମାନେ ବ୍ରହ୍ମପୁର ଜେଲରୁ ମୁକ୍ତି ପାଇଲେ ।

*ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ*
*ବ୍ରହ୍ମପୁର, ଗଂଜାମ*

# ସ୍ୱାଧୀନତା ସଂଗ୍ରାମରେ କନ୍ଧମାଳ

ଶ୍ରୀ ପଞ୍ଚାନନ ଅଗ୍ରୱାଲା

କନ୍ଧମାଳ ଜିଲ୍ଲା ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୁର ! ପର୍ବତ, ପାହାଡ଼, ବଣ, ଜଙ୍ଗଲ ଘେରା ମଧ୍ୟରେ ଝରଣାର କୁଳୁକୁଳୁ ନାଦ, ପକ୍ଷୀର କାକଳି, ମହୁଲ ଫୁଲର ଗନ୍ଧ, ଶାଳଫୁଲର ବାସ୍ନା, ସଳପରସର ମାଦକତା ଯୌବନରେ ଆଣିଦିଏ ଅପୂରନ୍ତ ଉନ୍ମାଦନା । ସେହି ଉନ୍ମାଦନା ମଧ୍ୟରେ ଥାଇ ସୁଦ୍ଧା କନ୍ଧ ବନବାସୀ ଦେଖିଥିଲା ସ୍ୱାଧୀନତାର ସ୍ୱପ୍ନ । ବ୍ରିଟିଶ ସିପାହୀକୁ କାବୁ କରି ସେ ହୋଇଥିଲା ଶହୀଦ । ସେ ଚାହିଁ ନାହିଁ ତାର ଇତିହାସ ଲେଖାଯାଉ, ସେ ଚାହିଁନାହିଁ, ତାର ପ୍ରତିମୂର୍ତ୍ତି ମାର୍ବଲ ପଥରରେ ପୂଜା ପାଉ । ଆଜି ମଧ୍ୟ ବେଲଘର ଗୁମ୍ମା ଅଞ୍ଚଳ ଭିତରେ ଗୁଞ୍ଜିନାଲା ନଈ କୂଳରେ ବସିଲେ କନ୍ଧ ବନବାସୀର ବୀର ଗୀତ ଶୁଣାଯାଏ-

ଏଡୁ ସାଜିନେ -କୁଡୁ ସାଜିନେ
ସ୍ରାଡୁ ତିନେଞ୍ଜା - ଗିଗିକି
ଗୋମିଡି ନେଞ୍ଜା ଗିଗିକି
ପା'ନା ତିନେଞ୍ଜା ଗିଗିକି
ଡ଼ୋନି ତିନେଞ୍ଜା ଗିଗିକି
ଏଯ ସାଜିନେ କୁଡୁ ସାଜିନେ
ଟାଣା ଓ୍ୱହିତେ ପାଲେ ଓ୍ୱହିତେ

ଅର୍ଥାତ୍ - ଏହି ନଈ ବହିଯାଉଛି ସମୁଦ୍ରକୁ, ଯେଉଁଠି ବ୍ରିଟିଶମାନେ ରହନ୍ତି, ଯେଉଁମାନେ କି ସାପ, ବେଙ୍ଗ, ଏଣ୍ଡୁଅ ଖାଆନ୍ତି, ସେହି ଅମଣିଷମାନେ ଆମ ଦେଶରୁ ଛାଡ଼ି ଚାଲିଯାଅ ।

୧୮୪୧ ମସିହା ମେ ମାସ ୩ ତାରିଖ ଦିନ କନ୍ଧମାଳର ବିଦ୍ରୋହକୁ ଦମନ କରିବା ପାଇଁ ମାନ୍ଦ୍ରାଜ କମିଶନରଙ୍କ ଅଧୀନରେ କ୍ୟାପଟେନ ମ୍ୟାକଫରସନଙ୍କୁ ନିଯୁକ୍ତ କରାଗଲା । ୧୮୪୧ ମସିହା ଡିସେମ୍ବର ୧୫ ତାରିଖରେ ସେ କନ୍ଧମାଳକୁ ତାଙ୍କର ମାର୍ଚ୍ଚ ଆରମ୍ଭ କଲେ । କନ୍ଧମାଳର ପାଣ୍ଡ୍ରାଖୋଲ ବାଟେ ବାଲିଗୁଡ଼ା କୋଟଗଡ଼ ଦେଇ ସୁବର୍ଣ୍ଣଗିରିମାଳ ଚଢ଼ି ଶ୍ରୀରାମପୁର ଟପି ବଦରିଗାଁକୁ ବଢାଇ କଲେ । କନ୍ଧନେତା ବୀର ଗେନ୍ଦା ମାଝି, କୁଡ଼ ମାଝି, ରାମ୍ପାକୁ ଗାଁର ସାତକା ଗୋଡ଼ୁର ନୂଆମାଝି, ଟ୍ରାଙ୍ଗୁମାଝି ପ୍ରମୁଖଙ୍କ ନେତୃତ୍ୱରେ ବ୍ରିଟିଶ ସୈନ୍ୟଙ୍କ ସଙ୍ଗେ ଘମାଘୋଟ ଯୁଦ୍ଧ ହେଲା । ସେହି ଯୁଦ୍ଧରେ ଆବାଳ ବୃଦ୍ଧବନିତା ଲେଙ୍ଗୁଟି ପିନ୍ଧି, ମୁଣ୍ଡରେ ପଗଡି ଭିଡି, ହାତରେ ଧନୁଶର ଧରି 'ମାବୁକୁ ନାବୁ' 'ମାବୁକୁ ନାବୁ' (ଆମେ ମାନିବୁ ନାହିଁ) ଧ୍ୱନି ଦେଇ ଗଗନ ପବନ ପ୍ରକମ୍ପିତ କରିଦେଇଥିଲେ । କେତେ ବୀର ଯୋଦ୍ଧା ଶତ୍ରୁଙ୍କ ଆକ୍ରମଣରେ କ୍ଷତବିକ୍ଷତ ହେଲେ ତ କେତେ ଇଂରେଜ ସିପାହୀ ନିହତ ହେଲେ । ସେମାନଙ୍କ ରକ୍ତରେ ଗୁଞ୍ଜିନାଲା ନଈ ଲାଲ ହୋଇଯାଇ ଥିଲା । ଘୁମୁସର କନ୍ଧମେଳି ପରାମର୍ଶଦାତା ଥିଲେ ବୃନ୍ଦାବନ ଭଂଜ । ତାଙ୍କୁ ବିଶ୍ୱାସଘାତକତା ଓ ଦେଶଦ୍ରୋହୀ ଅପରାଧରେ ବନ୍ଦୀ କରାଯାଇ ପରେ ଅପ୍ରେଲ ୧୩, ୧୮୩୬ ମସିହାରେ ନୂଆଗାଁଠାରେ ଗଛରେ ବାନ୍ଧି ଗୁଳି କରାଗଲା । ପୂର୍ବଗଡତଳ ମୁଠା ସର୍ଦ୍ଦାର ବିକ୍ରମ ସୁନ୍ଦର ରାୟଙ୍କୁ ଭଗବାନପୁରଠାରେ ଫାଶି ହତ୍ୟା କରାଗଲା । କଲେକ୍ଟରଙ୍କ ପାଇକ ବଳରାମୁଡୁକୁ ହତ୍ୟା କରିଥିବାରୁ ବେଣୀପଲ୍ଲୀ ଡନିଆକୁ ବେଣୀପଲ୍ଲୀଠାରେ ହତ୍ୟା କରାଗଲା । ବୀର ଚକରା ବିଷୋୟୀ ପରି କନ୍ଧମାଳର ଅନ୍ୟତମ ବିପ୍ଳବୀ ନବଘନ କହଁର ଦୁର୍ଦ୍ଧର୍ଷ ଯୋଦ୍ଧାଥିଲେ । ୧୮୪୭ ଅପ୍ରେଲ ମାସରେ ସେ ଟକାପାଦଠାରେ ବହୁ କନ୍ଧ ଯୁବକଙ୍କ ସହିତ ଧନୁତୀର ଧରି ଆନ୍ଦୋଳନ ଆରମ୍ଭ କରିଦେଲେ । ୧୪ ଅପ୍ରେଲ ୧୮୪୭ ମସିହାରେ କ୍ୟାପ୍ଟାନ ଡଳଲପ ତାହା ଗୋଲଡ୍‌ସ କରୀଙ୍କୁ ଜଣାଇଲେ ।

ନବଘନ କହଁର ଓ ଚକରାଙ୍କ ବିଦ୍ରୋହ ପାଇଁ ବ୍ରିଟିଶ ସରକାର ଅନୁଗୁଳ ରାଜାଙ୍କୁ ସନ୍ଦେହ ଦୃଷ୍ଟିରେ ଦେଖିଲେ । ଅନୁଗୁଳ ରାଜା ସୋମନାଥ ସିଂହ ଏ ଦୁହିଁଙ୍କୁ ଆଶ୍ରୟ ଦେବାକଥା ଜଣାପଡିବା ପରେ ୧୮୪୮ ଜାନୁଆରୀରେ ତାଙ୍କୁ ରାଜ୍ୟଚ୍ୟୁତ କରାଯାଇଥିଲା । ଏହି ଘଟଣା ପରେ ପରେ ନବଘନ ଓ ଚକରା ବୌଦ୍ଧ ଅଞ୍ଚଳରେ ରହି ବ୍ରିଟିଶ ସରକାରଙ୍କ ବିରୁଦ୍ଧରେ ସଂଗ୍ରାମ ଜାରି ରଖିଲେ, କିନ୍ତୁ ତତ୍‌କାଳୀନ ବୌଦ୍ଧ ରାଜା ସେମାନଙ୍କ ଆନ୍ଦୋଳନକୁ ଦମନ କରି ନ ପାରିବାରୁ ବ୍ରିଟିଶ ସରକାର ତାଙ୍କୁ ଅଯୋଗ୍ୟ ବିବେଚିତ କଲେ । ବଙ୍ଗଳା ଗଭର୍ଣ୍ଣରଙ୍କ

ଆଦେଶକ୍ରମେ ଫାଲ୍‌ଗୁନ ୧୮୫୫ରେ ଇଂରେଜ ସରକାର ବୌଦ୍ଧ କନ୍ଧମାଳ ଶାସନ ଭାର ଗ୍ରହଣ କଲେ । ଦୀନବନ୍ଧୁ ପଟ୍ଟନାୟକଙ୍କୁ ତହସିଲଦାର ରୂପେ ନିଯୁକ୍ତ କରାଗଲା ।

କନ୍ଧବିଦ୍ରୋହୀ ନେତାମାନଙ୍କୁ ଆୟତ୍ତ କରିବା ପାଇଁ ବ୍ରିଟିଶ ସରକାର ପକ୍ଷରେ ଅସମ୍ଭବ ହୋଇପଡ଼ିଲା । ଇଂରେଜମାନେ କନ୍ଧମେଳିକୁ ଦମନ କରିବାପାଇଁ ଗୁପ୍ତଚରଙ୍କ ସାହାଯ୍ୟ ନେଲେ । ବିପ୍ଳବୀ ନନ୍ଦ ବିଷୋୟୀ ଓ ବାହୁ ବଳେନ୍ଦ୍ର ବୌଦ୍ଧ ରାଜ୍ୟରେ ଆଶ୍ରୟ ନେଇଥିବା ସମ୍ବାଦ ରାଜାଙ୍କ ପୁତ୍ର ପିତାମ୍ବର ରାୟ ଇଂରେଜଙ୍କୁ ଦେବା ଯୋଗୁଁ ସେମାନଙ୍କୁ ଧରାଯାଇ ହତ୍ୟା କରାଗଲା । ସେହି ଉପକାରର ଉପହାର ରୂପେ ତାଙ୍କୁ ଗୋଟିଏ ଅଶ୍ୱ ଦିଆଯାଇଥିଲା । କୁରୁମିଙ୍ଗିଆ ରାଇ ମଲ୍ଲିକ ଓ ଟଙ୍କ ମଲ୍ଲିକଙ୍କୁ ବନ୍ଦୀ କରିବାକୁ ସାହାଯ୍ୟ କରିଥିବାରୁ ମେ ୧୦, ୧୮୩୬ ତାରିଖରେ ଗୁପ୍ତଚରମାନଙ୍କୁ କିଛି ମୁଦ୍ରା ଦିଆଯାଇଥିଲା । ଘୁମସୁର ମାଳ ଅଞ୍ଚଳକୁ ରାଜା ୨୪ ମୁଠାରେ ପରିଣତ କରିଥିଲେ । ତାହାଥିଲା - ଉଦୟଗିରି, ହଜଗଡ, ଡେକୁଳିଗଡ଼, ବଡଦେଶ, ଲିଙ୍ଗାଗଡ଼, ପଉଳିଙ୍ଗ, ଦରପଙ୍ଗିଆ, କମନବନ୍ଧ, ସିରବି, ଦୋହୋ, ଗୁଳିଆ ବନ୍ଧ, କାଟିଙ୍ଗିଆ, ଟିଇଙ୍ଗିଆ, ରାଇକିଆ, ଗୁଟିଙ୍ଗିଆ, କୁରୁମୁଙ୍ଗିଆ, ବୁଲୁଙ୍ଗିଆ, ଗୁଡୁକୁଙ୍ଗିଆ, ଭୁଣିଆବନ୍ଧ, କନବାଗେଡ଼ି, ନନ୍ଦୁ ସୁକୁମା, ଗୁଡେରେ କିଆ, ପେଡ଼ିକି ସେକିଆ, ପେଡଗିକିଆ । ଏହି ମୁଠାମାନଙ୍କରେ ପାତ୍ର ବିଷୋଇ, ମଲ୍ଲିକ, ଦଣ୍ଡସେନା ନିଯୁକ୍ତି ପାଇ ଶାନ୍ତି ଶୃଙ୍ଖଳା ରକ୍ଷା କରୁଥିଲେ । ମାଳ ଅଞ୍ଚଳରୁ ଖଜଣା ଆଦାୟ କରାଯାଉନଥିଲା । ପ୍ରଜାମାନେ କଖାରୁ କନ୍ଦା, କଦଳୀ, ହଳଦୀ, ସିଙ୍ଗ, ଛାଲ, ପାନୁଅ, ପାଣି କଖାରୁ, ମହୁ, ଘିଅ ଆକାରରେ ଭେଟି ଦେଉଥିଲେ । ଦେଶ ପାଇଁ ସେମାନେ ଆତ୍ମବଳି ଦେବାକୁ ମଧ୍ୟ ପଛଘୁଞ୍ଚା ଦେଉନଥିଲେ ।

କନ୍ଧ ରମଣୀମାନେ ଅତ୍ୟନ୍ତ ସୁନ୍ଦରୀ ଓ ସାହସୀ ଥିଲେ । ବ୍ରିଟିଶ ସୈନ୍ୟମାନେ ସେମାନଙ୍କ ପ୍ରତି ଅତ୍ୟାଚାର କରୁଥିଲେ । ତେଣୁ ସେମାନେ ନିଜେ କଳାରେ ନିଆଁ ଚେଙ୍ଗା ଦେଇ ମୁହଁ ବିକୃତ କରି ସତୀତ୍ୱ ରକ୍ଷା କରୁଥିଲେ । ଆଜି ମଧ୍ୟ ଯୁବତୀମାନଙ୍କ ଚିତାକୁଟା ଏକ ସୌଖୀନ ପରମ୍ପରାରେ ପରିଣତ ହୋଇସାରିଛି ।

କନ୍ଧମାଳର ଆଦିବାସୀମାନଙ୍କ ଶୌର୍ଯ୍ୟ ତଥା ବଳିଦାନର କାହାଣୀ ଆଜି ମଧ୍ୟ ଲୋକ ଲୋଚନକୁ ଆସିପାରିନାହିଁ । ସ୍ୱାଧୀନତା ପ୍ରାପ୍ତିର ୫୦ ବର୍ଷ ବିତିଯାଇଥିଲେ ସୁଦ୍ଧା ସେହି ବୀରସନ୍ତାନମାନଙ୍କୁ ଉପଯୁକ୍ତ ସମ୍ମାନ ଦିଆଯାଇପାରି ନାହିଁ ।

ସାମ୍ବାଦିକ
ନଦୀଖଣ୍ଡି ସାହି
ଫୁଲବାଣୀ - ୭୬୨୦୦୧

## ବିଲାତର ଶିଳ୍ପସଂସ୍ଥାମାନଙ୍କ ସହ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା

ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଓ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ସେମାନଙ୍କର ସାଂପ୍ରତିକ ଇଂଲଣ୍ଡ ଗସ୍ତ କାଳରେ ଗତ ସେପ୍ଟେମ୍ବର ୨୬ ତାରିଖ ଦିନ ବିଲାତର ସେକ୍ରେଟାରୀ ଅଫ୍ ଷ୍ଟେଟ୍, ଡି.ଆଇ.ଏଫ୍.ଡି. କୁମାରୀ କ୍ଲେୟାର ସର୍ଟଙ୍କ ସହିତ ରାଜ୍ୟରେ ଡି.ଆଇ.ଏଫ୍.ଡି. ସହାୟତାରେ ସ୍ୱାସ୍ଥ୍ୟ ଓ ଶକ୍ତି କ୍ଷେତ୍ରରେ ଚାଲୁରହିଥିବା ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ । ସେମାନେ କୃଷି, ଜଙ୍ଗଲ, ଉଦ୍ୟାନକୃଷି, ଉଠାଜଳସେଚନ ପରି ଛୋଟ ଛୋଟ ଜଳସେଚନ କାର୍ଯ୍ୟକ୍ରମ ଏବଂ ଆଦିବାସୀ ଅଞ୍ଚଳରେ ମହିଳା ସମବାୟ ସଂସ୍ଥା ଜରିଆରେ ଖାଦ୍ୟଦ୍ରବ୍ୟ ପ୍ରକ୍ରିୟାକରଣ, ହସ୍ତଶିଳ୍ପ ସାମଗ୍ରୀ ଉତ୍ପାଦନ ପ୍ରଭୃତି ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମ ପାଇଁ ବ୍ରିଟିଶ ସରକାରଙ୍କ ସହାୟତା କାମନା କରିଥିଲେ । ଆଲୋଚନା ସମୟରେ ମୁଖ୍ୟମନ୍ତ୍ରୀ ଦର୍ଶାଇଥିଲେ ଯେ, ରାଜ୍ୟ ସରକାର ରାଜ୍ୟରେ ଜଳସେଚନର ପରିସର ବୃଦ୍ଧି, ବ୍ୟବସାୟିକ ଭିତ୍ତିରେ ଚାଷବାସ, ଗ୍ରାମାଞ୍ଚଳରେ ରହୁଥିବା ଲୋକଙ୍କୁ ରିହାତି ମୂଲ୍ୟରେ ଖାଦ୍ୟଦ୍ରବ୍ୟ ଯୋଗାଣ, ସ୍କୁଲ ପିଲାଙ୍କ ପାଇଁ ମଧ୍ୟାହ୍ନ ଭୋଜନ କାର୍ଯ୍ୟକ୍ରମ ଏବଂ ବୃଦ୍ଧ ଓ ଅକର୍ମଣ୍ୟ ଲୋକଙ୍କ ପାଇଁ ମାଗଣା ଭୋଜନ ବ୍ୟବସ୍ଥା ଆଦି ଦାରିଦ୍ର୍ୟ ଦୂରୀକରଣ କାର୍ଯ୍ୟକ୍ରମର କାର୍ଯ୍ୟକାରିତା ଉପରେ ସରକାର ପ୍ରଭୂତ ଗୁରୁତ୍ୱ ଆରୋପ କରିଛନ୍ତି । ଇଂଲଣ୍ଡ ସରକାରଙ୍କ ସେକ୍ରେଟାରୀ ଅଫ୍ ଷ୍ଟେଟ କୁମାରୀ ସି ସର୍ଟ ରାଜ୍ୟ ସରକାର ଦାରିଦ୍ର୍ୟ ଦୂରୀକରଣ କ୍ଷେତ୍ରରେ ହାତକୁ ନେଇଥିବା କାର୍ଯ୍ୟକ୍ରମର ଉଚ୍ଚ ପ୍ରଶଂସା କରିବା ସଙ୍ଗେ ସଙ୍ଗେ ରାଜ୍ୟରେ ପ୍ରଚୁର ପରିମାଣରେ ମିଳୁଥିବା ଖଣିଜ ସମ୍ପଦର ଯଥାର୍ଥ ବିନିଯୋଗ କରିବା ପାଇଁ ଶିଳ୍ପ କ୍ଷେତ୍ରରେ ପୁଞ୍ଜି ଆକୃଷ୍ଟ କରାଯାଉଥିବାରୁ ଆନନ୍ଦ ପ୍ରକାଶ କରିଥିଲେ । ରାଜ୍ୟସରକାର କୃଷି ଉପରେ ସବିଶେଷ ଗୁରୁତ୍ୱ ଦେବା ସଙ୍ଗେ ସଙ୍ଗେ ଜଳସେଚନ ଓ କୃଷି, ଜଙ୍ଗଲ କାର୍ଯ୍ୟକ୍ରମର ସଫଳ ରୂପାୟନ ଦିଗରେ ଯଥାର୍ଥ ପଦକ୍ଷେପ ନେଇଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ । ରାଜ୍ୟରେ ଦାରିଦ୍ର୍ୟ ଦୂରୀକରଣ ପାଇଁ ଆରମ୍ଭ କରାଯାଇଥିବା କାର୍ଯ୍ୟକ୍ରମ ପାଇଁ ବ୍ରିଟିଶ ସରକାର ସହାୟତା କରିବେ ବୋଲି ଆଶା ପ୍ରକାଶ କରିଥିଲେ ।

ଏହାଛଡ଼ା ଇଂଲଣ୍ଡର ଅନେକ ବ୍ୟବସାୟ ଓ ଶିଳ୍ପ ସଂସ୍ଥାର ପ୍ରତିନିଧିମାନେ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଶିଳ୍ପ ଓ ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଅଂଶ ଗ୍ରହଣ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିଲେ । ଏହି ସଂସ୍ଥାଗୁଡ଼ିକ ହେଲା କୋଗେନର ଇଣ୍ଟରନେସନାଲ, ଇଉନାଇଟେଡ ଇଣ୍ଡଷ୍ଟ୍ରିଜ ଓ ଇନଭେଷ୍ଟମେଣ୍ଟ ଲିମିଟେଡ, ଟିମ୍ ସ୍କେଲିନ୍ଟନ, କିରସି ଆଲସ୍ଥମ, ଡବ୍ଲ୍ୟୁ ଏସ ଆଟକିନ୍ସ । ଏତଦ୍ବ୍ୟତୀତ ସିଡିସି ର ଚେୟାରମ୍ୟାନ ଓ ମେଟାଲ୍ ଶିଳ୍ପର ଇଉରୋପିଆନ୍ ଚେୟାରମ୍ୟାନଙ୍କ ସହିତ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ ଆଲୋଚନା ହୋଇଥିଲା ।

# ବାଣପୁରରେ ସ୍ୱାଧୀନତା ସଂଗ୍ରାମର ପଦଧ୍ୱନି

ଶ୍ରୀ ରୁଦ୍ରପ୍ରତାପ ନରେନ୍ଦ୍ର ସିଂହବର୍ମା

ଖ୍ରୀ:ପୂ. ୧ମ ଶତାବ୍ଦୀର ଶେଷ ଆଡକୁ ଯେତେବେଳେ ଶକମାନେ ସିନ୍ଧୁର ଜଳଶଯ୍ୟାରେ ଏବଂ ସାତବାହନମାନେ ଗୋଦାବରୀର ଉପରଶଯ୍ୟା ଅଞ୍ଚଳରେ ନିଜ ନିଜର ରାଜ୍ୟ ସ୍ଥାପନ ଆରମ୍ଭ କଲେ, ସେତେବେଳେ ମହାନଦୀର ଜଳଶଯ୍ୟାରେ ଥିବା କଳିଙ୍ଗରାଜ୍ୟ ଶକ୍ତିଶାଳୀ ହୋଇଉଠିଲା । ଏହାକୁ ଶାସନ କରୁଥିଲେ, ଦିଗ୍‌ବିଜୟୀ ସମ୍ରାଟ୍ ମହାମେଘବାହନ ଐର ଖାରବେଳ । ତାଙ୍କ ରାଜତ୍ୱର ପରେ ପରେ ତତ୍‌କାଳୀନ କଳିଙ୍ଗ ଭୂଖଣ୍ଡ ତିନି ଭାଗରେ ବିଭକ୍ତ ହୋଇଥିଲା । ସେଗୁଡିକ ହେଲା, ଉତ୍କଳ, କଳିଙ୍ଗ ଓ କଙ୍ଗୋଦ । ଏହି କଙ୍ଗୋଦ ରାଜ୍ୟ ମହେନ୍ଦ୍ର ପର୍ବତଠାରୁ ପୂର୍ବରେ ଚିଲିକା ପର୍ଯ୍ୟନ୍ତ ବ୍ୟାପ୍ତ ଥିଲା । ଘୁମୁସର, ବାଣପୁର, ରଣପୁର, ଆଠଗଡ ଓ ନୟାଗଡ ପ୍ରଭୃତି ଏହାର ଅନ୍ତର୍ଭୁକ୍ତ ଥିଲା । ଏହି କଙ୍ଗୋଦ ରାଜ୍ୟର ରାଜଧାନୀ ତତ୍‌କାଳୀନ 'ଶାଳିଆ' ବା ବର୍ତ୍ତମାନର 'ଶାଳିମା' ନଦୀ ତୀରରେ ଥିଲା, ଖ୍ରୀ.ଅ. ୩୦୦ ରୁ ଖ୍ରୀ.ଅ. ୬୦୦ ପର୍ଯ୍ୟନ୍ତ । ଖ୍ରୀଷ୍ଟୀୟ ୭ମ ଶତାବ୍ଦୀ ପର୍ଯ୍ୟନ୍ତ ବାଣପୁରରେ ରାଜତ୍ୱ କରୁଥିଲେ ଶୈଳୋଦ୍ଭବ ବଂଶର ରାଜାଗଣ । ସେମାନେ ନୌସେନାର ବିଶାରଦ ଥିଲେ ଏବଂ ଜାଭା, ସୁମାତ୍ରା, ଇଣ୍ଡୋନେସିଆ, ବୋର୍ଣ୍ଣିଓ, ବାଲି ଓ ମାଳୟ ପ୍ରଭୃତି ସହିତ ସମ୍ପର୍କ ସ୍ଥାପନ କରିଥିଲେ । ସେମାନଙ୍କ ପରେ ସୋମବଂଶୀ, ଗଙ୍ଗବଂଶୀ ଓ ସୂର୍ଯ୍ୟବଂଶୀ ଶାସକଗଣ ବାଣପୁର ତଥା ତତ୍କାଳୀନ ଉତ୍କଳରେ ରାଜତ୍ୱ କରିଥିଲେ । ଶୈଳୋଦ୍ଭବ ବଂଶୀୟ ରାଜାମାନେ ସାଧାରଣତଃ 'ବର୍ମା' ବା 'ବର୍ମନ' ଉପାଧିଧାରୀ ଥିଲେ । ଏହି ବାଣପୁରର ମଧ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ସଙ୍ଗେ ଗଭୀର ସମ୍ପର୍କ । ବାଣପୁରର ନାମକରଣ ମଧ୍ୟ ପୌରାଣିକ କଥାବସ୍ତୁ ଉପରେ ଆଧାରିତ ।

ପୁରାଣବର୍ଣ୍ଣିତ ରାଜା ବାଣାସୁର ଏହାର ସ୍ଥାପୟିତା ବୋଲି ବିଶ୍ୱାସ କରାଯାଏ । ବାଣପୁରର ସାମରିକ ପରମ୍ପରା ଅତ୍ୟନ୍ତ ଉନ୍ନତ ମାନର ଥିଲା । ୧୮୦୩ ମସିହାରେ ଇଂରେଜମାନେ ଓଡିଶାକୁ ଅଧିକାର କରିଥିଲେ ମଧ୍ୟ ସମଗ୍ର ଖୋର୍ଦ୍ଧା ଅଞ୍ଚଳ ସେମାନଙ୍କର ବଶ୍ୟତା ସ୍ୱୀକାର କରି ନଥିଲା । ୧୮୦୪ ରୁ ୧୮୨୫ ପର୍ଯ୍ୟନ୍ତ ଓଡିଆ ପାଇକମାନେ ଇଂରେଜମାନଙ୍କ ବିରୋଧରେ ସଂଗ୍ରାମ ଜାରି ରଖିଥିଲେ । ୧୮୦୪ ମସିହା ସଂଗ୍ରାମର ନେତା ଥିଲେ ଜୟୀ ରାଜଗୁରୁ । ୧୮୧୭ ସଂଗ୍ରାମର ନେତୃତ୍ୱ ନେଇଥିଲେ ବକ୍ସି ଜଗବନ୍ଧୁ ଓ ଦେୱାନ୍ କୃଷ୍ଣଚନ୍ଦ୍ର ମହାପାତ୍ର । ମାତ୍ର ୧୮୦୩ରୁ ୧୮୩୬ ମଧ୍ୟରେ ବାଣପୁର ଅନେକଥର ସାମରିକ ବିପ୍ଳବ କରି ସ୍ୱାଧୀନତା ଘୋଷଣା କରିଥିଲା । ଏଥିପାଇଁ ଇଂରେଜମାନଙ୍କ ଦ୍ୱାରା ସବୁଠାରୁ କମ୍ ସମୟ ଶାସିତ ରାଜ୍ୟମାନଙ୍କ ମଧ୍ୟରେ ବାଣପୁର ଅନ୍ୟତମ । ଏହାର କାରଣ ହେଉଛି ଖୋର୍ଦ୍ଧାର ବକ୍ସି, ଜୟୀ ରାଜଗୁରୁ, ଦେୱାନ୍ କୃଷ୍ଣଚନ୍ଦ୍ର, କୃତ୍ତିବାସ ପାଟଶାଣୀ ପ୍ରମୁଖଙ୍କ ବୈପ୍ଳବିକ କାର୍ଯ୍ୟକ୍ରମ ।

ଖୋର୍ଦ୍ଧାର 'ପାଇକ' ଶବ୍ଦ 'ପଦାତିକ' ଶବ୍ଦର ଅପଭ୍ରଂଶ । ତତ୍‌କାଳୀନ ଓ ଏପରିକି ବର୍ତ୍ତମାନ ଖୋର୍ଦ୍ଧାର ଅଧିକାଂଶ ଅଞ୍ଚଳ ବାଣପୁରକୁ ବୁଝାଏ । ବାଣପୁର କହିଲେ ବର୍ତ୍ତମାନ ମଧ୍ୟ ଉତ୍ତରରେ ସୁବୁଦ୍ଧ ରାମେଶ୍ୱର (ମଲାଗୁଣୀ ନଦୀ ନିକଟସ୍ଥ)ଠାରୁ ଦକ୍ଷିଣରେ ଛତ୍ରଗଡ (ଗଞ୍ଜାମ ଜିଲ୍ଲାର ସୀମା) ପର୍ଯ୍ୟନ୍ତ ବ୍ୟାପ୍ତ । ଏହି ପ୍ରବନ୍ଧରେ ବାଣପୁରରେ ସ୍ୱାଧୀନତା ସଂଗ୍ରାମର ଦୁଇଟି ଚାଞ୍ଚଲ୍ୟମାନ ଅଧ୍ୟାୟ ବର୍ଣ୍ଣନା କରାଯାଉଛି । ପ୍ରଥମଟି ହେଉଛି ୧୮୧୭ ମସିହାର 'ପାଇକ ବିଦ୍ରୋହ' ଏବଂ ଦ୍ୱିତୀୟଟି ହେଉଛି ୧୮୩୬ ମସିହାର 'ଜହ୍ନପାଣମେଳି' ବା 'ପଞ୍ଚୁଆପଟୁରୀ' ।

୧୮୧୭ ମାର୍ଚ୍ଚ ମାସରେ ସଂଘଟିତ ହୋଇଥିଲା, 'ବାଣପୁରରେ ପାଇକବିଦ୍ରୋହ' । ଏହା ଆରମ୍ଭ ହୋଇଥିଲା ଗଞ୍ଜାମର ଘୁମୁସର ଅଞ୍ଚଳରୁ । ପ୍ରାୟ ୫ ଶତ କନ୍ଧ ବାଣପୁର ଭିତରେ ପ୍ରବେଶ କରିଥିଲେ ଏବଂ ସେମାନଙ୍କ ସହିତ ଯୋଗ ଦେଇଥିଲେ ବାଣପୁରର ସୁଦକ୍ଷ ପାଇକ ବାହିନୀ । ଖୋର୍ଦ୍ଧାର ବକ୍ସି ଓ ଦେୱାନ୍‌ଙ୍କର ଆହ୍ୱାନ କ୍ରମେ ସେମାନେ

ସେମାନଙ୍କର ମୂଳ ଲକ୍ଷ୍ୟସ୍ଥଳୀ କରିଥିଲେ ବାଣପୁର ଥାନାକୁ । ପ୍ରଥମେ ବାଣପୁର ଥାନା ପୋଡି ସାରି ବାଣପୁର ଖଜଣା ଥାନା ଲୁଟ୍ କରିଥିଲେ । ଖଜଣା ଥାନାରେ ଥିବା ଟ. ୧୫,୦୦୦ ଟଙ୍କା ନେଇ ନିଜ ଅସ୍ତ୍ରଶସ୍ତ୍ର ଓ ଅନ୍ୟାନ୍ୟ ଆବଶ୍ୟକୀୟ ଖର୍ଚ୍ଚ ତୁଲାଇ ବଳକା ଅର୍ଥକୁ ଗରିବମାନଙ୍କ ମଧ୍ୟରେ ବାଣ୍ଟି ଦେଇଥିଲେ । ଏହାପରେ ସେମାନେ ଖୋର୍ଦ୍ଧା ଆଡକୁ ଅଗ୍ରସର ହୋଇ ଖୋର୍ଦ୍ଧାଠାରେ ଥିବା ଅନେକ ସରକାରୀ କୋଠାବାଡି ଧ୍ୱଂସ କରିଥିଲେ । ତତ୍‌ପରେ 'ପୁରୀ ଅଭିଯାନ' ଚଳାଇ ବକ୍ସି ଜଗବନ୍ଧୁ ପ୍ରଥମେ ପିପିଲି ଓ ଏପ୍ରିଲ ୧୩ ତାରିଖ ଦିନ ପୁରୀ ଅଧିକାର କରିଥିଲେ । ମାତ୍ର ଅର୍ଥାଭାବ, ବିଭିନ୍ନ ଅଭାବ, ଅନାଟନ ଓ ସାମରିକ ଯନ୍ତ୍ରାଂଶ ପାଇବାରେ ଅସୁବିଧା ହେତୁ ୧୮୧୭ ମସିହା ଶେଷବେଳକୁ ପାଇକମାନେ କ୍ରମଶଃ ଦୁର୍ବଳ ହୋଇପଡିଲେ । ଏହାର ସୁଯୋଗ ନେଇ ଇଂରେଜମାନେ ପାଇକମାନଙ୍କ ଉପରେ ବାରମ୍ବାର ଆକ୍ରମଣ କରି ନିଜ ସାମ୍ରାଜ୍ୟକୁ ଦୃଢ କରିଥିଲେ ଏବଂ ମୁକୁନ୍ଦ ଦେବଙ୍କୁ ବନ୍ଦୀ କରିଥିଲେ । ସମଗ୍ର ଖୋର୍ଦ୍ଧା ସେତେବେଳେ ସାମରିକ ଶାସନରେ ଥିଲା । ବାଣପୁର ବ୍ୟତୀତ ଅନ୍ୟାନ୍ୟ ଅଞ୍ଚଳରୁ 'ସାମରିକ ଆଇନ' କ୍ରମଶଃ ଉଠାଇ ଦିଆଯାଉଥିଲା । ମାତ୍ର ୧୮୧୮ ଫେବୃଆରୀ ୧୦ ତାରିଖ ପର୍ଯ୍ୟନ୍ତ ବାଣପୁରରେ ସାମରିକ ଶାସନ ଚାଲିଥିଲା । ଏହି ବିଦ୍ରୋହରେ ଇଂରେଜମାନେ ଓଡିଆମାନଙ୍କ ଅପୂର୍ବ ବୀରତ୍ୱ, ତ୍ୟାଗ ଓ ଦେଶପ୍ରେମ ଦେଖି ଭୟଭୀତ ହୋଇପଡିଲେ । ସେମାନେ ଭବିଷ୍ୟତରେ ହୁଏତ ଇଂରେଜ ଶାସନ ବିରୋଧରେ ପୁଣି ବିଦ୍ରୋହ କରିବେ, ସେହି ଭୟରେ ଇଂରେଜ ସୈନ୍ୟବାହିନୀରେ ଓଡିଆମାନଙ୍କ ପ୍ରବେଶ ଉପରେ ନିଷେଧାଦେଶ ଜାରି କରିଥିଲେ ।

୧୮୧୯ ଅକ୍ଟୋବର ମାସରେ ବକ୍ସି ଗଞ୍ଜାମର ଆଠଗଡ ଓ ଗଞ୍ଜାମ ସହରରେ ଅବସ୍ଥାନ କରୁଥିଲେ । ସେଠାରୁ ଇଂରେଜମାନେ ତାଙ୍କୁ ବନ୍ଦୀ କରି ବାରବାଟୀ କିଲ୍ଲାରେ ରଖିଥିଲେ । ୧୮୨୩ ସେପ୍ଟେମ୍ବରରେ ବକ୍ସି ଜଗବନ୍ଧୁ ଓ ଦେୱାନ କୃଷ୍ଣଚନ୍ଦ୍ରଙ୍କର ସମ୍ପତ୍ତି ବାଜ୍ୟାପ୍ତି କରାଯାଇଥିଲା । ସେମାନଙ୍କର 'ବକ୍ସି' ଓ 'ଦେୱାନ' ପଦବୀ ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଗଲା । ଇଂରେଜ ସରକାର ଘୋଷଣା କଲେ, ସେମାନେ ଯଦି ଆତ୍ମସମର୍ପଣ କରନ୍ତି ତେବେ ସେମାନଙ୍କୁ ଉପଯୁକ୍ତ ସମ୍ମାନ ଓ ମର୍ଯ୍ୟାଦା ଦିଆଯିବ । ଅନେକ ଅନାଟନ ମଧ୍ୟରେ ବାସ କରୁଥିବା ବକ୍ସି ଓ ତାଙ୍କର ୮ ଜଣ ଅତି ବିଶ୍ୱସ୍ତ ଅନୁଚର ବାଧ୍ୟହୋଇ ୧୮୨୫ ସେପ୍ଟେମ୍ବର ୨୭ ତାରିଖ ଦିନ ଆତ୍ମସମର୍ପଣ କଲେ ଏବଂ ମାସିକ ଟ ୧୫୦ଙ୍କା ବୃତ୍ତି ପାଇ କଟକ ସହରରେ ଅବସ୍ଥାପିତ ହେଲେ । ସେହିଭଳି ଦେୱାନ୍ କୃଷ୍ଣଚନ୍ଦ୍ର ୧୮୨୬ ଜାନୁଆରୀ ୯ ତାରିଖରେ ଆତ୍ମସମର୍ପଣ କରି ମାସିକ ଟ ୫୦ଙ୍କା ବୃତ୍ତି ପାଇ ପୁରୀର 'ଦେୱାନ କୋଠି'ରେ ଏକପ୍ରକାର ବନ୍ଦୀଭାବେ ରହିଲେ ।

ଏହାପରେ ବାଣପୁରରେ ଆଉ ଏକ ଗଣବିପ୍ଳବ ଦେଖାଦେଲା ୧୮୩୬ ମସିହାରେ । ଏଥିର କାରଣ ଥିଲା ଜାତିର ଅଭିମାନ ଓ ଦୃବଗୌରବ । ଦେଶ ମାତୃକା ଉପରେ ଇଂରେଜମାନଙ୍କର ଅକଥନୀୟ ଓ ଅନ୍ୟାୟ ଅତ୍ୟାଚାର ସୃଷ୍ଟି କରିଥିଲା ଏହି ବିପ୍ଳବ । ରୋଡଙ୍ଗର ପାଇକ ସର୍ଦ୍ଦାର ପଞ୍ଚାନନ ନାୟକ, ବାଣପୁରର କୃତ୍ତିବାସ ପାଟଶାଣୀ, ବାଣପୁର ମାଳର ଦୀନା ଜାନା ଓ ସାଧୁଜାନା ପ୍ରଭୃତି ଆରମ୍ଭ କଲେ ଏକ ମିଳିତ ନେତୃତ୍ୱ । ପଞ୍ଚାନନ ନାୟକଙ୍କୁ ଘୋଷଣା କରାଗଲା ବାଣପୁରର ରାଜା ଭାବରେ ଏବଂ ସେ ଖ୍ୟାତ ହେଲେ ରାଜା ଶରଣସିଂ ନାମରେ । କୃତ୍ତିବାସ ହେଲେ ପାଟମନ୍ତ୍ରୀ ଓ ପ୍ରଧାନ ସେନାପତି । ଏମାନଙ୍କୁ ସମର୍ଥନ କଲେ ବାଣପୁର ମାଳର କନ୍ଧ ଓ ପାଣ ତଥା ବାଣପୁରର ପାଇକବୀର ଓ ଦଳବେହେରାମାନେ । ଏହି ବିପ୍ଳବ, 'ବାଣପୁରର ଗଣପାଣ ମେଳି' ବା ଏହାର ନେତୃତ୍ୱ ନେଉଥିବା ପଞ୍ଚାନନ ନାୟକଙ୍କ ନାମାନୁସାରେ 'ପଞ୍ଚୁଆପତୁରୀ' ନାମରେ ମଧ୍ୟ ଖ୍ୟାତ । ଏହି 'ବାଣପୁର ଅଭିଯାନ' ଆରମ୍ଭ ହୋଇଥିଲା ୧୮୩୬ ଜୁନ୍ ୪ ତାରିଖରେ । ସେମାନେ ବାଣପୁର ଥାନା ଭସ୍ମୀଭୂତ କରିଥିଲେ । ପୁଲିସ୍ କର୍ମଚାରୀମାନେ ଅନତିଦୂରସ୍ଥ ବରକୂଳ ବା ବଡକୂଳଠାରେ ଆତ୍ମଗୋପନ କଲେ । ଜୁନ୍ ୬ ତାରିଖରେ ସଂଗ୍ରାମୀମାନେ କଲେ 'ବଡକୂଳ ଅଭିଯାନ' । ପୁଲିସମାନେ ଭୟରେ ସେଠାରୁ ମଧ୍ୟ ପଳାୟନ କଲେ । ଏହି ବିଦ୍ରୋହ ବେଳେ ସେମାନଙ୍କ ମୁଖ୍ୟ ଘାଟୀ ଥିଲା ଶ୍ରୀ ଶ୍ରୀ ହେଟିନାଥ ଦେବ ମହାପ୍ରଭୁଙ୍କର ବିଜେସ୍ଥଳୀ ଥିବା 'ରେଟେଶ୍ୱର' ଗ୍ରାମ । ସଂଗ୍ରାମୀମାନଙ୍କ ମୁଖ୍ୟ ଅସ୍ତ୍ର ଥିଲା ଧନୁଶର, ତୀର, ବର୍ଚ୍ଛା ଓ ବାରୁଦ ଖୁନ୍ଦା ହେଉଥିବା ନଳୀ ବନ୍ଧୁକ । ଅଧିକ ଅସ୍ତ୍ର ସଂଗ୍ରହ ପାଇଁ ଅର୍ଥ ସଂଗ୍ରହ କରିବାକୁ ପଡିଥିଲା ବାଣପୁରର ବ୍ୟବସାୟୀମାନଙ୍କଠାରୁ । ହଠାତ୍ ଭାଗ୍ୟର ବିଡମ୍ବନା ଘଟିଲା । ଏହି ଅଭିଯାନ ଶେଷ ହେବାପରେ ଶିଖ୍ମନେଇ ଗୋଷ୍ଠୀର କେତେକ ବ୍ୟକ୍ତି ରାମପୁରରେ ଏକ ସମ୍ବର୍ଦ୍ଧନା ସଭା ଆୟୋଜନ କଲେ । କୌଶଳ କ୍ରମେ ଧରାହେଲେ ରାଜା ଶରଣସିଂ ଏବଂ ପ୍ରାୟ ତେରଶହ ସଂଗ୍ରାମୀ । ସେଥିମଧ୍ୟରୁ ୫ ଜଣ ଖସି ପଳାଇଲେ ଓ ୨ ଜଣ ନିରୁଦ୍ଦିଷ୍ଟ ହେଲେ । ରାଜା ଶରଣସିଂଙ୍କ ସମେତ ଅନେକ ମୁଖ୍ୟ ନେତାଙ୍କୁ ଫାଶୀ ଦିଆଯାଇଥିଲା । କେତେକଙ୍କ ଦଣ୍ଡ କୋହଳ କରାଯାଇଥିଲା ତତ୍କାଳୀନ ବଡଲାଟଙ୍କ ନିର୍ଦ୍ଦେଶରେ । ବିଦ୍ରୋହ ଦମନପରେ ମିଷ୍ଟର ହେନେରୀ ରିକେଟସଙ୍କ ନେତୃତ୍ୱରେ ଏକ ଅନୁସନ୍ଧାନ କମିଟି ଗଠିତ ହୋଇଥିଲା, ଏହି ମେଳର କାରଣ ଅନୁସନ୍ଧାନ ପାଇଁ । ଅନୁସନ୍ଧାନ ରିପୋର୍ଟରେ ସେମାନେ ଦର୍ଶାଇଥିଲେ, 'ରୋଜଗାରର ଉପଯୁକ୍ତ ପନ୍ଥାର ଅଭାବ ଓ ପର୍ଯ୍ୟାପ୍ତ ଚାଷଜମିର ଅଭାବ, ଅର୍ଥାତ୍ ବେକାରୀ ଓ ଅନାଟନ ଲୋକଙ୍କ ଭିତରେ ବିପ୍ଳବୀ ମନୋବୃତ୍ତି ଜାଗ୍ରତ କରିଥିଲା ।

୧୮୩୬ର ଏହି ବିଦ୍ରୋହ ଦବିଗଲେ ମଧ୍ୟ ୧୮୩୬ରୁ ୧୮୫୬ ପର୍ଯ୍ୟନ୍ତ ବଣଜଙ୍ଗଲରେ ଲୁଚି ଲୁଚି ଘୁମୁସର ଓ ଗୌଡର ଲୋକମାନେ ଇଂରେଜମାନଙ୍କ ବିରୁଦ୍ଧରେ ଲଢିଥିଲେ । ଅଧିକାଂଶ ସମୟ ନେତୃତ୍ୱ ନେଇଥିଲେ ଚକ୍ର ବିଶୋଇ ।

ଏହି ସମୟରେ ସମ୍ବଲପୁରର ବୀର ସୁରେନ୍ଦ୍ରସାଏଙ୍କ ଅବଦାନ ମଧ୍ୟ ଉଲ୍ଲେଖଯୋଗ୍ୟ । ସେଠାରେ ତାଙ୍କର 'ଗଣ' ଓ 'ଭିଲାର' ଅନୁଚରମାନେ ବିଦ୍ରୋହ କରିଥିଲେ । ସୁରେନ୍ଦ୍ର ସାଏ ହଜାରୀବାଗ

ଜେଲ୍‌ରେ ବନ୍ଦୀ ହୋଇଥିଲେ । ଏହି ସମୟରେ ତାଙ୍କ ଉପରେ ଅକଥନୀୟ ଅତ୍ୟାଚାର କରାଯାଇଥିଲା । ୧୮୫୭ର ସିପାହୀ ବିଦ୍ରୋହ ବେଳେ ବିପ୍ଳବୀମାନଙ୍କ ଦ୍ୱାରା ସେ ଖଲାସ ହେଲେ । ପୁନର୍ବାର ୧୮୬୨ ମସିହାରେ ସୁରେନ୍ଦ୍ରସାଏ ଏକ ଅଭାବନୀୟ ଅବସ୍ଥାରେ ଆତ୍ମସମର୍ପଣ କରିବାକୁ ବାଧ୍ୟ ହେଲେ । ମହାରାଷ୍ଟ୍ରର ଅସୀରଗଡ ଦୁର୍ଗରେ ବନ୍ଦୀ ଅବସ୍ଥାରେ ସେ ପ୍ରାଣ ହରାଇଥିଲେ । ଏହି ସମୟରେ ସେଠାରେ ମଧ୍ୟ ତାଙ୍କ ଉପରେ ଅକଥନୀୟ ଅତ୍ୟାଚାର କରାଯାଇଥିଲା ।

ବାଣପୁର ସହ ବକ୍‌ସି ଜଗବନ୍ଧୁ ବିଦ୍ୟାଧର ଭ୍ରମରବର ରାୟଙ୍କର ଥିଲା ଅତୁଟ ସମ୍ପର୍କ । ବାଣପୁର ଥିଲା ତାଙ୍କ କର୍ମଭୂମି । ବାଣପୁରବାସୀ ମଧ୍ୟ ଅଶେଷ ସ୍ନେହ ଓ ଭକ୍ତି କରୁଥିଲେ ଏହି ମହାନ୍ ଓ ଦୁର୍ଦ୍ଦଶ ବୀରଙ୍କୁ । ଆଜି ମଧ୍ୟ 'ବକ୍‌ସିଙ୍କ ଘୋଡାଶାଳ' ସୁପ୍ତ ଓଡ଼ିଆ ମନରେ ଅତୀତ ଇତିହାସରେ ଲେଲିହାନ ଓ ଜ୍ୱଳନ୍ତ ଶିଖାକୁ ଦୀପ୍ତିମାନ କରି ବିଦ୍ୟମାନ । ବକ୍‌ସିଙ୍କର ଏହି ଘୋଡାଶାଳ 'ଘୋଡାଶାଳିଆ ଟୋଟା' ଭାବେ ପରିଚିତ ।

ବାଣପୁରର ପାଇକ ବିଦ୍ରୋହ ବା 'ବାଣପୁରର ସ୍ୱାଧୀନତାର ସଂଗ୍ରାମକୁ ଇଂରେଜମାନେ କେତେକ ବିଶ୍ୱାସ ଘାତକଙ୍କ ସହାୟତାରେ ଦମନ କରିଥିଲେ ମଧ୍ୟ ଇଂରେଜମାନଙ୍କ ଦୃଷ୍ଟିରେ 'ବାଣପୁର' ଏକ ଉତ୍ତେଜନାପ୍ରବଣ ତଥା ଆତଙ୍କର ରାଜ୍ୟ ଥିଲା । ବାଣପୁର ନାମ ଶୁଣିଲେ ସେମାନେ ଭୟଭୀତ ହୋଇପଡୁଥିଲେ । ଏହାର ମୂକସାକ୍ଷୀ ହେଉଛି ବାଣପୁରର 'ପଲଟଣ ପଡିଆ' । ଏହାର ଏପରି ନାମକରଣର କାରଣ ହେଉଛି ବାଣପୁରର ବିଦ୍ରୋହ ଓ ମଝିରେ ମଝିରେ ସ୍ୱାଧୀନତା ଘୋଷଣା ଏହି ସ୍ୱାଧୀନତା ସଂଗ୍ରାମକୁ ଦୃଢଭାବେ ଦମନ କରିବା ପାଇଁ ଇଂରେଜ ପଲଟଣ ୧୮୧୭ ରୁ ୧୮୨୬ ପର୍ଯ୍ୟନ୍ତ ନିରବଚ୍ଛିନ୍ନ ଭାବରେ ଓ ଅନ୍ୟ ସମୟରେ ସାମୟିକ ଭାବେ ଏଠାରେ ଅବସ୍ଥାନ କରୁଥିଲେ । ଏଥିରୁ ବାଣପୁରର ସାମରିକ ପରମ୍ପରା ଓ ଅପୂର୍ବ ବୀରତ୍ୱର ପ୍ରମାଣ ମିଳେ ।

୧୮୧୭ ବିପ୍ଳବରେ ବ୍ରହ୍ମାନନ୍ଦ ସିଂ, ପଦ୍ମନାଭ ଛୋଟରାୟ, ପୀତବାସ ମଙ୍ଗରାଜ, ପଞ୍ଚପଲ୍ଲୀର ହରିମାନସିଂ, ସାଧୁ ମଙ୍ଗରାଜ, ବିଷ୍ଣୁ ପାଇକରାୟ, କୃଷ୍ଣ ମହାନ୍ତି, ନିଧି ମହାନ୍ତି, ପିଣ୍ଡିକ ବାହୁବଳେନ୍ଦ୍ର, ଗୋପର କରୁଣାକର ପରମଗୁରୁ, କୁଜଙ୍ଗର ବାମଦେବ ପଟ୍ଟଯୋଷୀ, ଖୋର୍ଦ୍ଧାର ଜୟୀ ରାଜଗୁରୁ, ଗଙ୍ଗପଡାର ଭାଗୁ ହରିଚନ୍ଦନ, ମାଖନସିଂ (ଭାଗୁ ହରିଚନ୍ଦନଙ୍କ ଭାଇ), ଗୋପାଳ ସାନ୍ତରା, ରଥୀ ସାମନ୍ତସିଂହାର ପ୍ରମୁଖ ସଂଗ୍ରାମୀମାନେ ଅଂଶଗ୍ରହଣ କରିଥିଲେ । ଏମାନଙ୍କର ନେତୃତ୍ୱ ନେଇଥିଲେ ବକ୍‌ସି ଜଗବନ୍ଧୁ ଭ୍ରମରବର ରାୟ ଓ ଦେୱାନ କୃଷ୍ଣଚନ୍ଦ୍ର ଭ୍ରମରବର ରାୟ ।

୧୮୩୬ ମସିହାରେ ବାଣପୁରର ଯେଉଁ ଗ୍ରାମ ଦେଇ ସୈନ୍ୟଚାଳନା ହୋଇଥିଲା, ସେଗୁଡିକ ହେଲା - ସାନଶିରେଇପୁର, ସାହାସପୁର, ବେଢୁଲୀ, ବାଁକେଇ, ବୋରିଗାଁ, ଭେଟେଶ୍ୱର, ଭୁସାପଡା, ବାଲିଡିହ ଇତ୍ୟାଦି ।

*ଅଧ୍ୟାପକ*

*ଗୋଦାବରୀଶ ମହାବିଦ୍ୟାଳୟ*

*ବାଣପୁର, ଖୋର୍ଦ୍ଧା - ୭୫୨୦୩୧*

## ଘରୋଇ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଓଡ଼ିଶାର ସ୍ଥାନ ସାରା ଭାରତରେ ପଞ୍ଚମ

- ଉପମୁଖ୍ୟମନ୍ତ୍ରୀ ବସନ୍ତ କୁମାର ବିଶ୍ୱାଳ

ଘରୋଇ ପୁଞ୍ଜି ବିନିଯୋଗ କ୍ଷେତ୍ରରେ ଓଡ଼ିଶାର ସ୍ଥାନ ସାରା ଭାରତରେ ପଞ୍ଚମ ବୋଲି ଉପମୁଖ୍ୟମନ୍ତ୍ରୀ ଶ୍ରୀ ବସନ୍ତ କୁମାର ବିଶ୍ୱାଳ ପ୍ରକାଶ କରିଛନ୍ତି ।

ଗତ ସେପ୍ଟେମ୍ବର ୨୬ ତାରିଖରେ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ଭୁବନେଶ୍ୱର ସର୍କଲ୍ ଓ ମୁମ୍ବାଇର ଏସ୍.ବି.ଆଇ.-କ୍ୟାପିଟାଲ ମାର୍କେଟ୍ସର ମିଳିତ ସହଯୋଗରେ ସ୍ଥାନୀୟ 'ହେରିଟେଜ' ହୋଟେଲଠାରେ ଆୟୋଜିତ 'ବୈଦେଶିକ ପୁଞ୍ଜି ଉଠାଣ ଓ ଋଣ ପରିଚାଳନା'' ଶୀର୍ଷକ ଏକ ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉପମୁଖ୍ୟମନ୍ତ୍ରୀ ଶ୍ରୀ ବିଶ୍ୱାଳ କହିଲେ ଯେ ସି.ଏମ୍.ଆଇ.ଇ. ରିପୋର୍ଟ ଅନୁଯାୟୀ ଓଡ଼ିଶାରେ ୩୩ ବିଲିୟନ୍ ଆମେରିକୀୟ ଡଲାର ପୁଞ୍ଜି ବିନିଯୋଗ କରାଯାଇ ୧୨୩ଟି ପ୍ରକଳ୍ପ ପ୍ରତିଷ୍ଠା କରିବାର ସମ୍ଭାବନା ଅଛି । ଭାରତୀୟ ଅର୍ଥନୀତିର ଉଦାରୀକରଣ ଫଳରେ ପ୍ରାକୃତିକ ସମ୍ପଦରେ ପରିପୂର୍ଣ୍ଣ ଓଡ଼ିଶାରେ ବୈଦେଶିକ ପୁଞ୍ଜି ଉଠାଣ ନିମନ୍ତେ ଅତ୍ୟନ୍ତ ଅନୁକୂଳ ଶିଳ୍ପ ବାତାବରଣ ସୃଷ୍ଟି ହୋଇଛି । ବୃହତ୍ ଭାରତୀୟ କମ୍ପାନୀ ଓ ବୈଦେଶିକ ପୁଞ୍ଜି ଉଠାଣକାରୀମାନଙ୍କ ନିମନ୍ତେ ଓଡ଼ିଶାରେ ସ୍ଥିର ପ୍ରଶାସନ, ଦୃଢ଼ ନେତୃତ୍ୱ ତଥା ରାଜନୈତିକ ଇଚ୍ଛାଶକ୍ତି ଓ ଶାନ୍ତ ପରିବେଶ ଅନୁକୂଳ ଶିଳ୍ପଭୂମି ସୃଷ୍ଟି କରି ପାରିଛି ବୋଲି ଶ୍ରୀ ବିଶ୍ୱାଳ୍ ପ୍ରକାଶ କରିଥିଲେ । ଓଡ଼ିଶାରେ ବୈଦେଶିକ ପୁଞ୍ଜି ଉଠାଣ ନିମନ୍ତେ ୩୬୨୯୦ କୋଟି ଟଙ୍କାର ୨୭ଟି ପ୍ରକଳ୍ପ ଅନୁମୋଦିତ ହୋଇଛି । ସେହି ପ୍ରକଳ୍ପ ମଧ୍ୟରେ ଇସ୍ପାତ ତଥା ଆଲୁମିନିୟମ୍ ପ୍ରକଳ୍ପ, ତୈଳ ବିଶୋଧନାଗାର, ସାରକାରଖାନା, ଖଣି ପ୍ରକଳ୍ପ ଆଦି ଅନ୍ତର୍ଭୁକ୍ତ । ହଂକଂର ଏକ କମ୍ପାନୀ ଖୋର୍ଦ୍ଧାଠାରେ ପ୍ରତିଦିନ ରପ୍ତାନୀଯୋଗ୍ୟ ପୋଷାକ ତିଆରି କାରଖାନା ପ୍ରତିଷ୍ଠା କରିବାର ପ୍ରସ୍ତାବ ରଖିଛି ବୋଲି ଶ୍ରୀ ବିଶ୍ୱାଳ ସୂଚନା ଦେଇ ଏହା ଫଳରେ ୨୫୦୦ଲୋକ, ବିଶେଷତଃ ଯୁବତୀମାନେ ଏଥିରେ ନିଯୁକ୍ତି ସୁବିଧା ପାଇପାରିବେ ବୋଲି ପ୍ରକାଶ କରିଥିଲେ । ଶିଳ୍ପ ବିକାଶ ନିମନ୍ତେ ଶିଳ୍ପଭୂମି ବିକାଶର ଆବଶ୍ୟକତା ଜରୁରୀ ଅଟେ, ରେଳପଥ ତଥା ସଡ଼କ ପଥର ଉନ୍ନତି ନିମନ୍ତେ ସରକାର ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରୁଛନ୍ତି ବୋଲି ସେ କହିଥିଲେ । ବିଦ୍ୟୁତ୍ ଉତ୍ପାଦନ ତଥା ବଣ୍ଟନ, ପର୍ଯ୍ୟଟନ, କୃଷି, ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ, ଖଣି, ଇଲେକ୍ଟ୍ରୋନିକ୍ସ, ସଫ୍ଟୱେର୍, ସୂଚନା ପ୍ରଯୁକ୍ତି ବିଦ୍ୟା ଓ ଜୈବ ପ୍ରଯୁକ୍ତି ବିଦ୍ୟା ଆଦି ହାଇଟେକ୍ କ୍ଷେତ୍ରରେ ପୁଞ୍ଜି ବିନିଯୋଗ ଦିଗରେ ସରକାର ଉତ୍ସାହିତ କରୁଛନ୍ତି ବୋଲି ଶ୍ରୀ ବିଶ୍ୱାଳ କହିଥିଲେ । ରାଜ୍ୟକୁ ପୁଞ୍ଜି ଓ ପ୍ରଯୁକ୍ତି ବିଦ୍ୟା କ୍ଷେତ୍ରରେ ଆକର୍ଷଣ କରିବା ପାଇଁ ସରକାର ସେମାନଙ୍କୁ ଏକ ଅନୁକୂଳ ବାତାବରଣ ଯୋଗାଇ ଦେବାପାଇଁ ବଦ୍ଧପରିକର ବୋଲି ସେ ପ୍ରକାଶ କରିଥିଲେ । ମୁଖ୍ୟ ଶାସନ ସଚିବ ଶ୍ରୀ ସୁଧାଂଶୁ ଭୂଷଣ ମିଶ୍ର ଘରୋଇ ପୁଞ୍ଜି ବିନିଯୋଗ ନିମନ୍ତେ ଓଡ଼ିଶାରେ ଅନୁକୂଳ ବାତାବରଣ ସୃଷ୍ଟି ହୋଇ ପାରିଛି ବୋଲି ଉଲ୍ଲେଖ କରିଥିଲେ ।

# ଇଞ୍ଚୁଡି ଲବଣ ସତ୍ୟାଗ୍ରହର ଝଲକ

ଶ୍ରୀ ବଂଶୀଧର ଭୋଇ

ଭାରତମାତାକି ଜୟ, ମହାତ୍ମାଜି କି ଜୟ ଧ୍ୱନି ମଧ୍ୟରେ ଆରମ୍ଭ ହୁଏ ବାଲେଶ୍ୱର ଜିଲ୍ଲାର ରସାଲପୁର ନିକଟବର୍ତ୍ତୀ ଇଞ୍ଚୁଡ଼ି ଗ୍ରାମରେ ଲବଣ କର ଉଚ୍ଛେଦ ବିରୁଦ୍ଧରେ ସଂଗ୍ରାମ । ସତ୍ୟାଗ୍ରହୀମାନେ ଜୀବନକୁ ବିପନ୍ନ କରି ଝାସ ଦେଲେ ସଂଗ୍ରାମରେ । ସେଥିମଧ୍ୟରୁ ଅନେକ ନିର୍ମମ ଲାଠି ପ୍ରହାର ଖାଇଲେ । ଲାଞ୍ଛିତ ହେଲେ ଏବଂ ଜେଲ ବରଣ କଲେ ।

ଇଞ୍ଚୁଡି ଲବଣ ଆମଦାନୀର ପ୍ରଧାନ କେନ୍ଦ୍ର । ଧାନ ଚାଉଳ, ମାଛ ଉତ୍ପାଦନ ବ୍ୟତୀତ ଲୁଣ ଉତ୍ପାଦନ ଥିଲା ଏ ଅଞ୍ଚଳର ଶ୍ରେଷ୍ଠ ଜୀବିକା । ମୋଗଲ ରାଜତ୍ୱର ଅନେକ ପୂର୍ବରୁ ଏହି ଅଞ୍ଚଳର ଜନସାଧାରଣ ଲୁଣ ମାରି ଜୀବନ ନିର୍ବାହ କରୁଥିଲେ । ଲୁଣ ଆମଦାନୀର ସମସ୍ତ ଉପାଦାନ ଭରପୁର ଥିଲେ ମଧ୍ୟ ସରକାର ଆଇନ ବଳରେ ସମସ୍ତ ଲୁଣକଳ କାରଖାନା ଉଠାଇ ନେଇ ବିଦେଶରୁ ଜାହାଜରେ ଲୁଣ ଆମଦାନୀ କରାଇ କର ବସାଇଲେ ଏବଂ ଜନସାଧାରଣଙ୍କୁ ଅଧିକ ମୂଲ୍ୟରେ ବିକ୍ରୟ କଲେ । ସ୍ୱଦେଶୀ ଲୁଣ ନ ପାଇ ଲିଭରପୁଲ କମ୍ପାନୀରୁ ଆସୁଥିବା ଲୁଣ କିଣିବାକୁ ବାଧ୍ୟ ହେଲେ । ଯେଉଁ ଲବଣକର ଧାର୍ଯ୍ୟ ହେଲା, ତାହା ସ୍ଥାନ ବିଶେଷରେ ସମାନ ନଥିଲା, କିନ୍ତୁ ୧୮୭୮ ମସିହାଠାରୁ ସମାନ ହାରରେ କର ଲାଗୁ ହେଲା। ଅଭିଲେଖ ସୂତ୍ରରୁ ଜଣାଯାଏ ଏହି କର ବୃଦ୍ଧି ପାଇ ୧୯୨୩ ମସିହାରେ ଟ୨। (ଦୁଇଟଙ୍କା ଚାରିଅଣା) କିନ୍ତୁ ପ୍ରତିବାଦ ଯୋଗୁ ୧୯୨୪ ମସିହାରେ ଟ ୧।କୁ (ଏକଟଙ୍କା ଚାରିଅଣା) ହ୍ରାସ ପାଇଲା । ୮୨ ତୋଳା ଓଜନର ଲୁଣ ତିଆରି ପାଇଁ ୧୦ ପାହୁଲା ଲାଗୁଥିଲାବେଳେ ସରକାର ଟ ୨ ଏବଂ ପରବର୍ତ୍ତୀ ସମୟରେ ଟ୧ କର ନେଉଥିଲେ । ସୁତରାଂ ଅଧିକ ମୂଲ୍ୟଦେଇ ବିଦେଶରୁ ଆସୁଥିବା ଲିଭରପୁଲ ଲୁଣ କିଣିବା ଗରିବ ଜନସାଧାରଣଙ୍କୁ ବାଧିଲା । ଫଳରେ ଲୁଣ ଖାଇବା ସୀମିତ କରିବାକୁ ଜନସାଧାରଣ ବାଧ୍ୟ ହେଲେ । ଏ ବିଷୟରେ ସରକାରଙ୍କ ନିକଟରେ ଆପତ୍ତି ଅଭିଯୋଗ କରିବାରୁ ସରକାରଙ୍କ ଠାରୁ ଉତ୍ତର ମିଳିଲା, ଭାରତବାସୀମାନେ ମୋଗଲ ଶାସକମାନଙ୍କ ସମୟରୁ ଲବଣ କର ଦେଇଆସୁଛନ୍ତି । ବାସ୍ତବରେ ମୋଗଲ ଶାସକମାନଙ୍କ ସମୟରେ ଯେଉଁ ଲୁଣକର ଦେଉଥିଲେ ତାହା କେବଳ ବାଣିଜ୍ୟ କାରବାରରେ କିନ୍ତୁ ଲୁଣ ତିଆରି ଉପରେ ନୁହେଁ । ଆକବରଙ୍କ ସମୟରେ ଏହା ସମ୍ପୂର୍ଣ୍ଣ ଉଚ୍ଛେଦ ହେଲା । କିନ୍ତୁ ଅନ୍ୟ ଶାସକମାନଙ୍କ ସମୟରେ ଯେଉଁ କର ବସାଯାଉଥିଲା ତାହା ନାମକୁ ମାତ୍ର । ତେଣୁ ଇଂରେଜ ସରକାରଙ୍କ ଏ, ଯେଉଁ ଜଳ ମାରଣା ଆଇନ୍ ପ୍ରଣୟନ କଲେ, ପରୋକ୍ଷ ଭାବରେ ତାହା ଓଡିଶାର ଜନସାଧାରଣଙ୍କ ପ୍ରତି ଏକ କୁଠାରଘାତ । ସୁତରାଂ ପୁଞ୍ଜିଭୂତ ଅଶାନ୍ତିରୁ ଇଞ୍ଚୁଡିଠାରେ ଲବଣ ସତ୍ୟାଗ୍ରହର ସୂତ୍ରପାତ ହେଲା ।

ସରକାରଙ୍କର କଡା ନିଷେଧାଜ୍ଞା 'ଲୁଣ ମାରିବା ସମ୍ପୂର୍ଣ୍ଣ ନିଷେଧ' । ସରକାରଙ୍କର ଏହି ନିଷେଧାଜ୍ଞାକୁ ଅବମାନନା କରି ୧୯୩୦ ମସିହା ଏପ୍ରିଲ ୨୧ ତାରିଖରେ ୧୦୦ ଜଣ ସତ୍ୟାଗ୍ରହୀ ଇଞ୍ଚୁଡିରେ ଲୁଣ ମାରିଲେ । ଏହି ଆଇନ୍ ଅମାନ୍ୟ ଆନ୍ଦୋଳନକୁ ମୁକାବିଲା କରିବାପାଇଁ ସରକାରଙ୍କର ୧୨୧ ଜଣ କର୍ମଚାରୀ ଇଞ୍ଚୁଡିରେ କ୍ୟାମ୍ପ କଲେ । ସେଠାରେ ଖାଇବା ଓ ରହିବାର ଅସୁବିଧା ଯୋଗୁ କେତେକ ଉଚ୍ଚପଦସ୍ଥ ପୋଲିସ କର୍ମଚାରୀ ଫେରିଆସିଲେ, ମାତ୍ର ୫୭ ଜଣ କ୍ୟାମ୍ପରେ ରହି ସତ୍ୟାଗ୍ରହୀମାନଙ୍କୁ ମୁକାବିଲା କଲେ । ୨୫ ଜଣ ସତ୍ୟାଗ୍ରହୀ ସାହସର ସହିତ ଚକ୍ରବ୍ୟୂହ ରଚନା କରି କରେଇରେ ଲୁଣ ମାରିବାରୁ ପୋଲିସ ସେମାନଙ୍କୁ ଗିରଫ କଲେ । ସତ୍ୟାଗ୍ରହୀମାନେ ପୋଲିସର ଗିରଫଦାରୀକୁ ଖାତିରି ନ କରି ଉପରଓଳି ୨୫ ଜଣ ଶାନ୍ତିସେନା ପୋଲିସ ଆଖିରେ ଧୂଳିଦେଇ ପୂର୍ବପରି ଲୁଣମାରିଲେ । ଏ ଖବରପାଇ ଡେପୁଟି ସତୀଶ ମିତ୍ର ସଦଳବଳ ଲୁଣମରା କେନ୍ଦ୍ରକୁ ଚଢାଉ କରିବା ପାଇଁ ଚେଷ୍ଟା କଲେ । କିନ୍ତୁ ବିଫଳ ହୋଇ ଫେରିଆସିଲେ । ଏହି ସମୟ ମଧ୍ୟରେ ଇଞ୍ଚୁଡି ବ୍ୟତୀତ ନିକଟବର୍ତ୍ତୀ ଗ୍ରାମ ଭୀମପୁରରେ ୫ ଜଣ ଶାନ୍ତିସେନା ଲୁଣ ମାରିଥିଲେ । ପୋଲିସ ଏକଥା ଜାଣିଥିଲେ ମଧ୍ୟ ସେମାନଙ୍କୁ ପ୍ରତିରୋଧ କରିନଥିଲେ । ଏହାର ଏକମାତ୍ର କାରଣ ଥିଲା ପୋଲିସ ଛାଉଣୀଠାରୁ ଉକ୍ତ ଗ୍ରାମ ଦୂରରେ ଥିଲା । ତା'ଛଡା ଇଞ୍ଚୁଡିଠାରେ ବ୍ୟସ୍ତଥିବା ଯୋଗୁଁ ପୋଲିସ ସେ ଗ୍ରାମ ପ୍ରତି ନଜର ଦେଇ ପାରିନଥିଲେ ।

ଏହି ଆଇନ ଅମାନ୍ୟ ଆନ୍ଦୋଳନକୁ ତୀବ୍ର କରିବାପାଇଁ ମହିଳା ସତ୍ୟାଗ୍ରହୀମାନେ ଏଥିରେ ସାମିଲ ହେଲେ । ଇଞ୍ଚୁଡି ନିକଟବର୍ତ୍ତୀ ନୂଆନଇଠାରେ ୧୦ ଜଣ ମହିଳା ସତ୍ୟାଗ୍ରହୀ ଲୁଣ ମାରିଲେ ।

ଅପରାହ୍ନରେ ମହିଳା ସତ୍ୟାଗ୍ରହୀଙ୍କ ସଂଖ୍ୟା ୫୦ ରୁ ଊର୍ଦ୍ଧ୍ୱ ହେଲା । ଏହି ସତ୍ୟାଗ୍ରହୀମାନେ ପୁଲିସ ସେନାମାନଙ୍କୁ ଖାତିରି ନ କରି ବେପରୁବା ଭାବେ ଲୁଣ ମାରିଲେ । ପୁଲିସ ଲୁଣମରା କେନ୍ଦ୍ରକୁ ପଶିବା ପାଇଁ ଉଦ୍ୟମ କଲେ କିନ୍ତୁ ସଫଳ ନହେବାରୁ ପ୍ରହରାଟି ସତ୍ୟାଗ୍ରହୀ ଦଳର ସେନାପତିଙ୍କୁ ପୁଲିସ ମାଡିବସି ଲୁଣମରା ସ୍ଥାନକୁ ପ୍ରବେଶ କରି ଲୁଣ ହାଣ୍ଡି ସବୁ ଭାଙ୍ଗି ଚୁରମାର କରି ଦେଲେ । ଏଥିରେ କୌଣସି ସତ୍ୟାଗ୍ରହୀ ବିଚଳିତ ହୋଇ ନଥିଲେ । କାର୍ଯ୍ୟ ଚାଲୁ ରହିଲା । ପୁଲିସ ୨୧ ଜଣଙ୍କୁ ସେହି ସ୍ଥାନରେ ଗିରଫ କଲେ । ଅନ୍ୟ ସତ୍ୟାଗ୍ରହୀମାନେ ଏ ଘଟଣା ଜାଣିଗଲେ । ତେଣୁ ଲୁଣମରା କେନ୍ଦ୍ରକୁ ସାମୟିକ ବନ୍ଦ କରି ଫେରିଆସିବାରୁ ଆଉ ଦଳେ ସତ୍ୟାଗ୍ରହୀ ସେଠାରେ ଲୁଣମରା କାର୍ଯ୍ୟ କଲେ । ଗିରଫ ହୋଇଥିବା ସତ୍ୟାଗ୍ରହୀମାନଙ୍କୁ ପୁଲିସ ତାଙ୍କ କ୍ୟାମ୍ପକୁ ନେଇଯାଇ ଅନାହାରରେ ୫ ଘଣ୍ଟା ରଖିଲେ । କିନ୍ତୁ ଜଣଙ୍କୁ ଅଟକ ରଖି ଅନ୍ୟମାନଙ୍କୁ ଅସଭ୍ୟ ଭାଷାରେ ଗାଳି ଗୁଲଜ କଲେ । ଶେଷରେ ସମସ୍ତଙ୍କ ଅଣ୍ଟାରେ ଭୁଷା ଦେଇ କ୍ୟାମ୍ପରୁ ତଡିଦେଲେ । ଅପରାହ୍ନରେ ଶାନ୍ତିସେନାଙ୍କ ସହିତ କୃଷକ ସେନା ଏକଜୁଟ ହୋଇ ଲୁଣମାରିଲେ । ପୁଲିସ କ୍ଷୁବ୍ଧ ହୋଇ ଲାଠି ପ୍ରହାର କଲେ । ସତ୍ୟାଗ୍ରହୀମାନେ ଖଣ୍ଡିଆ ଖାବୁରା ହୋଇ ଆହତ ହେବା ସତ୍ତ୍ୱେ ଲୁଣମରା କାର୍ଯ୍ୟରୁ ବିରତ ହୋଇନଥିଲେ । ହେଡକନେଷ୍ଟବଲ ଏମାନଙ୍କ ମଧ୍ୟରୁ ୪ ଜଣଙ୍କୁ ଗିରଫ କରି ଛାଡିଦେଲେ । ମାତ୍ର ହେଡସେର ଲୁଣ ଉକ୍ତ ଦିନ ମରାଯାଇଥିଲା । ୧୯୩୦ ମସିହା ଏପ୍ରିଲ ୨୪ ତାରିଖ ଦିନ ସକାଳୁ ଜଣେ ସତ୍ୟାଗ୍ରହୀ ଉତ୍କଳ ସତ୍ୟାଗ୍ରହ ଆନ୍ଦୋଳନର ସେନାପତି ଗୋପବନ୍ଧୁ ଚୌଧୁରୀଙ୍କ ନିକଟକୁ ଲୁଣ ନେଉଥିବାବେଳେ ବାଲେଶ୍ୱରଠାରୁ ଅତେଇ ମାଇଲ ଦୂରରେ ପୁଲିସ ଜାଣିପାରିବାରୁ ଉକ୍ତ ଲୁଣ ଛଡାଇ ନେଇ ତାଙ୍କୁ ଗାଡିରେ ବାଲେଶ୍ୱର ନେଇଯାଇଥିଲେ । ସତ୍ୟାଗ୍ରହୀମାନଙ୍କ ସହିତ ଗ୍ରାମବାସୀମାନେ ମଧ୍ୟ ସେହିଦିନ ଲୁଣ ମାରିଲେ କିନ୍ତୁ ସେହିଦିନର ଲୁଣ ବାଲେଶ୍ୱରକୁ ଯାଇନପାରିବାରୁ ୨୬.୪.୧୯୩୦ ରେ ୧୨ ଜଣ ସତ୍ୟାଗ୍ରହୀ ଲୁଣ ନେଇ ବାଲେଶ୍ୱର ଯାଉଥିଲେ । କିନ୍ତୁ ବାଟରେ ପୋଲିସ ସବୁ ଲୁଣ ଜବତ କରି ସେମାନଙ୍କୁ ଗିରଫ କଲେ ଏବଂ ୨ ଜଣଙ୍କୁ ରଖି ଅନ୍ୟମାନଙ୍କୁ ଛାଡିଦେଲେ । ସେହି ମାସ ୩୦ ତାରିଖରେ ଋତେଇ ନାମରେ ଏକ ନୂଆକେନ୍ଦ୍ର ଇଞ୍ଚୁଡିଠାରେ ଖୋଲିଲା । ଏହାକୁ ମିଶାଇ ସର୍ବମୋଟ ପାଞ୍ଚଟି କେନ୍ଦ୍ରରେ ଲୁଣମରା କାର୍ଯ୍ୟ ଚାଲିଥାଏ । ୨୭ ତାରିଖ ଦିନ ପୁରୁଷ ସତ୍ୟାଗ୍ରହୀ ବାଲେଶ୍ୱରକୁ ନ ଯାଇ ଦଳେ ନାରୀ ସତ୍ୟାଗ୍ରହୀ ସମୁଦ୍ର କୂଳରୁ ଲୁଣନେଇ ବାଲେଶ୍ୱରରେ ପହଞ୍ଚାଇ ଦେଉଥିଲେ । ପୋଲିସ ଏକଥା ଜାଣିପାରିଲେ ନାହିଁ । ଇଞ୍ଚୁଡି ବ୍ୟତୀତ ସେହି ଜିଲ୍ଲାର ସାରଥା, ପରଖି, ଗୋପୀନାଥପୁର, ଖେରଙ୍ଗ, କୁହପାଲ ଓ ଚଢେଇ ଗ୍ରାମମାନଙ୍କରେ ଲୁଣମରା କେନ୍ଦ୍ର ଖୋଲାଯାଇ ଲୁଣମରା କାର୍ଯ୍ୟ ଚାଲୁଥିଲାବେଳେ ସାରଥା କେନ୍ଦ୍ରର ସତ୍ୟାଗ୍ରହୀମାନଙ୍କଠାରୁ ପୋଲିସ ଲୁଣ ଛଡାଇ ନେଉଥିଲେ ।

ଏପ୍ରିଲ ୨୬ ତାରିଖ ଦିନ ଦୁଇଟାବେଳେ ବାଲେଶ୍ୱର ପରମିଟ୍ କୋଠୀ ନିକଟରୁ ଗୋପବନ୍ଧୁ ଚୌଧୁରୀ ଓ ହରେକୃଷ୍ଣ ମହତାବଙ୍କୁ ପୁଲିସ ସାହେବ ନିଜେ ଗିରଫ କଲେ । ବାଲେଶ୍ୱରରେ ଥିବା ସତ୍ୟାଗ୍ରହୀ ଆଶ୍ରମ ଖାନତଲାସ ହେଲା । ତଣ୍ଡୁରା ସତ୍ୟାଗ୍ରହ ଆଶ୍ରମରୁ ଡଃ କୃଷ୍ଣ ପ୍ରସାଦ ମହାନ୍ତି, ପ୍ରାଣକୃଷ୍ଣ ପଢିହାରୀ ଓ ଡଃ କୃଷ୍ଣଚନ୍ଦ୍ର ହୋତା ଗିରଫ ହେଲେ । ସେହିମାସ ୨୯ ତାରିଖ ଦିନ ସେମାନଙ୍କର ବିଚାର କରାଯାଇ ମହତାବଙ୍କୁ ୧୮ ମାସ ସଶ୍ରମ କାରାଦଣ୍ଡ, ଡାକ୍ତର କୃଷ୍ଣପ୍ରସାଦ ମହାନ୍ତିଙ୍କୁ ଏକବର୍ଷ, ପ୍ରାଣକୃଷ୍ଣ ପଢିହାରୀ ଓ କୃପାସିନ୍ଧୁ ହୋତାଙ୍କୁ ୪ ମାସ ଲେଖାଁ ସଶ୍ରମ କାରାଦଣ୍ଡ ଆଦେଶ ହେଲା । ଗୋପବନ୍ଧୁ ଚୌଧୁରୀଙ୍କ ବିଚାର ସେଦିନ ହୋଇନପାରି ୩୦ ତାରିଖ ଦିନ କରାଯାଇ ତାଙ୍କୁ ୧୮ ମାସ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରାଗଲା । ଏହି ବିଚାର ବେଳେ ବାଲେଶ୍ୱର କୋର୍ଟ ଜନାକୀର୍ଣ୍ଣ ଥିଲା । ମହତାବ ଓ ଗୋପବନ୍ଧୁ ଚୌଧୁରୀଙ୍କୁ ପାସେଞ୍ଜର ରେଳରେ ହଜାରୀବାଗ ଜେଲକୁ ନିଆଯାଇ ପ୍ରଥମ ଶ୍ରେଣୀ ବନ୍ଦୀଭାବେ ରଖାଗଲା । ଏମାନଙ୍କ ବ୍ୟତୀତ ଅନ୍ୟାନ୍ୟ ଗ୍ରାମର ସତ୍ୟାଗ୍ରହୀମାନଙ୍କର ବିଚାର କରାଯାଇଥିଲା । ସେଥିମଧ୍ୟରୁ ସାର୍ଥାଗ୍ରାମର ୬ ଜଣ ଆଇନ ଅମାନ୍ୟ କରିଥିବାରୁ ପ୍ରତ୍ୟେକଙ୍କୁ ୩ ମାସ ଓ ଗୌରାଙ୍ଗ ଚରଣ ଦାସଙ୍କୁ ଏକ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ହେଲା ।

ଇଞ୍ଚୁଡି ବ୍ୟତୀତ ସେହି ଜିଲ୍ଲାର ଅନ୍ୟ ଯେଉଁ ଗ୍ରାମମାନଙ୍କରେ ସ୍ୱାଧୀନତା ଆନ୍ଦୋଳନର ଝଲକ ସୃଷ୍ଟି ହୋଇଥିଲା, ଦେଶକଥାର ସମ୍ପାଦକ ଲାଲା ନଗେନ୍ଦ୍ର କୁମାର ରାୟ ୨୮.୭.୧୯୩୦ ମସିହାରେ ତାହାର ବିବରଣୀ ପ୍ରଦାନ କରିଛନ୍ତି ।

''ବାଲେଶ୍ୱର ଶ୍ରୀଜଙ୍ଗଠାରେ ଯେଉଁ ଘଟଣା ଘଟିଯାଇଛି, ସେଥି ସମ୍ବନ୍ଧରେ ନାନା ପ୍ରକାର ବିଭିନ୍ନମତ ବାହାରିଲାଣି । ଯେଉଁମାନେ ପ୍ରତ୍ୟକ୍ଷଦର୍ଶୀ ସେମାନଙ୍କ କଥାରୁ ଜଣାପଡୁଛି ଯେ ସତ୍ୟାଗ୍ରହୀମାନେ ସେ ଗଣ୍ଡଗୋଳରେ ଲିପ୍ତ ନୁହଁନ୍ତି ପରନ୍ତୁ ପୁଲିସ କର୍ମଚାରୀଙ୍କ ଯଥେଚ୍ଛାଚାରିତା ଏବଂ ବିଚାରହୀନ ଅବିଜ୍ଞତାରୁ ଘଟଣା ଭୀଷଣ ହୋଇ ପଡିଲା । ସରକାରୀ ଇସ୍ତାହାର ଏହାର ସମ୍ପୂର୍ଣ୍ଣ ବିପରୀତ ଭାବେ ସବୁଦୋଷ ସତ୍ୟାଗ୍ରହୀଙ୍କ ଉପରେ ଦେଇଅଛି । ପୁଲିସ ଆକ୍ରମଣ କରିବାକୁ ଯେପରି ଆଗରୁ ଠିଆ ହୋଇଥିଲା । ସରକାରୀ ଲୋକେ ଯେଉଁ ରିପୋର୍ଟ ଦେଇଅଛନ୍ତି ସେଥିରେ ସରକାର ସପକ୍ଷ କଥା ରହିବା ସ୍ୱାଭାବିକ୍ । ସେପରି ଭାବରେ ସତ୍ୟାଗ୍ରହୀମାନେ ଆପଣା ଦୋଷ ଢାଙ୍କି କଥା କହିବା ଉଚିତ ନୁହେଁ କିନ୍ତୁ ଏଥିରୁ ସତ୍ୟ ସମ୍ବାଦ ପ୍ରକାଶ ପାଇବ କିପରି ? ଜାତୀୟ ସଂଗ୍ରାମରେ ବାଲେଶ୍ୱର ଓଡିଶାରେ ପ୍ରଥମ ସ୍ଥାନ ଗ୍ରହଣ କରିଅଛି । ଏଥି ନିମିତ୍ତ ସେଠାରେ ପୁଲିସ ଦୃଷ୍ଟି ପ୍ରଖର ରହିଥିବ । ଲିଙ୍ଗରାଜ ମିଶ୍ର ମହାଶୟ ଯେଉଁ ତଦନ୍ତ କରିଥିଲେ ସେଥିରେ ସେ ସତ୍ୟାଗ୍ରହୀମାନେ ପୁଲିସକୁ ରକ୍ଷା କରିଛନ୍ତି ବୋଲି ଲେଖିଅଛନ୍ତି । ଲକ୍ଷ୍ମୀନାରାୟଣ ସାହୁ ମଧ୍ୟ ଏ ବିଷୟରେ ଏକମତ ନୁହେଁ । ଜଟକରୁ ଯାଇ ସ୍ଥାନୀୟ ତଦନ୍ତ କରିଥିଲେ । ଆଜିକାଲି ବେଙ୍କଟାକ ଯେପରି ପଡିଛି ସତ୍ୟାଗ୍ରହୀଙ୍କ ଉପରେ ସରକାର ଯେପରି କୁନଜର ଦିଅନ୍ତି ସେଥିରେ ସବୁ କ୍ଷେତ୍ରରେ ଯେପରି ତାଙ୍କର ଦୋଷ ଦେଖାଇବା ଗୋଟାଏ ଫେସନ

ହୋଇଗଲାଣି । ପୁଲିସ ମଧ୍ୟ ନିଜ ସଫେଇ ଗାଇବା ପାଇଁ ସତ୍ୟାଗ୍ରହୀଙ୍କ ଉପରେ ଦୋଷ ଢାଳି ଦେଲେ ବାହାଦୁରୀ ନେବା ଅସମ୍ଭବ ନୁହେଁ । ପୁଲିସର ଶତ ତ୍ରୁଟିଥିଲେ ମଧ୍ୟ ମହା ସରକାରଙ୍କ ଆଖିରେ ତାହା ପଡ଼େନାହିଁ । ଏହାପରେ କେତେ ସ୍ୱାର୍ଥାନ୍ଧ ଲୋକ ନିଜର ସୁବିଧା ନିମିତ୍ତ ଆଜିକାଲି ଅନେକ ଅକାର୍ଯ୍ୟ କୁକାର୍ଯ୍ୟକୁ ସତ୍ୟାଗ୍ରହୀଙ୍କ ନାମରେ ଦେଇ ତ୍ରାହୀ ପାଆନ୍ତି । ଶ୍ରୀଜଙ୍ଗଠାରେ ପ୍ରକୃତ ଚୌକିଦାରୀ ଟିକସ ବନ୍ଦ ହୋଇଥିଲା କି ନାହିଁ ପୁଲିସ ସହିତ ଗ୍ରାମବାସୀମାନଙ୍କର ସତ୍ୟାଗ୍ରହୀଙ୍କ ପରୋଚନାରେ ସଂଘର୍ଷ ହେଲା କି ନାହିଁ କଥା ନେଇ ଦୁଇଟି ମତ ବାହାରୁଛି । ସରକାର ଇସ୍ତାହାରଟି ଉପରେ ଲୋକଙ୍କର ଯେ ଆସ୍ଥା ହେବ ନାହିଁ ଏହା ନ କହିଲେ ଚଳେ । ତାହାବୋଲି ଅଭ୍ରାନ୍ତ ନିରପେକ୍ଷ ସନ୍ଧାନ ନ କରି ସତ୍ୟାଗ୍ରହୀଙ୍କୁ ସମ୍ପୂର୍ଣ୍ଣ ଦାୟୀତ୍ୱହୀନ କରିବା କଥା ମଧ୍ୟ ସଙ୍ଗତ ହେବନାହିଁ । ଏଥି ନିମିତ୍ତ ନିରପେକ୍ଷ ଅନୁସନ୍ଧାନ ହେବାର ଆବଶ୍ୟକ । କାହିଁ କାହିଁ ସତ୍ୟାଗ୍ରହୀ ଜଣେ ଅଧେ କେହି ବ୍ରତଲଙ୍ଘନ କଲେ ମଧ୍ୟ ମୋଟ ପରେ ସେମାନେ ଅହିଂସା ରହି ଅଛନ୍ତି ବୋଲି ଗଭର୍ଣ୍ଣମେଣ୍ଟ ସ୍ୱୀକାର କରି ଅଛନ୍ତି । ଶ୍ରୀ ଜଙ୍ଗଠାରେ ଏହାର ବ୍ୟତିକ୍ରମ ହେବାର ବିଶେଷ କାରଣ ଦେଖାଯାଉନାହିଁ । ପୁଲିସର ଯେଉଁ ବଡ଼ିମା ଦମ୍ଭ ଓ କ୍ଷମତା ଦେଖାଇ ହେବା ଢଙ୍ଗ ସ୍ଥାନେ ସ୍ଥାନେ ଦେଖା ଯାଉଥାଏ । ସେଥିରୁ ଶ୍ରୀଜଙ୍ଗଠାରେ ପୁଲିସ ନିରୀହ ସାଧୁ ଧର୍ମ ଯୁଧିଷ୍ଠି ଖ୍ରୀଷ୍ଟପ୍ରେମ ଦେଖାଇ ଥିବ ଏକଥା ସହଜରେ ବିଶ୍ୱାସ ହେଉନାହିଁ । ଏ ସମ୍ବନ୍ଧରେ ଆମ୍ଭେମାନେ ମଧ୍ୟ ଖଣ୍ଡେ ଦୁଇଖଣ୍ଡ ପତ୍ର ପାଇଅଛୁ । ତାକୁ ବିଶ୍ୱାସ କଲେ ପୁଲିସ ଯେ ୧୬ ପଣ ଦୋଷୀ କହିବାକୁ ହେବ । ଯେଉଁ ପକ୍ଷରୁ ହେଉନା କାହିଁକି ଶ୍ରୀଜଙ୍ଗଠାରେ ଘୋରତର ଭାବରେ ଶାନ୍ତିଭଙ୍ଗ ହୋଇ ଅମାନୁଷିକ କାଣ୍ଡ ଘଟିଛି, ଏହାର କାରଣ ଓ କର୍ତ୍ତାଙ୍କୁ ବାହାର କରି ଉଚିତ ଶାସ୍ତି ଦେବାକୁ ହେବ । ସତ୍ୟାଗ୍ରହୀ ବ୍ରତ ଲଂଘନ କରିଥିଲେ ସେ ଯେ ଦେଶର ଶତ୍ରୁ ଏ କଥା ତାକୁ ବୁଝାଇ ଉଚିତ ଦଣ୍ଡ ଦିଆଯାଉ, ପୁଲିସ ବିରୁଦ୍ଧ ଅଭିଯୋଗ ସତ୍ୟ ହେଲେ ସେ ଯେ ରାଜଦ୍ରୋହ ଓ ଦେଶଦ୍ରୋହୀ ତାହା ପ୍ରତିପନ୍ନ କରାହୋଇ କଠୋର ଦଣ୍ଡବିଧାନ ହେଉ ଏବଂ ଗ୍ରାମବାସୀ ଯଦି ସୀମା ଲଙ୍ଘନ କରିଥାଆନ୍ତି ତାକୁ ଅବ୍ୟାହତ ଦିଆ ନହେଉ ଏହାହିଁ ପ୍ରତ୍ୟେକ ଦେଶପ୍ରିୟ ବ୍ୟକ୍ତିଙ୍କ କାମନା - ଏଥିରେ ପ୍ରେଷ୍ଟିସ କଥା ଉଠାଇବାର ଆବଶ୍ୟକ ନାହିଁ । ତେବେ କଥା ହେଉଛି କିଏ ଏହି ସତ୍ୟ ନିରୂପଣ କରିବେ । ସରକାର ଓ ସତ୍ୟାଗ୍ରହୀ ଯେତେବେଳେ ପରସ୍ପରକୁ ଦୋଷ ଦେଇଅଛନ୍ତି ସେତେବେଳେ ତୃତୀୟ ପକ୍ଷ ନିରପେକ୍ଷ ବ୍ୟକ୍ତିଙ୍କ ଉପରେ ଏ ଭାର ଦେବା ଉଚିତ । ଯାହାଙ୍କ ଉପରେ ଜନସାଧାରଣ ବିଶ୍ୱାସଥିବ । ଆମ୍ଭେମାନେ ମନେକରୁ ବିହାରର ଅସ୍ଥାୟୀ ଲାଟ ଏତେ ବଡ ଗୁରୁତର ଅଭିଯୋଗ ଓ ଦୁର୍ଘଟଣାକୁ କେବଳ ସ୍ଥାନୀୟ ହାକିମଙ୍କ ହାତରେ ଛାଡିଦେଲେ ଭଲ କରିବେ ନାହିଁ । ଏହାର ଉପଯୁକ୍ତ ଅନୁସନ୍ଧାନ ନିମିତ୍ତ ସରକାରୀ ଓ ବେସରକାରୀ ମେମ୍ବର ନେଇ ଏକ କମିଟି ସେ ବସାନ୍ତୁ । ସାକ୍ଷୀ ପ୍ରମାଣ ନିଆହେଉ ଏବଂ ତନ ତନ କରି ତଦନ୍ତ ହେଉ । କେବଳ ସରକାରୀ ସମିତି ଦ୍ୱାରା ସଫେଇଦି ପୋଛ ମରା ହେଲେ ଚଳିବ ନାହିଁ । ଯେଉଁ ନିରୀହ ଗ୍ରାମବାସୀଙ୍କ ଜୁଲମ ହୋଇଅଛି, ଯାହାଙ୍କର ସର୍ବସ୍ୱ ଯାଇଛି ସେମାନଙ୍କୁ କେବଳ ମୌଖିକ ଆଶ୍ୱାସନା ଦେଲେ ହେବ ନାହିଁ । ସେମାନଙ୍କୁ ମଧ୍ୟ ଉପଯୁକ୍ତ କ୍ଷତିପୂରଣ ଦିଆଯାଉ । ଏସବୁ କିଛି ବଡକଥା ନୁହେଁ । ନ୍ୟାୟ ବିଚାରର ପ୍ରାଥମିକ ନୀତି ମାତ୍ର । ଲିଙ୍ଗରାଜବାବୁ ଜଣାଇ ଅଛନ୍ତି ଯେ ପୁଲିସକୁ ଲୋକେ ଆକ୍ରମଣ କଲାବେଳେ ସତ୍ୟାଗ୍ରହୀମାନେ ନିଜେ ଜଖମ ହେଲେ ମଧ୍ୟ ତାକୁ ରକ୍ଷା କରିଥିଲେ । ଏହା ଯଦି ସତ୍ୟ ହୁଏ ଏବଂ ଏହାକୁ ମିଥ୍ୟାମାନେ କରିବାର କାରଣ ନାହିଁ - ତେବେ କହିବାକୁ ହେବ ଯେ ସତ୍ୟାଗ୍ରହୀ ପ୍ରକୃତ ବ୍ରତପାଳନ କରି ମହାତ୍ମାଙ୍କ ବିଜୟ ଲାଭ ସହଜ ସାଧ୍ୟ କରିଅଛନ୍ତି । ଏହାହିଁ ବୀରତ୍ୱ । ଆଘାତର ପ୍ରତିଘାତ ଦେଇ ନୁହେଁ ବରଂ ଆଘାତକାରୀକୁ ନିଜର ସହିଷ୍ଣୁତା ଓ ନିର୍ଯ୍ୟାତନା ବରଣରେ ଅଭିଭୂତ କରି ଅସହଯୋଗର ମହତ ଦୀକ୍ଷା ଜଗତକୁ ଦେଖାଇବାକୁ ହେବ । ଏଥିରେ ଜଗତର ଅମଗହ ନିହିତ । ଘଟଣା ଯାହାହେଉ ପଛେ, ଗଭର୍ଣ୍ଣମେଣ୍ଟ ଭଲକରି ଚେତନ୍ତୁ ଯେତେବେଳେ ନିରୀହ, ନିରସହ ନିଃସ୍ତେଜ ଓଡ଼ିଆ ପୁଲିସର ଠେଙ୍ଗା ଖାଇ ମୁଣ୍ଡ ଉଠାଉଛି ସେତେବେଳେ ମହାତ୍ମାଙ୍କର ଆଦର୍ଶ ଦୀକ୍ଷା ଏବଂ ଅନୁଜ୍ଞା ସର୍ବସାଧାରଣଙ୍କ ହୃଦୟରେ କିପରି ଦୃଢଭାବରେ ଥାଇଛି ସହଜରେ ଅନୁମେୟ । ଏହିପରି ଭାବରେ ଆଉ କିଛି ଦିନ ଚାଲିଲେ ଦେଶମୟ ଯେଉଁ ଉଦ୍ଦାମ ଝଟିକା ସବେଗରେ ବୋହି ତଡିତ୍ ଶକ୍ତି ପ୍ରସାରିତ କରିବ ତାକୁ ରୋଧ କରିବାକୁ ଗଭର୍ଣ୍ଣମେଣ୍ଟଙ୍କ ମୁଷ୍ଟିମେୟ କର୍ମଚାରୀଙ୍କ କ୍ଷମତା ନଥିବ । ବେଳରୁ ସତର୍କ ନ ହେଲେ ପଛରେ ଅନୁତାପ କରିବାକୁ ପଡିବ ।"

*ଓଡ଼ିଶା ରାଜ୍ୟ ଅଭିଲେଖାଗାର*
*ଭୁବନେଶ୍ୱର*

ସୂଚନା ପତ୍ର :

୧. ଦେଶକଥା - ୧୯୩୦, ପୃ ୧୯, ୩୯, ୮୦
୨. ଉତ୍କଳ ଦୀପିକା - ୧୯୩୦ ପୃ, ୧୬୧

# ସ୍ୱାଧୀନତା ଆନ୍ଦୋଳନର ଅପାଶୋରା ସ୍ମୃତି

ଶ୍ରୀ ଗୌରଚନ୍ଦ୍ର ମହାପାତ୍ର

ଦୂରରୁ ଗୀତ ଶୁଭୁଥାଏ । କି ଗୀତ ବୁଝି ହେଉନଥାଏ । ଦଳେ ଲୋକ ଗୀତ ବୋଲି ବୋଲି ଆସୁଥାନ୍ତି । ଗୀତ ବୁଝି ହେଉନଥାଏ କି ଭଲ ଭାବରେ ଶୁଭୁନଥାଏ । କ୍ରମେ ସେ ଶବ୍ଦ ପାଖେଇ ଆସିଲା । ସେଇ ଗୀତରୁ କେଇପଦ ମନରେ ପଡୁଛି ।

'ଭାଇ ହେ ଆଜି ଆସିଛି ଦିନ
ବିଲାତି ବସନ କର ବର୍ଜନ
ସ୍ୱଦେଶୀ ବସନ କର ବହନ.... ।'

ଏମିତି କେତେ କ'ଣ ଗାଇ ଯାଉଥାନ୍ତି । ଏ ହେଉଛି ୧୯୨୧ ମସିହାର କଥା । ସେତେବେଳେ ମୋର ବୟସ ଛଅ ବର୍ଷ । ସବୁ କଥା ମନେ ନ ଥିଲେ ବି ଯେତେକ ମନେ ଅଛି - ଲୋକେ କୁହାକୁହି ହେଲେ - ଗାନ୍ଧୀଗୋଳ ଲାଗିଗଲା । ସେହି ଗାନ୍ଧୀଗୋଳକୁ ପରେ ଜାଣିଲି ଯେ ତା ଥିଲା ସେତେବେଳର ଅସହଯୋଗ ଆନ୍ଦୋଳନ । ଗାଉଁଲି ଲୋକେ ସେହି ସମୟରେ ଗାନ୍ଧୀ ମହାତ୍ମାଙ୍କ କଥା ଶୁଣି ତଟସ୍ଥ ଓ ତନ୍ମୟ ହୋଇ ଯାଉଥାନ୍ତି । ଗାନ୍ଧୀଗୋଳ ସାଙ୍ଗକୁ 'ସ୍ୱରାଜ୍ୟ', 'ସ୍ୱଦେଶୀ', 'କୁଟିଖାଇ କାଟିପିନ୍ଧ', 'ସୂତାଖିଅରେ ସ୍ୱରାଜ୍ୟ ଝୁଲୁଛି' ତିଳକ ସ୍ୱରାଜ୍ୟ ପାଣ୍ଠି ଭଳି କେତେ କଥା ଶୁଣାଯାଉଥାଏ ।

ଯେଉଁ ଦଳକ ଲୋକ ଗାନ୍ଧୀ ଗୀତ ବୋଲି ବୋଲି ଯାଉଥିଲେ, ସେହିମାନେ ବିଲାତି ଲୁଗା ପୋଡି ପକାଉଥିଲେ । ଲୋକେ ନିଜ ନିଜର ବିଲାତି ଲୁଗା ସେମାନଙ୍କୁ ସ୍ୱଇଚ୍ଛାରେ ଦେଉଥିଲେ । ମୋର ଦାଦା, ପିଉସୀ ପ୍ରଭୃତି ସେ ନିଆଁକୁ ବିଲାତି ଲୁଗା ଫିଙ୍ଗୁଥାଆନ୍ତି । ଜଳିଲା ନିଆଁ ଦେଖିବାକୁ ଭାରି ଭଲ ଲାଗୁଥାଏ । ମାତ୍ର ଲୁଗା କାହିଁକି ପୋଡାଯାଉଛି, ତାହାର ମର୍ମ ସେତେବେଳେ ବୁଝି ନଥିଲି । ୧୯୨୭ ମସିହାରେ ଭଦ୍ରଖ ଅଞ୍ଚଳରେ ଭାରି ବନ୍ୟା ହୋଇଥାଏ । ପଣ୍ଡିତ ଗୋପବନ୍ଧୁଦାସ ଆସିଥାନ୍ତି । ଭଦ୍ରଖ ଗାନ୍ଧୀ ପଡିଆରେ ସଭା ହେଉଥାଏ । ସେ ଢେର କଥା କହୁଥାନ୍ତି । ତାଙ୍କ ମୁହଁରେ ଧାର ଧାର ଲୁହ ବୋହି ଯାଉଥାଏ । ପଦିଏ କଥା ମନରେ ଅଛି - ମାତୃସ୍ତନରୁ କ୍ଷୀର ବୋହିଯାଉଛି, ସାଳନ୍ଦୀ ନଦୀରେ ସେହି କ୍ଷୀର ଧାରା ଜଳ ହୋଇ ବହିଯାଉଛି । ହିନ୍ଦୁ-ମୁସଲମାନ ସଭିଏଁ ତାକୁ ପିଉଛନ୍ତି । ଭାଇ ଭାଇଙ୍କ ଭିତରେ ପ୍ରଭେଦ ଆସିଲା କୁଆଡୁ ? ଆଉ କେତେ କଥା ସେ କହିଲେ । ବୁଝି ପାରିଲି ନାହିଁ । ୧୯୨୧ ମସିହା ପରେ ଫିରିଙ୍ଗି ଶାସନକୁ ହଟାଇବା ଲାଗି ଗାନ୍ଧୀ ମହାତ୍ମା ହଟ କରିଛନ୍ତି ବୋଲି ଆମେ ବୁଝିପାରିଲୁ । ସେତେବେଳକୁ ସ୍କୁଲରେ ପଢିଲୁଣି । କନିକାରେ ମେଳି ଲାଗିଥାଏ । ବହୁ ପ୍ରକାର ଟିକସ ବିରୋଧରେ କନିକା 'ପ୍ରଜାଆନ୍ଦୋଳନ' ଚାଲିଥାଏ । ଚନ୍ଦ୍ରଧର ବେହେରା, କନିକାର ସନ୍ତବାବୁ, ହରେକୃଷ୍ଣ ମହତାବ, ଗୋପବନ୍ଧୁ ଦାସ ସେତେବେଳେ ଆଗୁଆ ହୋଇ ବାହାରି ଆସିଲେ । ଶୁଣିଲୁ ଯିଏ ବ୍ରିଟିଶ ସରକାରକୁ ବା କନିକା ରାଜାକୁ ବିରୋଧ କରୁଛି, ତାକୁ ଜେଲ ନିଆଯାଉଛି । ତାଙ୍କ ଘର ପୋଡି ଦିଆଯାଉଛି । ଚାଳଘର ଉପରେ ଏକପ୍ରକାର ଏସିଡ୍ ପକାଇ ଦିଆଯାଉଛି । କିଛି ସମୟ ପରେ ଘରଛପର ଆପେ ଆପେ ଜଳି ଉଠୁଛି ।

ଆମେ ମାଇନର କ୍ଲାସରେ ପଢୁଥାଉଁ । ବ୍ରିଟିଶ ରାଜୁତି । ଶୀତଦିନେ ସ୍ପୋର୍ଟସ ହୁଏ । ଖେଳରେ ପିଲାଏ ମାତନ୍ତି । ମାତ୍ର ଖେଳପଡିଆ ମଝିରେ ବ୍ରିଟିଶ ପତାକା 'ୟୁନିୟନ ଜେକ୍' ଫର ଫର ହୋଇ ଉଡୁଥାଏ । ମୋତେ ସେଟା ବିଷଭଳି ଲାଗୁଥାଏ । ସାର୍ କହିଲେ - 'ଟଗ୍ ଅଫ ୱାର' ହେବ - ତୁମ କ୍ଲାସ ଓ ସପ୍ତମ ଶ୍ରେଣୀ ମଧ୍ୟରେ ଯିଏ ଜିତିବ ସେ କପ୍ ପାଇବ ।

ଏଇ 'ୟୁନିଅନ ଜେକ୍' ଉଡୁଥିବା ପଡିଆରେ ମୁଁ ଖେଳିବାକୁ ପସନ୍ଦ କଲିନାହିଁ । ତେଣୁ ନିଜ ହାତ ପାପୁଲିକୁ ଖଣ୍ଡେ ଚିରି ପକାଇଲି । ସାର୍ ଡାକିଲେ କହିବି - ସାର୍ ମୋ ହାତ କଟି ଯାଇଛି । ମୁଁ ଟଗ୍ ଅଫ୍ ୱାର୍‌ରେ ଦୌଡି ଟାଣି ପାରିବିନାହିଁ । ସେତେବେଳେ ସ୍କୁଲରେ ପଢୁଥିବା

ପିଲାମାନଙ୍କ ମଧ୍ୟରେ ବ୍ରିଟିଶ ରାଜତ୍ୱ ପ୍ରତି ତିକ୍ତ ଭାବ ଆସିଗଲାଣି ।

ଯେତେବେଳେ ୧୯୨୮ରେ ଆମ ଦେଶକୁ ସାଇମନ କମିଶନ୍ ଆସିଲେ, ସେତେବେଳେ ପିଲାଏ କୁହାକୁହି ହେଲେ - ସାଇମନ କମିଶନଙ୍କୁ କଂଗ୍ରେସ ବୈକଟ୍ (ବର୍ଜନ) କରୁଛି । କଳାପତାକା ଦେଖାଉଛି । ଆଉ ଲୋକେ କହୁଛନ୍ତି go back simon (ସାଇମନ ଫେରିଯାଅ) । କିନ୍ତୁ କାହିଁକି କଳାପତାକା ଦେଖାହେଉଛି, କାହିଁକି ଫେରିଯାଅ ସାଇମନ୍ ବୋଲି କୁହାଯାଉଛି, ସେ କଥା ଆମେ ପୁରାପୁରି ବୁଝିପାରୁନଥାଉ । ତେବେ ଏତିକି ବୁଝିଥିଲୁ ଯେ, ଗାନ୍ଧୀ ଯାହା କହୁଛନ୍ତି - ଠିକ୍ କହୁଛନ୍ତି । କଂଗ୍ରେସ ଯାହା କରୁଛି ଠିକ୍ କରୁଛି । ସେତେବେଳେ କବି ବାଞ୍ଛାନିଧି ମହାନ୍ତି ସାଇମନ କମିଶନଂନାଆଁରେ କେତେ ବ'ଣ ଗୀତ ବାନ୍ଧି ଯାଇଥିଲେ । ସେଥିରୁ ପଦିଏ ମନରେ ଅଛି -

*'ସାଇମନ ଫାଇମନ୍*
*କେତେ ଯେ କମିଟିମାନ*
*ନିତି ନିତି ବସି ଯାଉଛି ..*

ସେତେବେଳର ଯୁବକମାନଙ୍କ ଆଗରେ ଗାନ୍ଧୀ ଆଉ କଂଗ୍ରେସ ବ୍ୟତୀତ ଆଉ କିଛି ନଥିଲା । କେତେକ ପିଲା ସେତେବେଳେ ଜାମାପଟା ନ ପିନ୍ଧି ଖାଲି ଧୋତିଚାଦର ପିନ୍ଧିଲେ । କ୍ରମେ ସେମାନେ ବଡ ହେଲାରୁ ପୁଣି ଜାମାପଟା ପିନ୍ଧିଲେ । ମାତ୍ର ସେମାନଙ୍କ ମଧ୍ୟରୁ କେତେକ ଆଜୀବନ ଧୋତି ଚାଦର ପିନ୍ଧିବାକୁ ପଣ କରିନେଲେ । ଆଜି କିନ୍ତୁ ପରିସ୍ଥିତି ଓଲଟା । ଆଜି ପିଲାଙ୍କ ମନରେ କ୍ରିକେଟ ଖେଳାଳୀ ଆଉ ସିନେମାଷ୍ଟାର ଯେମିତି ଜମାଟ ବାନ୍ଧି ରହିଛନ୍ତି, ସେତେବେଳେ ଗାନ୍ଧୀ ଓ ଗୋପବନ୍ଧୁ ସେମିତି ଆମ ହୃଦୟରେ ଆସ୍ଥାନ ଜମାଇଥିଲେ । ଅନେକ ଲୋକଙ୍କ ମନରେ ଜାତୀୟ ଚେତନା ସ୍ୱଦେଶୀ ଭାବନା ଆସିଥାଏ । ସେତେବେଳେ ବିଦେଶୀ ଲୁଗା ସହିତ ଜର୍ମାନ, ଜାପାନ୍ ଓ ଚାଇନା ପ୍ରଭୃତି ଦେଶରୁ ଭଲ ଭଲ ଜିନିଷ ଆସି ଆମ ଦେଶରେ ବିକ୍ରୀ ହେଉଥାଏ । ଆମ ଦେଶରେ ସେତେ ସୁନ୍ଦର ରୁଚିକର ଜିନିଷ ତିଆରି ହେଉନଥାଏ । ତଥାପି କେତେଜଣ ସୌଖୀନ୍ ପିସ୍ତଲ ମାର୍କା ବିଲାତି ଧୋତି ଛାଡ଼ି ଖଦି ପିନ୍ଧିଲେ । ଦେଶୀ ଜିନିଷକୁ ଆଦର କଲେ । ଗାଁ ଗାଁରେ ଲୋକେ ବୋଲୁଥିବାର ଶୁଣାଯାଉଥିଲା -

*'କାହୁଁ ଅଇଲେ ବିଦେଶରୁ ବେପାରୀ,*
*ସବୁ ସାଇଲେ ଆମେ ହେଲୁ ଭିକାରୀ ।*
*ଚକ ଚକ ଚାଇନା ମାଟିର ବାସନ,*
*ସାରି ଦେଲା ଦେଶ ବୁଝି କଂସାରୀ ।।*

କଂଗ୍ରେସ ଲୋକଙ୍କୁ ଆଦର ଗଉରବ କରୁଥାନ୍ତି । ସେମାନଙ୍କୁ ତ୍ୟାଗୀ ବା ଏକପ୍ରକାର ସନ୍ନ୍ୟାସୀ ବୋଲି ଲୋକେ ଧରି ନେଉଥାନ୍ତି । ସହକର୍ମୀମାନେ ବୁଲି ବୁଲି ପଞ୍ଚବର୍ଣ୍ଣ ଚାଉଳ (ପାଞ୍ଚ ଘରୁ ପାଞ୍ଚ ପ୍ରକାର ଚାଉଳ) ଭିକ୍ଷା କରି ସ୍ୱରାଜ୍ୟ ଆଶ୍ରମ ବା କଂଗ୍ରେସ ଆଶ୍ରମରେ ଫୁଟାଇ ଖାଉଥିଅନ୍ତି । କେତେବେଳେ କାଉଁରି ଖାଆନ୍ତି ତ କେତେବେଳେ ସାମାନ୍ୟ କିଛି ନିରାମିଷ ତିଅଣ ଦେଇ ଖାଆନ୍ତି । କଂଗ୍ରେସ ଆଶ୍ରମର ଲୋକେ ସଂଜ ସକାଳେ ପ୍ରାର୍ଥନା ବୋଲନ୍ତି । ଲୋକଙ୍କର ସେମାନଙ୍କ ପ୍ରତି ଭାରି ଶ୍ରଦ୍ଧା । କଂଗ୍ରେସବାଲାମାନେ ସେତେବେଳେ ଗାଉଥାନ୍ତି -

*'ଖଦୀ ପିନ୍ଧିବି ମୁଁ ଯେତେ ମୋଟ ହେଉ*
*ହସିବ ଯେ ଦେଖି ମୋତେ ହସୁଥାଉ,*
*ମୋ ଦେଶ ତିଆରି ଧନ*
*କରିବି ଅତି ଯତନ*
*ଆଦରେ କିଣିବି (ତା) ଦର ଯେତେ ହେଉ ।*

ଗାନ୍ଧୀଙ୍କ ପ୍ରଭାବରେ ଅନେକ ଧନୀ, ମାନୀ ଲୋକେ ମଧ୍ୟ ଖଦୀକୁ ଆପଣାର କରିନେଲେ । ଆମ ପିଲାଦିନେ ଭଦ୍ରଖ ସହର ଅନ୍ତର୍ଗତ କୁଆଁସରେ ସ୍ୱରାଜ୍ୟ ଆଶ୍ରମ ଥିଲା । ଆଜି ଯେଉଁଠି ପଶୁ ଡାକ୍ତରଖାନା ହୋଇଛି - ତାହାରି ନିକଟରେ ସ୍ୱରାଜ୍ୟ ଆଶ୍ରମ ପ୍ରତିଷ୍ଠିତ ହୋଇଥିଲା । କୁଆଁସ ଆଶ୍ରମ ଭାଙ୍ଗିଗଲା ପରେ ମହତାବ କୋଠି କଂଗ୍ରେସର କର୍ମକେନ୍ଦ୍ର ହୋଇଗଲା । ସେଠାରେ ମହାତ୍ମାଗାନ୍ଧୀ, ଭାରତର ତଥା ଓଡ଼ିଶାର ଅନେକ ନେତା ରହିଛନ୍ତି । ବନ୍ୟାରେ ଲୋକଙ୍କୁ ସାହାଯ୍ୟ କରିଛନ୍ତି । ସେତେବେଳେ ଆଶ୍ରମରେ ଯେଉଁମାନେ ରହୁଥିଲେ, ସେମାନେ ଅହିଂସା ଦୀକ୍ଷାରେ ଅଭିମନ୍ତ୍ରିତ ହୋଇଥିଲେ । ସେମାନେ ଥିଲେ ନିରାମିଷ ଭୋଜୀ । ସେମାନଙ୍କ ପରିବାର ଥିଲା ନିରାଡମ୍ବର ଓ ଜୀବନ ଥିଲା ସରଳ । ନିଶା ଓ ଧୂମପାନଠାରୁ ସେମାନେ ବହୁ ଦୂରରେ ଥିଲେ । ବାସ୍ତବିକ ସେମାନଙ୍କ ଜୀବନ ଥିଲା ଉତ୍ସର୍ଗୀକୃତ ଜୀବନ । କଂଗ୍ରେସ କର୍ମୀମାନେ ନିଜକୁ ଗାନ୍ଧୀଙ୍କ ନିକଟରେ ସମର୍ପଣ କରି ଦେଇଥିଲେ । ଆଜିର ସତ୍ୟସାଇ ବାବା, ଶ୍ରୀ ଅରବିନ୍ଦ, ଠାକୁର ଅନୁକୂଳଚନ୍ଦ୍ର ଓ ଶ୍ରୀ ନିଗମାନନ୍ଦଙ୍କ ଶିଷ୍ୟମାନଙ୍କ ଭଳି କଂଗ୍ରେସ ଲୋକେ ଗାନ୍ଧୀଙ୍କ ଆଦର୍ଶରେ ତନ୍ମୟ ହୋଇଯାଉଥିଲେ । ସେଥିପାଇଁ କବି ବୀରକିଶୋର ଦାସ ଗାନ୍ଧୀଙ୍କୁ ଲକ୍ଷ୍ୟକରି ଗାଇଥିଲେ -

*'ବନ୍ଧୁ ବରିଗଲି ମୁଁ ତ ବରିଗଲି*
*ଧରମ କରମ ଯାହା ଥିଲା ମୋର*
*ତା' ଲାଗି ସବୁତ ଛାଡି ଦେଲି ।'*

ପ୍ରକୃତରେ ସେତେବେଳେ କର୍ମୀମାନେ ଗାନ୍ଧୀ ଭାବନାରେ ଉଦ୍‌ବୁଦ୍ଧ ହୋଇ ଜାତି, କୁଳ ଓ ଧର୍ମ ପରିହାର କରିଥିଲେ । ରକ୍ଷଣଶୀଳ ଲୋକେ ସେମାନଙ୍କୁ ଗୋଟିଏ ଭିନ୍ନ ଗୋଷ୍ଠୀର ବ୍ୟକ୍ତି ବୋଲି ଧରି ନେଉଥିଲେ । କିନ୍ତୁ ସେତେବେଳର କଂଗ୍ରେସ ଲୋକଙ୍କ ପ୍ରତି ଲୋକଙ୍କ ଅଗାଧ ଭକ୍ତି, ଶ୍ରଦ୍ଧା ଓ ବିଶ୍ୱାସ ଥିଲା । ନାନା ପ୍ରକାର ଜନହିତକର କାର୍ଯ୍ୟରେ କଂଗ୍ରେସ ଲୋକେ ଗାଁ ଲୋକଙ୍କ ସାଙ୍ଗରେ କାନ୍ଧ ମିଳାଇ ଚାଲୁଥିଲେ । ସେମାନେ ଗ୍ରାମର ନ୍ୟାୟ ନିଶାପ କରାଉଥିଲେ । କ୍ଷୁର-ନୁଆରେ ଔଷଧ ବାଣ୍ଟୁଥିଲେ । ଗାଁ ଲୋକଙ୍କ ସାଙ୍ଗରେ ମିଶି ରାସ୍ତାଘାଟ ବାନ୍ଧିବା, ପୋଖରୀରୁ ବଢ କାଢିବା, ସ୍କୁଲ ଘର ଛପର ଇତ୍ୟାଦି ତିଆରି

କାର୍ଯ୍ୟ କରୁଥିଲେ । ଗାନ୍ଧୀଙ୍କ ବାଣୀ ତାଙ୍କ ହୃଦୟରେ ଜୁଆର ଖେଳାଇ ଦେଉଥିଲା । ସେତେବେଳେ କର୍ମୀମାନଙ୍କର ଭାବନାକୁ କବି ବୀରକିଶୋର ତାଙ୍କ ଭାଷାରେ ଗାଉଥିଲେ -

'ବେଦ ବାଇବେଲ କୋରାନ ସଂହିତା
ଗୀତା, ଗୀତାଞ୍ଜଳୀ, କାଟିଶ କବିତା
ସବୁଲାଗେ ପିତା
ତାର ଗୁଣ ଗୀତା
ଜୀବନର ଜପମାଳି କଲି
ଚକ୍ଷୁ ସରିଗଲି ମୁଁ ତ ସରିଗଲି ...

ବାସ୍ତବିକ ଗାନ୍ଧୀ ଚେତନା ଓ ସ୍ୱଦେଶୀ ଭାବନା ସେତେବେଳର କଂଗ୍ରେସ କର୍ମୀମାନଙ୍କର ମନକୁ ଆଚ୍ଛନ୍ନ କରିଥିଲା । ଗାନ୍ଧିଜୀଙ୍କର ପ୍ରଭାବ କିପରି ସମଗ୍ର ଭାରତବାସୀଙ୍କ ଉପରେ ପଡିଥିଲା, ତାହାର ଏକ ଉତ୍କଳ ଦୃଷ୍ଟାନ୍ତ କବି ଲକ୍ଷ୍ମୀକାନ୍ତ ମହାପାତ୍ର (ମୋର ପିତା)ଙ୍କ ରଚିତ 'ଯୁଗାବତାର' ନାମକ ଏକ କବିତାରୁ ମିଳିପାରିବ । ଏହି କବିତାଟି 'ଡଗର'ରେ ଏକଦା ପ୍ରକାଶ ପାଇ ଖୁବ୍ ଆଦୃତ ହୋଇପାରିଥିଲା । ସେହି କବିତାର କିୟଦଂଶ ହେଲା-

'ହେ ମୋହନ, କି ମୋହନ ମନ୍ତ୍ର ଦେଇ ଟାକି
ଭାରତର ବକ୍ଷେ ଦେଲ ଅଗ୍ନିଶିଖା ଜାଳି !
ଜଣାଇଲ କୋଟି ପ୍ରାଣେ ନବ ଉନ୍ମାଦନା,
ଖେଳିଗଲା ସାରା ଦେଶେ ତପ୍ତ ଉଦ୍ଦୀପନା ।

କାନ୍ତକବିଙ୍କର ଏହ କବିତାଟି ଅନେକ ଦିନ ଧରି ହାଇସ୍କୁଲ ସାହିତ୍ୟ ପାଠ୍ୟ ପୁସ୍ତକରେ ସ୍ଥାନ ପାଇ ଏକାଦଶ ଶ୍ରେଣୀରେ ପଢାଯାଉଥିଲା ।

୧୯୩୦ର ଲୁଣମରା ଆନ୍ଦୋଳନ କଥା ମନେପଡ଼େ । ସେ ବର୍ଷ ମାର୍ଚ୍ଚ ମାସରେ ମହାତ୍ମାଗାନ୍ଧୀ ଦାଣ୍ଡିଯାତ୍ରା ଆରମ୍ଭ କଲେ । ଓଡିଶାର ଗୋପବନ୍ଧୁ ଚୌଧୁରୀ, ଆଚାର୍ଯ୍ୟ ହରିହର ଦାସ ପ୍ରଭୃତି ବାଲେଶ୍ୱରସ୍ଥ ଇଞ୍ଚୁଡ଼ି ଅଭିମୁଖେ ଲୁଣ ମାରିବାପାଇଁ ଯାତ୍ରା କଲେ । ବାଟରୁ ଗୋପବନ୍ଧୁ ବାବୁଙ୍କୁ ବନ୍ଦୀ କରିନିଆଗଲା । ଆଚାର୍ଯ୍ୟ ହରିହର ଇଞ୍ଚୁଡିଠାରେ ପହଞ୍ଚି ଏପ୍ରିଲ ମାସରେ ଲୁଣ ମାରିଲେ । ଭଦ୍ରଖ ବାସୁଦେବପୁରର ବିଦେଇ-ପୁରଠାରେ ଲୁଣମାରିବାପାଇଁ ଭାଗବତ ସାହୁଙ୍କ ନେତୃତ୍ୱରେ ଦଳେ ଲୋକ ପଦଯାତ୍ରା କରିଥିଲେ । ବାଲେଶ୍ୱରର ଇଞ୍ଚୁଡି ଲବଣ ସତ୍ୟାଗ୍ରହ ସମଗ୍ର ଦେଶରେ ଦ୍ୱିତୀୟ ସ୍ଥାନ ଅଧିକାର କରିଥିଲା । ସେହି ଲୁଣମରା ଆନ୍ଦୋଳନ ବେଳେ ଆଚାର୍ଯ୍ୟ ହରିହର ଦାସ, ହରେକୃଷ୍ଣ ମହତାବ, ସର୍ଦ୍ଦାର ସୁରେନ୍ଦ୍ର, ଜୀବାମ୍ବର ଦାସ, ଗୌରାଙ୍ଗ ଦାସ, ଗୋକୁଳାନନ୍ଦ ମହାନ୍ତି, ନିତ୍ୟାନନ୍ଦ ମହାପାତ୍ର, ରବୀନ୍ଦ୍ର ମୋହନ ଦାସ, ବିଶ୍ୱନାଥ ହୋତା, ଭୋଳାନାଥ ମହାପାତ୍ର ଏବଂ ନାରୀମାନଙ୍କ ମଧ୍ୟରେ ଜାହ୍ନବୀ ଦେବୀ, ଗୋଦାବରୀ ଦେବୀ, କୋକିଳାଦେବୀ, ସୁଭଦ୍ରା ଦେବୀ (ମହତାବ) ସୌଦ୍ରମଣି ଦେବୀ ଓ ଅମ୍ବିକାଦେବୀ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ । ଏମାନଙ୍କ ସମେତ ଆହୁରି ଅନେକ କର୍ମୀ ଓ ନାରୀ କର୍ମୀ ସତ୍ୟାଗ୍ରହୀ ଭାବରେ କାରାବରଣ କରିଥିଲେ । ମହତାବ ପ୍ରଭୃତି କାରାବରଣ କରିବା ପରେ କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କର ଭଦ୍ରଖସ୍ଥିତ ବାସଭବନ 'ଭାଗବତ ଭବନ'ରେ ଜାତୀୟ ଆନ୍ଦୋଳନର ଗୁପ୍ତ ପରାମର୍ଶ ଓ ଆଲୋଚନା ଚାଲିଥିଲା । ଆନନ୍ଦପୁର ଓରାଳିର ଶ୍ରୀରାମ ପଟ୍ଟନାୟକ ଏହି ଆନ୍ଦୋଳନକୁ ବଞ୍ଚାଇ ରଖିଥାନ୍ତି । ତୁଙ୍ଗ ନେତାମାନେ ଜେଲ ଚାଲି ଯାଇଥିଲେ । ଭଦ୍ରଖ ଭଣ୍ଡାରୀପୋଖରୀର ଧନେଶ୍ୱର ଦାସ ଏହି ଆନ୍ଦୋଳନ ବେଳେ ଲୁଣ ବିକ୍ରି କରି ଏବଂ ବୁଲେଟିନ୍ (ବ୍ରିଟିଶ ବିରୋଧୀ ପ୍ରଚାରପତ୍ର) ବାଣ୍ଟି ଆନ୍ଦୋଳନକୁ ସକ୍ରିୟ କରି ରଖିଥିଲେ । ଅନେକ କର୍ମୀ ବନ୍ଦୀଶାଳାରେ ଥିଲେ । ମାତ୍ର ଶ୍ରୀରାମବାବୁ ମଝିରେ ମଝିରେ ବ୍ରିଟିଶ ବିରୋଧୀ ପ୍ରଚାରପତ୍ର ଖଣ୍ଡିଏ ଖଣ୍ଡିଏ ବାଣ୍ଟି ଦେଉଥିଲେ । ସେହି ପ୍ରଚାରପତ୍ରଗୁଡ଼ିକ ଲିଥୋ କରାଯାଉଥାଏ । ଏପରି ଭାଷା ଏବଂ ଭାବର ଲେଖା କେଉଁଠି, କିଏ କେମିତି ପ୍ରକାଶ କରୁଛି, ଲୋକେ ଆଶ୍ଚର୍ଯ୍ୟ ହୋଇ ଯାଉଥାନ୍ତି । ସେହି ନିଃସହାୟ ମୁହୂର୍ତ୍ତରେ ସ୍ୱର୍ଗୀୟ ଶ୍ରୀରାମ ପଟ୍ଟନାୟକ ଭଦ୍ରଖ ନଗିପୁରସ୍ଥ କ୍ଷମାସାଗର ମଠପଛରେ ଏକ ଗୁଳ୍ମବେଷ୍ଟିତ ନିର୍ଜନ ସ୍ଥାନରେ ସେହି ପ୍ରଚାରପତ୍ର ପ୍ରସ୍ତୁତ କରୁଥିଲେ । ସେହି ପ୍ରଚାରପତ୍ରର ଭାଷାକାର ଓ ସେହି ଭାବନାର ରୂପକାର ଥିଲେ, 'ପଞ୍ଚାମୃତ' (ଯାହାକି ପରେ ପ୍ରଜାତନ୍ତ୍ରରେ ପ୍ରକାଶ ପାଇଥିଲା)ର ଛଦ୍ମ ଲେଖକ, ଶଯ୍ୟାଶାୟୀ କାନ୍ତକବି ଲକ୍ଷ୍ମୀକାନ୍ତ । ସେତେବେଳେ ଏହି ଆନ୍ଦୋଳନରେ ଯେଉଁ ଯୁବକର୍ମୀମାନେ କାମ କରୁଥିବଲେ, ସେମାନଙ୍କ ମଧ୍ୟରେ କ୍ଷେତ୍ରମୋହନ ନାୟକ, ପୂର୍ଣ୍ଣଚନ୍ଦ୍ର ଗିରି, ବିଶ୍ୱନାଥ ହୋତା ପ୍ରଭୃତି ଥିଲେ ଏବଂ ସବୁ କର୍ମୀ ପ୍ରାୟ ନିମ୍ନଲିଖିତ ଏହି ଗୀତଟି ବୋଲୁଥିଲେ ।

ଗଲା ଗଲା ସରିଗଲା ରାଜ
ଏ ଅନୀତି ଶାସନ ରହିବ ନାହିଁ
ଗଲା ଗଲା ସରିଗଲା ରାଜ
ଏ ଅନୀତି ଶାସନ ରହିବ ନାହିଁ ।

ଗାନ୍ଧିଜୀଙ୍କର ଲୁଣ ମାରିବା ଅଭିଯାନରେ ସାରାଦେଶ ଜାଗି ଉଠିଥିଲା । ବିହାର ଓଡିଶା ବ୍ୟବସ୍ଥାସଭାରେ ସ୍ୱର୍ଗୀୟ ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର (କାନ୍ତକବିଙ୍କର ପିତା) ଓଡିଶାର ଲୋକଙ୍କୁ ଲୁଣ ମାରିବାର ଅଧିକାର ଦେବା ସକାଶେ ବହୁବାର ଦାବି କରିଥିଲେ, ମାତ୍ର ସବୁ ପଣ୍ଡ ହୋଇଥିଲା । ଗାନ୍ଧିଜୀଙ୍କର ଲୁଣ ମାରିବା କଥା ଶୁଣି ଚୌଧୁରୀ ଭାଗବତ ବାବୁ ଆନନ୍ଦିତ ହୋଇ କଂଗ୍ରେସରେ ଯୋଗ ଦେଲେ। ପୁଣି ଯେତେବେଳେ ସତ୍ୟାଗ୍ରହୀଙ୍କ ଉପରେ ମାଡ଼ ହେଲା ଭାଗବତ ବାବୁ ପ୍ରତିବାଦ କରି ବ୍ୟବସ୍ଥାସଭାର ସଭ୍ୟ ପଦରୁ ଇସ୍ତଫା ଦେଲେ । ସେ ଇସ୍ତଫା ଦେବା ପରେ ପରେ ଭଦ୍ରଖର କୁଆଁପଡିଆରେ ଗୋଟିଏ ସଭା ହୋଇଗଲା । ସେ ସଭାରେ ଭଦ୍ରଖର ବିଶିଷ୍ଟ ହିନ୍ଦୁ ଓ ମୁସଲମାନ ନେତାମାନେ ଉପସ୍ଥିତ ଥିଲେ । ଚୌଧୁରୀ ଭାଗବତବାବୁ ଓ ମହତାବ ବାବୁ ମଧ୍ୟ ସେଠାରେ ଉପସ୍ଥିତ ଥିଲେ ।

ସେହି ସଭା ମଞ୍ଚ ଉପରେ ଠିଆହୋଇ ଚୌଧୁରୀ ଭାଗବତ ବାବୁ ଓ ମହତାବ ବାବୁ ସେତେବେଳେ କୋଳାକୋଳି ହେଲେ, ସେତେବେଳର ଦୃଶ୍ୟ ଆଉ ଭୁଲିଯିବାର ନୁହେଁ । ଘନ ଘନ କରତାଳି ମଧ୍ୟରେ ଏ ଦୁହିଁଙ୍କ କୋଳାକୋଳି ବାସ୍ତବିକ ଏକ ଅପୂର୍ବ ଦୃଶ୍ୟ । କାରଣ ଭାଗବତ ବାବୁ ରାଜା ଜମିଦାରଙ୍କ ଦଳ ଛାଡ଼ି କଂଗ୍ରେସରେ ଯୋଗ ଦେଇଥାନ୍ତି । ପୁଣି ମହତାବ ବାବୁଙ୍କ ବିରୋଧରେ ଭାଗବତ ବାବୁଙ୍କର ନିର୍ବାଚନ ଲଢେଇ ମଧ୍ୟ ଚାଲିଥାଏ । ସେତେବେଳେ ସେମାନଙ୍କର କୋଳାଗ୍ରତ ଭାବ ବାସ୍ତବିକ ଯେପରି ଆନନ୍ଦଦାୟକ, ସେହିପରି ବିସ୍ମୟକର ଥିଲା ।

ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମରେ ଅନେକ ବ୍ୟକ୍ତିଙ୍କର ତ୍ୟାଗ ଅଛି । ଅନେକ ଯୁବକ ସେମାନଙ୍କର ଭବିଷ୍ୟତକୁ ଜଳାଞ୍ଜଳି ଦେଇ ଆନ୍ଦୋଳନକୁ ଡେଇଁ ପଡ଼ିଥିଲେ । କିନ୍ତୁ ସମଗ୍ର ଓଡ଼ିଶାରେ ଗୋପବନ୍ଧୁ ଚୌଧୁରୀଙ୍କର ପରିବାର ଏକ ଇତିହାସ ସୃଷ୍ଟି କରିଯାଇଛି । ତାଙ୍କ ପରିବାରରେ ବହୁ ବ୍ୟକ୍ତି ସଂଗ୍ରାମ କରି କାରାବରଣ କରିଥିଲେ। ସେହିପରି ତତ୍କାଳୀନ ବାଲେଶ୍ୱର ଜିଲ୍ଲାରେ ଦୁଇ ତିନୋଟି ପରିବାରରେ ବହୁ ବ୍ୟକ୍ତି କାରାବରଣ କରିଥିଲେ । ଆଗରପଡ଼ାର ଡଃ ହରେକୃଷ୍ଣ ମହତାବଙ୍କ ପରିବାର, ସରମଙ୍ଗାର ମୁରଲୀଧର ମହାନ୍ତିଙ୍କ ପରିବାର ଓ ଆମ ପରିବାରର ଅନେକ ସଂଗ୍ରାମରେ ଯୋଗଦେଇ କାରାବରଣ କରିଥିଲେ । ମୁରଲୀ ବାବୁ ଅତି ଦରିଦ୍ର । ମୁରଲୀବାବୁ ନିଜେ, ତାଙ୍କ ପତ୍ନୀ ଅମ୍ବିକା ଦେବୀ, କନ୍ୟା ତୁଳସୀ, ପୁତ୍ର ସୂର୍ଯ୍ୟମଣି, ଏ ସମସ୍ତେ ଜେଲ ଯିବାପରେ ତାଙ୍କ ଘରର କବାଟ ଓ ବାସନକୁସନ ମଧ୍ୟ ନିଲାମ କରିଦିଆଯାଇଥିଲା । ଆମ ପରିବାରରେ ମୋର ପିତାମହ ଚୌଧୁରୀ ଭାଗବତ ପ୍ରସାଦ ସାମନ୍ତରାୟ ମହାପାତ୍ର ଜେଲ ଯାଇ ନଥିଲେ ମଧ୍ୟ ଗାନ୍ଧୀଙ୍କର ଗଠନାତ୍ମକ କାର୍ଯ୍ୟରେ ଲିପ୍ତ ଥିଲେ । 'ପ୍ରଜାତନ୍ତ୍ର'ର ଭୂତପୂର୍ବ ସଂପାଦକ ଓ ମୋର ପିତୃବ୍ୟ ସ୍ୱର୍ଗୀୟ କମଳାକାନ୍ତ ମହାପାତ୍ର ଓ ସ୍ୱର୍ଗୀୟ ହେମେନ୍ଦ୍ର ମହାପାତ୍ର, ବଡ଼ଭାଇ ନିତ୍ୟାନନ୍ଦ ମହାପାତ୍ର, ପିଉସୀ ଜାହ୍ନବୀ ଦେବୀ ଓ କୋକିଳା ଦେବୀ, ପିଉସା ସ୍ୱର୍ଗୀୟ ମୁକୁନ୍ଦପ୍ରସାଦ ଦାସ (ଓଡ଼ିଶା ବିଧାନସଭାର ପ୍ରଥମ ବାଚସ୍ପତି) ଓ ତାଙ୍କ ପୁତ୍ର ଆଡ୍‌ଭୋକେଟ ଶୌରଗୋପାଳ ଦାସ ଓ ଆମ କୁଟୁମ୍ବରୁ ଆହୁରି ଅନେକ ଲୋକ ସତ୍ୟାଗ୍ରହ କରି କାରାବରଣ କରିଥିଲେ । ନିଜେ ଏହି ଲେଖକ ମଧ୍ୟ କାରାବରଣ କରିଥିଲି । ମୁଁ ନିଜେ ୧୯୩୨ ମସିହାରେ ମୋର ସହପାଠୀ ଶ୍ରୀ ନୀଳମଣି ରାଉତରାୟ (ପୂର୍ବତନ ମୁଖ୍ୟମନ୍ତ୍ରୀ), ସ୍ୱର୍ଗୀୟ ଡାକ୍ତର ନିହାର ଘୋଷ, ସ୍ୱର୍ଗୀୟ ବୃନ୍ଦାବନ ମହାନ୍ତି ଓ ଲାଲା ନାମକ ଜଣେ ମାରୱାଡ଼ୀ ପିଲା ସହିତ ଭଦ୍ରକର କୁଆଁସ ପଡ଼ିଆରେ ସଭା କରିବାକୁ ଗଲୁ । ସଭା ଆରମ୍ଭ ହୋଇଛି କି ନାହିଁ ଆମ ସମସ୍ତଙ୍କୁ ପୋଲିସ ଧରି ନେଲେ । ମୋତେ ଓ ଆଉ ଜଣକୁ ହାଜତରୁ ଛାଡ଼ିଦେଲେ । ଅନ୍ୟମାନଙ୍କୁ ଅଳ୍ପଦିନ ପାଇଁ ସଜା ହୋଇଥିଲା । ଆମେ ସେତେବେଳେ ଭଦ୍ରକ ହାଇସ୍କୁଲରେ ପଢୁଥାଉଁ । ସୁଧାକର ମିଶ୍ର ବୋଲି ଜଣେ ଛାତ୍ର ଭଦ୍ରକ କଚେରୀରେ ଅଦାଲତ କୋଠି ଉପରେ ତ୍ରିରଙ୍ଗା ଜାତୀୟ ପତାକା ଉଡ଼େଇ ଦେଲେ । କବି କାଙ୍ଗାଳିଧ୍ ମହାନ୍ତିଙ୍କର ଏହି ଗୀତଟି ସେତେବେଳେ ଖୁବ୍ ବୋଲା ହେଉଥିଲା । ଗୀତଟି ହେଲା -

*'ଲାଗିଲାରେ ଯୁଦ୍ଧ ଲାଗିଲା*
*ଦେଶ ସ୍ୱାଧୀନତା ଯୁଦ୍ଧ ଲାଗିଲା ॥*
*ମହାତ୍ମା ମୋହନ ମତିଲାଲ*
*ଦେଶ ସୁଭାଷ ଯତୀନ୍ଦ୍ର ଜହରଲାଲ,*
*ବଜାଇଲେ ତୁରୀ ସ୍ୱାଧୀନତା ଭେରୀ*
*ସଘନେ ଗଗନେ ବାଜିଲା ॥*
*ଜଣକୁ ନାଲି କନା ପଡ଼ି,*
*ସରକାରଙ୍କୁ ହେଲା ଏ ବଇରୀ ॥...'*

ଏହିପରି ଅପାଶୋରା ଅନେକ ପଦ ମନେ ପଡୁଛି ଆଜି । ବ୍ରିଟିଶ ସରକାରଙ୍କ ବିରୋଧରେ ପ୍ରଚାର ଚାଲୁଥାଏ । ଗୋଟିଏ ପ୍ରଚାରପତ୍ର ଭଦ୍ରକସ୍ଥ ଆମ ଗୋପୀନାଥ ପ୍ରେସରେ ଛାପା ହୋଇଥିଲା । ସେଥିରେ ପ୍ରେସ୍‌ର ମୁଦ୍ରାକର ଭାବେ ମୋର ନାମ ଥିଲା । ତେଣୁ ମୋତେ ଅର୍ଥଦଣ୍ଡ କରାଗଲା । ହାଇକୋର୍ଟ ପର୍ଯ୍ୟନ୍ତ ଲଢ଼ିଲି । ମାତ୍ର ଦଣ୍ଡ କାଏମ୍ ରହିଥିଲା । ମାତ୍ର ପ୍ରକୃତ ସଂଗ୍ରାମୀଙ୍କ କଷ୍ଟ ତୁଳନାରେ ସେ କଷ୍ଟ ଦଣ୍ଡ କିଛି ନଥିଲା ।

୧୯୩୧ ମସିହାରେ ଗାନ୍ଧୀ - ଇରଉଇନ୍ ସନ୍ଧି ହେଲା । ମହାତ୍ମା ଗାନ୍ଧୀଙ୍କୁ ସରକାର ଛାଡ଼ିଦେଲେ । କେତେକ ସର୍ତ୍ତରେ ଲୁଣମରା ଅଧିକାର ଦିଆଗଲା । ଲବଣ ସତ୍ୟାଗ୍ରହୀଙ୍କୁ ଖଲାସ କରିଦିଆଗଲା। ଦ୍ୱିତୀୟ ଗୋଲଟେବୁଲ ବୈଠକରେ ଯୋଗଦେବା ପାଇଁ ଗାନ୍ଧିଜୀ ବିଲାତ ଗଲେ । ମାତ୍ର ନିରାଶ ହୋଇ ଫେରିଲେ । ମହାତ୍ମାଗାନ୍ଧୀ ବିଲାତରୁ ଫେରୁ ନ ଫେରୁଣୁ ତାଙ୍କୁ ଗିରଫ କରାଗଲା । କଂଗ୍ରେସର ତୁଙ୍ଗ ନେତାମାନେ ପୁଣି ବନ୍ଦୀ ହେଲେ । କଂଗ୍ରେସକୁ ବେଆଇନ ଘୋଷଣା କରାଗଲା । ସେହି ୧୯୩୨ ମସିହାରେ ପୁରୀଠାରେ କଂଗ୍ରେସ ଅଧିବେଶନ ହେବାକୁ ଥାଏ । ମାତ୍ର ସବୁ ଭଣ୍ଡୁର ହୋଇଗଲା । କେତେକ କଂଗ୍ରେସ କର୍ମୀଙ୍କୁ ସରକାର ଜେଲ୍‌ରେ ଭର୍ତ୍ତି କରିଦେଲେ । କିନ୍ତୁ ଆନ୍ଦୋଳନ ଦବିଲା ନାହିଁ । ବିଲାତି ଲୁଗା ଦୋକାନ, ମଦ, ଗଂଜାଇ ଓ ଅଫିମ ଦୋକାନ ସମ୍ମୁଖରେ ପିକେଟିଙ୍ଗ ଚାଲିଲା । ସ୍ୱେଚ୍ଛାସେବୀମାନେ ଦୋକାନ ଭିତରକୁ କାହାରିକୁ ଛାଡ଼ିଦେଲେ ନାହିଁ । ବାଟରେ ଶୋଇରହିଲେ । ତାଙ୍କ ଉପରେ ମାଡ ହେଉଥାଏ । ଉପରେ ମାଡି ପୋଲିସି ଚାଲି ଯାଉଥାନ୍ତି । ଏହି ପିକେଟିଂରେ ବାନର ସତ୍ୟାଗ୍ରହୀ ବା ବାନରସେନାମାନେ ବେଶି ଅଂଶଗ୍ରହଣ କରିଥିଲେ । ପୋଲିସି ମାଡ ଖାଇ ସେମାନେ 'ମହାତ୍ମାଗାନ୍ଧିକି ଜୟ' ଓ 'ସ୍ୱାଧୀନ ଭାରତକି ଜୟ' ଧ୍ୱନିରେ ଗଗନ ପବନ ପ୍ରକମ୍ପିତ କରୁଥିଲେ । ବାନରସେନାମାନେ ଆମରି ଦେଶର ପୋଲିସ ଭାଇମାନଙ୍କୁ ସେତେବେଳେ ଲକ୍ଷ୍ୟ କରି ଗାଉଥାନ୍ତି -

*ଭାଇ ହେ କେତେ ବେତ ତୁମେ ମାରିବ*
*ଦେଶ ଲାଗି ଆମେ ଜୀବନ ଦେଇଛୁ,*
*ତୁମେ କି ଆମକୁ ପାରିବ ?*

ପିକେଟିଂ ସାଙ୍ଗକୁ ଅରଟରେ ସୂତା କାଟିବା, ଛୁଆଁ ଅଛୁଆଁ ଉଠାଇଦେବା ପାଇଁ ଗାନ୍ଧିଜୀ ଡାକରା ଦେଇଥାନ୍ତି ।

ସେଥିପାଇଁ ସେତେବେଳେ ସ୍ୱର୍ଗୀୟ ବାଞ୍ଛାନିଧି ମହାନ୍ତି ବୋଲୁଥାନ୍ତି-

'ଛୁଇଁ ଦେଲେ ଛଅତା ମୁଁ ହେଲି
ଗଲା ମୋ ଜାତି,
କେତେ ପାପ ନ କରୁଛି ନିତି
ପାହିଲେ ରାତି .... '

କାନ୍ତକବିଙ୍କର ପରସିକିଆ ଚଟିବହି 'ଗାନ୍ଧୀବୁଢା' ଓ 'ଅଛବ ଗୁହାରୀ' ମଧ୍ୟ ସେତେବେଳେ ଚହଳ ପକାଇ ଦେଇଥାଏ । କାନ୍ତକବି ଲେଖିଥିଲେ -

'ଭାଇ ହେ ଏବେ ଅରଟ କାଟ,
ଆଉ କିଛି ଭରସା ନାହିଁ
ଅରଟ ଏକା ମୁକତି ବାଟ ।'...

ସେହିପରି କାନ୍ତକବି ଓ ବାଞ୍ଛାନିଧିଙ୍କର କେତେ ଗୀତ ଲୋକମୁଖରୁ ଶୁଣାଯାଉଥାଏ । ଏହି ଗୀତଗୁଡିକ ମୂଲିଆ ଓ ନାରୀମାନଙ୍କୁ ଜଣାଇବା ପାଇଁ ଉଦ୍ଦିଷ୍ଟ ଥାଏ । କାନ୍ତକବିଙ୍କ ଗୀତରୁ ପଦିଏ ମନେ ଅଛି ।

'ଦାନାର ଯୋଗାଡ କରରେ ଚାଷୀ
ଜନାର ଯୋଗାଡ କର ।।
ହିଡମାଟି ହିଡରେ ଦେଇ,
କାଟ ଟାଲିଆ ଛାଡି ଫୁଲାଇ,
ରଜା ହୋଇ ମୋଡୁଆ ନିଶ
ଆଉ କାହାକୁ ଡର ।
ଦାନାର ଯୋଗାଡ...

ଶ୍ରୀ ନିତ୍ୟାନନ୍ଦ ମହାପାତ୍ର ଏହି ଗୀତରୁ ପ୍ରେରଣା ପାଇ 'ହିଡମାଟି' ପରି ଏକ ଉପନ୍ୟାସ ରଚନା କରିଥିଲେ । ତତ୍କାଳୀନ ସ୍ୱାଧୀନତା ଆନ୍ଦୋଳନର ଚିତ୍ର ଏହି 'ହିଡମାଟି' ଓ ଏହାର ଦ୍ୱିତୀୟ ଭାଗ 'ଭଙ୍ଗାହାଡ' ଉପନ୍ୟାସରୁ ଦେଖିବାକୁ ମିଳେ । ପୁଣି ଏହାର ତୃତୀୟ ଭାଗ ଘରଡିହ ଉପନ୍ୟାସରେ ସେ ସ୍ୱାଧୀନତା ଆନ୍ଦୋଳନ ଓ ତା'ପରବର୍ତ୍ତୀ ସ୍ୱାଧୀନ ଭାରତର ବାସ୍ତବ ଚିତ୍ର ପ୍ରଦାନ କରିଛନ୍ତି । ଏହି ଉପନ୍ୟାସଟି କେନ୍ଦ୍ରୀୟ ସାହିତ୍ୟ ଏକାଡେମୀଦ୍ୱାରା ପୁରସ୍କାର ପାଇଛି ।

ଏହି ସ୍ୱାଧୀନତା ଆନ୍ଦୋଳନରେ ଯୋଗଦେଇ ବାଲେଶ୍ୱରରେ ଜଣେ କର୍ମୀ ଜେଲ ଯାଇଥିଲେ । ତାଙ୍କର ନାଁ ମନେ ପଡୁନାହିଁ । ସେ ଜେଲ୍ ଯିବାପରେ ତାଙ୍କ ଘରୁ କିଛୁ ଦୁଧିଆଳୀ ଗାଈ, ବାଛୁରୀ ସହ ନିଲାମ ହୋଇଗଲା । କେହି ନିଲାମ ଧରିଲେ ନାହିଁ । ପରେ ପୋଲିସବାଲା ଆଠଣା ପଇସାକୁ (ଏବେ ପଚାଶ ପଇସା) ଗାଈ, ବାଛୁରୀ ନିଲାମ ଧରିଲେ । ପୁଣି ତାଙ୍କ ଘରୁ ଆଉ କେତେକ ଜିନିଷ ନିଲାମ କରାଯାଇ ଜୋରିମାନା ବାବଦକୁ ଭରଣା କରାଗଲା । ସେତେବେଳକାର ପୋଲିସ ଅତ୍ୟାଚାର କଥା ଶୁଣିଲେ ଧୈର୍ଯ୍ୟ ରହିବ ନାହିଁ । ଶୀତଦିନ ରାତିରେ ବାଲେଶ୍ୱର ଥାନା ପାଖ ପୋଖରୀରେ ପୋଲିସ ସତ୍ୟାଗ୍ରହୀମାନଙ୍କୁ ରାତି ୯ ଟା ୧୦ଟା ବେଳେ ଜବରଦସ୍ତ ବୁଡାଇ ଦିଅନ୍ତି । ଉଠିଲା ମାତ୍ରେ ଲାଠିଧାରୀ ପୋଲିସ ପୁଣି ପାଣିରେ ବୁଡାଇ ଦେଉଥାନ୍ତି । ଆଉ କେତେକ କର୍ମୀଙ୍କୁ ଗୋଟିଏ ଛୋଟିଆ ଘର ଭିତରେ ରଖି ଲଙ୍କା ଧୂଆଁ ଦିଆଗଲା । କବାଟ କିଳି ଅନେକ ସମୟ ରଖାଗଲା । ସେମାନଙ୍କୁ କୁହାଯାଉଥାଏ - କୁହ ଆଉ କଂଗ୍ରେସରେ ମିଶିବ ନାହିଁ । ଏହିପରି ଅତ୍ୟାଚାର ହେଉଥିଲେ ସୁଦ୍ଧା ଲୋକଙ୍କର ମନୋବଳ ଭାଙ୍ଗି ନଥାଏ । ଲୋକ ଗାଉଥାନ୍ତି -

'ଗାଅ, ସ୍ୱାଧୀନ ଭାରତ ସ୍ୱାଧୀନ ଭାରତ
ସ୍ୱାଧୀନ ସ୍ୱାଧୀନ ସ୍ୱାଧୀନରେ ... '

ଏହିପରି ଗୀତ କିନ୍ତୁ ସଂଗ୍ରାମୀମାନଙ୍କ ହୃଦୟରେ ଅପୂର୍ବ ସାହସ ଆଣି ଦେଉଥାଏ । ସ୍ୱରାଜ୍ୟର ସ୍ୱପ୍ନ ସେମାନଙ୍କୁ ଘାରିଥାଏ । ଗାନ୍ଧିଜୀ କହୁଥିଲେ, ସତ୍ୟାଗ୍ରହରେ ପରାଜୟ ନାହିଁ । ପ୍ରକୃତରେ ଆମେ ଦେଖିଲୁ ବାହାରକୁ ଆନ୍ଦୋଳନ ବନ୍ଦ ହୋଇଗଲେ ମଧ୍ୟ ଲୋକେ ସ୍ୱରାଜ ପାଇଁ ବେଶୀ ଆଗ୍ରହୀ ହୋଇ ପଡୁଥାନ୍ତି । ସେହି ଅନାଗତ ସ୍ୱରାଜ୍ୟର ରୂପରେଖ ବର୍ଣ୍ଣନା କରି କବି ଗାଉଥିଲେ -

କି ହେବ ସ୍ୱରାଜ୍ୟ ଘେନି
ଯେବେ ମୋର ନ ପୁରେ ପେଟ
ଗାଁରେ ପଶିଏଁ କରଜ ଜଗନ୍ତି
ଜଣେ ଦୁଇଜଣ ବମେଇ ସେଠ ।।...

ସ୍ୱରାଜ୍ୟର ସୁନେଲି ସ୍ୱପ୍ନରେ ଲୋକେ ଆତ୍ମହରା ହୋଉଥାନ୍ତି । ଗାନ୍ଧିଜୀ ଆନ୍ଦୋଳନକୁ ନୂଆମୋଡ ଦେଲେ । ୧୯୩୪ ମସିହାରେ ପୁରୀଠାରୁ ଭଦ୍ରକ ପର୍ଯ୍ୟନ୍ତ ପଦଯାତ୍ରା ହେଲା । ଗାନ୍ଧିଜୀଙ୍କ ସାଥୀରେ ଏହି ପଦଯାତ୍ରାରେ ଅନେକ ନେତା, କର୍ମୀ ଓ ବିଦେଶୀ ପର୍ଯ୍ୟବେକ୍ଷକ ଚାଲୁଥାନ୍ତି । ଗାଁ ଗହଳରେ ରହଣି ସ୍ଥାନମାନଙ୍କରେ ସଭା ହୁଏ । ଲୋକଙ୍କୁ ବୁଝାଇବା ପରେ ଗାନ୍ଧିଜୀ ହାତ ବଢାଇ ହରିଜନ ପାଣ୍ଠି ସଂଗ୍ରହ କରନ୍ତି । ଲୋକେ ଗାନ୍ଧିଜୀଙ୍କ ହାତରେ ପଇସେ ଅଧଲେଠାରୁ ଆରମ୍ଭ କରି କେତେ ଟାଙ୍କା ଦଅନ୍ତି । ସ୍ତ୍ରୀ ଲୋକମାନେ ହାତରୁ ଗହଣା କାଢି ଗାନ୍ଧିଜୀଙ୍କ ପାଖକୁ ଫିଙ୍ଗି ଦିଅନ୍ତି । ମୋହନଚାନ୍ଦଙ୍କ ମୋହିନୀ ମନ୍ତ୍ରରେ ସାରା ଦେଶ ବଶ ହୋଇଥାଏ । ପ୍ରକୃତରେ ଗାନ୍ଧିଜୀ ସେତେବେଳେ ହାରି ବି ମଧ୍ୟ ଜିତିଥିଲେ । ଲୋକଙ୍କ ହୃଦୟରେ ସେ ଆସନ ଜମାଇଥିଲେ ।

ଜାନ ଜୁଟୀର,
ଗୋପୀନାଥ ପ୍ରେସ ଲେନ୍
ନୂଆବଜାର, ଭଦ୍ରକ

# ସୁରେନ୍ଦ୍ରସାଏଙ୍କ ବିପ୍ଳବରେ କମଳସିଂହଙ୍କ ଭୂମିକା

*ଶ୍ରୀ ଅଲେଖ ପ୍ରଧାନ*

*ଯେଉଁ ପାହାଡ଼ରେ ଉଡୁଥିଲା ଧ୍ୱଜା*
*ଯେଉଁ ପାହାଡ଼ରେ ବାଜୁଥିଲା ବାଜା*
*ଏହିତ ସମ୍ମୁଖେ ସେ ବାରପାହାଡ*
*ଭାଙ୍ଗି ଥିଲା ଯହିଁ ଇଂଷ ବଂଷ ହାଡ ।*

ବୀରସୁରେନ୍ଦ୍ରସାଏଙ୍କ ଲୀଳାକ୍ଷେତ୍ର ଐତିହାସିକ ବାରପାହାଡ । ଗତ ଗୌରବର ମୂକସାକ୍ଷୀ ଏହି ପାହାଡ ଦର୍ଶନ କଲାମାତ୍ରେ ଭାବନାର ପରିସର ଭିତରକୁ ଆପେ ଆପେ ଆସିଯାଆନ୍ତି ସୁରେନ୍ଦ୍ର ଏବଂ ମନେ ପଡି ଯାଆନ୍ତି ତାଙ୍କର ପ୍ରଧାନ ସେନାପତି କମଳ ସିଂହ, ଯିଏକି ବାରପାହାଡ ପାର୍ବତ୍ୟ ଇଲାକାରେ ବିପ୍ଳବର ବହ୍ନିକୁ ବହୁକାଳ ପର୍ଯ୍ୟନ୍ତ ସଂଜୀବିତ କରି ରଖିଥିଲେ । ସୁରେନ୍ଦ୍ର ଆତ୍ମ ସମର୍ପଣ କଲାପରେ ମଧ୍ୟ ବିପ୍ଳବର ବିଜୟ ଧ୍ୱଜାକୁ ଯେ ଏକେଲା କାନ୍ଧରେ ବହନ କରି ଘୂର୍ଣ୍ଣିବାତ୍ୟା ଭଳି ବଣଜଙ୍ଗଲରେ ଘୁରି ବୁଲୁଥିଲେ, ସେ ହେଉଛନ୍ତି ଲଖନପୁରର ଗଣ୍ଡଜମିଦାର କମଳ ସିଂହ ଦାଉ । ଏ କମଳସିଂହଙ୍କ ଜୀବନ ଇତିହାସ ଜାଣିବାକୁ ହେଲେ ପ୍ରଥମେ ଜାଣିବାକୁ ହେବ ସୁରେନ୍ଦ୍ର ସାଏଙ୍କୁ ଏବଂ ତାଙ୍କ ବିପ୍ଳବକୁ । ସମ୍ବଲପୁର ବିପ୍ଳବରେ ଲଖନପୁର ଜମିଦାର ବଂଶର ଭୂମିକା ନିର୍ଣ୍ଣୟ କରିବାକୁ ହେବ ।

୧୮୨୭ ମସିହାରେ ସମ୍ବଲପୁରର ଏକାଦଶ ଚୌହାଣ ରାଜା ମହାରାଜା ସାଏ ଅପୁତ୍ରିକ ଅବସ୍ଥାରେ ପ୍ରାଣତ୍ୟାଗ କଲେ । ଫଳରେ ଖିଣ୍ଡା ରାଜବଂଶର ସୁରେନ୍ଦ୍ରସାଏ, ବରପାଲି ରାଜବଂଶର ନାରାୟଣ ସିଂହ ଓ ଝାରସୁଗୁଡା ରାଜବଂଶର ଗୋବିନ୍ଦସିଂହ ସମ୍ବଲପୁର ରାଜଗାଦୀ ପାଇବା ପାଇଁ ସ୍ୱ ସ୍ୱ ଦାବୀ ଉପସ୍ଥାପନ କଲେ । ମାତ୍ର ସେତେବେଳକୁ ସ୍ୱର୍ଣ୍ଣପ୍ରସୂ ସମ୍ବଲପୁର ମାଟି ପ୍ରତି ଇଂରେଜ ସରକାରଙ୍କର ଲୋଲୁପ ଦୃଷ୍ଟି ପଡିସାରିଥିଲା । ତେଣୁ ସରକାର ଦାବୀଦାରମାନଙ୍କର ଦାବୀ ବିଚାରକୁ ନେବା ଦୂରେଥାଉ, ସମ୍ବଲପୁରରେ ଅସଂଖ୍ୟ ସିପାହୀ ଓ ପଲଟଣ ଆଣି ଜମା କଲେ ଏବଂ ବିଧବାରାଣୀ ମୋହନକୁମାରୀଙ୍କ ନାମରେ ଶାସନ ଚଳାଇବାକୁ ଲାଗିଲେ । ସେମାନେ ଜଣେ ଅକର୍ମଣ୍ୟ ଓ ସ୍ଥାଣୁ ବ୍ୟକ୍ତିକୁ ସମ୍ବଲପୁର ରାଜଗାଦୀରେ ବସାଇବାକୁ ଚାହୁଁଥିଲେ, ଯାହା ଫଳରେ ସମ୍ବଲପୁରକୁ ଖାସ୍ ଦଖଲ କରିବାକୁ ତାଙ୍କୁ ସହଜ ହେବ । ଦାବୀଦାରମାନଙ୍କ ମଧ୍ୟରେ ସୁରେନ୍ଦ୍ର ଅଧିକ ଦକ୍ଷ ଓ ଚତୁର ଥିଲେ । ସେ ଇଂରେଜମାନଙ୍କର କୌଶଳ ବୁଝିପାରି ସମସ୍ତ ରାଜବଂଶୀୟ ତଥା ପ୍ରତିପତ୍ତିଶାଳୀ ଜମିଦାର ଓ ଗୌନ୍ତିଆମାନଙ୍କୁ ତଥା ପ୍ରଜାମାନଙ୍କୁ ଏକଜୁଟ କରି ଇଂରେଜମାନଙ୍କ ବିରୁଦ୍ଧରେ ଜନମତ ଜାଗ୍ରତ କଲେ । ସମ୍ବଲପୁର ଅଞ୍ଚଳର ସମସ୍ତ ଜମିଦାର, ଗୌନ୍ତିଆ ଓ ପ୍ରଜାମାନେ ସୁରେନ୍ଦ୍ରସାଏଙ୍କୁ ଚାହୁଥିଲେ ମଧ୍ୟ । ଏଣୁ ସମ୍ବଲପୁରରେ ସୁରେନ୍ଦ୍ରସାଏଙ୍କୁ ରାଜା କରିବା ପାଇଁ ସେମାନେ ସ୍ୱତଃ ପ୍ରବୃତ୍ତ ଭାବରେ ବିପ୍ଳବ ଆରମ୍ଭ କରିଦେଲେ । ଇଂରେଜମାନେ ଦେଖିଲେ କଥା ସରିଲା । ତେଣୁ ସେମାନେ ବରପାଲିର ବୃଦ୍ଧ ଜମିଦାର ନାରାୟଣ ସିଂହଙ୍କୁ ତରବରିଆ ଭାବରେ ଡାକିଆଣି ତା ୧୧-୧୦-୧୮୩୩ ମସିହାରେ ସମ୍ବଲପୁର ସିଂହାସନରେ ବସାଇ ଦେଲେ । ସରକାର ଭାବିଥିଲେ ସମ୍ବଲପୁରରେ ଜଣକୁ ରାଜା କରିଦେଲେ ବିପ୍ଳବ ବନ୍ଦ ହୋଇଯିବ । ମାତ୍ର ସମ୍ବଲପୁର ଇଲାକାର ଜନତା ଚାହୁଁଥିଲେ ସୁରେନ୍ଦ୍ରସାଏଙ୍କୁ । ବୃଦ୍ଧ ତଥା ଅସମର୍ଥ ନାରାୟଣ ସିଂହଙ୍କୁ ତାଙ୍କ ଉପରେ ଜବରଦସ୍ତ ଲଦି ଦେବାର ଦେଖି ସେମାନେ ଆହୁରି କ୍ରୋଧରେ ଜଳିଗଲେ । ଲଖନପୁରର ପ୍ରବଳ ପ୍ରତାପୀ ଜମିଦାର ବଳଭଦ୍ର ସିଂହ ଦାଉ ସଦଳବଳ ସୁରେନ୍ଦ୍ରଙ୍କ ପକ୍ଷ ସମର୍ଥନରେ ବିପ୍ଳବ ଚାଲୁ କରିଦେଲେ । ତାଙ୍କର ଏକ ଦୁର୍ଦ୍ଧର୍ଷ ସେନା ବାହିନୀ ଥିଲା । ସେମାନଙ୍କ ସଂଖ୍ୟା ପ୍ରାୟ ୫୦୦ । ସେମାନେ ଧୁରନ୍ଧର ତୀରନ୍ଦାଜ ଥିଲେ ଓ ବଣ ପାହାଡରେ ଲୁଚିଛପି ଗରିଲା ପ୍ରଣାଳୀରେ ଯୁଦ୍ଧ କରିବାରେ ପାରଙ୍ଗମ ଥିଲେ । ବାରପାହାଡ ପର୍ବତ ମଧ୍ୟରେ ଥିବା ଦେବ୍ରିଗଡ ଗିରିଦୁର୍ଗ ଏହାଙ୍କ ପ୍ରଧାନଯୁଦ୍ଧ ଘାଟୀଥିଲା । ଏହାର ଉଚ୍ଚତାଥିଲା ୨୨୬୭ଫୁଟ । ଶୃଙ୍ଗର ଶିଖର ଦେଶରେ ବିପ୍ଳବୀମାନଙ୍କର ବିପ୍ଳବ ଧ୍ୱଜା ଉଡୁଥିଲା । ସମର ସମୟରେ ଯୁଦ୍ଧକାଳୀନ ବାଜା ମଧ୍ୟ ବାଜିଉଠୁଥିଲା । ଦୁର୍ଗର ବିଭିନ୍ନ ସ୍ଥାନରେ ୧୨ଟି ଗମ୍ବୁଜ ଥିଲା ଓ ସେଥିରେ ତୋପ ବନ୍ଧୁକ ଆଦି ଖଞ୍ଜାଯାଇଥିଲା । ଦୁର୍ଗ ମଧ୍ୟରୁ ବିଭିନ୍ନ ସ୍ଥାନକୁ ସୁଡଙ୍ଗ ଦ୍ୱାରା ସଂଯୁକ୍ତ କରାଯାଇଥିଲା । ଏହି ଦୁର୍ଗର ଅନତିଦୂରରେ ବାରବଖରା ଗିରିଗୁମ୍ଫା ରହିଛି । ଏଠାରେ ବର୍ଷା ଋତୁରେ ବିପ୍ଳବୀମାନେ ନିରାପଦରେ ଆଶ୍ରୟ ନେଉଥିଲେ ।

ଦିନକର ଘଟଣା, ସେଦିନ ୧୮୩୭ ମସିହାର ରାସ ପୂର୍ଣ୍ଣିମାର ରାକାରଜନୀ, ଉପରେ ପୂର୍ଣ୍ଣିମା ଜହ୍ନ ହସୁଛି ଓ ତଳେ ଧରଣୀ ବକ୍ଷରେ ସୁପ୍ତ ମାନବ ସମାଜ । ସମୟ ଅର୍ଦ୍ଧରାତ୍ର । ଡେବ୍ରିଗଡ ଗିରିଦୁର୍ଗ ଉପରେ କେତେଜଣ ମାନବ ଆଳାପରତ । ସେମାନେ ହେଉଛନ୍ତି ସୁରେନ୍ଦ୍ର, ତାଙ୍କ ଭ୍ରାତା ଉଦନ୍ତ, ପିତୃବ୍ୟ ବଳରାମ ଓ ଲଖନପୁରର ଗଣ୍ଡ ଜମିଦାର ବଳଭଦ୍ର ସିଂହ ଦାଉ । ସେମାନେ ବିପ୍ଳବର ଭବିଷ୍ୟତ ରୂପରେଖ ପ୍ରସ୍ତୁତ କରିବାରେ ମଗ୍ନ । ହଠାତ୍ ଜଣେ ପାହାଡ଼ି ଗଣ୍ଡା ଲୋକର ସହାୟତାରେ ଇଂରେଜ ସେନା ସେଠାରେ ପହଞ୍ଚି ବନ୍ଧୁକର ଘୋଡା ଟିପିଦେଲେ । ଗୁଡୁମ୍ ଗୁଡୁମ୍ । ସେହିଠାରେ ଇଂରେଜ ଗୁଳିରେ ଟଳି ପଡ଼ିଲେ ବଳଭଦ୍ର ସିଂହ । ସୁରେନ୍ଦ୍ର ଓ ଅନ୍ୟମାନେ ହଠାତ୍ ଏକ ସୁଡଙ୍ଗରେ ପଶି ଆତ୍ମରକ୍ଷା କଲେ । ଏହି ଘଟଣା ପରେ ପିତୃହତ୍ୟାର ପ୍ରତିଶୋଧ ନେବାପାଇଁ ମୃତ ଜମିଦାରଙ୍କ ତିନିପୁତ୍ର କମଳ ସିଂହଦାଉ, ନୀଳାମ୍ବର ସିଂହଦାଉ ଓ ଖଗେଶ୍ୱର ସିଂହଦାଉ ବଜ୍ର ଶପଥ ଗ୍ରହଣ କଲେ । ସେମାନେ ଆହତ ସିଂହ ପରି ବାରପାହାଡର ଗିରି କନ୍ଦରରେ ଭୟଙ୍କର ଗର୍ଜନ କରି ସଙ୍ଗେ ସଙ୍ଗେ ବିପ୍ଳବକୁ ଲମ୍ଫ ପ୍ରଦାନ କଲେ ।

ସୁରେନ୍ଦ୍ରଙ୍କ ପକ୍ଷ ସମର୍ଥନକାରୀ ଅନ୍ୟ ପ୍ରମୁଖ ଜମିଦାରମାନେ ହେଲେ ଘେଁସର ମଧୁସିଂହ ଓ ତାଙ୍କ ତିନିପୁତ୍ର ହାତୀ ସିଂହ ଓ ବୈରୀ ସିଂହ । ଏତଦ୍‌ବ୍ୟତୀତ ଅନ୍ୟମାନଙ୍କ ମଧ୍ୟରେ କୁଲାବୀରାର ଜମିଦାର କରୁଣାକର ନାୟକ, ରମ୍ପେଲା ଗୌନ୍ତିଆ ଲୋକନାଥପଣ୍ଡା, ଅର୍ଡାର ଗୌନ୍ତିଆ ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଲୋଇସିଙ୍ଗାର ଜମିଦାର ଚନ୍ଦ୍ରଗଡତିଆ, ମୁଣ୍ଡୋମହୁକର ଜମିଦାର ଅନନ୍ତସିଂହ, ପାହଡ ଶଗିଡା ଜମିଦାର ଜନାର୍ଦ୍ଦନ ସିଂହ, ପାଟକୁଲୁଣ୍ଡା ଜମିଦାର ପିତାମ୍ବର ସିଂହ, ଖରସଲ ଜମିଦାର ଦିଆଲ ସରଦାର, କୁଡାବଗା ଜମିଦାର ଅରାରି ସିଂହ, ମଟିଦା ଜମିଦାର ଧନସିଂହ, ଖରମୁଣ୍ଡା ଜମିଦାର ମାର୍କଣ୍ଡ ବରିହା ଓ ଭେଡେନ୍ ଜମିଦାର ମନୋହର ସିଂହ ପ୍ରଧାନ । ଏମାନଙ୍କ ବ୍ୟତୀତ ପ୍ରତି ଗାଁର ଗୌନ୍ତିଆ ଓ ପ୍ରଜା ସେମାନଙ୍କର ପ୍ରିୟ ନେତା ସୁରେନ୍ଦ୍ରଙ୍କୁ ସମସ୍ତ ପ୍ରକାର ସାହାଯ୍ୟ ଓ ସହଯୋଗ କରୁଥିଲେ ।

ଇଂରେଜମାନେ ନାନା ପ୍ରଲୋଭନ ଦେଖାଇ କେତେକ ଲୋଭୀ ଜମିଦାର ଓ ଗୌନ୍ତିଆଙ୍କୁ ତାଙ୍କ ପକ୍ଷକୁ ଟାଣି ଆଣି ସୁରେନ୍ଦ୍ରଙ୍କ ଗତିବିଧି ଉପରେ ଲକ୍ଷ୍ୟ ରଖିବାକୁ ଗୁପ୍ତଚର ରୂପେ ନିଯୁକ୍ତ କଲେ । ରାମପୁର ଜମିଦାର ଦୁର୍ଜ୍ଜୟ ସିଂହ ଏମାନଙ୍କ ମଧ୍ୟରେ ପ୍ରଧାନ । ସୁରେନ୍ଦ୍ର ଦୂତ ପଠାଇ ତାଙ୍କୁ ଏ କାର୍ଯ୍ୟରୁ ନିବୃତ୍ତ ରହି ତାଙ୍କ ପକ୍ଷଭୁକ୍ତ ହେବାକୁ ଧରମ ଡାକଦେଲେ । ମାତ୍ର ସେ ତାହା ପ୍ରତ୍ୟାଖ୍ୟାନ କରିବାରୁ ସୁରେନ୍ଦ୍ର ଓ ତାଙ୍କ ପିତୃବ୍ୟ ବଳରାମ ସିଂହ ୧୮୪୦ରେ ରାମପୁର ଆକ୍ରମଣ କଲେ । ଦୁର୍ଜ୍ଜୟ ସିଂହ ପ୍ରାଣ ବିକଳରେ ହିମଗିରି ଅଞ୍ଚଳକୁ ପଳାଇଯାଇ ଆତ୍ମ-ରକ୍ଷା କଲେ ମାତ୍ର ତାଙ୍କ ପିତା ଓ ପୁତ୍ର ଧରାହୋଇ ନିହତ ହେଲେ । ଏହା ପରେ ସୁରେନ୍ଦ୍ର ସଦଳବଳ ପାଟଣା ଅଭିମୁଖେ ଯାଉଥିବା ବେଳେ ବାଟରେ ସମ୍ବଲପୁରର ବୁଡାରଜା ପାହାଡ ତଳେ ଇଂରେଜ ସେନା ବାହିନୀ ସହିତ ସାମ୍ନାସାମ୍ନି ହେଲେ । ଘମାଘୋଟ ଲଢେଇ ହେଲା । ଇଂରେଜମାନଙ୍କର ତୋପ ବନ୍ଧୁକ ଆଗରେ ସୁରେନ୍ଦ୍ରଙ୍କ ସେନା ପ୍ରାଣମୁର୍ଚ୍ଛା ଲଢି ଶେଷରେ ଛତ୍ରଭଙ୍ଗ ଦେବାକୁ ବାଧ ହେଲେ । ସୁରେନ୍ଦ୍ର, ଉଦନ୍ତ ଓ ବଳରାମ ସିଂହ ଇଂରେଜମାନଙ୍କ ଦ୍ୱାରା ବନ୍ଦୀ ହୋଇ ହଜାରୀବାଗ୍ ଜେଲ୍‌କୁ ପ୍ରେରିତ ହେଲେ । ଏଣେ ସମ୍ବଲପୁରର ରାଜା ବୃଦ୍ଧ ନାରାୟଣସିହ ୧୮୪୯ ମସିହା ସେପ୍ଟେମ୍ବର ୧୦ ତାରିଖ ଅପୁତ୍ରିକ ହୋଇ ମୃତ୍ୟୁ ବରଣ କଲେ । ଫଳରେ ସମ୍ବଲପୁରକୁ ଇଂରେଜମାନେ ଖାସ୍ ଦଖଲ କରିନେଲେ । ଏହାଦ୍ୱାରା ସମ୍ବଲପୁର ଇଲାକାର ସମସ୍ତ ଜମିଦାର, ଗୌନ୍ତିଆ ଏପରିକି ସାଧାରଣ ପ୍ରଜାଙ୍କ ମଧ୍ୟରେ ଅସନ୍ତୋଷର ବହ୍ନି ଜୁହୁଳିବାକୁ ଲାଗିଲା । ଯୋଗକୁ ୧୮୫୭ ମସିହାରେ ଯେଉଁ ସିପାହୀ ବିଦ୍ରୋହ ହେଲା, ବିଦ୍ରୋହୀ ସିପାହୀମାନେ ହଜାରୀବାଗ୍ ଜେଲଖାନା ଭାଙ୍ଗି ଜୁଲାଇ ୩୦ ତାରିଖ ଦିନ ବନ୍ଦୀମାନଙ୍କୁ ମୁକ୍ତ କରିଦେଲେ । ଇତିମଧ୍ୟରେ ସେହି ଜେଲରେ ବଳରାମ ସିଂହଙ୍କର ମୃତ୍ୟୁ ହୋଇ ଯାଇଥିଲା । ସୁରେନ୍ଦ୍ର ଓ ଉଦନ୍ତ ଜେଲଖାନାରୁ ମୁକ୍ତ ହୋଇ ୧୮୫୭ ଅକ୍ଟୋବର ୭ ତାରିଖ ସକାଳ ୮ଟାରେ ସମ୍ବଲପୁରରେ ପଦାର୍ପଣ କଲେ । ଏ ବାର୍ତ୍ତା ପ୍ରଚାରିତ ହେବାମାତ୍ରେ ଜନସାଧାରଣଙ୍କ ମନରେ ନୂତନ ଆଶାର ସଞ୍ଚାର ହେଲା। ସମସ୍ତ ଗୌନ୍ତିଆ ଓ ପ୍ରଜା ଏକଜୁଟ ହୋଇ ସୁରେନ୍ଦ୍ରଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜଣାଇଲେ । ଏହି ସମ୍ବର୍ଦ୍ଧନା ସଭାରେ ଦେଢହଜାର ଲୋକଙ୍କର ସମାଗମ ହୋଇଥିଲା । ଏହାଦେଖି ଇଂରେଜ ସରକାର ଶଙ୍କିଗଲେ ଓ ଆପୋଷ ମିମାଂସା ପାଇଁ ସୁରେନ୍ଦ୍ରଙ୍କୁ ନିମନ୍ତ୍ରଣ କଲେ । ସୁରେନ୍ଦ୍ର ଓ କେପ୍‌ଟେନ 'ଲେ'ଙ୍କ ମଧ୍ୟରେ ଆଲୋଚନା ହେଲା । ମାତ୍ର କିଛି ଫଳ ହେଲା ନାହିଁ । ତା ୩୧-୧୦-୧୮୫୭ ଦିନ ଏକ ବିରାଟ ସାଧାରଣ ସଭାରେ ଇଂରେଜମାନଙ୍କ ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମ ଚାଲୁ କରିବା ପାଇଁ ସୁରେନ୍ଦ୍ର ସମ୍ବଲପୁରଠାରେ ଘୋଷଣା କରିଦେଲେ । ଆଗରୁ ଜୁହୁଳୁଥିବା ବିପ୍ଳବର ବହ୍ନି ଏଣିକି ହୁହୁ ହୋଇ ଜଳି ଉଠିଲା । ସୁରେନ୍ଦ୍ର ଚତୁରତାର ସହିତ ଧୀରେ ଧୀରେ ବିପ୍ଳବକୁ ବ୍ୟାପକ କଲେ । ସେ ବୁଝିଥିଲେ ଯେ ଆଧୁନିକ ଅସ୍ତ୍ରଶସ୍ତ୍ରରେ ସୁସଜ୍ଜିତ ଇଂରେଜ ସେନା ବାହିନୀକୁ ସମ୍ମୁଖ ଯୁଦ୍ଧରେ ପରାସ୍ତ କରିବା ସହଜସାଧ୍ୟ ନୁହେଁ । ଏଣୁ ସେ ଜଙ୍ଗଲ ମଧ୍ୟରେ ଲୁଚି ଛପି ଗରିଲା ପ୍ରଣାଳୀରେ ଦୀର୍ଘଦିନ ଧରି ଯୁଦ୍ଧ କରି ଇଂରେଜ ସରକାରଙ୍କୁ ବ୍ୟତିବ୍ୟସ୍ତ କରି ଦେବାକୁ ସ୍ଥିର କଲେ । ଇଂରେଜମାନେ ସମ୍ବଲପୁରକୁ ଯେପରି ବାହାରୁ ସୈନ୍ୟସାମନ୍ତ ଆଣି ଠୁଳ କରି ରଖିପାରିବେନାହିଁ ସେଥିପାଇଁ ଦୃଢ ପଦକ୍ଷେପ ଗ୍ରହଣ କଲେ । ନାଗପୁରରୁ ସମ୍ବଲପୁରକୁ ଇଂରେଜ ସୈନ୍ୟ ଆସିଲେ ତାଙ୍କୁ ଜବତ୍ କରିବାକୁ । ସିଘୋଡା ଘାଟୀରେ ପଗଡରା ମାରିଲେ ଘେଁସ ଜମିଦାର ମଧୁସିଂହ ଓ ତାଙ୍କ ତିନି ପୁତ୍ର ହାତୀ ସିଂହ, କୁଞ୍ଜେଲସିଂହ ଓ ବୈରି ସିଂହ । ଏହି ରାସ୍ତାର ଦ୍ୱିତୀୟ ଘାଟୀ ଥିଲା ପାହାଡଶ୍ରୀଗିଡା ଓ ସେଠାରେ ସଦଳବଳ ଜଗି ବସିଲେ ସ୍ଥାନୀୟ ଜମିଦାର ଜନାର୍ଦ୍ଦନ ସିଂହ । ସେହିପରି ଅମ୍ବାଭୋନା ନିକଟସ୍ଥ ଦ୍ୱାରୀଘାଟୀରେ ସଦଳବଳ ଜଗି ବସିଲେ ଖରସର ଜମିଦାର ଦିଆଳ ସରଦାର ହଜାରୀବାଗରୁ ଇଂରେଜ ସୈନ୍ୟ ଆସିଲେ ତାଙ୍କୁ ଠିକଣା ଜବାବ୍ ଦେବାପାଇଁ ଝରଘାଟୀ ଠାରେ ଦଳ ବଳ ଧରି ଜଗି ବସିଲେ ଉଦନ୍ତସାଏ । ରାଞ୍ଚିରାସ୍ତାରେ ଇଂରେଜ ସୈନ୍ୟଙ୍କୁ ବାଧାଦେବା ପାଇଁ ରେଙ୍ଗାଲି ନିକଟସ୍ଥ ମଉଲା ଭଣଜା ଘାଟୀରେ ଦଳେ ବିପ୍ଳବୀ ଜଗି ବସିଲେ । କଟକରୁ ସମ୍ବଲପୁର ଆସିବା ରାସ୍ତାର ବଡଘାଟୀ ଘାଟୀ

ଆରୁଜି ବସିଲେ ଲୋଇସିଂଘାର ବିପ୍ଳବୀ ଦଳ ପତାଙ୍ଗୀ ପାହାଡରେ ମଧ ଜିଛି ବିପ୍ଳବୀ ଜଗିବସିଲେ । ଆଉ ବାରପାହାଡ ପାର୍ବତ୍ୟ ଇଲାକାରେ ଲଖନପୁର ଜମିଦାର ଭାତୃତ୍ରୟ କମଳସିଂହ, ନୀଳାମ୍ବର ସିଂହ ଓ ଖଗେଶ୍ୱର ସିଂହ । ସିଂହ ପରାକ୍ରମରେ ବିପ୍ଳବ ଚାଲୁ କରିଦେଲେ । ଏହିପରି ସମ୍ବଲପୁରର ଚତୁର୍ଦ୍ଦିଗରେ ଯୁଦ୍ଧଘାଟୀମାନ ପ୍ରତିଷ୍ଠା କରାଗଲା । ବାହ୍ୟ ଜଗତରୁ ସମ୍ବଲପୁର ଏକ ପ୍ରକାର ବିଚ୍ଛିନ୍ନ ହୋଇପଡିଲା ।ଇଂରେଜ ସରକାରଙ୍କ ସମ୍ପର୍କସୂତ୍ର ଡାକସେବା ସମ୍ପୂର୍ଣ୍ଣ ଭାବରେ ବିପର୍ଯ୍ୟସ୍ତ ହୋଇ ପଡିଲା । ସରକାର ଘୋର ସଙ୍କଟର ସମ୍ମୁଖୀନ ହେଲେ ।

ଏଣିକି ବିପ୍ଳବର ସୁପରିଚାଳନା ପାଇଁ ସୁରେନ୍ଦ୍ର ବାରପାହାଡର ଡେବ୍ରିଗଡ ଘାଟୀକୁ ସର୍ବୋତ୍କୃଷ୍ଟ ମନେ କଲେ । ଏହା ଦୁର୍ଗମ ଅରଣ୍ୟ ମଧ୍ୟରେ ଖୁବ୍ ଉଚ୍ଚରେ ଥିବାରୁ ଅଧିକ ନିରାପଦ ଥିଲା । ଏହି ଦୁର୍ଗକୁ ପ୍ରବେଶ କରିବା ପାଇଁ ଗୋଟିଏ ଦିଗରୁ ଗୋଟିଏ ମାତ୍ର ସଂକୀର୍ଣ୍ଣ ଗିରିପଥ ଥିଲା। ଅନ୍ୟ ତିନି ଦିଗରେ ପର୍ବତ କାନ୍ଥ ପରି ତୀଖ ଥିବାରୁ ପ୍ରବେଶ କରିବାର କୌଣସି ଉପାୟ ନଥିଲା । ଶତ୍ରୁ ସୈନ୍ୟ ସଂକୀର୍ଣ୍ଣ ପଥ ଦେଇ ଦୁର୍ଗ ଉପରକୁ ଚଢିବାକୁ ଚେଷ୍ଟାକଲେ ତାଙ୍କୁ ଦଳି ଚକଟି ପେଶିଦେବା ପାଇଁ ବିପ୍ଳବୀମାନେ ବଡ ବଡ ଗୋଲାକାର ପଥରମାନ ଉପରେ ଶିଆଳି ଲତାରେ ବାନ୍ଧି ଝୁଲାଇ ରଖିଥିଲେ । ଶତ୍ରୁ ଆକ୍ରମଣ ହେଲେ ସେପରିକି ଖଣ୍ଡାଚୋଟରେ ଲତାମାନଙ୍କୁ ଶୀଘ୍ର ଶୀଘ୍ର କାଟି ଦେଇ ପାରିବେ । ଡେବ୍ରିଗଡ ଥିଲା ସୁରେନ୍ଦ୍ରଙ୍କ ପ୍ରଧାନ ଯୁଦ୍ଧଘାଟୀ । ଏହି ଯୁଦ୍ଧ ଘାଟୀରୁ ସେ ସମସ୍ତ ଯୁଦ୍ଧଘାଟୀକୁ ନିୟନ୍ତ୍ରଣ କରୁଥିଲେ । ଏହି ଘାଟୀରୁ ଘୋଡା ଛୁଟାଇ ସେ ବିଭିନ୍ନ ଘାଟୀକୁ ଯାଇ ରାତାରାତି ପ୍ରତ୍ୟାବର୍ତ୍ତନ କରିପାରୁଥିଲେ । ଏହି ଘାଟୀରେ ସୁରେନ୍ଦ୍ରଙ୍କ ଏକ ଗୁପ୍ତ ସୁଡଙ୍ଗ ପଥ ଓ ପଥର ଚୌକିଟିଏ ଏବେବି ରହିଛି ।

ଏଣେ ସମ୍ବଲପୁରରେ ଅବସ୍ଥାପିତ ଇଂରେଜସେନା ବାହିନୀର ଚିକିତ୍ସା ପାଇଁ କମିଶନର 'କକବର୍ଣ୍ଣ' ଡାକ୍ତର 'ମୁର୍' ଓ ଡାକ୍ତର ହନ୍‌ସନ୍ ନାମକ ଦୁଇଜଣ ଇଂରେଜ ଡାକ୍ତରଙ୍କୁ ବ୍ରହ୍ମପୁରରୁ ସମ୍ବଲପୁରକୁ ପ୍ରେରଣ କଲେ । ସେମାନେ ରାମପୁରରେ ପହଞ୍ଚି ବିପ୍ଳବୀମାନଙ୍କର ହାବୁଡରେ ପଡିଗଲେ । ସ୍ଥାନୀୟ ମଧୁଗୌନ୍ତିଆଙ୍କ ନିର୍ଦ୍ଦେଶରେ ବିପ୍ଳବୀମାନେ ତା ୧୮-୧୧-୧୮୫୭ରେ ଜଗୁମରା ନାମକ ସ୍ଥାନରେ ଡାକ୍ତର ମୁରଙ୍କୁ ଫାର୍ଶାଚୋଟରେ ହତ୍ୟା କଲେ । ଏହାପରେ ତା ୨୮-୧୨-୧୮୫୭ ଦିନ କେପ୍‌ଟେନ୍ ଉଡ୍ ଏକ ଅଶ୍ୱାରୋହୀ ସେନାବାହିନୀ ସହ ନାଗପୁରରୁ ସମ୍ବଲପୁର ଆସୁଥିଲାବେଳେ ସିଙ୍ଘୋଡା ଘାଟୀରେ ଜମିଦାର ମଧୁସିଂହଙ୍କ ସମ୍ମୁଖୀନ ହେଲେ । ମାତ୍ର କେହି କାହାରି ବିଶେଷ କ୍ଷତି କରି ପାରିଲେ ନାହିଁ । ସେମାନେ ତା ୨୯-୧୨-୧୮୫୭ ଦିନ ସମ୍ବଲପୁରରେ ପହଞ୍ଚିଲେ ଓ ତାପରଦିନ ଡିସେମ୍ବର ୩୦ ତାରିଖରେ ସୁରେନ୍ଦ୍ରଙ୍କ ଭାଇ ଛବିଲଙ୍କୁ କୁଦୋପାଲି ଯୁଦ୍ଧରେ ପଛପଟୁ ଗୁଳିକରି ହତ୍ୟାକଲେ । ଏହାର ସ୍ମୃତି ବହନ କରି ଗ୍ରାମ୍ୟ କୁମାରୀମାନେ ଗାଉଥିବା ବଉଳୀଗୀତଟି ଏହିପରି -'

ଉଠି ଉଠି ଉଠି ଉଠି
ଛବିଲବାବୁଙ୍କୁ ବାଜିଲା ଗୁଳି
କୁଦୋପାଲି ମଝାଖୁଣି

ଏହାପରେ ୧୮୫୮ ଜାନୁୟାରୀ ମାସରେ ଇଂରେଜ ସେନାପତି ସେକ୍ସ୍‌ପିଅର ଏକ ଅଶ୍ୱାରୋହୀ ସେନାବାହିନୀ ଧରି ସିଙ୍ଘୋଡାଘାଟୀ ଆକ୍ରମଣ କରି ୧୧ ଜଣ ଘେଁସ ସୈନ୍ୟଙ୍କୁ ନିହତ କଲେ । ଏହି ଯୁଦ୍ଧରେ ହାତୀ ସିଂହଙ୍କ ଛାତିରେ ଏକ ପଥର ଛିଟିକି ବାଜିବାରୁ ମୂର୍ଚ୍ଛିତ ହୋଇ ପଡିଥିଲେ । ଜାନୁୟାରୀ ୨୦ ତାରିଖ ଦିନ ବିପ୍ଳବ ଦମନ କରିବା ପାଇଁ 'କକବର୍ଣ୍ଣ' ସମ୍ବଲପୁରରେ ପହଞ୍ଚି କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲେ । ଫେବୃଆରୀ ୨ ତାରିଖଦିନ ପାହାଡ ଶ୍ରୀଗିଡା ଘାଟୀକୁ ଦଖଲ କରିବାକୁ ଯାଇ କେପ୍‌ଟେନ ଉଡବ୍ରିଜ ବିପ୍ଳବୀମାନଙ୍କ ଦ୍ୱାରା ନିହତ ହେଲେ । ଫେବୃଆରୀ ୧୪ ତାରିଖରେ ସରକାର ତାଙ୍କ ଶବ ଉଦ୍ଧାର କଲେ । ମାର୍ଚ୍ଚ ୨୯ ତାରିଖ ଦିନ କର୍ଣ୍ଣେଲ ଫ୍ରଷ୍ଟର ସମ୍ବଲପୁର ଆସି 'ଲେ'ଙ୍କଠାରୁ 'ଦାୟିତ୍ୱ ଗ୍ରହଣ କଲେ ଓ କଠୋର ଦମନ ଚଳେଇଲେ । ଘେଁସର ବୃଦ୍ଧ ଜମିଦାର ମଧୁସିଂହଙ୍କୁ ଫାଶୀଦେଲେ । ଖରସଲ ଦୁର୍ଗ ଅଧିକାର କରି ଜମିଦାର ଦିଆଲ ସରଦାରଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇଦେଲେ । ଭେଡେନ୍‌ର ବୃଦ୍ଧ ଜମିଦାର ମନୋହର ସିଂହଙ୍କୁ ଯୁଦ୍ଧରେ ପରାସ୍ତ କରି ହତ୍ୟାକଲେ । ଘେଁସର ବୈରୀସିଂହ ଧରାପଡି ଫାଶୀ ପାଇଲେ । ପାଟଣା ରାଜା ହୀରାବଜ୍ରଧରଙ୍କ ଚକ୍ରାନ୍ତ ଯୋଗୁଁ ସୁରେନ୍ଦ୍ରଙ୍କ ଭାଇ ଉଜ୍ଜଳସାଏ ଧରାପଡି ଫାଶୀ ପାଇଲେ । ଡାକ୍ତର ମୁରଙ୍କ ହତ୍ୟାକାରୀ ମଧୁଗୌନ୍ତିଆଙ୍କୁ ଧରାଇଦେଇ ରେଢାଖୋଲର ଜମିଦାର ପୁରସ୍କୃତ ହେଲେ । ପରେ ମଧୁ ଗୌନ୍ତିଆଙ୍କୁ ମଧ ଫାଶୀ ଦିଆଗଲା । ସେହିବର୍ଷ ନଭେମ୍ବର ୫ ତାରିଖରେ କୋଲାବୀରା ଆକ୍ରମଣ କରି ଗ୍ରାମଟିକୁ ଜାଳିପୋଡି ଧ୍ୱଂସ କରିଦେଲେ । ବୃଦ୍ଧ ଜମିଦାର କରୁଣାକର ନାୟକଙ୍କୁ ଫାଶୀ ଖୁଣ୍ଟରେ ଝୁଲାଇ ଦେଲେ । ସୁରେନ୍ଦ୍ରଙ୍କ ନିଜଗାଁ ଖିଣ୍ଡା ଗ୍ରାମଟିକୁ ମଧ ଜାଳିପୋଡି ପାଉଁଶ କରି ଦେଲେ । ଏହିପରି ଇଂରେଜମାନେ ଅମାନୁଷିକ ଦମନଲୀଳା ଚଳେଇଲେ । ଯାହାକୁ ସନ୍ଦେହ କଲେ ତାହାକୁ ଗୁଳି କଲେ କିମ୍ବା ଫାଶୀଦେଲେ । ଯେଉଁ ଗ୍ରାମକୁ ସନ୍ଦେହ କଲେ ସେହି ଗ୍ରାମରେ ଲଙ୍କାକାଣ୍ଡ ଘଟାଇଦେଲେ । ଜାଳିପୋଡି ଭସ୍ମୀଭୂତ କରିଦେଲେ । ଆବାଳ ବୃଦ୍ଧ ବନିତା ଯାହାକୁ ପାଇଲେ ହତ୍ୟା କଲେ । ଲୋକେ ପ୍ରାଣ ବିକଳରେ ସମ୍ବଲପୁର ଭୂଇଁ ଛାଡି ପଳାଇଲେ

ନିରୀହ ଜନସାଧାରଣଙ୍କୁ ଏ ଆସନ୍ନ ବିପଦରୁ ରକ୍ଷା କରିବା ପାଇଁ ସୁରେନ୍ଦ୍ର ଆତ୍ମସମର୍ପଣ କରିବାକୁ ବାଧ୍ୟ ହୋଇପଡିଲେ । କମଳସିଂହ ଓ କୁଞ୍ଜେଲସିଂହଙ୍କ ବାରଣ ସତ୍ତ୍ୱେ ସେ ୧୮୬୨ ମସିହା ମେ ୧୬ ତାରିଖରେ ଏକ ବର୍ଷଣମୁଖର ରଜନୀରେ ଆତ୍ମସମର୍ପଣ କଲେ । ମେଜର ଇମ୍ପେ ତାଙ୍କୁ ୬୦ ଟଙ୍କାର ଶାଲଖଣ୍ଡେ ଉପହାର ଦେଇ ତାଙ୍କ ସେନାବାହିନୀକୁ ସନ୍ତୋଷ କରିବା ପାଇଁ ୫୦୦ ଟଙ୍କା ପ୍ରଦାନ କଲେ । ସୁରେନ୍ଦ୍ର ଉକ୍ତ ଟଙ୍କା ସଙ୍ଗେ ସଙ୍ଗେ କମଳସିଂହଙ୍କ ପାହାଡିସେନାମାନଙ୍କ ପାଖକୁ ପଠାଇଦେଲେ । ସୁରେନ୍ଦ୍ରଙ୍କ ଆତ୍ମସମର୍ପଣ ପୂର୍ବରୁ ଜାନୁୟାରୀ ୧୮ ତାରିଖରୁ ଉଦନ୍ତ, ଧ୍ରୁବ, ହାତୀ ସିଂହ ଓ ସୁରେନ୍ଦ୍ରଙ୍କ ପୁତ୍ର ମିତ୍ରଭାନୁ ସାଏ ପ୍ରମୁଖ ଆତ୍ମସମର୍ପଣ କରି ସାରିଥିଲେ । ବିପ୍ଳବର ମୁଖ୍ୟନାୟକ ସୁରେନ୍ଦ୍ରଙ୍କ ଆତ୍ମସମର୍ପଣରେ ସାହାଯ୍ୟ କରିଥିବା ଲୋକନାଥ ପଣ୍ଡା ଓ ମୃତ୍ୟୁଞ୍ଜୟ ପାଣିଗ୍ରାହୀଙ୍କୁ ମଧ ପୁରସ୍କୃତ କରାଗଲା । ଏହିପରି ଦଣ୍ଡ ଭେଦନୀତି ଅନୁସରଣ କରି ଇଂରେଜ ସରକାର ସମ୍ବଲପୁର ବିପ୍ଳବକୁ

ଏକ ପ୍ରକାର ଦମନ କରି ଆଶ୍ୱସ୍ତି ବୋଧ କଲେ । ମାତ୍ର କମଳସିଂହ ଓ କୁଞ୍ଜେଳସିଂହ ଆତ୍ମସମର୍ପଣ କଲେ ନାହିଁକି ଇଂରେଜମାନଙ୍କ ଆଗରେ ମୁଣ୍ଡ ନୁଆଁଇଲେ ନାହିଁ ।

ଜନସାଧାରଣଙ୍କ ଅନିଚ୍ଛାସତ୍ତ୍ୱେ ସମ୍ବଲପୁରକୁ ମଧ୍ୟପ୍ରଦେଶର ଅନ୍ତର୍ଭୁକ୍ତ କରି ଦିଆଗଲା । ଫଳରେ ଜନଅସନ୍ତୋଷ କୁହୁଳି କୁହୁଳି ବିଦ୍ରୋହର ବହ୍ନି ପୁନର୍ବାର ଦପ୍‌ଦପ୍ ହୋଇ ଜଳିଉଠିଲା । ସମ୍ବଲପୁର ଇଲାକାର ସମସ୍ତ ଜମିଦାର, ଗୌନ୍ତିଆ ଓ ସଚେତନ ଜନସାଧାରଣଙ୍କର ଧାରଣା ହେଲା ଯେ ଇଂରେଜ ସରକାର ତାଙ୍କ ସହିତ ଏକ ପ୍ରକାର ଖେଳ ଖେଳୁଛନ୍ତି, ସୁରେନ୍ଦ୍ରଙ୍କ ବିନା ସମ୍ବଲପୁର ମାଟିର ଉନ୍ନତି ଅସମ୍ଭବ । ଏଣୁ ସମସ୍ତେ ମିଳିତ ଭାବରେ ସୁରେନ୍ଦ୍ରଙ୍କୁ ସମ୍ବଲପୁର 'ରାଜଗାଦୀ ଦିଆଯାଉ ଓ ଏହାକୁ ଏକ ସ୍ୱାଧୀନ ରାଜ୍ୟ ଘୋଷଣା କରାଯାଉ ବୋଲି ସରକାରଙ୍କୁ ଦାବୀପତ୍ର ଦେଲେ । ମଧ୍ୟପ୍ରଦେଶର ଚିଫ୍ କମିଶନର ସାର୍ ରିଚାର୍ଡ ଟେମ୍ପଲ୍ ଏହାର ତଦନ୍ତ ପାଇଁ ସମ୍ବଲପୁର ଆସିଲେ । ତଦନ୍ତ ପରେ ତାଙ୍କର ହୃଦ୍‌ବୋଧ ହେଲା ଯେ ସୁରେନ୍ଦ୍ର ଲୋକଲୋଚନ ସମ୍ମୁଖରେ ଥିବା ପର୍ଯ୍ୟନ୍ତ ସମ୍ବଲପୁର ବିପ୍ଳବର ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ । ସୁରେନ୍ଦ୍ରଙ୍କୁ ଲୋକଲୋଚନର ଅନ୍ତରାଳରେ ରଖିବାକୁ ହେବ । ଏହାଭାବି ଇଂରେଜ ସରକାର ସୁରେନ୍ଦ୍ରଙ୍କୁ ବନ୍ଦୀ କରିବା ପାଇଁ ଭିତରେ ଭିତରେ ପ୍ରସ୍ତୁତ ହେଲେ । ମୋହନସିଂହ ନାମକ ଜଣେ ପୋଲିସ କର୍ମଚାରୀ ଓ ଦୟାନିଧି ମେହେର ନାମକ ଜଣେ ତନ୍ତୀର ଷଡଯନ୍ତ୍ର ଫଳରେ ୧୮୬୪ ମସିହା ଜାନୁୟାରୀ ୨୩ ତାରିଖ ଦିନ ରାତ୍ର ୧୦ ଘଣ୍ଟା ୩୦ ମିନିଟ୍ ସମୟରେ ସୁରେନ୍ଦ୍ର ତାଙ୍କ ବାସଭବନ ଖିଣ୍ଡାରେ ନିଦ୍ରିତାବସ୍ଥାରେ ପୁନର୍ବାର ବନ୍ଦୀ ହେଲେ । ସଙ୍ଗେ ସଙ୍ଗେ ଉଦନ୍ତ, ଧ୍ରୁବ, ମେଦିନୀ, ମିତ୍ରଭାନୁ, ଖଗେଶ୍ୱର ସିଂହ, ନୀଳାମ୍ବର ସିଂହ, ଲୋକନାଥ ପଣ୍ଡା, ମୃତ୍ୟୁଞ୍ଜୟ ପାଣିଗ୍ରାହୀ, ଧରଣୀଧର ମିଶ୍ର, ପ୍ରଭାକର ମଲ୍ଲିକ, ଜଗବନ୍ଧୁ ହୋତା, ପଦ୍ମନାଭ ଗୁରୁ ଓ ହାତୀ ସିଂହ ପ୍ରମୁଖଙ୍କୁ ବନ୍ଦୀ କରାଗଲା ଏବଂ ଭୀଷଣ ରାଜନୈତିକ ଚକ୍ରାନ୍ତକାରୀ ରୂପେ ଅବହିତ କରି ଆଜୀବନ ବନ୍ଦୀଭାବରେ ରାୟପୁର ଜେଲକୁ ପ୍ରେରଣ କରାଗଲା । ତା ୨୩-୧-୧୮୬୬ରେ ସୁରେନ୍ଦ୍ରସାଏ ପ୍ରମୁଖ ଅପିଲ କରି ନିର୍ଦ୍ଦୋଷରେ ଖଲାସ ହେଲେ । ମାତ୍ର ଇଂରେଜ ସରକାର ସେମାନଙ୍କୁ କୌଣସି ପ୍ରକାର ମୁକ୍ତ କରିବାକୁ ଚାହୁଁନଥିଲେ । ମହାବଳବାନ୍ ସିଂହକୁ ପିଞ୍ଜରା ମୁକ୍ତ କରି କିଏ ବା ନିଶ୍ଚିନ୍ତ ବୋଧ କରି ପାରିବ ? ତେଣୁ ତଥାକଥିତ ଭାରତରକ୍ଷା ଆଇନ୍ ବଳରେ ତାଙ୍କୁ ଏବଂ ତାଙ୍କ ସହଯୋଗୀମାନଙ୍କୁ ପୂର୍ବରୁ ପୁନର୍ବାର ବନ୍ଦୀକଲେ ଏବଂ ମଧ୍ୟପ୍ରଦେଶର ଅସୀରଗଡ ଜେଲକୁ ପ୍ରେରଣ କଲେ । ଉପଯୁକ୍ତ ଖାଦ୍ୟ ଓ ଚିକିତ୍ସାର ଅଭାବରୁ ସେଠାରେ ଦୃଷ୍ଟିଶକ୍ତି ହରାଇ ବସିଥିଲେ । ବହୁ ଲାଞ୍ଛନା ଓ ନିର୍ଯ୍ୟାତନା ମଧ୍ୟରେ ୧୮୮୪ ମସିହା ଫେବୃଆରୀ ୨୮ ତାରିଖରେ ଏହି ମହାନ ବୀରଙ୍କର ଜୀବନ ପ୍ରଦୀପ ଅସୀରଗଡର ଅନ୍ଧକାରାଚ୍ଛନ୍ନ ପ୍ରକୋଷ୍ଠ ମଧ୍ୟରେ ଚିରଦିନ ସକାଶେ ନିର୍ବାପିତ ହୋଇଗଲା ।

କେହି କେହି ସୁରେନ୍ଦ୍ରସାଏଙ୍କୁ ଜଣେ ରାଜ୍ୟଲିପ୍ସୁ ବିପ୍ଳବୀ ବୋଲି ଅବହିତ କରିଥାନ୍ତି । କିନ୍ତୁ ତା ନୁହେଁ । ସମ୍ବଲପୁର ମାଟିର ଆହ୍ୱାନରେ, ମା ମାଟିର ଡାକରାରେ ସେ ଏତେ ଉଦ୍‌ବୁଦ୍ଧ ହୋଇଯାଇଥିଲେ ଯେ ତାଙ୍କର ଲକ୍ଷ୍ୟ ଥିଲା ମାତୃଭୂମିର ସ୍ୱାଧୀନତା ।


ଏଣେ ଆତ୍ମସମର୍ପଣ କରିନଥିବା କୁଞ୍ଜେଳ ସିଂହଙ୍କୁ ପରେ ଆଜୀବନ ବନ୍ଦୀ ଭାବରେ ସମ୍ବଲପୁର ଜେଲରେ ରଖାଯାଇଥିଲା । ସେହିଠାରେ ତାଙ୍କର ଶେଷ ଜୀବନ ଅତିବାହିତ ହୋଇଥିଲା । ଏହାଙ୍କ ନାମ ଅନୁସାରେ ସମ୍ବଲପୁରର ଗୋଟିଏ ପଡାକୁ କୁଞ୍ଜେଳପଡା ନାମକରଣ କରାଯାଇଛି । ମାତ୍ର କମଳସିଂହ । ସେ ବାରପାହାଡ ପର୍ବତମାଳାରେ ଘୂର୍ଣ୍ଣିବାତ୍ୟାପରି ଘୂରିବୁଲୁଥିଲେ ଗୋଟିଏ ହସ୍ତରେ ଶାଣିତ ତରବାରୀ ଓ ଅନ୍ୟହସ୍ତରେ ବିଜୟ ପତାକାଧରି । ସତେ ଯେପରି ଜୀବନର କୌଣସି ମୁହୂର୍ତ୍ତରେ ହାର ମାନିବାକୁ ସେ ପ୍ରସ୍ତୁତ ନୁହନ୍ତି । ଏଣିକି ଇଂରେଜ ସରକାରଙ୍କର ମୁଣ୍ଡ ବ୍ୟଥାର ଏକମାତ୍ର କାରଣ ହେଲେ କମଳ ସିଂହ । କମଳସିଂହଙ୍କର ଶିରକମଳ ଯିଏ କାଟିଆଣି ଦେଖାଇବ ତାକୁ ଉପଯୁକ୍ତ ପୁରସ୍କାର ପ୍ରଦାନ କରାଯିବ ବୋଲି ସରକାର ଘୋଷଣା କଲେ। ତିନିଦିନ ଅନାହାରରେ ଚାଲି ଚାଲି କ୍ଳାନ୍ତ ଶ୍ରାନ୍ତ ହୋଇ ସମଲେଇଙ୍କ ଅଦୂରରେ ଏକ ଅଶ୍ୱତ୍ଥ ବୃକ୍ଷ ମୂଳରେ ନିଦ୍ରିତ ହୋଇ ପଡିଥିବା ଏହି ଅପରାଜିତ ବୀରଙ୍କ ମୁଣ୍ଡକାଟି ନେଇ ବରଡୋଳର ଜଣେ ବ୍ୟକ୍ତି ଇଂରେଜ ସରକାରଙ୍କୁ ଦେଖାଇ ବରଡୋଳ ଓ ତରାଜନୀ ଦୁଇଖଣ୍ଡ ଗାଁ ମାଫି ପାଇଥିଲେ । ପୂର୍ବରୁ ସୁରେନ୍ଦ୍ର ସାଏଙ୍କୁ ଧରାଇ ଦେଇ ଦୟାନିଧି ମେହେର ଆଠ ଶହଟଙ୍କା ଓ ତବଲା ଗ୍ରାମ ମାଫି ପାଇଥିଲେ । ଲଖନପୁର ଜମିଦାର ବଂଶର ଏହିପରି ପତନ ଘଟିଥିଲା ।

କମଳସିଂହଙ୍କର ମୁଣ୍ଡ କଟିଥିବା ସ୍ଥାନରେ ଏବେ ମୁଣ୍ଡକାଟି ନାମରେ ଏକ ଗ୍ରାମ ମୁଣ୍ଡ ଟେକି ଉଠିଛି । କମଳ ସିଂହଙ୍କର ମୁଣ୍ଡ ବିହୀନ ଦେହଟାକୁ ଇଂରେଜମାନେ ଲଖନପୁର ଗ୍ରାମ ମୁଣ୍ଡରେ ଥିବା ଏକ ପିପ୍‌ପଳ ଗଛରେ ବାନ୍ଧି ଝୁଲାଇ ଦେଇଥିଲେ । ଲଖନପୁରର ଗ୍ରାମ, ବିଲ, ବନ ପ୍ରାନ୍ତରରେ ବହୁଦିନ ପର୍ଯ୍ୟନ୍ତ ଏକ ମୁଣ୍ଡ ବୀହୀନ ଦେବତା ବୁଲୁଥିବାର କିମ୍ବଦନ୍ତୀ ଏବେବି ଏହି ଗ୍ରାମରେ ବଞ୍ଚିରହିଛି । କମଳସିଂହ ଆଜି ନାହାନ୍ତି ସତ, ମାତ୍ର ତାଙ୍କର ଶୌର୍ଯ୍ୟ ଲଖନପୁର, ଡେବ୍ରିଗଡ ବାଉଁଶଖଲା ଏପରିକି ବାରପାହାଡ ପର୍ବତମାଳାର ପ୍ରତ୍ୟେକ ଧୂଳିମାଟିରେ ମିଶି ରହିଛି । ଲଖନପୁର ହାଇସ୍କୁଲ କମଳସିଂହଙ୍କ ନାମରେ ନାମିତ ହୋଇଛି । ଇଂରେଜ ସରକାରଙ୍କ ଦୃଷ୍ଟିରେ ଅପରାଧୀ ଘୋଷିତ ଏହି କମଳସିଂହ ଦାଉଙ୍କର ଏକ ଅଶ୍ୱାରୋହୀ ପ୍ରତିମୂର୍ତ୍ତି ଲଖନପୁର ଗ୍ରାମରେ ପ୍ରତିଷ୍ଠା କରାଯାଇଛି ।

ଗ୍ରା/ପୋ - ଉଇମ, ଭାୟା, ଡୁଙ୍ଗୁରୀ ଚୁନ ପଥରଖଣି
ଜିଲ୍ଲା - ବରଗଡ, ପି.ନ୍ - ୭୬୮୦୫୨



ଖୋର୍ଦ୍ଧା ଜିଲ୍ଲାର ଚନ୍ଦ୍ରଶେଖର ଠାରେ ଆସନ୍ତା ୧୯୯୮ ମସିହା ଜାନୁଆରୀ ମାସ ୪ ତାରିଖରୁ ୧୦ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ତ୍ରୟୋଦଶ ଜାତୀୟ ସ୍କାଉଟ୍ ଓ ଗାଇଡ୍ ଜାମ୍ବୋରି ପାଇଁ ସଚିବାଳୟସ୍ଥ ତୃତୀୟ ମହଲା ସମ୍ମିଳନୀ କକ୍ଷରେ ଆୟୋଜିତ ପ୍ରସ୍ତୁତି ବୈଠକରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଅଧ୍ୟକ୍ଷତା କରୁଛନ୍ତି ।



ଡାଙ୍ଗିବାଡ଼ିଠାରେ ଆୟୋଜିତ ଏକ ସାଧାରଣ ସଭାରେ ଉଦ୍‌ବୋଧନ ଦେଇସାରି, ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଭୂମିହୀନମାନଙ୍କୁ ଜମିପଟ୍ଟା ପ୍ରଦାନ କରୁଛନ୍ତି



ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ତାଙ୍କ ସରକାରୀ ବାସ ଭବନରେ ଶ୍ରୀ ପ୍ରଣବ ପଟ୍ଟନାୟକଙ୍କ 'ବନ୍ଦନା' କ୍ୟାସେଟ୍ ଓ ଶ୍ରୀ ଜଗନ୍ନାଥ ମଲ୍ଲିକଙ୍କ 'କୃଷ୍ଣସ୍ତୁ ଭଗବାନ ସ୍ୱୟମ୍' ପୁସ୍ତକ ଉନ୍ମୋଚନ କରୁଛନ୍ତି



ସୂଚନା ଭବନଠାରେ ଆୟୋଜିତ ଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ




କାଳିଗୁଡ଼ାଠାରେ ଆୟୋଜିତ ଜଗନ୍ନାଥ ଜ୍ୟୋତି ସମ୍ବର୍ଦ୍ଧନା ଉତ୍ସବର ଭଜନ ସମାରୋହରେ
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ, ମନ୍ତ୍ରୀ ଶ୍ରୀ ନାଗାର୍ଜୁନ ପ୍ରଧାନ ଓ ସାଂସଦ ଶ୍ରୀ ମୃତ୍ୟୁଞ୍ଜୟ ନାୟକ



ସୂଚନା ଭବନଠାରେ ଆୟୋଜିତ ଏକ ଉତ୍ସବରେ ଯୋଜନାବୋର୍ଡ ଅଧ୍ୟକ୍ଷା ଶ୍ରୀମତୀ ନନ୍ଦିନୀ ଶତପଥୀ ଶିଶୁ ସାହିତ୍ୟ ପତ୍ରିକା
ଉନ୍ମୋଚନ କରୁଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ଶାସନ ସଚିବ ଶ୍ରୀ ପ୍ରସନ୍ନ କୁମାର ହୋତା ଉପସ୍ଥିତ ଅଛନ୍ତି



କଲିକତାଠାରେ ଅବସ୍ଥାପିତ ଜାପାନର କନ୍‌ସଲ୍ ଜେନେରାଲ ମିଃ ନୋବୋରୋ କାଡ୍ରାଗିସ୍
ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟନାୟକଙ୍କୁ ତାଙ୍କ ସଚିବାଳୟ ପ୍ରକୋଷ୍ଠରେ ସୌଜନ୍ୟମୂଳକ ସାକ୍ଷାତ କରୁଛନ୍ତି




ଜାତୀୟ ସାମ୍ବାଦିକ ଦିବସ ପାଳନ ଅବସରରେ ଆୟୋଜିତ ଏକ ଖବର କାଗଜ ପ୍ରଦର୍ଶନୀକୁ
ସୂଚନା ଓ ଲୋକ ସମ୍ପର୍କ ବିଭାଗ ନର୍ଦ୍ଦେଶକ ଶ୍ରୀ ନରେନ୍ଦ୍ର କୁମାର ମିଶ୍ର ବୁଲି ଦେଖୁଛନ୍ତି

# ଅହିଂସ ସ୍ୱାଧୀନତା ସଂଗ୍ରାମ

ଶ୍ରୀ ଆକୁଳାନନ୍ଦ ବେହେରା

୧୯୨୯ ମସିହା ଡିସେମ୍ବର ମାସ ୩୧ ତାରିଖ ଲାହୋର କଂଗ୍ରେସ ଅଧିବେଶନରେ ଭାରତର ପୂର୍ଣ୍ଣସ୍ୱରାଜ ଲକ୍ଷ୍ୟ ପ୍ରସ୍ତାବ ଗୃହୀତ ହେଲା ଏବଂ ୧୯୩୦ ଜାନୁଆରୀ ୨୬ ତାରିଖକୁ ସାରା ଭାରତବର୍ଷରେ ସ୍ୱାଧୀନତା ଦିବସ ରୂପେ ପାଳନ କରିବାକୁ ଦେଶବାସୀଙ୍କୁ କଂଗ୍ରେସ ତରଫରୁ ଡାକରା ଦିଆଗଲା । ସ୍ୱାଧୀନତା ପ୍ରାପ୍ତିରେ ତ୍ରିରଙ୍ଗା ଜାତୀୟ ପତାକାରେ ଚକ୍ର ଚିହ୍ନ ରହିଛି । କିନ୍ତୁ ସ୍ୱାଧୀନତା ସଂଗ୍ରାମ ବେଳେ ଭାରତୀୟ ଜାତୀୟ କଂଗ୍ରେସର ପତାକାକୁ ଜାତୀୟ ପତାକା ବୋଲି କୁହାଯାଉଥିଲା । ସେତେବେଳେ ତ୍ରିରଙ୍ଗ ପତାକାର ମଧ୍ୟ ଭାଗରେ ଅରଟଚକ୍ର ଚିହ୍ନ ରହୁଥିଲା ।

ପାଣି ଆଉ ପବନ ପ୍ରକୃତିଦତ୍ତ । ସମୁଦ୍ରର ଲୁଣି ପାଣିରୁ ଆମ ଦେଶ ଲୋକେ ଯେଉଁ ଲୁଣ ଆମଦାନୀ କରୁଥିଲେ, ତା ଉପରେ ବ୍ରିଟିଶ ସରକାର ଟିକସ ବସାଇଲେ । ସେତେବେଳକୁ ମହାତ୍ମାଗାନ୍ଧୀ କଂଗ୍ରେସର ନେତୃତ୍ୱ ନେଇସାରିଥାନ୍ତି । ଏହି ପ୍ରକୃତିଦତ୍ତ ଲୁଣ ଆମଦାନୀ ଉପରେ ଟିକସ ବସାଇବା ଘୋର ଅନ୍ୟାୟ ବୋଲି, ସେହି ଲବଣ ଆଇନକୁ ପହିଲେ ଅମାନ୍ୟ କରିବାକୁ ଦେଶବାସୀଙ୍କୁ ସେ କଂଗ୍ରେସ ତରଫରୁ ଡାକରା ଦେଲେ ଓ ବ୍ରିଟିଶ ସରକାରଙ୍କୁ ନୋଟିସ ଦ୍ୱାରା ଜଣାଇଦେଲେ । ଗୁଜରାଟ ପ୍ରଦେଶର ସମୁଦ୍ରତଟ ଡାଣ୍ଡିଠାରେ ଲବଣ ଆଇନ ଅମାନ୍ୟ ସତ୍ୟାଗ୍ରହ କରାଯିବ ୧୯୩୦ ଏପ୍ରିଲ ୧୩ ତାରିଖ ଦିନ ବୋଲି ବ୍ରିଟିଶ ସରକାରଙ୍କୁ ମଧ୍ୟ ଜଣାଇଦେଲେ । ଏହାଛଡ଼ା ସମଗ୍ର ଦେଶରେ ନିଜ ନିଜ ପ୍ରଦେଶରେ ଯେଉଁଠି ଲୁଣମରା ସୁବିଧା ଅଛି ସେଠି ଲବଣ ଆଇନ ଅମାନ୍ୟ ସତ୍ୟାଗ୍ରହ କରିବାକୁ ଡାକରା ଦେଲେ ।

ଓଡ଼ିଶାର ବାଲେଶ୍ୱର ଜିଲ୍ଲା ସଦର ସବ୍‌ଡିଭିଜନ, ସଦରଥାନା ଇଞ୍ଚୁଡି ଗ୍ରାମ ସମୁଦ୍ର ଉପକୂଳରେ ଅବସ୍ଥିତ । ସେଇଠି ଉତ୍କଳ ପ୍ରାଦେଶିକ କଂଗ୍ରେସ କମିଟି ତରଫରୁ ଲୁଣମରା ସତ୍ୟାଗ୍ରହ କରାଯିବ ବୋଲି ସ୍ଥିର କରାଗଲା । ତଦନୁଯାୟୀ ପ୍ରଥମ ବ୍ୟାଚରେ ୩୦ ଜଣ ସତ୍ୟାଗ୍ରହୀଙ୍କୁ ଗୋପବନ୍ଧୁ ଚୌଧୁରୀ ଓ ଆଚାର୍ଯ୍ୟ ହରିହର ଦାଶଙ୍କ ନେତୃତ୍ୱରେ ପଠାଯିବ ବୋଲି ଘୋଷଣା କରାଗଲା ।

ପଣ୍ଡିତ ପ୍ରାଣକୃଷ୍ଣ ପଡ଼ିଆରୀଙ୍କ ନେତୃତ୍ୱରେ ଆମେ ଆଉ ୪ଜଣ ସତ୍ୟାଗ୍ରହୀ ସୁଦର୍ଶନ ପ୍ରହରାଜ, ନାରାୟଣ ପ୍ରସାଦ ଦାସ (ତିନ) ସାଇକେଲରେ ଏବଂ ମୁଁ ଏବଂ ସଦାଶିବ ଷଡଙ୍ଗୀ ପାଦରେ ଚାଲିଚାଲି ଅଗ୍ରଗାମୀ ଦଳରେ ଗଲୁ । ଏହି ଦଳର କାମ ହେଲା ଆମେ ପ୍ରଥମ ବ୍ୟାଚ୍ ଲବଣ ସତ୍ୟାଗ୍ରହୀଙ୍କ ରହିବା, ଖାଇବା, ସଭା କରିବା ବ୍ୟବସ୍ଥା ଇତ୍ୟାଦି କରିଯିବୁ । ପ୍ରଥମଦିନ ରହଣୀ ବହୁଗ୍ରାମ ପାଖ ଜମାଲପୁର । ସେଠି ପ୍ରମୁଖ କର୍ଣ୍ଣଧାର ଥିଲେ କୃଷ୍ଣବଲ୍ଲଭ ଘୋଷ ଓ ତାଙ୍କ ପରିବାର ଦ୍ୱିତୀୟ ଦିନ କେନ୍ଦୁପାଟଣା । ସେଠି ସେତେବେଳେ ଥାଏ ନିଖିଳ ଭାରତ ଚରଖା ସଂଘର ସୂତାକଟା ଓ ଲୁଗାବୁଣା କେନ୍ଦ୍ର । ପରିଚାଳକ ବଂଶୀଧର ମିଶ୍ର ଓ କଂଗ୍ରେସ ନେତା ଡାକ୍ତର ବ୍ରଜନାଥ ମିଶ୍ର ଇତ୍ୟାଦି । ଅସୁରେଶ୍ୱରଠାରେ ତୃତୀୟ ଦିନ ବ୍ରଜବାବୁ ଡାକ୍ତର ଓ ସ୍ଥାନୀୟ ଲୋକଙ୍କ ସହାୟତାରେ ବିରାଟ ଜନସମାବେଶ ହୋଇଥାଏ। ଲୋକଙ୍କ ଭିତରେ କି ଉତ୍ସାହ ଉନ୍ମାଦନା । ଏଇଠି ଗୋପବନ୍ଧୁ ଚୌଧୁରୀଙ୍କୁ ଗିରଫ କରାଗଲା । ତାପରେ ଆଚାର୍ଯ୍ୟ ହରିହର ଦାସ ପ୍ରଥମ ବ୍ୟାଚର ନେତୃତ୍ୱ ନେଲେ । ଏହାପରେ କେନ୍ଦ୍ରାପଡ଼ା ସହର, ଇନ୍ଦୁପୁର, ଚିଂଗୁଡ଼ିପୁର ରହଣୀପରେ ଯାଜପୁର ସହର ରହଣୀ ଓ ସଭାପରେ ଦସ୍ତପୋଟେ ସେତେବେଳର ଯାଜପୁର ରୋଡ ରେଳଷ୍ଟେସନ ଯାଇ ରାତ୍ରିଟ୍ରେନ୍‌ରେ ବାଲେଶ୍ୱର ପରିମିଟ କୋଠିରେ ଖୋଲିଥିବା କଂଗ୍ରେସ ଅଫିସରେ ୧୨ ତାରିଖ ରାତିରେ ପହଞ୍ଚିଥିଲେ ।

ପ୍ରଥମ ବ୍ୟାଚ୍ ସତ୍ୟାଗ୍ରହୀମାନେ ୧୩ ତାରିଖ ଏପ୍ରିଲ ସକାଳେ ପରମିଟ୍ କୋଠି ବା ବାଲେଶ୍ୱର ଜିଲ୍ଲା କଂଗ୍ରେସ ଅଫିସରୁ ବାହାରି ଇଞ୍ଚୁଡି ଅଭିମୁଖେ ପାଦରେ ଚାଲି ଚାଲି ଯାଇ ଥିଲେ । ବାଲେଶ୍ୱର ସହର ମୋତିଗଂଜ ଥାନା ଦେଇ ଯେତେବେଳେ ସତ୍ୟାଗ୍ରହୀମାନେ ଭାରତମାତାକୀ ଜୟ, ମହାତ୍ମାଗାନ୍ଧୀକି ଜୟ ଧ୍ୱନି ଦେଇ ଯାଉଥିଲେ, ସେତେବେଳେ ହଜାର ହଜାର ସଂଖ୍ୟାରେ ସାଧାରଣ ଲୋକ ରାସ୍ତାର ଦୁଇକଡ଼ରେ ଛିଡ଼ା ହୋଇ ଧ୍ୱନିରେ ସେମାନଙ୍କ ଧ୍ୱନି ମିଳାଉଥିଲେ ଓ ସତ୍ୟାଗ୍ରହୀଙ୍କ ଉପରେ ଫୁଲ ପକାଉଥିଲେ । କଂଗ୍ରେସ କମିଟି ତରଫରୁ ସେଠାରେ ଲୁଣମରା ଆଇନ ଅମାନ୍ୟ ସତ୍ୟାଗ୍ରହ କରାଯିବ ବୋଲି

ଜିଲ୍ଲା ପ୍ରଶାସନ ଅଧିକାରୀଙ୍କୁ ପୂର୍ବରୁ ନୋଟିସ ଦିଆଯାଉଥିଲା । ସେଥିପାଇଁ ସତ୍ୟାଗ୍ରହୀମାନେ ପହଞ୍ଚିବାର ଆଗ ଦିନ ପୋଲିସ ଛାଉଣୀ ପକାଇ ସେଠି ମାଜିଷ୍ଟ୍ରେଟଙ୍କ ସହ ଉପସ୍ଥିତ ଥିଲେ । ସତ୍ୟାଗ୍ରହୀମାନେ ଲବଣ ପ୍ରସ୍ତୁତ କରିବା ମାତ୍ରେ ସେମାନଙ୍କୁ ଗିରଫ କରି ନିଆଗଲା । ବାଲେଶ୍ୱର ମାଜିଷ୍ଟ୍ରେଟ୍‌ଙ୍କ କୋର୍ଟର ବିନା ପ୍ରତିରୋଧରେ ସତ୍ୟାଗ୍ରହୀମାନଙ୍କୁ ଜେଲ ଓ ଜୋରିମାନା ଦଣ୍ଡରେ ଦଣ୍ଡିତ କରାଗଲା। ଲୋକ ଦେଖି ୬ ମାସରୁ ମାସେ ଏବଂ ଅର୍ଥ ଦଣ୍ଡ ୨୫ ଟଙ୍କାଠାରୁ ଏକଶହ ଟଙ୍କା ଯାଏ ମଧ୍ୟ କରାଯାଉଥାଏ । ଜୋରିମାନା ଅନାଦାୟ ଅଧିକା ଜେଲଦଣ୍ଡ ମାସେ ବା ୧୫ ଦିନ ଦେଉଥିଲେ । ଏହି ଆନ୍ଦୋଳନ ପ୍ରତି ଅଧିକାଂଶ ପୋଲିସ ଓ ସରକାରୀ ଅଫିସରମାନଙ୍କ ଆନ୍ତରିକ ସହାନୁଭୂତି ଥିଲେ ମଧ୍ୟ କେହି ତାହା ପ୍ରକାଶ କରୁନଥିଲେ ।

ଅଳ୍ପ କେତେକ ପୋଲିସ ଅଫିସରଙ୍କୁ ବାଦ୍ ଦେଲେ ଅଧିକାଂଶ ଏପରି ସହାନୁଭୂତିଶୀଳ ଥିଲେ ଯେ ଜୋରିମାନା ଆଦାୟ କରିବାକୁ ସତ୍ୟାଗ୍ରହୀଙ୍କ ଘରକୁ ଯିବା ପୂର୍ବରୁ ତାଙ୍କ ଯିବାକଥା ଖବର ଦେଉଥିଲେ । ଫଳରେ ସେମାନେ ଯାଇ ଫେରିଆସି ରିପୋର୍ଟ କରୁଥିଲେ ଯେ ତାଙ୍କ ଘର କୋରଖ କରି କିଛି ପାଇଲେ ନାହିଁ । କେବେ କେଉଁଠି କ୍ୱଚିତ ପୋଲିସ ଅଫିସର ଏହି କୋରଖ ପ୍ରକ୍ରିୟାରୁ କିଛି ଲାଭ ଉଠାଇବାକୁ ମଧ୍ୟ ଚେଷ୍ଟା କରୁଥିଲେ ।

ଏତେ ଅତ୍ୟାଚାର ସତ୍ତ୍ୱେ ଏ ଲୁଣମରା ସତ୍ୟାଗ୍ରହ ଏତେ ତୀବ୍ର ହେଲାଯେ ଓଡିଶାର ବିଭିନ୍ନ ଅଞ୍ଚଳରୁ ଦଳ ଦଳ ସତ୍ୟାଗ୍ରହୀ ବାଲେଶ୍ୱରଠାରେ ଜୁଟ ହେବାକୁ ଲାଗିଲେ । ସେତେବେଳର ଗଡଜାତ ଅଞ୍ଚଳ ମୟୂରଭଞ୍ଜ, କେଉଁଝର ଢେଙ୍କାନାଳ, ନୀଳଗିରି ଗଡ଼ଜାତର କେତେକ ସତ୍ୟାଗ୍ରହୀ ବାଲେଶ୍ୱରଠାରେ ଆସି ଠୁଳ ହେଲେ । ଫଳରେ ଇଞ୍ଚୁଡି ଛଡ଼ା ବାଲେଶ୍ୱର ଜିଲ୍ଲାର ହଳଦୀପଦା ଗୁଡ଼ଖାଇ, ସାର୍ଥା ଇତ୍ୟାଦି ସ୍ଥାନରେ ଲୁଣ ମରା କେନ୍ଦ୍ରମାନ ଖୋଲାଗଲା । କଟକ ଜିଲ୍ଲା କୁଜଙ୍ଗ, ବଟୁଆଠାରେ ଆଶ୍ରମ ବା କଂଗ୍ରେସ ଅଫିସ ଖୋଲାଯାଇ ବାଲିଆପାଟ-ଗଣ୍ଡିକିପୁର, ପାରାଦ୍ୱୀପଗଡ ଇତ୍ୟାଦି ଅଞ୍ଚଳରେ କଂଗ୍ରେସନେତା ନାରାୟଣବୀରବର ସାମନ୍ତଙ୍କ ନେତୃତ୍ୱରେ କେନ୍ଦ୍ରମାନ ଖୋଲାଗଲା । ବଟୁଆର ବୃନ୍ଦାବନ ପାତ୍ର ମଧ୍ୟ ସାମନ୍ତଙ୍କୁ ଏଥିରେ ସହାୟତା ଦେଇ ଥିଲେ । ଏହି ଆନ୍ଦୋଳନକୁ ଦବାଇବାକୁ ସେତେବେଳର କଟକ ସଦର ସବ୍‌ଡିଭିଜନ ଅଫିସର ଜଣେ ଦକ୍ଷ ପ୍ରଭାବଶାଳୀ ଅଫିସର ମାଧବଚନ୍ଦ୍ର ମିଶ୍ର କୁଜଙ୍ଗଠାରେ କିଛି ଦିନ କ୍ୟାମ୍ପ ପକାଇ ରହିଥିଲେ ।

କୁଜଙ୍ଗ ଅଞ୍ଚଳରେ ଲୁଣମରାର ପ୍ରଣାଳୀ ଶିଖାଇବାକୁ କଟକ ଜିଲ୍ଲାର ୩ ଜଣ ସତ୍ୟାଗ୍ରହୀ ନଟ୍ଟୁ ମୋହନ ମହାନ୍ତି (ମାହାଙ୍ଗା, ଗୋପାଳପୁର) ଶରତ ଚନ୍ଦ୍ର ମହାନ୍ତି (ପବିତ୍ରପଡା, କେନ୍ଦ୍ରାପଡ଼ା) ଓ ମୋତେ କଂଗ୍ରେସ ତରଫରୁ କୁଜଙ୍ଗ ପଠାଯାଉଥିଲା । ମାତ୍ର ଦୁଇସପ୍ତାହ ପରେ ବର୍ଷାଋତୁ ଆସି ଯିବାରୁ ଲୁଣମରା ବନ୍ଦ ହେଲା ।

ବର୍ଷାଋତୁ ପାଇଁ ଲୁଣମରା ସିନା ବନ୍ଦହେଲା, କିନ୍ତୁ ବିଦେଶୀ ବସ୍ତ୍ରବର୍ଜନ, ନିଶାନିବାରଣ ପାଇଁ ଗଞ୍ଜା, ଅଫିମ, ମଦଦୋକାନ ପିକେଟିଂ କରି ଶହ ଶହ କଂଗ୍ରେସ କର୍ମୀ ଓ ବାନରସେନାମାନେ ଜେଲବରଣ କଲେ, ବେତମାଡ ଖାଇଲେ ।

୧୯୩୧ ମାର୍ଚ୍ଚମାସରେ ଗାନ୍ଧୀ-ଇରୁଇନ ଚୁକ୍ତି ହେଲା । ଏହି ଚୁକ୍ତି ଫଳରେ ଲୁଣ ନିଜ ବ୍ୟବହାର ପାଇଁ ମାରିଲେ ଟିକସ ଦେବାକୁ ପଡିବ ନାହିଁ ବୋଲି ସରକାର ରାଜିହେଲେ । ଏହି ଚୁକ୍ତି ଫଳରେ ଗାନ୍ଧିଜୀଙ୍କର ଆନ୍ଦୋଳନ ସଫଳ ହେଲା । ବ୍ରିଟିଶ ସରକାର ମୁଣ୍ଡ ନୁଆଁଇଲେ । ଓଡ଼ିଶାର ବିଭିନ୍ନ ଜେଲରୁ ରାଜବନ୍ଦୀମାନେ ଖଲାସ ହେଲେ । ମୁଁ ୧୯୩୦ ଅଗଷ୍ଟମାସରେ ଆପତ୍ତିଜନକ ବ୍ରିଟିଶ ଶାସନ ବିରୋଧୀ ବକ୍ତୃତା ଦେବାହେତୁ ଦୁଇଟିଦଫାରେ ୨୫ଟଙ୍କା ଜୋରିମାନା ବା ୨୫ ଦିନ କରି ଦୁଇଟି ମକଦ୍ଦମାରେ ୫୦ ଦିନ ଜେଲଦଣ୍ଡ ପାଇଥିଲି । ସେଥିରୁ ଖଲାସ ହୋଇ କଟକ ଜେଲରୁ ଆସିବାପରେ ପୁନଶ୍ଚ ସେହି ୧୯୩୦ ନଭେମ୍ବର ୧୬ ତାରିଖରେ ଜବାହର ନେହେରୁ ଦିବସ ଶୋଭାଯାତ୍ରାର ପରିଚାଳନା ଓ ନଣ ବାଲି ସଭା କରିବା ହେତୁ ମତେ ଏବଂ ଗୁଣନିଧି ମହାନ୍ତି, ଗୁଣନିଧି ଦାସ, ବିନୋଦ କାନୁନ୍‌ଗୋ, ସୁରେନ୍ଦ୍ର ଦ୍ୱିବେଦୀ ଇତ୍ୟାଦି ୨୩ ଜଣଙ୍କୁ ୧୪୭ (ଦଙ୍ଗାରୋଳ) ଦଫାରେ ଗିରଫ କରାଯାଇ ୯ମାସ କରି ଜେଲଦଣ୍ଡ ମିଳିଥିଲା । ଗାନ୍ଧୀ-ଇରୁଇନ ଚୁକ୍ତିରେ ରାଜବନ୍ଦୀ ଖଲାସ ହେଲେ । ଆମେ ଯେଉଁମାନେ ୧୪୭ ଦଫାରେ ଗିରଫ ହୋଇ ୯ମାସ ଜେଲଦଣ୍ଡ ପାଇଥିଲୁ, ଆମକୁ ୭/୮ ଦିନ ପରେ ଖଲାସ କରାଗଲା ।

ଏଥର କିନ୍ତୁ ଆମେ ୯ ମାସ ଜେଲଦଣ୍ଡ ପାଇଥିବାରୁ ଆମକୁ ପାଟନା କ୍ୟାମ୍ପ ଜେଲକୁ ବଦଳି କରାଗଲା । ଆମେ କଟକ ଜେଲ, ପୁରୀ ଓ ବାଲେଶ୍ୱର ଜେଲର ୧୬୦ ଜଣ ବନ୍ଦୀ ଏକ ସ୍ୱତନ୍ତ୍ର ବନ୍ଦୀ ଟ୍ରେନ୍‌ରେ ପାଟନା ଜଙ୍କସନ ଦେଇ ଫୁଲୱାରୀ ସରିଫ ଗଲୁ । ସେହି ଷ୍ଟେସନରୁ ପାଟନା କ୍ୟାମ୍ପ ଜେଲ ଦିଶୁଥାଏ । ବୋଧହୁଏ ୫୦୦ଗଜ ଦୂରରେ ହେବ । ତାରବାଡ଼ ଜେଲ । ୫୦୦୦ ବନ୍ଦୀ ସେତେବେଳକୁ ସେଠିଥାନ୍ତି । ବୀରତ୍ୱର ସହ "Up up National flag - Down Down union Jack. Up with Nationalism - Down with British Imperialism Slogan ଦେଇ ଟମି Soldier ଙ୍କଠାରୁ ନିର୍ଘାତମାଡ ଖାଇ ଷ୍ଟେସନରୁ ଜେଲ ଫାଟକ ଯାଇଥିଲୁ । ବିହାରି ବନ୍ଦୀମାନଙ୍କ ତୁଳନାରେ ଆମକୁ ଜେଲ କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇ ନୂଆ Extension ଜେଲକୁ ପଠାଇ ଦେଇ ଆମର ଖାଇବା ଇତ୍ୟାଦିର ବେଶ ଯତ୍ନନେଇଥିଲେ ଓ ଆମ ସହିତ ଭଲ ବ୍ୟବହାର କରିଥିଲେ । ଜେଲ ପରିଚାଳକ ଥିଲେ ସିଂହଳୀ ମିଲିଟେରୀ ଅଫିସର ଜେ. ଏମ୍. ପାଟରା ।

ପ୍ଲଟ ନଂ ୨୨୯
ବାପୁଜୀ ନଗର, ଭୁବନେଶ୍ୱର

# ଗୁପ୍ତଧନ ପ୍ରସଙ୍ଗ ଓ ପ୍ରାଚୀନ ଅନୁଶାସନ

ଡଃ ସ୍ନିଗ୍ଧା ତ୍ରିପାଠୀ

ଅତି ପ୍ରାଚୀନ କାଳରୁ ଗୁପ୍ତଧନ ପ୍ରସଙ୍ଗ, ଧନୀ, ଦରିଦ୍ର, ଶିକ୍ଷିତ, ଅଶିକ୍ଷିତ, ଜାତି, ଧର୍ମ ନିର୍ବିଶେଷରେ ସମସ୍ତଙ୍କୁ ଆକର୍ଷଣ କରିଛି । ଏହାକୁ ଆଧାର କରି, କାଳକ୍ରମେ ଅସଂଖ୍ୟ କାହାଣୀ, ପ୍ରାଚୀନ ଭାରତୀୟ ସାହିତ୍ୟିକ ଉପକରଣରେ ସ୍ଥାନ ପାଇଛି । ବର୍ତ୍ତମାନ ଯୁଗରେ ମଧ୍ୟ, ଦେଶର ପ୍ରତ୍ୟେକ ଅଞ୍ଚଳରେ, ଘରେ, ଘରେ, ଶିଶୁ, କିଶୋର କିଶୋରୀମାନେ ବୟୋବୃଦ୍ଧଙ୍କଠାରୁ ଗୁପ୍ତଧନ ସମ୍ବନ୍ଧୀୟ ନାନା ଚିତ୍ତାକର୍ଷକ କାହାଣୀ ଶୁଣନ୍ତି । ଏହାଛଡା ପ୍ରାୟତଃ, ଦେଶର କୌଣସି ନା କୌଣସି ଅଞ୍ଚଳରେ, ଗ୍ରାମ ବା ସହରରେ, ଜମି ଚାଷ କରିବା ସମୟରେ ଅଥବା ବାସଗୃହର ମୂଳଭିତ୍ତି ଖୋଳିବା ସମୟରେ, ଲଙ୍ଗଳ ମୂନରେ ହେଉ, ଅଥବା କୋଦାଳରେ ହେଉ, ସୁନା, ରୂପାର ଅଳଙ୍କାର, ମୁଦ୍ରା ଆଦି ଧନ ରତ୍ନରେ ପୂର୍ଣ୍ଣ, ମାଟି ବା ଧାତୁ ନିର୍ମିତ ପାତ୍ର କେବେ କେବେ, ହଠାତ୍ ଲୋକଲୋଚନ ଗୋଚରକୁ ଚାଲିଆସେ । କେବେ କେବେ ଶୁଣାଯାଏ, କେହି ବ୍ୟକ୍ତିବିଶେଷ ହଠାତ୍ ଏପ୍ରକାର ଗୁପ୍ତଧନର ସନ୍ଧାନ ପାଇ ରାତାରାତି ଧନୀ ହୋଇଯାଇଛନ୍ତି ।

ତେବେ, ଏହି ଗୁପ୍ତଧନ କଣ ? ମାଟି ତଳେ ନିହିତ ବା ଗଚ୍ଛିତ ଧନରତ୍ନ, ଅଳଙ୍କାର ଏବଂ ଅନ୍ୟାନ୍ୟ ମହାର୍ଘ୍ୟ ସାମଗ୍ରୀ ଯାହାର ସ୍ୱତ୍ୱାଧିକାରୀ ବା ଦାବିଦାର ଅଜ୍ଞାତ । ଇଂରାଜୀରେ ଏହା Treasuretrove ନାମରେ ପରିଚିତ । ପ୍ରାଚୀନ ସଂସ୍କୃତ ଏବଂ ପ୍ରାକୃତ ଭାଷାର ସାହିତ୍ୟିକ ଉପକରଣ ତଥା ପୁରାଭିଲେଖରେ ଏହାକୁ 'ନିଧି' କୁହାଯାଇଛି । କେବେ କେବେ ଏହାକୁ 'ଅସ୍ୱାମିକ ଧନମ୍' ରୂପେ ବର୍ଣ୍ଣନା କରାଯାଇଛି । ଅର୍ଥାତ୍ ବେୱାରିସ୍ ସମ୍ପତ୍ତି । ପ୍ରାଚୀନ କାଳରେ ଧନ ରତ୍ନ ସଞ୍ଚୟ ପାଇଁ, ବର୍ତ୍ତମାନ ଯୁଗର ବ୍ୟାଙ୍କ ଇତ୍ୟାଦି ଭଳି ନିରାପଦ ବ୍ୟବସ୍ଥା ଅଭାବରେ, ଜନସାଧାରଣ ସାଧାରଣତଃ ଭୂଗର୍ଭରେ ମୂଲ୍ୟବାନ ସାମଗ୍ରୀ ପୋତି ରଖୁଥିଲେ । ଚୋରୀ, ଡକାୟତି, ଘରପୋଡି, ବନ୍ୟା ତଥା ଅସ୍ୱାଭାବିକ ରାଜନୈତିକ ପରିସ୍ଥିତି ଆଦି ବିପର୍ଯ୍ୟୟରୁ ରକ୍ଷା କରିବା ପାଇଁ, ଅନ୍ୟାନ୍ୟ ବ୍ୟବସ୍ଥା ତୁଳନାରେ ମାଟି ତଳେ ପୋତି ରଖିବାକୁ ହିଁ ଲୋକେ ଅଧିକ ନିରାପଦ ମନେ କରୁଥିଲେ । ପୋତା ହୋଇ ରଖାଯାଉଥିବା ଧନ ସମ୍ପତ୍ତି କହିଲେ, ପ୍ରଧାନତଃ ସୁନା, ରୂପା, ତମ୍ବା ଆଦି ମୂଲ୍ୟବାନ ଧାତୁରେ ନିର୍ମିତ ବିଭିନ୍ନ ଯୁଗର ପ୍ରଚଳିତ ମୁଦ୍ରା, ମୂଲ୍ୟବାନ ଧାତୁ ତଥା ରତ୍ନାଳଙ୍କାର, ଭୂସମ୍ପତ୍ତିରେ ସ୍ୱତ୍ୱାଧିକାର ସାବ୍ୟସ୍ତ କରୁଥିବା ରାଜକୀୟ ପ୍ରମାଣପତ୍ର ବା ତାମ୍ରଶାସନ ଏବଂ ଅନ୍ୟାନ୍ୟ ମୂଲ୍ୟବାନ ଉପକରଣ, ଯାହା ଦୀର୍ଘକାଳ ସଂରକ୍ଷଣଯୋଗ୍ୟ ବିବେଚିତ ହେଉଥିଲା ଏବଂ ଯାହାର ପ୍ରକୃତ ବା ଆଭ୍ୟନ୍ତରୀଣ ମୂଲ୍ୟ (Intrinsic value) ଅପରିବର୍ତ୍ତନୀୟ ରହୁଥିଲା । ସାଧାରଣତଃ, ମାଟି ପାତ୍ର କିମ୍ବା ତମ୍ବା, ପିତଳ ଆଦି ଧାତୁ ନିର୍ମିତ ପାତ୍ର ଏବଂ ପଥରରେ ନିର୍ମିତ ଆଧାରରେ ଏହି ସବୁ ଧନ-ରତ୍ନ ସଞ୍ଚିତ ଏବଂ ସଂରକ୍ଷିତ ହେଉଥିଲା। ବାସଗୃହର କୌଣସି ଏକ ସୁବିଧାଜନକ କୋଣରେ, ଅଥବା ଭୂସ୍ୱାମୀଙ୍କ କୃଷିକ୍ଷେତ୍ରର କୌଣସି ଏକ ସ୍ଥାନରେ ଧନ-ରତ୍ନ ପୂର୍ଣ୍ଣ ପାତ୍ରଟି ପୋତି ଦିଆଯାଉଥିଲା । କେବେ କେବେ, ପ୍ରୟୋଜନରେ ବ୍ୟବହାର ପାଇଁ, ପ୍ରୋଥିତ ଧନ-ରତ୍ନ ଯେପରି ସହଜରେ ଖୋଳି ତାହାରକୁ ଅଣାଯାଇ ପାରିବ, ସେଥିପାଇଁ ବାସଗୃହ ନିକଟସ୍ଥ କୌଣସି ବଡ ବୃକ୍ଷର ପାଦଦେଶରେ ମଧ୍ୟ ପୋତା ଯାଉଥିଲା, ଯେପରି ଦୀର୍ଘ ଦିନ ପରେ ମଧ୍ୟ ଗୁପ୍ତଧନ ରଖାଯାଇଥିବା ସ୍ଥାନଟି ସହଜରେ ଚିହ୍ନିତ କରାଯାଇପାରିବ । ସଞ୍ଚିତ ଧନର ଠିକଣା, ଗୃହସ୍ୱାମୀ ହିଁ କେବଳ ଜାଣୁଥିଲେ ଏବଂ ଅନ୍ୟମାନଙ୍କଠାରୁ ଗୋପନ ରଖାଯାଉଥିଲା । ପ୍ରାଚୀନ ଗଳ୍ପ-ନାଟକରେ ଗୁପ୍ତଧନ ସମ୍ବନ୍ଧୀୟ ଅସଂଖ୍ୟ ବର୍ଣ୍ଣନା ରହିଛି । ଭାସକୃତ 'ମୃଚ୍ଛକଟିକ'ରେ ସୂଚନା ମିଳେ, କେବଳ ଯେ ଚୋର-ଡକାୟତଙ୍କ ଉପଦ୍ରବରୁ ରକ୍ଷା କରିବା ପାଇଁ ଧନ-ରତ୍ନ ଭୂଗର୍ଭରେ ପୋତାଯାଏ ତା ନୁହେଁ, ରାଜାଙ୍କ ଦ୍ୱାରା ବାଜ୍ୟାପ୍ତ ହେବା ଭୟରେ ମଧ୍ୟ ଭୂଗର୍ଭରେ ଗୋପନରେ ରଖାଯାଏ । ଏଥିରେ ଆହୁରି ମଧ୍ୟ ଉଲ୍ଲେଖ ରହିଛି, ଚୋରମାନେ ଗୁପ୍ତଧନ ଥିବା ସ୍ଥାନଟି ଜାଣିବାର ବିଦ୍ୟା ହାସଲ କରୁଥିଲେ । ପାଲି, ପ୍ରାକୃତ ଭାଷାରେ ରଚିତ ସାହିତ୍ୟିକ ଉପକରଣରେ ଗୁପ୍ତଧନ ଭୂଗର୍ଭରେ ନିହିତ କରିବା ବିଷୟ ଆଧାରିତ ବହୁ ଚିତ୍ତାକର୍ଷକ ଗଳ୍ପ ରହିଛି । ନିଜ ଗୃହସୀମା ମଧ୍ୟରେ ପ୍ରୋଥିତ ନ କରି ଅନ୍ୟ ବ୍ୟକ୍ତି, ବିଶେଷତଃ, ସାଧୁ - ସନ୍ଥଙ୍କ ବାସସ୍ଥାନରେ ଧନ-ରତ୍ନ ପୋତି ରଖିବା ବିଷୟ କେତେକ ପ୍ରାଚୀନ ଗଳ୍ପରେ ଦେଖିବାକୁ ମିଳେ । ଏହାଦ୍ୱାରା

ଧନର ଅଧିକାରୀଙ୍କୁ ସନ୍ଦେହ କରିବାର ସମ୍ଭାବନା ନ ରହିବା ସଙ୍ଗେ ସଙ୍ଗେ ସାଧୁ-ସନ୍ଥଙ୍କ ବାସସ୍ଥାନରେ ଧନ-ରତ୍ନର ଅବସ୍ଥିତି ସମ୍ପର୍କରେ ସନ୍ଦେହର ଅବକାଶ ରହୁ ନଥିଲା କିମ୍ବା ଚୋରି ହେବାର ଭୟ ରହୁ ନଥିଲା । ଅସାମାଜିକ ଲୋକଙ୍କଠାରୁ ଧନ-ରତ୍ନ ସୁରକ୍ଷାର ଏହା ଏକ ଉତ୍କୃଷ୍ଟ ଉପାୟ ଥିଲା । କାଳକ୍ରମେ ଗୁପ୍ତଧନ ସମ୍ପର୍କରେ ଜନସାଧାରଣଙ୍କ ମନରେ ନାନା ଅନ୍ଧ ବିଶ୍ୱାସ ସୃଷ୍ଟି ହେବାର ଜଣାଯାଏ । ଭୂଗର୍ଭରୁ ଆକସ୍ମିକ ଆବିଷ୍କୃତ ଗଚ୍ଛିତ ଧନ ଯକ୍ଷ, ଭୂତ, ପ୍ରେତଙ୍କ ସମ୍ପତ୍ତି ବୋଲି ସାଧାରଣ ଲୋକଙ୍କ ମନରେ ଧାରଣା ଜାତ ହେବା ସଙ୍ଗେ ସଙ୍ଗେ ଏକ ପ୍ରକାର ଆତଙ୍କ ମଧ୍ୟ ସୃଷ୍ଟି ହେଲା । ଏହି 'ଯକ୍ଷ-ଧନ' ଆତ୍ମସାତ୍ କଲେ, ଆବିଷ୍କାରକ ତଥା ତାଙ୍କ ପରିବାର ପ୍ରତି ବିପଦର ସମ୍ଭାବନା ଆଶଙ୍କା କରି, କେବେ କେବେ ପୁନର୍ବାର ଉକ୍ତ ଧନ ଭୂଗର୍ଭରେ ପୋତା ହେଉଥିଲା ଏବଂ ପୋତା ହୋଇଥିବା ସ୍ଥାନଟି ମଧ୍ୟ କାଳକ୍ରମେ ବିସ୍ମୃତ ହେଉଥିଲା ।

ତେବେ, ଅନେକ କ୍ଷେତ୍ରରେ ଜଣାଯାଏ, ଗୁପ୍ତଧନ ଭୂଗର୍ଭରେ ଗଚ୍ଛିତ କରିଥିବା ବ୍ୟକ୍ତିଙ୍କ ହଠାତ୍ ମୃତ୍ୟୁ ହେଲେ, ପରିବାରର ଅନ୍ୟାନ୍ୟମାନେ ଉକ୍ତ ଧନ ସମ୍ପର୍କରେ ଅଜ୍ଞାତ ରହିବା ଫଳରେ, ଯୁଗ ଯୁଗ ଧରି ଏହା ଭୂଗର୍ଭରେ ହିଁ ରହିଯାଏ । ଯୁଦ୍ଧ ବିଗ୍ରହ ବା ଅନ୍ୟାନ୍ୟ ରାଜନୈତିକ ବିପର୍ଯ୍ୟୟ ହେଲେ ଲୋକେ ଭୟରେ ନିଜ ଦେଶ ଛାଡି ଅନ୍ୟ ରାଜ୍ୟକୁ ପଳାଇବା ସମୟରେ ନିଜ ନିଜ ଧନ ସମ୍ପତ୍ତି ସଙ୍ଗରେ ନେବାର ସମୟ ଓ ସୁଯୋଗ ପାଉନଥିଲେ କିମ୍ବା ଭୁଲକ୍ରମେ ଛାଡିଯାଉଥିଲେ, କିମ୍ବା ଦେଶରେ ଶାନ୍ତି ଶୃଙ୍ଖଳା ପ୍ରତିଷ୍ଠା ହେବା ପରେ ଦେଶକୁ ଫେରି ଆସିବା ଆଶାରେ ମାଟି ତଳେ ହିଁ ରଖି ଯାଉଥିଲେ । ତେବେ, ବହୁ କ୍ଷେତ୍ରରେ ଏ ପ୍ରକାର ଗୁପ୍ତଧନ ଅଜ୍ଞାତ, ଅନାବିଷ୍କୃତ ଅବସ୍ଥାରେ ହିଁ ରହି ଯାଉଥିଲା ଏବଂ ଏହାର ପ୍ରକୃତ ଅଧିକାରୀ ମଧ୍ୟ ଅଜ୍ଞାତ ରହି ଯାଉଥିଲେ । ଯୁଗେ ଯୁଗେ ଏ ପ୍ରକାର ଗୁପ୍ତଧନର ଆକସ୍ମିକ ଆବିଷ୍କାର ଏକ ଐତିହାସିକ ବୈଶିଷ୍ଟ୍ୟ । ବର୍ତ୍ତମାନ ଯୁଗର ଐତିହାସିକମାନେ ଏହାକୁ ବିଶେଷ ଗୁରୁତ୍ୱ ଦିଅନ୍ତି । ନାନା ପ୍ରାକୃତିକ କାରଣରୁ ମୃତ୍ତିକା କ୍ଷୟ ଫଳରେ କିମ୍ବା ଜମି ଚାଷ କରିବା ସମୟରେ, ଗୁପ୍ତଧନର ଆକସ୍ମିକ ଆବିଷ୍କାର ବହୁ ପ୍ରାଚୀନ ଯୁଗରୁ ହୋଇ ଆସୁଛି । ଅତୀତର ଏ ପ୍ରକାର ସ୍ୱତ୍ୱହୀନ, ଅଜ୍ଞାତ ଗୁପ୍ତଧନ, ଏହାର ସ୍ୱତ୍ୱ ବା ମାଲିକାନା ସମ୍ପର୍କରେ ପ୍ରାଚୀନ ଧାରଣା ଏବଂ ତତ୍‌ସମ୍ବନ୍ଧୀୟ ପ୍ରଚଳିତ ଅନୁଶାସନ କେବଳ ଓଡିଶା ନୁହେଁ, ସମଗ୍ର ଭାରତବର୍ଷର ଅତୀତ ଇତିହାସ ଓ ସଂସ୍କୃତି ପୁନରୁଦ୍ଧାରରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ବିଷୟ । ବିଶେଷତଃ, ଏହିସବୁ ଗଚ୍ଛିତ ଧନରେ ମିଳୁଥିବା ବିଭିନ୍ନ ଯୁଗର ବିଭିନ୍ନ ରାଜବଂଶୀୟ ପ୍ରଚଳିତ ମୂଲ୍ୟବାନ ଧାତୁମୁଦ୍ରା ତଥା ତାମ୍ରଶାସନଗୁଡିକରେ ସମଗ୍ର ଭାରତର ଏକ ପୂର୍ଣ୍ଣାଙ୍ଗ ଇତିହାସ ପୁନର୍ଗଠନରେ ସର୍ବାପେକ୍ଷା ଅଧିକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ରହିଛି । ଅବଶ୍ୟ, ଲୁପ୍ତ ଇତିହାସ ପୁନରୁଦ୍ଧାରରେ ଏଗୁଡିକର ଭୂମିକା ସମ୍ପର୍କରେ ଅନ୍ୟ ଏକ ସ୍ୱତନ୍ତ୍ର ପ୍ରବନ୍ଧର ଅବତାରଣା କରାଯାଇପାରେ । ଆଲୋଚ୍ୟ ପ୍ରବନ୍ଧରେ ଆକସ୍ମିକ ଭାବେ ଲୋକଲୋଚନ ଗୋଚରକୁ ଆସୁଥିବା ଭୂଗର୍ଭସ୍ଥ ଗଚ୍ଛିତ ଧନର ସ୍ୱତ୍ୱାଧିକାର ସମ୍ପର୍କରେ ପ୍ରାଚୀନ ଧାରଣା ଏବଂ ତତ୍‌ସମ୍ବନ୍ଧୀୟ ପ୍ରାଚୀନ ପ୍ରଚଳିତ ଅନୁଶାସନର ଅବତାରଣା କରାଯାଉଛି । ସ୍ୱତ୍ୱବିହୀନ ଅଜ୍ଞାତ ଗୁପ୍ତଧନର ସ୍ୱତ୍ୱାଧିକାରକୁ କେନ୍ଦ୍ରକରି ନାନା ଜଟିଳତା ସୃଷ୍ଟି ଆଶଙ୍କାରେ ପ୍ରାଚୀନ ଶାସକଗୋଷ୍ଠୀ ତଥା ସାମାଜିକ ନୀତି ନିୟମ ପ୍ରଣୟନକାରୀ ଅର୍ଥାତ୍ ସ୍ମୃତି ଶାସ୍ତ୍ରକାରମାନେ ସମସ୍ୟାର ସମାଧାନ ପାଇଁ ବିଭିନ୍ନ ନୀତି ପ୍ରଚଳନରେ ପଦକ୍ଷେପ ନେଇଥିଲେ ।

ଅବଶ୍ୟ, ବୈଦିକ ସାହିତ୍ୟରେ ଗୁପ୍ତଧନରେ ସ୍ୱତ୍ୱାଧିକାର ସମ୍ପର୍କୀୟ କୌଣସି ନୀତି ପ୍ରଚଳିତ ଥିବାର ସୂଚନା ମିଳେ ନାହିଁ । ତେବେ ରାମାୟଣ ତଥା ମହାଭାରତରେ ଗଚ୍ଛିତ ଧନ-ରତ୍ନର ଅଧିକାର ସମ୍ପର୍କରେ କିଛି କିଛି ପରୋକ୍ଷ ଆଭାସ ମିଳେ । ଏହି ଦୁଇ ମହାକାବ୍ୟରେ, ଭାରତୀୟ ବର୍ଣ୍ଣାଶ୍ରମ ଧର୍ମ ଅନୁଯାୟୀ, ସମାଜରେ ବ୍ରାହ୍ମଣମାନଙ୍କ ଶ୍ରେଷ୍ଠତ୍ୱ ସ୍ୱୀକୃତ । ଏଥି ସଙ୍ଗେ ସଙ୍ଗେ, କ୍ଷତ୍ରିୟ ଅର୍ଥାତ୍ ଶାସକ ଗୋଷ୍ଠୀଙ୍କ ଆଧ୍ୟାତ୍ମିକ ଗୁରୁ ରୂପେ ମଧ୍ୟ ବ୍ରାହ୍ମଣମାନେ ସ୍ୱୀକୃତ । ବ୍ରାହ୍ମଣମାନଙ୍କ ଆଧ୍ୟାତ୍ମିକ ଚର୍ଚ୍ଚା କ୍ଷତ୍ରିୟମାନଙ୍କୁ ଅକ୍ଷୟ, ସସାଗରା ଧରଣୀର ଅଧୀଶ୍ୱର କରାଇ ଧରଣୀକୁ ପତ୍ନୀ ସ୍ୱରୂପ ଉପଭୋଗ କରିବାରେ ସକ୍ଷମ କରେ । ରାମାୟଣରେ ଉଲ୍ଲେଖ ଅଛି -

'ନ ହି ତୁଲ୍ୟଂ ମହ୍ୟଂ ରାଜା ଦ୍ରବ୍ୟ ବିଶେଷତଃ ।
ବନ୍ଧୀ ରାଜା କ୍ଷତ୍ରିୟଣ ପୃଥିବ୍ୟାଃ ପତିବେଦତ ॥

ମହାଭାରତର ଅନୁଶାସନ ପର୍ବରେ ଉଲ୍ଲେଖ ରହିଛି, ପତି ଅଭାବରେ ନାରୀ ଯେପରି ଦେବରକୁ ବରଣ କରେ, ସେହିପରି ବ୍ରାହ୍ମଣ ଅଭାବରେ କ୍ଷତ୍ରିୟ ପୃଥିବୀକୁ ପତ୍ନୀ ରୂପେ ଗ୍ରହଣ କରିଥାଏ। ପୃଥିବୀ ଅର୍ଥାତ୍ ଭୂମି ଉପରେ କ୍ଷତ୍ରିୟର ଅଖଣ୍ଡ ପ୍ରଭୁତ୍ୱ ସମ୍ବନ୍ଧରେ ମହାକାବ୍ୟରୁ ଉକ୍ତ ସୂଚନା ସହ ଭୂଗର୍ଭରୁ ଆବିଷ୍କୃତ ଧନ-ରତ୍ନର ସ୍ୱତ୍ୱାଧିକାର ସମ୍ପର୍କରେ ମଧ୍ୟ ଆଭାସ ରହିଛି । ଅର୍ଥାତ୍ ଏ ପ୍ରକାର ଧନ-ରତ୍ନରେ ବା ଲୋଭନୀୟ ସମ୍ପଦରେ ପ୍ରଥମେ ବ୍ରାହ୍ମଣର ଏବଂ ବ୍ରାହ୍ମଣ ଅଭାବରେ କ୍ଷତ୍ରିୟ ବା ରାଜାହିଁ ସମ୍ପୂର୍ଣ୍ଣ ଅଧିକାରୀ । ପୃଥିବୀର ସୁରକ୍ଷା କ୍ଷତ୍ରିୟର ଧର୍ମ, କିନ୍ତୁ ଏହା କେବଳ ସମ୍ଭବ, ବ୍ରାହ୍ମଣର ଆଧ୍ୟାତ୍ମିକ ପୁଣ୍ୟ ବଳରେ । ପୃଥିବୀର ତ୍ରାଣକର୍ତ୍ତା କ୍ଷତ୍ରିୟ ଏବଂ କ୍ଷତ୍ରିୟର ତ୍ରାଣକର୍ତ୍ତା ବ୍ରାହ୍ମଣର ଆଧ୍ୟାତ୍ମିକତା-ଏହି ବିଶ୍ୱାସହିଁ ବ୍ରାହ୍ମଣକୁ ସମାଜରେ ଶ୍ରେଷ୍ଠ ଆସନର ଅଧିକାରୀ କରିଥିଲା ।

ପ୍ରାଚୀନ ସ୍ମୃତି ଶାସ୍ତ୍ରମାନଙ୍କରେ, ଏ ସମ୍ବନ୍ଧରେ ଆହୁରି ଦୃଢ ଧାରଣା ଦିଆଯାଇଛି । ବିଶେଷତଃ, ଗୁପ୍ତଧନର ସ୍ୱତ୍ୱାଧିକାର ପ୍ରସଙ୍ଗରେ ଉଲ୍ଲେଖ ଅଛି, ଯଦି କୌଣସି ବ୍ରାହ୍ମଣ ସ୍ୱତ୍ୱହୀନ ଗୁପ୍ତଧନ ବା 'ନିଧି'ର ଆବିଷ୍କାରକ ହୋଇଥାନ୍ତି, ତେବେ ସେଥିରେ ତାଙ୍କର ସମ୍ପୂର୍ଣ୍ଣ ଅଧିକାର ଥାଏ । ମନୁ, ଯାଜ୍ଞବଲ୍କ୍ୟ, ବିଷ୍ଣୁ, ନାରଦ ଆଦି ସ୍ମୃତିକାରମାନେ ବ୍ରାହ୍ମଣ ଆବିଷ୍କାରକଙ୍କ ପୂର୍ଣ୍ଣ ସ୍ୱତ୍ୱ ସପକ୍ଷରେ ମତ ପ୍ରକାଶ କରିଛନ୍ତି । ଆହୁରି ମଧ୍ୟ ସେମାନଙ୍କ ମତରେ, ଯଦି କୌଣସି ରାଜା ସ୍ୱୟଂ ଏ ପ୍ରକାର ଅଜ୍ଞାତ ଧନର ସନ୍ଧାନ ପାଇଥାନ୍ତି, ତେବେ ଏହାର ଅର୍ଦ୍ଧାଂଶ ବ୍ରାହ୍ମଣଙ୍କୁ ଦାନ

କରି ବାକୀ ଅର୍ଦ୍ଧଭାଗ ନିଜ ପାଇଁ ଅର୍ଥାତ୍ ରାଜକୋଷରେ ରଖିପାରନ୍ତି । ଏ ସମ୍ପର୍କରେ ମନୁଙ୍କ ଉକ୍ତି -

*ଯଂ ତୁ ପଶ୍ୟେନ୍ନିଧିଂ ରାଜା ପୁରାଣଂ ନିହିତଂ କ୍ଷିତୌ ।*
*ତସ୍ମାଦ୍ଦ୍ୱିଜେଭ୍ୟୋ ଦତ୍ତ୍ୱାର୍ଦ୍ଧମର୍ଦ୍ଧଂ କୋଷେ ପ୍ରବେଶୟେତ୍ ॥*

ଏହି ଶ୍ଳୋକରେ 'ପୁରାଣ' ଶବ୍ଦଟି ପ୍ରାଚୀନ ଯୁଗର ପ୍ରଚଳିତ ମୂଲ୍ୟବାନ ଧାତୁ ମୁଦ୍ରାକୁ ବୁଝାଏ । ଖ୍ରୀଷ୍ଟପୂର୍ବ ୩ୟ ଶତାବ୍ଦୀର ମୌର୍ଯ୍ୟଯୁଗୀୟ ଏବଂ ତତ୍‌ପୂର୍ବବର୍ତ୍ତୀ ସମୟର ପ୍ରଚଳିତ ରୌପ୍ୟ ଲାଞ୍ଛନ ମୁଦ୍ରାଗୁଡ଼ିକ ପ୍ରାଚୀନ ସାହିତ୍ୟିକ ଉପକରଣରେ 'ପୁରାଣ', 'ଧରଣ' ଏବଂ 'କାର୍ଷାପଣ' ନାମରେ ବର୍ଣ୍ଣିତ । ଏଠାରେ ସୂଚନା ଯୋଗ୍ୟ, ଏବେ ସୁଦ୍ଧା, ଓଡ଼ିଶା ତଥା ଭାରତର ନାନା ଅଞ୍ଚଳରେ ଏହି ରୌପ୍ୟ ଲାଞ୍ଛନ ମୁଦ୍ରା ଗଚ୍ଛିତ ଧନ ଆକାରରେ ପ୍ରଚୁର ପରିମାଣରେ ଭୂଗର୍ଭରୁ ଆବିଷ୍କୃତ ହେଉଛି । ସେଥିରୁ କିଛି ପରିମାଣ ବିଭିନ୍ନ ସଂଗ୍ରହାଳୟରେ ସଂରକ୍ଷିତ ଥିଲେ ମଧ୍ୟ, ଜନସାଧାରଣଙ୍କ ଅଜ୍ଞାନତା ବଶତଃ, ଅନେକାଂଶ ଗଚ୍ଛିତ ଧନ ତରଳାଇ ଅନ୍ୟାନ୍ୟ ସାମଗ୍ରୀରେ ରୂପାନ୍ତର କରିବା ଫଳରେ, ଏଗୁଡ଼ିକର ଐତିହାସିକ ମୂଲ୍ୟ ଚିରଦିନ ପାଇଁ ନଷ୍ଟ ହୋଇଯାଉଛି ।

ମନୁଙ୍କ ଉପରୋକ୍ତ ମତ ସପକ୍ଷରେ ଯାଜ୍ଞବଲ୍କ୍ୟ ସ୍ମୃତିରେ ମଧ୍ୟ ଅନୁରୂପ ଉକ୍ତି ସହ ଆହୁରି ମଧ୍ୟ ଉଲ୍ଲେଖ ରହିଛି -

*ରାଜା ଲବ୍ଧ୍ୱା ନିଧିଂ ଦଦ୍ୟାଦ୍ଦ୍ୱିଜେଭ୍ୟୋଽର୍ଦ୍ଧଂ ଦ୍ୱିଜଃ ପୁନଃ ।*
*ବିଦ୍ୱାନଶେଷମାଦଦ୍ୟାତ୍ ସର୍ବସ୍ୟ ପ୍ରଭୁର୍ଯତଃ ॥*

ଅର୍ଥାତ୍ ରାଜପ୍ରାପ୍ତ ଗୁପ୍ତଧନର ଅର୍ଦ୍ଧାଂଶ ବ୍ରାହ୍ମଣଙ୍କୁ ଦାନ କରିବା ଉଚିତ । ତେବେ, ଉକ୍ତ ବ୍ରାହ୍ମଣ ଯଦି ବିଦ୍ୱାନ ହୋଇଥାନ୍ତି, ସେ ସମସ୍ତ ଧନର ପୂର୍ଣ୍ଣ ଅଧିକାରୀ ହୋଇପାରିବେ, ଯେହେତୁ ବ୍ରାହ୍ମଣ ହିଁ ଶ୍ରେଷ୍ଠ ଏବଂ ସମସ୍ତଙ୍କ ପ୍ରଭୁ ।

କିନ୍ତୁ ବ୍ରାହ୍ମଣ ଏବଂ କ୍ଷତ୍ରିୟ ବ୍ୟତୀତ ଅନ୍ୟାନ୍ୟ ଜାତିର ଗୁପ୍ତଧନରେ ସ୍ୱତ୍ୱାଧିକାର ପ୍ରସଙ୍ଗରେ ସ୍ମୃତିକାରମାନଙ୍କ ମଧ୍ୟରେ ମତଭେଦ ଦେଖାଯାଏ ।

ବିଷ୍ଣୁ-ସ୍ମୃତିରେ କୁହାଯାଇଛି, ବୈଶ୍ୟ ବା ଶୂଦ୍ର ଜାତିର ବ୍ୟକ୍ତି ଗଚ୍ଛିତ ଧନର ସନ୍ଧାନ ପାଇଥିଲେ, ପ୍ରାପ୍ତ ଧନର ନିର୍ଦ୍ଦିଷ୍ଟ ପରିମାଣ ଅଂଶ ବ୍ରାହ୍ମଣ ଏବଂ ରାଜାଙ୍କୁ ଦାନ କରିବେ । ଗୌତମଙ୍କ ମତରେ, ଆବିଷ୍କୃତ ଧନର ଅଳ୍ପ କିଛି ଅଂଶ, ବୈଶ୍ୟ ବା ଶୂଦ୍ର ଆବିଷ୍କାରକ ନିଜ ପାଇଁ ରଖି ଅଧିକାଂଶ ରାଜାଙ୍କୁ ଅର୍ପଣ କରିବେ । ମନୁ, ଯାଜ୍ଞବଲ୍କ୍ୟ, ବଶିଷ୍ଠ ଆଦି ସ୍ମୃତିକାରଙ୍କ ମତରେ ଉକ୍ତ ଜାତିର ଆବିଷ୍କାରକ ଏକ -ଷଷ୍ଠାଂଶ ଧନର ଅଧିକାରୀ ହୋଇପାରିବେ । ଅବଶିଷ୍ଟ ଅଂଶରେ ବ୍ରାହ୍ମଣ ଏବଂ ରାଜାଙ୍କ ଅଧିକାର । ଏଠାରେ ଉଲ୍ଲେଖ୍ୟ, ସେ ଯୁଗରେ ଗଚ୍ଛିତ ଗୁପ୍ତଧନ ଲୋଭନୀୟ ସମ୍ପଦ ରୂପେ ପରିଗଣିତ ହେଉଥିବା ବେଳେ, ବର୍ତ୍ତମାନ ଆମେ ଏଗୁଡ଼ିକୁ ପ୍ରାଚୀନ ଇତିହାସ ଓ ସଂସ୍କୃତି ପୁନର୍ଗଠନ ପାଇଁ ମୂଲ୍ୟବାନ ଐତିହାସିକ ଉପାଦାନ ହିସାବରେ ଅଧିକ ଗୁରୁତ୍ୱ ଦେଉଥାଉଁ । ଅତୀତରେ ଆବିଷ୍କୃତ ଗୁପ୍ତଧନର ସଂରକ୍ଷଣ ପାଇଁ ସ୍ମୃତିକାରମାନେ କୌଣସି ନିୟମ ପ୍ରଣୟନ କରି ନଥିବା ହେତୁ ଏହି ମୂଲ୍ୟବାନ ଐତିହାସିକ ଉପକରଣ ସବୁ ବିପର୍ଯ୍ୟସ୍ତ ହେଉଥିବା ସ୍ୱାଭାବିକ । କେବଳ ସେ ଯୁଗରେ କାହିଁକି, ବର୍ତ୍ତମାନ ଯୁଗରେ ମଧ୍ୟ ଅନେକ ସମୟରେ ଦେଖାଯାଏ, ଇତିହାସ ଓ ସଂସ୍କୃତି ପ୍ରତି ସଚେତନ ନଥିବା ବ୍ୟକ୍ତି ପ୍ରାଚୀନ ଗୁପ୍ତଧନର ସନ୍ଧାନ ପାଇଲେ ତାହା ତରଳାଇ ନିଜ ପ୍ରୟୋଜନ ଅନୁଯାୟୀ ଅନ୍ୟାନ୍ୟ ଉପକରଣରେ ରୂପାନ୍ତରିତ କରନ୍ତି । ଫଳରେ ଏଗୁଡ଼ିକର ପ୍ରାଚୀନତା ତଥା ଐତିହାସିକ ମୂଲ୍ୟ ଚିରଦିନ ପାଇଁ ନଷ୍ଟ ହୋଇଯାଏ ।

ଖ୍ରୀଷ୍ଟପୂର୍ବ ପ୍ରାୟ ୪ର୍ଥ ଶତାବ୍ଦୀରେ କୌଟିଲ୍ୟ ତାଙ୍କ ପ୍ରଖ୍ୟାତ 'ଅର୍ଥଶାସ୍ତ୍ର'ରେ ଗଚ୍ଛିତ ନିଧି ପ୍ରସଙ୍ଗରେ ନାନାପ୍ରକାର ପ୍ରଚଳିତ ଆଇନକାନୁନ ଉଲ୍ଲେଖ କରିଯାଇଛନ୍ତି । ତନ୍ମଧ୍ୟରୁ ନିମ୍ନୋକ୍ତ କେତେକ ଅନ୍ୟତମ ।

(୧) ସ୍ୱତ୍ୱହୀନ ଗୁପ୍ତଧନ ରାଜାଙ୍କ ସମ୍ପତ୍ତି ବିବେଚିତ ହେବ ।

(୨) କୌଣସି ବ୍ୟକ୍ତି ରାଜାଙ୍କୁ ଗୁପ୍ତଧନ, ଅନାବିଷ୍କୃତ ଖଣି ଅଥବା ମୂଲ୍ୟବାନ ରତ୍ନ, ମଣି-ମାଣିକ୍ୟର ପ୍ରାପ୍ତି ସୂଚନା ଦେଲେ ପ୍ରାପ୍ତ ସମ୍ପଦର ଏକ-ଷଷ୍ଠାଂଶ ପୁରସ୍କାର ସ୍ୱରୂପ ଉକ୍ତ ବ୍ୟକ୍ତିଙ୍କ ପ୍ରାପ୍ୟ ବିବେଚିତ ହୁଏ ।

(୩) ତେବେ, ଏହି ସୂଚନା ଦେଉଥିବା ବ୍ୟକ୍ତି ଯଦି ରାଜକର୍ମଚାରୀ ହୋଇଥାନ୍ତି, ତାହେଲେ ତାଙ୍କ ପ୍ରାପ୍ୟ କେବଳ ଏକ-ଦ୍ୱାଦଶାଂଶ ହୋଇଥାଏ ।

(୪) ଆବିଷ୍କୃତ ଗୁପ୍ତଧନର ମୂଲ୍ୟ ଯଦି ୧୦୦ 'ପଣ'ଠାରୁ (ତତ୍‌କାଳୀନ ପ୍ରଚଳିତ ରୌପ୍ୟ ବା ତାମ୍ରମୁଦ୍ରା ଏବଂ ରୌପ୍ୟ ଓ ତାମ୍ରର ଅନ୍ୟତମ ମୌଳିକ ପରିମାପକୁ 'ପଣ' କୁହାଯାଉଥିଲା, ଅର୍ଥାତ୍ ଏହି ପରିମାପରେ ପ୍ରସ୍ତୁତ କରାଯାଉଥିବା ରୌପ୍ୟ ତଥା ତାମ୍ରମୁଦ୍ରା) ଅଧିକ ନିର୍ଦ୍ଧାରିତ ହେଲେ, ତାହା ସମୁଦାୟ ରାଜାଙ୍କ ପ୍ରାପ୍ୟ । କିନ୍ତୁ ୧୦୦ 'ପଣ' ପର୍ଯ୍ୟନ୍ତ ମୂଲ୍ୟ ନିର୍ଦ୍ଧାରିତ ହେଲେ, ଏହାର ଏକ-ଷଷ୍ଠାଂଶ ଅନୁସନ୍ଧାନକାରୀଙ୍କୁ ଦିଆଯାଏ ।

(୫) ଗୁପ୍ତଧନ ଯଦି କୌଣସି ବ୍ୟକ୍ତିବିଶେଷଙ୍କ ପୂର୍ବପୁରୁଷ ଦ୍ୱାରା ଗଚ୍ଛିତ ସମ୍ପତ୍ତି ବୋଲି ପ୍ରମାଣିତ ହୁଏ ତେବେ ତାହା ସମ୍ପୂର୍ଣ୍ଣ ରୂପେ ଉକ୍ତ ବ୍ୟକ୍ତିଙ୍କୁ ଫେରାଇ ଦିଆଯାଏ । କିନ୍ତୁ କୌଣସି ଅସାଧୁ ବ୍ୟକ୍ତି ଅସଦୁପାୟରେ ଉକ୍ତ ଧନ ଆତ୍ମସାତ୍ କରିବାକୁ ଯାଇ ଧରାପଡ଼ିଲେ, ଶାସ୍ତି ସ୍ୱରୂପ, ଉକ୍ତ ବ୍ୟକ୍ତିବିଶେଷଙ୍କଠାରୁ ୫୦୦ 'ପଣ' ଜରିମାନା ଆଦାୟ କରାଯିବା ଉଚିତ ।

ତେଣୁ ଦେଖାଯାଏ, କୌଟିଲ୍ୟ ପ୍ରଣୀତ ନିୟମାବଳୀ ଉପରୋକ୍ତ ସ୍ମୃତିକାରମାନଙ୍କଠାରୁ ସ୍ପଷ୍ଟତଃ ଭିନ୍ନ ଥିଲା । କାରଣ, ଏଥିରେ ଜାତିଭେଦ ପ୍ରଥା ଅନୁଯାୟୀ ଗୁପ୍ତଧନର ସ୍ୱତ୍ୱାଧିକାର ବିଚାର କରାଯାଇନାହିଁ । ଜାତି,ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଯୋଗ୍ୟ ଏବଂ ପ୍ରକୃତ ଅଧିକାରୀ

ସାବ୍ୟସ୍ତ କରିବା ପାଇଁ ଏହି ନିୟମାବଳୀ ପ୍ରଣୟନ କରାଯାଇଥିଲା । ଅବଶ୍ୟ, ନାରଦ ସ୍ମୃତିଶାସ୍ତ୍ରରେ କୌଟିଲ୍ୟଙ୍କ ଉକ୍ତ ନିୟମାବଳୀର ପ୍ରଭାବ କେତେକାଂଶରେ ପରିଲକ୍ଷିତ ହୁଏ । ଏହାଙ୍କ ମତରେ, ଯଦି କୌଣସି ବ୍ରାହ୍ମଣ ଗୁପ୍ତଧନ ପ୍ରାପ୍ତ ହୁଅନ୍ତି, ତେବେ ସେ ତତକ୍ଷଣାତ୍ ରାଜାଙ୍କୁ ଏ ବିଷୟରେ ସୂଚନା ଦେବା ଉଚିତ । ରାଜା ଯଦି ପୁରସ୍କାର ସ୍ୱରୂପ ଉକ୍ତ ଧନ ତାଙ୍କୁ ପ୍ରଦାନ କରନ୍ତି, ତେବେ ସେଥିରେ ସେ ସମ୍ପୂର୍ଣ୍ଣ ଅଧିକାରୀ । କିନ୍ତୁ ରାଜାଙ୍କ ଅଜ୍ଞାତରେ, ତାହା ଆତ୍ମସାତ୍ କଲେ ଉକ୍ତ ବ୍ରାହ୍ମଣ ତସ୍କର ବିବେଚିତ ହେବେ । ବ୍ରାହ୍ମଣେତର ଜାତିର କୌଣସି ବ୍ୟକ୍ତି ଗୁପ୍ତଧନ ପ୍ରାପ୍ତ ହେଲେ ରାଜା ବା ଶାସକ ସେ ସମସ୍ତ ଧନର ଅଧିକାରୀ ବିବେଚିତ ହୁଅନ୍ତି ।

ବୌଦ୍ଧ ସାହିତ୍ୟିକ ଉପକରଣରେ ଗୁପ୍ତଧନ ବା ସ୍ୱତ୍ୱହୀନ ଧନରତ୍ନ ବିଷୟରେ ଅନେକ ଉଲ୍ଲେଖ ଦେଖିବାକୁ ମିଳେ । ଅନେକ କ୍ଷେତ୍ରରେ ରାଜାହିଁ ଏ ପ୍ରକାର ଧନର ଅଧିକାରୀ ବୋଲି କୁହାଯାଇଛି । କେତେକ ଜାତକ ଗଳ୍ପରେ ରାଜା ନିଜେ କହୁଛନ୍ତି, ''ଅସ୍ୱାମିକ ଧନରେ ମୋର ହିଁ ଏକମାତ୍ର ଅଧିକାର ।''

ଅଧିକାଂଶ ପୁରାଭିଲେଖରେ ଅନ୍ୟାନ୍ୟ ପ୍ରସଙ୍ଗ ସହ ଗୁପ୍ତଧନର ସ୍ୱତ୍ୱ ସମ୍ବନ୍ଧୀୟ କେତେକ ସୂଚନା ମିଳେ । ବିଶେଷତଃ ରାଜବଂଶୀୟ ଦାନପତ୍ର ଅର୍ଥାତ୍ ତାମ୍ରଶାସନଗୁଡିକରେ ଏପ୍ରକାର ଧନରତ୍ନର ସ୍ୱତ୍ୱସମ୍ବନ୍ଧୀୟ ସ୍ପଷ୍ଟୀକରଣ ଏକ ଉଲ୍ଲେଖନୀୟ ବିଷୟ । ତାତ୍କାଳୀନ ରାଜ୍ୟର ଅର୍ଥନୈତିକ ଇତିହାସ ପୁନର୍ଗଠନରେ ମଧ୍ୟ ଏହାର ଉଲ୍ଲେଖନୀୟ ଭୂମିକା ରହିଛି । ତାମ୍ର ପଟାରେ ଉତ୍କୀର୍ଣ୍ଣ, ଜମିଜମା କ୍ରୟ ବିକ୍ରୟ ସଂକ୍ରାନ୍ତୀୟ ଦଲିଲ ଦସ୍ତାବିଜ ତଥା ଦାନପତ୍ରଗୁଡିକରେ ଭୂଗର୍ଭସ୍ଥ ଗଚ୍ଛିତ ଧନ-ରତ୍ନକୁ 'ନିଧି' କୁହାଯାଇଛି । ଭୂମିଦାନ ସମୟରେ ଭୂମି ସହ ସଂପୃକ୍ତ ଯାବତୀୟ ସ୍ୱତ୍ୱ, ଶାସକ ଦାନଗ୍ରହୀତାଙ୍କୁ ହସ୍ତାନ୍ତର କରୁଥିଲେ । ଭୂମି କ୍ରୟ ବିକ୍ରୟ ସମୟରେ ଅନୁରୂପ ପ୍ରଥା ଅନୁସୃତ ହେଉଥିଲା । ତାମ୍ର ଶାସନ-ଗୁଡିକରେ ଏହିପରି ଉଲ୍ଲେଖ ଥାଏ - ''ସନିଧ୍ୟୁପନିଧି - ସଜଳ-ସ୍ଥଳ-ସବିଟପାରଣ୍ୟ-ନଦୀ-ତରସ୍ଥାନାଦି - ସମତ୍ସ-କଚ୍ଛପ'' ଇତ୍ୟାଦି, ଅର୍ଥାତ୍ ଦତ୍ତ ଭୂମି ସହ ସମ୍ପୃକ୍ତ ସମସ୍ତ ପ୍ରକାର ସ୍ଥାବର, ଅସ୍ଥାବର, ଜୈବ ଏବଂ ଅଜୈବ ପଦାର୍ଥ ସହ ଭୂମିଦାନ ଅଥବା କ୍ରୟ-ବିକ୍ରୟ ଘୋଷଣା କରାଯାଉଥିଲା । 'ନିଧି' ଭୂଗର୍ଭସ୍ଥ ଗଚ୍ଛିତ ଧନକୁ ବୁଝାଉଥିବାବେଳେ, 'ଉପନିଧି', ସାଧାରଣତଃ ଭୂମି ଉପରେ ଜମା ହୋଇଥିବା କୌଣସି ମୂଲ୍ୟବାନ ଧାତୁକୁ ବୁଝାଏ । ପ୍ରଦତ୍ତ ଭୂଗର୍ଭରୁ କୌଣସି ଗୁପ୍ତ ସଞ୍ଚିତ ଧନରାଶି ଭବିଷ୍ୟତରେ ଆବିଷ୍କୃତ ହେଲେ ତାହା ଭୂମିର ଅଧିକାରୀଙ୍କୁ ପ୍ରାପ୍ୟ, ଏହି ଅର୍ଥରେ ପ୍ରଦତ୍ତ ତାମ୍ରଶାସନରେ ସ୍ପଷ୍ଟତଃ ନିର୍ଦ୍ଦେଶ ଦିଆଯାଇଥାଏ । ଉଭୟ କରଯୁକ୍ତ ତଥା ନିଷ୍କର ଭୂମିଦାନ-ଶାସନରେ ଏହି ପ୍ରକାର ନିଧି-ଉପନିଧି ଏବଂ ଅନ୍ୟାନ୍ୟ ସ୍ଥାବର-ଅସ୍ଥାବର ସମ୍ପତ୍ତିର ସ୍ୱତ୍ୱ ହସ୍ତାନ୍ତରର ଉଲ୍ଲେଖ ଥାଏ । କେତେକ ତାମ୍ରଶାସନରେ 'ଅଷ୍ଟଭୋଗତେଜଃ ସ୍ୱାମ୍ୟ'ର ଉଲ୍ଲେଖ ଦେଖାଯାଏ । ଅର୍ଥାତ୍ ପ୍ରଦତ୍ତ ଭୂମି ସମେତ ଆଠ ପ୍ରକାର ସ୍ୱତ୍ୱ ଦାନଗ୍ରହୀତାଙ୍କୁ ହସ୍ତାନ୍ତରୀକରଣର ଉଲ୍ଲେଖ, ଯଥା- (୧) ପ୍ରଦତ୍ତ ଭୂଗର୍ଭସ୍ଥ ଗୁପ୍ତଧନ, (୨) ଭୂମିର ଉପରି ଭାଗରେ ଅଥବା ଭୂଗର୍ଭସ୍ଥ ମୂଲ୍ୟବାନ ଖଣିଜ ପଦାର୍ଥ, (୩) ଉକ୍ତ ଭୂମିରେ ଖୋଳା ଯାଇଥିବା ଜଳଭଣ୍ଡାର ବା ପ୍ରାକୃତିକ ଜଳାଶୟ, ନଦୀ, ନାଳ ଇତ୍ୟାଦିରେ ଥିବା ଜଳର ଉପଯୋଗ ତଥା ମାଛ ମାରିବା ଅଧିକାର, (୪) ଖଣିମାନଙ୍କରେ ଅଧିକାର, (୫) ଜମିର ପ୍ରକୃତ ଆୟ, (୬) ଜମିରୁ ଭବିଷ୍ୟତରେ ଯାବତୀୟ ଆୟ ଅଧିକାର, (୭) ଭୂମି ଉପରିସ୍ଥ କୃଷିକ୍ଷେତ୍ରଗୁଡିକରୁ ଆୟ ଏବଂ (୮) ଅନାବାଦୀ ଜମି ଭବିଷ୍ୟତରେ ଆବାଦ ହେବା ପରେ ତହିଁରୁ ଆୟ ଅଧିକାର । ଆପାତ ଦୃଷ୍ଟିରେ ଏହି ଆଠପ୍ରକାର ଅଧିକାର ଶାସକ ଭୂମିଦାନ ସହ ହସ୍ତାନ୍ତର କରୁଥିଲେ ମଧ୍ୟ ରାଜାଙ୍କ ପ୍ରାପ୍ୟ କର-ଭାଗ ବଳବତ୍ତର ରହୁଥିଲା । ସାଧାରଣତଃ, ସ୍ମୃତିଶାସ୍ତ୍ର ନିର୍ଦ୍ଦେଶିତ ଆଇନ-କାନୁନ ଶାସକଗୋଷ୍ଠୀ ଦ୍ୱାରା ଅନୁସୃତ ହେଉଥିବାରୁ ଭୂମିଜାତ ଆୟରୁ ରାଜାଙ୍କ ନିର୍ଦ୍ଦିଷ୍ଟ ପ୍ରାପ୍ୟ କର ଦେବା ପରେ, ଉପରୋକ୍ତ ଅଧିକାର ସମୂହ ଦାନଗ୍ରହୀତା ଉପଭୋଗ କରୁଥିଲେ । ସେଥିପାଇଁ, କେତେକ ତାମ୍ରଶାସନରେ କୌଟିଲ୍ୟ ତଥା ଅନ୍ୟାନ୍ୟ ସ୍ମୃତିକାରମାନଙ୍କ ପ୍ରଣୀତ ଆଇନ ଅନୁଯାୟୀ ଧାର୍ଯ୍ୟ ପ୍ରାପ୍ୟାଂଶ ବିଷୟରେ ସ୍ପଷ୍ଟ ଉଲ୍ଲେଖ ମିଳେ । ଭବିଷ୍ୟତରେ ଆକସ୍ମିକ ଗଚ୍ଛିତ ଧନ ଆବିଷ୍କାର ହେଲେ, ତଦନୁଯାୟୀ, ରାଜପ୍ରଦତ୍ତ ଭୂମିର ଅଧିକାରୀ ନିଜ ପାଇଁ ଏକ-ଷଷ୍ଠାଂଶ ରଖି ଅବଶିଷ୍ଟାଂଶ ରାଜକୋଷରେ ଜମା କରିବା ବିଷୟ ନିର୍ଦ୍ଦେଶ ଦିଆଯାଇଛି ।

ମଧ୍ୟଯୁଗରେ, ଅର୍ଥାତ୍ ମୁସଲମାନ ତଥା ମୋଗଲ ରାଜତ୍ୱ କାଳରେ ସ୍ୱତ୍ୱହୀନ ଗଚ୍ଛିତ ଧନର ସ୍ୱତ୍ୱ ସମ୍ପର୍କୀୟ କି ପ୍ରକାର ଆଇନ କାନୁନର ପ୍ରଚଳନ ହୋଇଥିଲା, ସେ ବିଷୟରେ ବିଶେଷ କିଛି ଜଣାଯାଇନାହିଁ । ତେବେ, ତାତ୍କାଳୀନ କେତେକ ସାହିତ୍ୟିକ ଉପକରଣରୁ ଏ ବିଷୟରେ କିଛି କିଛି ଆଭାସ ମିଳେ । ଷୋଡ଼ଶ ଶତାବ୍ଦୀୟ ତତ୍ତ୍ୱାରିଖ -ଇ-ସାହୀରେ ମୁସଲମାନ ଶାସକ ସିକନ୍ଦର ଲୋଦୀଙ୍କ (୧୪୮୮-୧୫୧୭ ଖ୍ରୀ:ଅ:) ଗୁପ୍ତଧନ ଅଧିକାର ସମ୍ପର୍କରେ ଉଦାର ମନୋବୃତ୍ତିର ପରିଚୟ ମିଳେ । ତେବେ ଏକଥା ସ୍ୱୀକାର୍ଯ୍ୟ ଯେ, ମୁସଲମାନ ରାଜତ୍ୱରେ ଗୁପ୍ତଧନ ଅଧିକାର ସମ୍ବନ୍ଧୀୟ କୌଣସି ନିର୍ଦ୍ଦିଷ୍ଟ ନିୟମାବଳୀ ଅନୁସୃତ ହେଉ ନଥିଲା । କେବେ କେବେ ଏ ପ୍ରକାର ଧନରେ ଅଧିକାର ସାବ୍ୟସ୍ତ କରିବାରେ ମୁସଲମାନ ଶାସକମାନେ ହସ୍ତକ୍ଷେପ କରୁନଥିଲେ । ପୁଣି, କେବେ କେବେ କୌଣସି ଅତ୍ୟାଚାରୀ ଶାସକଙ୍କ ଗୋଚରକୁ ଆସିଲେ ସମୁଦାୟ ଧନରାଶି ବାଜ୍ୟାପ୍ତ ମଧ୍ୟ ହେଉଥିଲା । ଆହୁରି ମଧ୍ୟ, କେହି କେହି ମୁସଲମାନ ଶାସକ ଆବିଷ୍କୃତ ଧନରାଶିକୁ ମୁସଲମାନ ଏବଂ ଅଣମୁସଲମାନ ପ୍ରକାର ଭେଦରେ ଗ୍ରହଣ କରୁଥିଲେ । ଆବିଷ୍କୃତ ଉପକରଣ ସମୂହ ଯଦି ମୁସଲମାନ ବ୍ୟବହୃତ ସାମଗ୍ରୀ ସାବ୍ୟସ୍ତ ହୁଏ ତେବେ ଶାସକଙ୍କ ନିର୍ଦ୍ଦେଶ ଅନୁସାରେ ଆବିଷ୍କାରକଙ୍କର ସମ୍ପତ୍ତି ବିବେଚିତ ହୁଏ । କିନ୍ତୁ ଅଣମୁସଲମାନ ଉପକରଣ ହୋଇଥିଲେ, ଏହାର ଏକ-ପଞ୍ଚମାଂଶ ଶାସକଙ୍କ ପ୍ରାପ୍ୟ ବିବେଚିତ ହୁଏ ଏବଂ ଅବଶିଷ୍ଟାଂଶ

ଆବିଷ୍କାର କରିଥିବା ବ୍ୟକ୍ତିଙ୍କୁ ଦିଆଯାଏ । ଆହୁରି ମଧ୍ୟ, ବ୍ୟକ୍ତିବିଶେଷଙ୍କ ନିଜସ୍ୱ ଜମିରୁ ଏପରି ସ୍ୱତ୍ୱହୀନ ଧନ ଆବିଷ୍କୃତ ହେଲେ ସମୁଦାୟ ଧନର ଏକ-ପଞ୍ଚମାଂଶ ଜମିର ଅଧିକାରୀ ପାଇଥାନ୍ତି ।

ଖ୍ରୀଷ୍ଟୀୟ ଅଷ୍ଟାଦଶ ଶତାବ୍ଦୀରେ, ଇଷ୍ଟଇଣ୍ଡିଆ କମ୍ପାନୀ ଶାସନ କାଳରେ, ଇଂରେଜମାନେ ଗୁପ୍ତଧନର ସ୍ୱତ୍ୱାଧିକାର ସମ୍ବନ୍ଧୀୟ ଯେଉଁ ନୀତି ଅନୁସରଣ କରୁଥିଲେ, ତଦନୁଯାୟୀ, ଧନର ସନ୍ଧାନ ପାଇଥିବା ବ୍ୟକ୍ତିହିଁ ଅଧିକାରୀ ସାବ୍ୟସ୍ତ ହେଉଥିଲେ । ୧୮୧୭ ମସିହାରେ, ଅବଶ୍ୟ, ଏଥିରେ କିଛି ନୂତନ ନିର୍ଦ୍ଦେଶ ସଂଯୋଜନ କରାଗଲା ଅର୍ଥାତ୍, ଆବିଷ୍କୃତ ଗୁପ୍ତଧନର ତାତ୍କାଳୀନ ପ୍ରଚଳିତ ମୂଲ୍ୟ ଯଦି ଏକ ଲକ୍ଷ ଟଙ୍କାରୁ ଅଧିକ ହୋଇନଥାଏ, ତେବେ ଉକ୍ତ ସମୁଦାୟ ଧନ ଆବିଷ୍କାରକଙ୍କ ସମ୍ପତ୍ତି ହୋଇଥାଏ। ଉକ୍ତ ନୀତି ପ୍ରଚଳନ ଦ୍ୱାରା, ପୂର୍ବ ଅନୁସୃତ ନୀତି କେତେକାଂଶରେ ଶିଥିଳ ହେଲା, ଅର୍ଥାତ୍ ଆବିଷ୍କୃତ ଧନରାଶିରେ ଶାସକଙ୍କ ପୂର୍ଣ୍ଣ ଅଧିକାର ରଖାଗଲା ନାହିଁ । ୧୮୭୮ ମସିହା ବେଳକୁ ଇଂରେଜ ସରକାର ଗୁପ୍ତଧନର ସ୍ୱତ୍ୱ ସମ୍ବନ୍ଧୀୟ ଆଉ ଏକ ନୂତନ ଆଇନ ପ୍ରଣୟନ କଲେ, ଯାହା ବର୍ତ୍ତମାନ ପର୍ଯ୍ୟନ୍ତ ବଳବତ୍ତର ରହିଛି ଏବଂ ଯାହାକୁ ଇଂରାଜୀରେ Treasure-trove Act କୁହାଯାଏ । ଏହି ଆଇନ ଅନୁଯାୟୀ ସରକାରୀ ଜମିରୁ ଆବିଷ୍କୃତ ଗୁପ୍ତଧନ ଯଦି ୧୦୦ ବର୍ଷରୁ ଅଧିକ ପ୍ରାଚୀନ ପ୍ରମାଣିତ ହୁଏ, ତେବେ ତାହା ସରକାରୀ ସମ୍ପତ୍ତି ରୂପେ ପରିଗଣିତ ହେବ । ଉକ୍ତ ଧନର ପ୍ରଚଳିତ ତଥା ଐତିହାସିକ ମୂଲ୍ୟ (Antiquarian value) ନିର୍ଦ୍ଧାରିତ ହେବା ପରେ ସମୁହ ମୂଲ୍ୟର ଏକ-ପଞ୍ଚମାଂଶ ପୁରସ୍କାର ସ୍ୱରୂପ ଧନ ଆବିଷ୍କାର କରିଥିବା ବ୍ୟକ୍ତି ପାଇବାକୁ ହକ୍‌ଦାର ହେବେ । ଯଦି କୌଣସି ଅଣସରକାରୀ ବା ବ୍ୟକ୍ତିଗତ ଜମିରୁ ଏପ୍ରକାର ଧନ ଆବିଷ୍କୃତ ହୁଏ, ତେବେ ଉକ୍ତ ଜମିର ଅଧିକାରୀଙ୍କ ସେହି ଧନରେ ସମ୍ପୂର୍ଣ୍ଣ ସ୍ୱତ୍ୱ ଥାଏ । କିନ୍ତୁ ଆବିଷ୍କୃତ ଧନ ୧୦୦ ବର୍ଷରୁ ଅଧିକ ପ୍ରାଚୀନ ପ୍ରମାଣିତ ହେଲେ, ସରକାର ତାହା ଉପଯୁକ୍ତ ମୂଲ୍ୟ ବିନିମୟରେ ଜମି-ଅଧିକାରୀଙ୍କଠାରୁ କିଣି ନେଇପାରିବେ । ଉକ୍ତ ଆଇନରେ ନିର୍ଦ୍ଦେଶ ଦିଆଯାଇଛି, ଗୁପ୍ତଧନରେ ଦାବୀ ସାବ୍ୟସ୍ତ କରିବାକୁ ହେଲେ, ଜମିର ଅଧିକାରୀଙ୍କୁ ସଂପୃକ୍ତ ଜିଲ୍ଲା ଅଧିକାରୀଙ୍କଠାରେ ଆବେଦନ ପୂର୍ବକ ଉପଯୁକ୍ତ ପ୍ରମାଣ ପତ୍ର ଦାଖଲ କରିବାକୁ ହେବ । ଜମିର ଅଧିକାରୀ ଏବଂ ଗୁପ୍ତଧନ ଆବିଷ୍କାରକ ଯଦି ଭିନ୍ନ ଭିନ୍ନ ବ୍ୟକ୍ତି ହୋଇଥାନ୍ତି, ତେବେ ସରକାର ଆବିଷ୍କୃତ ଧନର ଏକ-ପଞ୍ଚମାଂଶ ପ୍ରଚଳିତ ମୂଲ୍ୟ ଆବିଷ୍କାରକଙ୍କୁ ଦିଅନ୍ତି ଏବଂ ଜମିର ଅଧିକାରୀଙ୍କୁ ଅବଶିଷ୍ଟ ମୂଲ୍ୟ ଦିଆଯାଇଥାଏ । ଉକ୍ତ ଗୁପ୍ତଧନ ମୂଲ୍ୟବାନ ଐତିହାସିକ ଉପକରଣ ତଥା ଜାତୀୟ ସମ୍ପତ୍ତି ରୂପେ ପରିଗଣିତ ହୁଏ ଏବଂ ସରକାର, ଦେଶର ସଂଗ୍ରହାଳୟମାନଙ୍କରେ ଏହାର ସଂରକ୍ଷଣ ବ୍ୟବସ୍ଥା କରିଥାନ୍ତି । ଏହି ଆଇନ ବଳରେ, ଗୁପ୍ତଧନର ପ୍ରଚଳିତ ମୂଲ୍ୟ ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଥାଏ ।

ଦୁର୍ଭାଗ୍ୟବଶତଃ, କେବେ କେବେ ଦେଖାଯାଏ ବେସରକାରୀ ଜମିରୁ ଆବିଷ୍କୃତ ଗୁପ୍ତଧନର ସ୍ୱତ୍ୱ ସାବ୍ୟସ୍ତ କରି ନ ପାରି, ଗ୍ରାମବାସୀ ଅଥବା ପରିବାର ପରିବାର ମଧ୍ୟରେ କଳହ ସୃଷ୍ଟି ହୁଏ ଏବଂ ପରିଶେଷରେ ବିଚାରାଳୟରେ ଦୀର୍ଘଦିନ ଧରି ପ୍ରକୃତ ସ୍ୱତ୍ୱ ସାବ୍ୟସ୍ତ ହେବା ପର୍ଯ୍ୟନ୍ତ ଗୁପ୍ତଧନ ଅବହେଳିତ ଅବସ୍ଥାରେ ପଡ଼ି ରହେ, ଏପରିକି କେବେ କେବେ ଏହି ମହାର୍ଘ୍ୟ ଐତିହାସିକ ସାମଗ୍ରୀ ଲୁପ୍ତ ହୋଇଯିବାର ମଧ୍ୟ ଜଣାଯାଏ । ତଥାପି, ଏକଥା ଅନସ୍ୱୀକାର୍ଯ୍ୟ, ଅତୀତର ମୂକ ସାକ୍ଷୀ, ଏହି ଅମୂଲ୍ୟ ଗଚ୍ଛିତ ଧନ, ଉକ୍ତ ଆଇନ ବଳରେ ସଂଗ୍ରହାଳୟମାନଙ୍କରେ ସଂରକ୍ଷଣ ସମ୍ଭବ ହୋଇଛି ଏବଂ ଏଥି ସଙ୍ଗେ ସଙ୍ଗେ ପ୍ରାଚୀନ ଇତିହାସ ଓ ସଂସ୍କୃତିର ବହୁ ଅଜ୍ଞାତ ଅଧ୍ୟାୟ ଉନ୍ମୋଚିତ ହୋଇପାରିଛି ।


କିନ୍ତୁ, ଦୁଃଖର ବିଷୟ, ଉପରୋକ୍ତ ଆଇନ-କାନୁନ ପ୍ରଣୟନ ପରେ ଶତାଧିକ ବର୍ଷ ବିତି ଯାଇଥିଲେ ମଧ୍ୟ, ଆମ ଦେଶର ଜନସାଧାରଣ ବର୍ତ୍ତମାନ ପର୍ଯ୍ୟନ୍ତ ଇତିହାସ ମନସ୍କ ହୋଇ ପାରିନାହାନ୍ତି । ଅତୀତରେ, ସ୍ମୃତିକାରମାନଙ୍କ ପ୍ରଣୀତ ନିୟମାବଳୀ ଅନୁଧ୍ୟାନ କଲେ ଜଣାଯାଏ, ଆବିଷ୍କୃତ ଗୁପ୍ତଧନର ଐତିହାସିକ ମୂଲ୍ୟାୟନ ପ୍ରତି ଗୁରୁତ୍ୱ ଦିଆ ନ ଯାଇ କେବଳ ରାଜା ବା ସରକାରୀ ସମ୍ପତ୍ତି ରୂପେ ସ୍ୱୀକୃତ ହେଉଥିଲା । ବର୍ତ୍ତମାନ ଯୁଗରେ ମଧ୍ୟ ଶିକ୍ଷିତ, ଅଶିକ୍ଷିତ ନିର୍ବିଶେଷରେ ଜନସାଧାରଣ, ଏପ୍ରକାର ଲୋଭନୀୟ, ମହାର୍ଘ୍ୟ ଗୁପ୍ତଧନର ଐତିହାସିକ ଗୁରୁତ୍ୱ ଉପଲବ୍ଧ କରନ୍ତି ନାହିଁ । ସମ୍ପୃକ୍ତ ଆଇନ-କାନୁନ ସମ୍ପର୍କରେ ମଧ୍ୟ ସେମାନଙ୍କ ଧାରଣା କ୍ଷୀଣ କହିଲେ ଅତ୍ୟୁକ୍ତି ହେବନାହିଁ । ଫଳରେ, ଭୂଗର୍ଭରୁ ବହୁ ସଂଖ୍ୟାରେ ଗୁପ୍ତଧନ ଆବିଷ୍କୃତ ହେଉଥିଲେ ସୁଦ୍ଧା, ସେଥିରୁ ଅଧିକାଂଶ ସରକାରଙ୍କ ଅଜ୍ଞାତରେ, ଚିରଦିନ ପାଇଁ ଲୁପ୍ତ ହୋଇଯାଏ । ଗଚ୍ଛିତ ଧନ ଅନ୍ତର୍ଭୁକ୍ତ ପ୍ରାଚୀନ ତଥା ସୁନା, ରୂପାର ମୂଲ୍ୟବାନ ଧାତୁ ମୁଦ୍ରା ଏବଂ ତାମ୍ରଶାସନଗୁଡ଼ିକୁ ଲୋକେ ତରଳାଇ, ସେମାନଙ୍କ ପ୍ରୟୋଜନ ଅନୁଯାୟୀ ଅଳଙ୍କାର କିମ୍ବା ଅନ୍ୟ ଗୃହୋପକରଣରେ ରୂପାନ୍ତରିତ କରିବା ଫଳରେ, ଏଥିରୁ ମିଳୁଥିବା ଗୁରୁତ୍ୱପୂର୍ଣ୍ଣ ଐତିହାସିକ ତଥ୍ୟ ଚିରଦିନ ପାଇଁ ନଷ୍ଟ ହୋଇଯାଏ । ଆମ ଦେଶର କୌଣସି ନା କୌଣସି କୋଣରେ, ଗ୍ରାମରେ ଅବା ସହରରେ, ପ୍ରାୟ ପ୍ରତିଦିନ ଏହିପରି କେତେ ପ୍ରାଚୀନ ଗଚ୍ଛିତ ମୂଲ୍ୟବାନ ସାମଗ୍ରୀ ଆବିଷ୍କୃତ ହେଉଛି, କିନ୍ତୁ ଲୋକଙ୍କ ଅଜ୍ଞତା, ଇତିହାସ ସଚେତନତାର ଅଭାବ ହେତୁ, ତହିଁରୁ କେତେ ଯେ ଲୁପ୍ତ ହୋଇଯାଉଛି, ତାର ସୀମା ନାହିଁ । ଆମଦେଶର ଲୁପ୍ତ ଇତିହାସ ଓ ସଂସ୍କୃତି ପୁନରୁଦ୍ଧାର ପାଇଁ ଏହି ଗୁପ୍ତଧନ-ସମ୍ପଦ ଅନ୍ୟତମ ଶ୍ରେଷ୍ଠ ଉପକରଣ ରୂପେ ସ୍ୱୀକୃତ । ତେଣୁ, ଏଗୁଡ଼ିକ ତରଳାଇ ନଷ୍ଟ କରିବା ଦ୍ୱାରା, ଆବିଷ୍କାରକ ଧନୀ ହେଲେ ମଧ୍ୟ ଦେଶର ଅତୀତ ଗୌରବରାଜି ଚିରଦିନ ପାଇଁ ଅନ୍ଧକାରାଚ୍ଛନ୍ନ ରହିଯାଏ । ଏହା ବାସ୍ତବିକ ଅନୁଧ୍ୟାନସାପେକ୍ଷ ।

ଡ଼୍ୟୁରେକ୍ଟର, ଓଡ଼ିଶା ରାଜ୍ୟସଂଗ୍ରହାଳୟ
ଭୁବନେଶ୍ୱର

# ଗାନ୍ଧୀବାଦୀ ଜନନେତା ଗୋପବନ୍ଧୁ ଚୌଧୁରୀ

ଶ୍ରୀ ବଳରାମ ମହାନ୍ତି

ଭାରତର ବିଶିଷ୍ଟ ଗାନ୍ଧିବାଦୀ ନେତା, ସ୍ୱାଧୀନତା ସଂଗ୍ରାମୀ ଗୋପବନ୍ଧୁ ଚୌଧୁରୀଙ୍କ ଜନ୍ମ କଟକ ସହରସ୍ଥ ଦାଖରାବାଦ । ମୂଳ ଗ୍ରାମ- ଜଗତସିଂହପୁର ଜିଲ୍ଲାର ଖେରସଗ୍ରାମ, ପିତା, ଗୋକୁଳାନନ୍ଦ ଚୌଧୁରୀ, ମାତା ପଦ୍ମାବତୀ ଦେବୀ। ଜନ୍ମ - ୧୮୯୫ ମସିହା ମଇ ୮ ତାରିଖ (ବୁଦ୍ଧ ପୂର୍ଣ୍ଣମୀ) । ଶିକ୍ଷା ୧୯୦୮ ମସିହାରେ କଟକ ରେଭେନ୍ସା କଲେଜରୁ ଏଫ.ଏ ପାଶ କରି କଲିକତା ଅଧ୍ୟୟନ କରିବାକୁ ଗଲେ ଓ କଲିକତା ବିଶ୍ୱ ବିଦ୍ୟାଳୟରୁ ବି.ଏ ଓ ଏମ୍.ଏ ପରୀକ୍ଷାରେ ପାଶ କରିଥିଲେ । ସେ ପିଲାଦିନୁ ମେଧାବୀ ଛାତ୍ର ଥିଲେ ଓ ଏମ୍.ଏ. ପରୀକ୍ଷାରେ କଲିକତା ବିଶ୍ୱବିଦ୍ୟାଳୟରୁ ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ୧୯୧୬ ମସିହାରେ ପାଶ କରିଥିଲେ । ସେ ୧୯୧୪ ମସିହାରେ ଓଡ଼ିଶାର ବିଶିଷ୍ଟ ନାରୀ ନେତ୍ରୀ ଶ୍ରୀମତୀ ରମାଦେବୀଙ୍କୁ ବିବାହ କରିଥିଲେ । ୧୯୧୭ ମସିହାରେ ପୂଜ୍ୟ ଗୋପବନ୍ଧୁ ଚୌଧୁରୀ ଡେପୁଟି ମାଜିଷ୍ଟ୍ରେଟ୍ ଚାକିରିରେ ନିଯୁକ୍ତ ହୋଇ କଟକରେ ଅବସ୍ଥାପିତ ହୋଇଥିଲେ । ସ୍ୱାଧୀନତା ସଂଗ୍ରାମୀ ତଥା ସାଧାରଣ ଲୋକେ ତାଙ୍କୁ ଗୋପବାବୁ ବୋଲି ଡାକନ୍ତି ।



୧୯୨୦ ମସିହାରେ ଗୋପବାବୁ ଯାଜପୁର ଜିଲ୍ଲାର ବରୁଆଁ ଓ ବରୀ ଅଞ୍ଚଳରେ ବନ୍ୟା ପ୍ରପୀଡ଼ିତ ଅଞ୍ଚଳର ଲୋକଙ୍କୁ ସାହାଯ୍ୟ ବାଣ୍ଟିବା ପାଇଁ ସରକାର ପଠାଇଥିଲେ । ସେ ସେଠାରେ ଦେଖିଲେ ଯେ ସାହାଯ୍ୟ କାମ ନାଁକୁ ମାତ୍ର ହେଉଛି, ପ୍ରକୃତରେ ଦୁର୍ଭିକ୍ଷ ପଡ଼ିଛି । ଅନାହାରରେ ଲୋକେ ମରୁଛନ୍ତି । ସେହି ଦୃଶ୍ୟ ତଥା ସରକାରଙ୍କ ହୃଦୟହୀନତା ତାଙ୍କ ପ୍ରାଣକୁ ବାଧିଲା । ସେଇଥିରେ ସେ ଚାକିରିରୁ ତାଙ୍କ ମନ ଛାଡ଼ି ଯାଇଥିଲା । ସେ ତାଙ୍କ ଚିଠିରେ ପ୍ରକୃତ ଅବସ୍ଥା ସରକାରଙ୍କୁ ଜଣାଇ ଦେଲେ । ସେ ଚାହିଁଥିଲେ ଯେ ଦୁର୍ଭିକ୍ଷ ପଡ଼ିଛି ବୋଲି ସରକାର ସ୍ୱୀକାର କରୁ ଏବଂ ସେହି ଅନୁସାରେ ସାହାଯ୍ୟ ଆସୁ । ମାତ୍ର ଜିଲ୍ଲା କଲେକ୍ଟର ତାଙ୍କ ରିପୋର୍ଟରେ ଦୁର୍ଭିକ୍ଷ ପଡ଼ିଛି ବୋଲି ସ୍ୱୀକାର କଲେନାହିଁ । ତାଙ୍କ ରିପୋର୍ଟ କଲେକ୍ଟରଙ୍କ ରିପୋର୍ଟ ଠାରୁ ଭିନେ ହେଲା ।

ଗୋପବାବୁ ସରକାରୀ ଚାକିରିରେ ରହିଥିବା ଅବସ୍ଥାରେ ଦେଶର ରାଜନୈତିକ ଅବସ୍ଥା ତାଙ୍କୁ ପ୍ରଭାବିତ କରିଥିଲା । ସେତେବେଳକୁ ଜାଲିୟାନାୱାଲାବାଗ ହତ୍ୟାକାଣ୍ଡରେ ମର୍ମାହତ ହୋଇ ମହାତ୍ମାଗାନ୍ଧୀ ଏହାର ଦେଶବ୍ୟାପୀ ପ୍ରତିବାଦ କରିବାପାଇଁ ଆହ୍ୱାନ ଦେଇଥାନ୍ତି । ୧୯୧୯ ମସିହାରେ ଗୋପବାବୁ ଭାଗୀରଥି ମହାପାତ୍ରଙ୍କ ସହିତ ମିଶି ଦାଖରାବାଦଠାରେ ଭାରତୀ ମନ୍ଦିର ବୋଲି ଗୋଟିଏ ଅନୁଷ୍ଠାନ ସ୍ଥାପନ କରିଥିଲେ । ସେହି ଅନୁଷ୍ଠାନ ଭାରତର ବିଭିନ୍ନ ସ୍ଥାନରୁ ସମ୍ବାଦପତ୍ର ଓ ସାମୟିକ ପତ୍ରିକାମାନ ମଗାଉଥିଲେ । ସେଠାରେ ଗୋଟିଏ ଲାଇବ୍ରେରୀ ସହିତ ପାଠାଗାର ଖୋଲିଥିଲେ ।ଗୋପବାବୁ ଓ ଭାଗୀରଥି ବାବୁଙ୍କଛଡା ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ରାଜକୃଷ୍ଣ ବୋଷ ଓ ଯଦୁମଣି ମଙ୍ଗରାଜ ପ୍ରମୁଖ ରେଭେନ୍ସା କଲେଜ ଛାତ୍ରମାନେ ଏହି ଭାରତୀ ମନ୍ଦିରରେ ଏକାଠି ହୋଇ ସମ୍ବାଦପତ୍ର ଓ ପୁସ୍ତକମାନ ଅଧ୍ୟୟନ କରୁଥିଲେ ଓ ସାମ୍ପ୍ରତିକ ଘଟଣାବଳୀ ସମ୍ପର୍କରେ ପରସ୍ପର ଭିତରେ ଆଲୋଚନା କରୁଥିଲେ । ଗୋପବାବୁଙ୍କ ସହିତ ଏହି 'ଭାରତୀ ମନ୍ଦିର'ର ସଭ୍ୟମାନେ ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମର

ପ୍ରଥମ ପର୍ଯ୍ୟାୟରେ ନେତୃତ୍ୱ ନେଇଥିଲେ ।

୧୯୨୦ ମସିହାରେ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ଜାତୀୟ କଂଗ୍ରେସ ଭାରତରେ ବ୍ରିଟିଶ ଶାସନ ବିରୁଦ୍ଧରେ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିବାପାଇଁ ନିଷ୍ପତ୍ତି କଲେ । ଏହି ଆନ୍ଦୋଳନରେ ବିଲାତି ଲୁଗା ଓ ବିଦେଶୀ ଜିନିଷ ବର୍ଜନ, ନିଶା ଜିନିଷ ବର୍ଜନ ଓ କୋର୍ଟ କଚେରୀ ଏବଂ ସ୍କୁଲ କଲେଜ ବର୍ଜନ ବେଳେ ଭାରତୀ ମନ୍ଦିର ଅନୁଷ୍ଠାନ ସହିତ ସଂପୃକ୍ତ ଥିବା ହରେକୃଷ୍ଣ ମହତାବ, ନବକୃଷ୍ଣ ଚୌଧୁରୀ, ଯଦୁମଣି ମଙ୍ଗରାଜ ଓ ରାଜକୃଷ୍ଣ ବୋଷ ପ୍ରମୁଖ କଲେଜ ଛାତ୍ରମାନେ ପଢା ଛାଡିଥିଲେ । କେତେକ ବିଶିଷ୍ଟ ବ୍ୟକ୍ତି ସରକାରୀ ଚାକିରିରୁ ମଧ ଇସ୍ତଫା ଦେଇଥିଲେ । ଗୋପବନ୍ଧୁ ଚୌଧୁରୀ ଅସହଯୋଗ ଆନ୍ଦୋଳନରେ ଯୋଗଦେବା ପାଇଁ ୧୯୨୧ ମସିହା ଜାନୁଆରୀ ମାସରେ ଡେପୁଟି ମାଜିଷ୍ଟ୍ରେଟ୍ ଭଳି ସେତେବେଳର ଲୋଭନୀୟ ସରକାରୀ ଚାକିରିରୁ ଇସ୍ତଫା ଦେଲେ ।

ସ୍ୱାଧୀନତା ସଂଗ୍ରାମରେ ଯୋଗ ଦେବାପରେ ସପରିବାର ଗୋପବନ୍ଧୁ ଚୌଧୁରୀ ସମ୍ପୂର୍ଣ୍ଣ ରୂପେ ଗାନ୍ଧୀ ନୀତି ଓ ଆଦର୍ଶ ଅନୁସରଣ କରି ସରଳ ଓ ନିରାଡମ୍ବର ଜୀବନ ଯାପନ କଲେ । ତାଙ୍କ ବେଶପୋଷାକ, ଖାଦ୍ୟ ତଥା ଚଳଣିରେ ସଂପୂର୍ଣ୍ଣ ପରିବର୍ତ୍ତନ ହୋଇଥିଲା । ଚାକିରୀ ଛାଡିଲା ପରେ ଗୋପବାବୁ ଓ ଭାଗୀରଥି ମହାପାତ୍ର ତାଙ୍କ ପୈତୃକ ଗ୍ରାମ ନିକଟରେ ଅଳକାଶ୍ରମ ସ୍ଥାପନ କରିଥିଲେ । ଏଠାରେ ପ୍ରଥମେ ଜାତୀୟ ବିଦ୍ୟାଳୟ ସ୍ଥାପନ କରି ପଢା ଛାଡି ଆସିଥିବା ସ୍ୱାଧୀନତା ସଂଗ୍ରାମୀ ପିଲାମାନଙ୍କୁ ଶିକ୍ଷା ଦେଉଥିଲେ । ପରେ ଏହି ଆଶ୍ରମରେ ସୂତାକଟା, ଲୁଗାବୁଣା ଓ ଅନ୍ୟାନ୍ୟ ରଚନାତ୍ମକ କାର୍ଯ୍ୟରେ ସଂଗ୍ରାମୀମାନଙ୍କୁ ତାଲିମ ଦିଆହୋଇଥିଲା । ୧୯୨୨ ମସିହାରେ ଅଳକାଶ୍ରମ ପ୍ରତିଷ୍ଠିତ ହୋଇ ଓଡିଶାର ସ୍ୱାଧୀନତା ସଂଗ୍ରାମୀଙ୍କ ତାଲିମ କେନ୍ଦ୍ରରେ ପରିଣତ ହୋଇଥିଲା । ୧୯୨୨ରେ ଅଳକାଶ୍ରମରେ ଜାତୀୟ ବିଦ୍ୟାଳୟ ଓ ରଚନାତ୍ମକ ତାଲିମ କେନ୍ଦ୍ର ଚଳେଇ ଥିବାବେଳେ ସେ ମହାତ୍ମାଗାନ୍ଧୀଙ୍କ ଦ୍ୱାରା ପ୍ରତିଷ୍ଠିତ ଅଖିଳ ଭାରତ ଚରଖା ସଂଘର ଟ୍ରଷ୍ଟି ନିଯୁକ୍ତ ହେଲେ ଓ ୧୯୨୫ ମସିହାରେ ଏହି ଅନୁଷ୍ଠାନର ସମ୍ପାଦକ ନିଯୁକ୍ତ ହୋଇଥିଲେ । ୧୯୨୮ରେ ସେ ଗାନ୍ଧିଜୀଙ୍କ ପରାମର୍ଶ କ୍ରମେ ଗାନ୍ଧୀ ସେବା ସଂଘ କାର୍ଯ୍ୟର ଦାୟିତ୍ୱ ଗ୍ରହଣ କରିଥିଲେ ।

୧୯୩୦ ମସିହାରେ ସ୍ୱାଧୀନତା ସଂଗ୍ରାମର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେଲା । ଲବଣ ସତ୍ୟାଗ୍ରହ ଆକାରରେ ଏହି ସଂଗ୍ରାମ ଚାଲିଥିଲା । ଓଡିଶା ଉପକୂଳ ବାଲେଶ୍ୱର ଜିଲ୍ଲାର ଇଞ୍ଚୁଡିଠାରେ ଲବଣ ସତ୍ୟାଗ୍ରହ ପାଇଁ ସ୍ଥିର ହୋଇଥିଲା । ଏଥିପାଇଁ ଏପ୍ରିଲମାସ ୬ ତାରିଖରେ ଗୋପବାବୁଙ୍କ କଟକସ୍ଥ ବାଖରାବାଦ ବାସଭବନରୁ ପ୍ରଥମ ଦଳ ଲବଣ ସତ୍ୟାଗ୍ରହୀ ଇଞ୍ଚୁଡି ଅଭିମୁଖେ ସ୍ୱାଧୀନତା ସଂଗ୍ରାମର ନେତା ଗୋପବନ୍ଧୁ ଚୌଧୁରୀଙ୍କ ନେତୃତ୍ୱରେ ବାହାରିଥିଲେ । ବାଟରେ ଏପ୍ରିଲ ୮ ତାରିଖ ଦିନ ତାଙ୍କୁ ଗିରଫ କରିନିଆଗଲା। ସେ ପ୍ରାୟ ଏକବର୍ଷ ପର୍ଯ୍ୟନ୍ତ କାରାବରଣ କଲେ ଏବଂ ହଜାରୀ ବାଗ ଜେଲ ଭିତରେ ଯାଇ ରହିଲେ । ଜେଲ ଜୀବନ ଯାପନରେ ତାଙ୍କୁ କୌଣସି ଅସୁବିଧା ହେଲାନାହିଁ । କାରଣ ସେ ସେତେବେଳକୁ ସରଳ ଓ ନିରାଡମ୍ବର ଜୀବନ ଯାପନ କରିବାରେ ଅଭ୍ୟସ୍ତ ହୋଇ ସାରିଥିଲେ । ଜେଲ ଭିତରେ ସେ ଗାନ୍ଧୀ ଦର୍ଶନ ଓ ମାର୍କସ୍‌ବାଦ ସମ୍ବନ୍ଧରେ ବିସ୍ତୃତ ଭାବରେ ଅଧୟନ କରିଥିଲେ ।

୧୯୩୧ ମସିହାରେ ସେ ଜେଲରୁ ଖଲାସ ହେବାପରେ ପୁରୀଠାରେ ଜାତୀୟ କଂଗ୍ରେସର ବାର୍ଷିକ ଅଧିବେଶନ ପାଇଁ ଆୟୋଜନ ଚାଲିଥିଲା । ଏଥିପାଇଁ ଯେଉଁ ଅଭ୍ୟର୍ଥନା ସମିତି ଗଢାହେଲା, ସେଥିରେ ଗୋପବାବୁ ସମ୍ପାଦକ ନିର୍ବାଚିତ ହୋଇଥିଲେ । ଅଧିବେଶନ ପାଇଁ ଆୟୋଜନ ଚାଲିଥିଲାବେଳେ ପୁଣି ଆଇନ ଅମାନ୍ୟ ଆନ୍ଦୋଳନ ଆରମ୍ଭ ହେଲା ଓ ଗୋପବାବୁ ପୁଣି ଗିରଫ ହୋଇ କାରାବରଣ କଲେ । ୧୯୩୩ରେ ଖଲାସ ହୋଇ ସେ ହରିଜନ ଆନ୍ଦୋଳନରେ ଯୋଗ ଦେଇଥିଲେ । ୧୯୩୪ ମସିହାରେ ହରିଜନ ସଂପ୍ରଦାୟର ସମସ୍ୟା ପ୍ରତି ସଚେତନ କରାଇବା ନିମନ୍ତେ ମହାତ୍ମାଗାନ୍ଧୀ ଓଡିଶାର ପୁରୀଠାରୁ ଭଦ୍ରକ ପର୍ଯ୍ୟନ୍ତ ଯେଉଁ ପଦଯାତ୍ରା କଲେ, ଗୋପବନ୍ଧୁ ଚୌଧୁରୀ ତାଙ୍କ ସହିତ ରହିଥିଲେ । ଗାନ୍ଧୀ ଓ ଉତ୍କଳ ନାମକ ତାଙ୍କ ଲିଖିତ ଏକ ପୁସ୍ତକରେ ସେ ଏହି ପଦଯାତ୍ରାର ବିବରଣୀ ବର୍ଣ୍ଣନା କରିଛନ୍ତି ।

ଏହାପରେ ମହାତ୍ମାଗାନ୍ଧୀଙ୍କ ପରାମର୍ଶ ମତେ ଜନନାୟକ ଗୋପବନ୍ଧୁ ଚୌଧୁରୀ ଯାଜପୁର ଜିଲ୍ଲାର ଏକ ଚିରବନ୍ୟା ପ୍ରପୀଡିତ ଅଞ୍ଚଳରେ ରହି ନିଜେ ରଚନାତ୍ମକ ଓ ଗ୍ରାମ ସଂଗଠନ କରି ଲୋକଙ୍କୁ ଶିଖାଉଥିଲେ । କେତେକ ଦକ୍ଷ ସ୍ୱାଧୀନତା ସଂଗ୍ରାମୀଙ୍କ ସହଯୋଗରେ ସେ ବରୀ ଅଞ୍ଚଳରେ ସୂତାକଟା ଓ ଲୁଗା ବୁଣା, ମହୁଚାଷ, ଗୋପାଳନ, ବୃକ୍ଷରୋପଣ, ଗ୍ରାମସଫେଇ କାର୍ଯ୍ୟ ବୈଜ୍ଞାନିକ ଢଙ୍ଗରେ ନିଜେ କରି ଲୋକଙ୍କୁ ଶିକ୍ଷା ଦେଉଥିଲେ । ତାଙ୍କ ସହିତ ଶ୍ରୀମତୀ ରମାଦେବୀ ରହି ରଚନାତ୍ମକ କାର୍ଯ୍ୟ ସହିତ ନାରୀ ଜାଗରଣରେ ମନୋନିବେଶ କରିଥିଲେ । ଗୋପବାବୁଙ୍କ ନେତୃତ୍ୱରେ ବରୀ ଅଞ୍ଚଳରେ ଯେଉଁସବୁ ରଚନାତ୍ମକ କାର୍ଯ୍ୟ ଚାଲିଥିଲା । ତାହା ଯେ ଅତ୍ୟନ୍ତ ଫଳପ୍ରଦ ହୋଇଥିଲା ତାହା ୧୯୪୨ ଅଗଷ୍ଟ ଆନ୍ଦୋଳନରେ ପ୍ରମାଣିତ ହୋଇଥିଲା । ଏହି ଆନ୍ଦୋଳନବେଳେ ନିଜେ ଗୋପବାବୁ ଓ ଶ୍ରୀମତୀ ରମାଦେବୀ ଗିରଫ ହୋଇଥିଲେ । ଏହାଫଳରେ ସରକାର ଏଠାରେ ଗୁଳି ଚଳେଇ ପାଞ୍ଚଜଣ ଲୋକଙ୍କୁ ହତ୍ୟା କରିଥିଲେ । ଗୋପବାବୁ ୧୯୪୪ ମସିହାରେ ଖଲାସ ହୋଇ ପୁଣି ଆଇନ ଅମାନ୍ୟ କରି କାରାବରଣ କରିଥିଲେ ଓ ବର୍ଷେ ପର୍ଯ୍ୟନ୍ତ ଜେଲରେ ରହିଥିଲେ ।

୧୯୪୫ ମସିହାରେ ଗୋପବନ୍ଧୁ ଖଲାସ ହେବାପରେ ପୁଣି ବରୀ ନିକଟସ୍ଥ ଶିରଙ୍ଗାବାଦ ଗ୍ରାମରେ ରହି ସମ୍ପୂର୍ଣ୍ଣ ସ୍ୱାବଲମ୍ବୀ ହୋଇ ଜୀବନ ଯାପନ କରିଥିଲେ । ସେତେବେଳେ ସେ କାହାରି ଉପରେ ନିର୍ଭର ନ କରି ଓ କାହାରିଠାରୁ କିଛି ସାହାଯ୍ୟ ଗ୍ରହଣ ନ କରି ନିଜ ପରିଶ୍ରମଲବ୍ଧ ଧନରେ ଚଳିବାପାଇଁ ଅଭ୍ୟାସ କରିଥିଲେ । ନିଜେ ୮ ଘଣ୍ଟା ପର୍ଯ୍ୟନ୍ତ

ସୂତା କାଟିଲେ। ଲୁଗା ବୁଣିଲେ ଏବଂ ହଳ ବୁଲେଇଲେ ଓ ମାଟି ହାଣିଲେ। ୧୯୪୬-୪୭ ମସିହାରେ ଦେଶର ଚାରିଆଡେ ସାମ୍ପ୍ରଦାୟିକ ଦଙ୍ଗା ବ୍ୟାପିଲା । ଗୋପବାବୁ ବସି ନରହି ବରୀ ଓ ଆଖପାଖ ଗାଁ ଗହଳରେ ବୁଲି ସାମ୍ପ୍ରଦାୟିକ ସଦ୍ଭାବ ପ୍ରତିଷ୍ଠା କାର୍ଯ୍ୟରେ ଲାଗିଥିଲେ ।କଟକ ସହରରେ ସେ ଶାନ୍ତି କମିଟିମାନ ଗଠନ କରିଥିଲେ । ଗାନ୍ଧିଜୀଙ୍କ ମହାପ୍ରୟାଣ ପରେ ବିଶିଷ୍ଟ ଗାନ୍ଧିବାଦୀ ନେତା କିଶୋର ଲାଲ ମଶ୍ରୁୱାଲାଙ୍କ ଅଧ୍ୟକ୍ଷତାରେ ସର୍ବୋଦୟ ସଂଘ ଗଠିତ ହେଲା । ୧୯୪୯ ମସିହାରେ ଗୋପବନ୍ଧୁ ଏହି ଅନୁଷ୍ଠାନର ସଭାପତି ପଦ ଗ୍ରହଣ କରି ସମଗ୍ର ଭାରତ ଭ୍ରମଣ କରି ଦେଶର ସମସ୍ୟା ସମାଧାନର ବାଟ ଖୋଜିଥିଲେ।

ଗୋପବନ୍ଧୁ ଦ୍ୱିତୀୟଥର ବରୀ ଅଞ୍ଚଳରେ ଗ୍ରାମ ସଂଗଠନ କାର୍ଯ୍ୟରେ ଲାଗିଥିବା ସମୟରେ ଉତ୍କଳ ନବଜୀବନ ମଣ୍ଡଳ ଅନୁଷ୍ଠାନ ଗଠନ କରାଯାଇଥିଲା । ଗୋପବାବୁ ଏହି ଅନୁଷ୍ଠାନର ସମ୍ପାଦକ ହୋଇଥିଲେ। ନାରୀନେତ୍ରୀ ଶ୍ରୀମତୀ ମାଳତୀ ଦେବୀଙ୍କ ତତ୍ତ୍ୱାବଧାନରେ ନବଜୀବନ ମଣ୍ଡଳ ବହୁ ମହିଳା ସମେତ କର୍ମୀମାନଙ୍କୁ ତାଲିମ ଦେଇଥିଲା । ଜଙ୍ଗଲ ଓ ପାହାଡ ବେଷ୍ଟିତ ଅଗମ୍ୟ ଅଞ୍ଚଳରେ ଏହି କର୍ମୀମାନେ ରହି ଆଦିବାସୀମାନଙ୍କ ଭିତରେ କାମ କରୁଥିଲେ । ଆଦିବାସୀ ତଥା ଅବହେଳିତ ଶ୍ରେଣୀର ଲୋକେ କିପରି ନିଜେ ପରିଷ୍କାର ପରିଚ୍ଛନ୍ନ ରହିବେ ଓ ନିଜ ପରିବେଶକୁ ନିର୍ମଳ କରି ରହିବେ, ସ୍ୱାବଲମ୍ବୀ ହୋଇ ଚଳିବେ, ଏହି କର୍ମୀମାନେ ସେମାନଙ୍କୁ ତାହା ଶିକ୍ଷା ଦେଉଥିଲେ ପାଠ ପଢାଉଥିଲେ, ସୂତା କାଟିବା ଓ ଲୁଗା ବୁଣିବା ଆଦି ଶିଖାଉଥିଲେ । ଏବେ ମଧ୍ୟ ସେମାନେ ଏହି କାମ କରୁଛନ୍ତି ।

ସର୍ବୋଦୟ ସଂଘର ସଭାପତି ଭାବରେ ଗୋପବାବୁ ଓଡିଶା ଛଡା ଭାରତର ବିଭିନ୍ନ ଅଞ୍ଚଳ ଗସ୍ତ କରି ବିଭିନ୍ନ ଶ୍ରେଣୀର ଲୋକଙ୍କ ସହିତ ଆଲୋଚନା କରି ଅହିଂସ ଉପାୟରେ ଦେଶର ମୌଳିକ ସମସ୍ୟାର ସମାଧାନ ପାଇଁ ବାଟ ଖୋଜିଥିଲେ। ପୂଜ୍ୟ ବିନୋବାଭାବେଙ୍କ ଭୂଦାନ ଆନ୍ଦୋଳନରେ ସେ ଏହାର ସମାଧାନର ସନ୍ଧାନ ପାଇଥିଲେ । ତେଣୁ ସେ ଆଉ ଗୋଟିଏ ଜାଗାରେ ବସି ନରହି ଶ୍ରୀମତୀ ରମାଦେବୀଙ୍କ ସହିତ ପଦଯାତ୍ରା ଆରମ୍ଭ କରି ଥିଲେ । ସେ ବର୍ଷେ ପର୍ଯ୍ୟନ୍ତ ଓଡିଶାର ୧୧ ଜିଲ୍ଲା ବୁଲିଥିଲେ। ସେହି ସମୟରେ ସେ ୧୬୬ ଏକର ଜମି ଭୂଦାନ ପାଇଁ ଲୋକଙ୍କଠାରୁ ପାଇ ଭୂମିହୀନ ଲୋକଙ୍କ ଭିତରେ ତାହା ବାଣ୍ଟି ଦେଇଥିଲେ। ୧୯୫୫ ରେ ସେ ବିନୋବାଙ୍କ ସହିତ ଭୂଦାନ ପାଇଁ ବର୍ଷେ ପର୍ଯ୍ୟନ୍ତ ପଦଯାତ୍ରା କରିଥିଲେ ଏବଂ କୋରାପୁଟରେ ଯାଇ ରହିଥିଲେ। ଏହି ଭୂଦାନ ଯାତ୍ରାରେ ବିନୋବାଙ୍କୁ ୮୦୦ ଏକର ପର୍ଯ୍ୟନ୍ତ ଗ୍ରାମଦାନ ମିଳିଥିଲା । ଗୋପବାବୁଙ୍କ ପରାମର୍ଶ କ୍ରମେ ସର୍ବସେବାସଂଘ ଏହି ଭୂଦାନ ଗ୍ରାମଗୁଡିକର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ତାଙ୍କ ମତ ଥିଲା ଯେ ଗ୍ରାମଦାନ ଗ୍ରାମଗୁଡିକ ଲୋକଙ୍କ ଶ୍ରମ ବଳରେ ନିର୍ମାଣ କରାଯିବ । ଅନ୍ୟଠୁ ସାହାଯ୍ୟ ଆଣି ଏହା କରିବେ ବୋଲି ଲୋକେ ଅନାଇ ବସିବେ ନାହିଁ । ଲୋକେ ପିଲାଙ୍କୁ ପାଳନ କରି ଶିଖିବେ । ମଦ ଖାଇବା ଓ କୁସଂସ୍କାର ଲୋକଙ୍କଠାରୁ ଛଡେଇବାକୁ ହେବ । ଏହି ଅନୁସାରେ ସେଠାରେ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା ।

୧୯୫୬ ମସିହାରେ ସମାଜ ସେବା ନିମନ୍ତେ ଆଚାର୍ଯ୍ୟ ହରିହର ଦାସ ଓ ପୂଜ୍ୟ ଗୋପବନ୍ଧୁ ଚୌଧୁରୀଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟ ପି.ଏଚ.ଡି. ଉପାଧିରେ ଭୂଷିତ କରିବା ପାଇଁ ନିଷ୍ପତ୍ତି କରି ତାଙ୍କୁ ପତ୍ର ଲେଖିଥିଲେ। ସେତେବେଳେ ଡଃ ପ୍ରାଣକୃଷ୍ଣ ପରିଜା ଉତ୍କଳ ବିଶ୍ୱବିଦ୍ୟାଳୟର କୁଳପତି ଥିଲେ । ମାତ୍ର ସେ ଦୁଇଜଣ ଯାକ ଏହା ଗ୍ରହଣ କଲେ ନାହିଁ । ସମଗ୍ର ଦେଶର ତଥା ଓଡିଶାର ଶାସନ ଦାୟିତ୍ୱ ଗ୍ରହଣ କରିବା ପାଇଁ ସର୍ବୋଦୟ ନେତା ପୂଜ୍ୟ ଗୋପବନ୍ଧୁ ଚୌଧୁରୀଙ୍କର ସମସ୍ତ ଯୋଗ୍ୟତା ଥିବା ସତ୍ତ୍ୱେ ସେ କ୍ଷମତାଠାରୁ ଶେଷ ପର୍ଯ୍ୟନ୍ତ ଦୂରରେ ରହି ନିଷ୍ଠା ଓ ଦକ୍ଷତାର ସହିତ ଦେଶବାସୀଙ୍କ ସେବା କରିଯାଇଛନ୍ତି । ତାଙ୍କ ଦେଶ ପ୍ରେମ, ତ୍ୟାଗ, କର୍ତ୍ତବ୍ୟନିଷ୍ଠାର ତୁଳନା ନାହିଁ । ମହାତ୍ମା ଗାନ୍ଧୀଙ୍କ ନୀତି ଓ ଆଦର୍ଶରେ ନିଜକୁ ନିଜ ସହଧର୍ମିଣୀ, କନ୍ୟା ଓ ପୁତ୍ରଙ୍କୁ ଗଢିବା ପାଇଁ ସେ ସଫଳତାର ସହିତ ସାଧନା କରିଥିଲେ। ସହଧର୍ମିଣୀ ଅନ୍ନପୂର୍ଣ୍ଣା ମହାରଣା ଓ ଜାମାତା ଶରତଚନ୍ଦ୍ର ମହାରଣା ଓଡିଶାର ସୁଯୋଗ୍ୟ ସନ୍ତାନ ।

ପୂଜ୍ୟ ଗୋପବନ୍ଧୁ ଚୌଧୁରୀ ଜୀବନର ଶେଷମୁହୂର୍ତ୍ତ ପର୍ଯ୍ୟନ୍ତ ଦୀନ, ଦରିଦ୍ର, ଅବହେଳିତ ଓ ଶୋଷିତ ଓଡିଶାବାସୀଙ୍କ ସେବାରେ ଶେଷରକ୍ତ ବିନ୍ଦୁ ଦେଇ ୧୯୫୮ ମସିହା ଏପ୍ରିଲମାସ ୨୮ ତାରିଖରେ ଓଡିଶାବାସୀଙ୍କୁ ଛାଡି ଚାଲି ଯାଇଛନ୍ତି ।

୧୧୩, ବାପୁଜୀ ନଗର
ଭୁବନେଶ୍ୱର

# ବିପ୍ଳବୀ ଚନ୍ଦନହଜୁରୀ

ଶ୍ରୀ କାହ୍ନୁନାରାୟଣ ମହାନ୍ତି




କେତେକ ଐତିହାସିକଙ୍କ ମତରେ ଚନ୍ଦନହଜୁରୀଙ୍କର ବାପା ରଘୁନାଥ ଶୁକ୍ଳ (ଯେକି ପରବର୍ତ୍ତୀ ସମୟରେ ହଜୁରୀ ହୋଇଥିଲେ) ଉତ୍ତର ପ୍ରଦେଶର ଉନାଓ ଜିଲ୍ଲାର ସୁମେରପୁର ଗାଁରୁ ଆସି ପୁରୀରେ ଅବସ୍ଥାନ କରି ମନ୍ଦିରର ସେବାୟତ ହୋଇଥିଲେ ।

ଅନ୍ୟମାନଙ୍କ ମତରେ ଜଗନ୍ନାଥଙ୍କ ସେବକ ହଜୁରୀ ବଂଶର ସେତେବେଳେ ଥିଲା ଅଖଣ୍ଡ ପ୍ରତିପତ୍ତି । ପୁରୀକୁ ଆସୁଥିବା ସୁଦୂର ଉତ୍ତରପ୍ରଦେଶର ଶହ ଶହ ହିନ୍ଦୀଭାଷାଭାଷୀ ଯଜମାନଙ୍କ ତତ୍ତ୍ୱ ନେବା, ଜଗନ୍ନାଥଙ୍କର ଦର୍ଶନ, ଚେତନା ଓ ମନ୍ଦିର ସଂସ୍କୃତି ବିଷୟରେ ଅବଗତ ନିମନ୍ତେ ହିନ୍ଦୀ ଓ ସଂସ୍କୃତ ଶିକ୍ଷା କରିବାକୁ ସେ ବାଧ୍ୟ ହୋଇଥିଲେ ଏବଂ ପୁଅ ଚନ୍ଦନ ହଜୁରୀଙ୍କୁ ଯାତ୍ରୀ ବ୍ୟବସାୟ ପାଇଁ ବିଭିନ୍ନ ଧର୍ମଶାସ୍ତ୍ର ସହ ସଂସ୍କୃତ ଓ ହିନ୍ଦୀଭାଷା ଶିକ୍ଷା ପାଇଁ ପ୍ରବର୍ତ୍ତାଇ ଥିଲେ । ନିଜର ସମସ୍ତ ପାଣ୍ଡିତ୍ୟ ପୁତ୍ର ଚନ୍ଦନହଜୁରୀଙ୍କ ଉଦ୍ଦେଶ୍ୟରେ ବିନିଯୋଗ କରି ସାରିବାପରେ ସେତେବେଳର ପ୍ରସିଦ୍ଧ ପଣ୍ଡିତ ପୁରୀର ସନ୍ତ ହରିହର ବ୍ରହ୍ମାଙ୍କୁ ସଂସ୍କୃତ ଶିକ୍ଷା ଓ ହିନ୍ଦୀଶିକ୍ଷକ ରାମଦୟାଲ ଶର୍ମାଙ୍କୁ ହିନ୍ଦୀ ଶିକ୍ଷା ନିମିତ୍ତ ନିଯୁକ୍ତ କରିଥିଲେ ।

ଆଦର୍ଶ ଶିକ୍ଷାଗୁରୁ ତଥା ଅଗ୍ରଣୀ ସେବକ ପିତା ରଘୁନାଥଙ୍କ ପ୍ରେରଣାରୁ ଚନ୍ଦନ ହଜୁରୀ ଏକାଧାରରେ ଜଣେ ବିଜ୍ଞ ଉପଦେଷ୍ଟା, ତ୍ୟାଗୀ ଦେଶପ୍ରେମୀ, ଆଧ୍ୟାତ୍ମବାଦୀ କବି ତଥା ଯୋଦ୍ଧା ରୂପେ ଓଡ଼ିଶା ମାଟିରେ ଅବତୀର୍ଣ୍ଣ ହୋଇଥିଲେ ।

ସର୍ବଭାରତୀୟ ସ୍ତରରେ ଯେତେବେଳେ ଇଂରେଜମାନଙ୍କ ବିରୁଦ୍ଧରେ ଭାରତଛାଡ଼ ଆନ୍ଦୋଳନ ପାଇଁ ସ୍ୱର ଉତ୍ତୋଳନ କରାଯାଇଥିଲା, ତାହା ପୂର୍ବରୁ ଅର୍ଥାତ୍ ୧୮୦୪ ମସିହାଠାରୁ ଓଡ଼ିଶାରେ ଇଂରେଜ ଶାସନ ବିରୁଦ୍ଧରେ ବିଦ୍ରୋହ ଆରମ୍ଭ ହୋଇ ଏର ମାଟିର ବୀରପୁତ୍ର ଭାରତମାତା ଲାଗି ଜୀବନକୁ ବାଜି ଲଗାଇ ଦେଇଥିଲେ । ସେହି ବୀରତ୍ୱପୂର୍ଣ୍ଣ ବିଦ୍ରୋହକୁ ମୁକ୍ତି ସଂଗ୍ରାମ ବୋଲି ଆଖ୍ୟା ଦିଆଯାଇଥିଲା, ଯେଉଁ ସଂଗ୍ରାମର ମୁଖ୍ୟ ଓ ସର୍ବପ୍ରଥମ ଶହୀଦ ଥିଲେ ପୁରୀ ରାଜାଙ୍କର ସେନାପତି ଜୟୀ ରାଜଗୁରୁ ।

ସେହି ପବିତ୍ର ତୀର୍ଥଭୂମିରେ ୧୭୮୫ ମସିହା କାର୍ତ୍ତିକ ଶୁକ୍ଳ ଏକାଦଶୀ ତିଥିରେ ପ୍ରଭୁ ଜଗନ୍ନାଥଙ୍କର ଚନ୍ଦନ ଲାଗି ସମୟରେ ପୁରୀ ସହରର ମଣିକର୍ଣ୍ଣିକା ସାହିର ହଜୁରୀ ରଘୁନାଥଙ୍କ ଘରେ ଜନ୍ମ ନେଇଥିବା ଦ୍ୱିତୀୟ କୀର୍ତ୍ତିମୟ ସ୍ୱାଧୀନତା ସଂଗ୍ରାମୀ ହେଲେ ଚାଣ୍ଡ଼ ଖୁଣ୍ଟିଆ ବା ଚନ୍ଦନ ହଜୁରୀ । ଆଜି ସେହି ଅମର ବୀରପୁତ୍ରଙ୍କ ନାମାନୁସାରେ ଶ୍ରୀମନ୍ଦିରର ଦକ୍ଷିଣ ପାର୍ଶ୍ୱରେ ହଜୁରୀ ଲେନ୍‌ରେ ଦଣ୍ଡାୟମାନ ଅଛି ହଜୁରୀ ଭବନ । ସେହି ବଂଶର ଦାୟାଦ ଶ୍ରୀ ଭୀମସେନ ହଜୁରୀଙ୍କ ସହ ଏହି ଲେଖକର ସାକ୍ଷାତକାର ସମୟରେ ସେ ତାଙ୍କ ଘରର ଇଷ୍ଟଦେବୀ (ସମଲେଶ୍ୱରୀ ବୋଲି ଯାହାକୁ କୁହାଯାଉଛି)ଙ୍କୁ ଦେଖାଇଥିଲେ । ଏହାକୁ ନିଜେ ରାଣୀ ଲକ୍ଷ୍ମୀବାଈ ଝାନ୍‌ସୀରୁ ପୁରୀ ପ୍ରେରଣ କରିଥିଲେ । ଏଥି ସହ ଝାନ୍‌ସୀରେ ମହାରାଣୀଙ୍କ ସହ ଚନ୍ଦନହଜୁରୀଙ୍କର ବିଷମ ପରିସ୍ଥିତିରେ ଉଚିତ୍ ପରାମର୍ଶ ସମ୍ବନ୍ଧୀୟ ରେଖାଙ୍କିତ ଚିତ୍ର ଏବଂ ବ୍ରିଟିଶ ସରକାରଙ୍କର ଚନ୍ଦନହଜୁରୀଙ୍କ ନାମରେ ପ୍ରେରିତ ୱାରେଣ୍ଟ ଏବଂ ତାଙ୍କ ଦ୍ୱାରା ବ୍ୟବହୃତ ଦୀର୍ଘ ପଲଙ୍କ, ତରବାରୀ ସହ ଖୋଳ, ଢାଲ ଓ ପାନବଟା ଦେଖିବାର ସୌଭାଗ୍ୟ ମିଳିଥିଲା ।

ପିତା ରଘୁନାଥଙ୍କ ସହ ପୁତ୍ର ଚନ୍ଦନହଜୁରୀ ନିଜର ବୃତ୍ତି ଯାତ୍ରୀ ବ୍ୟବସାୟରେ ଉତ୍ତରଭାରତର ବିଭିନ୍ନ ଅଞ୍ଚଳ ପ୍ରତି ବର୍ଷ ଭ୍ରମଣ କରୁଥିଲେ । ସେହି ଭ୍ରମଣ ସମୟରେ ସାଧାରଣ ଜନତାଙ୍କଠାରୁ ରାଜାମହାରାଜାଙ୍କ ପରିବାର ପର୍ଯ୍ୟନ୍ତ ପୁରୀ ଆଗତ ପଣ୍ଡା ଠାକୁରଙ୍କର ଲୋକ ଭାବେ ସମ୍ମାନିତ ହୋଇ ସେଠାରୁ ଫେରୁଥିଲେ । ସେହି ସୁଯୋଗରେ ଚନ୍ଦନହଜୁରୀଙ୍କର ପରିଚୟ ଓ ଘନିଷ୍ଠତାକୁ ଝାନ୍‌ସୀର

ରାଣୀ ବେଶ୍ ହୃଦୟଙ୍ଗମ କରିପାରିଥିଲେ ।

ଇଂରେଜ ବିରୁଦ୍ଧରେ ସ୍ୱାମୀହରା ବୀରା ରମଣୀ ଝାନ୍‌ସୀରାଣୀ ଯୁଦ୍ଧରେ ଅସାଧାରଣ କରି ଅବତୀର୍ଣ୍ଣ ହୋଇଥିଲେ । ଏହି ଯୁଦ୍ଧରେ ତାଙ୍କର ଉତ୍ତମ ପରାମର୍ଶଦାତା, ବିଚକ୍ଷଣ ଚନ୍ଦନ ହଜୁରୀଙ୍କ ଭୂମିକା ଓଡିଶା ଅଭିଲେଖାଗାରରେ ସଂରକ୍ଷିତ ୧୮୫୭ ମସିହା ବିଦ୍ରୋହର କେତେ ଖଣ୍ଡ ଚିଠିରୁ ପରିସ୍ଫୁଟ । ସେତେବେଳେ ସଂଗଠିତ ବ୍ରିଟିଶ ବିଦ୍ରୋହରେ ଓଡିଶାର ଜଣେ ବୀର ଯୋଦ୍ଧା ତଥା ମାତୃଭକ୍ତ ଚନ୍ଦନହଜୁରୀଙ୍କର ବିଦ୍ରୋହାତ୍ମକ କାର୍ଯ୍ୟକଳାପ କିପରି ସୁଦୂର ଉତ୍ତରଭାରତରେ ଆଲୋଡନ ସୃଷ୍ଟି କରିଥିଲା, ସେହି ଚିଠିରେ ତାର ସବିଶେଷ ତଥ୍ୟ ସନ୍ନିବେଶିତ ।

ଲକ୍ଷ୍ମୀବାଈଙ୍କର ପରିବାରର ପୂଜାପଣ୍ଡା ଭାବେ ତାଙ୍କ ସହ ରାଣୀଙ୍କର ଅପୂର୍ବ ଯୋଗସୂତ୍ର ତାଙ୍କ ସ୍ୱହସ୍ତ ଲିଖିତ ଚିଠିପତ୍ରରୁ ପ୍ରମାଣିତ ହୁଏ ।

ଇଂରେଜ ସାମ୍ରାଜ୍ୟର କୂଟନୀତି ସମଗ୍ର ଭାରତବର୍ଷକୁ ଖଣ୍ଡଖଣ୍ଡ କରିଦେବାକୁ ଆରମ୍ଭ କରିଥିଲା। ତାର ଏକମାତ୍ର କାରଣ ଥିଲା ଭାରତରେ ଗୃହଯୁଦ୍ଧ । ରାଜା ଜମିଦାର ନବାବ୍ ବାହାଦୂରଠାରୁ ଆରମ୍ଭ କରି ଜାତି ଜାତି ଭେଦରେ ବ୍ରିଟିଶ ସରକାର ବାଦ ବିବାଦର ମଞ୍ଜି ବୁଣିଦେଲା । କେଉ ଜାତିର ଶକ୍ତି କେତେ ତାହା ହୃଦୟଙ୍ଗମ କରି ନିଜର ଗୁପ୍ତ ସହାୟତା ଆଳରେ ଭାରତର ବିଶାଳ ଭୂଖଣ୍ଡକୁ ଖଣ୍ଡବିଖଣ୍ଡିତ କରି କବଳିତ କରିବା ଥିଲା ତା'ର ଲକ୍ଷ୍ୟ ।

ରାଜସ୍ୱଲୋପ ନୀତି ତଥା ପୋଷ୍ୟପୁତ୍ର ଗ୍ରହଣ ନିଷିଦ୍ଧ ଇତ୍ୟାଦି ନୀତି ନିର୍ଦ୍ଧାରଣ ସହ ରାଜ କର୍ମଚାରୀମାନଙ୍କୁ ଶାସକଙ୍କ ବିରୁଦ୍ଧରେ ବିଶ୍ୱାସଘାତକତାର ଷଡଯନ୍ତ୍ର ରଚନା କରି ରାଜ୍ୟପତନର ବିପର୍ଯ୍ୟୟକୁ ପରୋକ୍ଷରେ ପ୍ରବର୍ତ୍ତାଇବା ବ୍ରିଟିଶରାଜର ଲକ୍ଷ୍ୟ ଥିଲା । ଠିକ୍ ସେହି ଅବସ୍ଥାରେ ବିଧବାରାଣୀ ଲକ୍ଷ୍ମୀବାଈ ନିଜର ବିଶ୍ୱାସଘାତକ ମନ୍ତ୍ରୀ ଓ ଶଠ ରାଜକର୍ମଚାରୀମାନଙ୍କଠାରୁ ମୁକ୍ତି ପାଇବାପାଇଁ ପୁରୀକୁ ଯେଉଁ ପତ୍ର ଏବଂ ଦୁର୍ଗା ମୂର୍ତ୍ତି ପ୍ରେରଣ କରିଥିଲେ ତାହା ଥିଲା ତୀର୍ଥଗୁରୁ ଚନ୍ଦନ ହଜୁରୀଙ୍କ ନିକଟକୁ ରାଣୀ ତଥା ତାଙ୍କ ଦେଶରକ୍ଷା ନିମନ୍ତେ ଆକୁଳ ଆମନ୍ତ୍ରଣ । ଏହି ଦୁର୍ଗାମୂର୍ତ୍ତି ଆଜି ମଧ୍ୟ ପୁରୀର ହଜୁରୀ ଭବନରେ ଇଷ୍ଟଦେବୀ ଭାବେ ପୂଜା ପାଉଛନ୍ତି ।

ରାଣୀଙ୍କ ନିମନ୍ତ୍ରଣ ପାଇ ଚନ୍ଦନହଜୁରୀ ଯେତେବେଳେ ଝାନ୍‌ସୀରେ ପହଞ୍ଚିଲେ, ସେତେବେଳେ ରାଣୀ ବ୍ରିଟିଶ ସରକାରଦ୍ୱାରା ରାଜ୍ୟହରା ହୋଇ ଭରା ପାଉଥିଲେ । ରାଣୀଙ୍କର ଦୁର୍ଦ୍ଦିନ ସମୟରେ ଚନ୍ଦନଭଳି ଚନ୍ଦନହଜୁରୀ ଝାନ୍‌ସୀରେ ପହଞ୍ଚି ତାଙ୍କ ମନରେ ଦୃଢ ମନୋବଳ ଭରିଦେଇଥିଲେ । ଗୁପ୍ତରେ ସମଗ୍ର ରାଜ୍ୟ ପରିକ୍ରମା କରି ଚନ୍ଦନହଜୁରୀ ନିଜର କର୍ମପନ୍ଥା ସ୍ଥିର କରି ରାଣୀଙ୍କ ସମ୍ମାନରକ୍ଷା ସହିତ ବ୍ରିଟିଶ ବିରୁଦ୍ଧରେ ସଂଗ୍ରାମ ଲାଗି ବିପ୍ଳବର ସୂତ୍ରପାତ କରିଥିଲେ ।

ସିପାହୀ ବିଦ୍ରୋହର ହୃତପିଣ୍ଡ ମହାରାଷ୍ଟ୍ରୀୟ ହିନ୍ଦୁ ନାନାସାହେବ ମୋଗଲ ବାଦଶାହୀ ବାହାଦୂର ଶାହାଙ୍କ ଆନୁଗତ୍ୟ ସ୍ୱୀକାର କରି ନବଭାରତର ପ୍ରଥମ ଗଣ ବିପ୍ଳବର ଶୁଭାରମ୍ଭ କରିଥିଲେ, ସବୁରି ଅଲକ୍ଷ୍ୟରେ ଚନ୍ଦନହଜୁରୀ । ଜାତୀୟଚେତନାର ଅଭିବୃଦ୍ଧି ତଥା ବ୍ରିଟିଶ ବିରୋଧୀ ସଂଗ୍ରାମ ଲାଗି ସେ ଯୋଜନାରେ ମଗ୍ନ ଥିଲାବେଳେ ଏହାକୁ ଲକ୍ଷ୍ୟ ରଖିଥିଲେ ମହାନ୍ ବିପ୍ଳବୀ ଭଗତସିଂହ, ନାନାସାହେବ, ବାରାକ୍‌ପୁରର ମଙ୍ଗଳପାଣ୍ଡେଙ୍କ ପରି ସଚେତନ ଦେଶବତ୍ସଳ ନେତାମାନେ ।

ବିପ୍ଳବ ତେଜି ଉଠିଲା । ବାରାକପୁର ସୈନ୍ୟ ଶିବିରରେ ନିଆଁ ଜଳିଲା । ଏକ ସ୍ୱରରେ ଚରମପନ୍ଥୀମାନଙ୍କର ଚିତ୍କାର ଶୁଭିଲା - ଇଂରେଜମାନଙ୍କୁ ହତ୍ୟାକର । ସମଗ୍ର ଭାରତରେ ନିଆଁ ଜଳିଉଠିଲା । ଝାନ୍‌ସୀରେ କ୍ୟାପଟେନ୍ ସ୍କିନରଙ୍କୁ ଦୁର୍ଗମଧ୍ୟରେ ଅବରୋଧ କରାଯାଇଥିଲା । ଖାଦ୍ୟବିନା ଇଂରେଜ ଶାସକ ଓ ତାର ସମର୍ଥକ ଛଟପଟ ହୋଇ ମରିଯିବା ଆଶଙ୍କା କରି ସ୍କିନର ରାଣୀଙ୍କ ନିକଟରୁ ସାହାଯ୍ୟ ପାଇଁ ଛଦ୍ମବେଶରେ ତାଙ୍କର ସୈନ୍ୟ ପ୍ରେରଣ କରିଥିଲେ । ସେମାନଙ୍କୁ ବାଟରେ ଝାନ୍‌ସୀର ସୈନ୍ୟମାନେ ନିର୍ମମଭାବେ ହତ୍ୟା କରିଥିଲେ । ଶେଷରେ ଇଂରେଜ ସେନାପତି କ୍ୟାପଟେନ୍ ସ୍କିନର ଆତ୍ମ ସମର୍ପଣ ସ୍ୱରୂପ ଦୁର୍ଗଉପରେ ଶ୍ୱେତ ପତାକା ଉଡାଇ ଦେଇଥିଲେ । କିନ୍ତୁ ଏହାଥିଲା ଇଂରେଜମାନଙ୍କ ଅନ୍ୟ ଏକ ଚକ୍ରାନ୍ତ । ଶେଷରେ ଝାନ୍‌ସୀର ବିଜୟ ହୋଇଥିଲା । ସେତିକିରେ ଇଂରେଜର କ୍ରୋଧ ଶାନ୍ତ ହେଲା ନାହିଁ । ଭାରତରେ ବିଦ୍ରୋହର ଦମନଲାଗି ଦୁଇଜଣ ଦକ୍ଷ ସେନାପତିଙ୍କୁ ପ୍ରେରଣ କରାଯାଇଥିଲା । ସେମାନେ ହେଲେ 'ସାର୍ ହିଉରୋଜ୍' ଓ ସାର 'କଲିନ୍ କ୍ୟାମ୍ପବେଲ୍' ।

ସେମାନେ ଦୁଇ ଦିଗରୁ ଝାନସୀ ଆକ୍ରମଣ କରିବା ଅବକାଶରେ ବହୁ ଦେଶୀୟ ରାଜ୍ୟ ଇଂରେଜମାନଙ୍କ ସହ ମିଶି ଦେଶ ସ୍ୱାଧୀନତାର ପ୍ରତିଶ୍ରୁତିକୁ ଭୁଲିଗଲେ ।

ଚନ୍ଦନହଜୁରୀଙ୍କ ଆଖି ଆଗରେ ଅହେତୁକ ଆଶଙ୍କା । ରାଣୀଙ୍କର ଏକମାତ୍ର ବିଶ୍ୱସ୍ତ ଉପଦେଷ୍ଟା ଭାବେ ସେ ରାଣୀଙ୍କୁ କହିଥିଲେ - 'ମହାରାଣୀ ! ଝାନସୀର ସ୍ୱାଧୀନତା ଓ ଦେଶବାସୀଙ୍କର ଜୀବନକୁ ନେଇ ଖେଳଖେଳିବାର ସମୟ ନାହିଁ । ରକ୍ତ ବଦଳରେ ସ୍ୱାଧୀନତା ଆମର ଲକ୍ଷ୍ୟ ।'

ଆଠଦିନ କାଳ ଗୁଳିଗୋଳାର ଶବ୍ଦରେ ଝାନ୍‌ସୀ ନଗରୀ ପ୍ରକମ୍ପିତ ହୋଇଉଠିଲା । ୧୮୫୮ ମସିହା ଜାନୁଆରୀ ପଚିଶ ତାରିଖଠାରୁ ତୁମୁଳ ଯୁଦ୍ଧ ଫଳରେ ଦୁର୍ଗର ବାମପଟ ପ୍ରାଚୀର ଭୁଷୁଡି ପଡିଥିଲା । ଚନ୍ଦନହଜୁରୀ ରାତାରାତି ସେହି ଭଙ୍ଗା ପାଚେରିକୁ ମଧ୍ୟ ଗଢିଦେବାକୁ ସମର୍ଥ ହୋଇଥିଲେ । ଚନ୍ଦନହଜୁରୀ ଗୋୟାଲିୟରରୁ ସେହି ତୁମୁଳ ସଂଗ୍ରାମ ସମୟରେ ପହଞ୍ଚି ରାଣୀଙ୍କୁ ସହାୟତା କରିଥିଲେ ।

ମହାରାଣୀ ଲକ୍ଷ୍ମୀବାଈ ଏକାକୀ ଯେଉଁ ବୀରା ନାରୀର

ରଣକୌଶଳ ପ୍ରଦର୍ଶନ କରିଥିଲେ' ତାହା ଭାରତର ସ୍ୱାଧୀନତା ସଂଗ୍ରାମର ରକ୍ତରଂଜିତ, ବୀରତ୍ୱବ୍ୟଞ୍ଜକ କାହାଣୀ ।

ରାଣୀଙ୍କ ମୃତ୍ୟୁପରେ ତାଙ୍କର ସହଯୋଗୀମାନଙ୍କୁ ଖୋଜା ଚାଲିଲା । ଚନ୍ଦନହଜୁରୀ ଦୀର୍ଘ ଦେଢବର୍ଷକାଳ ଘୋର ଜଙ୍ଗଲ ମଧ୍ୟରେ ଘୁରିବୁଲିଲେ । ସେହି ଆତ୍ମଗୋପନ କାଳରେ ସେ କାଲାକାଙ୍କ ରାଜପ୍ରାସାଦରେ ଆଶ୍ରୟ ନେଇଥିଲେ । ରାଞ୍ଚୀରେ ଅବସ୍ଥାପିତ ତ୍ରୟୋଦଶ ବାଟାଲିୟନ ସିପାହୀମାନଙ୍କ ସହିତ ଚନ୍ଦନହଜୁରୀଙ୍କର ଯୋଗସୂତ୍ର ଥିଲାବୋଲି ଅଭିଲେଖାଗାରରେ ସଂରକ୍ଷିତ ଚିଠିରୁ ଜଣାଯାଏ । ଏହା ଜଣାପଡିବାପରେ ସେ ବିହାର ରାଜ୍ୟର ଗୟାକୁ ପଳାଇ ଥିଲେ । ସେଠାରୁ ତାଙ୍କୁ ବ୍ରିଟିଶ ସରକାର ଗିରଫ କରି ଅଟକବନ୍ଦୀ କରି ରଖିଥିଲା । ୧୮୫୭ ମସିହାର ୨୫ତମ ଆଇନ ଅନୁଯାୟୀ ତାଙ୍କର ସମସ୍ତ ସମ୍ପତ୍ତିକୁ ବ୍ୟାଜାପ୍ତି କରାଯାଇଥିଲା । ୧୮୫୮ ମସିହାରେ ମହାରାଣୀ ଭିକ୍ଟୋରିଆଙ୍କର ଘୋଷଣାପତ୍ର ପ୍ରକାଶ ପାଇବାପରେ ଅନ୍ୟ ରାଜବନ୍ଦୀମାନଙ୍କ ସହ ତାଙ୍କୁ ମୁକ୍ତ କରାଯାଇଥିଲା । ଏଥିସହ ତାଙ୍କର ସମସ୍ତ ସମ୍ପତ୍ତି ଫେରସ୍ତ ଦିଆଯାଇଥିଲା । ସେ ମଧ୍ୟ ଆଉ କୌଣସି ଭାବେ ବିଦ୍ରୋହାତ୍ମକ କାର୍ଯ୍ୟରେ ଲିପ୍ତ ରହିବେ ନାହିଁ ବୋଲି ସର୍ତ୍ତ ରଖାଯାଇଥିଲା ।

ଏହାପରେ ମଧ୍ୟ ଚନ୍ଦନହଜୁରୀ ବହୁବର୍ଷ ପର୍ଯ୍ୟନ୍ତ ଆତ୍ମଗୋପନ କରି ରହିଯାଇଥିଲେ । ପୁରୀ ନ ଫେରିବାରୁ ଚାରିଆଡେ ଜନରବ ଉଠିଥିଲା ଯେ ଘନଜଙ୍ଗଲ ମଧ୍ୟରେ ଚନ୍ଦନହଜୁରୀ ମୃତ୍ୟୁବରଣ କରିଛନ୍ତି । ଘରେ ତାଙ୍କର ନବବିବାହିତ । ପତ୍ନୀ ଦୀର୍ଘ ଅପେକ୍ଷାରେ ହାତରୁ ଶଙ୍ଖା ଓ ମଥାରୁ ସିନ୍ଦୁର ପୋଛି ଦେଇଥିଲେ ।

ଶେଷରେ ଆଚମ୍ବିତ ଭାବେ ୧୮୬୩ ମସିହା କୁମାରପୂର୍ଣ୍ଣିମା ଦିନ ସେ ପୁରୀରେ ପହଞ୍ଚିଥିଲେ ଏବଂ ତାଙ୍କ ସ୍ତ୍ରୀ ପୁଣି ସଧବା ବେଶ ଧାରଣ କରିଥିଲେ । ତେଣୁ ଲୋକମୁଖରେ ଏବେ ମଧ୍ୟ ଶୁଣାଯାଏ-ନଈରେ ବାଳିଆ ଚହଟିଲା, କଜଳ ସିନ୍ଦୁର ନାଥାଲୋ ରାଣ ପୁଣି କାଳିଆ (ଟାଖିଆ) ନେଉଟିଲା । ଟାଖି ଖୁଣ୍ଟିଆ ବା ଚନ୍ଦନ ହଜୁରୀଙ୍କର ସ୍ୱାଧୀନତା ସଂଗ୍ରାମରେ ଭୂମିକା ଅତୁଳନୀୟ । ପିଲାଦିନେ ଯେଉଁ ଶିଶୁ ତୁଣ୍ଡଥିବାରୁ ମହାପ୍ରସାଦ ବିକ୍ରେତାମାନଙ୍କଠାରୁ ଡାଲି, ବେସର, ତରକାରୀ ପ୍ରଭୃତି ଝାମି ନେଇ ଚାଖିବାଟା ଗୋଟାଏ ଖୋଇ କରି ଦେଇଥିବାରୁ 'ଟାଖିଖୁଣ୍ଟିଆ' ବୋଲି ଡକା ହେଉଥିଲେ, ସେହି ନାମ ଯେ ଦିନେ ଇତିହାସର ପୃଷ୍ଠା ମଣ୍ଡନ କରି ଦେଶବତ୍ସଳତାର ପ୍ରତୀକ ହେବ, ଏ କଥା କେହି ଭାବି ନଥିଲେ ।

ଶେଷଜୀବନରେ ସେ ପୁରୀରେ ପ୍ରଭୁ ଜଗନ୍ନାଥଙ୍କର ସେବକଭାବେ ନିତ୍ୟସେବା ପୂଜାରେ ବ୍ରତୀ ହୋଇଥିଲାବେଳେ ତାଙ୍କୁ ଜଣେ ଦେଶଦ୍ରୋହୀ ଛଦ୍ମବେଶୀ ବିଦ୍ରୋହର ଖଳନାୟକ ବୋଲି ବ୍ରିଟିଶ ସରକାର ସନ୍ଦେହ କରି ନିତ୍ୟ ସନ୍ଧ୍ୟାରେ ଥାନାରେ ହାଜିରା ଦେବାକୁ ଆଦେଶ ଦେଇଥିଲେ । ସଂଗ୍ରାମ ଓ ସଂଘର୍ଷ ସହ ଦେଶମାତାର ସେବା କରି ସେ ୧୮୭୦ ମସିହାରେ ଚିରନିଦ୍ରାରେ ବିଶ୍ରାମ ନେଇଥିଲେ । ତାଙ୍କ କବିପ୍ରାଣର ମହତୀ ରଚନା ଭଜନ, ଜଣାଣ, ଚଉତିଶାର ପରୀସର ନାହିଁ । ଯେ ଆଜିବି ସେ ଅମର ଭଜନାବଳୀ ଶୁଣେ, ସେ ସ୍ତବ୍ଧ ହୋଇଯାଏ । ସେଗୁଡିକ ହେଲା - 'ଚକାନୟନକୁ ପତିତ କେହି । ଚକାଇ ଖରନିଃଶ୍ୱାସ ପକାଇ । ଠକାଇ କରି କର୍ଣ୍ଣେ ଗୀତ ନ ଶୁଣ କାହିଁକି ବିଚିତ୍ର ଜମାହେ ।' ଜଗନ୍ନାଥ ! ଏହି ଅଛି ଶ୍ରୀଛାମୁରେ । ଶ୍ରୀରଙ୍ଗା ଚରଣ ସେବାରେ ମୋମନ ରହିଥାଉ ନିରନ୍ତରେ । ଇତ୍ୟାଦି

ସ୍ୱାଧୀନତା ଲାଗି ହଜୁରୀଙ୍କର ତ୍ୟାଗ ଓ ନିର୍ଭୀକ ସଂଗ୍ରାମ ଚିରକାଳ ସ୍ମରଣୀୟ ହୋଇରହିବ ।

ସିଦ୍ଧେଶ୍ୱର ସାହି
କଟକ - ୭୫୩୦୦୮

# ସ୍ୱାଧୀନତା ସଂଗ୍ରାମୀ ହରେକୃଷ୍ଣ ପଣ୍ଡା

ସ୍ୱାଧୀନତା ଆନ୍ଦୋଳନକୁ ତୀବ୍ରତର କରିବା ପାଇଁ ୧୯୩୦ ମସିହାରେ ଲବଣ ସତ୍ୟାଗ୍ରହର ଡାକରା ଦିଆଯାଇଥିଲା । ଗାନ୍ଧୀଙ୍କ ଏହି ଡାକରାରେ ସାରା ଭାରତବର୍ଷରେ ଅଭୂତପୂର୍ବ ଜନ ଜାଗରଣ ସୃଷ୍ଟି ହୋଇଥିଲା । ଏହି ଆନ୍ଦୋଳନ ଭାରତର ପୁରପଲ୍ଲୀକୁ ମଧ୍ୟ ବ୍ୟାପୀ ଯାଇଥିଲା । ଦେଶର ଅଗଣିତ ଜନସାଧାରଣ ଅକୁଣ୍ଠିତ ଚିତ୍ତରେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେବାକୁ ଆଗେଇ ଆସିଥିଲେ । ସ୍କୁଲ ଓ କଲେଜରେ ଅଧ୍ୟୟନ କରୁଥିବା ଛାତ୍ର ଛାତ୍ରୀମାନଙ୍କର ଅବଦାନ ଭାରତର ସ୍ୱାଧୀନତା ସଂଗ୍ରାମରେ କିଛି କମ୍ ନଥିଲା ।

ସର୍ବଭାରତୀୟ ସ୍ତରରେ ମହାତ୍ମାଗାନ୍ଧୀଙ୍କ ନେତୃତ୍ୱରେ ୧୯୩୦ ମସିହା ମାର୍ଚ୍ଚମାସରେ ଡାଣ୍ଡିଠାରେ ଲୁଣ ମାରିବା ପାଇଁ ବହୁ ସତ୍ୟାଗ୍ରହୀ ବାନର ସେନା ସାମିଲ ହୋଇଥିଲେ । ସେହି ସମୟରେ ଭାରତର ଉପକୂଳବର୍ତ୍ତୀ ପ୍ରଦେଶଗୁଡ଼ିକରେ ଲୁଣମରା ଅଭିଯାନ ଆରମ୍ଭ ହୋଇଥିଲା । ଓଡ଼ିଶାରେ ବିଭିନ୍ନ ପର୍ଯ୍ୟାୟରେ ୧୯୩୦ ମସିହା ମାର୍ଚ୍ଚ ମାସରୁ ଏପ୍ରିଲ ମାସ ପର୍ଯ୍ୟନ୍ତ ଲବଣ ସତ୍ୟାଗ୍ରହ ଚାଲିଥିଲା । ଗାନ୍ଧୀଙ୍କ ଆହ୍ୱାନକ୍ରମେ ଓଡ଼ିଶାରେ ସ୍ୱର୍ଗତ ଗୋପବନ୍ଧୁ ଚୌଧୁରୀ, ସ୍ୱର୍ଗତ ଆଚାର୍ଯ୍ୟ ହରିହର ଦାସ, ସ୍ୱର୍ଗତ ଡକ୍ଟର ହରେକୃଷ୍ଣ ମହତାବ, ସ୍ୱର୍ଗତ ଭାଗୀରଥି ମହାପାତ୍ର, ସ୍ୱର୍ଗତ ନବକୃଷ୍ଣ ଚୌଧୁରୀ, ସ୍ୱର୍ଗତା ରମାଦେବୀ ପ୍ରଭୃତିଙ୍କ ନେତୃତ୍ୱରେ ଯେଉଁ ୭୨ ଜଣ ସତ୍ୟାଗ୍ରହୀ ବାନରସେନା ଯୋଗଦାନ କରିଥିଲେ ଏବଂ ପର୍ଯ୍ୟାୟକ୍ରମେ କାରାବରଣ କରିଥିଲେ, ସେମାନଙ୍କ ମଧ୍ୟରେ ଦଶପଲ୍ଲା ନିବାସୀ ସ୍ୱର୍ଗତ ହରେକୃଷ୍ଣ ପଣ୍ଡା ଅନ୍ୟତମ । ଏପ୍ରିଲ ୧୩ ତାରିଖ ୧୯୩୦ ମସିହା ତୃତୀୟ ପର୍ଯ୍ୟାୟ ଲବଣ ସତ୍ୟାଗ୍ରହରେ ସ୍ୱର୍ଗତ ପଣ୍ଡା ବାଲେଶ୍ୱରର ଇଞ୍ଚୁଡ଼ିଠାରେ ପୋଲିସି ଲାଠିମାଡ଼ର ଶିକାର ହୋଇଥିଲେ ଏବଂ କାରାବରଣ କରିଥିଲେ । ତାଙ୍କର ଡାହାଣ ଗୋଡଟି ସବୁଦିନ ପାଇଁ ଜଖମ ହୋଇଥିଲା । ଲବଣ ସତ୍ୟାଗ୍ରହରେ ଯୋଗଦେବା ସମୟରେ ସ୍ୱର୍ଗତ ପଣ୍ଡା ରେଭେନ୍ସା କଲେଜରେ ଆଇ.ଏ. ଶ୍ରେଣୀରେ (ଶେଷବର୍ଷ) ଅଧ୍ୟୟନ କରୁଥିଲେ । ତାଙ୍କ ଘନିଷ୍ଠ ସହପାଠୀ ପୂର୍ବତନ ବିଧାନସଭା ସଦସ୍ୟ ସ୍ୱର୍ଗତ ଗତିକୃଷ୍ଣ ସ୍ୱାଇଁ ( କାକଟପୁର, ଜି: ପୁରୀ) ମଧ୍ୟ ତାଙ୍କ ସହିତ ପୋଲିସ୍ ଦ୍ୱାରା ନିର୍ଯ୍ୟାତିତ ହୋଇ କାରାବରଣ କରିଥିଲେ । ୧୯୩୦ ମସିହା ଇଞ୍ଚୁଡ଼ି ଲବଣ ସତ୍ୟାଗ୍ରହରେ କେବଳ ୭୨ ଜଣ ସତ୍ୟାଗ୍ରହୀ ବାନରସେନା ଯୋଗଦାନ କରି ଦେଶ ପାଇଁ କାରାବରଣ କରିବାକୁ ଆଗେଇ ଆସିଥିଲେ । ଏହି ସତ୍ୟାଗ୍ରହୀ ବାନରସେନାଙ୍କ ମଧ୍ୟରେ ସ୍ୱର୍ଗତ ପଣ୍ଡା ଏବଂ ସ୍ୱର୍ଗତ ସ୍ୱାଇଁ କେବଳ ୨ ଜଣ ଛାତ୍ର ଯୋଗଦେଇଥିଲେ । ଆନ୍ଦୋଳନରେ ଯୋଗ ଦେଇଥିବାରୁ ସେମାନଙ୍କୁ ବିଶ୍ୱବିଦ୍ୟାଳୟ ପରୀକ୍ଷା ଦେବାରୁ ବଞ୍ଚିତ କରାଯାଇଥିଲା ।

ସ୍ୱର୍ଗତ ପଣ୍ଡା ତାଙ୍କ ପିତାଙ୍କର ଏକମାତ୍ର ପୁତ୍ର ଥିଲେ । ତାଙ୍କର ବହୁତ ଜମିବାଡ଼ି ଥିଲା । ଲବଣ ସତ୍ୟାଗ୍ରହରୁ ଫେରି ଦଶପଲ୍ଲା ଗଡ଼ଜାତରେ ଆନ୍ଦୋଳନକୁ ଚଳାଇ ରଖିବାରେ ସ୍ୱର୍ଗତ ପଣ୍ଡା ସ୍ୱର୍ଗତ ଗୋବିନ୍ଦ ମିଶ୍ରଙ୍କ ପରେ ୨ୟ ବ୍ୟକ୍ତି ଥିଲେ । ସ୍ୱର୍ଗତ ଗୋବିନ୍ଦ ମିଶ୍ରଙ୍କର ସେ ଅନୁଗାମୀ ଥିଲେ ଏବଂ ତାଙ୍କ ଦ୍ୱାରା ବିଶେଷ ଭାବରେ ପ୍ରଭାବିତ ହୋଇଥିଲେ । ଲବଣ ସତ୍ୟାଗ୍ରହର ଅବ୍ୟବହିତ ପୂର୍ବରୁ ଦଶପଲ୍ଲାରେ ୨ୟଥର ପାଇଁ ଦରବାର ଶାସନ ବିରୁଦ୍ଧରେ 'କନ୍ଧମେଳି' ହୋଇଥିଲା । କନ୍ଧମାନଙ୍କୁ ସୁସଂଗଠିତ କରି ପରୋକ୍ଷରେ ଯେଉଁମାନେ ସେମାନଙ୍କୁ ଉତ୍ସାହ ପ୍ରଦାନ କରିଥିଲେ, ସେମାନଙ୍କ ମଧ୍ୟରେ ୫ ଜଣ ବ୍ୟକ୍ତିଙ୍କ ନାମ ଉଲ୍ଲେଖଯୋଗ୍ୟ । ସେମାନେ ହେଲେ ସ୍ୱର୍ଗତ ଗୋବିନ୍ଦ ମିଶ୍ର, ସ୍ୱର୍ଗତ ବାବାଜୀ ନିତ୍ୟାନନ୍ଦ ଦାଶ, ସ୍ୱର୍ଗତ ଗଣେଶ ବେହେରା, ସ୍ୱର୍ଗତ କାର୍ତ୍ତିକ ସାହୁ ଏବଂ ସ୍ୱର୍ଗତ ହରେକୃଷ୍ଣ ପଣ୍ଡା । 'କନ୍ଧମେଳି'କୁ ଦମନ କରାଯାଇଥିଲେ ମଧ୍ୟ ଦରବାର ଶାସକର ମନରେ ଏହା ବିଶେଷ ଭାବରେ ଭୟ ସୃଷ୍ଟି ଥିଲା । ଏମାନଙ୍କ ବିରୁଦ୍ଧରେ କେଶମାନ ରୁଜୁ କରାଯାଇଥିଲା । ସ୍ୱର୍ଗତ ଗୋବିନ୍ଦ ମିଶ୍ର ମହାତ୍ମାଗାନ୍ଧୀଙ୍କ ସାବରମତୀ ଆଶ୍ରମକୁ ଚାଲିଗଲା ପରେ ଦଶପଲ୍ଲା ଗଡଜାତରେ ଜନଜାଗରଣ ସୃଷ୍ଟି କରି ଦରବାର ବିରୁଦ୍ଧରେ ସଂଗ୍ରାମ ଚଳାଇ ରଖିବାରେ ସ୍ୱର୍ଗତ ପଣ୍ଡା ହେଲେ ପ୍ରଥମ ବ୍ୟକ୍ତି । ସେଥିପାଇଁ ସେ ରାଜଶାସନର କୋପଦୃଷ୍ଟିରେ ପଡିଥିଲେ ଏବଂ ବହୁତ ନିର୍ଯ୍ୟାତନା ଭୋଗିଥିଲେ ।

ଦଶପଲ୍ଲାର ତଦାନୀନ୍ତନ ରାଜା ସ୍ୱର୍ଗତ ରାଜାବାହାଦୁର କିଶୋର ଚନ୍ଦ୍ର ଦେଓଭଞ୍ଜ ନାବାଳକ ଥିବାରୁ ରାଜ୍ୟ କୋର୍ଟ ଅଫ ୱାର୍ଡ଼ସ ହୋଇଥିଲା ଏବଂ ଦେୱାନ ସ୍ୱର୍ଗତ ରାବଗ୍ରାହୀ ବିଶ୍ୱାଳ ସୁପରିଣ୍ଟେଣ୍ଡେଣ୍ଟ ଭାବରେ ରାଜ୍ୟ ଶାସନଭାର ବହନ କରିଥିଲେ । ସେ ବଡ ଅତ୍ୟାଚାରୀ, ବ୍ରିଟିଶ ସରକାର ପଦ ଲେହନକାରୀ ଶାସକ ଥିବାରୁ ତାଙ୍କର କୋପଚକ୍ଷୁରେ ସ୍ୱର୍ଗତ ପଣ୍ଡା ପଡିଲେ । ତାଙ୍କୁ ବହୁବାର ଅନ୍ତରୀଣ କରାଗଲା । ଦରବାର ଶାସନର ବିନାଅନୁମତିରେ ସେ କେଉଁଆଡ଼େ ନ ଯିବାପାଇଁ ତାଗିଦ୍ କରାଯାଇଥିଲା । ଯେତେବେଳେ ରାଜା ୧୯୩୨ ମସିହାରେ ଶାସନ କ୍ଷମତା ପାଇବା ପାଇଁ ଯୋଗ୍ୟ ବିବେଚିତ ହେଲେ,

ସେ ମଧ୍ୟ ସୁପରିଣ୍ଟେଣ୍ଡେଣ୍ଟଙ୍କ ଦ୍ୱାରା ପ୍ରଭାବିତ ହୋଇ ସ୍ୱର୍ଗତ ପଣ୍ଡାଙ୍କୁ 'ମେଳିଆ' ଆଖ୍ୟା ଦେଇଥିଲେ ଏବଂ ତାଙ୍କ ଗତିବିଧି ପ୍ରତି ତୀକ୍ଷ୍ଣ ଦୃଷ୍ଟି ରଖିଥିଲେ । ସ୍ୱର୍ଗତ ପଣ୍ଡାଙ୍କୁ ଆନ୍ଦୋଳନ ପନ୍ଥାରୁ ନିବୃତ୍ତ ରହିବା ପାଇଁ ରାଜା ସାହେବ ବିଭିନ୍ନ ପ୍ରକାର ଉପାୟ ଅବଲମ୍ବନ କରିଥିଲେ । ଦରବାର ଶାସନ ଅଧୀନରେ ଉଚ୍ଚପଦବୀରେ ଚାକିରି ଦେବାର ପ୍ରଲୋଭନ ମଧ୍ୟ ତାଙ୍କୁ ଦିଆଯାଇଥିଲା । ସ୍ୱର୍ଗତ ପଣ୍ଡାଙ୍କୁ ସହକାରୀ ଦେୱାନ ଚାକିରି ଯଚା ଯାଇଥିଲା । ସେ ତାହା ପ୍ରତ୍ୟାଖ୍ୟାନ କରିଥିଲେ । ତାଙ୍କ ନାମରେ ୧୯୩୮ ମସିହା ପର୍ଯ୍ୟନ୍ତ ବିଭିନ୍ନ ଦଫାରେ ବାରମ୍ବାର ପୋଲିସ କେଶମାନ କରାଯାଇଥିଲା । କିନ୍ତୁ ସବୁ କେଶ୍‌ରେ ସେ ଖଲାସ ହେବା ଫଳରେ ଅନ୍ୟ ଉପାୟ ନ ପାଇ ତତ୍କାଳୀନ ରାଜା ତାଙ୍କର ବହୁ ଭୂସମ୍ପତ୍ତିକୁ ଦରବାର ସମ୍ପତ୍ତିରେ ମିଶାଇ ଦେଇଥିଲେ । ସ୍ୱର୍ଗତ ପଣ୍ଡାଙ୍କ ଗ୍ରାମର ସର୍ବରାକାର ତାଙ୍କ ବିରୁଦ୍ଧରେ ରାଜାଙ୍କ ପାଖରେ ଚିଗୁଲି କରି ଏବଂ ସତ ମିଛ କହି ରାଜାଙ୍କୁ ପ୍ରଭାବିତ କରିଥିଲେ । ଦରବାର ଶତ୍ରୁ ଥିବାରୁ ସେ ଥିଲେ ଗ୍ରାମ ସର୍ବରାକାରର ପରମ ଶତ୍ରୁ । ୧୯୩୮-୩୯ ମସିହାରେ ଯେତେବେଳେ ଓଡ଼ିଶାରେ ପ୍ରଜାମଣ୍ଡଳର ସୂତ୍ରପାତ ହେଲା, ସେ ଥିଲେ ଦଶପଲ୍ଲା ପ୍ରଜାମଣ୍ଡଳ ଆନ୍ଦୋଳନର ପ୍ରବର୍ତ୍ତକ । ଦଶପଲ୍ଲାର ଯେଉଁ କେତେଜଣ ତାଙ୍କ ସହ ପ୍ରଜାମଣ୍ଡଳ ଆନ୍ଦୋଳନରେ ସାମିଲ ହୋଇ ରାଜାଙ୍କ ଦ୍ୱାରା ନିର୍ଯ୍ୟାତନା ଭୋଗି ବାରମ୍ବାର କାରାବରଣ କରିଥିଲେ, ସେମାନଙ୍କ ମଧ୍ୟରେ ସ୍ୱର୍ଗତ ଗୋବିନ୍ଦଚନ୍ଦ୍ର ପଣ୍ଡା, ସ୍ୱର୍ଗତ କାର୍ତ୍ତିକ ସାହୁ, ସ୍ୱର୍ଗତ ଗୋବିନ୍ଦ ପାଣିଗ୍ରାହୀ ପ୍ରଭୃତିଙ୍କ ନାମ ଉଲ୍ଲେଖଯୋଗ୍ୟ ।

ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ଦଶପଲ୍ଲାରେ ଏକ ହାଇସ୍କୁଲ ପ୍ରତିଷ୍ଠା କରାଗଲା ଏବଂ ସେଠାରେ ସ୍ୱର୍ଗତ ପଣ୍ଡା ଶିକ୍ଷକ ହିସାବରେ ଯୋଗଦାନ କରିଥିଲେ । ସେ ୧୯୬୭ ମସିହାରେ କର୍ମ କ୍ଷେତ୍ରରୁ ଅବସର ଗ୍ରହଣ କରି ମୃତ୍ୟୁ ପର୍ଯ୍ୟନ୍ତ ନିଜ ବାସସ୍ଥାନ ପଡଣା ଗ୍ରାମରେ ଜୀବନ କଟାଇଥିଲେ ।

*

## ଜାଭିୟର ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍‌ର କର୍ମକୁଶଳୀଙ୍କୁ ରାଜ୍ୟର ପ୍ରଗତି ପାଇଁ ବିନିଯୋଗ କରାଯିବ

-- ମୁଖ୍ୟମନ୍ତ୍ରୀ

କେବଳ ଓଡ଼ିଶା ନୁହିଁ, ସାରା ଦେଶର ଏକ ଅଗ୍ରଣୀ ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ରୂପେ ପରିଗଣିତ ହୋଇଥିବା ଜାଭିୟର ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍ ଓଡ଼ିଶାର ପ୍ରଗତି ଓ ସମୃଦ୍ଧି ପାଇଁ ଆବଶ୍ୟକ ବୁଦ୍ଧିମାନ ଲୋକଶକ୍ତି ଯୋଗାଇ ରାଜ୍ୟର ପ୍ରଗତିକୁ ତ୍ୱରାନ୍ୱିତ କରିବାକୁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ଆହ୍ୱାନ ଦେଇଛନ୍ତି ।

ଗତ ଅକ୍ଟୋବର ୧୮ ତାରିଖରେ ଭୁବନେଶ୍ୱର ଜାଭିୟର ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମ୍ୟାନେଜମେଣ୍ଟ ପରିସରରେ ଇନ୍‌ଷ୍ଟିଚ୍ୟୁଟର ଦଶମ ବର୍ଷ ପୂର୍ତ୍ତି ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ, ଏହି ମ୍ୟାନେଜମେଣ୍ଟ ଶିକ୍ଷାନୁଷ୍ଠାନ ନିଜର ଲକ୍ଷ୍ୟ ପୂରଣ କରିବାରେ ସମର୍ଥ ହୋଇପାରିଛି । ରାଜ୍ୟର ଦ୍ରୁତ ଶିଳ୍ପାୟନ ସଂଗେ ତାଳ ଦେଇ ଏହି ଭଳି ଏକ ଉତ୍ତମ ମ୍ୟାନେଜମେଣ୍ଟ ଇନ୍‌ଷ୍ଟିଚ୍ୟୁଟ ବୁଦ୍ଧିମାନ ଲୋକଶକ୍ତି ଯୋଗାଇ ଦେଇ ପାରିବ । ଆମକୁ କଳିଙ୍ଗର ସେହି ହୃତଗୌରବକୁ ଫେରାଇ ଆଣିବାକୁ ଅହରହ ଉଦ୍ୟମ କରିବାକୁ ପଡ଼ିବ । ଅତୀତରେ ଓଡ଼ିଶା ନୌବାଣିଜ୍ୟ ମାଧ୍ୟମରେ ପ୍ରାଚୁର୍ଯ୍ୟ ଓ ପ୍ରଗତିରେ ଶୀର୍ଷ ସ୍ଥାନ ଅଧିକାର କରିଥିଲା । ଏକଦା ପଛରେ ପଡ଼ିଥିବା ପୂର୍ବ ଏସିଆର ଦେଶଗୁଡ଼ିକ ବର୍ତ୍ତମାନ ଶିଳ୍ପ ସମୃଦ୍ଧ ହୋଇପାରି ଥିବାରୁ ସେମାନଙ୍କର ଦୃଷ୍ଟାନ୍ତକୁ ଆଖି ଆଗରେ ରଖି ଆମକୁ ରାଜ୍ୟରେ ଗଚ୍ଛିତ ଥିବା ପ୍ରଚୁର ପ୍ରାକୃତିକ ସମ୍ପଦର ସୁବିନିଯୋଗ କରିବାକୁ ହେବ । ପାରାଦ୍ୱୀପ, ଗୋପାଳପୁର ଓ ଧାମରାକୁ ବୃହତ ବନ୍ଦରରେ ପରିଣତ କରି ନୌବାଣିଜ୍ୟର ସେହି ଗୌରବମୟ ଅଧ୍ୟାୟ ପୁଣି ଥରେ ସୃଷ୍ଟି କରିବା ପାଇଁ ପଡ଼ିବ । ଉଦାରୀକରଣ ଅର୍ଥନୀତିର ସମ୍ପୂର୍ଣ୍ଣ ସୁଯୋଗକୁ ହାତଛଡ଼ା ନ କରି ଆମେ ବିଦେଶ ଓ ସ୍ୱଦେଶରୁ ଏକ ଲକ୍ଷ କୋଟି ଟଙ୍କାର ବିଶାଳ ପୁଞ୍ଜି ଓଡ଼ିଶାରେ ବିନିଯୋଗ କରି ରାଜ୍ୟକୁ ପ୍ରାଚୁର୍ଯ୍ୟ ଓ ଅଭିବୃଦ୍ଧିର ଶିଖରରେ ପହଞ୍ଚାଇ ଦେବା ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀବଲ୍ଲଭ ପଟ୍ଟନାୟକ ସମସ୍ତଙ୍କର ସହଯୋଗ କାମନା କରିଥିଲେ ।

# ବିପ୍ଳବୀ ସନୁମାଝୀ

ଶ୍ରୀ ମିତ୍ରଭାନୁ ସତନାମୀ

ସ୍ୱାଧୀନତା ସଂଗ୍ରାମ କହିଲେ ସାଧାରଣ ଜନତା ଅନୁମାନ କରିଥାନ୍ତି ଯେ, ଉଚ୍ଚଜାତିର ପାଠୁଆ ବାବୁମାନେ ବଡ ବଡ ସହର ନଗରମାନଙ୍କରେ ଯୋଜନାବଦ୍ଧ ଭାବେ ଏହା ସଂଘଟିତ କରିଥିବେ । କିନ୍ତୁ ବଣପାହାଡ଼ପୂର୍ଣ୍ଣ ନଦନଦୀ ଘେରା ଆଦିବାସୀ ଅଞ୍ଚଳ ଅଧ୍ୟୁଷିତ ନିଃସ୍ୱ, ଦରିଦ୍ର, ଅପାଠୁଆମାନେ ଇଂରେଜ ଶାସନ ବିରୁଦ୍ଧରେ ଯେଉଁ ଅପୂର୍ବ ବୀରତ୍ୱ ଓ ସାହସ ପ୍ରଦର୍ଶନ କରିଥିଲେ ସେଥିରେ ବିସ୍ମିତ ହେବାକୁ ପଡ଼େ । କେତେବେଳେ ଝୁରୀ ନଦୀ କୂଳରେ ଇଂରେଜ ଆଗରେ ବୀରଦର୍ପରେ ଛାତି ଦେଖାଇ ଦେଶ ପାଇଁ ଶହୀଦ ହୋଇଯାଇଛି ତ କେତେବେଳେ ଇଂରେଜ ବାହିନୀ ସହିତ ଲୁଚକାଳୀ ଖେଳି ପାହାଡିଆ ଅଞ୍ଚଳରେ ସଂଗ୍ରାମକୁ ତେଜେଇ ରଖି ସାହସିକତାର ପରିଚୟ ଦେଇଛି ।

ଘନ ଜଙ୍ଗଲ ଓ ପାହାଡ ପରିବେଷ୍ଟିତ ଅବିଭକ୍ତ କୋରାପୁଟ ଜିଲ୍ଲାର ନବରଙ୍ଗପୁରଠାରୁ ୧୧ କି.ମି ଦୂରରେ ଅବସ୍ଥିତ ପାପଡାହାଣ୍ଡି ଏକ ପବିତ୍ର 'ଶହୀଦ ପୀଠ' । ସ୍ୱାଧୀନତା ସଂଗ୍ରାମରେ ଘଟିଯାଇଥିବା ରକ୍ତାକ୍ତ ସଂଘର୍ଷର ମୂର୍ତ୍ତିମନ୍ତ ପ୍ରତୀକ ରୂପେ ମୁଣ୍ଡଟେକି ଠିଆହୋଇ ରହିଛି ଶହୀଦ ସ୍ମୃତି ସ୍ତମ୍ଭ । ଏହି ସ୍ତମ୍ଭଟିକୁ ନିଜର ଆଭୂଷଣରୂପେ ଆଦରି ନେଇଛି ମାଁ ଝୁରୀ ନଦୀ । ୧୯୪୨ ମସିହା ଅଗଷ୍ଟ ମାସ ୨୪ ତାରିଖର ସୂର୍ଯ୍ୟ ଚିର ସ୍ମରଣୀୟ ହୋଇ ରହିବ । ସଂଗ୍ରାମୀ ସଦାଶିବ ତ୍ରିପାଠୀ, ରାଧାକୃଷ୍ଣ ବିଶ୍ୱାସ ରାୟ, ଲକ୍ଷ୍ମୀଚନ୍ଦ୍ର ଦାସ, ମହମ୍ମଦ ବାଟୀ ପ୍ରମୁଖଙ୍କ ଆହ୍ୱାନ କ୍ରମେ ହଜାର ହଜାର ଲଙ୍ଗୁଆ ଆଦିବାସୀ ଯୁବକ ବ୍ରିଟିଶ ଅତ୍ୟାଚାର ବିରୁଦ୍ଧରେ ସଶସ୍ତ୍ର ସଂଗ୍ରାମ ପାଇଁ ଏକଜୁଟ ହେଲେ । ସେତେବେଳକୁ ବ୍ରିଟିଶ ସୈନ୍ୟଙ୍କର ଅତ୍ୟାଚାର ଅତି ଭୟଙ୍କର ରୂପ ଧାରଣ କରି ସାରିଥିଲା । ଏହାର ଜବାବ୍ ଦେବା ପାଇଁ ଉମରକୋଟରେ ଏକ ବଡ଼ ଧରଣର ଆନ୍ଦୋଳନ ସଂଗଠିତ ହୋଇଥିବାର ଖବର ପାଇଁ ଏହା ଦମନ କରିବାକୁ ବ୍ରିଟିଶ ପୋଲିସ ପ୍ରସ୍ତୁତ ହୋଇଥାଆନ୍ତି । ଆନ୍ଦୋଳନକାରୀଙ୍କ ଗୁପ୍ତଚରମାନେ ହଠାତ୍ ପୋଲିସ୍‌ର ଉକ୍ତ ଷଡ଼ଯନ୍ତ୍ର ଜାଣିପାରିଥିଲେ । ସେଥିପାଇଁ ଇଂରେଜ ସୈନ୍ୟମାନେ ପାପଡାହାଣ୍ଡି ଝୁରୀ ନଦୀ ଯେପରି ଅତିକ୍ରମ କରି ନପାରନ୍ତି, ସେଥିପାଇଁ ପୋଲଗୁଡିକୁ ଭାଙ୍ଗି ଯୋଗାଯୋଗ ବିଚ୍ଛିନ୍ନ କରିବାର ଯୋଜନା କରାଗଲା । ଏହି ଯୋଜନାକୁ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ଅଞ୍ଚଳରେ ବଛା ବଛା ସଂଗ୍ରାମୀଙ୍କ ନେତୃତ୍ୱରେ ଦଳ ଦଳ ଲୋକ ବାହାରି ବିରାଟ ଶୋଭାଯାତ୍ରାରେ ପାପଡାହାଣ୍ଡି ଝୁରୀନଦୀ କୂଳରେ ବ୍ରିଟିଶ ସୈନ୍ୟଙ୍କୁ ପ୍ରତିହତ କରିବା ପାଇଁ ପ୍ରସ୍ତୁତ ହୋଇ ରହିଲେ । ସେହି ଦିନଟି ୧୯୪୨ ମସିହା ଅଗଷ୍ଟ-୨୪ ତାରିଖ । ବ୍ରିଟିଶ୍ ପୋଲିସ୍ ଏହି ବିରାଟ ଶୋଭାଯାତ୍ରା ଉପରକୁ ଗୁଳିଚାଳନା କରି ଯେଉଁ ବିଭତ୍ସ ହତ୍ୟାକାଣ୍ଡ ଘଟାଇଲେ, ତାହା ଅନ୍ୟ ଏକ ଜାଲିଆନାୱାଲାବାଗ୍ ହତ୍ୟାକାଣ୍ଡର ସ୍ୱାକ୍ଷର ବହନ କରେ । ଭାରତଛାଡ଼ ଆନ୍ଦୋଳନର ମନ୍ତ୍ର ଥିଲା କର, ଅବା ମର । ଗାନ୍ଧୀ ମହାପୁରୁଷଙ୍କର ଏହି ଆହ୍ୱାନକୁ ପାଳନ କରିବା ପାଇଁ ଉମରକୋଟ, ଡାବୁଗାଁ ଏବଂ ନବରଙ୍ଗପୁର ନିକଟସ୍ଥ ଗୁମ୍ମାଗୁଡ଼ା ଗ୍ରାମରୁ ଶୋଭାଯାତ୍ରା ବାହାରିଥିଲା । ଶେଷୋକ୍ତ ଶୋଭାଯାତ୍ରା ପାପଡାହାଣ୍ଡି ପାରି ହୋଇ ଝୁରୀନଦୀ କୂଳରେ ପହଞ୍ଚିବା କ୍ଷଣି ବ୍ରିଟିଶ ପୋଲିସର ସାମନା ସାମନି ହୋଇଯାଇଥିଲେ । ଶୋଭାଯାତ୍ରାକାରୀମାନେ ଛାତିକୁ ଟାଣ କରି ବୀର ଦର୍ପରେ ଆଗେଇ ଆସିଲେ ସମ୍ମୁଖ ଯୁଦ୍ଧ କ୍ଷେତ୍ରକୁ । ବୀର ଯୁବକମାନେ ଧନୁଶର, ବର୍ଚ୍ଛା, ଟାଙ୍ଗିଆ ଓ ପଥର ଦ୍ୱାରା ଆକ୍ରମଣ କଲେ । କେତେଜଣ ପୋଲିସ ଗୁରୁତର ଆହତ ହେବା ଫଳରେ ବ୍ରିଟିଶ ପୋଲିସ୍ ନିର୍ମମ ଭାବେ ଗୁଳିଚାଳନା ଆରମ୍ଭ କରିଦେଲେ । ଘଟଣା ସ୍ଥଳରେ ୧୯ ଜଣ ସଂଗ୍ରାମୀ ଆଦିବାସୀ ଯୁବକଙ୍କର ପ୍ରାଣହାନୀ ଘଟିଥିଲା । ସେମାନଙ୍କର ରକ୍ତରେ ଝୁରୀ ନଦୀର ପାଣି ଲାଲ ହୋଇ ଉଠିଲା । ଅନ୍ୟ କେତେଜଣ ସଂଗ୍ରାମୀ ବଡିପାଣିଥିବା ନଦୀକୁ ଡେଇଁ ଭାସିଗଲେ । ପ୍ରାଣବଳୀ ଦେଇଥିବା ସେହି ସ୍ମରଣୀୟ ଦେଶପ୍ରେମୀମାନେ ହେଲେ - (୧) ଶ୍ରୀ ଭଗବାନ ପୂଜାରୀ, ମଣ୍ଡାଗୁଡା (୨) ଶ୍ରୀ ବିକ୍ରମ ଭତରା, ଦ୍ୱଲେଇଗୁଡା (୩) ଶ୍ରୀ ଖଗପତି ଅମାନାତ୍ୟ, କଙ୍ଗରା (୪) ଶ୍ରୀ ପରମାନନ୍ଦ ଶବର, କଙ୍ଗରା (୫) ଶ୍ରୀ ଆନନ୍ଦ ଗୌଡ, ଦୁଃଖୁଗୁଡା (୬) ଶ୍ରୀ ବଳି ସୌରା, ଧଣ୍ଡରା । (୭) ଶ୍ରୀ ରତନ ଭତରା, ଡୁରୁଣ୍ଡି (୮) ଶ୍ରୀ ମଙ୍ଗରୁ ଭତରା, ଉମୁରି (୯) ଶ୍ରୀ ଜଗନ୍ନାଥ ଅମାନାତ୍ୟ, ପାତ୍ରପୁଟ (୧୦) ଶ୍ରୀ ସୁକ୍ରୁ ମୁଦୁଲୀ, ମୁର୍ଦ୍ଦାବାର, (୧୧) ଶ୍ରୀ ସହଦେବ ପୂଜାରୀ, ମୁର୍ଦ୍ଦାବାର (୧୨) ଶ୍ରୀ ସଦାଶିବ ରଣା, ମଣ୍ଡାଗାଁ (୧୩) ଶ୍ରୀ ରାମଚନ୍ଦ୍ର ଅମାନାତ୍ୟ, ପୁଂପୁଗାଁ (୧୪) ଶ୍ରୀ ରତନ ପୂଜାରୀ, ଉସୁରୀ ପଦର (୧୫) ଶ୍ରୀ ଘାସିରାମ ଜାନୀ, ନୂଆଗାଁ (୧୬) ଶ୍ରୀ ଦୀନବନ୍ଧୁ ଜାନୀ, ନୂଆଗାଁ (୧୭) ଶ୍ରୀ ସୁଦ୍ରୁ ଭତରା, ନନ୍ଦାହାଣ୍ଡି ଓ (୧୮)

ଶ୍ରୀ ଶ୍ୟାମସୁନ୍ଦର ଗୌଡ, ସତ୍ତୁଗୁଡା ଏବଂ ବୁଦୁ ଅମାନାତ୍ୟ, ତୁରୁକ୍ତି ।

ଡାବୁଗାଁ ଅଞ୍ଚଳରେ ଏଭଳି ଏକ ଆନ୍ଦୋଳନର ନେତୃତ୍ୱ ନେଇଥାନ୍ତି, ସଂଗ୍ରାମୀ ସନୁମାଝୀ । ତାଙ୍କର ଜନ୍ମ ପ୍ରାୟ ଅଣୀ ବର୍ଷତଳେ ଡାବୁଗାଁ ବ୍ଲକ୍ ଅନ୍ତର୍ଗତ କୁସୁମବନ୍ଧ ଗ୍ରାମରେ । ତାଙ୍କ ପିତାଙ୍କ ନାମ ଦୁର୍ଜନ ମାଝୀ । ମା ମାଟି ଉପରେ ବିଦେଶୀ ଅତ୍ୟାଚାର ଓ ଗାନ୍ଧୀ ମହାପୁରୁଷଙ୍କର ଡାକରାରେ ସନୁମାଝି ସ୍ୱାଧୀନତା ଆନ୍ଦୋଳନରେ ନିଜକୁ ଝାସ ଦେଇ ଥିଲେ । ଦେଶପାଇଁ ନିଜ ଜାତି ଭାଇମାନଙ୍କ ପ୍ରାଣବଳୀ ଏବଂ ସେମାନଙ୍କ ରକ୍ତରେ ତୁରୀ ନଦୀର ପାଣି ଲାଲ ହେବା ଦୃଶ୍ୟ ତାଙ୍କ ହୃଦୟକୁ ବିଦୀର୍ଣ୍ଣ କରିଦେଇଥିଲା । ତାଙ୍କ ହୃଦୟରେ ଶତସିଂହର ବଳ ଜାଗ୍ରତ ହୋଇ ଉଠିଲା । ସେ ରଣ ହୁଂକାର ଦେଇ ଦଳବଦ୍ଧ ହୋଇ ବ୍ରିଟିଶ ସୈନ୍ୟଙ୍କ ଉପରେ ପ୍ରବଳ ଆକ୍ରମଣ ଆରମ୍ଭ କରି ଦେଲେ । ସନୁମାଝୀଙ୍କ ପ୍ରଚଣ୍ଡ ପରାକ୍ରମ ଦେଖି ତାଙ୍କୁ ଜୀବନ୍ତ ଧରି ଆଣିବା ପାଇଁ ବ୍ରିଟିଶ ପୋଲିସ ବହୁତ ଚେଷ୍ଟା କରି ନିଷ୍ଫଳ ହୋଇଥିଲେ ।

ସନୁମାଝୀଙ୍କର ସଂଗ୍ରାମ ଶୈଳୀ ଥିଲା ସ୍ୱତନ୍ତ୍ର । ମଫସଲଓ ଜଙ୍ଗଲ ଅଞ୍ଚଳରେ ବାସ କରୁଥିବା ଆଦିବାସୀଙ୍କ ମନରେ ବ୍ରିଟିଶ ଶାସନ ବିରୁଦ୍ଧରେ ଜନମତ ସୃଷ୍ଟି କରିବା, ଲୁଚିଛପି ଆନ୍ଦୋଳନର ବାର୍ତ୍ତା ପ୍ରସାର କରିବା, ଇଂରେଜ ଶାସନ ପ୍ରତି ଅସହଯୋଗ ଭାବ ସୃଷ୍ଟି କରିବା ଥିଲା ତାଙ୍କର ଲକ୍ଷ୍ୟ । ପ୍ରତ୍ୟକ୍ଷଦର୍ଶୀମାନେ କହନ୍ତି - ସନୁମାଝୀ ହଠାତ୍ ଆକାଶର ଉଲକା ପରି ଘନ ଅରଣ୍ୟ ମଧ୍ୟରେ ଅଦୃଶ୍ୟ ହୋଇଯାନ୍ତି । ଇଂରେଜ ସୈନ୍ୟଙ୍କ ଶ୍ୱେନ ଦୃଷ୍ଟି ଜଙ୍ଗଲରେ ଘୁରିବୁଲୁଥାଏ । ବନ୍ଧୁକଧରି ବ୍ରିଟିଶ ସୈନ୍ୟ ଓ ତାର ଗୁପ୍ତଚରମାନେ ବଣପାହାଡ ଗାଁ ଗାଁ ବୁଲି ସନୁମାଝୀଙ୍କୁ ଧରିବାକୁ ବହୁତ ଚେଷ୍ଟା କଲେ, ତଥାପି ବିପ୍ଳବୀ ସନୁମାଝୀଙ୍କୁ ଇଂରେଜମାନେ ଧରିପାରିଲେ ନାହିଁ । ସରକାର ଘୋଷଣା କଲେ ସନୁମାଝୀଙ୍କୁ ଜୀବିତ କିମ୍ବା ମୃତ ଧରାଇଦେଲେ ପାଞ୍ଚହଜାର ଟଙ୍କା ପୁରସ୍କାର ଦିଆଯିବ ।

ଭାରତମାତାର ମୁକ୍ତି ଓ ଗାନ୍ଧୀଙ୍କ ରାମରାଜ୍ୟର କଳ୍ପନା ସନୁମାଝୀଙ୍କ ହୃଦୟକୁ ଆନ୍ଦୋଳିତ କରୁଥାଏ । ଏ ଦେଶରୁ ବ୍ରିଟିଶ ଶାସନର ଅବସାନ ଘଟିବ, ଏହି ଆଶା ନେଇ ସେ ଗାଁକୁ ଗାଁ, ବଣକୁ ବଣ ଘୁରି ବୁଲୁଥାନ୍ତି । ରାତିରେ ନିଦନାହିଁ, ପେଟରେ ଭୋକ ନାହିଁ, ଶୋଇବାକୁ ଆଶ୍ରୟ ନାହିଁ, ପାଖରେ ଥାଇ କରିବାକୁ ସ୍ତ୍ରୀ ପୁତ୍ର କେହି ନାହିଁ । ନିର୍ଜନ ବଣ ମଧ୍ୟରେ ଆତ୍ମଗୋପନ କରି ସେ ବର୍ଷ ବର୍ଷ ଧରି ସଂଗ୍ରାମ ଚଳାଇଛନ୍ତି । ଏହି ବିଦ୍ରୋହୀ ସନୁମାଝୀ ବ୍ରିଟିଶ ପୋଲିସର ଲାଠିମାଡ, ଜେଲ, ବନ୍ଧୁକ ଗୁଳି ଓ ଫାଶୀ ପ୍ରତି ଭ୍ରୂକ୍ଷେପ ନ କରି ମାତୃଭୂମି ପାଇଁ ପ୍ରାଣବଳୀ ଦେବାକୁ ସଂକଳ୍ପବଦ୍ଧ ହୋଇଛନ୍ତି । ଶେଷରେ ତାଙ୍କର ପ୍ରତିଜ୍ଞା ପୂରଣ ହୋଇଛି । ଜୀବିତ ଅବସ୍ଥାରେ ସେ ଦେଖିପାରିଲେ ବ୍ରିଟିଶ ଶାସନର ଅବସାନ । କିନ୍ତୁ ତାଙ୍କ ସ୍ୱପ୍ନ, ସ୍ୱପ୍ନରେ ହିଁ ରହିଗଲା । ମହାତ୍ମାଗାନ୍ଧୀଙ୍କ ରାମ ରାଜ୍ୟର କଳ୍ପନା କଳ୍ପନାରେ ହିଁ ରହିଗଲା । କୋରାପୁଟ ଜିଲ୍ଲାର ବିପ୍ଳବୀ ସନୁମାଝୀ ସ୍ୱାଧୀନ ଭାରତରେ ଜଣେ ଅବହେଳିତ ଓ ଦରିଦ୍ର ଲୋକ ହୋଇ ରହିଗଲେ । ଅନାହାର ଅର୍ଦ୍ଧାହାରରେ ତାଙ୍କ ଶେଷ ଜୀବନ କଟିଥିଲା । ସ୍ୱାଧୀନ ଭାରତରେ ଜୀବନକୁ ଉପଭୋଗ କରିବାର ଆଶା ତାଙ୍କର ମଉଳିଗଲା । ଗତ ୧୯୯୦ ମସିହାରେ ସ୍ୱାଧୀନତା ସଂଗ୍ରାମର ଏହି ମହାନ ସେନାନୀଙ୍କ ପାପଡାହାଣ୍ଡି ବ୍ଲକ ଅନ୍ତର୍ଗତ ପାତ୍ରୀଠାରେ ଯେତେବେଳେ ଦେହାନ୍ତ ହୋଇଗଲା, ସେତେବେଳେ ଏ ଅଞ୍ଚଳର ଲୋକେ ଜାଣିବାର ସୁଯୋଗ ମଧ୍ୟ ପାଇପାରିଲେନାହିଁ ।

*ରାଜସ୍ୱ ନିରୀକ୍ଷକ*
*ମାଇଗାଁ (ପାପଡାହାଣ୍ଡି), ଜି : ନବରଙ୍ଗପୁର*

# ମୋତିଆବିନ୍ଦୁ ଓ ଅନ୍ଧତ୍ୱ ଦୂରୀକରଣ

ଡା: କଲ୍ୟାଣୀ ଦାଶ

ଆମ ଦେଶରେ ପ୍ରାୟ ସାଢେ ଚାରିକୋଟି ଲୋକ ଦୃଷ୍ଟି ଦୋଷରେ ପୀଡ଼ିତ। ତା ମଧ୍ୟରୁ ୧.୨ କୋଟି ଦୃଷ୍ଟିହୀନ। ଏହା ମୋଟ ଜନସଂଖ୍ୟାର ୧.୫% । ସମଗ୍ର ବିଶ୍ୱର ମୋଟ ଦୃଷ୍ଟିହୀନଙ୍କର ଏକ ତୃତୀୟାଂଶ। ଦରିଦ୍ର ଲୋକେ ଖାଦ୍ୟାଭାବରୁ ଚକ୍ଷୁରୋଗରେ ପୀଡ଼ିତ ହୋଇ ଅନ୍ଧତ୍ୱ ପ୍ରାପ୍ତ ହୁଅନ୍ତି। ମୁଖ୍ୟତଃ ଖାଦ୍ୟରେ ଭିଟାମିନ 'ଏ' ଏବଂ 'ଡି' ଅଭାବ ଏଥିପାଇଁ ଦାୟୀ। କିଶୋର ବୟସରେ ଚକ୍ଷୁ ବିଭିନ୍ନ କାରଣରୁ ଆଘାତପ୍ରାପ୍ତ ହୋଇ Tranmatic cataract ଏବଂ ଚକ୍ଷୁ ନଷ୍ଟ ହୋଇ ଅନ୍ଧତ୍ୱ ଦେଖାଦେଇଥାଏ । ଗ୍ଲାକୋମା ହୋଇ ଚକ୍ଷୁଗୋଲକର ଭିତରେ ଚାପ ବୃଦ୍ଧି ହୋଇ ଅନ୍ଧତ୍ୱ ହୋଇଥାଏ। ସେହିଭଳି ଟ୍ରାକୋମା ନାମକ ଏକ ଜୀବାଣୁ ଜନିତ ରୋଗରେ ଆଖିପତାର ଭିତରପାଖରେ ଗୁଆଁ ଗୁଆ ହୋଇ Follide ସୃଷ୍ଟି ହେବା ଦ୍ୱାରା ଚକ୍ଷୁର ସ୍ୱଚ୍ଛପଟଳ (Cornea) ନଷ୍ଟ ହୋଇ ଅନ୍ଧତ୍ୱ ହୋଇଥାଏ । ସମୀପ-ଦୃଷ୍ଟିଦୋଷ ଏବଂ ଗୁରୁତର ଟେରା ଦୋଷରେ ମଧ୍ୟ ଅନ୍ଧତ୍ୱ ହେବାର ଦେଖାଯାଏ । କିଶୋର ବୟସରେ ଅନ୍ଧତ୍ୱ ରୋକିବା ନିମିତ୍ତ ନିୟମିତ ଚକ୍ଷୁ ପରୀକ୍ଷା କରାଇବା ବିଧେୟ।

ବିଭିନ୍ନ କାରଣରୁ ହୋଇଥିବା ଅନ୍ଧତ୍ୱକୁ ବିଚାର କଲେ ଆମେ ଦେଖିଥାଉ ଯେ , ୫୫% କ୍ଷେତ୍ରରେ ମୋତିଆବିନ୍ଦୁ ଯୋଗୁଁ ଦୃଷ୍ଟିଶକ୍ତି ଲୋପପାଏ । ଆମ ଦେଶରେ ୮୦% ଲୋକ ମୋତିଆବିନ୍ଦୁ (Cataract) ଯୋଗୁଁ ଅନ୍ଧ ହୋଇ ଦୃଷ୍ଟିଶକ୍ତି ହରାଇବସନ୍ତି। ମାତ୍ର ସୁଖର କଥା, ମୋତିଆବିନ୍ଦୁ ଯୋଗୁଁ ହେଉଥିବା ଅନ୍ଧତ୍ୱ ଏକ ଅପରେସନ ଦ୍ୱାରା ଭଲ ହୋଇଥାଏ।

ମୋତିଆବିନ୍ଦୁ କ'ଣ - ଆମ ଆଖି ଏକ କ୍ୟାମେରା ସଦୃଶ । ଆଖିର ସମ୍ମୁଖ ଭାଗରେ ଥିବା ସ୍ୱଚ୍ଛପଟଳ (Cornea) ବାଟେ ଆଲୋକରଶ୍ମି ଚକ୍ଷୁ ଭିତରକୁ ଯାଏ। ଏହା ଆଖି ପୁଅ ମଧ୍ୟଦେଇ ଆମ ଆଖି ଭିତରେ ଥିବା ଲେନ୍ସ ଦ୍ୱାରା ରେଟିନା ଉପରେ ବସ୍ତୁର ପ୍ରତିବିମ୍ବ ସୃଷ୍ଟି କରେ। ତେଣୁ ବସ୍ତୁଟିର ପ୍ରତିବିମ୍ବ ଆମ ଆଖି ଭିତରେ ପଡିପାରେ ନାହିଁ ଏବଂ ଆମେ ବସ୍ତୁଟିକୁ ଦେଖିପାରୁନାହିଁ । ବୟସ ବଢିବା ସଙ୍ଗେ ସଙ୍ଗେ ଆମ ଆଖିର ଲେନ୍ସଟି କ୍ରମେ ଅସ୍ୱଚ୍ଛ ହୋଇଯାଇ କ୍ରମେ ସମ୍ପୂର୍ଣ୍ଣ ଧଳା ହୋଇଯାଏ ।ଏହାକୁ Cataract ବା ମୋତିଆବିନ୍ଦୁ କହନ୍ତି ।

ଆଖିରେ କୌଣସି କାରଣରୁ ଗୁରୁତର ଆଘାତ ଲାଗିଲେ, ମଧୁମେହ କିମ୍ବା ଉଚ୍ଚ ରକ୍ତଚାପ ହେଲେ ମଧ୍ୟ ବାର୍ଦ୍ଧକ୍ୟ ପୂର୍ବରୁ ମୋତିଆବିନ୍ଦୁ ହୋଇଥାଏ।

**ମୋତିଆବିନ୍ଦୁର ଲକ୍ଷଣ :** ବୟସ ବଢିବା ସଙ୍ଗେ ସଙ୍ଗେ ଯେତେବେଳେ ବାଳ ପାଚିଯାଏ, ଦାନ୍ତ ପଡିଯାଏ, ଚର୍ମ ଶିଥିଳ ହୁଏ, ପ୍ରୋଷ୍ଟେଟ୍ ଗ୍ଲାଣ୍ଡ ବଢ଼ିଯାଏ, ସେହି ସମୟରେ ମୋତିଆବିନ୍ଦୁ ଦେଖାଦେଇଥାଏ । ଏହାଦ୍ୱାରା ହେଉଥିବା ଅନ୍ଧତ୍ୱ ଏକ ସହଜ ଓ ନିରାପଦ ଅପରେସନ ସାହାଯ୍ୟରେ ଦୂର ହୋଇପାରେ। ତେଣୁ ଏହାର ଲକ୍ଷଣଗୁଡିକ ଜାଣିଲେ ଉପଯୁକ୍ତ ବିଶେଷଜ୍ଞଙ୍କ ସଙ୍ଗେ ପରାମର୍ଶ କରି ସଂପୂର୍ଣ୍ଣ ଆରୋଗ୍ୟ ଲାଭ ହୋଇପାରିବ।

ମୋତିଆବିନ୍ଦୁ ହେଲେ କୌଣସି ଯନ୍ତ୍ରଣା ନଥାଇ ଧୀରେ ଧୀରେ ଦୃଷ୍ଟିଶକ୍ତି ହ୍ରାସପାଏ । ସାଧାରଣ ଲୋକେ ଆଖି ଆଗରେ କୁହୁଡି ମାଡିଗଲା ବୋଲି କହନ୍ତି । ଉଜ୍ଜ୍ୱଳ ଆଲୋକ ସହ୍ୟ କରିହୁଏନାହିଁ। ପ୍ରତ୍ୟେକ ବସ୍ତୁ ଦୁଇଟି କରି ଦେଖାଯାଏ । ବେଳେ ବେଳେ ରଙ୍ଗ ଚିହ୍ନିବାରେ ଅସୁବିଧା ହୁଏ। ଆଖିଭିତର ପୁଅ (Pupil) ବାଟେ କୁହୁଡିଆ ବା ଧଳାମୋତି ପରି ଲେନ୍ସଟି ଦେଖାଯାଏ । । ମୋତିଆବିନ୍ଦୁ ହେଲେ ଦୂର ଓ ନିକଟ ବସ୍ତୁ ମଧ୍ୟରେ ପାର୍ଥକ୍ୟ ଜାଣିହୁଏ ନାହିଁ।

**ଚିକିତ୍ସା :** ମୋତିଆବିନ୍ଦୁ ( Cataract) ସମ୍ପୂର୍ଣ୍ଣ ପରିପକ୍ୱତା ଲାଭ କଲେ ଏକ ସହଜ ନିରାପଦ ଅପରେସନ କରି ଅସ୍ୱଚ୍ଛ ଲେନ୍ସଟିକୁ ବାହାର କରି ଦେବା ଦ୍ୱାରା ଦୃଷ୍ଟିଦୋଷ ସମ୍ପୂର୍ଣ୍ଣ ରୂପେ ଦୂର ହୋଇପାରେ। ଆଜି ପର୍ଯ୍ୟନ୍ତ ଏପରି କୌଣସି ଔଷଧ ବାହାରି ନାହିଁ, ଯାହାକି ମୋତିଆବିନ୍ଦୁ ଭଲ ହେବା ବନ୍ଦ କରେ କିମ୍ବା ବିନା ଅପରେସନରେ ମୋତିଆବିନ୍ଦୁ ଭଲ କରିଦିଏ । ମୋତିଆବିନ୍ଦୁ ପାକଳ ନ ହେଲେ ଅପରେସନ କରି ହୁଏ ନାହିଁ। ସେହିଭଳି ଏହା ଅଧିକ ପାକଳ ହୋଇଗଲେ ମଧ୍ୟ ଆଖିର ଅଶେଷ ଅନିଷ୍ଟ ସାଧନ କରେ । ଯଥା - ଆଖି ଭିତରେ ଚାପପଡେ, ଆଖିରେ ଯନ୍ତ୍ରଣା ହୁଏ। ଏଭଳି ରୋଗୀଙ୍କର ଅପରେସନ କରାଗଲେ ମଧ୍ୟ ସମ୍ପୂର୍ଣ୍ଣ ଦୃଷ୍ଟିଶକ୍ତି ଫେରିପାରେ ନାହିଁ। ତେଣୁ ବର୍ଷର ଯେ କୌଣସି ସମୟରେ, ଉପଯୁକ୍ତ ବିଶେଷଜ୍ଞ ଡାକ୍ତରଙ୍କ ଦ୍ୱାରା ମୋତିଆବିନ୍ଦୁର ଅପରେସନ

କରିବା ଉଚିତ । ଗାଉଁଲି ଅଜ୍ଞ ବ୍ୟକ୍ତିମାନଙ୍କ ଦ୍ୱାରା ଏହାର ଅପରେସନ କରିବା ଉଚିତ ନୁହେଁ ।

**କେଉଁଠି ଚିକିତ୍ସା କରାଇବା ନିରାପଦ :** ଜିଲ୍ଲା ଡାକ୍ତରଖାନା ତଥା ସବ୍‌ଡିଭିଜନାଲ ଡାକ୍ତରଖାନା ଏବଂ ମେଡିକାଲ କଲେଜରେ ଏହି ଅପରେସନ କରାଇବା ସବୁଠାରୁ ନିରାପଦ । ମାତ୍ର ଦୂର ଦୂରାନ୍ତ ବୃଦ୍ଧ ବୃଦ୍ଧାମାନେ ଏତେ ଦୂର ଯିବା କଷ୍ଟକର ହେଉଥିବାରୁ ସରକାରୀ ଓ ବେସରକାରୀ ପ୍ରଚେଷ୍ଟାରେ ଏବଂ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନଙ୍କ ଦ୍ୱାରା ଗ୍ରାମାଞ୍ଚଳରେ ଚିକିତ୍ସା ଶିବିରମାନ ଖୋଲାଯାଇ ମୋତିଆବିନ୍ଦୁର ଅପରେସନ କରାଯାଉଛି । ଏହି ସ୍ୱାସ୍ଥ୍ୟ ଶିବିରକୁ ରୋଗୀମାନଙ୍କୁ ନେବା ଆଣିବା, ରହିବା ଓ ଖାଇବାର ବ୍ୟବସ୍ଥା ହୋଇଥାଏ । ଅପରେସନ ପରେ ଆଖି ପରୀକ୍ଷା କରି ବିନାମୂଲ୍ୟରେ ଚଷମା ବଣ୍ଟନ କରାଯାଇଥାଏ ।

ରାଷ୍ଟ୍ରୀୟ ଅନ୍ଧତ୍ୱ ନିରାକରଣ ଯୋଜନା ଅନୁଯାୟୀ ଜିଲ୍ଲାସ୍ତରରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନ୍ଧତ୍ୱ ନିରାକରଣ ସମିତିମାନ ଗଢାହୋଇ ଏ ଦିଗରେ ଯଥେଷ୍ଟ ସାହାଯ୍ୟ କରୁଛନ୍ତି ।

**ଅପରେସନ ସମ୍ବନ୍ଧରେ ସମ୍ୟକ୍ ସୂଚନା :**

(କ) **ଅପରେସନ ପୂର୍ବରୁ :** ଚକ୍ଷୁ ଚିକିତ୍ସକଙ୍କ ଦ୍ୱାରା ଚକ୍ଷୁ ପରୀକ୍ଷା କରାଯାଇ କୌଣସି ଅସୁବିଧା ଜଣାପଡ଼ିଲେ ତାହାର ଚିକିତ୍ସା କରାଯାଏ । ମୂତ୍ର, ରକ୍ତଚାପ ଇତ୍ୟାଦି ପରୀକ୍ଷା କରି ମଧୁମେହ କିମ୍ବା ଉଚ୍ଚ ରକ୍ତଚାପ ଥିବାର ଜଣାପଡିଲେ ପ୍ରଥମେ ସେହି ରୋଗର ଉପଚାର କରାଗଲା ପରେ ମୋତିଆବିନ୍ଦୁର ଅପରେସନ କରାଯାଏ । ଆଖିର ଚାପ ପରୀକ୍ଷା କରାଯାଇ 'ଗ୍ଲାକୋମା' ଥିବାର ଜଣାଗଲେ ଅପରେସନ ସ୍ଥଗିତ ରଖାଯାଏ । ସେହିପରି ଲୋତକ ପରୀକ୍ଷା କରି ଚକ୍ଷୁରେ କୌଣସି ଜୀବାଣୁ ସଂକ୍ରମଣ ଥିଲେ ତାହାର ଚିକିତ୍ସା କରାଯାଇଥାଏ ।

(ଖ) **ଅପରେସନ :** ମୋତିଆବିନ୍ଦୁ ହେଲେ ଅପରେସନ କରି ଅସ୍ୱଚ୍ଛ ଲେନ୍ସକୁ ବାହାର କରି ଦିଆଯାଏ । କାନ ସାମନାରେ ଏକ ଇଞ୍ଜେକ୍‌ସନ ଦେଇ ଆଖିକୁ ବଧିରା କରି ଦେଲାପରେ ଅପରେସନ ହୁଏ । ରୋଗୀ ଚାହିଁଲେ ଆଖି ଭିତରେ କୃତ୍ରିମ ଲେନ୍ସ ଲଗାଇ ଦିଆଯାଏ । ଫଳରେ ରୋଗୀକୁ ଅପରେସନ ପରେ ଅତି ମୋଟା ଉତ୍ତଳ ଯବକାଚ ବିଶିଷ୍ଟ ଚଷମା ବ୍ୟବହାର କରିବାକୁ ପଡେ ନାହିଁ । ମୋତିଆବିନ୍ଦୁ ନିମନ୍ତେ ମୁଖ୍ୟତଃ ୨ ପ୍ରକାରର ଅପରେସନ କରାଯାଇଥାଏ । ଯଥା - ଇନଟ୍ରାକ୍ୟାପ୍ସୁଲାର ଓ ଏକ୍‌ସଟ୍ରାକ୍ୟାପ୍ସୁଲାର ।, Intra capsular ଅପରେସନରେ ଲେନ୍ସଟିକୁ ତା'ବାହାରେ ଥିବା ଆବରଣ ବା Capsule ସହିତ ବାହାର କରାଯାଏ । ମାତ୍ର Extracapsular extraction ରେ ଆବରଣ ଭିତରୁ ଲେନ୍ସଟିକୁ ବାହାର କରାଯାଏ ।

(ଗ) **ଅପରେସନ ପରେ :** ଅପରେସନ ପରେ ଛଅ ସପ୍ତାହ ପର୍ଯ୍ୟନ୍ତ ରୋଗୀ ଚକ୍ଷୁ ବିଶେଷଜ୍ଞଙ୍କ ନିର୍ଦ୍ଦେଶ ମାନି ଚଳିବା ଆବଶ୍ୟକ । ଅପରେସନ ପରେ ନିୟମିତ ଔଷଧ ବ୍ୟବହାର କରିବାକୁ ହୋଇଥାଏ । ଆଖିରେ କୌଣସି ପ୍ରକାରର ଯନ୍ତ୍ରଣା ହେଲେ, ଆଖି ଲାଲ ପଡିଲେ, ଆଖିରୁ ପାଣି ବହିଲେ, ଦୃଷ୍ଟିଶକ୍ତି କମିଗଲେ ତୁରନ୍ତ ଡାକ୍ତରଙ୍କ ସହ ପରାମର୍ଶ କରିବା ଉଚିତ । ୬ ସପ୍ତାହ ପର୍ଯ୍ୟନ୍ତ ଶୋଇବାବେଳେ ଆଖିର ସୁରକ୍ଷା ନିମିତ୍ତ Eye shield ବ୍ୟବହାର କରିବା ଉଚିତ ।.ଅପରେସନ ପରେ ଦୁଇସପ୍ତାହ ପର୍ଯ୍ୟନ୍ତ କାଶିବା, ଛିଙ୍କିବା, ଜୋରରେ କଥା କହିବା, ଭାରି ଜିନିଷ ଉଠାଇବା, କାନ୍ଦିବା ମନା । ଅପରେସନ ପରେ ଦୁଇ ସପ୍ତାହ ପର୍ଯ୍ୟନ୍ତ ଦୁଇକଡ ବନ୍ଦଥିବା କଳା ଚଷମା ବ୍ୟବହାର କରିବା ଉଚିତ । କୋଷ୍ଠକାଠିନ୍ୟ ଓ କାଶର ତୁରନ୍ତ ଚିକିତ୍ସା କରିବା ଆବଶ୍ୟକ । ଦିନରେ ଅତି କମ୍‌ରେ ଦୁଇଥର ଖୁବ୍ ହାଲୁକା ଭାବେ ହାତରେ ପାଣି ନେଇ ଆଖି ଧୋଇବା ଏବଂ ଓଦାଲୁଗାରେ ମୁହଁ ପୋଛିବା ଉଚିତ । ଛ ସପ୍ତାହ ପରେ ଆଖି ପରୀକ୍ଷା କରି ଉପଯୁକ୍ତ ପାୱାରର ଚଷମା ଲଗାଇବା ଆବଶ୍ୟକ ।

ଅପରେସନ ପରେ ଖାଲି ହାତ ଆଖିରେ ଲଗାଇବା ଉଚିତ ନୁହେଁ । ଦୁଇସପ୍ତାହ ପର୍ଯ୍ୟନ୍ତ ମୁଣ୍ଡ ଧୋଇବା ଅନୁଚିତ । ବେଢ ତଳକୁ ଗାଧୋଇବା, ଧୂଳି କିମ୍ବା ଭିଡ ସ୍ଥାନକୁ ନ ଯିବା ଉଚିତ । ମୋତିଆବିନ୍ଦୁ ଅପରେସନ ବ୍ୟକ୍ତି ଧୂମପାନ୍ ଓ ମାଦକ ଦ୍ରବ୍ୟ ସେବନ କରିବା ଅନୁଚିତ । ଓଜନ ବସ୍ତୁ ଉଠାଇଲେ, ଅଧିକ ନଇଁଲେ ବା ମୋଡିହେଲେ ଏବଂ ମୁଣ୍ଡ ଜୋରରେ ହଲାଇଲେ ଆଖି ଉପରେ ଅଧିକ ଚାପ ପଡିବା ଓ ଅନ୍ୟାନ୍ୟ ଅସୁବିଧା ହେବାର ସମ୍ଭାବନା ଥାଏ । ଆଖିରୁ ଲୁହ ଝରିଲେ ଓ ଆଖିରେ କୌଣସି ପ୍ରକାର ଆଘାତ ଲାଗିଲେ ଅପରେସନ ଅସଫଳ ହେବାର ଆଶଙ୍କା ଥାଏ । ତେଣୁ ଏସବୁ ଠାରୁ ଦୂରେଇ ରହିବା ବିଧେୟ ।

**ରୋଗୀ ପ୍ରତି ପରିବାରର ଅନ୍ୟମାନଙ୍କ କର୍ତ୍ତବ୍ୟ :**

ପ୍ରାୟ ପରିବାରର ବୟସ୍କ ଓ ମୁରବୀ ବ୍ୟକ୍ତି ମୋତିଆବିନ୍ଦୁ ଦ୍ୱାରା ଆକ୍ରାନ୍ତ ହୋଇଥାନ୍ତି । ତେଣୁ ତାଙ୍କ ପ୍ରତି ପରିବାରର ଅନ୍ୟ ସମସ୍ତଙ୍କର ସମ୍ମାନ, ଶ୍ରଦ୍ଧା, କର୍ତ୍ତବ୍ୟ ଓ ଦାୟିତ୍ୱ ଥାଏ । ରୋଗୀକୁ ଉପଯୁକ୍ତ ଚକ୍ଷୁ ବିଶେଷଜ୍ଞଙ୍କୁ ଦେଖାଇବା, ଚିକିତ୍ସା ସମ୍ବନ୍ଧରେ ରୋଗୀ ମନରେ ବିଶ୍ୱାସ ଜନ୍ମାଇବା ସମସ୍ତଙ୍କର କର୍ତ୍ତବ୍ୟ । ଅପରେସନ ପରେ ଆଖିର ଯତ୍ନ ସମ୍ବନ୍ଧରେ ରୋଗୀକୁ ସଚେତନ କରାଇବା ଓ ଚିକିତ୍ସକଙ୍କ ପରାମର୍ଶ ଯଥାଯଥ ଭାବେ ପାଳନ କରାଇବା ନିମନ୍ତେ ପରିବାରର ସମସ୍ତେ ସଜାଗ ରହିଲେ ବିନା ଅସୁବିଧାରେ ମୋତିଆବିନ୍ଦୁ ରୋଗୀ ସମ୍ପୂର୍ଣ୍ଣ ରୂପେ ଦୃଷ୍ଟିଶକ୍ତି ଫେରିପାଇବେ । ଏଣୁ ଆମେ ସମସ୍ତେ ଅନ୍ଧତ୍ୱ ଦୂରୀକରଣ ନିମନ୍ତେ ମୋତିଆବିନ୍ଦୁର ସଫଳ ଚିକିତ୍ସା କରାଇବା ପାଇଁ ଯତ୍ନବାନ ହେବା ଉଚିତ ।

ଆମ ରାଜ୍ୟରେ ୧୯୯୫-୯୬ ମସିହାରେ ୮୮୦୦୦ ଲୋକଙ୍କର ଅପରେସନ କରାହେବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଥିଲା

। ମାତ୍ର ୪୬,୮୩୫ ଜଣ (୫୩%) ଙ୍କର ସଫଳ ଅସ୍ତ୍ରୋପଚାର କରାଯାଇ ପାରିଛି । ଏହି ଅନ୍ଧତ୍ୱ ଦୂରୀକରଣ ନିମନ୍ତେ ଜିଲ୍ଲାସ୍ତରରେ ୧୦ଟି ଭ୍ରାମ୍ୟମାଣ ଚକ୍ଷୁ ଚିକିତ୍ସା ୟୁନିଟ୍, ୩ଟି ଚକ୍ଷୁ ବ୍ୟାଙ୍କ୍, ୨୫୩ଟି ପ୍ରାଥମିକ ଚିକିତ୍ସା କେନ୍ଦ୍ର, କାପିଟାଲ ହସ୍ପିଟାଲ ସମେତ ୪୪ଟି ଜିଲ୍ଲାସଦର ମହକୁମା ସ୍ଥିତ ଚିକିତ୍ସାଳୟ, ୨ଟି ମେଡିକାଲ କଲେଜରେ ଉନ୍ନତ ଚକ୍ଷୁବିଭାଗ, ୨ଟି ଚକ୍ଷୁ ଟ୍ରେନିଂ ସ୍କୁଲ ଏବଂ ୩ଟି କେନ୍ଦ୍ରୀୟ ଭ୍ରାମ୍ୟମାଣ କେନ୍ଦ୍ର (ମେଡିକାଲ କଲେଜ ସହ ସଂଲଗ୍ନ) କାର୍ଯ୍ୟ କରୁଛି । ଏମାନଙ୍କ ସାହାଯ୍ୟରେ ରାଜ୍ୟରେ ଅନ୍ଧତ୍ୱ ନିରାକରଣ ଯୋଜନା କାର୍ଯ୍ୟକାରୀ ହେଉଛି । ବିଶ୍ୱବ୍ୟାଙ୍କର ସହାୟତାରେ ୧୯୯୪ରୁ ୨୦୦୧ ମସିହା ପର୍ଯ୍ୟନ୍ତ Cataract Blindness control Programme କାର୍ଯ୍ୟକାରୀ ହେଉଛି । ଓଡିଶା ସମେତ ୭ଟି ରାଜ୍ୟରେ ଏହି ଯୋଜନାରେ ଅନ୍ଧତ୍ୱ ଦୂରୀକରଣ କାର୍ଯ୍ୟ ଚାଲୁ ରହିଛି । ଦୃଷ୍ଟିହୀନଙ୍କ ସଂଖ୍ୟା ହ୍ରାସପାଇ.୩-.୪% ହେବାର ଲକ୍ଷ୍ୟ ରଖି ଏହି ଯୋଜନା କାର୍ଯ୍ୟ କରୁଛି । ବିଶ୍ୱବ୍ୟାଙ୍କର ସହାୟତାରେ Infrastructure ଯଥା- ଡାକ୍ତର, ଚକ୍ଷୁ ସହାୟକ, ଯନ୍ତ୍ରପାତି, କୋଠାବାଡି (୨୦ ଶଯ୍ୟା ବିଶିଷ୍ଟ, ୧୦ ଶଯ୍ୟା ବିଶିଷ୍ଟ ୱାର୍ଡ, ଡାର୍କରୁମ୍ (ସବୁ ପ୍ରାଥମିକ ଚିକିତ୍ସା କେନ୍ଦ୍ରରେ), ଅପରେସନ ଥିଏଟର ହେଉଛି । ୨୦ ଶଯ୍ୟା ବିଶିଷ୍ଟ ଚକ୍ଷୁ ୱାର୍ଡ ୨୦ଟି ଜିଲ୍ଲା ସଦର ମହକୁମାରେ ସ୍ଥାପିତ ହୋଇଛି । ଚକ୍ଷୁ ଚିକିତ୍ସା ନିମିତ୍ତ ମୋଟ ୫୦ଟି ଗାଡିର ବ୍ୟବସ୍ଥା ହୋଇଛି । ତନ୍ମଧ୍ୟରୁ ୧୮ଟି ଗାଡି ଯୋଗାଇ ଦିଆଗଲାଣି, ୪ଟି କିଣା ସରିଲାଣି ଏବଂ ଆଉ ୨୮ଟି ଗାଡି କିଣାହେବାର ବ୍ୟବସ୍ଥା ହୋଇଗଲାଣି । ବିଶ୍ୱବ୍ୟାଙ୍କ ସହାୟତାରେ ଏହି ଅନ୍ଧତ୍ୱ ଦୂରୀକରଣ କାର୍ଯ୍ୟକ୍ରମରେ N.G.O ୯୦% (ସ୍ୱେଚ୍ଛାସେବୀ ଅନୁଷ୍ଠାନ) ଓ ସରକାରୀ (୫-୧୦%) ଯୋଗଦାନ କରୁଛନ୍ତି । ବିଶ୍ୱବ୍ୟାଙ୍କ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କୁ ପ୍ରତ୍ୟକ୍ଷ ସାହାଯ୍ୟ ପ୍ରଦାନ କରୁଅଛି । ରାଜ୍ୟର ସବୁ ଜିଲ୍ଲାରେ ଜିଲ୍ଲାସ୍ତରୀୟ ଅନ୍ଧତ୍ୱ ନିରାକରଣ ସମିତି ଗଠିତ ହୋଇଛି (District Blindness control Society) ଜିଲ୍ଲାପାଳ ଏହାର ଚେୟାରମ୍ୟାନ । ଜିଲ୍ଲାସ୍ତରରେ District Programme Manager (ଜଣେ ସ୍ୱେଚ୍ଛାସେବୀ), ରାଜ୍ୟସ୍ତରରେ State Programme Officer ଏବଂ State Project Co-ordinator ଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଚାଲୁହେଉଛି । ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନକୁ ଏକକାଳୀନ ସହାୟତା (Non recurring grant to NGOs) ଦିଆଯାଉଛି । ଏହା ସାହାଯ୍ୟରେ ସେମାନେ ଚକ୍ଷୁ ସେବା କେନ୍ଦ୍ର (Eye care unit) ମାନ ବିଭିନ୍ନ ଗାଁ ଗହଳରେ ଓ ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରେ ସ୍ଥାପନ କରିବେ । ବିଭିନ୍ନ ବ୍ୟକ୍ତିଙ୍କର ଚକ୍ଷୁ ପରୀକ୍ଷା କରି ମୋତିଆବିନ୍ଦୁ ଚିହ୍ନଟ କରିବା, ଚିକିତ୍ସା କରି Intraoccular Lens କିମ୍ବା ଚଷମା ଦେବା ଏହି ଯୋଜନାର ଅନ୍ତର୍ଭୁକ୍ତ । ଡାକ୍ତର, Para medical Staff ଏବଂ District Programme Managerଙ୍କୁ ତାଲିମ ଦେବା ମଧ୍ୟ ଏହି କାର୍ଯ୍ୟକ୍ରମରେ କରାଯାଏ ।

ଏହିପରି ବିଶ୍ୱବ୍ୟାଙ୍କ ଓ ଆମ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଯଥା - ରୋଟାରି ଓ ଲାୟନ୍‌ସ କ୍ଲବ, ସତ୍ୟସାଇ ସେବା ସଂସ୍ଥାମାନଙ୍କର ସାହାଯ୍ୟରେ ରାଜ୍ୟରେ ମୋତିଆବିନ୍ଦୁ ନିରୂପଣ ଓ ଅପରେସନ କରି ଅନ୍ଧତ୍ୱ ନିରାକରଣ ଦିଗରେ ଯେଉଁ ସେବାକାର୍ଯ୍ୟ କରୁଛନ୍ତି ତାହା ଧନ୍ୟବାଦାର୍ହ । ସମସ୍ତେ ପୂର୍ଣ୍ଣ ପ୍ରାଣରେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିବା ଉଚିତ ।

ପ୍ରସୂତୀ ଓ ସ୍ତ୍ରୀରୋଗ ବିଶେଷଜ୍ଞ
ପ୍ଲଟ୍ ନଂ ୪୯୪ (ପି), ନୟାପଲ୍ଲୀ
ଭୁବନେଶ୍ୱର - ୧୨

## ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଧର୍ମପଦ ପୁରସ୍କାର ପ୍ରଦାନ

ଶିଳ୍ପୀ ଓ କଳାକାରମାନଙ୍କର ଏକନିଷ୍ଠ ସାଧନା ଦ୍ୱାରା ସଭ୍ୟତା ଓ ସଂସ୍କୃତି ପୁଷ୍ଟ ହୁଏ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ମତପ୍ରକାଶ କରିଛନ୍ତି । ଗତ ଅକ୍ଟୋବର ୧୬ ତାରିଖରେ ସ୍ଥାନୀୟ ସୂଚନା ଭବନଠାରେ ଓଡିଶା ଲଳିତ କଳା ଏକାଡେମୀ ପକ୍ଷରୁ ଅନୁଷ୍ଠିତ ଧର୍ମପଦ ପୁରସ୍କାର ପ୍ରଦାନ ଓ ଶିଳ୍ପୀ ସମ୍ବର୍ଦ୍ଧନା ଉତ୍ସବରେ ମୁଖ୍ୟଅତିଥି ରୂପେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ କହିଲେ ଯେ ସାହିତ୍ୟ, ସଂଗୀତ ଓ କଳା ଯେକୌଣସି ସଭ୍ୟତା ଓ ସଂସ୍କୃତିର ମାନଦଣ୍ଡ । ଓଡିଶାର ଶିଳ୍ପୀମାନେ ହଜାର ହଜାର ବର୍ଷ ଧରି କାଠରେ, ପଥରରେ, ସଂଗୀତ ଓ ନୃତ୍ୟରେ ଓଡିଶାର ସ୍ୱାତନ୍ତ୍ର୍ୟ ବଜାୟ ରଖିଛନ୍ତି । ଗୋଟିଏ ଜାତି ତାର ସଂସ୍କୃତି ଯୋଗୁ ବଞ୍ଚି ରହେ । ତେଣୁ ଓଡ଼ିଆ ଜାତି ଲଳିତ କଳା କ୍ଷେତ୍ରରେ ଯଶସ୍ୱୀ ଶିଳ୍ପୀମାନଙ୍କୁ ସେମାନଙ୍କର ଅନବଦ୍ୟ ଅବଦାନ ପାଇଁ କେବେ ଭୁଲିପାରିବ ନାହିଁ । ନୂତନ ଶିଳ୍ପୀମାନଙ୍କୁ କଳା ଓ ଶିଳ୍ପରେ ନିଷ୍ଠା ବଜାୟ ରଖିବା ପାଇଁ ଆହ୍ୱାନ ଦେଇ ମୁଖ୍ୟମନ୍ତ୍ରୀ ଓଡିଶାର ପାରମ୍ପରିକ କଳାକୁ ଜୀବିତ ରଖାଯିବା ଉପରେ ଗୁରୁତ୍ୱ ଆରୋପ କରିଥିଲେ । ସେ କହିଥିଲେ ଯେ, ଓଡିଆ ଶିଳ୍ପୀମାନଙ୍କର ଚିତ୍ରକଳା କେନ୍ଦ୍ର ସରକାରଙ୍କ ଗ୍ୟାଲେରୀରେ ସ୍ଥାନ ପାଇବା ଆବଶ୍ୟକ । ସରକାରୀ ଭବନ ଓ ବେସରକାରୀ ଗୃହମାନଙ୍କରେ ମଧ୍ୟ କୃତବିଦ୍ୟ ଶିଳ୍ପୀମାନଙ୍କର ଚିତ୍ରମାନ ଟଙ୍ଗା ଯିବା ଉଚିତ ବୋଲି ସେ ମତବ୍ୟକ୍ତ କରିଥିଲେ ।

ଅନ୍ୟତମ ଅତିଥି ରୂପେ ସଂସ୍କୃତି ମନ୍ତ୍ରୀ ଶ୍ରୀ ଭୂପିନ୍ଦର ସିଂହ ଓଡିଶାର ଗ୍ରାମାଞ୍ଚଳରେ ମହିଳାମାନଙ୍କ ଦ୍ୱାରା ଅଙ୍କିତ-ଚିତ୍ର, ବିଶେଷକରି ଆଦିବାସୀ ଚିତ୍ରକଳାକୁ ଭୂୟସୀ ପ୍ରଶଂସା କରି ଶିଶୁ ଶିଳ୍ପୀମାନଙ୍କର ପ୍ରତିଭାର ବିକାଶ ପାଇଁ କାର୍ଯ୍ୟକ୍ରମ ହାତକୁ ନେବାକୁ ଲଳିତ କଳା ଏକାଡେମୀକୁ ପରାମର୍ଶ ଦେଇଥିଲେ ।

ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ ଯଶସ୍ୱୀ ଶ୍ରୀ ନିତ୍ୟାନନ୍ଦ ମହାପାତ୍ରଙ୍କୁ ଧର୍ମପଦ ପୁରସ୍କାର ବାବଦରେ ତାମ୍ର ଫଳକ, ଉପଢୌକନ ଓ ନଗଦ ୨୫ ହଜାର ଟଙ୍କା ପ୍ରଦାନ କରିଥିଲେ ଏବଂ ସର୍ବଶ୍ରୀ ଉଦୟ ନାଥ ରଥ, ମୁକୁନ୍ଦ ମହାରଣା, ବୈଷ୍ଣବ ଚରଣ ସାମଲ, ଶ୍ୟାମସୁନ୍ଦର ପଟ୍ଟନାୟକ, ଅପର୍ଣ୍ଣା ମହାପାତ୍ର ଓ ଲକ୍ଷ୍ମୀ ନାରାୟଣ ଜେନାଙ୍କୁ କଳାକ୍ଷେତ୍ରରେ ବଳିଷ୍ଠ ଅବଦାନ ପାଇଁ ସମ୍ବର୍ଦ୍ଧିତ କରିଥିଲେ ।




OGP—MP—PTS (I. & P. R.) 38—5,000—3-11-1997

# ପିଲାଏ ହସିଲେ ଜଗତ ହସେ



VOL. LIV, No. 4 UTKAL PRASANGA Regd. No. O—BN—05/90
Licence No. C.R.N.P. 5—Licensed to post without Pre-payment



ଜାତିର ଜନକ ମହାତ୍ମାଗାନ୍ଧୀଙ୍କ ୧୨୮ତମ ଜୟନ୍ତୀ ଅବସରରେ ବିଧାନସଭା ପରିସର ମଧ୍ୟରେ ଥିବା ମହାତ୍ମାଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି




ସୂଚନା ଭବନଠାରେ ରାଷ୍ଟ୍ରୀୟ ସଂକଳ୍ପ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ଜାନକୀ ବଲ୍ଲଭ ପଟ୍ଟନାୟକ

# ଉତ୍କଳ ପ୍ରସଙ୍ଗ

ଡିସେମ୍ବର ୧୯୯୭

